# ଉପେନ୍ଦ୍ର ସାହିତ୍ୟ ସମାଲୋଚନା

ଶ୍ରୀ ବନ୍ଧୁ ମୋହନ ମହାନ୍ତି, ଏମ୍. ଏ.,
ଏଲ୍. ଏଲ୍. ବି.

# ଉପେନ୍ଦ୍ର ସାହିତ୍ୟ

## ସମାଲୋଚନା


ଲେଖକ—

ଶ୍ରୀ କୃଷ୍ଣମୋହନ ମହାନ୍ତି, ଏମ୍. ଏ., ଏଲ୍.ଏଲ୍. ବି.



ପ୍ରକାଶକ—ଶ୍ରୀ ଅରକ୍ଷିତ ଦାସ, ବି. ଏ.

ପ୍ରଥମ ମୁଦ୍ରଣ

ପ୍ରାପ୍ତିସ୍ଥାନ

— ଦାଶରଥୀ ପୁସ୍ତକାଳୟ —

ବାଲୁବଜାର, କଟକ—୨

୧୯୫୮

ମୂଲ୍ୟ ୪ ୩ ୯ ଚାରିଟଙ୍କା ମାତ୍ର

# ସୂଚୀ


| ବିଷୟ | ପୃଷ୍ଠା |
|---|---|
| ୧ । ଉପେନ୍ଦ୍ର ଭଞ୍ଜ ପରିଚୟ ... ... | ୧ |
| ୨ । ଉପେନ୍ଦ୍ରଙ୍କ ପୂର୍ବେ ଓଡ଼ିଆ ସାହିତ୍ୟ ... ... | ୧୦ |
| ୩ । ସାହିତ୍ୟ ସାଧନାରେ ଉପେନ୍ଦ୍ରଙ୍କ ବୈଶିଷ୍ଟ୍ୟ ... | ୧୨ |
| ୪ । ସମସାମୟିକ କବି ଓ ପରବର୍ତ୍ତୀ ଯୁଗ ... ... | ୧୮ |
| ୫ । ଉପେନ୍ଦ୍ରଙ୍କକୃତ କେତେକ ପରିଚିତ କାବ୍ୟର ସଂକ୍ଷିପ୍ତ ସମାଲୋଚନା ... ... | ୨୩ |
| ୬ । ସଙ୍ଗୀତ ... ... | ୮୪ |
| ୭ । ଚରିତ୍ର ଚିତ୍ରଣ ... ... | ୮୮ |
| ୮ । ବର୍ଣ୍ଣନା ବୈଚିତ୍ର୍ୟ ... ... | ୧୦୦ |
| ୯ । ପ୍ରକୃତି ଚିତ୍ରଣ ... ... | ୧୧୨ |
| ୧୦ । ସାମାଜିକତା ... ... | ୧୩୧ |
| ୧୧ । ତାତ୍କାଳୀନ କାବ୍ୟଗୁଡ଼ିକର ବିଷୟବସ୍ତୁ ସମାବେଶରେ ଏକ ପ୍ରକାର ଗତି ... ... | ୧୪୨ |
| ୧୨ । ଉପେନ୍ଦ୍ର ସାହିତ୍ୟରେ ପ୍ରେମ ... ... | ୧୫୦ |
| ୧୩ । ନାରୀ ... ... | ୧୬୧ |
| ୧୪ । ଧର୍ମମତ ... ... | ୧୭୧ |
| ୧୫ । ପୌରାଣିକତା ... ... | ୧୮୦ |
| ୧୬ । ଅଳଙ୍କାର ଓ ଛନ୍ଦ ... — | ୧୯୦ |
| ୧୭ । କାବ୍ୟଗୁଡ଼ିକର ନାମକରଣ ... ... | ୨୦୩ |
| ୧୮ । ଅଶ୍ଳୀଳତା ... ... | ୨୦୭ |

| ବିଷୟ | ପୃଷ୍ଠା |
|---|---|
| ୧୯ । ପୂର୍ବବର୍ତ୍ତୀ କବିମାନଙ୍କର ପରବର୍ତ୍ତୀ କବିମାନଙ୍କ ଉପରେ ପ୍ରଭାବ ... | ... ୨୧୭ |
| ୨୦ । ଭାବ୍ୟାଦର୍ଶ ... | ... ୨୩୫ |
| ୨୧ । କବି ଦୃଷ୍ଟିରେ ଜୀବନ ... | ... ୨୪୧ |
| ୨୨ । ଅପୂର୍ବା ଓ ବିନୟ ... | ... ୨୪୮ |
| ୨୩ । ଓଡ଼ିଆ ସାହିତ୍ୟରେ ସ୍ଥାନ ନିରୂପଣ ... | ... ୨୫୨ |
| ୨୪ । ଉପେନ୍ଦ୍ର ଓ ବଜଦୂଚନ୍ଦ୍ର ... | ... ୨୬୧ |
| ୨୫ । ଭାଷାନ୍ତରିତ ହେବାର ଯୋଗ୍ୟତା ... | ... ୨୭୫ |
| ୨୬ । କବିସମ୍ରାଟ ଆଖ୍ୟା ... | ... ୨୮୦ |
| ୨୭ । ଶେଷ କଥା (କବିଙ୍କ ବ୍ୟକ୍ତିଗତ ଧାରଣା) | ... ୨୮୬ |

# ଉତ୍ସର୍ଗ

ବୋଉ,

ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ କବିତା ପଢ଼ିବା ପାଇଁ ମୋତେ
ତୁ ଅନେକ ଥର କହୁଥୁ । "ସେଥିରେ ବହୁତ
ଜାଣିବା କଥା ଅଛି, ଆଉ ନିଜ ଜାତି ଓ
ସାହିତ୍ୟକୁ ଚିହ୍ନିବା ପାଇଁ ତାହାହିଁ ପ୍ରଧାନ
ବାଟ" ବୋଲି ଯାହା କହୁଥିଲୁ-ତାହା
ଅକ୍ଷରେ ଅକ୍ଷରେ ସତ । ତୋର ସେହି
ସ୍ନେହମିଶା ଉପଦେଶ ମୋତେ ଆଜ
କବିଙ୍କ ସାହିତ୍ୟ ଉପରେ
ଏ ଦୁଇ ଧାଡ଼ି ଲେଖାଇଛି
ସେହି ଦୁଇଧାଡ଼ି
ତୋ ହାତରେ
ଦେଲି ।

ତୋର ସ୍ନେହର
ଶମ୍ଭୁ

# ପଦେ ଅଧେ

କବି ଉପେନ୍ଦ୍ରଙ୍କର ସମସ୍ତ ରଚନା ଘେନି ସମାଲୋଚନା କରିବା ମୋ ପକ୍ଷରେ ଅତ୍ୟନ୍ତ ଧୃଷ୍ଟତା । କାରଣ, ତାହା ଏତେ ଗଭୀର ଓ ବ୍ୟାପକ ଯେ, ସେ ବିଷୟ ମୂଲ୍ୟାଙ୍କନ କେବଳ ମତାମତ ବ୍ୟକ୍ତ କରିବା ସର୍ବଦା ପ୍ରମାଦପୂର୍ଣ୍ଣ । ତଥାପି ଜାତୀୟ ସାହିତ୍ୟର [illegible] ଦ୍ରଷ୍ଟାଙ୍କୁ, ଉପେନ୍ଦ୍ରଙ୍କର ସ୍ଥାନ ଓ କବିଜୀବନ ସମ୍ପର୍କରେ ସମ୍ୟକ୍ ଓ ପୂର୍ଣ୍ଣାଙ୍ଗ ଆଲୋଚନାର ଅଭାବ ଅନୁଭବ କରି ୧୯୫୩ ମସିହାରେ ଏହା ଲେଖିବାକୁ ପ୍ରବୃତ୍ତ ହୋଇଥିଲି । କଲେଜରେ ପଢ଼ିବାବେଳେ ଅଧ୍ୟାପକମାନଙ୍କର ଉପେନ୍ଦ୍ର ସାହିତ୍ୟ ବିଷୟରେ କେତେକ ମତାମତ ଶୁଣିଥିଲି ତାହା ମୋତେ ଭଲ ଲାଗୁଥିଲା କି ନାହିଁ ନ କହି କହିବାକୁ ବାଧ୍ୟ ହେଉଛି ଯେ, ମତାମତଗୁଡ଼ିକ ମୋର ଆଲୋଚନାର ପଥରେ ଆଲୋକବର୍ତ୍ତିକା ଭଳି କାମ କରିଛି ।

ଅଧିକନ୍ତୁ ଏହାର ରଚନା କାଳରେ ମୋର ସହପାଠୀ ବନ୍ଧୁ ଶ୍ରୀ ଭଗବାନ ମହାନ୍ତି ଏମ୍. ଏ., ଏଲ୍. ଏଲ୍. ବି. ଙ୍କର ନିର୍ଦ୍ଦେଶ ଓ ସାହାଯ୍ୟ ମୁଁ ଭୁଲି ପାରିବି ନାହିଁ । ଭଗବାନବାବୁ ବଡ଼ ସ୍ପଷ୍ଟବାଦୀ ଏବଂ ନିରପେକ୍ଷ ମତ ସ୍ଥାପନ କରିବାରେ ସର୍ବଦା ଅକୁଣ୍ଠିତ ଥିଲେ । ତାଙ୍କର ଏହି ନିର୍ଭୀକତା ମୋତେ ଅଧିକ ଉତ୍ସାହିତ କରିଥିଲା । ଧନ୍ୟବାଦ ଦେବା ଏକ ଲୋକାଚାର ମାତ୍ର, ତେଣୁ ଭଗବାନ ବାବୁଙ୍କୁ ଧନ୍ୟବାଦ ଦେବାକୁ ମୁଁ ବିଶେଷ ବଡ଼ କଥା ବୋଲି ଭାବେ ନାହିଁ ।

ପ୍ରସ୍ତୁତ ପ୍ରକାଶନରେ ମୋର ପ୍ରାୟ ଅଧିକାଂଶ ସହପାଠୀ ଓ ବନ୍ଧୁମାନଙ୍କର ବିଶେଷରେ ଶ୍ରୀ ମହେନ୍ଦ୍ର କୁମାର ପଟ୍ଟନାୟକ, ବି.ଏ.ଙ୍କର

ସାହାଯ୍ୟ ମୁଁ ଭୁଲି ପାରୁ ନାହିଁ । ତେଣୁ ସମସ୍ତଙ୍କ ନିକଟରେ ମୁଁ କୃତଜ୍ଞତା ପ୍ରକାଶ କରୁଛି ।

ଜାଣେ ନାହିଁ, ଏ ସମାଲୋଚନା ପାଠକମାନଙ୍କର ବିଶେଷତରେ ଶିକ୍ଷିତ ସମାଜରେ ଆଦୃତ ହେବ କି ନାହିଁ । ତଥାପି ଏହି ସମାଲୋଚନା ଜାତୀୟ କବିଙ୍କର ସାହିତ୍ୟ ଆଲୋଚନାକୁ ଅଧିକ ବିସ୍ତୃତ କରିବ ଓ ଆଲୋଚନାର ଧାରା ନୂତନ ପଥ ଧରିବ ଏତିକି କାମନା ।

ଶ୍ରୀ ବିଷ୍ଣୁ ମୋହନ ମହାନ୍ତି
ଲେଖକ

# ଅଭିମତ

ମୋର ପ୍ରିୟ ଛାତ୍ର ଶ୍ରୀ ବସନ୍ତ ମୋହନ ମହାନ୍ତିଙ୍କ ରଚିତ "ଉପେନ୍ଦ୍ର ସାହିତ୍ୟ ସମାଲୋଚନାର ପାଣ୍ଡୁଲିପି" ପାଠ କରି ଆନନ୍ଦିତ ହେଲି । ଆଜି ପର୍ଯ୍ୟନ୍ତ ଉପେନ୍ଦ୍ରଭଞ୍ଜଙ୍କ ବିଷୟରେ ସମାଲୋଚନାତ୍ମକ ପୁସ୍ତକର ଅଭାବ ଅନୁଭୂତ ହେଉଥିଲା । ଲେଖକ ସେହି ଅଭାବକୁ କେତେକ ଅଂଶରେ ଦୂର କରିବାକୁ ଚେଷ୍ଟା କରିଛନ୍ତି । ଉପେନ୍ଦ୍ରଙ୍କର ସାହିତ୍ୟ ସମୁଦ୍ର ପରି ଅକଳନୀୟ; ତେଣୁ ତାହାର ସମାଲୋଚନା କରିବା ଅତି ଦୁରୂହ ବ୍ୟାପାର । ତଥାପି ଲେଖକ ଏପରି ଦୁରୂହ କାର୍ଯ୍ୟରେ ଅଗ୍ରସର ହୋଇ ସଫଳତା ଲାଭ କରିଥିବାରୁ ସମସ୍ତଙ୍କର ଧନ୍ୟବାଦର ପାତ୍ର ହୋଇଛନ୍ତି । ତାଙ୍କର ଏହିପରି ଚେଷ୍ଟା ଉତ୍ତରୋତ୍ତର ବୃଦ୍ଧି ପାଉ ବୋଲି ଆଶା କରେ ।

ଡକ୍ଟର ଶ୍ରୀ କରୁଣାକର କର

ତା ୧୯ । ୩ । ୫୨

# ପଦେବ

ମୋର ଶ୍ରଦ୍ଧେୟ ଗୁରୁ ଶ୍ରୀମାନ୍ କୃଷ୍ଣମୋହନ ମହାନ୍ତି, ଏମ୍. ଏ., ଏଲ୍. ଏଲ୍. ବି. ଙ୍କ ଲିଖିତ 'ଉପେନ୍ଦ୍ର ସାହିତ୍ୟ' ସମାଲୋଚନାର ପାଣ୍ଡୁଲିପିପାଠ କରି ପ୍ରୀତ ହେଲି । ଉପେନ୍ଦ୍ର ସାହିତ୍ୟର କେତେକ ବିଶିଷ୍ଟ ବିଷୟର ଆଲୋଚନା କରି ତାଙ୍କ ରଚନାଗୁଡ଼ିକ, କବିତ୍ୱ, ସୂକ୍ଷ୍ମତା, ପାଣ୍ଡିତ୍ୟ ଜୀବନଦର୍ଶନ ପ୍ରଭୃତିର ଯାହାବାହକ ବିଶ୍ଳେଷଣରେ କୃଷ୍ଣମୋହନ ଅନେକ ନୂଆ ବିଷୟର ଅବତାରଣା କରିଅଛନ୍ତି ବିଜ ଏବଂ ଏ ସବୁ ଅଂଶ ସ୍ପଷ୍ଟ ହୋଇ ପର୍ଯ୍ୟନ୍ତ ସେ ଥିଲେ ମୋର ଶିକ୍ଷକ । ସାହିତ୍ୟ ଶିକ୍ଷା ପ୍ରତି ତାଙ୍କର ଗଭୀର ଆନ୍ତରିକତା ଓ ଅସ୍ଥା ମୁଁ ଘନିଷ୍ଠଭାବେ ଲକ୍ଷ୍ୟ କରି ପାରିଥିଲି । ମୋର ଆଶା ଥିଲା (କେତେ-ଥର ତାଙ୍କୁ ଖୋଲି କହିଥିଲି ମଧ୍ୟ) ସେ ଜୀବନ ସଂଗ୍ରାମର ଯେ କୌଣସି ସ୍ଥାନ ବା ବାତାବରଣ ଭିତରେ ଥାଆନ୍ତୁ ନା କାହିଁକି, ସାହିତ୍ୟ ପ୍ରତି ତାଙ୍କର ଯେଉଁ ସ୍ୱାଭାବିକ ଅନୁରାଗ ଅଛି, ତାହାର ଯେପରି କୁହାପି ଅପଚୟ ନ ଘଟେ । ମୋର ସେହି କଳ୍ପନା ଆଜି ତାଙ୍କ ପ୍ରଣୀତ 'ଉପେନ୍ଦ୍ର ସାହିତ୍ୟ'ରେ ପ୍ରାରମ୍ଭିକଭାବରେ ସାର୍ଥକ ହୋଇଛି, କହିବା ବାହୁଲ୍ୟ ମାତ୍ର ।

ଉପେନ୍ଦ୍ରଙ୍କ ପୂର୍ବବର୍ତ୍ତୀ ଓଡ଼ିଆ ସାହିତ୍ୟ, ସମସାମୟିକ କବି-ମାନଙ୍କ ଆଲୋଚନା ଓ ପରବର୍ତ୍ତୀ ଯୁଗ, ତାଙ୍କର କେତେକ କାବ୍ୟର ସଂକ୍ଷିପ୍ତ ଆଲୋଚନା, ବର୍ଣ୍ଣନାବୈଭବ, ପ୍ରକୃତିଚିତ୍ରଣ, କଳ୍ପନା ପ୍ରଭୃତି ବିଷୟବସ୍ତୁଗୁଡ଼ିକର ଯଥାର୍ଥ ବିନିବେଶ ପ୍ରଭୃତି ପୁଙ୍ଖାନୁପୁଙ୍ଖ ଭାବରେ ସମୀକ୍ଷା କରିବା ସଙ୍ଗେ ସଙ୍ଗେ ତାଙ୍କ ରଚନାରେ ମୌଳିକତା, ବହୁଜ୍ଞତା ଓ ବହୁମୁଖୀ ପ୍ରତିଭା ପ୍ରତିପାଦନ କରିଅଛନ୍ତି, ବହୁ ସ୍ଥଳରେ ଓ ବହୁ ପ୍ରୟାସ କରିଛନ୍ତି । ଏହିପରି ଭାବେ ଶୃଙ୍ଗାରରସ ସମ୍ବଳିତ ପ୍ରସଙ୍ଗଗୁଡ଼ିକର ଯଥାଯଥ ଆଲୋଚନା କରି

ନାୟକ ନାୟିକା ରୂପରେ ଆଦର୍ଶ, ଆର୍ଯ୍ୟ ଜୀବନ ପରମ୍ପରାନୁଗତ ରୀତି, ସଂସ୍କାର, ମତ ଓ ମନ୍ତବ୍ୟାଦି ଆଲୋଚନା ପ୍ରସଙ୍ଗରେ ବାସ୍ତବ ଭାବେ ତାଙ୍କ ସମାଲୋଚନାର ବିଷୟ ଉପେନ୍ଦ୍ରଙ୍କୁ ସକଳ ଭିତରେ ଅଧିକ ଶ୍ରଦ୍ଧାର୍ହ କରିପାରିଅଛନ୍ତି । ତାଙ୍କ ସମାଲୋଚନା ସାମ୍ପ୍ରଦାୟିକ ହୋଇଥିଲେ ମଧ୍ୟ ଯଥାର୍ଥରେ ସ୍ୱପକ୍ଷପାତୀ ହୋଇନାହିଁ ଏବଂ ରଚନାରେ କେତେକ ମନସ୍ତାତ୍ତ୍ୱିକତାର ସୂକ୍ଷ୍ମ ପ୍ରମାଣ ବଳରେ ଉପେନ୍ଦ୍ର କାବ୍ୟର ସମଗ୍ର ଚିତ୍ରର ନମୁନା ତଥା ତାଙ୍କ ସାହିତ୍ୟର କଳାଗତ ସମୀକ୍ଷାମୂଳକ ଅବସ୍ଥାବୋଧ କାବ୍ୟ ହୃଦୟ ବୋଧଗମ୍ୟ ତ ହୋଇ ସହଜତା ଲେଖକ ସ୍ପଷ୍ଟ କରିଅଛନ୍ତି । ଉକ୍ତ ବିଶେଷତ୍ୱର ତଥାକଥିତ ଅଶ୍ଳୀଳତାର ଅଭିଯୋଗରେ ସତ୍ୟାସତ୍ୟ ନିର୍ଦ୍ଧାରଣ କରିବା ସଙ୍ଗେ ସଙ୍ଗେ ସାହିତ୍ୟରେ ଉପେନ୍ଦ୍ରଙ୍କ ସ୍ଥାନ ନିରୂପଣ କରିଯାଇଛି ବଡ଼ ସୁନ୍ଦର ଭାବରେ ଏବଂ ସ୍ପଷ୍ଟଭାବେ କହିଲେ ଉପେନ୍ଦ୍ର ସାହିତ୍ୟ କଳା କଳାର ଶିଳ୍ପ ଉପାଦାନମୂଳକ ସମ୍ପୂର୍ଣ୍ଣ ରୂପେ ସମଗ୍ର ସାହିତ୍ୟ ଭଣ୍ଡାରରେ କାବ୍ୟ ମଣ୍ଡନ ଓ ଅଦ୍ଭୁତ ହୋଇ ପାରିବ ତାହାର ମଧ୍ୟ ବିସ୍ତୃତ ବର୍ଣ୍ଣନା ହୋଇଛି ।

ପାଠକ ଉପେନ୍ଦ୍ରଙ୍କ ଦିବ୍ୟ ଦୃଷ୍ଟି, ଦୂରଦୃଷ୍ଟି ତଥା ଉନ୍ନତ ଅନୁଭୂତି ଏବଂ ରସାନୁଭୂତିପୂର୍ଣ୍ଣ ବିଦଗ୍ଧ ଜୀବନର ଆଲେଖ୍ୟ ପ୍ରକଟନ କରିବାକୁ ଯାଇ ଲେଖକ ତାଙ୍କ କବିସମ୍ରାଟ୍ ଆଖ୍ୟାର ଯଥାର୍ଥ୍ୟ ନିର୍ଦ୍ଧାରଣ କରିଅଛନ୍ତି । ସାହିତ୍ୟ ଗଗନର ଉଜ୍ଜ୍ୱଳତମ ଜ୍ୟୋତିଷ୍କ-ରୂପୀ ଉପେନ୍ଦ୍ର ନିତ୍ୟ ପ୍ରତିଭାତ ହୋଇ ତାଙ୍କ ଆଦର୍ଶ ଭାବ ଦ୍ୟୋତକ ଅନେକ ବିଶେଷଣ ଲଭିଥିବେ ଏଇ ଆଶା ଲେଖକ ପୋଷଣ କରି-ଅଛନ୍ତି ନିଶ୍ଚିତ ଭାବରେ । ଉପେନ୍ଦ୍ର ରଚନାରେ ଗୁଣ ଦୋଷାବଳୀ ବାଛି ନିର୍ଦ୍ଧାରଣ କରିବାରେ ଲେଖକଙ୍କର ନିଃଶଙ୍କ ଲେଖନୀ ପଶ୍ଚାତ୍‌ପଦ ହୋଇ ନାହିଁ । ଦୋଷ ଗୁଣକର ବିଚାର ଅନୁକ୍ତ ଅଧିକ ଚିନ୍ତାସାପେକ୍ଷ

ହୋଇଥିଲେ ସୁଦ୍ଧା ତରୁଣ ଲେଖକ ସେ ଦିଗରେ ଅଗ୍ରସର ହୋଇ ପାରିଛନ୍ତି ବଡ଼ ଆନନ୍ଦର ବିଷୟ । ଯୁଗରେ ପରିବର୍ତ୍ତନ ସଙ୍ଗେ ସଙ୍ଗେ ସାହିତ୍ୟର ପ୍ରଗତିଶୀଳ ଧାରା ମଧ୍ୟ ପରିବର୍ତ୍ତିତ ହେବାକୁ ବାଧ୍ୟ ଏବଂ ସମଗ୍ର ମାନବର ସଂଗ୍ରାମର ପ୍ରତୀକ ତଥା ମାନଦଣ୍ଡରୂପେ ସାହିତ୍ୟ ଯୁଗୋପଯୋଗୀ ପରିକଳ୍ପନାର ଆଶ୍ରୟ ନେବାକୁ ବାଧ୍ୟ । କିନ୍ତୁ ଯେତେବେଳେ ଯେଉଁ ପରିବର୍ତ୍ତନ ଗ୍ରହଣୀୟ ଏବଂ ସାହିତ୍ୟ କଳା ବିକାଶର ସର୍ବଥା ଅନୁକୂଳ, ତାହା ସର୍ବାଦୌ ପରିଶୀଳନ କରିବା ବାଞ୍ଛନୀୟ । ଉତ୍କଳ ସାହିତ୍ୟର ଉଜ୍ଜ୍ୱଳ ପନ୍ଥା ପରିବର୍ତ୍ତନଶୀଳ ହୋଇ ଆସିଛି ସ୍ୱାଭାବିକ ଭାବରେ ମାଜ, ସାରଳା, ବଳରାମ, ଜଗନ୍ନାଥ, ଅଚ୍ୟୁତ, ଦୀନକୃଷ୍ଣ, ଉପେନ୍ଦ୍ର, ବଳଦେବ, ଅଭିମନ୍ୟୁ ପ୍ରଭୃତିଙ୍କ ସାହିତ୍ୟ ଏ ଦିଗରେ ଯେପରି ଉଦ୍ୟମ କରିଛି ବା ଦାନ କରିପାରିଛି ତାହାର ମହତ୍ତ୍ୱ ନିରୂପଣ କରିବା ଲକ୍ଷ୍ୟ ଓ ତାହାର ପ୍ରେରଣା ବଳରେ ବଳୀୟାନ ହେବାକୁ ଲେଖକ ଆହ୍ୱାନ ଦେଇ ଅଛନ୍ତି । ସୁତରାଂ ଗୁଣ ଓ ଦୋଷ ଉଭୟକୁ ବିଚାର ବଳରେ ଦେଖି ପାରିଲେ ପନ୍ଥା ସୁଗମ ହେବ ଓ ଉଦ୍ଦେଶ୍ୟ ଲକ୍ଷ୍ୟ ପଥରେ ଅଧିକ ଅଗ୍ରସର ହେବ ଏପରି ଚିନ୍ତା କରିବା ଆଶାବାଦୀ ଲେଖକଙ୍କ ପକ୍ଷରେ ଏକାନ୍ତ ସ୍ୱାଭାବିକ ।

ତାଙ୍କ ଲେଖନୀ ଅଧିକ ବଳିଷ୍ଠ ହେଉ ଏବଂ ଉତ୍ତରୋତ୍ତର ଶ୍ରେୟସ୍କର ହୋଇ ଅଗ୍ରସର ହେଉ, ଏହାହିଁ ଅନ୍ତରର ଏକାନ୍ତ କାମନା ।

ତା ୨୧-୩-୫୭
କଟକ

ଅଭିମତ ପ୍ରଦାନେଣ—
**ଶ୍ରୀ କମ୍ବୁକୃଷ୍ଣ ମିଶ୍ର**
ଅଧ୍ୟାପକ, ରେଭେନ୍ସା କଲେଜ

# ଉପେନ୍ଦ୍ର ସାହିତ୍ୟ

## ସମାଲୋଚନା

### ଉପେନ୍ଦ୍ର ଭଞ୍ଜ ପରିଚୟ

ଉତ୍କଳ ସାହିତ୍ୟ ଗଗନରେ ଏଯାବତ୍ ଯେତେଗୁଡ଼ିଏ ପ୍ରଭାବାନ ଜ୍ୟୋତିଷ୍କଙ୍କର ଆବିର୍ଭାବ ଘଟିଛି, ଉପେନ୍ଦ୍ର ସେ ମଧ୍ୟରେ ଅନ୍ୟତମ । ଏହି ପୁରାତନ ସାହିତ୍ୟରେ ଉପେନ୍ଦ୍ରଙ୍କର ଦାନ ପ୍ରଶଂସନୀୟ । ତାଙ୍କର ବିଶାଳ କୃତି ଆଜି ଓଡ଼ିଆ ସାହିତ୍ୟରେ ତାର ସଞ୍ଚରିତ ଅସନାଲବ୍ଧ କବିତା ସଙ୍ଗେ ସଙ୍ଗେ କବିଙ୍କ ପାଣ୍ଡିତ୍ୟ ସାଧନା ଓ ନିର୍ମଳ ଜୀବନ ପ୍ରବାହର ସୁନ୍ଦର ସୂଚନା ଦେଇଥାଏ । ଏହି ମହାମାନବ କବି ଉପେନ୍ଦ୍ରଙ୍କର ପରିଚୟ ଦେବା ପୂର୍ବରୁ ଗୋଟିଏ କଥା ଅବତାରଣା କରିବାକୁ ପଡ଼େ । ତାହା ଅନ୍ୟ କିଛି ନୁହେଁ । ଉପେନ୍ଦ୍ର ଯେ ମହତ୍ ଥିଲେ ଓ ତାଙ୍କର ଦାନ ଯେ ଅଗଣ୍ୟ ଏ କଥା ସ୍ୱୀକାର କରିବାବେଳେ ତାଙ୍କର ବଂଶ ପରମ୍ପରା ଓ ଇତିହାସକୁ ଅବହେଳା କରିବାର ନୁହେଁ । ଓଡ଼ିଶାର ରାଜନୈତିକ ପରିସ୍ଥିତି ଯେତେବେଳେ ଅନ୍ଧକାରାଚ୍ଛନ୍ନ, ବିଦେଶୀ ଶାସକଗଣଙ୍କର ଶାନ୍ତ୍ର

ତାଡ଼ନାରେ ଓଡ଼ିଆ ଜୀବନ ଧାରା ଯେଉଁବେଳେ ହତାଶା ମଧ୍ୟରେ ଜଡ଼ପ୍ରାୟ, ସେ ସମୟରେ ତାଙ୍କର ସାହିତ୍ୟିକ ଜୀବନର ସୂକ୍ଷ୍ମ ସମୀକ୍ଷା ସର୍ବାଦୌ କରିବୁ । ଉପେନ୍ଦ୍ରଙ୍କର କାଳନିରୂପଣ ନିର୍ଭୁଲଭାବରେ ଏ ପର୍ଯ୍ୟନ୍ତ କରାଯାଇଥିଲେ ମଧ୍ୟ ଶତାବ୍ଦୀର ନିର୍ଦ୍ଦିଷ୍ଟ କାଳ ନିରୂପିତ ହୋଇନାହିଁ । ଉପେନ୍ଦ୍ରଙ୍କ ସ୍ଥିତି ୧୬୭୦ରୁ ୧୭୨୦ ମଧ୍ୟର ବର୍ଷ ଗୁଡ଼ିକ ଧରାଯାଇଛନ୍ତି । ୧୫୬୮ ମସିହାରେ କଳାପାହାଡ଼ର ଓଡ଼ିଶା ଆକ୍ରମଣ ପରେ ଜାତିର ସ୍ୱାଧୀନତା ହେତୁ ବିଦେଶୀ-ମାନଙ୍କର ପ୍ରତ୍ୟକ୍ଷ ଶାସନ ଫଳରେ କରଦ ରାଜାମାନଙ୍କ ଶାସନରେ ବିଚ୍ଛିନ୍ନ ସ୍ୱତନ୍ତ୍ର ରହିଲା । ଯେଉଁମାନେ ପୂର୍ବେ ଦେଶାତ୍ମ-ବୋଧରେ ଉଦ୍‌ବୁଦ୍ଧ ହୋଇ ଜାତୀୟ ଏକତ୍ୱର ବାହୁ ବଳରେ ଜାତିର ଗୌରବବର୍ଦ୍ଧକ ଇତିହାସ ଗଠନ କରିବାରେ ସମର୍ଥ, ସେହି ସାମନ୍ତ ସେନାପତିମାନେ ଅନ୍ୟର କ୍ରୀତଦାସ ହୋଇ ନିଜର ଅତୀତ ଶୌର୍ଯ୍ୟ, ସମତା ଓ ଗୌରବର ଅବମାନନା କରି ବିଳାସ ବ୍ୟସନର ଦାସ ହୋଇ ପଡ଼ିଲେ । କ୍ଷମତାହୀନ ହୋଇ ଅପାର ଐଶ୍ୱର୍ଯ୍ୟର ଅଧିକାରୀ ହୋଇ କ୍ରମେ ନଷ୍ଟ ଦିଗରେ ଗତିକଲେ । ଓଡ଼ିଶା ଇତିହାସରେ ଏହି କାଳର ସାମନ୍ତ ପରିବାରଗୁଡ଼ିକର ଯେ ଅବଲକ୍ଷ୍ୟ ଲିପିବଦ୍ଧ ଏବଂ ଯାହା ବା ଜନଶ୍ରୁତି ଉପରେ ପ୍ରତିଷ୍ଠିତ, ତାହା ଗୌରବହୀନ, କଳଙ୍କମଣ୍ଡିତ ହେଲେହେଁ ଏହି ଅସ୍ତ-ବ୍ୟସ୍ତ ମଧ୍ୟରେ ଓଡ଼ିଆମାନଙ୍କର କଳା ସାଧନାରେ ସେପରି କିଛି ବ୍ୟାଘାତ ସୃଷ୍ଟି ହୋଇ ନ ଥିଲା । ରାଜପରିବାରଗୁଡ଼ିକ ଶାସନ-କ୍ଷମତାର ଅଭାବ ବୃଦ୍ଧିହେତୁ ବିଳାସ ବ୍ୟସନ ଛଳରେ ସାହିତ୍ୟ ସାଧନା ଓ କବିତାର ଅନ୍ୟତମ ବିଭାଗଗୁଡ଼ିକରେ ଅନୁଶୀଳନ କରିବାକୁ ଲାଗିଲେ ଏବଂ ଏଥିରେ ସହାୟକ ଥିଲେ ଉତ୍କଳର ତଦାନୀନ୍ତନ ସମସ୍ତ ପଣ୍ଡିତବର୍ଗ ।

ଉପେନ୍ଦ୍ର ଏହିପରି ଏକ କବିପ୍ରିୟ ରାଜ୍ୟର ରାଜବଂଶରେ ଭୂମିଷ୍ଠ ହୋଇଥିଲେ । ଉତ୍କଳର ଦକ୍ଷିଣାଞ୍ଚଳରେ ଗହନ ବନାନୀ ପରି-ବେଷ୍ଟିତ ଘୁମୁସର ରାଜବଂଶର ପ୍ରସିଦ୍ଧି ଇତିହାସରେ ଯଥେଷ୍ଟ ଅଛି । ଉକ୍ତ ରାଜବଂଶରେ ଭଞ୍ଜ ଉପାଧିଧାରୀ ରାଜାମାନେ ଉତ୍କଳ ସାହିତ୍ୟର ପରିପୁଷ୍ଟି ନିମନ୍ତେ ଯଥେଷ୍ଟ ଦାନ କରିଥିଲେ । ଧନଂଜୟ, ଦିବାକର, ଘନ ଓ ଉପେନ୍ଦ୍ରଙ୍କର ନାମ ଏ ଦିଗରେ ପ୍ରସିଦ୍ଧ । କେବଳ ଘୁମୁସର ନୁହେଁ, ମୟୂରଭଞ୍ଜ, କେନ୍ଦୁଝର, ବାଣପୁର, ନୟାଗଡ଼, ପ୍ରଭୃତି ଉତ୍କଳର ଅନ୍ୟାନ୍ୟ ରାଜବଂଶ ଏବଂ ଗଞ୍ଜାମ ଅଞ୍ଚଳର ଅନେକାଂଶ ଜମିଦାର ଶାସକମାନେ ମଧ୍ୟଯୁଗୀୟ ଉତ୍କଳ ସାହିତ୍ୟକୁ ମୂଲ୍ୟବାନ ସମ୍ପଦ ଦାନ କରିଥିଲେ ।

ଘୁମୁସର ରାଜବଂଶର ଇତିବୃତ୍ତି ଆଲୋଚନା କଲେ, ଘୁମୁସର ରାଜ ବଂଶାବଳୀ ଠାରୁ ଅନେକ କିଛି, ଉତ୍କଳ ସାହିତ୍ୟର ସ୍ୱର୍ଣ୍ଣ ପର୍ଯ୍ୟନ୍ତ ଆଜି ଯାହା ଲିପିବଦ୍ଧ, ତହିଁରୁ ଜଣା ଯାଏ ଯେ ପୌରାଣିକ ସତ୍ୟ ବଂଶରେ ଐତିହାସିକ ଅଭାବ ନ ଥିଲା । ସ୍ୱର୍ଗତ ବିଜୟ ଚନ୍ଦ୍ର ସଂକଳିତ 'Typical Selections of Oriya Literature' ରେ ଏହି ରାଜବଂଶ ପ୍ରତି ଯେଉଁ ଆଲୋକ ପଡ଼ିଛି, ତାହାରେ ବର୍ଣ୍ଣିତ ହେଲେ ମଧ୍ୟ ଏହାର ଐତିହାସିକ ଭାବରେ ଗୋଟିଏ କଥା ବୁଝାଯାଇପାରେ ଯେ ଘୁମୁସର ରାଜବଂଶ କଳଙ୍କ-କାଳିମା-ମଣ୍ଡିତ ଥିଲା । ଘୁମୁସରର ଇତିହାସରେ ରାଜସିଂହାସନ ପ୍ରତି ପ୍ରତିଦ୍ୱନ୍ଦ୍ୱିତାରେ ହତ୍ୟାର ବିଭୀଷିକା କମ ନୁହେଁ, ହେଲେହେଁ ତାହା ଅସମର୍ଥିତ । ଉପେନ୍ଦ୍ର ଯେଉଁ ସାମନ୍ତ ବଂଶର ଦାୟାଦ, ତାହାର ଇତିହାସ ଏହି ଦୋଷରେ ଦୁଷ୍ଟ । ତେଣୁ ଉପେନ୍ଦ୍ରଙ୍କର ନିର୍ମଳ ବ୍ୟକ୍ତିତ୍ୱ-ପ୍ରତିଦ୍ୱନ୍ଦ୍ୱିତା-ବିହୀନ ଜୀବନ ସର୍ବୋପରି ସାହିତ୍ୟ ସାଧନା ଏହି କାଳିମା ପ୍ରଲେପିତ ରାଜବଂଶକୁ ଦେବ-ଦେବନରେ ସମାନ

ପାତ କରିଯାଇଛନ୍ତି । ପରିଚୟ ସଂପର୍କରେ ବିଶେଷ କିଛି ଆଲୋଚନା କରିବା ପୂର୍ବରୁ ମନେ ରଖିବାକୁ ହେବ ଯେ, ଉପେନ୍ଦ୍ର ଥିଲେ ଆତ୍ମ-ପ୍ରକାଶନଶୀଳ । ଐତିହାସିକର ଇତିହାସ ଚର୍ଚ୍ଚା ଅପେକ୍ଷା ତାଙ୍କ ରଚନା ଗ୍ରନ୍ଥରେ ସେ ନିଜର ଓ ସ୍ୱୀୟ ବଂଶ ପରଂପରାର ଯେଉଁ ପରିଚୟ ପ୍ରଦାନ କରିଛନ୍ତି, ତାହାହିଁ ଯଥେଷ୍ଟ । ତାଙ୍କ କୃତିରେ ରହିଛି:—

ମେ କୁଳେ ରାଜା ଧନଂଜୟ
ସମସ୍ତ ଗୁଣର ନିଳୟ,
ତଦବତ୍ ତାହାଙ୍କ ତନୁଜ
ନରେଶ ନୀଳକଣ୍ଠ ଭଞ୍ଜ,
ତାହାଙ୍କ ଜ୍ୟେଷ୍ଠ ସୁତ ମୁହିଁ
ଉପେନ୍ଦ୍ର ଭଞ୍ଜ ନାମ ବହି ।

ରାଜା ଧନଂଜୟ ୧୬୫୬ ଖ୍ରୀଷ୍ଟାବ୍ଦରେ ଘୁମୁସର ରାଜସିଂହାସନ ଅଧିକାର କରିଥିଲେ ଏବଂ ୧୭୦୧ ଖ୍ରୀଷ୍ଟାବ୍ଦରେ ଏକ ଅସୁନ୍ଦର ଉପାନ୍ତରେ ତାଙ୍କ ରାଜତ୍ୱର ଅବସାନ ଘଟିଥିଲା । ବୃଦ୍ଧ ରାଜାଙ୍କର କାମୁକତା ହେଲା ଏହାର ମୂଳଘାତ । ଧନଂଜୟ ବହୁ ସନ୍ତାନର ପିତା ହୋଇଥିବାରୁ ରାଜ ସିଂହାସନ ପ୍ରତି ହେଲା ରାଜକୁମାର-ମାନଙ୍କ ମଧ୍ୟରେ କଳହ ଏବଂ ଶେଷରେ ରାଣୀ ମଣ୍ଡା ଦେବୀଙ୍କ ପ୍ରବଞ୍ଚନାରେ ରମା ନାମ୍ନୀ ଏକ ଦାସୀର ବିଷ ପ୍ରୟୋଗରେ ରାଜାଙ୍କ ଦେହତ୍ୟାଗ । ଏହି ଘଟଣାର ସଂଘଟନ ପରେ ଉପେନ୍ଦ୍ରଙ୍କ ପିତା ନୀଳକଣ୍ଠଙ୍କର ସିଂହାସନ ଆରୋହଣ । ମାତ୍ର ଦୈବର ନିର୍ଦ୍ଦେଶ ଥିଲା ଭିନ୍ନ ପ୍ରକାର । ରାଜତ୍ୱ ପ୍ରାପ୍ତିର ନବବର୍ଷ ପରେ ତାଙ୍କ କନିଷ୍ଠ ଘନ ଭଞ୍ଜଙ୍କ ଦ୍ୱାରା ରାଜ୍ୟ ଚ୍ୟୁତ ହୋଇ ସେ ନୟାଗଡ଼କୁ ପଳାୟନ କରିଥିଲେ । ଉପେନ୍ଦ୍ର ଏହି ଦୁର୍ଦ୍ଦିନରେ ପିତାଙ୍କର ସହଗମନ

କରିଥିଲେ; ଯଦିଓ ସେ ପିତାଙ୍କର ଅନ୍ୟାୟ ଅଧିକାରର ଦୋଷଭାଗୀ ନ ଥିଲେ । ଯାହାହେଉ ଶାସ୍ତ୍ରର ନିର୍ଦ୍ଦେଶ ଓ ଆଶୀର୍ବାଦର ଫଳ ରୂପେ ମହତ ସାଧନା ତାହା ଜୀବନର ଦାନ. ତାହା ପକ୍ଷେ ରାଜସିଂହାସନ ଓ ଭୌତିକ ବିଳାସର ମୂଲ୍ୟ ଅତ୍ୟଳ୍ପ ।

ପଳାତକ ପିତାଙ୍କର ସହଗାମୀ ହୋଇ ଉପେନ୍ଦ୍ର ନୟାଗଡ଼ରେ ବାସ କରିଥିଲେ । ମାତ୍ର ଏହାର ଯଥେଷ୍ଟ ପୂର୍ବରୁ ତାଙ୍କ କବି ଜୀବନର ଅନୁବନ୍ଧ ଘଟିଥିଲା । ଉପେନ୍ଦ୍ର ଦୁଇଥର ବିବାହ କରିଥିଲେ । ନୟାଗଡ଼ ଓ ବାଣପୁରର ରାଜଜେମାଙ୍କୁ ରାଣୀ ଦ୍ୱୟ ରୂପେ ଲାଭକରି ଉପେନ୍ଦ୍ର ଯେ ସୁଖୀଥିଲେ ତାହା ତାଙ୍କ ବର୍ଣ୍ଣିତ ବୈବାହିକ ପ୍ରେମ ଚିତ୍ର ଗୁଡ଼ିକରୁ ସ୍ପଷ୍ଟ । ଏଥିରୁ ବିଭାଜନ ପୂର୍ବରୁ ଅନୁମାନ ହୁଏ ଯେ, ତାଙ୍କର ବୈବାହିକ କାର୍ଯ୍ୟ ନିପୁଣ ଘଟିଥିଲା । ଏହି ମହାଯଶା କବିଙ୍କର ଜୀବନର ପ୍ରାକ୍‌କାଳରେ ଭାଗ୍ୟର ବିପର୍ଯ୍ୟୟ ଘଟିଥିଲେ ମଧ୍ୟ ତାଙ୍କ ଲେଖନୀ ଚାଳନାରେ ଯେ ନିରବଚ୍ଛିନ୍ନତା ଲକ୍ଷିତ ହୁଏ, ତାହାହିଁ ତାଙ୍କ ଧୈର୍ଯ୍ୟ, ସବଳ ଏବଂ ନିରାଡ଼ମ୍ବର ରୂପେ ପ୍ରମାଣ କରେ ।

କବି ଜୀବନର ଅନ୍ତରଙ୍ଗ ଅଂଶ ହେଉଛି ଧନଞ୍ଜୟଙ୍କ ସଙ୍ଗେ ତାଙ୍କର ଆଳାପ । ଏହା ଇତିହାସ ଦୃଷ୍ଟିରୁ କେତେଦୂର ସତ୍ୟ ତାହା ନିର୍ଦ୍ଦେଶ କରିଯାଇ ନ ପାରିଲେ ମଧ୍ୟ କିମ୍ବଦନ୍ତୀମୂଳକ ହୋଇଥିବାରୁ ଉଲ୍ଲେଖ କରିବାକୁ ହୁଏ । ରାଜା ଧନଞ୍ଜୟ ଉପେନ୍ଦ୍ରଙ୍କ ସ୍ଥାନରେ ସମସ୍ତ ଗୁଣର ନିଳୟ ଥିଲେ । ଓଡ଼ିଆର କାବ୍ୟ ଯୁଗରେ ଯେଉଁ ସାଧକ ଓ ରସିକ ପୁରୁଷମାନଙ୍କର ସ୍ଥାନ ରହିଛି ଧନଞ୍ଜୟ ସେହି ମଧ୍ୟରେ ଅନ୍ୟତମ । ତାଙ୍କର ସାହିତ୍ୟିକ ଖ୍ୟାତି ଏବେ ମଧ୍ୟ ରହିଛି । ମଦନ ମଞ୍ଜରୀ, ରଘୁନାଥ ବିଳାସ, ଅନଙ୍ଗରେଖା, ରତ୍ନମଞ୍ଜରୀ ପ୍ରଭୃତି କାବ୍ୟ ଅତି ଉତ୍କୃଷ୍ଟ ଧରଣର । କଥିତ

ଅଛି ଭଞ୍ଜ 'ରଘୁନାଥ ବିଳାସ' ରଚନା ପରେ ରସିକ ପୌତ୍ର ଉପେନ୍ଦ୍ରଙ୍କୁ ତାହା ପ୍ରଦର୍ଶନ କରି ସେ ସମ୍ପର୍କରେ ମତ ଖ୍ୟାପନ କରିବାକୁ କହିଥିଲେ । ଉପେନ୍ଦ୍ର ତାହା ପାଠକରି ତହିଁର ଅଳୀକତା ପ୍ରକାଶ କରିବାରୁ ଅଭିମାନୀ ବୃଦ୍ଧ ନରପତି କହିଥିଲେ, "ତୁମ୍ଭେ ଏପରି ଗ୍ରନ୍ଥ ରଚନା କରିପାରିବ?" ତହୁଁ ଉପେନ୍ଦ୍ର ଭ୍ରୂକ୍ଷେପ-ଶୂନ୍ୟ ହୋଇ ଉତ୍ତର ଦେଇଥିଲେ ଯେ, ସେ ଏହାଠାରୁ ଉତ୍କୃଷ୍ଟ ଧରଣର କାବ୍ୟ ରଚନା କରି ପାରନ୍ତି । ଉତ୍ତର ଶ୍ରବଣରେ ରାଜା ରାମଚରିତ ବିଷୟକ କାବ୍ୟ ରଚନା ସମାପ୍ତ କରି ବର୍ଷ ଶେଷରେ ରାଜସଭାରେ ଉପସ୍ଥାପିତ କରିବାକୁ ନିର୍ଦ୍ଦେଶ ଦେଲେ । ପ୍ରତିଶ୍ରୁତ ଯୁବକ ନିଜର ଉଚ୍ଚ ମସ୍ତିଷ୍କ ଯେପରି ସହଜେ ଉତ୍ତର ଦେଲେ ତାହାକୁ ବାସ୍ତବତାରେ ପରିଣତ କରିବା ପାଇଁ ନିଜର ଅକ୍ଷମତା ଭୁଲି ଦେବା ଅଭୀପ୍ସୁ ହେଲେ ଏବଂ ନୟାଗଡ଼ରେ ରଘୁନାଥ ମନ୍ଦିରରେ ରାମତାରକ ମନ୍ତ୍ର ସାଧନ କଲେ ।

କବି ନିଜେ କହିଛନ୍ତି—

ରାମ ତାରକ ମଂତ୍ର ପରସାଦେ,
ମୋହର କବିପଣ ଉଦେ ।

ଏହାପରେ କବି ଉତ୍କଳର ବିଶିଷ୍ଟ କାବ୍ୟ 'ବୈଦେହୀଶ-ବିଳାସ' ରଚନା ସମାପ୍ତ କରି ପିତାମହଙ୍କର ଶ୍ରଦ୍ଧାସ୍ପଦ ଉପାଦାନରେ ସମର୍ଥ ହୋଇଥିଲେ । ଉପେନ୍ଦ୍ରଙ୍କର ଜୀବନୀ ଆଲୋଚନାରେ ତାଙ୍କ ଚରିତ୍ରର ସାଧାରଣ ସମୀକ୍ଷା ଅନ୍ତତଃ ପ୍ରୟୋଜନ । ଏହି ମହା-ଯଶା କବିଙ୍କର ଚରିତ୍ରଗତ ବୈଶିଷ୍ଟ୍ୟ ଯାହା ହେଉନା କାହିଁକି ତାଙ୍କର ବଂଶ ପରଂପରା ଯେଉଁ ନୀତିହୀନତା ଦୋଷ ତାଙ୍କ ଠାରେ 'ଭକ୍ତସ୍ୱତନ୍ତ୍ରଙ୍କ' ଭଳି କେହି କେହି ଆରୋପ କରିଥାନ୍ତି । ମାତ୍ର ଆମର ଓଡ଼ିଆ ପ୍ରବଚନ "ଗୋବର ଖାତରେ ପଦ୍ମଫୁଲ" ପରି

ଜ୍ଞାନଗୌରବ-ଭୂଷିତା ଘୁମୁସର ଭଞ୍ଜ ବଂଶରେ ମଧ୍ୟ ଅମୃତମୟ ତ୍ୟାଗୀ ଉପେନ୍ଦ୍ରଙ୍କର ଆବିର୍ଭାବ ଘଟିଥିଲା ।

ସୁସାହିତ୍ୟିକ ଡାଃ ଅର୍ତ୍ତବଲ୍ଲଭ ମହାନ୍ତି ଲାବଣ୍ୟବତୀ ମୁଖବନ୍ଧରେ କହିଛନ୍ତି ଉପେନ୍ଦ୍ରଙ୍କ ସଦୃଶ ବ୍ୟକ୍ତିବିଶେଷ ଶ୍ରମଶୀଳ ମନ୍ତ୍ର ସିଦ୍ଧ ସଂଭବ ହୋଇ ପାରେ ନାହିଁ । କଥାଟିକୁ ଅଧିକ ବଳବତ୍ତର କରିବାକୁ ସେ ତୁଳସୀଦାସ, ଭବଭୂତି, ହନୁମାନ, କାଳିଦାସ ପ୍ରଭୃତି ପ୍ରତିଭାଶାଳୀ ମନୀଷୀ ଓ ସାଧକମାନଙ୍କର ନାମ ଉଲ୍ଲେଖ କରିଛନ୍ତି । ଉପେନ୍ଦ୍ର ଯେ ଦୈବଜ୍ଞାନୀ ଥିଲେ ଏ କଥା କହିବା ପାଇଁ ସେପରି କୌଣସି ପ୍ରମାଣ ନାହିଁ ।

**ଶିକ୍ଷା:**—ଶିକ୍ଷା ଓ ସାଧନାର ଅଭାବରେ ମନୁଷ୍ୟ ତାର ସାଂସ୍କୃତିକ ଜୀବନରେ ଅଗ୍ରଗତି କରି ପାରେ ନାହିଁ । ପ୍ରତିଭା ଈଶ୍ୱର-ଦତ୍ତ ହେଲେ ମଧ୍ୟ ଶିକ୍ଷାର ଶାଣରେ ତୀକ୍ଷ୍ଣ ହୋଇ ସାଧନା ପରିଚର୍ଯ୍ୟାରେ ପରିମାର୍ଜିତ ହେଲେ, ତାହା ସୁବର୍ଣ୍ଣ ଭଳି ସର୍ବଦା ଉଜ୍ଜ୍ୱଳମାନ ରହେ । ମନୁଷ୍ୟ ଶିକ୍ଷା ଓ ପାଣ୍ଡିତ୍ୟବିହୀନ ହୋଇ ଭୌତିକ ଐଶ୍ୱର୍ଯ୍ୟର ଅଧିକାରୀ ହୋଇପାରେ, କ୍ଷମତା ମଣ୍ଡିତ ହୋଇ ପାରେ ମାତ୍ର କବି ବା ସାହିତ୍ୟିକ ହୋଇ ନ ପାରେ । ଏହି ଜାତିର ଲୋକେ ବଡ଼ ହେବା ସଙ୍ଗେ ସଙ୍ଗେ ଉପର ସମାଜ ଶିକ୍ଷାର ଉଦ୍ୟମରେ ବଞ୍ଚି ଥାଆନ୍ତି । ଅଳଙ୍କାର ଶାସ୍ତ୍ରରେ କେବଳ ରସବୋଧ ଓ ଦୃଷ୍ଟିଥିବା ବ୍ୟକ୍ତି କବି ନ ହୁଅନ୍ତି ପ୍ରତିଭା ସଂପନ୍ନ, ଶାସ୍ତ୍ରଜ୍ଞ, ପଣ୍ଡିତ, ସାଧକ ଓ ଉପଯୁକ୍ତ ପ୍ରକାଶନ କ୍ଷମତା ବିଶିଷ୍ଟ ବ୍ୟକ୍ତିଙ୍କୁ କବି ଆଖ୍ୟାରେ ଭୂଷିତ କରାଯାଇଛି । କବିଙ୍କ ପ୍ରତି ଈଶ୍ୱର କୃପା ଓ ତାଙ୍କ ପ୍ରତିଭା ସହିତ ଶିକ୍ଷା ଓ ଶାସ୍ତ୍ର ଶିକ୍ଷା ଓ ଶାସ୍ତ୍ରଜ୍ଞାନର ସମନ୍ୱୟହିଁ ପ୍ରଧାନ କଥା । ବର୍ତ୍ତମାନ ଯୁଗରେ କବିଙ୍କ ଦୃଷ୍ଟିଭଙ୍ଗୀର ଆଲୋଚନା ଦାର୍ଶନିକ ଭାବରେ ଗ୍ରହଣ କରାଯାଉଛି । ଏଦୃଷ୍ଟେ ଉପେନ୍ଦ୍ରଙ୍କର

କବି ଜୀବନରେ ଶିକ୍ଷା ଉପରେ ଥିଲା ଓ ତାଙ୍କର ଶାସ୍ତ୍ରଜ୍ଞାନର ସୀମା କେତେ ତାହା ନିର୍ଣ୍ଣିତ ହେବା ପ୍ରୟୋଜନ ।

ତାଙ୍କର ଶିକ୍ଷା ଯେଉଁଠି ଇତିହାସ ନୀରବ । ଆଲୋଚକ ଓ ଗ୍ରନ୍ଥ ସଂପାଦକମାନେ କବିକୃତିରେ ଥିବା ସାମାନ୍ୟ ଅସ୍ପଷ୍ଟ ପ୍ରଖ୍ୟାପନ ଓ ତାଙ୍କ ଚରିତ୍ରମାନଙ୍କ ଗୁଣ ଅବଧାରଣା ପ୍ରସଙ୍ଗରୁ ସଂଗ୍ରହ କରି ତାଙ୍କୁ ମହାପଣ୍ଡିତ ଓ ସର୍ବ ଶାସ୍ତ୍ରଦର୍ଶୀ ରୂପେ ବର୍ଣ୍ଣନ କରି ଥାଆନ୍ତି । ଉପେନ୍ଦ୍ରଙ୍କ କାବ୍ୟାବଳୀରୁ ଶିକ୍ଷିତ ଜୀବନର ସୀମା ଓ ଶାସ୍ତ୍ର ଅଧ୍ୟୟନ ପରିମାଣ ନିରୂପଣ କରିବା ପୂର୍ବରୁ ଆଉ ଏକ କଥା ସ୍ମରଣ ରଖିବାକୁ ହୁଏ । ତାହା ହେଉଛି, ସେତେବେଳେ କେବଳ ଉତ୍କଳ ଖଣ୍ଡ ନୁହେଁ ସମଗ୍ର ଭାରତ ଭୂମିରେ ପ୍ରାକୃତ ଭାଷା ଅପେକ୍ଷା ସଂସ୍କୃତର ଅତ୍ୟଧିକ ଆଦର ଥିଲା । କାରଣ ଦର୍ଶନ, ଇତିହାସ, ସାହିତ୍ୟ, ଆୟୁର୍ବେଦ ଓ ଜ୍ୟୋତିଷ ପ୍ରଭୃତି ସମସ୍ତ ମାନବ ବିଜ୍ଞାନ ଭାରତରେ ମନୀଷୀମାନେ ସଂସ୍କୃତରେ ରଚନା କରିଥିବାରୁ ବିଜ୍ଞସମାଜ ଜ୍ଞାନ ଆହରଣ ନିମିତ୍ତ ସଂସ୍କୃତ ଅଧ୍ୟୟନ କରୁଥିଲେ । ସେ ଦୃଷ୍ଟିରୁ ରାଜ ପରିବାର ଓ ଦରବାର ମାନଙ୍କରେ ବ୍ରାହ୍ମଣ ସଂସ୍କୃତ ପଣ୍ଡିତମାନେ ସଂସ୍କୃତ ଚର୍ଚ୍ଚା କରୁଥିଲେ । ରାଜପୁତ୍ରମାନେ ନ୍ୟାୟ, ବେଦାନ୍ତ, ମୀମାଂସା, କାମ-ଶାସ୍ତ୍ର, ଦର୍ଶନ, ସାହିତ୍ୟ, ରାଜନୀତି ସମସ୍ତ ସଂସ୍କୃତରେ ଶିକ୍ଷା କରୁଥିଲେ । ଉପେନ୍ଦ୍ର ଏହି ପରମ୍ପରାରେ ଶିକ୍ଷିତ ଥିଲେ । ସେ ଏସବୁ ଶାସ୍ତ୍ରମଧ୍ୟ ବ୍ୟାକରଣ, ଅଳଂକାର, କାମଶାସ୍ତ୍ର ଓ ରସ ଶାସ୍ତ୍ରରେ ବିଶେଷ ପାଣ୍ଡିତ୍ୟ ଅର୍ଜନ କରିଥିଲେ । କାବ୍ୟମାନଙ୍କରେ କାବ୍ୟ ଅଧ୍ୟୟନ ଓ ରଚନାରେ ସେ ଯେଉଁ କାବ୍ୟାଦର୍ଶ ଓ ନିବର୍ଦ୍ଦେଶମାନ ଦେଇଅଛନ୍ତି ତହିଁରୁ ତାଙ୍କ ଶାସ୍ତ୍ରଜ୍ଞାନର ସୁନ୍ଦର ପରିଚୟ ମିଳେ । ଗୀତାଭିଧାନ, ଛନ୍ଦଭୂଷଣ, ଚିତ୍ରକାବ୍ୟ ବନ୍ଧୋ-

ଦୃଷ୍ଟିରୁ ତାଙ୍କ ଅଳଂକାର ଓ ଶବ୍ଦ ଶାସ୍ତ୍ରରେ ପାଣ୍ଡିତ୍ୟ ସୁସ୍ପଷ୍ଟ । କାଳ୍ପନିକ କାବ୍ୟମାନଙ୍କରେ କାବ୍ୟ ଅନୁଶୀଳନରେ ନିର୍ଦ୍ଦେଶ ତାଙ୍କ ଶିକ୍ଷାର ପରିଚୟ ଦିଏ । କବି ତାଙ୍କ କୃତିରେ ହୋଇଥିବା କବି, ପଣ୍ଡିତ, ଆଳଙ୍କାରିକ ଓ ଶାସ୍ତ୍ରକାରମାନଙ୍କ ନାମ ପାଠକ ସମକ୍ଷରେ କବିଙ୍କ ବହୁ ଶାସ୍ତ୍ରଦର୍ଶିତା ସୂଚିତ କରେ । କାବ୍ୟମାନଙ୍କରେ ନାୟକ ନାୟିକାଙ୍କ ପାଣ୍ଡିତ୍ୟ ଓ ଶିକ୍ଷା ପୂର୍ଣ୍ଣ ଜୀବନର ଇତିହାସ ଦେବାକୁ ଯାଇ ସେ ଉତ୍ପ୍ରେକ୍ଷାଳଂକାର ଆଦି ବିବିଧ ଅଳଂକାର ସାହାଯ୍ୟରେ ସେମାନଙ୍କ ଠାରେ ଅନେକ ବିଶେଷ ବ୍ୟୁତ୍ପତ୍ତିର ଆରୋପ କରିଅଛନ୍ତି । "କତିଂ ପଦ ବ୍ୟାକରଣେ, ପାଣିନୀୟ ମନେ ଗୃହିଣୀ···ବିଶୀନ ବ୍ୟାସ···" (କୋ: ବ୍ର: ସୁ:) ପ୍ରଭୃତିରୁ କାତ୍ୟାୟନ, ପାଣିନୀ, ବାଲ୍ମିକୀ, ବ୍ୟାସ, କଣାଦ ପ୍ରଭୃତିଙ୍କ ଶାସ୍ତ୍ର ସଂପର୍କରେ ସେ ସଚେତନ ଥିଲେ ବୋଲି ଅନୁମାନ ହୁଏ । "ପୁରାଣ ଅଭିଧାନ ଜାଣିଥିଲେ, ପୁଣି ଜାସ ହେବ ବାହୁଦ ହେଲେ"—ପ୍ରଭୃତିରୁ ତାଙ୍କ ପୁରାଣ ଅଧ୍ୟୟନ କଥା ଜଣାପଡ଼େ । ଏସବୁ ଭିନ୍ନ କାଳିଦାସ, ମାଘ, ଭବଭୂତି, ବାଣଭଟ୍ଟ ପ୍ରଭୃତି ମହାକବିମାନଙ୍କ ରଚିତ ସଂପଦ-ସଂପନ୍ନ ସଂସ୍କୃତ କାବ୍ୟ, ନାଟକ ଓ ସାହିତ୍ୟରେ ସେ ଧୂରନ୍ଧର ଥିଲେ । ଏହା ତାଙ୍କ କାଳ୍ପନିକ କାବ୍ୟମାନଙ୍କରୁ ସୁସ୍ପଷ୍ଟ । ଉପେନ୍ଦ୍ରଙ୍କର ପାଣ୍ଡିତ୍ୟ ସମ୍ବନ୍ଧରେ ସଂଦେହ କରିବାର କୌଣସି କାରଣ ନାହିଁ । ସର୍ବବିଦ୍ୟାରେ ସେ ଜ୍ଞାନ ଅର୍ଜନ କରିଥିଲେ । ଏପରିକି "ବୈଦେହୀଶ ପାଚନ, ରସ ରତ୍ନାକର" ପ୍ରଭୃତି ଅଂଶରୁ କେହି କେହି ତାଙ୍କୁ ଆୟୁର୍ବେଦ ପଣ୍ଡିତ ଥିବା ଅନୁମାନ କରନ୍ତି । ମୂଳତଃ ଉପେନ୍ଦ୍ରଙ୍କର ପ୍ରକାଣ୍ଡ ସାହିତ୍ୟ ସୌଧକୁ ଅବଲୋକନ କଲେ କେହି ତାଙ୍କ ଜ୍ଞାନ ଦାରିଦ୍ର୍ୟର ସଂଭାବନା କରିପାରିବେ ନାହିଁ । ସେ ଥିଲେ ଏକାଧାରରେ ଶିକ୍ଷିତ, ପଣ୍ଡିତ, ଅନୁଭବୀ ଓ ବହୁଦର୍ଶୀ ।

(୨) ଉପେନ୍ଦ୍ରଙ୍କ ଜୀବନ ଅବଧି ପୂର୍ବେ ଓଡ଼ିଆ ସାହିତ୍ୟ:—

ଓଡ଼ିଆ ସାହିତ୍ୟର ଇତିହାସ ପ୍ରଣୟନ ଏବେ ମଧ୍ୟ ସଂପୂର୍ଣ୍ଣ ନୁହେଁ । ପଣ୍ଡିତମାନଙ୍କର ଅଦମ୍ୟ ଚେଷ୍ଟା ଓ ଅଧ୍ୟୟନ ସତ୍ତ୍ୱେ ଅତୀତର ଅନ୍ଧକାର ମଧ୍ୟରୁ ଏହି ପୁରାତନ ସାହିତ୍ୟର ଧାରାବାହିକ ନିର୍ଭୁଲ ଇତିହାସ ରଚନା ସମ୍ଭବ ହୋଇପାରି ନାହିଁ । ତାର କାରଣ, ଅତୀତରେ ଇତିହାସ ଲେଖନ ପ୍ରବୃତ୍ତି ସେପରି ଦୃଢ଼ତର ନ ଥିଲା । ଭାରତୀୟ ବିଭିନ୍ନ ପ୍ରାକୃତ ସାହିତ୍ୟ ଓ ଆଧୁନିକ ଭାଷା ମଧ୍ୟରେ ଓଡ଼ିଆ ଭାଷା ଓ ସାହିତ୍ୟ ଯେ ଅତି ପୁରାତନ ତାହା ବୋଲିବା ବାହୁଲ୍ୟ । ଖ୍ରୀଷ୍ଟୀୟ ଏକାଦଶ ଶତାବ୍ଦୀର ମାଦଳାପାଞ୍ଜିର ରଚନା ଆଗ ଭାଷା ଓ ସାହିତ୍ୟର ପ୍ରଥମ ଶୁଦ୍ଧି ଓ ସଂସ୍କରଣ ଦିବସରୁ ରଚିତ ବୌଦ୍ଧଗାନ ଓ ଦୋହା, ଜନଶ୍ରୁତି ଉପରେ ପ୍ରତିଷ୍ଠିତ କାହାଣୀ, ଗୀତ, ଲୋକଗୀତ, ପ୍ରହେଳିକା, ପ୍ରବଚନ ପ୍ରଭୃତି ରହିଥିଲେ ମଧ୍ୟ ସେଗୁଡ଼ିକ ସମ୍ବନ୍ଧରେ ଗବେଷଣା ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନାହିଁ । ଯାହା ହେଉ ସାହିତ୍ୟ ଅପେକ୍ଷା ଭାଷାର ଇତିହାସ ନିର୍ଦ୍ଦେଶରେ ଏଗୁଡ଼ିକ ଅଧିକ ସାହାଯ୍ୟ କରେ । ସାହିତ୍ୟର ସୃଷ୍ଟି ଓ କ୍ରମବିକାଶ ଦୃଷ୍ଟିରୁ ବତ୍ସାଦାସଙ୍କ କଳସା ଚଉତିଶାକୁ ପ୍ରଥମ ସ୍ଥାନ ଦିଆଯାଏ । ଓଡ଼ିଆ ସାହିତ୍ୟର କ୍ରମବିକାଶ ଓ ଇତିହାସର ଧାରା ନିର୍ଦ୍ଦେଶ କରିବାକୁ ଗଲେ ପ୍ରଥମେ ଉତ୍କଳର ବିଭିନ୍ନ ବଂଶ ଓ ଧର୍ମମତ ପ୍ରତି ଲକ୍ଷ୍ୟ ରଖିବାକୁ ପଡ଼େ । ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବ ଏବଂ ଶେଷରେ ସ୍ମାର୍ତ୍ତବାଦର ପ୍ରଭାବ ଓ ତୀର୍ଥ ଦର୍ଶନ ଉଦ୍ଦେଶ୍ୟରେ ଭାରତର ବିଭିନ୍ନ ପ୍ରାନ୍ତରୁ ମନୀଷୀମାନେ ବିଭିନ୍ନ ଯୁଗରେ ପୁରୁଷୋତ୍ତମ ଧାମକୁ ଆସି ଧର୍ମର ଭିତ୍ତି ପକାଇ ଥିଲେ । ଉତ୍କଳର ରାଜବଂଶଗୁଡ଼ିକ ମଧ୍ୟ ଏହି ଧାର୍ମିକ ମତବାଦଗୁଡ଼ିକର ପୃଷ୍ଠପୋଷକତା କରିଥିଲେ । ଏ ଦେଶରେ ଧର୍ମ ସଂସ୍ଥାପନ ନିମନ୍ତେ ଭକ୍ତି ସ୍ରୋତର ବନ୍ୟା

ଘଟି ନ ଥିଲା ସତ୍ୟ, ହେଲେହେଁ ପ୍ରଭାବଗତ ମାନସିକ ସ୍ୱଚ୍ଛ ସାହିତ୍ୟ ଭିତରେ ନିଜର ଶକ୍ତି ପ୍ରଖ୍ୟାପନ କରିଥିଲା । ସୁତରାଂ ଧର୍ମମତର ବୈଭିନ୍ନ୍ୟ ଓ ପରିବର୍ତ୍ତନ ଯୋଗୁଁ ଆମ ସାହିତ୍ୟ ଇତିହାସରେ କେତୋଟି ଯୁଗ ଓ ସାହିତ୍ୟିକ ପରମ୍ପରାର ସନ୍ଧାନ ମିଳେ । ଏହି ଦୃଷ୍ଟିରୁ ରୁଦ୍ର ସୁଧାନିଧି, କଳସା ଚଉତିଶା, ସୋମନାଥ ବ୍ରତ-କଥା ପ୍ରଭୃତି ଶୈବ ମତବାଦର ପ୍ରଚାର ଦେଖି ଉଚିତ ବୌଦ୍ଧ ଗାନ ଓ ଦୋହାମାନଙ୍କରୁ ବୌଦ୍ଧ ଧର୍ମର ଶୂନ୍ୟବାଦ ଓ ଆଧ୍ୟାତ୍ମ ଭାବନାର ଧାରା ସ୍ପଷ୍ଟ ।

ତାପରେ ଉତ୍କଳର ଶାକ୍ତମାନଙ୍କର ଅଭ୍ୟୁଦୟ ପ୍ରସଙ୍ଗରେ ଶକ୍ତିପୀଠ ରୂପେ ଉତ୍କଳର କେତେକ ସ୍ଥାନର ପ୍ରସିଦ୍ଧି ରହିଛି ।

ବିମଳା, ବିରଜା, ଶାରଳା ପ୍ରଭୃତି ଦେବୀଙ୍କୁ ଶକ୍ତିପୀଠ ରୂପେ କଳ୍ପନା କରଯାଇଛି । ଏହି ଶକ୍ତି ବା ଆଦ୍ୟମାତାଙ୍କର ଗୁଣାବଳୀ ଓ ଅଲୌକିକ ମହିମା କୀର୍ତ୍ତନରେ ଶାକ୍ତମାନେ ମୁଖର ହୋଇ ଉଠିଥିଲେ । ଏହି ସଂସ୍କୃତିର ପ୍ରଥମ ଏବଂ ଶ୍ରେଷ୍ଠ ଅବଦାନ ହେଉଛି ସାରଳା ଦାସଙ୍କ ଚଣ୍ଡୀପୁରାଣ, ବିଲଙ୍କା ରାମାୟଣ ପ୍ରଭୃତି । ଉତ୍କଳ ଇତିହାସରେ ମହାକବି ଶୂଦ୍ରମୁନି ସାରଳା ଦାସଙ୍କୁ ଏକ ଯୁଗ-ସ୍ରଷ୍ଟା ରୂପେ କଳ୍ପନା କରାଯାଇଛି । ତାଙ୍କ ରଚିତ ମହାଭାରତ ଓଡ଼ିଆ ଜୀବନର ସାରଲ୍ୟ ଓ ମଧୁରତା ବର୍ଣ୍ଣନାରେ ଭରପୂର । ଓଡ଼ିଆର ସାମାଜିକତା ମହାଭାରତରେ ଏପରି ପ୍ରକଟିତ ଯେ ଏବେ ପ୍ରଚଳିତ ଛଳରେ—"ଯାହା ନାହିଁ ଭାରତେ ତାହା ନାହିଁ ଭାରତେ" କୁହାଯାଏ ।

ଏହି ବିଶାଳ ସାହିତ୍ୟସ୍ରଷ୍ଟା ମହାତ୍ମା ସାରଳା ଦାସଙ୍କ ଯାବତୀୟ ସାହିତ୍ୟ ସତ୍ତ୍ୱେ ତାଙ୍କ ଧର୍ମମତହିଁ ଅଧିକ ପର୍ଯ୍ୟାଲୋଚନାର ବସ୍ତୁ । ପ୍ରସଙ୍ଗତଃ ଏଠାରେ ଭକ୍ତଙ୍କର ଧର୍ମମତର ବୈଭିନ୍ନ୍ୟ ଓ

ପରବର୍ତ୍ତିନ ଯେଉଁ ଓଡ଼ିଆ ସାହିତ୍ୟରେ ଯୁଗ ସୃଷ୍ଟି କରି ଯାଇଥାଏ । ସାରଳା ଦାସଙ୍କ ରଚିତ ପୁରାଣଗ୍ରନ୍ଥଙ୍କ ପ୍ରତି ଲକ୍ଷ୍ୟ ରଖି ବୈଷ୍ଣବ କବି ବଳରାମଙ୍କ ରଚିତ ଦାଣ୍ଡୀରାମାୟଣ ଓ ଜଗନ୍ନାଥଙ୍କ ରଚିତ ଭାଗବତ ପ୍ରତି ଦୃଷ୍ଟି ନିକ୍ଷେପ କଲେ ସ୍ପଷ୍ଟ ଅନୁମିତ ହୁଏ ଯେ ଓଡ଼ିଆ ସାହିତ୍ୟର ମୂଳପିଣ୍ଡ ଏହି ପୁରାଣ ସାହିତ୍ୟ । ପ୍ରଣୟନରେ ନୂତନତ୍ୱ ଆନୟନ ସମସ୍ତଙ୍କ ପକ୍ଷରେ ସମ୍ଭବ ନ ହେଲେ ମଧ୍ୟ ସାରଳା, ବଳରାମ ଓ ଜଗନ୍ନାଥଙ୍କ ରଚିତ ମହାନ ପୁରାଣନିଚୟ ପ୍ରାଚୀନ ଓଡ଼ିଆର ଜୀବନ ପ୍ରବାହକୁ ଅଧିକ ଗତିବନ୍ତ କରିବା ସଙ୍ଗେ ସଙ୍ଗେ ଭାଷା ଓ ସାହିତ୍ୟର ରୁଚିକୁ ଅଧିକ ମାର୍ଜିତ କରି ଦେଇଥିଲା । ଉତ୍କଳ ସାହିତ୍ୟରେ ଗଜପତି ପ୍ରତାପରୁଦ୍ର ଦେବଙ୍କ ସମୟ ଏକ ଗୁରୁତ୍ୱପୂର୍ଣ୍ଣ ଯୁଗ । ଏହି କାଳରେ ବୈଷ୍ଣବ ଧର୍ମର ପ୍ରଚାର ପ୍ଲାବନରେ ଉତ୍କଳଭୂମି ରାଜ-ଦରବାର ସମେତ ଯେତେବେଳେ ପ୍ଲାବିତ ହୋଇ ଉଠିଥିଲା ସେତେବେଳେ ପଞ୍ଚସଖାଙ୍କର ଆବିର୍ଭାବ । ଏହି ପଞ୍ଚମହାତ୍ମା ଏକ ବୃକ୍ଷର ପଞ୍ଚଶାଖା ଭଳି ପ୍ରଭୁବର ଚୈତନ୍ୟଙ୍କ ଗହଣରେ ବୈଷ୍ଣବ ଧର୍ମ ଓ ଅଧ୍ୟାତ୍ମ ଜୀବନର ଯେଉଁ ପ୍ରଚାର କଲେ, ତାହା ଫଳରେ ଅସଂଖ୍ୟ ବୈଷ୍ଣବ ଗ୍ରନ୍ଥର ସୂତ୍ରପାତ ହେଲା । ବଳରାମଙ୍କ ଦାଣ୍ଡୀ ରାମାୟଣଠାରୁ ଯଶୋବନ୍ତଙ୍କ ଗୋବିନ୍ଦ ଚନ୍ଦ୍ର ପର୍ଯ୍ୟନ୍ତ । ଅଚ୍ୟୁତଙ୍କ ଶୂନ୍ୟ ସଂହିତା ଠାରୁ ଦ୍ୱାରକାଙ୍କର ପରଚ ଗୀତା ପର୍ଯ୍ୟନ୍ତ ବୈଷ୍ଣବ ଧର୍ମ ସମ୍ବଳିତ ଅସଂଖ୍ୟ ଶାସ୍ତ୍ର ରଚିତ ହୋଇଥିଲା । ଏଠାରେ କବିମାନଙ୍କର ଧର୍ମମତର ବିଶ୍ଳେଷଣ ଅପେକ୍ଷା ରଚନାରେ ଲୌକିକ ଉଦାହରଣ ପ୍ରକାଶନରେ ସହଜ ସରଳତା ଓ ଭାଷାର ମୌଳିକତାର ଏପରି ମଧୁର ସମନ୍ୱୟ ଘଟିଥିଲା ଯେ ବର୍ତ୍ତମାନ ଯୁଗର ଓଡ଼ିଆ ସାହିତ୍ୟରେ ଏହା ସମ୍ଭବ ହୋଇ ପାରୁ ନାହିଁ । ପଣ୍ଡିତ ମୃତ୍ୟୁଞ୍ଜୟ ଓ ଅଧ୍ୟାପକ ଆର୍ତ୍ତବଲ୍ଲଭଙ୍କ ମତ ଏ ଦିଗରେ ସ୍ମରଣୀୟ ।

ଏମାନଙ୍କ ମତରେ ବୈଷ୍ଣବଯୁଗ ଓ ସାରଳା-ସାହିତ୍ୟରେ ଆମ ସାହିତ୍ୟର ଭାଷା ବଳିଷ୍ଠ ଥିଲା ଓ ପ୍ରତ୍ୟେକ ଧାଡ଼ୀଙ୍କର ଯେନ ତେନ ଅନ୍ତ୍ୟ ରକ୍ଷା କରୁ ନ ଥିଲା । ଯାହାହେଉ ଧର୍ମମତର ପରିବର୍ତ୍ତନ ଘେନି କାବ୍ୟଯୁଗର ବିକାଶ ଷୋଡ଼ଶ ଶତାବ୍ଦୀର ଶେଷପାଦରେ ଘଟିଥିଲା । ଦୀନକୃଷ୍ଣ, ଦେବ ଦୁର୍ଲ୍ଲଭ, ଅଭିମନ୍ୟୁ, ଭକ୍ତଚରଣ, ଅର୍ଜୁନ ପ୍ରଭୃତି କବିମାନେ ବୈଷ୍ଣବ ଧର୍ମର ଅରାଧ । କୃଷ୍ଣ ଓ ରାମଙ୍କୁ ଘେନି କାବ୍ୟ ରଚନା କରିଥିଲେ । ସେମାନେ ଆଦର୍ଶନୀତି-ପରାୟଣ ବୈଷ୍ଣବ ଥିଲେ ମଧ୍ୟ କାବ୍ୟ ସାଧନା ଓ ରଚନା ଦୃଷ୍ଟିରୁ ବଳରାମ, ଜଗନ୍ନାଥ, ସାରଳା ପ୍ରଭୃତିଙ୍କ ସହିତ ସେମାନଙ୍କୁ ଆସୀନ କରାଯାଇ ନ ପାରେ । ଉତ୍କଳରେ ସୂର୍ଯ୍ୟବଂଶର ଅବସାନ ପରେ ବୈଷ୍ଣବ ସାହିତ୍ୟର ବିକାଶରେ କ୍ଷିପ୍ରତା ହ୍ରାସ ପାଇଗଲା । ଯୁଗର ପରିସ୍ଥିତି, ରାଜନୈତିକ ଅବସ୍ଥା, ସଂସ୍କୃତ ଚର୍ଚ୍ଚା ଆମ ସାହିତ୍ୟରେ ରୀତିଯୁଗର ସୂତ୍ରପାତ କଲା । କବିମାନେ ବର୍ଣ୍ଣନା ନୈପୁଣ୍ୟ ପ୍ରଦର୍ଶନରେ ତତ୍ପର ହେଲେ । ସାହିତ୍ୟ ସାଧନା ସାଧାରଣ କ୍ଷେତ୍ରରୁ ଅଧିକାଂଶରେ ପଣ୍ଡିତ ଓ ଶାସ୍ତ୍ରଜ୍ଞମାନଙ୍କଠାରେ ସୀମାବଦ୍ଧ ହୋଇ ପଡ଼ିଲା । ଖ୍ରୀଷ୍ଟୀୟ ୧୭ଶ ଶତାବ୍ଦୀରେ ଉତ୍କଳର ରାଜନୈତିକ ରଙ୍ଗ ଅନ୍ୟ ପ୍ରକାର ହୋଇ ପଡ଼ିଲା । କରଦ ରାଜାମାନେ ଗଜପତିଙ୍କ ଅଧୀନରୁ ବଞ୍ଚିତ ହୋଇ ବିଦେଶୀ ମୁସଲମାନମାନଙ୍କ ଅଧୀନତା ସ୍ୱୀକାର କଲେ । ଶାସନ କ୍ଷମତା ଅପହୃତ ହୋଇ ରାଜା ଓ ରାଜ ପୁରୁଷମାନେ କଳାପ୍ରିୟ ହୋଇ ପଡ଼ିଲେ । ଏଥିରେ ସହାୟକ ଥିଲେ ସଂସ୍କୃତ ପଣ୍ଡିତମାନେ । ଯୁଗର ପରିବର୍ତ୍ତନ ଘେନି ସାହିତ୍ୟର ପରିବର୍ତ୍ତନ ଅବଶ୍ୟମ୍ଭାବୀ । ପୁନଶ୍ଚ, ବୈଷ୍ଣବ ସାହିତ୍ୟ ବିକାଶର ପ୍ରାଚୁର୍ଯ୍ୟ ପରେ ଯୁଗର ପରିବର୍ତ୍ତନ ଘେନି ଆମର ସାହିତ୍ୟରେ କାଳ୍ପନିକ ଓ ପୌରାଣିକ କାବ୍ୟ

ସାହିତ୍ୟର ଦୃଢ଼ପାତ ହେଲା । କାବ୍ୟ ସାହିତ୍ୟ ସ୍ରଷ୍ଟାଭାବରେ ଉପେନ୍ଦ୍ରଙ୍କ ସ୍ଥାନ ଓଡ଼ିଆ ସାହିତ୍ୟରେ ଗୌରବୋଜ୍ଜ୍ୱଳ । ମାତ୍ର ଏହି କବିଶ୍ରେଷ୍ଠ ଉପେନ୍ଦ୍ର ଯେ ମୁହୂର୍ତ୍ତିକର ସୃଷ୍ଟି ଅଥବା ସ୍ୱୟଂସୃଷ୍ଟ ଏ କଥା କୁହାଯାଇ ନ ପାରେ । କଥାରେ ଅଛି "ବିନାଶ୍ରୟଂ ନ ବର୍ତ୍ତତେ କବିତା ବନିତା ଲତା" । ସେହିଭଳି ଆଶ୍ରୟ ବିହୀନ ହୋଇ ଅପରର ପ୍ରଭାବରେ ପ୍ରଭାବିତ ନ ହୋଇ ଉପେନ୍ଦ୍ରଙ୍କ ପକ୍ଷେ ଏ ବିରାଟ ସାହିତ୍ୟ ସୌଧ ନିର୍ମାଣ କରିବା ସମ୍ଭବ ହୋଇ ନ ଥାନ୍ତା । ଉପେନ୍ଦ୍ର ଶୁଭ ମୁହୂର୍ତ୍ତରେ ଭୂମିଷ୍ଠ ହୋଇଥିଲେ । କାରଣ, ଯେଉଁ କେତେ ଦଶନ୍ଧି ସାଧନା କରି କୃତକାର୍ଯ୍ୟ ହୋଇଥିଲେ ତାହାର ଭିତ୍ତି ସ୍ଥାପନ ତାଙ୍କର ଜନ୍ମ ପୂର୍ବରୁ ଘଟିଥିଲା । ସାହିତ୍ୟର ଇତିହାସ ସଂଶ୍ଲେଷଣରେ ଏହା ଅଧିକ ସ୍ପଷ୍ଟ ହୋଇଥାଏ । ରାମଚନ୍ଦ୍ର ଛୋଟରାୟ ରଚିତ 'ହାରାବଳୀ', ଅର୍ଜୁନଙ୍କ ବିରଚିତ 'ରାମବିଭା', ପ୍ରତାପ କୃତ 'ଶଶିସେଣା', ଶିଶୁ ଶଙ୍କରଙ୍କ 'ଉଷାଭିଳାଷ', ବିଷ୍ଣୁଦାସ ରଚିତ 'ପ୍ରେମଲୋଚନା', ବିକ୍ରମଙ୍କ 'କନକଲତା', କାର୍ତ୍ତିକଙ୍କ 'ରୁକ୍ମିଣୀ ବିଭା', ରଘୁନାଥଙ୍କ 'ଲୀଳାବତୀ' ଏବଂ ସର୍ବୋପରି ସୁକବି ଧନଞ୍ଜୟଙ୍କ ରଚିତ 'ମଦନମଞ୍ଜରୀ', 'ଅନଙ୍ଗରେଖା', 'ରଘୁନାଥ ବିଳାସ' ପ୍ରଭୃତି ଉଚ୍ଚକୋଟୀର କାବ୍ୟ ଉପେନ୍ଦ୍ରଙ୍କ ଜନ୍ମ ଗ୍ରହଣ ଅବଧି ପୂର୍ବରୁ ରଚିତ ହୋଇ ଲୋକ ସମ୍ମାନ ଲାଭ କରି ସାରିଥିଲା । ଉପର୍ଯ୍ୟୁକ୍ତ କବିଗଣ ସ୍ୱୀୟ ରଚନାମାନଙ୍କରେ ଯେଉଁ ଶୈଳୀ କ୍ରମ ଓ ବର୍ଣ୍ଣନା-ବୈଚିତ୍ର୍ୟ ପ୍ରଦର୍ଶନ କରିଥିଲେ ତହିଁରେ ଉତ୍କଳରେ ଏକ ସୁପ୍ରତିଷ୍ଠିତ କାବ୍ୟ ଯୁଗର ସୂଚନା ମିଳିଥିଲା । କବିମାନେ ନିଜ ନିଜ ବର୍ଣ୍ଣନା ବୈଭବରେ ନାୟକ ନାୟିକା, ନଗର, ରାଜପଥ, ପ୍ରେମ, ବିରହ, ଉଦ୍ୟାନ, ଋତୁବିହାର ଇତ୍ୟାଦିର ସଂସ୍କୃତ କ୍ରମରେ ବର୍ଣ୍ଣନା କରିଥିଲେ ଏବଂ ଏହି ପ୍ରକାରେ ଅଳଂକାର ଶାସ୍ତ୍ର ଅନୁମୋଦିତ

ରୂପକ, ଶ୍ଳେଷ, ଯମକ, ଅନୁପ୍ରାସ, ଅର୍ଥାନ୍ତରନ୍ୟାସ ପ୍ରଭୃତି ଅଳଂକାର ଏବଂ ବିଭିନ୍ନ ବର୍ଣ୍ଣ ଛନ୍ଦୋଧର ପ୍ରୟୋଗ କରିଥିଲେ । କାଳିଦାସଙ୍କ କାବ୍ୟ ଗ୍ରନ୍ଥକରେ ଯେଉଁ ରୀତିକଥା ଓ ଅଳଂକାରର ପ୍ରୟୋଗ ଇତ୍ୟାଦି ଏହି କବିଗଣ ନିଜ ନିଜ କାବ୍ୟ ଗ୍ରନ୍ଥଗୁଡ଼ିକରେ କରିଥିଲେ ସେଗୁଡ଼ିକ ଉପେନ୍ଦ୍ର ପୂର୍ଣ୍ଣରୂପେ ଆତ୍ମସ୍ଥ କରିଥିଲେ । ମୂଳତଃ କାବ୍ୟ ସୃଷ୍ଟି ଦୃଷ୍ଟି ଭାବରେ ଉପେନ୍ଦ୍ରଙ୍କ ପ୍ରତିଭା ଓଡ଼ିଆ ସାହିତ୍ୟରେ ଅତୁଳ ହେଲେହେଁ ସେ ଯେ ଅପରର ଋଣୀ ନୁହନ୍ତି, ଏକଥା କହିବା ଧୃଷ୍ଟତା ମାତ୍ର । ପିତାମହ ଧନଞ୍ଜୟଙ୍କଠାରୁ ଆରମ୍ଭ କରି ଅନ୍ୟାନ୍ୟ ସମସ୍ତ କବିଙ୍କର କୃତିଗୁଡ଼ିକ ଯେ ତାଙ୍କର ଦୃଷ୍ଟିଗୋଚର ହୋଇଥିବ ଏହା ସମ୍ଭବ । ଉପେନ୍ଦ୍ର କାବ୍ୟ ରଚନାରେ ପୂର୍ବ କବିମାନଙ୍କଦ୍ୱାରା ପ୍ରଭାବାନ୍ୱିତ ହୋଇଥିବା ନିଶ୍ଚୟ, ଧନଞ୍ଜୟ ଓ ରଘୁନାଥଙ୍କ ରଚିତ 'ଉଷାଭିଳାଷ' 'ରତ୍ନମଞ୍ଜରୀ' ଓ 'ଲୀଳାବତୀରୁ' ସୁସ୍ପଷ୍ଟ ଜଣାପଡ଼େ । ବିଷୟବସ୍ତୁ ସଂଯୋଜନାଠାରୁ ବର୍ଣ୍ଣନାଗତ ସାମ୍ୟ ଉପେନ୍ଦ୍ରଙ୍କ କୃତିରେ ସ୍ପଷ୍ଟ । ଅଧ୍ୟାପକ ଆର୍ତ୍ତବଲ୍ଲଭ ଲାବଣ୍ୟବତୀ ମୁଖବନ୍ଧରେ ଲାବଣ୍ୟବତୀର ବିଷୟ ବସ୍ତୁ ଓ ସଂଯୋଜନାକୁ 'ରତ୍ନମଞ୍ଜରୀ' 'ଉଷାଭିଳାଷ' ସହିତ ତୁଳନା କରି ଏ ପ୍ରକାର ମତପୋଷଣ କରିଅଛନ୍ତି । ତେବେ ସାଧାରଣ ସମାଲୋଚକ ଦୃଷ୍ଟିରେ ମଧ୍ୟ ଉପେନ୍ଦ୍ରଙ୍କ ଏହି ପ୍ରଭାବର ଅବସ୍ଥା ଅଛପା ରହିପାରେ ନାହିଁ । ବୈ: ବିଳାସରେ ରାମଙ୍କର ଧୀବର ସହ କଥା ସହିତ ରଘୁନାଥ ବିଳାସରେ ରାମ ଓ ଧୀବରଙ୍କର କଥୋପକଥନ, ଉଷାଭିଳାଷରେ ଉଷାର ସ୍ୱପ୍ନଭଙ୍ଗ ଓ ଲାବଣ୍ୟବତୀରେ ଲାବଣ୍ୟବତୀର ସ୍ୱପ୍ନଭଙ୍ଗ ବର୍ଣ୍ଣନା ଏହାର ପ୍ରକୃଷ୍ଟ ଉଦାହରଣ । ମୂଳତଃ ଉପେନ୍ଦ୍ର ମୂର୍ତ୍ତିଭର ସୃଷ୍ଟି ନୁହନ୍ତି । ତାଙ୍କ ପକ୍ଷରେ ଏକ ବିରାଟ ସାହିତ୍ୟ ସାଧନାର

ପରମ୍ପରା ଥିଲା । ସେହି ବେଷ୍ଟନୀର ଅନୁକୂଳତା ଉପେନ୍ଦ୍ରଙ୍କ ସାହିତ୍ୟିକ ଜୀବନକୁ ଅଶାଜନକ ବିକଶିତ ଓ ପ୍ରସ୍ଫୁଟିତ କରିଥିଲା । ଉପେନ୍ଦ୍ରଙ୍କ କବି ଜୀବନରେ ସାର୍ଥକତା ଯେଉଁ ଆଲୋଚନାରେ ତାଙ୍କର ପୂର୍ବବର୍ତ୍ତୀ ସମସାମୟିକ ଓ ପରବର୍ତ୍ତୀ କବି ଓ ସାହିତ୍ୟର ସମୀକ୍ଷା କଲେ ସମାଲୋଚକ ଅତି ସହଜରେ କହି ପାରେ, ଉପେନ୍ଦ୍ର ଥିଲେ ଭାଗ୍ୟବାନ୍; କାରଣ ତାଙ୍କ ଉଦୟ ଥିଲା କବି ସାହିତ୍ୟ ସାଧନାର ପ୍ରାରମ୍ଭିକ ଅବସ୍ଥା । ତାଙ୍କ ସମୟରେ ସେ ପାଇଥିଲେ ଉପଯୁକ୍ତ ସାହିତ୍ୟ ସାଧନା ଏବଂ ପରକାଳରେ ତାଙ୍କ ଗୌରବ-ମଣ୍ଡିତ ସିଂହାସନରେ ଛତ୍ର ଧାରଣ କରିବାକୁ ଥିଲେ ଉପଯୁକ୍ତ ଦାୟାଦ ।

୩ । ଏହି ଯୁଗର ସାହିତ୍ୟ ସାଧନାରେ ଉପେନ୍ଦ୍ରଙ୍କ ବୈଶିଷ୍ଟ୍ୟ:—

ଓଡ଼ିଆ ସାହିତ୍ୟରେ ଗୀତଯୁଗର ସୂତ୍ରପାତ ରାମଚନ୍ଦ୍ର ଶ୍ଳୋକରାୟଙ୍କ ଠାରୁ ଆରମ୍ଭ ହୋଇ ମହାପାଣି ଯଦୁମଣିଙ୍କ କୃତରେ ସମାପ୍ତି ଲାଭ କରିଥିଲା । ଏହି ଦୀର୍ଘ ୨୦୦ ବର୍ଷ ମଧ୍ୟରେ ଏହା ଚୂଡ଼ାନ୍ତ ସୀମା ଉପେନ୍ଦ୍ରଙ୍କ କୃତରେ ସ୍ପର୍ଶ କରିଥିଲା । କାବ୍ୟ ସାହିତ୍ୟ ରଚନାରେ କବି ଉପେନ୍ଦ୍ରଙ୍କର ବୈଶିଷ୍ଟ୍ୟ ଆଲୋଚନା କରିବାକୁ ହେଲେ ଗୋଟିଏ କଥା ସ୍ମରଣ ରଖିବାକୁ ହୁଏ ଯେ, ତାଙ୍କ ବର୍ଣ୍ଣନା ଶବ୍ଦବନ୍ଧି ତାଙ୍କର ବିଶେଷତ୍ୱ । କାବ୍ୟର କଥାବସ୍ତୁ ଯେଉଁ ଧନଂଜୟ, ରଘୁନାଥ, ଲୋକନାଥ ଅଥବା ଶିଶୁଶଙ୍କରଙ୍କଠାରୁ ସେ କୌଣସି ଗୁଣରେ ନୂତନତ୍ୱ ଆନୟନରେ ସମର୍ଥ ହୋଇ ନାହାନ୍ତି । ଉପରୋକ୍ତ କବିମାନଙ୍କ କାଳ୍ପନିକ କାବ୍ୟମାନଙ୍କରେ ନାୟକ ନାୟିକାଙ୍କ ଜନ୍ମ, ଶାସ୍ତ୍ର ଅଧ୍ୟୟନ, ଯୌବନ ପ୍ରାପ୍ତି, ପ୍ରେମ, ମିଳନ, ବିରହ, ପୁନର୍ମିଳନ ଇତ୍ୟାଦିର ଯେଉଁ ବର୍ଣ୍ଣନା ଉପେନ୍ଦ୍ରଙ୍କ କାବ୍ୟଗ୍ରନ୍ଥରେ

ଦେଖାଯାଏ ତହିଁରେ ଅଧିକ କିଛି ନାହିଁ । ଯାହା କିଛି ବା ଅଛି, ତାହା ତାଙ୍କର ପ୍ରକାଶଭଙ୍ଗୀ, ଶୈଳୀ, ଅଳଙ୍କାର ପ୍ରୟୋଗରେ ସୁପ୍ରକଟିତ ବୈଶିଷ୍ଟ୍ୟ ।

ଅନ୍ୟମାନଙ୍କ ତୁଳନାରେ ଉପେନ୍ଦ୍ର ଅଧିକ ପଣ୍ଡିତ ଥିବାରୁ ସେତେବେଳେ ତାଙ୍କ କୃତିଗୁଡ଼ିକରେ ବ୍ୟାପକତା ଓ ବିଶାଳତା ପ୍ରତି ଦୃଷ୍ଟିପାତ କଲେ ଏହା ସ୍ପଷ୍ଟ ହୁଏ । ସେ ମହାକାବ୍ୟ, ପୌରାଣିକ ଓ କାଳ୍ପନିକ କାବ୍ୟ, ଜ୍ୟୋତିଷ, ସଙ୍ଗୀତ, ଅଳଙ୍କାର ଓ ଚିତ୍ରକାବ୍ୟ ରଚନା କରି ତାଙ୍କ ପ୍ରତିଭା ଓ ଜ୍ଞାନର ବିସ୍ତୃତ ପ୍ରଦର୍ଶନ କରିଅଛନ୍ତି । କାବ୍ୟଗୁଡ଼ିକରେ ତାଙ୍କ ନାୟକ ନାୟିକାମାନଙ୍କ ବର୍ଣ୍ଣନା ପ୍ରସଙ୍ଗରେ ବୋଧ, ପ୍ରକୃତିଗତ ହେବା ଅବସ୍ଥା, ମୁଗ୍ଧସଙ୍ଗ, ନର୍ତ୍ତକୀ, ମାଳୁଣୀ, ପ୍ରଭୃତିର ଅଧିକ ଯେଉଁ ସବୁ ବର୍ଣ୍ଣନା କରିଅଛନ୍ତି, ତାହାର ଜଟିଳତା ତାଙ୍କର ଅନ୍ୟତମ ବୈଶିଷ୍ଟ୍ୟ । ଶ୍ରୀହର୍ଷଙ୍କ କୀର୍ତ୍ତି ନୈଷଧରୁ ଉପାଦାନ ନେଇ ବର୍ଣ୍ଣନାରେ ସେ ନୈଷଧୀୟ ପ୍ରଣାଳୀ ଅନୁସରଣ କରିଥିଲେ । 'ଯେନ ନୈଷଧ ସଦୃଶ'—ଉପେନ୍ଦ୍ର ନୈଷଧକାରଙ୍କ ଭଳି ଏକ ଏକ ବିଷୟକୁ ନାନା ପ୍ରକାର ଉପମା, ଉତ୍ପ୍ରେକ୍ଷା ଛଳରେ ବର୍ଣ୍ଣନା କରିଅଛନ୍ତି । ବିଶେଷତଃ ନାରୀ ଅଙ୍ଗ ବର୍ଣ୍ଣନାରେ ତାହାକୁ ନାନା-ପ୍ରକାର ଚିତ୍ରିତ କରିବାରେ ସେ ଥିଲେ ଅନନ୍ୟ । ଉପେନ୍ଦ୍ର ସଂସ୍କୃତ ସାହିତ୍ୟର ଅଲଙ୍କାର ଆଲୋଚନା କରିଥିବାରୁ କାବ୍ୟର ଛତ୍ରେ ଛତ୍ରେ ତାଙ୍କର କୌଶଳ ଓ ଚତୁରତା ରଙ୍ଗ ବର୍ଣ୍ଣନାକୁ ଲଳିତ ପଦ ବର୍ଣ୍ଣବୈଚିତ୍ର୍ୟ-ମଣ୍ଡିତ କରିଅଛି । ଭଞ୍ଜଙ୍କର ଅନ୍ୟତମ ବୈଶିଷ୍ଟ୍ୟ ହେଉଛି ତାଙ୍କ କୃତିର ବିଶାଳତା ଏବଂ ଶବ୍ଦ-ପାଣ୍ଡିତ୍ୟ । ଅଭିଧାନଠାରୁ ଆରମ୍ଭ କରି କାବ୍ୟରେ ଶବ୍ଦ ପ୍ରୟୋଗ ପର୍ଯ୍ୟନ୍ତ ସମସ୍ତ ଶବ୍ଦସାଧନା ତାଙ୍କ ସାହିତ୍ୟକୁ ଦୁର୍ଗମ ପର୍ବତ ଭଳି ରଖିଛି । ଭଞ୍ଜଙ୍କର ଅନ୍ୟତମ ବୈଶିଷ୍ଟ୍ୟ ହେଉଛି ତାଙ୍କର ପବିତ୍ର ବୈବାହିକ ଜୀବନ ପ୍ରତି ଦୃଢ଼ ଆସ୍ଥାସ୍ଥାପନ ।

# ୪—ସମସାମୟିକ କବି ଓ ପରବର୍ତ୍ତୀ ଯୁଗ

ଓଡ଼ିଆ ସାହିତ୍ୟ ଇତିହାସରେ ଉପେନ୍ଦ୍ରଙ୍କ କାଳ ନିରୂପଣରେ ସେଭଳି ନିର୍ଦ୍ଦିଷ୍ଟ ସନ ବା ତାରିଖ ନିର୍ଦ୍ଧାରିତ ହୋଇ ନ ଥିଲେ ମଧ୍ୟ ତାଙ୍କୁ ଖ୍ରୀଃ ୧୬୭୦—୧୭୨୦ ମଧ୍ୟର ବ୍ୟକ୍ତି ବୋଲି ନିରୂପିତ କରିଯାଇଛି। କବି ତାଙ୍କ 'ରସଲେଖା' କାବ୍ୟର ଉପସଂହାରରେ ଲେଖିଛନ୍ତି,—"ଦିବ୍ୟସିଂହ ଗଜପତି ଅଙ୍କ ସପତ ବର୍ଷେ ଶେଷ ଦିନ ଶେଷ ଏହୁ ଗୀତ"।

ଏହି ଦିବ୍ୟସିଂହ ଦେବ ଖ୍ରୀଃ ୧୬୯୨—୧୭୧୮ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ। ଦୀନକୃଷ୍ଣ, ଭୂପତି, ବୃନ୍ଦାବତୀ ଓ ଲୋକନାଥ ବିଦ୍ୟାଧର ପ୍ରଭୃତି କବି ଏହି ସ୍ୱନାମଧନ୍ୟ ସାହିତ୍ୟସେବୀ, ଭକ୍ତପ୍ରବର ଦିବ୍ୟସିଂହଙ୍କର ରାଜତ୍ୱ କାଳରେ ଉତ୍କଳର ବିଶିଷ୍ଟ କବିମାନଙ୍କର ଆବିର୍ଭାବ ଘଟିଥିଲା। ରାଜା ଦିବ୍ୟସିଂହଙ୍କ ଅତ୍ୟାଗ୍ରହ, ନାସ୍ତିକତ୍ୱ ଦେଖି ଯେତେ କିଛି ତଥ୍ୟ ମିଳେ ସେ ସବୁ ତୁଳନାରେ ତାଙ୍କ ଜୀବନରେ କବିମାନଙ୍କ ସାହଚର୍ଯ୍ୟ ଓ ରାଜତ୍ୱରେ ଉତ୍କଳ ସାହିତ୍ୟର ଚରମ ବିକାଶହିଁ ତାଙ୍କୁ ସାହିତ୍ୟ ଇତିହାସରେ ଏତେ ସମ୍ମାନକର ସ୍ଥାନ ପ୍ରଦାନ କରିଅଛି। କବି ଉପେନ୍ଦ୍ର, ଦୀନକୃଷ୍ଣ, ବୃନ୍ଦାବତୀ, ଭୂପତି, ଲୋକନାଥ ବିଦ୍ୟାଧରଙ୍କର ସମସାମୟିକ। ଦୀନକୃଷ୍ଣ ଓଡ଼ିଆ ସାହିତ୍ୟରେ କେତେ ଜଣ,—ଏ ନେଇ ଆଜି ନାନା ମତ ପ୍ରକାଶ ପାଇଛି। କେହି ଦୁଇଜଣ ଦୁଇ ଭିନ୍ନ ଯୁଗର, କେହି ବା ଜଣେ ଏକ ଯୁଗର। ଅନ୍ୟ କେହି ସମସାମୟିକ ବୋଲି ଗ୍ରହଣ କରନ୍ତି। ଯାହାହେଉ 'ଜଗମୋହନ ଛାନ୍ଦ' ଓ 'ରସକଲ୍ଲୋଳ' ରଚୟିତା ଭକ୍ତପ୍ରବର ଦୀନକୃଷ୍ଣଙ୍କ ସହିତ ଉପେନ୍ଦ୍ରଙ୍କର ସାକ୍ଷାତ ଅବଶ୍ୟ ସ୍ମରଣୀୟ। ଜନଶ୍ରୁତି ରହିଛି, ରସକଲ୍ଲୋଳ

ରଚନା ପରେ ପୁଣି ରାଜସଭାରେ ଉପେନ୍ଦ୍ର ତାହା ଦେଖି ନାନା କାରଣ ଦେଖାଇ କବିଙ୍କୁ ଆକ୍ଷେପ କରିଥିଲେ ଏବଂ ପରବର୍ତ୍ତୀ କାଳରେ "କଳା କଉତୁକ" ରଚନା କରିଥିଲେ । ଦୀନକୃଷ୍ଣ ଉତ୍କଳର ଅଦ୍ୱିତୀୟ କବି । ତାଙ୍କ ପଦଲାଳିତ୍ୟ, ରଚନାପାଟବ ତୁଳନାରେ ଉପେନ୍ଦ୍ରଙ୍କ ଶ୍ରେଷ୍ଠତ୍ୱର ସନ୍ଦେହ ଅଛି । ଯାହାହେଉ ଏହି ଦୀନକୃଷ୍ଣ ଉପେନ୍ଦ୍ରଙ୍କ ସମସାମୟିକ । ଭୂପତି ପଣ୍ଡିତଙ୍କ ସହ ଉପେନ୍ଦ୍ରଙ୍କ ସାକ୍ଷାତ ହୋଇଥିଲା କି ନା ସନ୍ଦେହ । ତେବେ ଏହି ପଣ୍ଡିତ ରାମ ସାରସ୍ୱତ ଦିବ୍ୟସିଂହଙ୍କ ୯ମ ଅଙ୍କରେ "ପ୍ରେମ ପଞ୍ଚାମୃତ" ରଚନା କରିଥିଲେ । 'ଭକ୍ତକବି' ନାଟ୍ୟକାର ପୁଣି ଦରବାରରେ ଭୂପତିଙ୍କ ସହ ଉପେନ୍ଦ୍ରଙ୍କ ସହଜ ସାକ୍ଷାତ କରାଇଛନ୍ତି । ତାହାର ଐତିହାସିକତା ଅତି ଦୁର୍ବଳ ପରି ମନେ ହୁଏ । ବୃନ୍ଦାବତୀ ଦାସୀ ଉତ୍କଳର ପ୍ରଥମ ଏବଂ ପ୍ରଧାନ ନାରୀ କବି । ସେ ବୈଷ୍ଣବ ଥିଲେ ଓ 'ପୂର୍ଣ୍ଣତମ ଚନ୍ଦ୍ରୋଦୟ' କାବ୍ୟ ରଚନା କରି ଅଜ୍ଞ ସର୍ବାଦୌ ପ୍ରଶଂସିତ । ଏହି ନାରୀକବିଙ୍କ ବୈଷ୍ଣବୀୟ ମତବାଦ ଯେତେ ପାଠକଙ୍କୁ ଆକୃଷ୍ଟ ନ କରେ ତାଙ୍କ ଅଳଙ୍କାର ପ୍ରୟୋଗ, ଭାଷାବିନ୍ୟାସ, ଶୃଙ୍ଖଳା ଇତ୍ୟାଦିର ବ୍ୟବହାର କାବ୍ୟ ଯୁଗର କବି ରୂପେ ତାଙ୍କ ସ୍ଥାନକୁ ଅଧିକ ଦୃଢ଼ କରିଥାଏ ।

ଏହି ଯୁଗର ଅନ୍ୟତମ କବି ଲୋକନାଥ ବିଦ୍ୟାଧର ଉପେନ୍ଦ୍ରଙ୍କର ଏକପ୍ରକାର ସମକକ୍ଷ ଥିଲେ । ସେ 'ପଦ୍ମାବତୀ ପରିଣୟ', 'ବୃନ୍ଦାବନ ବିହାର', 'ସର୍ବାଙ୍ଗ ସୁନ୍ଦରୀ' ପ୍ରଭୃତି କାବ୍ୟ ରଚନା କରି-ଥିଲେ । 'ପଦ୍ମାବତୀ' ପରିଣୟରୁ ଜଣାଯାଏ ଦିବ୍ୟସିଂହ ଦେବଙ୍କ ୧୮ ଅଙ୍କ ଅର୍ଥାତ୍ ୧୭୦୫ ଖ୍ରୀ: ଅ: ରେ ସମାପ୍ତ ହୋଇଥିଲା । ମାତ୍ର ଉପେନ୍ଦ୍ରଙ୍କ ରସଲେଖା ଖ୍ରୀଷ୍ଟୀୟ ୧୭୨୧ ( ଅଙ୍କ ସପ୍ତ ବିଂଶତି ) ରେ ସମାପ୍ତ । ଲୋକନାଥ, ଉପେନ୍ଦ୍ର ଓ ଦୀନକୃଷ୍ଣଙ୍କର ସମସାମୟିକ

ହେଲେ ମଧ୍ୟ ବିଶେଷ ପ୍ରଶସ୍ତିର ସୁଯୋଗ ପାଇ ନାହାନ୍ତି । ଏହି କବିମାନେ ପରସ୍ପର ଦ୍ୱାରା ପ୍ରଭାବିତ ହୋଇଥିଲେ କି ନା କୁହା ଯାଇ ନ ପାରିଲେ ମଧ୍ୟ ସେମାନଙ୍କର କାବ୍ୟାଦର୍ଶ ପ୍ରାୟ ଏକ ପ୍ରକାର ଥିଲା । ଧର୍ମମତ ଦୃଷ୍ଟିରୁ ଉପେନ୍ଦ୍ର ଓ ଲୋକନାଥ ଉଭୟ ବୈଷ୍ଣବ; କାରଣ ସେମାନେ କୌଣସି ଏକ ଦେବ ବା ଦେବୀ ପରିବର୍ତ୍ତେ ବିଭିନ୍ନ ଦେବତାଙ୍କର ମଙ୍ଗଳା ଚରଣ କରିଅଛନ୍ତି । କାବ୍ୟର ନାୟିକାର ଗୁଣତ୍ୱ ଘେନି ଓ କାବ୍ୟର ନାମକରଣ ବିଷୟରେ ଉପେନ୍ଦ୍ର ଓ ଲୋକନାଥ ପ୍ରାୟ ସମମତବାଦୀ । ଲୋକନାଥ କହିଛନ୍ତି —

ପ୍ରସଙ୍ଗ ଆଗ ପଛ ହୋଇବ
ଯେ ଦୋଷ ନୋହିବ ହେତୁ କହିବା,
କାବ୍ୟର ନାୟିକା ଯିବା ପ୍ରଧାନ
ତାହାକୁ ଘେନି ହବୁ ଅଭିଧାନ,
ଏ ଘେନି ଅଟେ ତାର ବର୍ଣ୍ଣନା
ହେଲା ଏ କବି ପରମ୍ପରା ସିନା ।

ଉପେନ୍ଦ୍ର ଏହି କାବ୍ୟାଦର୍ଶର ପକ୍ଷପାତୀ ଥିଲେ । ଲୋକନାଥଙ୍କ ଗୁହରୋଟି ଛନ୍ଦ ରଚିତ 'ରସକଳା' କାବ୍ୟ 'ଲାବଣ୍ୟବତୀ' ସଙ୍ଗେ ତୁଳନାର ଯୋଗ୍ୟ । କାବ୍ୟଗ୍ରନ୍ଥର ନାମକରଣ ଦୃଷ୍ଟିରୁ ମଧ୍ୟ ଉଭୟ କବିଙ୍କ ତୁଳନା କରାଯାଇପାରେ । ଋତୁ ବର୍ଣ୍ଣନା ଦୃଷ୍ଟିରୁ 'ବୃନ୍ଦାବନ ବିହାର' ଭଞ୍ଜ ବର୍ଣ୍ଣନାର ସମକକ୍ଷ । ଯାହା-ହେଉ ଏ ପ୍ରକାର ତୁଳନା ଅପେକ୍ଷା କୁହାଯାଇ ପାରେ ଯେ ଉପେନ୍ଦ୍ର ଉତ୍କଳ ସାହିତ୍ୟ ଗଗନର ଶ୍ରେଷ୍ଠ ସୂର୍ଯ୍ୟ ରୂପେ ପରି-ଗଣିତ ହୋଇଥିଲେ ମଧ୍ୟ ଦୀନକୃଷ୍ଣ, ଭୂପତି, ବୃନ୍ଦାବତୀ ଓ ଲୋକନାଥ ସାଧାରଣ ସୂର୍ଯ୍ୟ ରୂପେ ଦେଦୀପ୍ୟମାନ ଥିଲେ । ଏହି

ଉପେନ୍ଦ୍ର, ଏମାନଙ୍କ ମଧ୍ୟରୁ କାହା ଦ୍ୱାରା କେତେ ପ୍ରଭାବିତ ହୋଇଥିଲେ ବା କାହାକୁ କେତେ ପ୍ରଭାବିତ କରି ପାରିଥିଲେ ତାହା କହି ହେବ ନାହିଁ । ମାତ୍ର ଏଥିରୁ ଏତିକି ସୁସ୍ପଷ୍ଟ ଯେ ଉପେନ୍ଦ୍ର ଯେଉଁ ସୁଦୃଢ଼ ଭିତ୍ତି ଉପରେ ଦଣ୍ଡାୟମାନ ଥିଲେ ତାହା ଅନ୍ୟ କେତେକଙ୍କୁ ମଧ୍ୟ ଉପେନ୍ଦ୍ରଙ୍କ ସମକକ୍ଷ ରୂପେ ଗଠନ କରି ପାରିଥିଲା । ମାତ୍ର ଉପେନ୍ଦ୍ରଙ୍କ ତିରୋଧାନରେ ମଧ୍ୟ ରୀତିକବିର ଆଦର୍ଶ ଅକ୍ଷୁର୍ଣ୍ଣ ରହି ପାରିଥିଲା । ସେତେବେଳ ଧରି ଅଭିମନ୍ୟୁ, ଭକ୍ତଚରଣ, ଯଦୁମଣି, ଗୋପାଳ କୃଷ୍ଣ ଓ କବିସୂର୍ଯ୍ୟଙ୍କ ପର୍ଯ୍ୟନ୍ତ ସମସ୍ତ କବି କାବ୍ୟ ଯୁଗର ସାଧନା ପରଂପରାରେ ବ୍ୟାଘାତ ସୃଷ୍ଟି ନ କରି ବିକାଶ ସାଧନରେ ପ୍ରଯତ୍ନ କରିଥିଲେ । ମାତ୍ର ଏହି ସାଧନାର ଏକମାତ୍ର ବିଶେଷତ୍ୱ ହେଉଛି ଦୃଢ଼ ଧର୍ମମତ । ଉପେନ୍ଦ୍ର ତାଙ୍କର ପ୍ରତିଭା ଓ ବୈଷ୍ଣବୀ ହେଲେ କୌଣସି ନିର୍ଦ୍ଦିଷ୍ଟ ଧର୍ମର ଅନୁସରଣ ନ କରି ରାଜ ପରିବାରର ପ୍ରେମ, ବିରହ ଚିତ୍ରଣରେ ବ୍ୟସ୍ତ ଥିଲେ । ତାଙ୍କ ରଚିତ 'ବୈଦେହୀଶ ବିଳାସ' 'କଳା କଉତୁକ', 'ରସ ଭୂଷଣ' ଓ 'ରାମଲୀଳାମୃତ', 'ସୁଭଦ୍ରା ପରିଣୟ' ପ୍ରଭୃତି ପୌରାଣିକ କାବ୍ୟଗୁଡ଼ିକ ପରିହାର କଲେ ସମସ୍ତ କାଳ୍ପନିକ କାବ୍ୟରେ ସେ ମାନବ ଜୀବନର ପ୍ରେମ ସାଧନା ଓ ଅଭିଜ୍ଞତା ମଧ୍ୟରେ ଲୌକିକତାର ବର୍ଣ୍ଣନା କରିଥିଲେ । ମାତ୍ର ଯଦୁମଣିଙ୍କ ବ୍ୟତୀତ ବ୍ରଜନାଥ ସମେତ ପରବର୍ତ୍ତୀ କବିମାନେ ଜନପ୍ରିୟ ରାଧାକୃଷ୍ଣଙ୍କର ପ୍ରେମ, ମିଳନ, ବିରହର ବର୍ଣ୍ଣନା ଛଳରେ କାବ୍ୟ ସଙ୍ଗୀତ ପଦ ରଚନା କଲେ । ପରିଣାମରେ କାବ୍ୟାଦର୍ଶ, ବର୍ଣ୍ଣନା ପ୍ରସ୍ତାବ, ଅଳଙ୍କାର ବିନ୍ୟାସ, ଶବ୍ଦ ପ୍ରୟୋଗ, ପ୍ରକାଶ ଭଙ୍ଗୀ ସମସ୍ତ ଉପେନ୍ଦ୍ର କାବ୍ୟ ସାହିତ୍ୟର ଅନୁକରଣରେ ହେଲେ ମଧ୍ୟ ତହିଁରେ ଯେ ଲୋକୋତ୍ତର ଚରିତ୍ର 'ରାଧାକୃଷ୍ଣ'ଙ୍କର ସମାବେଶ

ତାହା ପୂର୍ବ ମାଧୁର୍ଯ୍ୟ ହରାଇ ଅଧିକାଂଶ ତହିଁରେ ଭକ୍ତିଭାବର ମିଶ୍ରଣ ହେଲା । ପରିଣାମରେ ରସାସ୍ୱାଦନରେ ବ୍ୟାଘାତ ଘଟିଲା । ଅବଶ୍ୟ ଗୋପାଳକୃଷ୍ଣ ଓ ଅଭିମନ୍ୟୁଙ୍କ ରଚନାରେ ପ୍ରେମ, ବାତ୍ସଲ୍ୟ ଓ ବିରହ ବର୍ଣ୍ଣନାରେ ବାସ୍ତବତା ଓ ମୌଳିକତା ସ୍ଥାନେ ସ୍ଥାନେ ଏତେ ଅଧିକ ଯେ ଉପେନ୍ଦ୍ର ଜଣେ ଅଧୁନାତନ କବି ମଧ୍ୟ ତାଙ୍କ ନିକଟରେ ପରାଭୂତ ହେବେ । ତଥାପି ଉପେନ୍ଦ୍ରଙ୍କ ପରବର୍ତ୍ତୀ ସାହିତ୍ୟ ସାଧକମାନେ କେବଳ ଅନୁକରଣକାରୀ ନ ଥିଲେ । ନିଜ ନିଜର ମୌଳିକ ପ୍ରତିଭା ଓ ଚିନ୍ତାଧାରା ଘେନି ସେମାନେ ଯେଉଁ ଧାରା ସୃଷ୍ଟି କରି ଯାଇଛନ୍ତି ସେଥିରେ ଧର୍ମଗତ ବିଷୟ-ବସ୍ତୁ ବୈଷମ୍ୟ ଯାହା ଥାଉନା କାହିଁକି ବର୍ଣ୍ଣନାପ୍ରଣାଳୀ, ରଚନାପାଟବ, କଳା କୌଶଳ, ଛନ୍ଦ ଏବଂ ଭାବ୍ୟାଦର୍ଶ ଦୃଷ୍ଟିରୁ ସେମାନେ ଉପେନ୍ଦ୍ରଙ୍କ ଦ୍ୱାରା ଅନେକାଂଶେ ପ୍ରଭାବିତ ।

ଅଭିମନ୍ୟୁଙ୍କ ଭଳି [illegible] କବି ମଧ୍ୟ ନିଜେ ଉପେନ୍ଦ୍ରଙ୍କୁ ଭାବଗୁରୁ ରୂପେ ସ୍ୱୀକାର କରିଛନ୍ତି । ଉପେନ୍ଦ୍ର ଅପରର ପ୍ରଭାବରେ ଗାଇନ୍ତି ସତ୍ୟ ହେଲେହେଁ ନିଜସ୍ୱ ସାଧନାରେ ସିଦ୍ଧିମନ୍ତ, ସ୍ୱୀୟ ଔଜ୍ଜ୍ୱଲ୍ୟରେ ଭବିଷ୍ୟତ କବିମାନଙ୍କୁ ପ୍ରଭାବିତ କରି ଯାଇଛନ୍ତି । ବର୍ତ୍ତମାନ ଯୁଗରେ ମଧ୍ୟ ତାଙ୍କର ଅନୁକରଣକାରୀ ରହିଛନ୍ତି । ଇନ୍ଦୁରେଖାର ରଚୟିତା ଗୋଲକ ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ । ଓଡ଼ିଆ ସାହିତ୍ୟ ପୃଷ୍ଠାରେ ବିଦେଶୀ ଶାସନ କାଳରେ ଦୀର୍ଘ ଦୁଇ ଶତାବ୍ଦୀ ଧରି ଯେଉଁ କାବ୍ୟଯୁଗର ସାଧନା ଚାଲି ଆସିଥିଲା ତହିଁ ମଧ୍ୟରେ ଉପେନ୍ଦ୍ରଙ୍କୁ ଅଲୌକିକ ବର୍ତ୍ତିକା ରୂପେ ଗ୍ରହଣ କରାଯିବାରେ କାହାରି ଆପତ୍ତି ନାହିଁ । ମାତ୍ର ଉପେନ୍ଦ୍ର ମଧ୍ୟ ଅନ୍ୟର ସାଧନାରେ ପୁଷ୍ଟ । ପିତାମହ ଧନଂଜୟଙ୍କଠାରୁ ପ୍ରେରଣା ପାଇ ତାଙ୍କର ନୈସର୍ଗିକ କବି ପ୍ରତିଭା ଯେତେବେଳେ ଉଦ୍ଭାସିତ ହୋଇ ତାଙ୍କ ସାଧନା-

ପଥରେ ଅଗ୍ରଗାମୀ ହୋଇଥିଲେ, ସେତେବେଳେ ସାହିତ୍ୟ ରାଜ୍ୟରେ ଲୋକନାଥ, ଦୀନକୃଷ୍ଣ ଭୂପତିଙ୍କ ସହ ତାଙ୍କର ମିଳନ । ସାଧନାର ସମାପ୍ତିରେ ସାଧନା ପୀଠର ସମୁଚିତ ଦାୟାଦ ପ୍ରାପ୍ତିରେ ମଧ୍ୟ ତାଙ୍କର କୌଣସି ଅଭାବ ଘଟି ନ ଥିଲା । ତାଙ୍କ ରୋପିତ ବୃକ୍ଷରେ ପରବର୍ତ୍ତୀ କାଳରେ ଜଳସେଚନ କରିବା ନିମନ୍ତେ ଯଥେଷ୍ଟ ଅନୁଚର ମଧ୍ୟ ରହିଥିଲେ । ଏହି ଦୃଷ୍ଟିରେ ସମାଲୋଚକମାନେ ଆମର କାବ୍ୟ ସୂତ୍ରକୁ ରାମଚନ୍ଦ୍ର ଶ୍ଳୋକରାୟଙ୍କଠାରୁ ଉପେନ୍ଦ୍ର ଏବଂ ଉପେନ୍ଦ୍ରଙ୍କଠାରୁ ଯଦୁମଣିଙ୍କ ପର୍ଯ୍ୟନ୍ତ ଦୃଢ଼ଭାବରେ ବିଭକ୍ତ କରି ଉପେନ୍ଦ୍ରଙ୍କୁ ମଧ୍ୟ ବିନ୍ଦୁ ଓ ଯୁଗପଥରେ ଆଲୋକ ସ୍ତମ୍ଭରୂପେ ପ୍ରତିଷ୍ଠାପିତ କରିଛନ୍ତି । ଅନ୍ୟ କେତେ ଲୋକ ମଧ୍ୟ ଉପେନ୍ଦ୍ରଙ୍କ ପରବର୍ତ୍ତୀ ଦୀନକୃଷ୍ଣଙ୍କୁ ଏହି ସ୍ଥାନର ଅଧିକାରୀ ରୂପେ ଗ୍ରହଣ କରନ୍ତି । ଭଞ୍ଜଯୁଗ ନାମରେ ଉପେନ୍ଦ୍ରଙ୍କ ଯୁଗକୁ ସ୍ଥାପିତ କରାଯାଇଥିବାରୁ କାବ୍ୟର ରୀତି ପ୍ରକରଣର ସ୍ତମ୍ଭ ଓ ଆଳଙ୍କାରିକ-ମାନଙ୍କ ମତ ଉଟ୍ଟଙ୍କଣ କରାଯାଇ ପାରେ ।

## ୫—ଉପେନ୍ଦ୍ରଙ୍କ ରଚିତ କେତେକ ଚରିତ କାବ୍ୟର ସଂକ୍ଷିପ୍ତ ସମାଲୋଚନା

### ରସିକ ହାରାବଳୀ

କବିଙ୍କର କାବ୍ୟଜୀବନ ରଚନାର ଏହା ପ୍ରଥମ ସୋପାନ ବୋଲି ପ୍ରତୀତ ହୁଏ । ଉପେନ୍ଦ୍ର କୃତ ସମସ୍ତ କାଳ୍ପନିକ ଓ ପୌରାଣିକ କାବ୍ୟମାନଙ୍କ ମଧ୍ୟରେ 'ସୁବର୍ଣ୍ଣରେଖା' ଓ 'ରସିକ ହାରାବଳୀ' ଭାଷା ଅତି ସରଳ । ଏହି କାବ୍ୟ ଦ୍ୱୟରେ କବି ଅତ୍ୟଧିକ ଅପ୍ରଚଳିତ ଅଳଙ୍କାର ଶବ୍ଦାଦିର ବ୍ୟବହାର କରି ନାହାନ୍ତି ।

ବିଷୟ ବସ୍ତୁ :— କାବ୍ୟର ୧୬ଟି ଯାକ ଛାନ୍ଦରେ କବି ଏକ ପ୍ରେମ ପ୍ରସଙ୍ଗ ବର୍ଣ୍ଣନା କରିଛନ୍ତି । ମଳୟ ପର୍ବତରେ କୌଣସି ଏକ ବିଦ୍ୟାଧର ଶାପଗ୍ରସ୍ତ ହୋଇ ସସ୍ତ୍ରୀକ ପୁରୁଷୋତ୍ତମ କ୍ଷେତ୍ରରେ ଜନ୍ମ ଗ୍ରହଣ କଲା । ତାର ସ୍ତ୍ରୀ ସୁନ୍ଦରୀ କନ୍ୟା ପ୍ରାପ୍ତି ଆଶାରେ ବିମଳାଙ୍କୁ ସେବା କରିବାରୁ ଗୋଟିଏ ଅତି ରୂପବତୀ କନ୍ୟା ପ୍ରାପ୍ତ ହେଲା । ସେ କନ୍ୟାର ସୌନ୍ଦର୍ଯ୍ୟ ବର୍ଣ୍ଣନାରେ କବି ପରମ୍ପରା ଅନୁସରଣ କରି ତାର ଅଙ୍ଗକୁ ନାନା ପ୍ରକାର ଉତ୍ପ୍ରେକ୍ଷା, ରୂପକ ଓ ଉପମା ଅଳଙ୍କାର ସାହାଯ୍ୟରେ ବର୍ଣ୍ଣନା କରି ସେ କନ୍ୟା ରସିକମାନଙ୍କର ହାର ସଦୃଶ ବୋଲି କଳନା କରି ତାର ନାମ 'ରସିକ ହାରାବଳୀ' ରଖିଲେ ଏବଂ ତଦନୁଯାୟୀ କାବ୍ୟର ନାମକରଣ କଲେ । ଏ ପ୍ରସଙ୍ଗରେ ଏକ ପ୍ରଭାତ ପର୍ଯ୍ୟାୟରେ ଆଲୋଚନା କରିବାର ବାସନା ରହିଲା । ଏହି ସୁନ୍ଦରୀ କନ୍ୟାର ରୂପଗରିମା ଶ୍ରବଣରେ କୋଶଳ ରାଜପୁତ୍ର ତା ସହିତ ବିହାର ଅଭିଳାଷ କଲେ । ସେ ତାହା ଏକ ବୃଦ୍ଧାଙ୍କଠାରୁ ଶ୍ରବଣ କଲା ଏବଂ ସୈନ୍ୟ ସାମନ୍ତ ଭବନରେ ଚନ୍ଦନ ଯାତ୍ରା ଦେଖିବା ଛଳନାରେ ସଦଳ ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା କଲା ।

ଯାତ୍ରା ଦର୍ଶନାନ୍ତେ ଫେରିବା ଅବସ୍ଥାରେ କୋଶଳ-ପଣ୍ଡିତା ରସିକ ହାରାବଳୀକୁ ଦେଖି ତାର ହୃଦୟରେ ପ୍ରଥମ ଅନୁରାଗ ସୃଷ୍ଟି ହେଲା । ନାୟିକା ହୃଦୟ ମଧ୍ୟ ସେ ସମୟରେ ଯୁବକ ପ୍ରତି ଆକୃଷ୍ଟ ହୋଇଥିଲା । ତାପରେ ପୁରୋହିତ ଦ୍ୱାରା ବିବାହ ପ୍ରସ୍ତାବ ଉତ୍ଥାପନ ଏବଂ ବିବାହ । ଏହି ବିବାହ ବର୍ଣ୍ଣନା ଓ ସେକାଳର ନାୟକ ନାୟିକାଙ୍କ ମନୋବୃତ୍ତି ବର୍ଣ୍ଣନାରେ କବିଙ୍କର ନୈପୁଣ୍ୟ ଅଧିକ । ବିବାହ ପରେ ମଧୁଶଯ୍ୟା ଓ ନବଦମ୍ପତିଙ୍କ ଏକାନ୍ତ କ୍ରୀଡ଼ା ପ୍ରସଙ୍ଗରେ କବି ନିଜ ବର୍ଣ୍ଣନାକୁ ଯଥେଷ୍ଟ ମତେଇ ନ କରି

କବିଚନ୍ଦ୍ର—

ବାତ୍ସାୟନ ଋଷିଙ୍କ ଯେ ଏ ରସ ଗୋଚର,
ଗୀତେ କହେ କବିଇନ୍ଦ୍ର ଭଞ୍ଜ ବୀରବର ।

ଭଞ୍ଜୀୟ କାଳୀନ କାବ୍ୟମାନଙ୍କରେ ମିଳନ ପରେ ବିବାହ ବର୍ଣ୍ଣନା ଏକ ପରମ୍ପରା ଅନ୍ତର୍ଭୁକ୍ତ । ତେଣୁ କବି ଅସୁର ଦଳନ ଛଳରେ ପିତୃ ଆଦେଶ ଦ୍ୱାରା ରାଜପୁତ୍ରର କୋଳାବୃତ୍ତ ଖଣ୍ଡ ଗମନର ବର୍ଣ୍ଣନା କରିଛନ୍ତି ଏବଂ ସେଠାରେ ଏକବର୍ଷ (ଅର୍ଥାତ୍ ଷଡ଼ଋତୁ) ଅତିବାହିତ ହେବାପରେ ସ୍ୱଦେଶ ଆଗମନ ଓ ପୁନର୍ମିଳନ । ବିଦେଶରେ ରହିବା ଅବସ୍ଥାରେ ନାୟକର ବାଉଳ ରହୁରେ ଅନୁଚିନ୍ତା ଓ ଆବାସରେ ନାୟିକାର ମଧ୍ୟ ଚିନ୍ତାର ବର୍ଣ୍ଣନା ।

ବର୍ଣ୍ଣନା :— କାବ୍ୟର ପ୍ରଥମ ଛାନ୍ଦରେ କବି ଅର୍ଣ୍ଣିନ ମଙ୍ଗଳୀୟ ବିଧାନରେ ପୁରୁଷୋତ୍ତମ କ୍ଷେତ୍ର ଓ ଜଗନ୍ନାଥଙ୍କର ବର୍ଣ୍ଣନା କରି କଥାବସ୍ତୁର ଆରମ୍ଭ କରିଛନ୍ତି ଏବଂ କାବ୍ୟ ରଚନାରେ ତାଙ୍କର ଆଦର୍ଶ ଦେଲେ କବିଚନ୍ଦ୍ର—

"ଶୃଙ୍ଗାର କରିବ ଉତ୍ତର ଛାନ୍ଦ ଗୀତ
ରସ ସାର ଶୃଙ୍ଗାର ତହିଁରେ ହେବ ଯୁକ୍ତ ।
ଅନୁଭବରୁ ଧ୍ୱନିଯାତ ମାନସ ରଚନ
ଶୁଣି ସୁରସିକମାନେ ହୋଇବେ ସୁମନ ।"

ନାୟିକାର ରୂପ ବର୍ଣ୍ଣନାରେ ଉପମେୟ-ସାଗର ମନ୍ଥନରେ କବି ଥିଲେ ଅଦ୍ୱିତୀୟ । ଏ ବର୍ଣ୍ଣନା ତାଙ୍କ ସମସ୍ତ ନାୟିକାଙ୍କ ପ୍ରତି ପ୍ରଯୁଜ୍ୟ । ଚନ୍ଦ୍ରରୁ ଆହ୍ଲାଦ, ଦର୍ପଣରୁ ଉଜ୍ଜ୍ୱଳ, ଖଞ୍ଜନ ଠାରୁ ଚଞ୍ଚଳ, ଜଳଦରୁ କଜ୍ଜଳତା, ଭ୍ରମରର କୋମଳ କୁଟିଳତା ପ୍ରଭୃତି ଉପାଦାନରେ ସେ ଅପରୂପ ଲାବଣ୍ୟମୟୀ ନାୟିକାର ଦେହ ଗଠନ ।

କବି କହନ୍ତି—

"ଯେଉଁ ଅଙ୍ଗକୁ ଉପମା ଯେଉଁ ଦ୍ରବ୍ୟ ହୋଇ
ତହୁଁ ସାର ନେଇଛି ସେ ତନୁ କଲା ବିହି"

ନାୟିକା ଅଙ୍ଗକୁ ଲାବଣ୍ୟବତୀ ୫ମ ଛାନ୍ଦ ୭ । ୮ ପଦ ଭଳି ରଥ ପ୍ରନଷ୍ଟ ଧାର ଅଙ୍ଗ ଦେଶକୁ ଲଜ୍ଜା ମହୀପତିକୁ ଦେଇ ଯୌବନରାଜା ଅଧିକାର କରିବାରୁ ଶତ୍ରୁଙ୍କ ପ୍ରାଣମାନେ ଶାନ୍ତି ପ୍ରାପ୍ତ ହେଲେ । ଅଦ୍ଭୁତ ମଧ୍ୟ " ବାହୁ ଦ୍ୱୈତ ମୃଣାଳ-ମାସ୍ୟକମଳମ" ଅନୁକରଣରେ ନାୟିକାକୁ ସରୋବର ସଙ୍ଗେ ତୁଳନା କରାଯାଇଛି । ଷଷ୍ଠ ଛାନ୍ଦରେ କବି ସ୍ୱଦେଶ ବୃତ୍ତରେ ପୁରୁଷୋତ୍ତମରେ ଚନ୍ଦନ ଯାତ୍ରାର ବର୍ଣ୍ଣନା କରିଛନ୍ତି । ବର୍ଣ୍ଣନାଂଶଟି ଏଠାରେ ଏତେ ସରଳ ଓ ବାସ୍ତବ ଯେ ତାହା କବି ପ୍ରତିଭାର ସମୁଜ୍ଜ୍ୱଳ ଉତ୍କର୍ଷ ଭଳି ମନେ ହୁଏ । ପଞ୍ଚମ ଛାନ୍ଦରେ କବି ନବାନ୍ନ ଧର୍ମର ଏକ ଶୃଙ୍ଖଳାପୂର୍ଣ୍ଣ ବର୍ଣ୍ଣନା କରିଛନ୍ତି—

ଯଥାବିଧି ଧର୍ମକୁ ସାଧିଲେ ପୁରୋହିତ
କର୍ପୂରର ଅମ୍ବୁ ତୋଳିବା ହେଲେ କନ୍ୟାଜାତ ।
ଶଙ୍ଖ ଓ କାହାଳୀ ସମକଣ୍ଠ ତୋଷି ଗୃହି
କୁଳେ ନକ୍ଷତ୍ର ପାଇଲି ସମାନ ହେଲି ନାହିଁ ।
ଲାଜ ହୋମ ନ କଲେଟି ଦହିଲେ ଲଜ୍ଜାକୁ
ମନ୍ଦୁଣ୍ଡଯା ସଦନେ କରିବାକୁ ତ୍ୟାଜ୍ୟାକୁ ।
ହରଜକୁ ବଳି ହେବ ବୋଲି ଏହା ଜଳି
ନାରିକେଳ ଫଳକୁ ଅନଳେ ଦେଲେ ଜାଳି ।
କନ୍ଦର୍ପ ଲୋଚନର ଶୋଭାକରେ ଶ୍ରେଷ୍ଠ
ଭୁଶେ ବାନ୍ଧି ଦଣ୍ଡଦେଲେ ଭୂଷଣରେ ଶତ୍ରୁର ।

ଭାଷ୍ୟଟିରେ ବର୍ଣ୍ଣନାର କ୍ରମ ସୁନ୍ଦର ରହିଛି, କେଉଁଠି କେଳେ ବିଷମ ନାହିଁ ।

ମନ୍ତବ୍ୟ—

ଏହି କାବ୍ୟଟିର ସାରଲ୍ୟ ଦେଖି ଯୁକ୍ତିର ଅବକାଶ ନାହିଁ । କାବ୍ୟର ଉପଯୁକ୍ତ ଯେପରି ବାଧାହୀନ ଭାବରେ ଗତିଶୀଳ, ସେହିପରି ପରଂପରା ଅନୁରୋଧରେ ବିପ୍ରଲମ୍ଭ ଶୃଙ୍ଗାର ବର୍ଣ୍ଣନାରେ କବି ଉର୍ହିରେ ଅନାହତ ଭାବରେ ଉପଯୁକ୍ତ ସହ ଖାପ ନ ଖାଇବା ଭଳି ପରିବେଶ ସୃଷ୍ଟି କରିଅଛନ୍ତି । କାବ୍ୟଟିରେ ଜଳାବୃଷ୍ଟି ଖଣ୍ଡର ଯେ ବର୍ଣ୍ଣନା ରହିଛି, କବିଙ୍କ ପାଣ୍ଡିତ୍ୟର ତାହା ଯଥେଷ୍ଟ ପରିଚୟ ଦେଉଛି । ଏ ବର୍ଣ୍ଣନା 'ସୁଭଦ୍ରା ପରିଣୟ'ର ରୈବତ ବର୍ଣ୍ଣନା ସଙ୍ଗେ ତୁଳନୀୟ । ମନସ୍ତତ୍ତ୍ୱ ଚିତ୍ରଣ ଦୃଷ୍ଟିରୁ ନିଷ୍ଠୁର ଦୈବୀଭାବର ସ୍ଥାନ ଅତ୍ୟଧିକ । ଦୈହିକ ପ୍ରେମର ଆକର୍ଷଣ ଏ କାବ୍ୟରେ କମ୍ ନାହିଁ । ନାୟିକା ଅବଳା ହେତୁ ନାୟକଙ୍କର ପ୍ରବାସରେ ଅନ୍ୟ ପୁରୁଷ ଗ୍ରହଣ ଆଶଙ୍କା ମଧ୍ୟ ଏଥିରେ ରହିଛି । ଏହା ସ୍ୱାଭାବିକ ହୋଇପାରେ । ହେଲେହେଁ, ଏଥିରେ ପ୍ରେମର ଗୋଟିଏ ଏକଚାଟିଆ ଅଧିକାର ଉଣା । ରତି ବର୍ଣ୍ଣନା ମଧ୍ୟରେ ପ୍ରକୃତି ଗୌଣ ସ୍ଥାନ ଅଧିକାର କରିଥିବା ଭଳି ମନେ ହୁଏ । କାରଣ ବିରହୋତ୍କଣ୍ଠିତା ନାୟିକା ଓ ନାୟକଙ୍କର ଅଶ୍ରୁ ଅସାରରେ ତାହା ସବୁବେଳେ ଆର୍ଦ୍ର ।

## ପ୍ରେମ ସୁଧାନିଧି

କଥାବସ୍ତୁ—କୋଶଳ ଦେଶର ରାଜା ସ୍ୱୀୟ ପୁତ୍ରର ଅନୁରୂପ ପାତ୍ରୀ ନ ପାଇ କନ୍ୟା ଅନ୍ୱେଷଣ ଲକ୍ଷ୍ୟରେ ପୁତ୍ରର ଚିତ୍ରପଟକୁ ବିଭିନ୍ନ ଦେଶରେ ବୁଲାଇଲେ । କୁନ୍ତଳ, ଗୌଳ, ସିନ୍ଧୁ, ମଗଧ ପ୍ରଭୃତି ଭିନ୍ନ ଭିନ୍ନ ଦେଶରେ ଭ୍ରମଣ କରି ପାତ୍ରମାନେ କେରଳ ଦେଶ ରାଜା କନର୍କ୍ଷିତଙ୍କର କନ୍ୟା ପ୍ରେମ ସୁଧାନିଧିକୁ ସ୍ଥିର କଲେ । କନ୍ୟାର ଉପଯୁକ୍ତ ପାତ୍ର ପାଇଁ କନ୍ୟାପିତା ମଧ୍ୟ ଚିନ୍ତିତ ଥିଲେ । ସେ କନ୍ୟାର

ସୌନ୍ଦର୍ଯ୍ୟ ଏପରି ଯେ ତାକୁ ଶିବ ବିଷ୍ଣୁ ପ୍ରଭୃତି ମହତ ଦେବତାମାନଙ୍କ ମଧ୍ୟରୁ କାହାକୁ ଅର୍ପଣ କରିବେ ସ୍ଥିର କରି ନ ପାରି ଚିନ୍ତିତ ଥିଲେ । ଏହି କାଳରେ କୋଶଳ ରାଜପୁତ୍ରର ଚିତ୍ରପଟ ଦେଖି ସେ ଦମ୍ପତିର ଅନୁକୂଳ ମତ ପୋଷଣ କଲେ ଓ ନିଜ କନ୍ୟାର ଚିତ୍ରପଟକୁ ଦୂତମାନଙ୍କ ହସ୍ତରେ କୋଶଳକୁ ପ୍ରେରଣ କଲେ । ତାପରେ ଜ୍ୟୋତିଷ ମତରେ ଜାତକ ଇତ୍ୟାଦି ମିଳାଗଲା । ବିବାହ ସ୍ଥିର ହେବାରୁ କୋଶଳରାଜା ସୈନ୍ୟ ସାମନ୍ତ ସେନା ବେଷ୍ଟନରେ ପ୍ରବେଶ କଲେ । ରାଜପୁତ୍ର ଓ ପ୍ରେମ ସୁଧାନିଧିର ବିବାହ ଅନ୍ତେ ପୁନଶ୍ଚ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲେ । ସ୍ୱରାଜ୍ୟରେ ରାଜପୁତ୍ର ଦାସୀକୁ ପ୍ରେମ ସୁଧାନିଧି-ସମ୍ପର୍କରେ ପ୍ରଶ୍ନ କରିଅଛନ୍ତି ଓ ଦାସୀ କନ୍ୟାର ରୂପ ଲାବଣ୍ୟର ବର୍ଣ୍ଣନା କରୁଛି । ସ୍ମରଣ ରଖିବାକୁ ହେବ ଯେ ପ୍ରେମସୁଧାନିଧି ବିବାହ ସମୟରେ ମଧ୍ୟ ଯୌବନ ପ୍ରାପ୍ତ ହୋଇ ନ ଥିଲା । ଶ୍ୱଶୁରାଳୟରେ ତାର ଋତୁବତୀ ହେବା ଓ ନାୟକ ସାହାଚର୍ଯ୍ୟ ଲାଭ କରିବାର କିଛି ଦିନ ପରେ ପିତୃ ଆଦେଶରେ ରାଜପୁତ୍ରର ମାଳବ ଦେଶ ଗମନ ଓ ଏକବର୍ଷ ବିଦେଶରେ ରହିବା । ଏହି କାଳରେ ବିଦେଶରେ ନାୟକ ଓ ଗୃହରେ ନାୟିକାର ଅନୁଚିନ୍ତା ଛାନ୍ଦରେ ଋତୁବର୍ଣ୍ଣନ । ନାୟକର ନାୟିକା ନିକଟକୁ ପତ୍ର ଲିଖନ, ଅନୁନୟ ଏବଂ ଶେଷରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଓ ମିଳନ ।

ମନ୍ତବ୍ୟ—

ଏହି କାବ୍ୟଟି ଭଞ୍ଜୀୟ ରଚନାର ଶ୍ରେଷ୍ଠ ଅବଦାନ ମଧ୍ୟରୁ ଅନ୍ୟତମ । କାଳ୍ପନିକ କାବ୍ୟ ଧାରାରେ ଏଥିରେ କୌଣସି ନୂତନତ୍ୱ ନାହିଁ । ବିଷୟବସ୍ତୁ, ବର୍ଣ୍ଣନା ଓ ପ୍ରକାଶନଭଙ୍ଗୀ ସାମ୍ୟ ଭାବରେ ପ୍ରତ୍ୟେକ କାବ୍ୟରେ ରହିଅଛି । କାବ୍ୟଟି ୧୬ଟି ଛାନ୍ଦରେ ରଚିତ ଏବଂ ପ୍ରତ୍ୟେକ ଛାନ୍ଦ କୋଡ଼ିଏ କୋଡ଼ିଏ ପଦରେ ଅଳଙ୍କାର

ସାହାଯ୍ୟରେ ରଚିତ । କାବ୍ୟର ପ୍ରାରମ୍ଭରେ ରାମଚନ୍ଦ୍ରଙ୍କ ସ୍ତୁତି ଓ ମଙ୍ଗଳାଚରଣ ପରେ କଥାବସ୍ତୁର ଅବତାରଣା ରହିଅଛି ।

ଅନ୍ୟାନ୍ୟ ରଚନାଭଳି ଏଥିରେ ମଧ୍ୟ ଉପେନ୍ଦ୍ର ହଠାତ୍ ନାୟିକାର ରୂପଗୁଣ ବର୍ଣ୍ଣନାରେ ବ୍ୟାପୃତ । କନ୍ୟାର ଜନ୍ମବୃତ୍ତାନ୍ତ ଭେନ କୌଣସି ଆଶ୍ଚର୍ଯ୍ୟ ଶାର୍ଦ୍ଦେରେ ସୂଚନା ନାହିଁ । ଏହି କାବ୍ୟରେ ବର୍ଣ୍ଣନା ଅପେକ୍ଷାକୃତ ଚଞ୍ଚଳ, ଯାହାକୁ ଆମେ Rapidity in narration ରୂପେ ଜ୍ଞାପନ କରୁ ।

ପ୍ରେମିକାର ନେତ୍ର ବର୍ଣ୍ଣନାରେ କବି ସମଗ୍ର ୨ୟ ଛାନ୍ଦଟି ବ୍ୟୟ କରିଛନ୍ତି । ଏହାଦ୍ୱାରା ସାହିତ୍ୟିକ କଳାର ଅପଘାତ କଲାପରି ମନେ ହୁଏ ଏବଂ ଏହା ପାଠକର ବିରକ୍ତିର କାରଣ ହୋଇ ପଡ଼େ । ୩ୟ ଛାନ୍ଦରେ କବି ନାୟକର ଭାବୀ-ସମ୍ଭୋଗ-ତୃଷ୍ଣାଜନିତ ମାଦକତାକୁ ଅନୁଚିନ୍ତାର ଚିତ୍ର ପ୍ରଦାନ କରିଅଛନ୍ତି । ବିବାହ ପରେ ରାଜପୁତ୍ରର ଭାବୀ-ମିଳନ କଳ୍ପନାରେ ଯେ ସାଧାରଣ ଜୈବିକ ପ୍ରବୃତ୍ତି ଅଭିପ୍ରକାଶ କରିଅଛି, ତାହା ସ୍ୱାଭାବିକ ହେଲେ ମଧ୍ୟ ମାତ୍ରାଧିକ୍ୟ ଘଟିଛି । ସମ୍ଭୋଗ ଶୃଙ୍ଗାରର ଏକ ନଗ୍ନ କଳ୍ପିତ ଚିତ୍ର ଏଠାରେ ଅଛି । ୪ର୍ଥ ଛାନ୍ଦରେ ଅଭୂତୋପମା ସାହାଯ୍ୟରେ ପ୍ରେମ ସୁଧାନିଧିର ଯୌବନ ଆଗମ ଓ ଋତୁକାଳ ବର୍ଣ୍ଣନା ହୋଇଛି । ଋତୁକାଳ ବର୍ଣ୍ଣନାରେ ଏହା ଲାବଣ୍ୟବତୀରେ ଥିବା ବର୍ଣ୍ଣନାଠାରୁ ଅପେକ୍ଷାକୃତ ସଂଯତ । ୫ମ ଛାନ୍ଦରେ ବିରୋଧାଭାସ ଅଳଙ୍କାର ମଧ୍ୟରେ କବି ପ୍ରେମ ସୁଧାନିଧିକୁ କେଳି ଗୃହକୁ ସଖୀମାନଙ୍କ ଦ୍ୱାରା ପ୍ରେରଣ କରିଅଛନ୍ତି । କେଳି-ଗୃହରେ ପ୍ରେମ ସୁଧାନିଧିର ପ୍ରବେଶ ପରେ ନାୟକର ଯେ ଚେଷ୍ଟା ତାହା ଭଞ୍ଜଙ୍କର ଅନ୍ୟାନ୍ୟ କାବ୍ୟ ସଦୃଶ । ବିରୋଧାଭାସ ଅଳଙ୍କାର ପ୍ରୟୋଗରେ କବି ବଡ ପ୍ରବୀଣ ଥିଲେ ।

ଉଦାହରଣ ସ୍ଥଳରେ କବି କହିଛନ୍ତି—

ସଖୀ ଏ କ୍ଷଣିରେ ପ୍ରିୟ ବାଦନା ହୋଇବ
ସଖୀ ଏ କ୍ଷଣିରେ ପ୍ରିୟ ବାଦନା ହୋଇବ

× × ×

ନାଥ ଦରଶନେ ମଦାଙ୍ଗକୁ ହରକର
ମଦାଙ୍ଗକୁ ହର କରିବାର ଅବେଳର
ନୟନ କୁରଙ୍ଗ ତୋର ସବଂ ସମ୍ଭର
ନ କରକୁଟି କୁରଙ୍ଗ କହୁଅଛି ବାର । ଗୋ ।

ଏସ୍ତ ସ୍ଥଳରେ କବି କେଳିବିହାର ବର୍ଣ୍ଣନା ପ୍ରସଙ୍ଗରେ ନାୟକ ନାୟିକାଙ୍କର ଯାବତୀୟ ଦୈହିକ ଭସ୍ତ ବର୍ଣ୍ଣନାରେ ପ୍ରବୀଣ, ତଥାପି ମାଧୁର୍ଯ୍ୟ ଅନୁଭୂତ ହୁଏ । ଧର୍ମ, ଅର୍ଥ, କାମ, ମୋକ୍ଷ ଚତୁର୍ବର୍ଗ ମଧ୍ୟରେ କାମ ଅନ୍ୟତମ ଓ ଅପରିହାର୍ଯ୍ୟ ରୂପେ ସ୍ୱୀକୃତ ହେଲେହେଁ ଏହାର ପ୍ରାଂଜଳ ବ୍ୟାଖ୍ୟାନ ଅପେକ୍ଷା ବଳଶାଳୀ ସୂଚନା ଅଧିକ ଆନନ୍ଦଦାୟକ ଓ ରସାଳ ହୋଇଥାଏ । ମାତ୍ର, ଉପେନ୍ଦ୍ର ଏ ଦିଗରେ ସୂଚନା ଧ୍ୱନି ଓ ଲକ୍ଷଣ ଅପେକ୍ଷା ବର୍ଣ୍ଣନାକୁ ଅଧିକ ଫଳପ୍ରଦ ମନେ କରିଛନ୍ତି । ହେଲେହେଁ ଆଜିର ପାଠକ ଏଣୁ, ସୂକ୍ଷ୍ମ ଉତ୍ତରବୋଧକୁ ଅଧିକ ବ୍ୟଞ୍ଜିତ ଅବସ୍ଥାରେ ଦେଖିବାକୁ ଚାହେଁନା । ଆଜିର ସମାଜ ଯେ ନଗ୍ନ ସୌନ୍ଦର୍ଯ୍ୟକୁ ପସନ୍ଦ ନ କରୁଛି ତାହା ନୁହେଁ, ବରଂ ଚଳଚ୍ଚିତ୍ର ଜଗତରେ ଏ ଦିଗରେ ଅତ୍ୟଧିକ ଉଦ୍ୟମ ଚାଲିଛି । ତଥାପି ନଗ୍ନତାକୁ କେହି ଏକାଳ ଉତ୍ସୃଙ୍ଖଳତା ମଧ୍ୟକୁ ଟାଣି ଆଣିବାକୁ ଚାହୁଁଥିଲେ ମଧ୍ୟ ସମାଜର ତାଡ଼ନାରେ ପ୍ରକାଶ କରିବାକୁ ସାହସ କରୁ ନାହାନ୍ତି । ଉପେନ୍ଦ୍ର ଅବଶ୍ୟ ବର୍ଣ୍ଣନା ଦିଗରେ ପ୍ରଶଂସନୀୟ । ମାତ୍ର ବର୍ଣ୍ଣନା ଅପେକ୍ଷା ବ୍ୟଞ୍ଜନା ଅଧିକ ମୂଲ୍ୟବାନ ବୋଲି କହିବା ଯୁକ୍ତିଯୁକ୍ତ । ସପ୍ତମ ସ୍ଥଳରେ

କବି ରସିକ ମୁଖରେ ଏ ପ୍ରକାର ପ୍ରଣୟର ଅଧିକାରୀ ହେଲେ ସୁନ୍ଦରୀ ନାୟିକା ପାଇବାକୁ ହୁଏ ଓ ତା ପ୍ରତି ଉପର ଅନୁରକ୍ତ ହେବାକୁ ହୁଏ ତାହାର ବର୍ଣ୍ଣନା କରି ନାରୀ ସୌନ୍ଦର୍ଯ୍ୟ, ସମ୍ଭୋଗ, ସମୀକ୍ଷା ନାୟକର ଏକମାତ୍ର କର୍ତ୍ତବ୍ୟ ରୂପେ ନିର୍ଦ୍ଧାରଣ କରିଛନ୍ତି । 'ରସିକ ଚିତ୍ତ କରେ'...ଛାନ୍ଦରେ ସେ ଏହା ପ୍ରକାଶ କରିଛନ୍ତି । ଅଷ୍ଟମ ଛାନ୍ଦରେ କବି ନାୟକର ବିରହ ସୃଷ୍ଟି କରିଅଛନ୍ତି । ଶ୍ରବଣ, ଦର୍ଶନ, ମିଳନ ଓ ବିନା କାରଣରେ ହେଲେ ମଧ୍ୟ ବିରହ ପୁଣି ପୁନଃମିଳନ କରିଦେଲେ ଯେ ପ୍ରେମ ସମ୍ବଳିତ କାବ୍ୟ ରଚନା ସଫଳ ହେଲା, ଓଡ଼ିଆ କାବ୍ୟ ଯୁଗର ଏହି ପରଂପରା ଉପେନ୍ଦ୍ରଙ୍କ ପ୍ରତ୍ୟେକ କାଳ୍ପନିକ କାବ୍ୟରେ ରହିଛି । ସେହି ଦୃଷ୍ଟିରୁ 'ପ୍ରେମ ସୁଧାନିଧି'ର, ନାୟକ ସହ ମିଳନ ପରେ ହଠାତ୍ ପିତାଙ୍କ ଆଦେଶରେ ନାୟକର ବିଦେଶ ଗମନ । ଏ ପ୍ରସଙ୍ଗରେ ନାୟକର ବୀରତ୍ୱ, ଶୌର୍ଯ୍ୟ ଓ ମାନବୋଚିତ ଗୁଣାବଳୀ ଯେତେ ଅଧିକ ପରିସ୍ଫୁଟ ନୁହେଁ ତା ଅପେକ୍ଷା ତାର କାମୁକତା ଓ ହୃଦୟରେ ମନ୍ମଥର ନିମ୍ନତମ ଲୀଳା ପ୍ରବୃତ୍ତିର ଉଦ୍‌ବେଳନହିଁ ଦେଖିବାକୁ ମିଳେ । ଏହି ବିଦେଶ-ଗମନ-ଜନିତ ବିରହ ଅଛିଳାରେ ନାୟକର ସାତ୍ତ୍ୱିକ ବିକାର ଓ ମନୋରଞ୍ଜନ ବର୍ଣ୍ଣନା, ତା ପରେ ନାୟକର ବିଦେଶ ଗମନ ।

ନବମ ଛାନ୍ଦଠାରୁ କାବ୍ୟର ଶେଷପର୍ଯ୍ୟନ୍ତ ଭଲ ଭଲ ଛନ୍ଦରେ ନାୟକ ଓ ନାୟିକାଙ୍କର ଅତୀତର ରଙ୍ଗ ରହସ୍ୟମୟ ଜୀବନ ସ୍ମରଣ ଓ ବର୍ତ୍ତମାନର ବିଚ୍ଛେଦ ଚିନ୍ତା ବର୍ଣ୍ଣନା, ଅତୀତର ସ୍ମୃତି ପେଟିକା ଉନ୍ମୋଚନ, ଗୁଣ୍ଠନ-ଜଳିତ ଶାଢ଼ୀ ପାଲଟା, ଦର୍ପଣ ଫଳକରେ ଏକାନ୍ତରେ ନାୟିକା ନାୟକର ପ୍ରତିବିମ୍ବିତ ରୂପ ଦେଖିବା, ନାୟକର ତତ୍କାଳୀନ ଉପସ୍ଥିତରେ ଶୁକ ପକ୍ଷୀର ତର୍ଜନା ଓ ସାବଧାନ କରିବା ଇତ୍ୟାଦି ଅତୀତ ଜୀବନର ମଧୁମୟ ରୂପ

ସବୁ ଏଠାରେ ନାୟକର ମାନସ ରାଜ୍ୟରେ ପ୍ରତିଭାତ ହୋଇଛି । ନାୟିକା ବିରହ ଆତୁର ହୋଇ ବିଦେଶରେ କାଳିଦାସ ପ୍ରସିଦ୍ଧ ପ୍ରେମିକ ଯକ୍ଷ ଭଳି ବସନ୍ତ ଦୂତ କୋକିଳକୁ ସାକ୍ଷୀ କରି ନିଜର ଅନ୍ତର୍ବେଦନା ଓ ଗ୍ଲାନି ପ୍ରଖ୍ୟାପନ କରନ୍ତି ।

"ଜୀବବନ୍ଧୁ ବୋଲିଁ ବୋଲିଁ ଜୀବ, ଜୀବଧବପୁରକୁ କି ଯିବ ।
ଜୀବଞ୍ଜୀବ-ନେତ୍ରୀ ଲାଗିଗଲା ବୋଲି ସତେ ଏତେ ଭାଗ୍ୟ କି
ଅରଜିବ ହେ; କୋକିଳ"

ପ୍ରେମସୁଧାନିଧିର ଚତୁର୍ଦ୍ଦଶ ଛାନ୍ଦ ଏକ ଜନପ୍ରିୟ ରଚନା । ପ୍ରବାସୀ କାନ୍ତ ତାହାର ବହୁ ଦିନର ଦୁଃଖ ବାସନା, ଉଦ୍‌ବେଗ ଓ ପ୍ରେମ-ରସାଣ ହୃଦୟକୁ ପତ୍ର ରୂପରେ ପ୍ରକାଶ କରି ନାୟିକା ନିକଟକୁ ପ୍ରେରଣ କରନ୍ତି । ଭାଷା ଅତି ସରଳ ଓ ହୃଦୟଦ୍ରାବକ । ଉପମା ରୂପକ ଗୁଡ଼ିକ ଲୌକିକ ଏବଂ ସାଧାରଣର ହୃଦୟରଂଜକ । ଅଧିକନ୍ତୁ ଛାନ୍ଦଟିରେ ବିରହୀ ହୃଦୟର ଭାବତାରଲ୍ୟ ଏପରି ପ୍ରକାଶିତ ଯେ ତାହା ସମସ୍ତ ଭଞ୍ଜ ସାହିତ୍ୟ ମଧ୍ୟରେ ଅନ୍ୟତମ ଶ୍ରେଷ୍ଠ ଅଂଶ ବୋଲି କୁହାଯାଇ ପାରେ । ୧୬ଶ ଛାନ୍ଦରେ ନାୟକ, ନାୟିକାଙ୍କ ମିଳନ ଓ ସୁଖରେ କାଳଯାପନ । କବି ଏହି ଛାନ୍ଦର ଶେଷାଂଶରେ କାବ୍ୟରେ ପ୍ରଯୁକ୍ତ ୧୬ଟି ଯାକ ଅଳଙ୍କାରର ଏକ ସୁନ୍ଦର ଚିତ୍ର ପ୍ରଦାନ କରିଅଛନ୍ତି ।

## ସୁଭଦ୍ରା ପରିଣୟ

କଥାବସ୍ତୁ—ଏହା ପୌରାଣିକ । ସୁଭଦ୍ରା ହରଣ ଓ ପରିଣୟ ପ୍ରସଙ୍ଗ ମହାଭାରତର ଏକ ଅଂଶ । ଏହି ଅଂଶ ଗ୍ରହଣ କରି ପରବର୍ତ୍ତୀ ଯୁଗର ଲେଖକମାନେ ନାଟକ ଆଦି ରଚନା କରିଯାଇଛନ୍ତି । ଉପସ୍ଥିତ କ୍ଷେତ୍ରରେ ଉପେନ୍ଦ୍ର ଭଞ୍ଜ ଏହି କାବ୍ୟର ବିଷୟ ବସ୍ତୁ

ସଂଯୋଜନାରେ ଯେଉଁ ଉପାୟ ଅବଲମ୍ବନ କରିଛନ୍ତି ସେଥିରୁ ସାରଳା ଦାସଙ୍କ ପ୍ରଭାବ ଅନୁଭୂତ ହୁଏ । ମଧ୍ୟ ପର୍ବରେ କ୍ଷୁଦ୍ର ପରିସର ମଧ୍ୟରେ ସାରଳା ଦାସ ସୁଭଦ୍ରା ହରଣ ପ୍ରସଙ୍ଗ ଯେପରି ବର୍ଣ୍ଣନା କରିଅଛନ୍ତି, ଉପେନ୍ଦ୍ର ୧୭ଶ ଛାନ୍ଦ ବିଶିଷ୍ଟ ତାଙ୍କ 'ସୁଭଦ୍ରା ପରିଣୟ' କାବ୍ୟରେ ସେପରି କରିବାକୁ ଅକ୍ଷମ ହୋଇଛନ୍ତି । ତାର କାରଣ ସାରଳା ଭାଷାର ମୌଳିକତା ଓ ବର୍ଣ୍ଣନାର ଗୁରୁତ୍ୱ କଥାଟିକୁ ଏପରି ଭାବରେ ଉପସ୍ଥାପନ କରିଛନ୍ତି ଯେ ତାହା ପାଠକ ନିକଟରେ ଏକ ଅନୁଭୂତ ସତ୍ୟ ଘଟନା ରୂପେ ପ୍ରତୀତ ହୁଏ । ତଥାପି ଉପେନ୍ଦ୍ର ସ୍ୱୀୟ ପ୍ରଚେଷ୍ଟାରେ କଥାବସ୍ତୁରେ ନୂତନତା ଆନୟନରେ ସେପରି ସମର୍ଥ ନ ହୋଇଥିଲେ ମଧ୍ୟ ଭାଷା, ଅଳଙ୍କାର ଓ ଛାନ୍ଦର ଏପରି ସମନ୍ୱୟ ସାଧନ କରିଛନ୍ତି ଯେ ତାଙ୍କ 'ସୁଭଦ୍ରା ପରିଣୟ' ରୀତିଯୁଗର ପୌରାଣିକ କାବ୍ୟମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ହୋଇପାରିଛି ।

ଏହି କାବ୍ୟରେ କବି ସୁଭଦ୍ରାଙ୍କ ଜନ୍ମ ବୃତ୍ତାନ୍ତଠାରୁ ବିବାହ ପର୍ଯ୍ୟନ୍ତ ସମସ୍ତ ଘଟଣାର ଅବତାରଣା କରିଛନ୍ତି । ତାହା ଏହି କ୍ରମରେ ଜନ୍ମ, ଯୌବନ ପ୍ରାପ୍ତି, ରୂପ ବର୍ଣ୍ଣନାରେ ତାହାଙ୍କ ରଥ, ସରୋବର ଏବଂ ତାଙ୍କ ଅଙ୍ଗରେ ଅଦ୍ଭୁତ ରୂପକ ସାହାଯ୍ୟରେ ସାତ ଫୁଲ, ଫଳ ଓ ପକ୍ଷୀର କଳ୍ପନା କରିଅଛନ୍ତି । ତା ପରେ ବଳଦେବଙ୍କର ସୁଭଦ୍ରାଙ୍କ ପାଇଁ ଉପଯୁକ୍ତ ପାତ୍ର ଅନ୍ୱେଷଣ ଅଭିପ୍ରାୟରେ ରୈବତରେ ଯଜ୍ଞ ଆୟୋଜନ, ରୈବତର ବର୍ଣ୍ଣନାରେ ଉପେନ୍ଦ୍ରଙ୍କ ବର୍ଣ୍ଣନା କୌଶଳ ଏବଂ ଶାନ୍ତାଧାରରେ ସ୍ୱାଭାବିକତା, କେତେକ ପରିମାଣରେ ଦେଖାଯାଏ । କବିଙ୍କର ବର୍ଣ୍ଣନା ବୈଭବର ବିଚାର ଗ୍ରନ୍ଥର ଅନ୍ୟ ଏକ ପର୍ଯ୍ୟାୟରେ କରାଯିବ । ତା ପରେ ରାଜାମାନଙ୍କର ଯଜ୍ଞକୁ ଆଗମନ ଓ ତଦନୁରୂପେ ବର୍ଣ୍ଣନା ।

ଯାଦବମାନଙ୍କର ଯଜ୍ଞ ଆୟୋଜନ କାଳରେ ଗୋସିଂହ ଦୈତ୍ୟର ପ୍ରବେଶ ଓ ସୈନ୍ୟ ସାମନ୍ତ, ସ୍ତ୍ରୀ ସମେତ ଜନତାଙ୍କୁ ହତ୍ୟା କରିବା ଓ ଯଜ୍ଞ ଧ୍ୱଂସ କରି ସତ୍ୟଭାମାଙ୍କୁ ହରଣ କରିବା । ଏହି ଦୁର୍ଦ୍ଦିନରେ ବୀର ଶ୍ରେଷ୍ଠ ଅର୍ଜ୍ଜୁନଙ୍କର ଆବିର୍ଭାବ, ଦୈତ୍ୟନାଶନ, ସତ୍ୟଭାମା ଉଦ୍ଧାର, ରୈବତରେ ପ୍ରବେଶ, ଶ୍ରୀକୃଷ୍ଣ ଓ ଯାଦବମାନଙ୍କର ପୁନର୍ଜୀବନ ଲାଭ, ଯଜ୍ଞ ସମାପନ । ବୀର ବିକ୍ରମ ମଧ୍ୟମ ପାଣ୍ଡବଙ୍କର ଏହି ଅକ୍ଷୟ ଯଶ ଓ ଶୌର୍ଯ୍ୟର ଉପଯୁକ୍ତ ପ୍ରତିଦାନ ପାଇଁ ଯାଦବମାନଙ୍କର ଅଭିନନ୍ଦନ ଓ ଯଦୁରମଣୀ ଗହଣରେ ସୁଭଦ୍ରାଙ୍କର ଅର୍ଘ୍ୟସ୍ଥାଳୀ ନେଇ ଅର୍ଜ୍ଜୁନ ବନ୍ଦାପନା କ୍ଷେତ୍ରରେ ପ୍ରବେଶ । ରୂପସୀ ସୁଭଦ୍ରା ବୀର-ପୁଙ୍ଗବ ଅର୍ଜ୍ଜୁନଙ୍କର ଶୌର୍ଯ୍ୟ ଶ୍ରବଣରେ ଯେତିକି ମୋହିତ ହୋଇଥିଲେ ତଦ୍‌ଦର୍ଶନରେ ଆତ୍ମହରା ହୋଇ ପଡ଼ିଲେ । ବନ୍ଦାପନା ସାମଗ୍ରୀ ହସ୍ତଚ୍ୟୁତ ହୋଇ ପଡ଼ିଲା । ସର୍ବଜ୍ଞ ଶିରୋମଣି ଶ୍ରୀକୃଷ୍ଣ ସୁଭଦ୍ରାଙ୍କର ଏହି ଅବସ୍ଥା ପର୍ଯ୍ୟବେକ୍ଷଣ କରି ନୀରବ ହେଲେ । ପରେ ଅନ୍ତଃପୁରରେ ନାୟକ ଚିନ୍ତାରେ ସୁଭଦ୍ରାଙ୍କର ଗାତ୍ରଦାହ ଅଧିକରୁ ଅଧିକତର ହେବାକୁ ଲାଗିଲା । ଶ୍ରୀକୃଷ୍ଣ ଏଥିରୁ ସ୍ତ୍ରୀ-ବର୍ଗଙ୍କୁ ରକ୍ଷା କରିବାକୁ ସତ୍ୟଭାମାଙ୍କୁ ପରାମର୍ଶ ଦେଲେ । ଯାଦବ ନଗରରେ ମଧ୍ୟ ରାତିରେ ସତ୍ୟଭାମା ସୁଭଦ୍ରାଙ୍କୁ ନେଇ ମଧ୍ୟମ ପାଣ୍ଡବଙ୍କୁ ପ୍ରଦାନ କରିବାକୁ ଯେତେ ଚେଷ୍ଟା କଲେ ସଫଳ ନ ହୋଇ ଅବଶେଷରେ କୁହୁକ ବିଦ୍ୟା ସାହାଯ୍ୟରେ ଅର୍ଜ୍ଜୁନଙ୍କର ମତ ପରିବର୍ତ୍ତନ କରାଇଲେ । ଶେଷରେ ସୁଭଦ୍ରା ନିଜର ଇପ୍‌ସିତ ପତି ଲାଭ କଲେ । କବି ସୁଭଦ୍ରାଙ୍କର କେଳି ରଙ୍ଗ ବର୍ଣ୍ଣନାରେ ମଧ୍ୟ ତାଙ୍କର ଚରିତ୍ରର ଉପାୟ ଅବଲମ୍ବନ କରିଛନ୍ତି । କାଳର ଗତି ସେଇ କ୍ରମେ ଗ୍ରୀଷ୍ମକାଳ ଉପସ୍ଥିତ ହେଲା । ଯାଦବ ନାରୀଗଣ ଜଳକ୍ରୀଡ଼ା କରିବାକୁ ଗଲେ । ଜଳକ୍ରୀଡ଼ା ବଶତଃ ଶିଥିଳବସ୍ତ୍ରା ସୁଭଦ୍ରାଙ୍କ ବକ୍ଷରେ କନକ-

ଗତ ଦର୍ଶନରେ ଅନ୍ତଃପୁର ବାସିନୀଗଣ ପ୍ରମାଦ ଗଣିଲେ । ଏଣେ ବିଷୟ ଗୋଚରରେ ହୋଇ ରେବତୀ ଜ୍ୟେଷ୍ଠ ବଳରାମଙ୍କ ନିକଟରେ ସୁଭଦ୍ରାଙ୍କ ପରିଣୟ ପାଇଁ ଆୟୋଜନ କରିବାକୁ ଅନୁରୋଧ କଲେ । ତେଣୁ ବଳରାମ କୁରୁ-ଶିରୋମଣି ଦୁର୍ଯ୍ୟୋଧନଙ୍କୁ ଉପଯୁକ୍ତ ପାତ୍ର ମନେକରି ଦୂତ ପ୍ରେରଣ କରନ୍ତେ କୁରୁବଳ ରୈବତ ଯାତ୍ରାରେ ବହିର୍ଗତ ହେଲେ । ମାତ୍ର ସେମାନଙ୍କର ଶିଷ୍ଟଲତା ସମ୍ମତରେ ସହଦେବ ଗତ ଥିଲେ । କୁରୁ ବଳର ଆଗମନ, ବଳରାମଙ୍କର ଆୟୋଜନ ସମସ୍ତକୁ ଭ୍ରୂକ୍ଷେପ ନ କରି ଅର୍ଜୁନ ପ୍ରେମିକା ଶିରୋମଣି ସୁଭଦ୍ରାଙ୍କୁ ରଥରେ ବସାଇ ନେଇ ଗଲେ । ଏଣେ ଯୁଦ୍ଧ ହେଲା, ଅର୍ଜୁନଙ୍କ ଅଜେୟ ମଣି ବଳରାମ ସନ୍ଧି କଲେ ଓ ଅର୍ଜୁନଙ୍କୁ ଭଗ୍ନୀପତି ରୂପେ ଗ୍ରହଣ କରିବାକୁ କୁରୁବଳ ଲଜ୍ଜିତ ହୋଇ ଫେରିଗଲେ । ଏହି ପୌରାଣିକ ବିଷୟ-ବସ୍ତୁ ସାରଳାଙ୍କ ହସ୍ତରେ ଯେପରି ହୃଦୟରଞ୍ଜକ ହୋଇଥାଇଛି, ଭୂପଣ ସ୍ୱରବାନ୍ତ ହୋଇ ହଟପଦ୍ରଙ୍କ ହସ୍ତରେ ସ୍ଥାନେ ସ୍ଥାନେ ଦୁର୍ବୋଧ ଏବଂ ଅନାଦରଣୀୟ ହୋଇ ପଡ଼ିଛି ।

ମନ୍ତବ୍ୟ:—କାବ୍ୟ ଆରମ୍ଭରେ କବି ଜଗନ୍ନାଥଙ୍କର ବନ୍ଦନା ଓ ପୁରୁଷୋତ୍ତମ କ୍ଷେତ୍ରର ମାହାତ୍ମ୍ୟ ପ୍ରଖ୍ୟାପନ କରିଛନ୍ତି । ତାପରେ ହୋଇଛି ବସ୍ତୁ ନିର୍ଦ୍ଦେଶ । କବିଙ୍କର ସମସ୍ତ ରଚନା ଅପେକ୍ଷା 'ସୁଭଦ୍ରା ପରିଣୟ'ରେ ବର୍ଣ୍ଣନା ଅଧିକ ଚମତ୍କାର ହୋଇଛି । କେତେକେହିଁ କ୍ଲିଷ୍ଟତା କାବ୍ୟର ଏହି ସୁଷମାକୁ ନଷ୍ଟ କରି ଦେଇଛି । ତାଙ୍କର କୌଣସି କାବ୍ୟରେ ଶବ୍ଦ, ଅର୍ଥ ଓ ଅଳଂକାର ପ୍ରୟୋଗରେ ଏପରି ଶସ୍ତ୍ରୃତ ନାହିଁ । ସାଧାରଣ ପାଠକ ବା ସଙ୍ଗୀତଜ୍ଞ ଏହାର ଅଧିକ ଅଂଶ ତାଳ ଲୟ ଧରି ସଙ୍ଗୀତରେ ମୋହିତ ହୋଇପାରେ । ମାତ୍ର ଅର୍ଥ ପ୍ରବେଶ ହୁଏ କମ୍ ଲୋକଙ୍କର

ହୋଇପାରେ । କାବ୍ୟଟିର ଅନେକ ସ୍ଥଳରେ ଅର୍ଥଗୌରବ ଅଛି ମାତ୍ର ରସ-ସମ୍ପଦହିଁ ଏହାର ପ୍ରଧାନ କଥା । ଅବଶ୍ୟ ବର୍ଣ୍ଣନା, ମନସ୍ତାତ୍ତ୍ୱିକ ଚିତ୍ରଣ, ରସସମାବେଶ ସ୍ଥାନେ ସ୍ଥାନେ ଅତି ଉଚ୍ଚ କୋଟୀର ହୋଇ ପାରିଅଛି; କିନ୍ତୁ ସର୍ବତ୍ର ନୁହେଁ । ରୈବତ ପର୍ବତର ବର୍ଣ୍ଣନା, ଅର୍ଜ୍ଜୁନଙ୍କ ପ୍ରଥମ ଦର୍ଶନରେ ବଢାବନା କରିବାକୁ ଆଗତ ଯଦୁରମଣୀ ମଧ୍ୟରେ ସୁଭଦ୍ରାଙ୍କ ମନୋବୃତ୍ତି ଓ ହାବ ଭାବ, ଲୌକିକ ବିଶ୍ୱାସ ଉପରେ ଦୃଢ଼ଭାବରେ ପ୍ରତିଷ୍ଠିତ । ଜଲ୍ପକ ବଦ୍ୟ, ରାକ୍ଷସର ନରବଧ ଓ ଭକ୍ଷଣ ପୁନଶ୍ଚ ଅର୍ଜ୍ଜୁନ ଓ ରାକ୍ଷସ ବଧରେ ରକ୍ତ, ପିତ୍ତ, ମଜ୍ଜା, ଅସ୍ଥି, ଶୃଗାଳ, ଶ୍ୱାନ, ଗୃଧ୍ର ପ୍ରଭୃତିଙ୍କ ବିକଟ ଚିତ୍ରଣ; ଯଜ୍ଞରେ ଯୋଗଦାନ କରିବାକୁ ଆସୁଥିବା ସେନା ସମାବୃତ୍ତ ରାଜନ୍ୟ-ବର୍ଗଙ୍କର ବର୍ଣ୍ଣନା, ଓଡ଼ିଆ ସାହିତ୍ୟରେ ଅନବଦ୍ୟ । ସୁଭଦ୍ରାଙ୍କ ରୂପବର୍ଣ୍ଣନାରେ କବି କାବ୍ୟର ମତ ଜ୍ଞାପନ କରିବାକୁ କୁଣ୍ଠା ପ୍ରକାଶ କରିଛନ୍ତି । ତେବେ ଏ କଥା ନିଶ୍ଚିତ ଯେ ନାରୀର ଅଙ୍ଗ-ଶୋଭା ବର୍ଣ୍ଣନରେ ପ୍ରାଚୀନ ଓଡ଼ିଆ କବିମାନେ ଉପମେୟ ସ୍ଥାନକୁ ଉଚ୍ଚାଙ୍ଗ ଦେଇଛନ୍ତି । (ନାରୀର ସୌନ୍ଦର୍ଯ୍ୟ ସେମାନଙ୍କ ସମକ୍ଷରେ ବିଶ୍ୱ ସୌନ୍ଦର୍ଯ୍ୟ ରୂପେ ଏବଂ ବିଶ୍ୱର ସମସ୍ତ ଶୋଭାରାଶିର ନିକେତନ ହୋଇଅଛି, ନାରୀ···ଏହାହିଁ ଥିଲା ସେମାନଙ୍କର ଧାରଣା ) । ଉପେନ୍ଦ୍ର ଅଲୌକିକ କାବ୍ୟର ସୁନ୍ଦରୀ ସୁଭଦ୍ରାଙ୍କୁ ଶୋଭା ରାଜ୍ୟର ରାଣୀ ଏବଂ ଅତୁଳନୀୟା ରୂପେ ବର୍ଣ୍ଣନା କରିବାକୁ ଯାଇ ନାନା ଅଳଙ୍କାର ଓ କଳ୍ପନାର ଆଶ୍ରୟ ନେଇଛନ୍ତି । କଥନର ବାହୁଲ୍ୟ ଭୟରେ ଏଠାରେ କୋଟିଏ ମାତ୍ର ଉଦାହରଣ ଦେଉଛି ।

ସର୍ପପୁରେ ଯାଇଁ ପର୍ବତ କହୁଲେ ମନ୍ଥିବାର ହେମ ମଞ୍ଜରୀ
ସ୍ୱର୍ଗେ ବଣି ସ୍ୱର୍ଗଭାରେ କଳିତ ପଦ୍ମାବଳିରେ କି ମାଧୁରୀ,
ସମ୍ପୂର୍ଣ୍ଣ, ଭଙ୍ଗ ପୁଣି ପୂଜ ଏତେକ;
ସଂବୃନ୍ଦ, ରମ୍ଭା, କୁମୁଦ, ପାଟଳୀ, କଥଳୀ, ଶିରୀଷ, ଅଶୋକ ।

ସଫଳ ଅମ୍ବ ତାଳମ୍ବ ଜମ୍ବୁ, ଦ୍ରାକ୍ଷା, ଝୁମ୍ପି, ନାରଙ୍ଗ, ମାତୁଳଙ୍ଗ
ସାରଙ୍ଗ, ଖଞ୍ଜନ, ଚକୋର, ମୟୂର, ଶୁକ, କପୋତ, ହଂସ ସଙ୍ଗ,
ସୁରୂପେ, ମହା ଅଦ୍ଭୁତ କଥା ଏହି;
ସପତ ଜାତି ଫଳ ଫୁଲ, ବିହଙ୍ଗ ଲତାରେ ଥିବା ଶୁଣା ନାହିଁ ।

ଇତ୍ୟାଦି ରୈବତ ବର୍ଣ୍ଣନା ଉପେନ୍ଦ୍ର ସାହିତ୍ୟର ଅନ୍ୟତମ ସଂପଦ । କବି ନାୟକ ରୂପବର୍ଣ୍ଣନାରେ ସଦା ମୁଖର ହୋଇଥିଲେ ସୁଦ୍ଧା ପ୍ରକୃତି ପ୍ରତି ବୀତସ୍ପୃହ ନ ଥିଲେ । ମାନବ ସମାଜରେ ବିରହ ବିଚ୍ଛେଦ ଭଳି ଯେପରି ସମସ୍ତ ତାଙ୍କ ପକ୍ଷରେ ଆନନ୍ଦମୟ ଓ ଭୋଗ୍ୟରୂପେ ପରିଚିତ ଥିଲା ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ମଧ୍ୟ ତାଙ୍କୁ ସେପରି ଆନନ୍ଦ ପ୍ରଦାନ କରିଥିଲା । ଅବଶ୍ୟ ଆଜି ଯୁଗର ସାହିତ୍ୟିକ ବା ଦାର୍ଶନିକ ଭଳି ସେ ପ୍ରକୃତିକୁ ନାନା ପ୍ରକାର ତର୍କଣା କରି ଦାର୍ଶନିକ ଦୃଷ୍ଟିରେ ଦେଖି ନ ଥିଲେ ମାତ୍ର ମନୁଷ୍ୟ ଜୀବନର ପ୍ରେମ ବିରହରେ ପ୍ରକୃତିର ମାଧୁର୍ଯ୍ୟ ଓ ସମବେଦନା ସେ ଅନୁଭବ କରିଥିଲେ ।

ରୈବତ ବର୍ଣ୍ଣନା ପାଠକଲେ କାଳିଦାସଙ୍କ ହିମାଳୟ ବର୍ଣ୍ଣନା ପଠନ ଅନୁରୂପ ହୃଦୟରେ ପ୍ରଶାନ୍ତ ଓ ମଧୁର ଭାବର ଉଦ୍ରେକ ହୁଏ । ଉଦାହରଣ ସ୍ଥଳରେ ଉକ୍ତ ବର୍ଣ୍ଣନାରୁ କିଛି ଉଦ୍ଧାର କରିବା ଉଚିତ ମନେ କରୁଛି । ଷଷ୍ଠ ଛାନ୍ଦରେ ରାଜାମାନଙ୍କର ସୈନ୍ୟ ସଜ୍ଜା ଓ ରୈବତ ଗମନର ବର୍ଣ୍ଣନା ପାହାଡ଼ିଆ କେଦାର ସ୍ୱରରେ ଲିଖିତ । ବର୍ଣ୍ଣନାତ୍ମକ ଶବ୍ଦ ସଂଯୋଜନା ଓ ବିଷୟ ଅନୁକ୍ରମେ ପ୍ରଯୁକ୍ତ ଛନ୍ଦ ତାହାକୁ ଏପରି ରୂପ ପ୍ରଦାନ କରିଛି ଯେ ପାହାଡ଼ିଆ କେଦାର ସ୍ୱରରେ ଲିଖିତ ଓଡ଼ିଆ ସାହିତ୍ୟର ଅନ୍ୟ କୌଣସି ଅଂଶ ତାହା ସହିତ ସମକକ୍ଷ ହୋଇ ନ ପାରେ । ଏହା

ବ୍ୟତୀତ କାବ୍ୟଟିର ଗ୍ରୀଷ୍ମ କାଳରେ ଯାଦବ ରମଣୀମାନଙ୍କର ଜଳକ୍ରୀଡ଼ା ବର୍ଣ୍ଣନା ଭଞ୍ଜୀୟ ଅନ୍ୟାନ୍ୟ କାବ୍ୟ ସଦୃଶ । ବିଳାସ-ବ୍ୟସନ ଓ ଅଭିଜାତ୍ୟ ମଧ୍ୟରେ ପରିବର୍ଦ୍ଧିତା ସାମନ୍ତ କାମିନୀଙ୍କର ଜଳକ୍ରୀଡ଼ା ଓ ରଙ୍ଗରହସ୍ୟ ମଧ୍ୟରେ ଯେଉଁ ଶ୍ଳେଷୋକ୍ତି, ଛନ୍ଦୋକ୍ତି, ବକ୍ରୋକ୍ତିମାନ ଓ ବହିର୍ଲିପି, ଅନ୍ତର୍ଲିପି ସାହାଯ୍ୟରେ କଥୋପକଥନ କରିଥାନ୍ତି । ତାହା ମଧ୍ୟ ଏହି କାବ୍ୟରେ ଉପଲବ୍ଧ । ଗ୍ରୀଷ୍ମକାଳ ବର୍ଣ୍ଣନା ଉଚ୍ଚକୋଟୀର ହୋଇଥିଲେ ମଧ୍ୟ ତାହା ରସକଲ୍ଲୋଳର ଗ୍ରୀଷ୍ମ ବର୍ଣ୍ଣନାର ସମକକ୍ଷ ହୋଇ ନ ପାରେ । ଦୁର୍ଯ୍ୟୋଧନଙ୍କର ରୈବତ ଗମନ ପ୍ରସ୍ତାବରେ ପୁରବାସୀଙ୍କର କିଛି କାଳ ସକାଶେ ଦ୍ରିସ୍ତ୍ରୀ ବିଚ୍ଛେଦ ହେବାର ସମ୍ଭାବନା ବେଶ ଦୁଃଖ । ଅନ୍ଧ ପ୍ରବୋଧନାର ବର୍ଣ୍ଣନା 'ଲାବଣ୍ୟବତୀ'ର ଚନ୍ଦ୍ରଭାନୁଙ୍କ ସ୍ୱୟମ୍ବର ଯାତ୍ରା କାଳୀନ ଦୃଶ୍ୟ ସଙ୍ଗେ ସମାନ ହୋଇ ନ ପାରେ । ମୂଳତଃ 'ସୁଭଦ୍ରା ପରିଣୟ' କାବ୍ୟରେ ଉପେନ୍ଦ୍ରଙ୍କ ଶବ୍ଦ ଓ ଅଳଙ୍କାର-ଛନ୍ଦ-ଅର୍ଥଗୌରବଗତ ପାଣ୍ଡିତ୍ୟ ଯେପରି ଦେଖାଯାଏ ତାଙ୍କ କୃତ ଅନ୍ୟ କୌଣସି ପୌରାଣିକ କାବ୍ୟ ଓ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ଭଳି କୌଣସି କାଳ୍ପନିକ ରଚନାରେ ମଧ୍ୟ ଦେଖାଯାଏ ନାହିଁ । କାବ୍ୟଟିର ପ୍ରଧାନ ଦୋଷ କ୍ଳିଷ୍ଟତା ।

## ରାମ ଲୀଳାମୃତ

କଥାବସ୍ତୁ:-ଏହି କାବ୍ୟର କଥାବସ୍ତୁ ପୌରାଣିକ । ରାମ ଚରିତ ବେଶ ଏହା ଜଣିତ । କବି ରାମତାରକ ମନ୍ତ୍ର ପ୍ରସାଦରେ କବିତ୍ୱ ଲାଭ କରିଥିବାରୁ ମୂଳତଃ ରାମଉପାସକ ଥିଲେ ଓ ରାମ ଗୁଣାନୁକୀର୍ତ୍ତନରେ ମୁଖର ଥିଲେ । ବୈଦେହୀଶ ବିଳାସ

ଅବନା ରସତରଙ୍ଗ ପ୍ରଭୃତି କାବ୍ୟକୁ ତାଙ୍କର ରାମ ଭକ୍ତିର ପ୍ରକୃଷ୍ଟ ପରିଚୟ ମିଳେ । କାବ୍ୟଟିରେ କଥାବସ୍ତୁଗତ ବିଶେଷତ୍ୱ କିଛି ନାହିଁ । କ୍ଷୁଦ୍ର ପଦ୍ୟସର ମଧ୍ୟରେ ସେ ରାମଚନ୍ଦ୍ରଙ୍କ ଜନ୍ମ ବୃତ୍ତାନ୍ତଠାରୁ ବିବାହ, ଅଯୋଧ୍ୟା ପ୍ରତ୍ୟାବର୍ତ୍ତନର ଚିତ୍ରପ୍ରଦାନ କରିଛନ୍ତି । ଅହଲ୍ୟା ଶାପମୋଚନ ଧୀବର ସଙ୍ଗେ କଥୋପକଥନ ଇତ୍ୟାଦି ରାମାୟଣର କେତେକ ମୁଖ୍ୟ କଥା ଏଥିରେ ସ୍ଥାନ ପାଇଛି ।

ମନ୍ତବ୍ୟ:—କାବ୍ୟଟି ୧୦ଟି ଛାନ୍ଦରେ ଲିଖିତ । ପ୍ରତ୍ୟେକ ଛାନ୍ଦରେ ସ୍ୱତନ୍ତ୍ର ଛନ୍ଦ ଓ ବାଣୀର ନିର୍ଦ୍ଦେଶ କରିଛନ୍ତି । କବି କାବ୍ୟର ପ୍ରଥମ ଛାନ୍ଦରେ ରାମଚନ୍ଦ୍ରଙ୍କ ସ୍ତୁତି କରିଛନ୍ତି । ପ୍ରଥମ ଛାନ୍ଦରେ ରାମଚନ୍ଦ୍ରଙ୍କ ଦଶରଥଙ୍କର ବିଶ୍ୱାମିତ୍ରଙ୍କ ସମର୍ପଣ ପର୍ଯ୍ୟନ୍ତ ବର୍ଣ୍ଣିତ । ୨ୟ ଛାନ୍ଦରେ ରାମଙ୍କର ଯଜ୍ଞ ରକ୍ଷା, ରାକ୍ଷସ ନିଧନର ଅବତାରଣା । ସମଗ୍ର ୩ୟ ଛାନ୍ଦଟିରେ ମହାମତ ବିଶ୍ୱାମିତ୍ରଙ୍କ ମୁଖରେ ସଙ୍ଗୀତାଳ୍ୟ ଶିରୋଭୂଷା ସୀତାଙ୍କର ରୂପଗୁଣ ବର୍ଣ୍ଣନାର ବ୍ୟାପ୍ତି ତୁଳନାରେ ତହିଁରେ ଉଚ୍ଛୃଙ୍ଖଳତା ଅଧିକ ପ୍ରକାଶ ପାଇ ନାହିଁ । ୪ର୍ଥ ଛାନ୍ଦରେ ରାମଚନ୍ଦ୍ର ଓ ଲକ୍ଷ୍ମଣଙ୍କର ମୁନି ସଙ୍ଗେ ମିଥିଳା ଗମନ ପଥରେ ଅହଲ୍ୟା ମୋଚନ ଓ ଧୀବର ସଙ୍ଗେ କଥୋପକଥନ । ବୈଦେହୀଶ ବିଳାସରେ ରାମଚନ୍ଦ୍ରଙ୍କ ମୁନିଙ୍କର ମିଥିଳା ଗମନ ଅଦେଶ ବର୍ଣ୍ଣନା ତୁଳନାରେ ଏହାର ଚମତ୍କାରିତା ବହୁ ଗୁଣରେ କମ୍ । ବୈଦେହୀଶ ବିଳାସର ସୁପ୍ରସିଦ୍ଧ ଛାନ୍ଦ "ବିଜୟୀ ରାମ ବିଜୟ କଲେ ଯିବା ମିଥିଳା ପୁର" ଓ "ବଧୀର ନୁହେଁ ହେ ରାମ ବୋଇଲା ତହୁଁ ଧୀବର" ପଦ ଛନ୍ଦର ମାଧୁର୍ଯ୍ୟ ଏଥିରେ ଅଧିକ ଉପଲବ୍ଧ ନୁହେଁ । ବୈଦେହୀଶ ବିଳାସରେ ଧୀବରର ଭକ୍ତି ତୁଳନାରେ, ଏହି କାବ୍ୟରେ ଧୀବରର ଭକ୍ତି ଓ ଅଭିମାନ ଲକ୍ଷଣୀୟ ।

## ଗୀତ

ତାରକ ବର ଶ୍ରୀମୁଖ ଶୁଣୁଁ କହେ କନ୍ଦୁକଲୁଣ୍ଠମ୍ମୀ ଅଟଇ ହେ
ଜୀବନର ଭୁଲନ ମୋହ ପର ସଂସାରେ ଅଛ କେହୁ ନାହିଁ
ଚରଣ ରଜ ନିକରର ଲକ୍ଷଣ,
ନବମଦନ ମୂର୍ତ୍ତିବନ୍ତକାମିନୀ କରଲେ ସବ ସେ ପାଷାଣ
ପୂର୍ବାର୍ଜିତ କପର୍ଦ୍ଦକ କ୍ଷୁଧା ନାହିଁ
ତାହୁଁ ନଉକା ଚଢ଼ାଇବି ହେ ।
ହରତାମ୍ବୁ ଆଦଦେବ ସାଷ୍ଟ୍ୟପାଦ ଧୋଇଲେ ଚଢ଼ାଇବି
ଏମନ୍ତ ଅବୋଧ ଭାବ ଗ୍ରହଣରେ
ଦାସ କସ୍ତଲେ ତୋ ଯେ ଇଚ୍ଛା କର ତାହା ତତକ୍ଷଣରେ ।

ସୁକବି ଧନଞ୍ଜୟକୃତ ରଘୁନାଥ ବିଳାସରେ ସେହି ମର୍ମରେ ଧୀବରର ବାଣୀ ସ୍ମରଣୀୟ । ସେଠାରେ ତାହା ଅଧିକ ଆବେଗ-ପୂର୍ଣ୍ଣ ଭଳି ପ୍ରତୀତ ହୁଏ ।

"ଶୁଣି ଶ୍ରୀରାମ ଉତ୍ତର ବୋଇଲା ତହୁଁ ଧୀବର,
ଶୁଣ ତୁମ୍ଭେ ରଘୁବୀର ଧୋଇବି ତୋର ପଦ୍ମର ।
ଏ ନାବ ମୋର ଜୀବିକା ଏ ପୁଣି ହେବ ନାୟିକା,
ମୁଁ ପୁଣି ଭକ୍ଷିବି କିସ ମୋ କୁଟୁମ୍ବ ଯିବେ ନାଶ ।"

ଇତ୍ୟାଦି ୫ ମ ଛାନ୍ଦରେ ରାମଚନ୍ଦ୍ରଙ୍କର ମିଥିଳା ପ୍ରବେଶ ଓ ନଗରୀ ସୌନ୍ଦର୍ଯ୍ୟ ଦର୍ଶନ, ଅଭିନବ ସୁନ୍ଦର ରାମ ଲକ୍ଷ୍ମଣଙ୍କର ମୋହନ ରୂପ ଦର୍ଶନରେ ମିଥିଳା ବାସୀଙ୍କର ଆନନ୍ଦ ପ୍ରକାଶ ମାତ୍ର ବୈଦେହୀଶ ବିଳାସ 'ସ୍ୱଭା ହୋଇ ତଳ ଚଉଦେ' ରାମକେରୀ ରାମକେଳି ହେବା ଅନୁରୂପ ହୃଦସ୍ପର୍ଶକ ବର୍ଣ୍ଣନା ଏଠାରେ ଦୁର୍ଲ୍ଲଭ । ତାପରେ ଜନକ ଦରବାରରେ ଧନୁର୍ଭଙ୍ଗ । ୬ମ ଛାନ୍ଦରେ ଜନକ ଆଦେଶରେ ଅନ୍ତଃପୁରସ୍ତ୍ରୀଗଣ ରାଜକୁମାରଙ୍କୁ ବେଶ କରାଇଲେ । ତତ୍କ୍ଷଣ ପରେ

ରାମଚନ୍ଦ୍ରଙ୍କ ଅବରୁଦ୍ଧ ଦ୍ୱାରରେ ମାଲ୍ୟ ପ୍ରଦାନ କରିବାକୁ ଯାଉଥିବା ସୀତାଙ୍କ ସଖୀର ନିର୍ଦ୍ଦେଶ ଓ ଇଙ୍ଗିତ ବାସ୍ତବରେ ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଉଦାହରଣ ସ୍ୱରୂପ —

ନାରୀଙ୍କ ନେତ୍ର ଖଂଜନ ରାମପାଶେ ହୁଁ ଯେ ପତନ ହୋଇଲ
ଅତି ଚତୁର ପରିହାସୀ ସୀତାର ଶ୍ରବଣ ନିକଟରେ କହିଲ
ବାଳାରେ ପ୍ରବେଶ ହେଲେ ସନ୍ଧିରେ ।
ଗୃହୁଁ ଥାଅ ଦେଖି ନ ପାରିବୁ କାନ୍ତ
ମୂର୍ତ୍ତି ଲଜ୍ଜା ଗୁରୁ ଯୋଗଟେ"

ବରମାଲ୍ୟ ପ୍ରଦାନ ପରେ ଦଶରଥଙ୍କ ଆଗମନ ଅନ୍ତପଷାରେ ବିବାହ କାର୍ଯ୍ୟକାଳ ପାଇଁ ସ୍ଥଗିତ ରହିଲା । ପ୍ରେମର ତରଳ ପ୍ରବାହରେ ଅନୁରାଗର ପ୍ରଥମ ସମ୍ମୋହନରେ ଏହି କ୍ଷଣକାଳ ଉଭୟ ନାୟକ ଓ ନାୟିକା ହୃଦୟରେ ଯେଉଁ ବିରହ ବେଦନାର ସୂତ୍ରପାତ ହେଲା ତାହା ବୈଦେହୀଶ ବିଳାସରେ ସୁନ୍ଦର ଭାବରେ ବର୍ଣ୍ଣିତ ହୋଇ ଥିଲେ ମଧ୍ୟ ଏଠାରେ ମନ୍ଦ ହୋଇନା । କବି ଏ ଦେଶ ସମଗ୍ର ଅଷ୍ଟମ ଛାନ୍ଦଟି ବ୍ୟୟ କରିଛନ୍ତି । ୯ମ ଛାନ୍ଦରେ ଦୂତର ବାର୍ତ୍ତା ଶ୍ରବଣରେ ରାଜା ଦଶରଥଙ୍କର ସୈନ୍ୟ ସାମନ୍ତ ସହିତରେ ମିଥିଳା ପ୍ରବେଶ ଓ ରାଜର୍ଷି ଜନକଙ୍କ ଦ୍ୱାରା ଅଭିନନ୍ଦିତ । ୧୦ମ ଛାନ୍ଦରେ ଦଶରଥ ବ୍ରହ୍ମର୍ଷି ଓ ଅଯୋଧ୍ୟା ବାସୀଙ୍କର କନ୍ୟା ଦର୍ଶନ, ବିବାହଲଗ୍ନ ସ୍ଥିର କରିବାର ବର୍ଣ୍ଣନା । ଏକାଦଶ ଛାନ୍ଦରେ ବିବାହ; ଏହି ବର୍ଣ୍ଣନାରେ ଦଅଁ ମଙ୍ଗୁଳା, ଲବଣ ବଙ୍ଗିପଠାରୁ, କୋଇଲି ଭୁଜି ପର୍ଯ୍ୟନ୍ତ ଉତ୍କଳର ଚିହ୍ନାଣ ସାମାଜିକ ବୈବାହିକ ରୀତିର ବର୍ଣ୍ଣନା କରିଛନ୍ତି । କବିଙ୍କ କୃତିରେ ସାମାଜିକ ଭାବ ପ୍ରଭାବ ସମ୍ବନ୍ଧରେ ସ୍ୱତନ୍ତ୍ର ଆଲୋଚନା କରିବେଳେ ଏହାର ଅଧିକ ବିଶ୍ଳେଷଣ କରାଯିବ । ଦ୍ୱାଦଶ ଛାନ୍ଦରେ ବରକନ୍ୟାଙ୍କ କଙ୍କଣ ଢୋଳ, ମଧୁଯାମା ଇତ୍ୟାଦିର

ବର୍ଣ୍ଣନା । ଏଠାରେ ଉପେନ୍ଦ୍ର ରାମଙ୍କୁ ନିଜର ଉପାସ୍ୟଦେବତା ରୂପେ ଗ୍ରହଣ କରିଥିବାରୁ ତାଙ୍କର ରତି କ୍ରୀଡ଼ା ବର୍ଣ୍ଣନାରେ ଅପେକ୍ଷାକୃତ ସଂଯତ । ବୈଦେହୀଶ ବିଳାସରେ ମଧ୍ୟ ଏହି ନୀତି ଅନୁସୃତ । ଚତୁର୍ଦ୍ଦଶ ଛାନ୍ଦରେ ଏହି ଆନନ୍ଦ ଦାମ୍ପତ୍ୟ ମିଳନପରେ ବରବଧୂଙ୍କର ସ୍ୱଦେଶ ଯାତ୍ରାର ବର୍ଣ୍ଣନା, ପ୍ରାଣ ପ୍ରତିମ କନ୍ୟା ଗଣଙ୍କର ବିଦା ବିରହରେ ତପ-ଦଗ୍ଧ ମୁନି ଜନକଙ୍କର ହୃଦୟ ବିଚଳିତ ହୋଇଛି । ମାତ୍ର କର୍ତ୍ତବ୍ୟ ଅନୁରୋଧରେ ଅନ୍ତଃସଜ୍ଜା ବିକଳ-ପର ଅଧୀନ ହୋଇ ରାଜା ଜନକ ରାଜମାତାଙ୍କୁ ଅବର୍ଣ୍ଣନୀୟ ଯୌତୁକ ପ୍ରଦାନ କରି ରାଜା ଦଶରଥଙ୍କୁ ନିଜ କନ୍ୟାମାନଙ୍କ ପ୍ରତି ଅନୁକଂପା ଓ ସ୍ନେହ ଭିକ୍ଷା କରୁଛନ୍ତି । ଅଧିକରେ ସ୍ୱାମୀ ଗୃହରେ କିପରି ଚାଲିବାକୁ ହେବ, ସେ ବିଷୟ କନ୍ୟାମାନଙ୍କୁ ଉପଦେଶ ଓ ପ୍ରବୋଧନା ଦେଉଅଛନ୍ତି । ଏ ବର୍ଣ୍ଣନା ମୁନିପୁଙ୍ଗବ କଣ୍ୱଙ୍କର ପତିଗୃହ ଗମନ-ତତ୍ପରା ଶକୁନ୍ତଳାଙ୍କର ସ୍ୱଳ୍ପ ବିଚ୍ଛେଦରେ ଯେପରି କାତର ହୋଇଥିଲେ ଏବଂ ଶେଷରେ ଗାର୍ହସ୍ଥ୍ୟ ଜୀବନ ସମ୍ପର୍କରେ କନ୍ୟାକୁ ଉପଦେଶ ଦେଇଥିଲେ, ଉପେନ୍ଦ୍ର ସେହି ଅନୁକରଣରେ ଜାନକୀ ଓ ଅନ୍ୟମାନଙ୍କୁ ବିଦାୟ ଦେଇଥିଲେ । ଏ ପ୍ରସଙ୍ଗରେ କିଛି ଉଦ୍ଧାର କରିବା ପ୍ରୟୋଜନୀୟ ମନେ କରୁଛି—

ଏ କାଳେ ଜନକ ଯାଇ ନିଜ ସଦନକୁ,
କହିଲେ ମାବଜିତ ମୋହିନୀ ମାନଙ୍କୁ,
ସେହି ପ୍ରବୋଧେ କୁମାରୀ,
କୁଳଶୀଳେ ପତି ମାତାଶ୍ୱଶୁର ମାନ୍ୟ କରି ।
ତଥା ଜନକ ନଗର ଶ୍ରେ. ବରପୁର
ଉଚିତ ନୁହଁଇ ଏ ଭବରେ ସେଇବାର
ଭାଷି ଦେଇବ କରିବ,
ତୁମ୍ଭେ ସୁଧୀ ବଡ଼କୁଳ ଝିଅ ଅଟଇ ।

ଉତ୍ପାଦ ଶେଷ ଛାନ୍ଦରେ ପୁତ୍ର ଓ ପୁତ୍ରବଧୂ ଗହଣରେ ଦଶରଥଙ୍କ ଅଯୋଧ୍ୟା ଯାତ୍ରା । ବର୍ଣ୍ଣିତ ପଥରେ ପର୍ଶୁରାମ ଦର୍ପହରଣ ବର୍ଣ୍ଣନା ସଂକ୍ଷିପ୍ତ ମାତ୍ର, ତାହା ବୈଦେହୀଶ ବିଳାସ ଭଳି ଏତେ ଚମତ୍କାର ନୁହେଁ । ମୂଳତଃ କାବ୍ୟର କଥାବସ୍ତୁ ଯେଉଁ କୌଣସି ବୈଶିଷ୍ଟ୍ୟ ଉପଲବ୍ଧ ନ ହେଲେ ମଧ୍ୟ କବିଙ୍କର ବର୍ଣ୍ଣନାରେ କ୍ଷିପ୍ରତା ଓ ସଂଯମ ଲକ୍ଷ୍ୟ କରିବାର ବସ୍ତୁ । ଭାଷା ସରଳ, ଅଳଂକାରର ପ୍ରୟୋଗ ବିଶେଷ ନାହିଁ । କାବ୍ୟଟିରେ କବିଙ୍କର ସର୍ବଦେବ ଉପାସନା ଓ ଯଶପ୍ରୟାସର ସୂଚନା ଯଥେଷ୍ଟ ପରିମାଣରେ ମିଳେ ।

---

## କଳାକଉତୁକ

ଏହି କାବ୍ୟର ରଚନା ଯେଉଁ ଜନଶ୍ରୁତି ଉପରେ ପରିକଳ୍ପିତ ଦୀନକୃଷ୍ଣ ଓ ଉପେନ୍ଦ୍ରଙ୍କ ସାକ୍ଷାତ ଓ ରସକଲ୍ଲୋଳର ନାମକରଣ ଯେଉଁ ଯେଉଁ କିମ୍ବଦନ୍ତୀ ରହିଛି ତାହା ଅନୁରୂପ ତାତ୍ପର୍ଯ୍ୟ । କାବ୍ୟଟି ୧୦ଟି ଛାନ୍ଦରେ ରଚିତ । ରାମକେରୀ, ଭୈରବୀ, କଉଶିକ, ମାଳବ ପ୍ରଭୃତି ରାଗର ପ୍ରୟୋଗ ହୋଇଛି । କାବ୍ୟଟିର ବିଷୟବସ୍ତୁ ପ୍ରେମଜ୍ଞ ସ୍ୱରୂପ ଗୋପକୃଷ୍ଣଙ୍କର ଗୋପଲୀଳାର ଏକ ଅଂଶ ମାତ୍ର । ତାହା କୃଷ୍ଣ ଓ ଚନ୍ଦ୍ରାବଳୀ ସମ୍ଭୋଗ ବର୍ଣ୍ଣନା—

କରୁଣା କରବେ କରୁଣାକର ହୋଇ ଦେଉଛ,
କହିବ ଚନ୍ଦ୍ରାବଳୀ କୃଷ୍ଣ କଳା କେଳି କୁତୁକ ।

କିନ୍ତୁ ଉପେନ୍ଦ୍ରଙ୍କର ଏହି କାବ୍ୟବର୍ଣ୍ଣିତ ଚନ୍ଦ୍ରାବଳୀ ପ୍ରସଙ୍ଗ ଅନ୍ୟାନ୍ୟବୈଷ୍ଣବ କବିମାନଙ୍କ ବର୍ଣ୍ଣନା ନିକଟରେ ମ୍ଳାନପଡ଼େ । ବିଶେଷରେ ବିଦଗ୍ଧ ଚିନ୍ତାମଣିର ୨୧ଛାନ୍ଦ ବର୍ଣ୍ଣିତ ଚନ୍ଦ୍ରାବଳୀ ସମ୍ଭୋଗ

ପ୍ରସଙ୍ଗର ଅଶ୍ଳୀଳତା ସତ୍ତ୍ୱେ ଯେଉଁ ମାଦକତା ଓ ଭାବଲୀଳା ରହିଛି ତାହା "କଳା କଉତୁକ"ରେ ନାହିଁ । ଏହି କ୍ଷୀଣକାୟ କାବ୍ୟରେ କବି ବିଷୟବସ୍ତୁର ସଂଯୋଜନ ଓ ପ୍ରକାଶନ ପ୍ରତି ବିଶେଷ ଦୃଷ୍ଟି ଦେବା ପରିବର୍ତ୍ତେ କାବ୍ୟର ଭାଷା ଓ 'କ' ଅକ୍ଷର ପ୍ରୟୋଗ ପ୍ରତି ଅତ୍ୟଧିକ ଯତ୍ନଶୀଳ ଥିବା ପରି ମନେ ହୁଏ । ରସ କଲ୍ଲୋଳ, ମଥୁରା ମଙ୍ଗଳ ବିଦଗ୍ଧ ଚିନ୍ତାମଣି ପ୍ରଭୃତି କୃଷ୍ଣ ବିଷୟକ କାବ୍ୟ ଗ୍ରନ୍ଥରେ ଯେପରି ରସର ପ୍ରବାହ, ଅଙ୍ଗ ପଦାବଳୀର ମଧୁରତା ବିଦ୍ୟମାନ ଓ ବର୍ଣ୍ଣନାବୈଭବ ଭରପୂର, "କଳା କଉତୁକ"ରେ ତାହା ସ୍ୱପ୍ନବତ୍ ପ୍ରତୀତ ହୁଏ । କବି ଅନେକ ସ୍ଥାନରେ ଗୁଡ଼ାଏ ଅପ୍ରଚଳିତ ରଚନା ମାଧୁର୍ଯ୍ୟର ପରିପନ୍ଥୀ ଶବ୍ଦ ବ୍ୟବହାର କରି କାବ୍ୟଟିକୁ ଅଧିକ ରସହୀନ କରି ପକାଇଛନ୍ତି ।

କାବ୍ୟଟିର ରଚନା ପାଠକରେ ଏହି ଦାରିଦ୍ର୍ୟର କାରଣ ହେଉଛି କବି-ଭାବନାର ସ୍ୱଚ୍ଛନ୍ଦ ଗତି ଏଥିରେ ନ ଥିଲା । କାରଣ କବି ଅନ୍ୟାନ୍ୟ ଗ୍ରନ୍ଥର ନାମକରଣ ପ୍ରତି ତାଙ୍କର ଆଗ୍ରହ ପ୍ରକାଶ କରି ଓ ଅକ୍ଷର ନିୟମ ପ୍ରୟୋଗ କରିଛ ପାଣ୍ଡିତ୍ୟ ପ୍ରଦର୍ଶନ ଯୋଗୁଁ ଏଥିରେ ସେ ପ୍ରବୃତ୍ତ ହୋଇଥିଲେ । ଉପେନ୍ଦ୍ରଙ୍କ ଅନ୍ୟ ରଚନା ମଧ୍ୟରେ ଏହାର କୌଣସି ବିଶେଷତ୍ୱ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଗୋପ ସୁଷମା ଓ ବୃନ୍ଦାବନର ଶୋଭା ବର୍ଣ୍ଣନାରେ ଉପଯୁକ୍ତ ଶବ୍ଦାବଳୀ ଓ ଅଳଙ୍କାର ପ୍ରୟୋଗରେ କବି ଦୀନକୃଷ୍ଣଙ୍କଠାରୁ ବହୁ ନିମ୍ନରେ । ଦୀନକୃଷ୍ଣ ଗୋପୀମାନଙ୍କ 'କରିକୁମ୍ଭସ୍ତନା,' 'କୁନ୍ଦ ଦନ୍ତ ବେନା,' 'ଉତ୍ପଳ ବରଣୀ' 'ଚନ୍ଦ୍ର ବଦନୀ' ପ୍ରଭୃତି ଲଳିତ ବିଶେ-ଷଣ ଦ୍ୱାରା ଯେପରି ବର୍ଣ୍ଣନା କରିଛନ୍ତି, ତାହା ଅନେକ ଦୂର ପ୍ରଭାବ ନ କେବଳେ ବରଂ ତାହା ଦ୍ୱାରା କାବ୍ୟର କଳେବର ଅଧିକ ପରିପୁଷ୍ଟ ହୋଇଅଛି ।

"ତାହାର ସ୍ୱର ହୋଇବାକୁ ହତ
କାଦମ୍ବିନୀ କାଳ କୋକିଳ ମତ
ତା' ପ୍ରେମ ଉଦ୍‌ଗମ,
କାଳକା କାଳ କଦମ୍ବ କୁସୁମ"

ଏଭଳି ଲଳିତ ପଦ ଯୋଜନା, 'କଳାକଉତୁକରେ' ଅଣା କରିବାକୁଥା । କିମ୍ବଦନ୍ତୀ ଯଦି ସତ୍ୟ ହୋଇଥାଏ ତେବେ ଉପେନ୍ଦ୍ରଙ୍କର ଅସ୍ୱାଭାବିକ ତାଙ୍କ ଅନ୍ୟ ଏକ ଭୂଷଣ ସ୍ୱରବିନ୍ଦୁ କାବ୍ୟ ସୁନ୍ଦରର ପିତୃତ୍ୱ ଦାନ କରି ଦିନା କିନ୍ତୁ ଦୀନକୃଷ୍ଣଙ୍କ କବି ପ୍ରତିଭାକୁ ମ୍ଳାନପ୍ରଭ କରି ପାରିବ ନାହିଁ । କାବ୍ୟଟି ଆମୂଳଚୂଳ ପାଠ କଲେ ସାଧାରଣ ପାଠକ କାହିଁକି, ସାହିତ୍ୟିକ ମଧ୍ୟ ତହିଁରୁ କାବ୍ୟାନନ୍ଦ ଲାଭ କରିବା ଦୁଷ୍କର ହୋଇପଡ଼େ ।

## ସୁବର୍ଣ୍ଣରେଖା

କାବ୍ୟର କଥାବସ୍ତୁ ଅତି ନଗଣ୍ୟ । କୋଶଳ ଦେଶର ନୃପକୁମାର ବୀରବର ଓ ଅନ୍ୟ ଦେଶର ମନ୍ତ୍ରୀଜା ସୁବର୍ଣ୍ଣରେଖା ସହିତ ଗାନ୍ଧର୍ବ ବିବାହ । ମଧ୍ୟବର୍ତ୍ତୀ ତିନି ଛାନ୍ଦରେ ବିରହ ବର୍ଣ୍ଣନା । ମଧ୍ୟ ଛାନ୍ଦରେ ବର୍ଷାକାଳର ବର୍ଣ୍ଣନା ରହିଛି । କାବ୍ୟଟି କ୍ଷୀଣକାୟ; ଏଥିରେ କବି ନବ ବିବାହିତ ଅନୁରକ୍ତ ପ୍ରଣୟୀର ବିଚ୍ଛେଦକାଳୀନ ମନୋବୃତ୍ତିର ବିଶ୍ଳେଷଣ କରିଛନ୍ତି । ଏହା କେବଳ ଦେହଘଟିତ ପ୍ରେମ ଓ ଅନୁରାଗର ସ୍ମରଣ ମଧ୍ୟରେ କବିଙ୍କ ବର୍ଣ୍ଣନାରୁ ଭାବର ଅନୁଭବ ପ୍ରବଣ ଜୀବନର ଏକ ସୁନ୍ଦର ଛବି ଜଣାପଡ଼େ । 'ସୁବର୍ଣ୍ଣରେଖା'ରେ ନାୟିକାର ବିଚ୍ଛେଦ-ବିଳାପ ଅତି ହୃଦ୍‌ସ୍ପର୍ଶୀ । କାରଣ କବିଧାରାକୁ ଭାଷା ଓ ଅଳଙ୍କାର ତଳେ ଚାପି ପୁରାରେ ଅନ୍ୟ କାବ୍ୟ ଭଳି ଦେବାନକା ସମ୍ଭାବ ନାହିଁ ।

ଚଉ ଚନ୍ଦ୍ରଛନ୍ଦ—ପାଞ୍ଚସ୍ଥଳେ ଶେଷ ହୋଇଲା ଏବଂ ଚଉଦ ଋଷିବନ୍ଧ

ହେ ଜନେ ପ୍ରେମ ସୁଧାର୍ଣ୍ଣବ ରସିକ ହାରାବଳୀର ଏ ଶେଷ ।

ସୁବର୍ଣ୍ଣରେଖାରେ ବର୍ଣ୍ଣନା ଯେତେକ ରସେ ହୁଏ ଉନ୍ନାଗୀର

କହେ ଉପେନ୍ଦ୍ର ବୀରବର ଅନୁବନ୍ଧୁ ଏ ଛନ୍ଦ ।

ବର୍ଣ୍ଣନାକ୍ରମ ଅତି ସାରଲ୍ୟମଣ୍ଡିତ ହେଲେହେଁ ବର୍ଣ୍ଣିତ ବିଷୟବସ୍ତୁଙ୍କ ଅସମାହାରେ ଅନାବୃଷ୍ଟ । କାବ୍ୟଟିର ପ୍ରତିସ୍ଥଳରେ ଏହା ଲକ୍ଷିତ ହୁଏ । ନଖ-ବର୍ଣ୍ଣନା ନାୟିକାର ଗୋପନୀୟ ଅଂଗ ସୁଢ଼ରୁ ଶର୍ବିକାର ସ୍ୱରରେ ସ୍ପର୍ଶ କରନ୍ତି ।

ଉଦାହରଣ ସ୍ଥଳରେ—

“ମନୋହାରୀ ସ୍ୱରପୁରେ ମୋହର
ଦନେ ଅନାୟତ୍ତେ ପଡ଼ିଲା କର,
ମିଶିଲା କୋମଳ ଲାବଣ୍ୟ ପର
ହେଲେ ତାମ୍ବୁଳ ପନ୍ଦ ହେବ ସର ।
ଚାକ୍ଷୁଷତ ରେମ,
ହୋଇଥିବ ଯେ ଶୀଠ ସ୍ୱପ୍ନସମ ।

ସ୍ତନନ୍ତ—ଲାବଣ୍ୟ ଜଳରେ କୋମଳ କଢ଼ି
ପରସ୍ପେ ସ୍ତନ ଅସ୍ତୁଥିଲା ବଢ଼ି
ବନ୍ଧୁଥିଲା ମୋର କର ଭିତରେ
କେତେ ହେବଣି ସେ ପୟୋଧରେ । ଇତ୍ୟାଦ ଦ୍ରଷ୍ଟବ୍ୟ ।

---

## ଲାବଣ୍ୟବତୀ

ବିଷୟ ବସ୍ତୁ—ଦିନେ କୈଳାସରେ ପାର୍ବତୀ ଏକାକିନୀ ଅବସ୍ଥାରେ ପଶାଖେଳ କରିବାକୁ ଇଚ୍ଛା କରିବାରୁ ସେ ନିଜ ମନରୁ ଏକ ମାନସ କନ୍ୟାଜାତ କରିଲେ । ଏହି କନ୍ୟା ପାର୍ବତୀଙ୍କ ବାମ୍ପୀରୁ ଜାତ ହୋଇଥିବାରୁ ତାର ନାମ ହେଲା ବାଣ୍ଟିକେଶ ।

ଉଭୟଙ୍କ ମଧ୍ୟରେ ପଶାଖେଳ କାଳରେ ହଠାତ୍ ଶଙ୍କରଙ୍କର ହୃଦୟ-ଭେଦୀ ଡମ୍ବରୁ ନାଦ ଶୁଣିଲେ । ତେଣୁ ପାର୍ବତୀ ଦେବୀ ହେଲେ ମଧ୍ୟ ସାଧାରଣ ନାରୀ ଭଳି ଭୀତା ହୋଇ ପଡ଼ିଲେ । କାରଣ ତାଙ୍କର ଧାରଣା ହେଲା ଯଦି ଏହି ଅପରୂପା ଶିବଙ୍କର ନେତ୍ର-ପଥାରୂଢ଼ ହୁଏ, ତେବେ ନିଜର ପ୍ରେମ ରାଜ୍ୟରେ ତାଙ୍କର ଏକ ପ୍ରତିଦ୍ୱନ୍ଦ୍ୱୀ ଆସି ପହଞ୍ଚିବ । ଏଠାରେ ପାର୍ବତୀଙ୍କର ମନୋବୃତ୍ତି ଲକ୍ଷ୍ୟ କରିବାର କଥା । ଯାହାହେଉ, ଭୟାତୁରା ପାର୍ବତୀ ଜଣକୁ ହକାରି ତାହା ସହିତ ବାଞ୍ଛାବତୀକୁ ଦୂରପ୍ରଦେଶସ୍ଥ ବନକୁ ପ୍ରେରଣ କଲେ ଏବଂ ଜନ୍ମାନ୍ତରରେ ପୁରୁଷ ସଙ୍ଗ ଲାଭକରିବ ବୋଲି ଆଦେଶ ଦେଲେ । ଏହି କାଳରେ ପ୍ରଭାକର ନାମକ ଏକ ପୁରୁଷ ଦିବ୍ୟନାରୀ ପ୍ରାପ୍ତି ଲକ୍ଷ୍ୟରେ ତପସ୍ୟା କରି କେଦାରେଶ୍ୱରଙ୍କ ଦର୍ଶନ କରିବାକୁ ଯାଉଥିଲା । ପଥରେ ସୁସଜ୍ଜିତ ପ୍ରାସାଦ ମଧ୍ୟରେ ଏହି ସୌନ୍ଦର୍ଯ୍ୟମୟୀ ନାରୀକୁ ଦେଖି ତାର ଧୈର୍ଯ୍ୟ ହତ ହେଲା ଏବଂ ଉଭୟ ପରସ୍ପର ପ୍ରତି ଆକୃଷ୍ଟ ହେଲେ । ପ୍ରଭାକର ନାରୀଅଙ୍ଗ ସ୍ପର୍ଶ କଲା ମାତ୍ରେ ବାଞ୍ଛାବତୀର ପ୍ରାଣବାୟୁ ଉଡ଼ିଗଲା । ଏହି ଅପ୍ରତ୍ୟାଶିତ ଦୁର୍ଦ୍ଦଶାରେ ପ୍ରଭାକର ଚିତା-ଅନଳରେ ନାରୀ ଶବ ସହ ଆତ୍ମ ଦେବାକୁ ଉଦ୍ୟତ ହେବା କାଳରେ ଦୈବୀବାଣୀ ଶୁଣିଲା ଏବଂ ଲଗ୍ନ ହେଲା । ତାପରେ କବିବର୍ଣ୍ଣନା କରନ୍ତି ପ୍ରଭାକର କର୍ଣ୍ଣାଟ ରାଜକୁମାର ଚନ୍ଦ୍ରଭାନୁ ଓ ବାଞ୍ଛାବତୀ ସିଂହଳ ରାଜକନ୍ୟା ରୂପରେ ଜନ୍ମଗ୍ରହଣ କଲେ । ଏହି ପୂର୍ବ ଜନ୍ମପ୍ରସଙ୍ଗ, ଦେଶ ବର୍ଣ୍ଣନା ବିଷୟ ପ୍ରସଙ୍ଗକ୍ରମେ ଆଲୋଚନା କରାଯିବ ।

ତାପରେ ଲାବଣ୍ୟବତୀର ଯୌବନ ପ୍ରାପ୍ତି, ବେଶ ବର୍ଣ୍ଣନା କ୍ରୀଡ଼ା ଛଳରେ ଯୌବନର ପ୍ରାବଲ୍ୟ ବର୍ଣ୍ଣନା, ସିଂହଳ ଆଗତ ବାଳକର କର୍ଣ୍ଣାଟରେ ଲୋକବାର୍ତ୍ତା ଦେଖାଇବା, ଲାବଣ୍ୟବତୀ

କପଟ ବେଶୀ ସନ୍ୟାସୀ ଦେଶ ଦେଶ ବୁଲି ଶେଷକୁ ଚନ୍ଦ୍ରଭାନୁ ଲାବଣ୍ୟବତୀ ପ୍ରତି ଆକୃଷ୍ଟ ହୋଇ କିପରି ତାକୁ ପାଇବେ ସେଥିପାଇଁ ମନ୍ତ୍ରଣା କଲେ । ଏହି କାଳରେ ଲାବଣ୍ୟବତୀ ସ୍ୱପ୍ନ ଦର୍ଶନ ଓ ସ୍ୱପ୍ନ ଭଙ୍ଗରେ ବିଳାପର ବର୍ଣ୍ଣନା । ମାଳିଆଣୀର ଶିବ ଉପାସନା, ତାପରେ ସାଧୁ, ଶୁକ ଓ ମେଘମାଳା ପ୍ରଭୃତିଙ୍କ ଉଦ୍ୟମରେ ଉଭୟଙ୍କ ପତ୍ର ପ୍ରଦାନ ଓ ସ୍ୱୀକୃତ । ଚନ୍ଦ୍ରଭାନୁ ଏହି ଅବସ୍ଥାରେ ଯାତ୍ରା ଦର୍ଶନ ଛଳରେ ରାମେଶ୍ୱର ଗମନ କଲେ ଓ ଲାବଣ୍ୟବତୀ ନିକଟକୁ ଦୂତ ପ୍ରେରଣ କଲେ । ସିଂହଳ ରାଜକନ୍ୟା ଓ ରାଣୀମାନଙ୍କ ଅନୁରୋଧରେ ରାମେଶ୍ୱର ଆସିଲେ । ମନ୍ଦିରରେ କନ୍ୟା ଓ ବରଙ୍କର ସାକ୍ଷାତ ହେଲା । ଚନ୍ଦ୍ରଭାନୁର ନାରୀବେଶ ଧାରଣ ମଧ୍ୟ ଲକ୍ଷ କରିବାର କଥା । ତାପରେ ଘଟନାର କ୍ରମଗତି, ବିବାହ ପ୍ରସ୍ତାବ, ଉଭୟ ପକ୍ଷ ସମ୍ମତି ପରେ ବିବାହ, ମିଳନ, କିଛିକାଳ ପରେ ଦୈବଶାପରେ ବିରହ । କବି ଏହି କାଳରେ ଷଡ଼ଋତୁର ବର୍ଣ୍ଣନା କରି ନାୟକ ନାୟିକାଙ୍କର ମନୋବୃତ୍ତିର ବର୍ଣ୍ଣନା କରିଛନ୍ତି । ତାପରେ ମିଳନ ଅଭିଷେକ ଓ କାବ୍ୟ ସମାପ୍ତି ।

ଆଲୋଚନା:—ପ୍ରଥମତଃ କବି କାବ୍ୟର ନାୟକ ଓ ନାୟିକାଙ୍କ ସମ୍ବନ୍ଧ ଅନୁରୂପ ନିମିତ୍ତ ଏହି ଦୈବଶକ୍ତିର ଅବତାରଣା କରିଛନ୍ତି ଏବଂ ଏହିପରି ଦେବଅଂଶୀ ନାୟକ ନାୟିକାଙ୍କ ମିଳନ ଓ ପ୍ରେମ ପଥର ପରିଚାଳନା ପାଇଁ ସାଧୁ, ଶୁକ, ବ୍ରହ୍ମର୍ଷି;ବାଳକର ଅଲୌକିକ ଶକ୍ତି ସାହାଯ୍ୟରେ ସ୍ୱପ୍ନ ଦର୍ଶନ ପ୍ରଭୃତିର ଅବତାରଣା କରିଛନ୍ତି । ଲାବଣ୍ୟବତୀର ସ୍ୱପ୍ନ ଦର୍ଶନ ଓ ତତ୍‌ପରର ବିଳାପ ମୂଳରେ ଯେଉଁ ଅଲୌକିକତା ଦେଖାଯାଏ, ସେଥିରେ ମନସ୍ତତ୍ତ୍ୱର ଖଣ୍ଡନ ଥାଇ ପାରେ । ମାତ୍ର ତାହା ସାଧାରଣ ବୁଝିବାର ବାହାରର କଥା । କାରଣ ଲୋକୋତ୍ତର, ଅଲୌକିକ ଓ ଐଶ୍ୱରିକ ଶକ୍ତି ସାହାଯ୍ୟରେ

ଏ ଯେଉଁ ମାନବୀୟ ପ୍ରେମର କଳ୍ପନା ଓ ତାହାର ଫଳପ୍ରଦ ସାଧନାର ଚିତ୍ର ଏଠାରେ ଅଙ୍କିତ, ତାହା କେଜାଣି କାହିଁକି ସାଧାରଣ ସମାଲୋଚକର ହୃଦୟକୁ ସ୍ପର୍ଶ କରି ପାରେ ନାହିଁ । ନାୟକ ନାୟିକାମାନେ ଯେ ଉଚ୍ଚ ବଂଶୋଦ୍ଭବ ହେବେ ତାହା ପୂର୍ବକାଳର ସାହିତ୍ୟର ପରମ୍ପରା ଥିଲା । କବି ସେ ବେଳେ "ଚନ୍ଦ୍ରମା କଳଙ୍କସ୍ଥାନ ସୁଧାକର ପ୍ରଭା, ଅନଙ୍ଗାଭ ନାରୀଏ ଯହିଁରେ ପରଗୃହୀ ।" ଏଭଳି ନାରୀକୁ ପରବର୍ଗୀ, ପର୍ଯ୍ୟାୟୋକ୍ତି ଆଦି ଅଳଙ୍କାର ସାହାଯ୍ୟରେ ବର୍ଣ୍ଣନା କରିଛନ୍ତି । ଏପରିକି ଏହି ବର୍ଣ୍ଣନା ପାଠକକୁ ଲାବଣ୍ୟବତୀ ଓ ହୃଦୟର କଥା ବା ଦେଶର ଚୂଳକଣା ପ୍ରଭ ଅଦୃଷ୍ଟ କରିପାରେ, ମାତ୍ର ତାହା କ୍ଷଣକପାଇଁ । କାରଣ ସେଠାରେ ଅଶ୍ରୁ ନାହିଁ, ବେଦନା ନାହିଁ, ପ୍ରଚେଷ୍ଟା ନାହିଁ, ଚେଷ୍ଟାର ସାଧନା ନାହିଁ, କାବ୍ୟ କଳନା ବା ସାହିତ୍ୟରେ ଅତୀନ୍ଦ୍ରିୟ ବା ଲୋକୋତ୍ତର ଶକ୍ତିର ସାହାଯ୍ୟରେ ମାନବର ପ୍ରେମ ସାଧନାର ଲୁପ୍ତୋଦ୍ଧାରଣ ସମ୍ଭବ ହୋଇ ପାରେ ନାହିଁ ।[1]

ଲାବଣ୍ୟବତୀ ଓ ଚନ୍ଦ୍ରଭାନୁ ତ ପୂର୍ବଜନ୍ମର ଶାପ ପାଇଛନ୍ତି, ଉଭୟ ପରସ୍ପରକୁ ଲାଭ କରି ପାରିବେ । ତେଣୁ ଉଭୟଙ୍କ ମଧ୍ୟରେ ପ୍ରେମ ସାଧନାରେ ସ୍ୱଳ୍ପ ବେଦନା ତାଙ୍କୁ ମିଳିବ । ଆଉ ତାଙ୍କର ସ୍ରଷ୍ଟାଙ୍କର "ପୂର୍ବଜନ୍ମ ନିଜ କନ୍ୟା" କରି ଦେଇ ଅଛନ୍ତି । ତେଣୁ ସେ ମିଳନରେ ବାଧା ହେବେ ବା କିଏ ? ଏହି ଦୃଷ୍ଟିରୁ ଲାବଣ୍ୟବତୀରେ ବର୍ଣ୍ଣିତ ପ୍ରେମ ପ୍ରସଙ୍ଗରେ ପାତ୍ରଭେଦତାର ଅସ୍ୱୀକାର ଅଛି । ଲାବଣ୍ୟବତୀ କାବ୍ୟରେ ଯେଉଁ ପ୍ରେମ ଓ ଜୀବନର ବର୍ଣ୍ଣନା ଅଛି ତାହା ସାଧାରଣ ଜୀବନରେ ଲଭ୍ୟ ସ୍ୱପ୍ନବତ୍ । ଏହି ସମ୍ବନ୍ଧରେ ଅଧିକ ଏଠାରେ ମତ ପ୍ରକାଶ କରିବାକୁ ମୁଁ ଇଚ୍ଛା କରୁନାହିଁ । ତେବେ ଏତିକି କହିବାକୁ ହୁଏ ଯେ 'କୃପା-ଲାଭ' ଓ

'ବକ୍ର ମଞ୍ଜରୀ'ର କଥାବସ୍ତୁ ଓ ପ୍ରସଙ୍ଗ ଯୋଜନା ଦୃଷ୍ଟିରୁ 'ଲାବଣ୍ୟ-ବତୀର' ସାମଞ୍ଜସ୍ୟ ରହିଛି । ପ୍ରକାଶନ ଓ ବର୍ଣ୍ଣନା ପ୍ରସଙ୍ଗରେ ଦେଖିବାକୁ ଗଲେ ମୋର ମତ ହେଉଛି—'ଲାବଣ୍ୟବତୀ' କାବ୍ୟର ଭାଷା ସରଳ ଏବଂ ମଧୁର । ଏହି କାବ୍ୟର ଭାଷା ସ୍ଥାନେ ସ୍ଥାନେ ଏପରି ହୋଇଛି ଯେ ବର୍ତ୍ତମାନ ଯୁଗର ଓଡ଼ିଆ ସାହିତ୍ୟରେ ମଧ୍ୟ ସେପରି ସଙ୍କେତ ମିଳିବା କଷ୍ଟକର । କାବ୍ୟଟିର ଆମୂଳଚୂଳ ନାନା ଅଳଙ୍କାର ଓ ଛନ୍ଦ ପ୍ରୟୋଗ ପୂର୍ଣ୍ଣ ରହିଛି । ଅନ୍ତ୍ୟଲିପି, ବନ୍ଧଲିପି, ଶବ୍ଦଭାଣ୍ଡାରର ସୁନ୍ଦର ପ୍ରକାଶ ହୋଇଛି । ରାଜ ଜୀବନର ସ୍ୱପ୍ନିଳ ସୁଖର କଳ୍ପନା, ଐଶ୍ୱର୍ଯ୍ୟର ଅମାପ ବୈଭବ 'ଲାବଣ୍ୟବତୀ'-ରେ ସ୍ଥାନ ପାଇଛି । ସିଂହଳ ବର୍ଣ୍ଣନା ଠାରୁ ଆରମ୍ଭ କରି ଲାବଣ୍ୟବତୀର ଉପବନ ବିହାର, ଜଳକ୍ରୀଡ଼ା ଏପରିକି ଚନ୍ଦ୍ରଭାନୁର ସ୍ୱୟମ୍ବର ଗମନ ପଥର ମୃଗୟା କାନନର ଯେଉଁ ବର୍ଣ୍ଣନା, ତାହା ବିଳାସୀ ଜୀବନର ରଙ୍ଗୀନ ସ୍ୱପ୍ନମୟ ଐଶ୍ୱର୍ଯ୍ୟର ବର୍ଣ୍ଣନା । ଆଜି ଯୁଗର ଯନ୍ତ୍ରର ତାଡ଼ନାରେ, ସମାଜର ବୈପ୍ଳବିକ ଆବରଣ ମଧ୍ୟରେ, ନାନା ବାଦର ସ୍ଫୁରଣ ଓ ପରିପନ୍ଥୀର ମଧ୍ୟରେ ଲାବଣ୍ୟବତୀ ବର୍ଣ୍ଣିତ ଜୀବନ ସ୍ୱପ୍ନମୟ ପ୍ରତୀତ ହେବାରେ କୌଣସି ଅଲୀକତା ନ ଥିଲେ ମଧ୍ୟ, ତେବେ ସେ ଏକାଳ ଜୀବନର ଧାରା କେଉଁଠି ପ୍ରବାହିତ ହେଉଥିଲା, ତାହା ବିଶ୍ୱାସ କରିବାକୁ ମଧ୍ୟ ଆଜିର ପାଠକ ପଛାଉ ନାହିଁ । ତାର କାରଣ କେବଳ ଆଜି ଯୁଗର ଅଭାବ ନୁହେଁ । ଏ ଯୁଗର ଦର୍ଶନ ଓ ସମ୍ଭାବ୍ୟ ବାସ୍ତବତା ମଧ୍ୟରେ ମନସ୍ତତ୍ତ୍ୱର ସମୀକ୍ଷା କାବ୍ୟ ଯୁଗର ଏ ବର୍ଣ୍ଣନା ପ୍ରତି ଆମର ଶ୍ରଦ୍ଧା ଉଦ୍ରେକ କରିପାରୁ ନାହିଁ । ଯାହାହେଉ ଉପେନ୍ଦ୍ର ରାଜସନ୍ତାନ ରୂପେ ଜନ୍ମ ଗ୍ରହଣ କରି ବିଳାସବ୍ୟସନର ଯେ ଭୁକ୍ତଭୋଗୀ ଥିଲେ ଏବଂ ବିଳାସ ବ୍ୟସନର ପରିସୀମା କେଉଁ ପର୍ଯ୍ୟନ୍ତ, ସମ୍ଭବତଃ ସେ

ପର୍ଯ୍ୟନ୍ତ ଭାବକୁ ଜଣାଥିବା କଥା ଲାବଣ୍ୟବତୀ କାବ୍ୟ ବର୍ଣ୍ଣିତ ସରୋବରର ବର୍ଣ୍ଣନା, ଉପବନ ବିହାର, ବେଶ ବର୍ଣ୍ଣନା, ରାଜ-ଅନ୍ତଃପୁର, ନଗର, ବଣିକର ବର୍ଣ୍ଣନାରୁ ଜଣାଯାଏ । ରାମେଶ୍ୱର ପଥରେ ଚନ୍ଦ୍ରଭାନୁର ଯେ ମୃଗୟା ବନ ଓ ମୃଗୟାର ବର୍ଣ୍ଣନା ଅଛି ତାହା କଣ ଅରଣ୍ୟର ବର୍ଣ୍ଣନା ନା ଅଣ୍ଡାକାଲ୍‌ଡା ବଗିଚା (Park), ଲବଙ୍ଗ, ଜାତିଫଳ, ଅଳାଇଚ, ନାରିକେଳ, ଆମ୍ର, ଗୁବାକ, ପଣସ, ନାଗେଶ୍ୱର ପ୍ରଭୃତି ବୃକ୍ଷରାଜିରେ ପୂରିତ ବନ ? ଏହା କବିଙ୍କର ମଧ୍ୟମସ୍ଥ ସ୍ୱପ୍ନବିଳାସୀ ଜୀବନର ଭଲ ଜନକ ଏବଂ ଆଦର୍ଶର ଗୋଟାଏ ଶୋଯ୍ୟାଲ୍‌ ।

ଚନ୍ଦ୍ରଭାନୁ ଓ ଲାବଣ୍ୟବତୀର ମିଳନ ପରେ ଦୈବୀଶାପ-ବଶରେ ଯେଉଁ ବିରହର ସୂତ୍ରପାତ ହେଲା ସେତକ ନ ହୋଇ ଥିଲେ କଣ କା କ୍ଷତି ହୋଇଥାନ୍ତା ? ସ୍ୱପ୍ନ ଦର୍ଶନ ଓ ବିପ୍ର ଜନିତ ଦ୍ୱାଦଶ ଛାନ୍ଦରେ "ଯେଉଁ ସୁନ୍ଦରୀ ଦଶା ଲୁହରୁ ଗଣ୍ଡାର ଧରଣୀ ଭିଜୁନ ଥିବେ" । ତାର ବିବାହ ପରେ ବିରହ ଓ ସ୍ନେହପ୍ରବଣତାର ଉତ୍କର୍ଷ ଦିଶୁ ଛଅଟି ଛାନ୍ଦ ଧରି ବର୍ଣ୍ଣନା କରିବାରେ ଅଧିକ କା କଣ ହୋଇ ପାରନ୍ତା ? କାବ୍ୟର ଆନୁଷଙ୍ଗିକ ବର୍ଣ୍ଣନା ସମ୍ପର୍କରେ ଏଠି ବିଶେଷ ଆଲୋଚନା କରିବାର ଅବକାଶ ନାହିଁ । ମାତ୍ର ମୂଳତଃ ଏତିକି କୁହାଯାଇ ପାରେ ଯେ, ଲାବଣ୍ୟବତୀ ଓ ଚନ୍ଦ୍ରଭାନୁଙ୍କ ପ୍ରେମ ପ୍ରସଙ୍ଗ କେବେ ବାସ୍ତବତାକୁ ଅଣ୍ଡାସ୍ୱ କରି ନ ପାରେ । ରାମେଶ୍ୱରରେ ସିଂହଳ ପୁରୋହିତଙ୍କର ଚନ୍ଦ୍ରଭାନୁ ନିକଟରେ କାମ ଓ କାମଶାସ୍ତ୍ରର ଯେ ଅବତାରଣା ତାହା କାବ୍ୟଟିର ମାଧୁର୍ଯ୍ୟ ବରଂ ନଷ୍ଟ କରି ପକାଉଛି । କାବ୍ୟଟି ଅତି ମାତ୍ରାରେ ବର୍ଣ୍ଣନାତ୍ମକ । ଏଣୁ ଗୋଟିଏ କଥା ସ୍ୱୀକାର କରିବାକୁ ହୁଏ ଯେ, ବିବାହ, ଗର୍ଭବତୀ ହେବା, ମାଳ୍ୟାଣୀ ପ୍ରସଙ୍ଗ, ଶିବ ଉପାସନା ପ୍ରଭୃତି

ସାମାଜିକ ପ୍ରଥା ଓ ପରଂପରା ବର୍ଣ୍ଣନାରେ କବି କୃତହସ୍ତ ଥିଲେ । ଲାବଣ୍ୟବତୀର ପୁଷ୍ପବତୀ ହେବା, ବିବାହ, ମାଲ୍ୟାଣୀର—

"ଗତ ଚତୁର୍ଦ୍ଦଶୀ ନିଶି ହୋଇଥିଲି ଉପବାସୀ"

ପ୍ରକୃତି ବର୍ଣ୍ଣନା ସଂସ୍କୃତ କାବ୍ୟ ରୂପଠାରୁ ଅବଶ୍ୟ ଭିନ୍ନ କାବ୍ୟଗତ ବର୍ଣ୍ଣନା ପ୍ରତ୍ୟେକରେ କବିଙ୍କର ଦୃଷ୍ଟି ଅତି ତୀକ୍ଷ୍ଣ ଥିଲା । ଏ ପ୍ରସଙ୍ଗରେ ଲାବଣ୍ୟବତୀର କେତେକ ସୁନ୍ଦର ଆଲୋଚନା ଅନ୍ୟତ୍ର କରାଯିବ । ପ୍ରକୃତି ବର୍ଣ୍ଣନା ଦେଖି ମୋର ବିଶେଷ କିଛି କହିବାର ନାହିଁ । ସମସ୍ତେ ନଗର, ବନ, ପର୍ବତ, ନଦୀ, ଋତୁ ପ୍ରଭୃତିର ବର୍ଣ୍ଣନା ପ୍ରସଙ୍ଗ ଅନୁରୋଧରେ କରନ୍ତି । ଉପେନ୍ଦ୍ର ମଧ୍ୟ କରିଛନ୍ତି । ତେବେ ସେଥିରେ ବୈଶିଷ୍ଟ୍ୟ କେଉଁଠି ଅଛି, ତାହା ଗ୍ରନ୍ଥର ପ୍ରକୃତି ବର୍ଣ୍ଣନା ପର୍ଯ୍ୟାୟରେ ଆଲୋଚିତ ହେବ ।

———

## ଶୀର୍ଷାଭିଧାନ

କବି ଉପେନ୍ଦ୍ର ସ୍ୱକୃତ ବିରାଟ ରଚନା ମଧ୍ୟରେ ଅନେକ ଅପ୍ରଚଳିତ କ୍ଲିଷ୍ଟ ଶବ୍ଦ ବ୍ୟବହାର କରିଛନ୍ତି । ତାଙ୍କ କାବ୍ୟ ଗୁଡ଼ିକରୁ ସ୍ପଷ୍ଟ ପ୍ରତୀତ ହୁଏ ଯେ, ସେ ଶବ୍ଦ ସମୁଦ୍ର ପାର ହୋଇ ପାରିଥିଲେ । କବିଙ୍କ ସାହିତ୍ୟ ସାଧନା ମଧ୍ୟରେ ତାଙ୍କର ଶବ୍ଦପାଣ୍ଡିତ୍ୟ ଉଲ୍ଲେଖ ଯୋଗ୍ୟ ବସ୍ତୁ । ତାର କାରଣ, ବୈଦେହୀଶ ବିଳାସ, କଳାକଉତୁକ, ସୁଭଦ୍ରା ପରିଣୟ ଭଳି ଅପର ନାମମାନଙ୍କରେ କାବ୍ୟମାନଙ୍କ ସହିତ ଅପର ନାମ ପ୍ରଭୃତି ଅନେକ କାବ୍ୟ କବିତା ରଚନା କରିବାରେ କବିଙ୍କ ଶବ୍ଦ ସାଧନାରେ ପାରଦର୍ଶିତା ସିଦ୍ଧ କରିବାକୁ ପଡ଼ିଥିଲା । ଏକ ଏକ ଅର୍ଦ୍ଧଶିକ୍ଷିତ ବିଦ୍ୟାର୍ଥୀ ବା ବ୍ୟକ୍ତିଙ୍କର ଭଲ ଭଲ ପ୍ରକୃତ ସ୍ୱରୋଧରେ କାବ୍ୟଗୁଡ଼ିକରୁ ଶ୍ରୁତିକଟୁତା ପରିହାର କରିବା ପାଇଁ ଲକ୍ଷ୍ୟାପୋଷଣ କରି ସେ

ଅମର, ତ୍ରିକାଣ୍ଡ, ଯାଦବ, ମେଦିନୀ, ବିଶ୍ୱପ୍ରକାଶ ଭଳି ବିରାଟ ଅଭିଧାନମାନ ଅଧ୍ୟୟନ କରିଥିଲେ । ତାଙ୍କର ରଚନାର ଅଧିକାଂଶ ଛନ୍ଦରେ ବିଭିନ୍ନ ଅର୍ଥସୂଚକ ଏକ ଶବ୍ଦ ଓ ଏକାର୍ଥକ ଭିନ୍ନ ଭିନ୍ନ ଶବ୍ଦର ପ୍ରୟୋଗ ରହିଛି ।

ଏହି ଦ୍ୱାରା ଅକ୍ଷର ନିୟମ ରକ୍ଷା କରିବା ସଙ୍ଗେ ସଙ୍ଗେ ଶ୍ଳେଷ, ଯମକ, ଅନୁପ୍ରାସ ପ୍ରଭୃତି ଅର୍ଥାଳଙ୍କାର ପ୍ରୟୋଗ ମଧ୍ୟ ସହଜ ହୋଇ ପାରିଛି । କବି ନିଜ କୃତୀର ବିଶାଳତା, ବ୍ୟାପକତା ଓ ଅପ୍ରଯୁକ୍ତ ଅପ୍ରଚଳିତ ଶବ୍ଦ ପ୍ରଯୁକ୍ତ ବିଧି ସମ୍ବନ୍ଧରେ ସମ୍ୟକ୍ ଅବହିତ ଥାଇ ସାଧାରଣ ପାଠକମାନଙ୍କର ଅସୁବିଧା ଦୂରୀକରଣ ସକାଶେ ଗୀତାଭିଧାନ ପ୍ରଣୟନ କରିଥିଲେ । ଏହି ଅଭିଧାନ ରଚନାରେ କବିତା ଶୈଳୀ ଲକ୍ଷ୍ୟ କରିବାର କଥା । 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ପ୍ରାନ୍ତରେ ଥିବା ସମସ୍ତ ଅକ୍ଷରରେ ମୁଖ୍ୟ ଦେବଗୁଣ୍ଡିକର ସମ୍ପୃକ୍ତ ଅର୍ଥ ସହ ଏହି ଅଭିଧାନଟି ରଚିତ । ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀର ଶେଷାଂଶରେ ଜଣେ ଓଡ଼ିଆ କବିଙ୍କ ଦ୍ୱାରା ଏକପ୍ରକାର ଅଭିଧାନ ପ୍ରଣୟନ ଅଜ୍ଞ ପାଠକର ବିସ୍ମୟ ସୃଷ୍ଟି କରେ । ଯାହାହେଉ, ଉପେନ୍ଦ୍ର କାବ୍ୟ ପାଠରେ ଏହି ଅଭିଧାନ କେତେ ପରିମାଣରେ ଯେ ସାହାଯ୍ୟ କରୁଛି, ତାହାହିଁ ଲକ୍ଷ୍ୟ କରିବାର କଥା । କବି ଅଭିଧାନର ଶେଷରେ କହିଛନ୍ତି—

ନାନାର୍ଥ ଗୀତ ଅଭିଧାନ କଲି ମୁଁ ସାର ସାର ଯେତେ ବାଛି,
ଶବ୍ଦ ସମୁଦ୍ରବର ପାର ହେବାକୁ କାହାର ସାମର୍ଥ୍ୟ ଅଛି ।
ମନ ଦେଲେ ମୂର୍ଖେ ପଣ୍ଡିତ ହୋଇବେ ବୁଧେ କରିବେ ପ୍ରଶଂସା,
ସ୍ୱସ୍ତି ଭଲ ସଂସ୍କୃତରେ ଅବାଂଶ୍ରବୋଧକ ପ୍ରାକୃତ ଭାଷା ।
'କ' ଠାରୁ 'କ୍ଷ' ଯାଏ ବର୍ଣ୍ଣ ରଚନା ଅକ୍ଷର ଧରି କେ ଜିଣିବ,
କହେ ଉପେନ୍ଦ୍ର ଭଞ୍ଜ ବାରବରଙ୍କେ ତା ଶବ୍ଦକୁ ବେଣିବ ।

ଅବଶ୍ୟ ସ୍ୱଭାବ ଅନୁଧ୍ୟାନ ସଙ୍କଳନ ପ୍ରଣାଳୀରେ ଗୀତାଭିଧାନ ସଙ୍କଳିତ । ମୂଳତଃ କବିଙ୍କର ଏ ପ୍ରଚେଷ୍ଟା ପ୍ରଶଂସାର୍ହ ହେଲେ ମଧ୍ୟ ଏହା ଉପେନ୍ଦ୍ର କାବ୍ୟପାଠରେ ଆଶାତୀତ ସାହାଯ୍ୟ କରିପାରେ ନାହିଁ । ଉପେନ୍ଦ୍ର କାବ୍ୟାବଳୀରେ ପ୍ରଯୁକ୍ତ ସମସ୍ତ ଶବ୍ଦ ଯଦି ତାଙ୍କ ଲିଖିତ କୋଷ ଗ୍ରନ୍ଥଗୁଡ଼ିକରେ ଥାନ୍ତା ତେବେ ସେ ସ୍ୱତନ୍ତ୍ର ଗୀତାଭିଧାନ ରଚନା କରି ନ ଥାନ୍ତେ । ଶବ୍ଦ ସୃଷ୍ଟି ଓ ପ୍ରୟୋଗରେ ସାଧାରଣ କବିର ଏ ପ୍ରକାର ସ୍ୱାଧୀନତାର ସୀମାକଥା ଅବଶ୍ୟ ବର୍ଜ୍ୟ ।

———

## ରସପଞ୍ଚକ

କବିଙ୍କର ଏହା ଏକ ଆଳଙ୍କାରିକ ରଚନା । ରସ, ଦୋଷ, ଗୁଣ ପ୍ରଭୃତିର ଅବତାରଣା ଏଥିରେ ସ୍ଥାନ ପାଇଛି ।

"ରସପଞ୍ଚକ" ଏହି ପାଞ୍ଚଟି ଅନ୍ତରରେ କବି ଏହି ସମସ୍ତ ଆଳଙ୍କାରିକ ହାବ ଭାବ, ରସ ବିଭାବ, ନାୟକ, ନାୟିକା ମାନଙ୍କର ସଂଜ୍ଞା ଓ ଗୁଣର ଚିତ୍ରଣ କରିଅଛନ୍ତି ।

"ରସପଞ୍ଚକ ବର୍ଣ୍ଣରେ ବର୍ଣ୍ଣନା ହେବାରୁ ରସପଞ୍ଚକ ଏ ବୋଲାଇବ,
ରସ ତରଙ୍ଗିଣୀ ଗ୍ରନ୍ଥ ସାହିତ୍ୟ ଦର୍ପଣ ମତ ସମ୍ମତେ ଏ ଅଟଇ ।"

ଶୃଙ୍ଗାର, ବୀର, କରୁଣ, ଅଦ୍ଭୁତ ପ୍ରଭୃତି ନବରସ ଉଦ୍ଦୀପନ ବିଭାବ, ନବାନୁରାଗ, ଗୃହଚ୍ଛିଦ୍ର, ପଶ୍ଚାତ୍ତାପ, ଦୂତୀ ନିବେଦନ, ପ୍ରାପ୍ତି ଇଚ୍ଛା, ସ୍ୱବର୍ଣ୍ଣ, ଜନ୍ମ ପ୍ରଭୃତି 'ବ'କାର ବୋଲି ମଧ୍ୟରେ ବର୍ଣ୍ଣିତ । ନାୟକମାନଙ୍କ ଭେଦ ବର୍ଣ୍ଣନାରେ ଶଠ, ଦକ୍ଷିଣ, ଧୃଷ୍ଟ, ଧୀର, ଅନୁକୂଳ ନାୟିକାମାନଙ୍କ ମଧ୍ୟରେ ଧୀରା, ଅଧୀରା, ପ୍ରଗଲ୍ଭା, ସ୍ନେହଗର୍ବିତା, ରୂପଗର୍ବିତା, ସ୍ୱାଧୀନଭର୍ତ୍ତୃକା, ବାସକ-ସଜ୍ଜା ପ୍ରଭୃତିର ଅବତାରଣା କରିଛନ୍ତି ।

'୬'କାର ଛନ୍ଦରେ ହାବଭାବ ଇତ୍ୟାଦିର ଅବତାରଣା, କାନ୍ତି, ମାଧୁର୍ଯ୍ୟ, ଦୀପ୍ତି ପ୍ରଗଲ୍‌ଭତା, ଲୀଳା, ଧୈର୍ଯ୍ୟ, ବିଳାସ, ମୋଟ୍ଟାୟିତ, ବିଭ୍ରମ, ମଦ, କୁଟ୍ଟମିତ, କିଳକିଞ୍ଚିତ ଇତ୍ୟାଦିର ବର୍ଣ୍ଣନା । ଏହି କ୍ରମରେ ସମଗ୍ର ଛାନ୍ଦଟିରେ ଚୌପଦୀ, ଚଉ ଇତ୍ୟାଦିର ମାଧ୍ୟମରେ ଅଳଙ୍କାରିକ ରସ, ଗୁଣ, ଦୋଷ ଭାବ, ପ୍ରିୟଙ୍ଗୁ, କେତକୀ, ଆମ୍ର, ବକୁଳ, କୁରୁବକ, କର୍ଣ୍ଣିକାର, ଦୋହଦର ବର୍ଣ୍ଣନା ରହିଛି । '୭' କାର ବୋଲିରେ ରୂପକ, ଉତ୍ପ୍ରେକ୍ଷା, ବିଭ୍ରମ, ଅଳଙ୍କାରର ବର୍ଣ୍ଣନା ସଙ୍ଗେ ସଙ୍ଗେ ଶାସ୍ତ୍ରୋକ୍ତ ଷୋଳ ପ୍ରକାର ରମଣୀମାନଙ୍କ ଲକ୍ଷଣ ବର୍ଣ୍ଣିତ । କାମ ବିଜ୍ଞାନମାନଙ୍କରେ ଯେଉଁ ଦେଶର ନାରୀମାନଙ୍କର ଅଙ୍ଗ ସୌଷ୍ଠବ କିପରି ଓ ସେମାନଙ୍କର ଭାବ ଭଙ୍ଗୀରେ କେଉଁଭଳି ପାର୍ଥକ୍ୟ ରହି ଥାଏ ତହିଁର ସମ୍ୟକ ଅବତାରଣା କରିଛନ୍ତି । ବାତ୍ସାୟନ ଋଷିଙ୍କଠାରୁ ଆରମ୍ଭ କରି ଏଯାବତ୍ ଏହି ଦେଶରେ କାମ ବିଜ୍ଞାନର ଯେ ପର୍ଯ୍ୟାପ୍ତ ଆଲୋଚନା ହୋଇଛି ତାହା ତୁଳନାରେ ଏହାର ବୈଶିଷ୍ଟ୍ୟ ବିଶେଷ ନ ଥିଲେ ମଧ୍ୟ ଓଡ଼ିଆରେ ଏ ପ୍ରକାର ରଚନା ଇତିହାସ ଦୃଷ୍ଟିରୁ ନିଶ୍ଚିତ ଭାବରେ ମୂଲ୍ୟବାନ୍ । ଏହା ବ୍ୟତୀତ ଶଶପ୍ଲୁତ, ମଣ୍ଡଳକ, ମୟୂରପଦ୍ୟ, ଚୁମ୍ବିତ ରେଖା, ଉତ୍ପଳ ପତ୍ର, ଦନ୍ତକ୍ଷତର ପ୍ରଭେଦ ଲକ୍ଷଣ ଓ ଚନ୍ଦ୍ରକଳାର ପୀଡ଼ିତ ଚୁମ୍ବନ, ସ୍ଫୁରିତ ଚୁମ୍ବନ; ଭ୍ରମର ଚୁମ୍ବନ ଆଦି ନାନାବିଧ ଚୁମ୍ବନର ଲକ୍ଷଣ ବର୍ଣ୍ଣିତ । ଏହି ଅଳଙ୍କାର ଗ୍ରନ୍ଥ ସମ୍ବନ୍ଧରେ ଡକ୍ଟର ଚନ୍ଦ୍ର ମଜୁମଦାର ମତାମତ ଦେଇଛନ୍ତି—"ରସପଞ୍ଚକରେ ରସ ସୃଷ୍ଟିର ଯେଉଁ ରୂପ ଅବତାରଣା ଓ ସମୀକ୍ଷା କରାଯାଇଛି ତାହା ଅଧିକ ବାଞ୍ଛିତ ଓ ହୃଦୟ ରୋଚକ ନୁହେଁ । ବରଂ କବିଙ୍କର ଅନୁଚାର୍ଯ୍ୟତା ଏଥିରେ ସୁସ୍ପଷ୍ଟ । ଅଳଙ୍କାରର ପ୍ରକାର ରସ ଭାବ ମୌଳିକ ରୂପ ପ୍ରାପ୍ତ ହୋଇ ନାହିଁ, ବରଂ ଉକ୍ତ ରସକୁ ଆଚ୍ଛନ୍ନ କରିଛି ।"

ସମାଲୋଚକଙ୍କର ଏହି ମତ ସମ୍ବନ୍ଧରେ ଆଲୋଚନା କବିଙ୍କ ବର୍ଣ୍ଣିତ ପ୍ରେମ ପ୍ରସଙ୍ଗ ଓ ଶୃଙ୍ଗାର ପର୍ଯ୍ୟାୟର ସଂଶ୍ଳେଷଣ କାଳରେ ବିସ୍ତୃତ କରାଯିବ।

---

## ବୈଦେହୀଶ ବିଳାସ

ଓଡ଼ିଆ କାବ୍ୟ ସାହିତ୍ୟରେ 'ବୈଦେହୀଶ ବିଳାସ'ର ସ୍ଥାନ ଅତି ଉଚ୍ଚରେ। କାବ୍ୟ ସାହିତ୍ୟର ଇତିହାସ ଓ ତାହାର ବିକାଶଧାରା ଦୃଷ୍ଟିରୁ ବୈଦେହୀଶ ବିଳାସହିଁ ଏଯାବତ ସର୍ବୋତ୍କୃଷ୍ଟ କାବ୍ୟରଚନା ରୂପେ ଗୃହୀତ ହୋଇଥାଏ। ଓଡ଼ିଆରେ ବାସ୍ତବରେ ମହାକାବ୍ୟ ବିରଳ। ଉତ୍କଳ ସାହିତ୍ୟରେ ବୈଦେହୀଶ ବିଳାସହିଁ ଶ୍ରେଷ୍ଠ ଓ ଏକମାତ୍ର ମହାକାବ୍ୟ। କବି ନିଜର ସଂସ୍କୃତ ପାଣ୍ଡିତ୍ୟ, ଅଲଙ୍କାର ଓ ରସଜ୍ଞ ଅନୁଭୂତିରେ ଏହାକୁ ସୃଷ୍ଟି କରିଛନ୍ତି। ଆଲଂକାରିକ ଅନୁମୋଦିତ ସମସ୍ତ ଗୁଣାବଳୀରେ ସମନ୍ୱିତ ଏହି ମହାକାବ୍ୟ ଭଂଜଙ୍କ କବିପ୍ରତିଭାର ଶ୍ରେଷ୍ଠ ଓ ସରସ ଅବଦାନ ରୂପେ ଗ୍ରହଣ କରାଯାଇଥାଏ। ସ୍ୱୀୟ ଅନ୍ୟାନ୍ୟ ରଚନା ତୁଳନାରେ କବି ଏଠାରେ ସଂଯତ ଓ ପ୍ରଜ୍ଞାବାନ ରୂପେ ଅଧିକ ପ୍ରତୀତ ହୁଅନ୍ତି। ବୈଦେହୀଶ ବିଳାସରେ ନବରସର ପ୍ରବାହ ଥିଲେ ମଧ୍ୟ ଶାନ୍ତ ରସର ନୀରବଚ୍ଛିନ୍ନତା କବି ହୃଦୟର ପ୍ରଶାନ୍ତ ଭାବର ସୂଚନା ଦିଏ।

କଥାବସ୍ତୁ ଓ ରଚନାର ଇତିହାସ :— ବୈଦେହୀଶ-ବିଳାସ ରାମାୟଣରୁ ଗୃହୀତ ବିଷୟବସ୍ତୁ ଯୁକ୍ତ। କବିଙ୍କର ଆରାଧ୍ୟ ଦେବତା ସତ୍ୟସଂଧ ଦଶରଥତନୟ ରାମଚନ୍ଦ୍ରଙ୍କ ଜନ୍ମବୃତ୍ତାନ୍ତ ଠାରୁ ରାବଣବଧ ପରେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ

ପର୍ଯ୍ୟନ୍ତ ସମସ୍ତ ରାମାୟଣର ବୃତ୍ତାନ୍ତ ବର୍ଣ୍ଣିବା କରିଛନ୍ତି । ରାମଙ୍କର ସପତ୍ନୀକ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ପରେ କବି ରାମାୟଣର ଅବଶିଷ୍ଟ କଥାବସ୍ତୁ ରସଭଙ୍ଗ ଭୟରେ ବର୍ଣ୍ଣନା ନ କରି କେତୋଟି ପଦ ମଧ୍ୟରେ ସେଗୁଡ଼ିକର ସାଧାରଣ ସୂଚନା ପ୍ରଦାନ କରିଛନ୍ତି । କଥାବସ୍ତୁରେ କବିଙ୍କର ବୈଶିଷ୍ଟ୍ୟ ଆଲୋଚନା କରିବା ପୂର୍ବରୁ ସେ କିପରି ବହୁଶାସ୍ତ୍ରଦର୍ଶୀ ଥିଲେ ଏବଂ କେଉଁ କେଉଁ ମନୀଷୀମାନଙ୍କ ପଦାଙ୍କ ଅନୁସରଣ କରି ଏହି ବିରାଟ କାବ୍ୟସୌଧ ସୃଷ୍ଟିରେ ପ୍ରବୃତ୍ତ ହୋଇଥିଲେ ତାହା ଜାଣିବାର କଥା । ଉପେନ୍ଦ୍ର ଜୀବନର ସାଧାରଣ ଧର୍ମ ଅପରର ଆଶ୍ରୟ ନେବାରୁ ବଂଚିତ ନ ଥିଲା । ତାଙ୍କର ଉପଜ୍ଞତା ଓ ସାହିତ୍ୟିକ ମନୋବୃତ୍ତି ଅତି ଉଚ୍ଚକୋଟୀର ଥିଲା । ତେଣୁ ବୈଦେହୀଶ ବିଳାସ ରଚନା ପୂର୍ବରୁ ସେ ରାମାୟଣ ବିଷୟ ବର୍ଣ୍ଣିତ ସମସ୍ତ ପୁରାଣ, କାବ୍ୟ ଓ ନାଟକ ପାଠ କରିଥିଲେ । ଏହା ସେ ସ୍ୱୀକାର ଛଳରେ ବୈଦେହୀଶ ବିଳାସର ପ୍ରଥମ ଛାନ୍ଦରେ କହିଛନ୍ତି :—

"ବାଲ୍ମୀକି ବ୍ୟାସ କବି ପଢ଼ିଲେ, ମହାକାବ୍ୟ ଯେ ପୁରାଣ କରେ, ମହାନାଟକ ବାଳ ସ୍ମୃତିରେ ହେଲେ ଜଣତା ଯେ, ଚମ୍ପୁରେ କାବ୍ୟ ରଘୁ କାଳିଦାସ, ଭଟ୍ଟ ରଚନା ଶ୍ଳୋକ ନୈଷଧ ଭୂଗୋପିକା ଏ ଗୀତେ ପ୍ରକାଶ ଖୁଣ୍ଟିଲି ଶାସ୍ତ୍ର ଯେ" ଇତ୍ୟାଦି ।

କବି ଏହି ମହାକାବ୍ୟର ରଚନା ପୂର୍ବରୁ ଉପର୍ଯ୍ୟୁକ୍ତ ଗ୍ରନ୍ଥ-ମାନଙ୍କ ଛନ୍ଦୁ ପାଠ କରିଥିଲେ ଏବଂ ସ୍ୱାଭାବିକ ଭାବରେ ପ୍ରଭାବାନ୍ୱିତ ହୋଇଥିଲେ । ଏହି ପ୍ରଭାବ ମାତ୍ରା ଓ ସ୍ୱରୂପ ପ୍ରକାଶ କରିବା ପୂର୍ବରୁ ସ୍ୱୀକାର କରିବାକୁ ହେବ ଯେ ସେ.ହିଁ ଏ ଉପସ୍ଥିବସ୍ତୁ ବାଗ୍ମିତା ଓ ପ୍ରକାଶଭଙ୍ଗୀଗତ ବୈଚିତ୍ର୍ୟ ଓ ବୈଶିଷ୍ଟ୍ୟ ଯେଉଁ ନାନା ରୂପରେ ଆତ୍ମପ୍ରକାଶ କରିଥାଏ । ଭାରତୀୟ ସାହିତ୍ୟ ଓ

ସାଂସ୍କୃତିକ ଜୀବନର ପ୍ରଧାନ ଉତ୍ସ ରାମାୟଣ ମହାଭାରତରେ ମାନବୀୟ ଜୀବନପ୍ରବାହର ପ୍ରତ୍ୟେକ ସ୍ରୋତର ସ୍ୱାତନ୍ତ୍ର୍ୟ ଲକ୍ଷିତ ହୁଏ । ପାରିବାରିକ ଜୀବନର ଚିତ୍ରଠାରୁ ରାଜନୈତିକ ଓ ସାମାଜିକ ଜୀବନର ଶ୍ରେଷ୍ଠ ବିକାଶ ଓ ପତନର ଚିତ୍ର ସଙ୍ଗେ ସ୍ନେହ, କ୍ଷମା, ଦୟା, ସୌଜନ୍ୟଠାରୁ ଆରମ୍ଭ କରି ତୀକ୍ଷ୍ଣ ରାଜନୀତି, ଅର୍ଥନୀତି ପର୍ଯ୍ୟନ୍ତ ସମସ୍ତର ଉଜ୍ଜ୍ୱଳ ଚିତ୍ର ରଙ୍ଗରେ ଭରପୂର । ତାହା ଦିନକର କଳ୍ପିତ ଇତିହାସ ନୁହେଁ; ବରଂ ସବୁଦିନ ପାଇଁ ଭାରତୀୟ ସାହିତ୍ୟ ଓ ସାଂସ୍କୃତିକ ଜୀବନକୁ ଖାଦ୍ୟ ଯୋଗାଇବାରେ ବ୍ୟସ୍ତ । ଏଥି ପୁରାତନ କଥାବସ୍ତୁ ଯୁଗଯୁଗ ଧରି ଶିଳ୍ପୀ କବି, ଦାର୍ଶନିକ ଓ ନାଟ୍ୟକାରମାନଙ୍କ ଦ୍ୱାରା ଭିନ୍ନ ଭିନ୍ନ ରୂପେ ପ୍ରକାଶିତ ହେବାରେ ଲାଗିଛି । ସେହି ଦୃଷ୍ଟିରୁ ରାମ ଚରିତ, କୃଷ୍ଣ ଚରିତ ରାଧା, ସୀତା, ଦ୍ରୌପଦୀ ପ୍ରଭୃତି ନାରୀଚରିତ ପୁରାତନ ହେଲେ ମଧ୍ୟ ବିଶେଷ ବ୍ୟକ୍ତିତ୍ୱର ସଂଯୋଗରେ ଚିରଦିନ ନୂତନତ୍ୱ ଲାଭ କରୁଛି । ପୁରାତନରେ ନୂତନତ୍ୱର ଆନୟନ ପ୍ରବୃତ୍ତି ଓ ଶକ୍ତିହିଁ ଆମ ସାହିତ୍ୟର ଗୌରବ ସୃଷ୍ଟି କରିଛି । ତେଣୁ ଉପେନ୍ଦ୍ର ଭଞ୍ଜଙ୍କ ବୈଦେହୀଶ ବିଳାସକୁ ସେହି ଦୃଷ୍ଟିରୁ ବିଚାର କରିବାକୁ ପଡ଼ିବ । କବି ଏହି ଚିରନ୍ତନ କଥାବସ୍ତୁ ଗ୍ରହଣ କରି ସେଥିରେ ସ୍ୱୀୟ ପ୍ରତିଭା ଓ ଅନ୍ତରର ପ୍ରକୃତ ସଂଯୋଗରେ ଯେପରି ସୃଷ୍ଟି କରିଛନ୍ତି ତାହା ଦେଖିବାର କଥା । ସେ କେବଳ ବୈଦେହୀଶ ବିଳାସ ନୁହେଁ, 'ଅବନା ରସତରଙ୍ଗ'ଠାରୁ ଆରମ୍ଭ କରି 'ରାମଲୀଳାମୃତ' ଭଳି ଅନ୍ୟାନ୍ୟ କାବ୍ୟ ମାନଙ୍କରେ ରାମ ଚରିତ ବର୍ଣ୍ଣନା କରିଛନ୍ତି । କେବେ ବୈଦେହୀଶ ବିଳାସରେହିଁ ତାଙ୍କ ପ୍ରତିଭାର ମୌଳିକତା ଓ ପ୍ରକାଶର ସରସତା ଚାତୁର୍ଯ୍ୟ । କାରଣ ଏହାହିଁ ସାଧାରଣ ଦୃଷ୍ଟିରେ ତାଙ୍କର ପ୍ରଧାନ ସୃଷ୍ଟି ।

ଉକ୍ତ ଉପର୍ଯ୍ୟୁକ୍ତ ଉଦ୍ଧୃତାଂଶ ମଧ୍ୟରେ ଲେଖକମାନଙ୍କର ତୁଳନା କେବଳମାତ୍ର ସେମାନଙ୍କ ସ୍ୱକୀୟ କଥାବସ୍ତୁ ଓ ପ୍ରକାଶନ ଭଙ୍ଗୀରେ କେନ୍ଦ୍ରୀଭୂତ ରହିଛି ତାହା ପ୍ରସଙ୍ଗକ୍ରମେ ଅନୁଭବ କରାଯିବ। କିନ୍ତୁ ଏଠାରେ ଏତିକିରେ ସନ୍ତୁଷ୍ଟ ରହିବାକୁ ହେବ ଯେ ଉଭୟଙ୍କର ରଚନା କେବଳ ଭକ୍ତି ଭାବସମ୍ବଳିତ ନୁହେଁ, ବା ବାଲ୍ମୀକି, ବଳରାମ ରଚିତ ପୁରାଣ ନୁହେଁ ଏବଂ ସର୍ବୋପରି ମହାନାଟକ ଭଳି ନାଟକ ନୁହେଁ। ଏହା ଏକ ମହାକାବ୍ୟ। ତେଣୁ ଅଳଂକାରଶାସ୍ତ୍ରସମ୍ମତ ପଦ୍ଧତିରେ ମହାକାବ୍ୟରେ ବିଶିଷ୍ଟ ବ୍ୟକ୍ତିଙ୍କର ଜୀବନର ଶ୍ରେଷ୍ଠାଂଶର ସମଗ୍ର ସୁନ୍ଦର ଆଲେଖ୍ୟ ଉପସ୍ଥାପନ ସଂଗେ ସଂଗେ ଉପଯୋଗୀ ଛନ୍ଦ ସହ ନାନା ଭଙ୍ଗୀମାନଙ୍କ ଅବତାରଣା ଓ ଉପଯୋଗୀ ରସ, ଗୁଣ ଓ ଶୃଙ୍ଗାର ଅବତାରଣା ପ୍ରତି ଦୃଷ୍ଟି ଦେବାକୁ ହୁଏ। କେବଳ ମାନବ ଚରିତ୍ର ବର୍ଣ୍ଣନାରେ ଏହା ଶେଷ ପାଏ ନାହିଁ। ଏଥିରେ ନଗର, ବନ, ପର୍ବତ, ପ୍ରାସାଦ ପ୍ରଭୃତିର ବର୍ଣ୍ଣନା ମଧ୍ୟ ରହେ। ମୂଳତଃ ମହାକାବ୍ୟରେ ନାୟକ ଜୀବନର ଶ୍ରେଷ୍ଠାଂଶ ବା ସମଗ୍ର ଜୀବନର ସୁନ୍ଦର ଚିତ୍ରଣ ରହିଥାଏ । ଏହିସବୁ ଦୃଷ୍ଟିରୁ ବୈଦେହୀଶ ବିଳାସର ଅନୁଭବ ମଧ୍ୟ କରାଯିବ।

କଥାବସ୍ତୁ ପୌରାଣିକ । ଏଥିରେ ରାମଙ୍କ ଜନ୍ମ ବୃତ୍ତାନ୍ତଠାରୁ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ଘଟଣା ବର୍ଣ୍ଣିତ । ତାର ପରବର୍ତ୍ତୀ ଅଂଶ କବିବର ଦୃଷ୍ଟିରୁ ବର୍ଣ୍ଣନା କରି ନାହାନ୍ତି। ବର୍ଣ୍ଣିତ ଅଂଶ ମଧ୍ୟରୁ ମଧ୍ୟ ମହାକାବ୍ୟର ସମସ୍ତ ଲକ୍ଷଣର ସଙ୍କେତ ମିଳିପାରେ। କାବ୍ୟରେ ନବରସର ବିକାଶ ବିରଳ ଭାବରେ ରହିଛି। ମହାକାବ୍ୟ ଲକ୍ଷଣରେ ଅପୂର୍ବ ଶ୍ରେଣୀ ରହିଥିବା ସମସ୍ତ ବିଷୟ ଓ ପଦାର୍ଥର ବର୍ଣ୍ଣନା ପ୍ରାପ୍ୟ ରହିଛି। ତଥାପି ଏହା ଅଧିକାଂଶରେ କ୍ଲେଶସାଧିତ।

ଚତୁର୍ଥ ଖଣ୍ଡରେ ଯେଉଁ ସ୍ତବ ବର୍ଣ୍ଣନା ରହିଛି, ତହିଁରେ ଅତିରଞ୍ଜନର ମାତ୍ରା ଥିଲେ ମଧ୍ୟ ଶାନ୍ତରସର ସୁନ୍ଦର ସ୍ଫୁରଣ ହୋଇ ନାହିଁ । କେତେକ ସ୍ଥଳରେ ବୀଭତ୍ସ ରସ ସମୁଚିତ ରୂପ ଲାଭ କରି ପାରିଛି ।

ସମସ୍ତ ବସ୍ତୁ ଯୋଜନା ଓ ବର୍ଣ୍ଣନାରେ ଅନ୍ୟାନ୍ୟମାନଙ୍କ ପ୍ରଭାବ ଓ କବିଙ୍କ ସ୍ୱାତନ୍ତ୍ର୍ୟ :— କୃପାସିନ୍ଧୁ ବଳରାମ ଦାସ ସ୍ୱରଚିତ ରାମାୟଣରେ ଯେଉଁ ସବୁ ମୌଳିକତା ଦେଖାଇଛନ୍ତି, ଉପେନ୍ଦ୍ର ତାହା ଅନୁସରଣ କରିଛନ୍ତି । ଦଶରଥଙ୍କ ପୁତ୍ରଜନ୍ମ ଉତ୍ସବ, ଋଷ୍ୟଶୃଙ୍ଗ, ଜରତା ଓ ବାମ ମୋହିନୀ ପ୍ରସଙ୍ଗ, ରାବଣର ଭିନ୍ନ ଭିନ୍ନ ବୀରମାନଙ୍କର ନାମକରଣ ( କୂଟପାଶ, ସ୍ଥୂଳଜଙ୍ଘ, କୁଟାକ୍ଷ, ଲୋହିତାକ୍ଷ, ଧୂମ୍ରାକ୍ଷ ) ଏବଂ ମିତ୍ରଙ୍କ ଆଗମନ ଓ ଦଶରଥଙ୍କ କୁଶଳ ପ୍ରଶ୍ନ ଜିଜ୍ଞାସା, ରାମସୀତାଙ୍କ ବିବାହ ପରେ କନ୍ଦୁକ ଖେଳ, ବାୟସକୁ ଶ୍ରୀରାମଙ୍କ ଅଭିଶାପ, ଅଶୋକ ବନରେ ସୀତା ଥିବା କାଳରେ ଦେବତାମାନଙ୍କର ଅମୃତ ଦାନ, ଚକ୍ରବାକୀର ଶ୍ରୀରାମଙ୍କୁ ଭର୍ତ୍ସନା, ଗୋପାଳଙ୍କୁ ଶାପ ଓ ବର, ବନପକ୍ଷୀ ଓ କୁକ୍କୁଟକୁ ବରଦାନ, ଫିଙ୍ଗିକା ରାକ୍ଷସୀ ହନୁମାନଙ୍କୁ ଉଦରସ୍ଥ କରିବା, ଶଙ୍ଖଚୂଡ଼ର ନକୁଳ ରାକ୍ଷସୀ ଅଣି- ବେଶରେ ଭାର୍ଗ ଦେବା, ଶୁଶ୍ରୂଷାଳୟରେ ସୀତାଙ୍କର ଅଲ- ଙ୍କାରବର୍ଷଣ, ଲଙ୍କାଦହନ, ଗୁହକ ଶବର ପ୍ରସଙ୍ଗ ଇତ୍ୟାଦି ବିଷୟ ଉପେନ୍ଦ୍ର ଅଗ୍ରଜ ବଳରାମ ଦାସଙ୍କ ରାମାୟଣରୁ ଗ୍ରହଣ କରିଛନ୍ତି । ଏବଂ ପ୍ରକାଶନରେ ତାଙ୍କର ବୈଚିତ୍ର୍ୟ ଯୋଗରେ ତାହା ରାମାୟଣ ଅପେକ୍ଷା ଅଧିକ ହୃଦ୍ୟ ହୋଇ ପାରିଛି । ଉପେନ୍ଦ୍ର ମଧ୍ୟ ବଳରାମଙ୍କ ଭଳି ରାମଚନ୍ଦ୍ରଙ୍କ ବନଭ୍ରମଣ କାଳରେ ତାଙ୍କର କୋମଳ ପଦମନର

ଶିକ୍ଷା ଦେଇଛନ୍ତି । ବଳରାମ ରାମାୟଣରେ ରାମଙ୍କର ଏକାମ୍ର ଭ୍ରମଣ, ବିନ୍ଦୁ ସରୋବରରେ ସ୍ନାନ, ଚିତ୍ରୋତ୍ପଳା ତଟରେ ସ୍ନାନ, ନୀଳାଚଳ, ଲିଙ୍ଗେଶ୍ୱର ପ୍ରଭୃତି ଦର୍ଶନର ବର୍ଣ୍ଣନା ଅଛି । ସେହି ଅନୁକ୍ରମରେ ଉପେନ୍ଦ୍ର ମଧ୍ୟ ରାମଙ୍କର ଚନ୍ଦ୍ରଭାଗାରେ ବାଲୁକା ଶିବ ସ୍ଥାପନ ଓ ଋଷିକୁଲ୍ୟା ତଟ ପ୍ରବେଶ କଥା ଉଲ୍ଲେଖ କରିଛନ୍ତି । ସ୍ଥୂଳତଃ କଥାବସ୍ତୁ ସଂଗ୍ରହରେ କବି କୃପାସିନ୍ଧୁଙ୍କୁ ଯେପରି ଅନୁକରଣ କରିଛନ୍ତି ଅନ୍ୟ କାହାଠାରେ ସେପରି ଋଣୀ ନୁହନ୍ତି । ବଳରାମଙ୍କ କଳ୍ପିତ ପ୍ରତ୍ୟେକ ନୂତନତ୍ୱହିଁ ଉପେନ୍ଦ୍ରଙ୍କ କାବ୍ୟରେ ସ୍ଥାନ ପାଇଛି ।

ମହାକବି କାଳିଦାସ 'ରଘୁବଂଶମ୍'ରେ ସମଗ୍ର ରଘୁବଂଶର ଇତିହାସ ବର୍ଣ୍ଣନା କରିଥିବାରୁ ସେଠାରେ ବୈଦେହୀଶ ବିଳାସ ଭଳି ରାମଜୀବନରେ ଏକ ପ୍ରଧାନ ଅଂଶର ବିସ୍ତୃତ ବିବରଣୀ ନାହିଁ । ରଘୁବଂଶର ଦଶମ ସର୍ଗରୁ ତେଣିକି ରାମଙ୍କର ଜନ୍ମଠାରୁ ଶେଷ ପର୍ଯ୍ୟନ୍ତ ସମସ୍ତ ବର୍ଣ୍ଣିତ କେତେକ ପ୍ରସଙ୍ଗ ଉଦ୍ଧାର କଲେ କବି କାବ୍ୟର ଅଧିକାଂଶ ସ୍ଥଳରେ ଅତ୍ୟଧିକ ଗତିଶୀଳ ( Rapidity in narration ) । ମହାକବି କାଳିଦାସ ମଧ୍ୟ ଏହି ମହନୀୟ ରାଜବଂଶର ଦେବୋପମ ଜୀବନ ପ୍ରବାହର ଚିତ୍ର ଅଙ୍କନରେ ନିଜର ଦୈନ୍ୟ ଓ ଅକ୍ଷମତା ପ୍ରକାଶ କରି କହିଛନ୍ତି—

ଅଥବା କୃତବାକ୍ ଦ୍ୱାରେ ବଂଶେ ଽସ୍ମିନ୍ ପୂର୍ବସୂରିଭିଃ
ମଣୌ ବଜ୍ର ସମୁତ୍ କୀର୍ଣ୍ଣେ ସୂତ୍ରସ୍ୟେ ବାସ୍ତିମେ ଗତିଃ ।

ଯ.ବାଦେବ ଭ୍ରମର ବର୍ଣ୍ଣିତ 'ରଘୁବଂଶମ୍'ରେ ମଧ୍ୟ କବି ବୈଦେହୀଶ ବିଳାସ ପ୍ରଭୃତି କେତେକ ଚରିତର ଆଲେଖ୍ୟ କଳ୍ପନା କରି-ପାରିନାହାନ୍ତି । ବୈଦେହୀଶ ବିଳାସରେ ରାମ ଲକ୍ଷ୍ମଣଙ୍କ ଭ୍ରମଣ,କାନ୍ଦଣା

ଅତଃପରେ କୈକେୟୀ ସଙ୍ଗେ କଥୋପକଥନ, ସୂର୍ପଣଖା ପ୍ରସଙ୍ଗ, ମାରୀଚ ଓ ରାମର କଥୋପକଥନ ମଧ୍ୟରେ ମନସ୍ତତ୍ତ୍ୱ, ସେତୁବନ୍ଧ ସୃଷ୍ଟି ବର୍ଣ୍ଣନା, କୁମ୍ଭକର୍ଣ୍ଣ ପ୍ରସଙ୍ଗ, ବିଶ୍ୱାମିତ୍ରଙ୍କର ରାମଲକ୍ଷ୍ମଣଙ୍କୁ ନେଇ ଯିବାରେ ଦଶରଥଙ୍କ ମନୋବୃତ୍ତିର ଚିତ୍ରଣ, ବୈଦେହୀଶ ବିଳାସରେ ଯେପରି ସ୍ୱାଭାବିକ ଓ ସୁନ୍ଦରଭାବେ ପ୍ରକାଶିତ ତାହା ରଘୁ-ବଂଶରେ ଏକପ୍ରକାର ଅନୁପଲବ୍ଧ । କିନ୍ତୁ ଦଶରଥଙ୍କ ରାଣୀମାନଙ୍କ ଗର୍ଭାଧାନ, ଗର୍ଭାବସ୍ଥା, ରାମଜନ୍ମ ଏବଂ ରାମଙ୍କର ସସ୍ତ୍ରୀକ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନର ବର୍ଣ୍ଣନା ରଘୁବଂଶରେ ଅତି ଉନ୍ନତ ଧରଣର ।

ମହାକବି କାଳିଦାସ କଥାବସ୍ତୁ ଯୋଜନାରେ ସଂଯତତାପ୍ରକାଶ କରିବାର କାରଣ, ସେ ସମସ୍ତ ରଘୁବଂଶର ଗୁଣ ପ୍ରଦାନ କରିଛନ୍ତି ଏବଂ ବର୍ଣ୍ଣନାର ସ୍ୱାଭାବିକତା ଓ Suggestiveness ପ୍ରତି ଅଧିକ ଦୃଷ୍ଟି ଦେଇଛନ୍ତି । ବୈଦେହୀଶ ବିଳାସରେ ରାମ ପିତା, ପତ୍ନୀ ଓ ଭ୍ରାତା ସହିତରେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କାଳରେ ପର୍ଶୁରାମଙ୍କ ସହ ଭେଟ ହେବା ଓ ତାଙ୍କ ଧନୁ ସ୍ପର୍ଶ କରିବା କାଳରେ ସ୍ୱାମୀ ଅନ୍ୟ ଏକ ନାରୀର ପାଣିଗ୍ରହଣ କରିବେ କି···ଏହି ଭାବନାରେ ସତୀ ଶିରୋମଣି ସୀତାଙ୍କର ମନୋବୃତ୍ତି, ଅଶୋକ ବନରେ ବୃକ୍ଷଶ୍ରେଣୀରୁ ନଦୀ ସ୍ନାନରୁ ପ୍ରତ୍ୟାବୃତ୍ତ ସୀତାଙ୍କର ମନୋବେଦନାର ବର୍ଣ୍ଣନା ଭଳି ଛୋଟଛୋଟିର ବର୍ଣ୍ଣନା ବୈଦେହୀଶ ବିଳାସର ମହତ୍ତ୍ୱ ବହୁଗୁଣରେ ବର୍ଦ୍ଧିତ କରିଛି ।

ପୂର୍ବରୁ କୁହାଯାଇଛି, ବୈଦେହୀଶ ବିଳାସହିଁ ଭଞ୍ଜୀୟ କବି ପ୍ରତିଭାର ସର୍ବପ୍ରଧାନ ଅବଦାନ । ଏହି କାବ୍ୟର ଚତୁର୍ଥ ଛାନ୍ଦ ଓ ୨ୟ ଛାନ୍ଦର କେତେକାଂଶ ପରିହାର କଲେ ଅବଶିଷ୍ଟ ଛାନ୍ଦଗୁଡ଼ିକ ଉତ୍କଳଭାରତୀ ଭଣ୍ଡାରର ଏକ ଏକ ଉଜ୍ଜ୍ୱଳ ରତ୍ନ ସ୍ୱରୂପ । କବିଙ୍କର ବର୍ଣ୍ଣନା-

ପାଠକ, କବିଙ୍କ ପାଣ୍ଡିତ୍ୟ ଓ ପ୍ରଶାନ୍ତ ରସଧାରା ଏକାଧାରରେ 'ବୈଦେହୀଶ ବିଳାସ'ର ପ୍ରତ୍ୟେକ ଛନ୍ଦକୁ ସ୍ବତନ୍ତ୍ର ଆସନରେ ପ୍ରତିଷ୍ଠିତ କରିଛି ଏବଂ କମନୀୟ ଭୂଷଣରେ ଭୂଷିତ କରିଛି ।

ଋଷ୍ୟଶୃଙ୍ଗ ଆନୟନରେ ଜରତୀ ଓ ବାରମୋହିନୀ ପ୍ରସଙ୍ଗ, ବିଶ୍ବାମିତ୍ରଙ୍କ ମୁଖରେ ଅସମ ଅଳଙ୍କାର ମାଧ୍ୟମରେ ସତୀ ସୀତାଙ୍କର ଗୁପ୍ତ ରୂପବର୍ଣ୍ଣନା, ତାଡ଼କା ଅଭେଦନରେ ଚରଣ ଅର୍ଥସମନ୍ବିତ ବର୍ଣ୍ଣନା କେଉଟର ଭକ୍ତିପୂର୍ଣ୍ଣ ଧୃଷ୍ଟତା, ମିଥିଳା ନାରୀମାନଙ୍କର ''ରାମ ଲୋଚନ ଶରେ'' ପ୍ରଭୃତି ଭ୍ରମକଥନ, ବରମାଳ୍ୟ ଦେବାକୁ ଉପଗତା ସର୍ବସମନ୍ବିତା ସାଗରୋଦ୍ଭୂତ ଲକ୍ଷ୍ମୀ ସ୍ବରୂପା ସତୀ ସୀତାଙ୍କ ରୂପକଥନ, ବିବାହ ବର୍ଣ୍ଣନା, ରାମଙ୍କ ବନ ଗମନ ପ୍ରସ୍ତାବରେ ଅଯୋଧ୍ୟାବାସୀଙ୍କର ଦଶରଥଙ୍କ ପ୍ରତି ବିଦ୍ରୂପ ଓ ''ବୃଦ୍ଧବୟସେ କାମୀ ବାମାଠାରେ ଏଡ଼େ ଅନୁକମ୍ପା'' ଓ ''ବୈଦେହୀ ଶ୍ରୀରାମ କରେ କାମିନୀ କଷ୍ଟ, ବନେ ଦ ନଦରେ ଲୁଣ୍ଡ ଲୁଣ୍ଠିବେ ବର୍ଷ'' ଇତ୍ୟାଦି ରାମଙ୍କ ବନଭ୍ରମଣ ଓ ବିଚ୍ଛେଦରେ ରାମଙ୍କ ଆତୁରତାର ମହନୀୟ ବର୍ଣ୍ଣନା ପାଠକର ହୃଦୟ ଦ୍ରବୀଭୂତ କରିପାରେ । ବିଚ୍ଛେଦ ପରେ ଶ୍ରୀରାମଙ୍କର ବିଦଗ୍ଧ ହୃଦୟର ଯେ ପ୍ରକାଶନ ଓ ଦେହ ବଂଶ ଝଟକନ୍ତ ଭଣ ଆତ୍ମବେଦନା, ତାହା ସବୁ ଜୀବ ଚେତନର ସମବେଦନା ଲାଭ କରିପାରିଛି । ସତୀ ସୀତାଙ୍କ ଦର୍ଶନ ଓ ସନ୍ଧାନ ଇଚ୍ଛାରେ ରାମଚନ୍ଦ୍ର ସ୍ଥାବର, ଜଙ୍ଗମ ପ୍ରତ୍ୟେକ ଜୀବ ଓ ଜନ୍ତୁଙ୍କୁ ପ୍ରଶ୍ନ କରିଛନ୍ତି । ସମବେଦନା ସୂତ୍ରରେ ଆଶ୍ବାସନା ଲଭିଛନ୍ତି । ରାମଙ୍କ ବିରହ ବେଦନାର ଉଷ୍ଣତା ସମଗ୍ର ବନ ପ୍ରଦେଶର ବାୟୁମଣ୍ଡଳକୁ ଉତ୍ତପ୍ତ କରି ପାରିଛି । ହେଲେହେଁ, କବି ମହାକାବ୍ୟର କିଷ୍କିନ୍ଧ୍ୟା ଖଣ୍ଡରେ ରାମଙ୍କ ବନଭ୍ରମଣକାଳରେ ସ୍ଥାନେ ସ୍ଥାନେ ଯେଉଁ ସାଧାରଣ ଗୁଣ ବିବର୍ଜିତ ବୈଶିଷ୍ଟ୍ୟର ସୂଚନା ଦେଇଛନ୍ତି, ତାହା

କାବ୍ୟର ଶଂସିତ ଗୌରବ ମୂଳରେ କୁଠାରାଘାତ କରନ୍ତୁ । କବି କଳ୍ପନା ମନ୍ଦ ହୋଇ ନ ପାରେ, ଯୌବନର ଉଚ୍ଛୃଙ୍ଖଳ ସ୍ଫୁରଣ ମଧ୍ୟରେ ନିର୍ଜନତାହିଁ ପ୍ରଧାନ ସମ୍ପଦ । ରାଜ୍ୟ ସମ୍ପଦ ଓ ଭୌତିକ ଐଶ୍ୱର୍ଯ୍ୟ ରହିତ ନବଦମ୍ପତି ରାମ ଓ ସୀତା ବନପ୍ରଦେଶରେ ଏକାକୀ ଭ୍ରମଣ କଲାବେଳେ ବାହ୍ୟ ପ୍ରକୃତିର ସଂଯୋଗାବସ୍ଥା ଦର୍ଶନରେ ଦୈହିକ ମିଳନ ପ୍ରତି ଅଗ୍ରଗାମୀ ହେବା ସ୍ୱାଭାବିକ ଏବଂ ଆଗ୍ରହହିଁ ତାଙ୍କର ଲୌକିକ ଦୁଃଖ ନିବାରଣରେ ନିଶ୍ଚିତ ଭାବରେ ପ୍ରଧାନ ସହାୟକ ହୋଇଥିବ । ତାର କାରଣ ଅନୁସନ୍ଧାନ କରିବା କଷ୍ଟସାଧ୍ୟ ନୁହେଁ । ରାମ ସୀତାଙ୍କର ବନବାସ ଜନିତ ଦୁଃଖ ନିରାକରଣରେ ଯେଉଁ କଥା କହିଥିଲେ ତାହାହିଁ ଏଠାରେ ଉଦ୍ଧାର କରାଯାଇପାରେ ।

"ହୋଇଲେ ସୀତା ଶୀତାଂଶୁମୁଖୀ ଏକଦିନେ ଅତି ମ୍ଳାନ ହୋଇ
ଶତ୍ରୁ ଶତ୍ରୁଙ୍କ ବନବାସ ବାସରେ ନୃପଜ ହେବାର ଯାଇ ।
କଳସାଇ ଯଥା ଅଳକା ତେଜ'ଇ ଲକ୍ଷ୍ମୀବକ୍ଷ ଶମଶାନେ
ବୈକୁଣ୍ଠ ରତନ ପଲଙ୍କ ତେଜାଇ ଜଡ଼ାଇ ସର୍ପଶୟନେ ।
ଶତଶାଖ ନ ପାଇ ଅବଧି ଅଧିକ କର୍ମଃଭ ଭଲେ ଏ ବିଧି

× × × ×

ବସାଇ ବୋଲେ ଶ୍ରୀରାମ ସ୍ୱରେ କ୍ଷେତେ ବସାଇ ବଦଣୀନଧି
ଷଣ୍ଡ ଏକାନ୍ତ ତେଲଣି ବିବର ଗହ୍ୱର କମଳା ସଙ୍ଗେ
ଭଜନ ସ୍ଥାନ ବୋଲି ଟି ଜୋରେ ମୋତେ ବନେ ବିହରିଲ ବଳେ ।

ଉପର୍ଯ୍ୟୁକ୍ତ ଉକ୍ତିରୁ ଏହା ସ୍ପଷ୍ଟ ଯେ ଏହି ଏକାନ୍ତ ଓ ଅବାଧ ମିଳନହିଁ ତାଙ୍କର ସମସ୍ତ ଦୁଃଖ ଅପସାରଣର କାରଣ ଥିଲା । ହେଲେହେଁ, ସମଗ୍ର ଦ୍ୱିତୀୟ ଖଣ୍ଡରେ କବି ଏ ନିମନ୍ତେ କଥା ଓ କଥାର ଲାଜ ମଧ୍ୟରେ କୌଶଳ ରୂପେ ଯେଉଁ ସକଳ ବୈପରୀତ୍ୟ

ଜଣାର ଶବ୍ଦଦାନ କରିଛନ୍ତି, ତାହା ସାଧାରଣ ଦୃଷ୍ଟିରେ ଅସୁନ୍ଦର । ଅଥଚ ସେହି ଖଣ୍ଡରେ ରାମ ଓ ସୀତାଙ୍କର ମଧୁଶଯ୍ୟା ବର୍ଣ୍ଣନାରେ ଏ ସବୁର ଅବତାରଣା ନାହିଁ । ସେଠ'ରେ କବି କୁଣ୍ଠିତ ଭାବରେ ସଂଯତ । ଗୀତ ଗୋବିନ୍ଦର କବି ଜୟଦେବ ଅଙ୍କ ମଧ୍ୟ ଏହି ବୈପରୀତ୍ୟ ବର୍ଣ୍ଣନା ଯୋଗୁଁ ସମାଲୋଚିତ । ବନବାସ କାଳରେ ବିଚ୍ଛେଦରେ ଶୋକାଭିଭୂତର ନାୟିକା ସୀତାଙ୍କ ଅଙ୍ଗରେ ଉପର ଛଅ ଋତୁର ଗୁଣ ଥିଲା, କବିଙ୍କର ବର୍ଣ୍ଣନାପାଟବ ତାଙ୍କ ରୂପ-ପିପାସାର ସୁନ୍ଦର ପରିପ୍ରକାଶ ଥିଲା । ଆଶ୍ଚର୍ଯ୍ୟ ବୋଧହୁଏ ଯେ, କବି ନାରୀର ହୃଦୟ କେତେଦୂର ଜାଣି ପାରିଥିଲେ । ମୋର ମନେହୁଏ, ତାର ବାହ୍ୟରୂପ ଓ ସୌନ୍ଦର୍ଯ୍ୟହିଁ କବିଙ୍କର ମତରେ ନାରୀର ପ୍ରଧାନ ସଂପଦ । ଏ କଥା କହିବାର ତାତ୍ପର୍ଯ୍ୟ ଏହି ଯେ, ବାଲି ଓ ରାବଣ ଭଳି ପୁରୁଷପୁଙ୍ଗବମାନଙ୍କର ଅକାଳ ବିୟୋଗରେ କବି ତାରା ଓ ମନ୍ଦୋଦରୀଙ୍କର ହୃଦୟବିଦାରକ ବେଦନାର ମୂର୍ଚ୍ଛନା ଅଙ୍କନ କରିବାରେ ଯେତେ ତତ୍ପର ନ ଥିଲେ, ଶୋକାଭିଭୂତାନାରୀ-ମାନଙ୍କର ରୂପବିଭବ ବର୍ଣ୍ଣନାରେ ତତୋଧିକ ମୁଖର ଥିଲେ । ମୋର ଧାରଣା କୌଣସି ନିରପେକ୍ଷ ସମାଲୋଚକ ଏହି ଯୁକ୍ତିକୁ ନାପସନ୍ଦ କରିବେ ନାହିଁ । କାରଣ, ତାରା ବାଳିର ମୃତପିଣ୍ଡ ପ୍ରତି ଅଗ୍ରସର ହେବା କାଳରେ କବି ତାର ମନୋବେଦନା ପ୍ରତି ଆଦୌ ଦୃଷ୍ଟି ନ ଦେଇ ତାର ରୂପବିଭବ ପାନ କରିବାରେ ମଗ୍ନ । ରାବଣ ବିୟୋଗରେ କବି ଦୃଷ୍ଟିରେ ମନ୍ଦୋଦରୀ ମଧ୍ୟ ତଦ୍ରୂପ ।

କାବ୍ୟର ତୃତୀୟ ଖଣ୍ଡରେ, ରାମଚନ୍ଦ୍ରଙ୍କ ସୀତା ବିରହରେ କାତର ଅବସ୍ଥା ଓ ସୀତା ଅନ୍ୱେଷଣ ବର୍ଣ୍ଣିତ । ଏ ପ୍ରସଙ୍ଗରେ ବନ ଓ ରାମଙ୍କର ଉଦ୍ଦୀପନ ବର୍ଣ୍ଣନାରେ କେଉଁ ପ୍ରକାରର ସୌନ୍ଦର୍ଯ୍ୟ

ପରିଦୃଷ୍ଟ ହୁଏ ତାହା ଅତି ଚମତ୍କାର । ସର୍ବୋପରି ୩୫ ଛାନ୍ଦରେ ଅଶୋକ ବନରେ ସୀତା ଓ ରାବଣର ତାଙ୍କୁ ବଶ କରିବା ଚେଷ୍ଟାରେ ବ୍ୟର୍ଥତା ଓ ସୀତାଙ୍କ ମନୋବୃତ୍ତିର ଶାନ୍ତା-ଗୌରବ ସ୍ୱରରେ ଯେଉଁ ବର୍ଣ୍ଣନା କରିଛନ୍ତି, ତାହା ବୈଦେହୀଶ ବିଳାସର ଶ୍ରେଷ୍ଠ ବିକାଶ ରୂପେ ଗ୍ରହଣ କରାଯାଇପାରେ । ରାବଣ ବ୍ୟର୍ଥ ମନୋରଥ ହୋଇ ପ୍ରତ୍ୟାବର୍ତ୍ତନ ପରେ ଉପସ୍ଥିତ ରାକ୍ଷସୀ ମାନେ ସୀତାଙ୍କୁ ଭୁଲାଇବା ପାଇଁ ଭୟ ଓ ସ୍ନେହମିଶ୍ରିତ ନାନା କଥା କହୁଥିଲେ, ମାତ୍ର ସୀତା ନିଜର ପାତିବ୍ରତ୍ୟ ଗୌରବରେ ଗର୍ବିତା ହୋଇ ଯେଉଁ ଉତ୍ତର ଦେଉଥିଲେ ତାହା ସାହିତ୍ୟର ବିଶିଷ୍ଟ ସଂପଦ ସ୍ୱରୂପ ।

ଏହାପରେ ରାଜସଭାରେ ସେବା ସେନା ଦେବତାମାନଙ୍କର ଉପସ୍ଥିତି ଓ ବ୍ୟର୍ଥ ମନୋରଥ ରାବଣର ଯେଉଁ ଚିତ୍ର ଦିଆଯାଇଛି ତାହା ହନୁମାନଙ୍କ ମହାନାଟକର ଅନୁରୂପ ।

‘ବିରଞ୍ଚି ନାରଦ ତୁମ୍ବୁରୁ ଲଙ୍କାରେ, ସେବା କରନ୍ତିବାକୁ ଥିଲେ । ବେଦରେ ବେଦ ବାଣୀ ସ୍ତୁତି ଅବସରେ, ବୋଲେ ସ୍ୱାହା ଯେଉଁ ବଳ ପଣେ, ଶପଥ ନ ଜାଣି ହୁଏ କଳ କଳ ରବ ସକଳେ ମଙ୍ଗଳେ ସଣେ ହେ । ବରୁଧେ !

ରାତ୍ରେ ଏ ବୋଲ ଚୋରଙ୍କ ଲୁଟିତ, ବ୍ୟାଧି ରାଜା ଅନ୍ତର୍ଗତେ ଜାତ, ବୈଦେହୀ ପାତକ ରସ ରତ୍ନାକର ଶରତକୁ ଅର୍ଚ୍ଚନ ଗତି ହେ । ବରୁଧେ !

ମହାନାଟକରେ ଏହି ଭାବ ଟିକେ ଭିନ୍ନ ପ୍ରକାର ହୋଇଛି । ସେଠାରେ ସୀତାଙ୍କର ଲଜ୍ଜା ନ ହେବା ଅବସ୍ଥା ରୂପ-ବର୍ଣ୍ଣ ଲକ୍ଷେଶ୍ୱର ରାବଣ ହୃଦୟ ଭଗ୍ନ କରନ୍ତି । ଯଥା କହନ୍ତି:—

“ବୃଷ୍ଟ୍ୱନ୍ ଧପ୍ନାସ୍ୱ ନୈଶଃ ସମସ୍ତ ଭୂଷ୍ଟଂ ନଦ୍ୟଃସ୍ନୀତ୍ୱଭାତ୍
ସ୍ତନ୍ୟଂଜଲ ବୃକ୍ଷପ୍ସତେ ଜନେତେ ନୈଶାଃସଦ୍ ବଜ୍ରଣଃ
ବାଣସଂ ବୃଣ୍ଣୁ ନାରଦଃ ସୁଭିକଥା—ଲ୍ୱପୈରଳଂ ଭୂମୂସେ
ସୀତା ଝୁଲ୍ଲିତ ଭକ୍ଷ ଭକ୍ତ—ହୃଦୟଃ ସ୍ନେହୋ ନଃଲ୍ଚେଶ୍ୱରଃ”

(ମହାନାଟକ)

ଅନ୍ୟତ୍ର

“ବଚେଦକ ଚନ୍ୟା ଯୋଗରେ, ଅଗେ ଭସ୍ତୁ ବିଦ୍ୟାନନ୍ଦେ” ଇତ୍ୟାଦ, ମହାନାଟକର—

“ରେ ରେ ଦକ୍ଷିଣ ହସ୍ତ ସାଧ୍ୱ ସମସ୍ତେ ଶ୍ୱେନ୍ତୁ ଭ୍ରବାନ୍ ନଗ୍ରଣୀ” ଇତ୍ୟାଦିର ଅନୁରୂପ । ଶୋକ କର୍ଜ୍ଜରିତ ଶରୀରରେ ସୀତା ଅଶୋକ ବନସ୍ଥ ବୃକ୍ଷ ତଣ୍ଡ୍ରେ ନଦୀରୁ ସ୍ନାନ କରିଯିବା କାଳରେ ତାଙ୍କ ରୂପର ଯେଉଁ ବର୍ଣ୍ଣନା କରାଯାଇଛି ତହିଁରେ କୌଣସି ଏମେ କବି ସୀତାଙ୍କର ମନୋବୃତ୍ତିର ଅଭିବ୍ୟକ୍ତି ପ୍ରଦାନ କରିଛନ୍ତି । ସ୍ୱାମୀ ବର୍ଜନ ଆଶା ପରିତ୍ୟାଗ କରି ରାକ୍ଷସ ପୁରୀରେ ଅବରୁଦ୍ଧା ସୀତା ସ୍ୱୀୟ ଦୁର୍ବହ ଜୀବନର ଶେଷ ସ୍ମରଣରେ କାତର ହୋଇ ନିଜର ବକ୍ଷ ପ୍ରଦେଶରେ ହସ୍ତ ପ୍ରସାରଣ କରି ବସି ରହିଛନ୍ତି । ଦୁଃଖ ଯେତେବେଳେ ଦୁର୍ବହ ହୋଇ ଉଠେ, ସେତେବେଳେ ମନୁଷ୍ୟ ସ୍ୱାଭାବିକ ବକ୍ଷ ଓ କପାଳରେ କରାଘାତ କରି ପକାଏ । ଏଠାରେ ସୀତାଙ୍କର ଯେ ବର୍ଣ୍ଣନା ଦିଆଯାଇଛି, ତହିଁରୁ ଏହା ସୁସ୍ପଷ୍ଟ ।

“ବୃକ୍ଷ ତଣ୍ଡ୍ରୁ ନଦୀ ସ୍ନାନରେ, କୋଇଲେ ଶଙ୍ଖ ଉଠାଇରେ
ଆଲମ୍ବ ବଦନ ପ୍ରଲମ୍ବ ଭୁଜଲତା ଅବଲମ୍ବ ଏହି ମନୋହରେ ସେ
ବୈଦେହୀ ।

ଶଶେଷିତ ଗର୍ଜ୍ଜିଳସୀ ହଂସୀ ବନଜନୀ ଦଳେ କି ଶଳଗ୍ନି
ବାହୁ ଲମ୍ବିତ ଭୁଜଚଳ ଚୁମ୍ବିତ ମୃଣାଳକୁ ଏହି ଲକ୍ଷ୍ମୀ ଅଛି ସେ
ବୈଦେହୀ ।

ଚତୁର୍ଥ ଖଣ୍ଡର ଅଧିକ ଅଂଶ ଯୁଦ୍ଧ ବର୍ଣ୍ଣନାରେ ପ୍ରଯୁକ୍ତ । ଏହି ଖଣ୍ଡରେ କବି ବଳରାମ ଦାସଙ୍କ ଅନୁସରଣ କରି ରାବଣର ବୀରମାନଙ୍କର ନାମକରଣ, ଅସ୍ତ୍ର ଶସ୍ତ୍ର ଓ ଯୁଦ୍ଧର ବର୍ଣ୍ଣନା କରିଛନ୍ତି । ଯୁଦ୍ଧ ବର୍ଣ୍ଣନାରେ ବୀରରସର ପ୍ରସାର ଯେତେ ଘଟିଛି ତଦପେକ୍ଷା ଅତି ମାତ୍ରାରେ ଲେଖକୋଚିତ ଶକ୍ତି ଓ ଶବ୍ଦ ରସର ସ୍ଫୁରଣ ଘଟିଛି । ମାୟାସୀତା ବଧ, ଲକ୍ଷ୍ମଣ ଶକ୍ତିଭେଦ ପ୍ରଭୃତି ପ୍ରସଙ୍ଗ ଅନୁକ୍ରମେ ବର୍ଣ୍ଣନା କରିଛନ୍ତି । ହେଲେହେଁ, ଏହି ଖଣ୍ଡରେ କବି ପ୍ରତିଭାର ସମୁଚିତ ବିକାଶ ସ୍ଫୁରଣ ହୋଇ ପାରି ନାହିଁ । କବି ସାରଳା ଦାସଙ୍କ ଭଳି ଯୁଦ୍ଧରେ ରାବଣ ପକ୍ଷୀୟ ସେନାରେ ଭାଲୁଅ, ବ୍ୟାଘ୍ର, ମହିଷ, ଶାଗୁଣା, ବିଡ଼ାଳ, ପିଶାଚ, ସିଂହ, ପେଚା, କୁଅ ପ୍ରଭୃତିଙ୍କର ଯୋଦ୍ଧାମାନଙ୍କର ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ରୁଣ୍ଡାଳୀ, ଚଣ୍ଡୀ, ଡାକିନୀ, ରୂପସୀ ପ୍ରଭୃତିଙ୍କ ଉଦ୍ଭଟ ଲୀଳାର ଅବତାରଣା କରିଛନ୍ତି । ଯୁଦ୍ଧ ବର୍ଣ୍ଣନା ଓ ତହିଁରେ କଥାବସ୍ତୁର ଅଗ୍ରଗତି ସେପରି ଅଧିକ ଜଟିଳ କରିବାର ଆବଶ୍ୟକତା ମନେ କରୁ ନାହିଁ ।

ରାବଣ ବଧ ପରେ ରାମଙ୍କର ଲଙ୍କା ପ୍ରବେଶ ଏବଂ ବିଭୀଷଣଙ୍କ ଅଭିଷେକ ବର୍ଣ୍ଣନା ପରେ ସୀତାଙ୍କୁ ରାମଙ୍କ ନିକଟ ଆଣିବାର ଯେଉଁ ବର୍ଣ୍ଣନା, ତାହା ଏହି ମହାକାବ୍ୟର ଯଥେଷ୍ଟ ଉପଯୋଗୀ ହୋଇଛି ଏବଂ ଏଠାରେ କବିଙ୍କ କଳ୍ପନା ଓ ଚରିତ୍ରର ପ୍ରାଞ୍ଜଳ ରୂପ ପାଠକ ଦୃଷ୍ଟି ଆକର୍ଷିତ ହୁଏ । ଯେତେବେଳେ ସୀତାଙ୍କୁ ସୈନ୍ୟ-

ସମଭିବ୍ୟାହାରରେ ହାଦୋଳାରେ ବସି ରାମଙ୍କ ନିକଟକୁ ଅଣା ଯାଉଥିଲେ, ଲୋକଗ୍ରାହୀ ରଘୁବୀର ସୀତାଙ୍କର ଏହି ଅବିଚାର୍ଯ୍ୟପୂର୍ଣ୍ଣ ଆଗମନକୁ ଅନୁମୋଦନ କରି ପାରି ନ ଥିଲେ । ବରଂ ବନ୍ଧୁ ସେବକ ସୈନ୍ୟ, ସାମନ୍ତମାନଙ୍କ ତ୍ୟାଗର ଫଳପ୍ରଦାନ ପାଇଁ କହିଥିଲେ—"ଯେଉଁମାନେ ଏହି ଅକଥନୀୟ ତ୍ୟାଗ କରି ସୀତାଙ୍କ ମୁକ୍ତି ପ୍ରଦାନ କରିଛନ୍ତି ସେମାନେ ସୀତା ଦର୍ଶନରୁ ବଞ୍ଚିତ ହେବା ଅନ୍ୟାୟ । ବାସ୍ତବରେ କବି ମସ୍ତିଷ୍କର ଏହି ଧାରଣା ଯେ କି ହଉଟବାଟୀର, ତାହା ଶତ୍ରୁର ବଳେ ଅସ୍ପର୍ଶ୍ୟ ହେବାକୁ ହୁଏ ଏବଂ ସୀତା ସ୍ୱେଚ୍ଛାପର ଲକ୍ଷ ଜନତାର ହୃଦୟର ଆଶା ପୂରଣ କରି ସ୍ୱପଦରେ ରାମ ସମୀପକୁ ଆସିଥିଲେ ।

ରାମଚନ୍ଦ୍ରଙ୍କର ଲଙ୍କାର ସମସ୍ତ କାର୍ଯ୍ୟ ସମାପ୍ତି ଓ ସୀତାଙ୍କର ଅଗ୍ନିପରୀକ୍ଷା ପରେ ପୁଷ୍ପକ ବିମାନରେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ବର୍ଣ୍ଣନା ବୈଦେହୀଶ ବିଳାସରେ ଯେପରି କରାଯାଇଛି ତାହା କବି କଳ୍ପନାର ଉତ୍କୃଷ୍ଟ ନିଦର୍ଶନ । କବି ରାମଙ୍କର ଅଯୋଧ୍ୟା ପ୍ରତ୍ୟା-ବର୍ତ୍ତନ ଦୃଶ୍ୟକୁ ଶ୍ରୀକ୍ଷେତ୍ରର ଗୁଣ୍ଡିଚାରୁ ବାହୁଡ଼ା ସଙ୍ଗେ ତୁଳନା କରିଛନ୍ତି । ଯାହାହେଉ ପୂର୍ବ ବିରହପରେ ରାବଣାରି ରାମଚନ୍ଦ୍ର ସସ୍ତ୍ରୀକ ପୁଷ୍ପକରେ ପୁଷ୍ପକମାର୍ଗରେ ଗମନ କରୁଥିଲେ । ସେତେବେଳେ ତାଙ୍କ ଅତୀତ ଜୀବନର ସୁଖ ଓ ଦୁଃଖମୟ ଶତ ସ୍ମୃତି ପଥାରୂଢ଼ ହୋଇ ତାଙ୍କର ସ୍ନେହୋଦ୍ଦୀପନ କରୁଥିଲା ଏବଂ ନିଜର ଏହି ଅନିର୍ବଚନୀୟ ଅନୁଭୂତି ତାଙ୍କ ପ୍ରିୟ ସତୀ ସୀତାଙ୍କ ନିକଟରେ ପ୍ରଜ୍ଞାପନ କରି ଆତ୍ମଗୌରବ ଲାଭ କରୁଥିଲେ । ବର୍ଣ୍ଣନାକ୍ରମେ ପୁଷ୍ପକର ଗତି ସହ ଚାଲେ ଚାଲେ ଚିତ୍ରକୂଟ, ପଞ୍ଚବଟୀ, ଅଶୋକବନ, ମାଲ୍ୟବନ୍ତ, ଋଷ୍ୟମୂକ ପ୍ରଭୃତିର ଚିତ୍ର ରାମଙ୍କ ମାନସପଟରେ ନୂତନ

ନୂତନ ସ୍ୱଚ୍ଛଧାରାର ସଞ୍ଚାର କରିଥିଲେ । କବି ଏହି ବର୍ଣ୍ଣନା ଯତ୍‌ପରୋନାସ୍ତି କରିଥିଲେ ମଧ୍ୟ ଏ ଦିଗରେ ମହାକବି କାଳିଦାସଙ୍କୁ ଅନତିକ୍ରମଣୀୟ ।

କାଳିଦାସ ବିମାନର ପଥରୁ ରାମଚନ୍ଦ୍ରଙ୍କ ମନର ରଞ୍ଜନତା ସହ ତୁଳନା କରିଛନ୍ତି । ତ୍ରୟୋଦଶ ସର୍ଗରେ ପୁଷ୍ପକର ଯାତ୍ରାକାଳରେ କବି ଋଷିମାନଙ୍କ ପର୍ଣ୍ଣକୁଟୀର, ପମ୍ପା ସରୋବର, ଚକ୍ରବାକୀ ସହ ଗୋଦାବରୀର ସାରସ ଶ୍ରେଣୀ, ଗଙ୍ଗା ଯମୁନା ସଙ୍ଗମର ଅନବଦ୍ୟ ବର୍ଣ୍ଣନା କରି ଅମର ହୋଇଛନ୍ତି । ଆକାଶ ପଥରୁ ରାମଚନ୍ଦ୍ର ସୀତାଙ୍କୁ ଅତି ଦୂରବର୍ତ୍ତୀ ନାଡ୍ୟାନ୍ତ କ୍ଷୀଣରେଖା ସଦୃଶ ପ୍ରତୀୟମାନ ଲବଣ୍ୟବାରିଧିର ବଳୟାର ତୀରଭୂମି ଦେଖାଉଛନ୍ତି ଏବଂ ତାହାର ବର୍ଣ୍ଣନା ନିମ୍ନରୂପେ କରିଛନ୍ତି—

ଦୂରାଦୟ ଶ୍ଚକ୍ର ନିଭସ୍ୟ ତନ୍ୱୀ ତମାଳ ତାଳି ବନରାଜି ନୀଳା
ଆଭାତିବେଳା ଲବଣାମ୍ବୁରାଶେ ର୍ଧାରାନି ବଦ୍ଧେବ-କଳଙ୍କରେଖା
ବେଳା ନିଲଃ କେତକରେ ଣୁଭିସ୍ତେ ସମ୍ଭାବୟତ୍ୟାନ ନମାୟତାକ୍ଷି
ମାମକ୍ଷମଂ ମଣ୍ଡନ କାଳହାନେ ର୍ବେତ୍ତୀବ ବିମ୍ବାଧର ତୃଷ୍ଣମ୍"

ରାମଙ୍କ ସୀତା ଅନ୍ୱେଷଣକାଳୀନ କାର୍ଯ୍ୟାବଳୀ ଓ ହୃଦୟର ଭାବ କାଳିଦାସ ଯେପରି ବର୍ଣ୍ଣନା କରିଛନ୍ତି ତାହା ଯୁଗ ଯୁଗ ପାଇଁ ଭାରତୀୟ ସାହିତ୍ୟରେ ଅମୂଲ୍ୟ ସମ୍ପଦ ରୂପେ ବିବେଚିତ ହୋଇଛି । ଉଦାହରଣ ସ୍ଥଳରେ ନିମ୍ନରେ କୋଟିଏ ଶ୍ଲୋକ ଉଦ୍ଧାର କରାଯାଉଛି। ପମ୍ପାସରୋବର ତଟରେ ସ୍ତନଭାରର ଦୋହଦବତୀ ଅଶୋକ ବୃକ୍ଷକୁ ସୀତା ବୋଲି ଭ୍ରମରେ ଆଲିଙ୍ଗନ କରିଥିଲେ ତାହାର ବର୍ଣ୍ଣନା ଅତି ହୃଦ ସ୍ପର୍ଶୀର ।

"ଇମାଂ ତଟାଶୋକ-ଲତାଂ ଚ ତନ୍ୱୀ ସ୍ତନାଭିରାମ ସ୍ତବକାଭିନମ୍ରାଂ
ତ୍ୱତ୍ ପ୍ରାପ୍ତି ବୁଦ୍ଧ୍ୟା ପରିରବ୍ଧୁକାମ ର ସୌମିତ୍ରିଣା ସାଶ୍ରୁରହଂ ନିଷିଦ୍ଧ ।"

ଏତାଦୃଶ ବର୍ଣ୍ଣନାବୈଚିତ୍ର୍ୟ ଆମେ ବୈଦେହୀଶ ବିଳାସରେ ପାଉ ନାହୁଁ । କବି ଉପେନ୍ଦ୍ର, କାବ୍ୟର ଶେଷାଂଶରେ ଶିଘ୍ରଭାବ ଅନୁସରଣ କରିଛନ୍ତି । ରାମଙ୍କର ସୈନ୍ୟସାମନ୍ତ ଓ ଉପଚାରୀ ବନ୍ଧୁ ଗହଣରେ ଅଯୋଧ୍ୟା ପ୍ରବେଶ ଓ ଅଭିଷେକ ବର୍ଣ୍ଣନା ପରେ ସେ ଅନ୍ୟାନ୍ୟ ଅଂଶର ଅବତାରଣା କରି ନାହାନ୍ତି; କିନ୍ତୁ ରାମଙ୍କର ଅଯୋଧ୍ୟା ପ୍ରବେଶ, ଅଭିଷେକ, ବନ୍ଧୁ ଓ ମୁନିମାନଙ୍କୁ ବିଦାୟ, ଚତୁର୍ଦ୍ଦଶ ସର୍ଗ ରଘୁବଂଶରେ ଯେପରି ହୋଇପାରିଛି ବୈଦେହୀଶ, ବିଳାସରେ ତାହା ହୋଇ ପାରିନାହିଁ । ରାମଙ୍କର ଅଭିଷେକ ବର୍ଣ୍ଣନା ପ୍ରସଙ୍ଗରେ କବିଶ୍ରେଷ୍ଠ କାଳିଦାସଙ୍କର କୌଶଳପୂର୍ଣ୍ଣ ବର୍ଣ୍ଣନା ଲକ୍ଷ୍ୟ କରିବାର କଥା । ତାଙ୍କର ଉଚ୍ଚପ୍ରାଣ ଭୌତିକତା ମଧ୍ୟରେ ଆବଦ୍ଧ ନ ରହି ମନୁଷ୍ୟ ହୃଦୟର ଚିରନ୍ତନ ଭାବ କରୁଣା, ତ୍ୟାଗ ଓ ଆତ୍ମୋତ୍ସର୍ଗ ପ୍ରତି ଅଧିକ ଅନୁରାଗ ଥିଲା । ରାମଙ୍କର ଲୌକିକ ଅଭିଷେକ ତ ହେବାର କଥା, ମାତ୍ର ବିଶେଷତ୍ୱ କେଉଁଠି ? ତାର ଉତ୍ତର ଛଳରେ କହନ୍ତି—

"ଅଥାଭିଷେକଂ ରଘୁବଂଶ କେତୋଃ ପ୍ରାରବ୍ଧ ମାନନ୍ଦଜଲୈର୍ଜନନ୍ୟା
ନିର୍ବର୍ତ୍ତୟା ମାସା ସୁରମାତ୍ୟ ବୃଦ୍ଧାସ୍ତୀର୍ଥାହୃତୈଃ କାଞ୍ଚନ କୁମ୍ଭତୋୟୈଃ ।

ଏ ପ୍ରକାର ବର୍ଣ୍ଣନା ବୈଦେହୀଶ ବିଳାସରେ ଅନ୍ୱେଷଣ କରିବା ବୃଥା । କାରଣ କବି ଉପେନ୍ଦ୍ର ତାଙ୍କର ଯାବତୀୟ ପ୍ରତିଭା ସତ୍ତ୍ୱେ ଏତେ ଉଚ୍ଚସ୍ତରର ମାନବିକତା ଓ ମନୁଷ୍ୟ ହୃଦୟର ବିଶ୍ଳେଷଣ କରିବାରେ ଅସମର୍ଥ ଥିବା ଭଳି ମନେହୁଏ । ଅବଶ୍ୟ ରାମଙ୍କର

ଅଯୋଧ୍ୟା ତ୍ୟାଗ କାଳୀନ ଦୃଶ୍ୟରେ ବନ ଭ୍ରମଣରେ କବି ଏହିପରି ବର୍ଣ୍ଣନା ଅନୁସରଣର ଚେଷ୍ଟା କରିଛନ୍ତି ।

ସ୍ଥୂଳତଃ କବି ଉପେନ୍ଦ୍ର ବୈଦେହୀଶ ବିଳାସ ରଚନାରେ ଯେଉଁ ପ୍ରତିଭା, ଶକ୍ତି ଓ ସାଧନାର ଚିହ୍ନ ଅଙ୍କନ କରିଛନ୍ତି ତାହା ତାଙ୍କର ମୌଳିକତାକୁ ଅସ୍ୱୀକାର କରେ ନାହିଁ । ବରଂ ତାଙ୍କର ବିଶାଳ କାବ୍ୟ ସୃଷ୍ଟିରେ ବୈଦେହୀଶ ବିଳାସହିଁ ଅଧିକ ପ୍ରଶାନ୍ତ ସଂଯତ ଏବଂ ସୁନ୍ଦର । ଏହାର ଭାଷା କଳ୍ପନା ଓ ବର୍ଣ୍ଣନାବୈଭବ ତାଙ୍କର ଅନ୍ୟ କୌଣସି କାଳ୍ପନିକ ଅଥବା ପୌରାଣିକ କାବ୍ୟମାନଙ୍କରେ ଦେଖାଯାଏ ନାହିଁ । ଏହା ଉତ୍କଳ ସାହିତ୍ୟର ଅନ୍ୟତମ ମହାକାବ୍ୟ ଓ ଅଳଂକାରିକ ସମ୍ମତ ମହାକାବ୍ୟର ସମସ୍ତ ଗୁଣାବଳୀ ଏଥିରେ ପ୍ରକଟିତ । ମିଥିଳା, ଅଯୋଧ୍ୟା, ଲଙ୍କା, ଚିତ୍ରକୂଟ, ମାଲ୍ୟବନ୍ତ, କିଷ୍କିନ୍ଧା, ସରଯୂ ପ୍ରଭୃତି ନଗର, ପର୍ବତ, ନଦୀ ଓ ସାଗର ବର୍ଣ୍ଣନା ସଙ୍ଗେ ସଙ୍ଗେ ନାୟକ ନାୟିକାଙ୍କ କେଳି, ପୌରୁଷ, ବାତ୍ସଲ୍ୟ, ବିବାହ ଓ ଅନୁସଙ୍ଗିକ ଉତ୍ସବ ଓ ପ୍ରକାଶ ନବରସର ଉପିକତା ଇତ୍ୟାଦି କୌଣସି ଦୃଷ୍ଟିରୁ କାବ୍ୟରେ ଅପ୍ରାସଙ୍ଗିକ ଦେଖାଯାଏ ନାହିଁ । ଗ୍ରନ୍ଥର ଚରିତ୍ର, ଛନ୍ଦ ଓ ବର୍ଣ୍ଣନା-ବୈଭବ ପର୍ଯ୍ୟାପ୍ତ ରୂପରେ ବୈଦେହୀଶ ବିଳାସର ଅବଶିଷ୍ଟ ଚରିତ୍ର ଚିତ୍ରଣ ଓ ସଂପଦଗୁଡ଼ିକରେ ଆଲୋଚନା କଥାପ୍ରସଙ୍ଗରେ କରାଯିବ । ଏଠାରେ ସ୍ଥାନ ଅଭାବରୁ ଅଧିକ ସମାଲୋଚନା କରିବାକୁ ପ୍ରବୃତ୍ତ ହେଲୁ ନାହିଁ । କାବ୍ୟର ରଚନାକାଳ, କିମ୍ବଦନ୍ତୀ ଓ କବିଙ୍କ ଶାସ୍ତ୍ର-ଦର୍ଶିତା ପ୍ରଭୃତି ମଧ୍ୟ ପ୍ରସଙ୍ଗକ୍ରମେ ସୂଚୀତ କରାହେବ ।

## କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ

କଥାବସ୍ତୁଃ—ଚମ୍ପା ନଗରର ରାଜା ବିଶ୍ୱାନନ୍ଦ ଅତୀବ ଦାନୀ ଓ ଗୁଣାକର ଥିଲେ । ତାଙ୍କର ବହୁଦିନ ଧରି କନ୍ୟା ଜାତ ହୋଇ ନ ଥିଲା । ଏହି କାଳରେ ମନ୍ତ୍ରୀ ବୁଦ୍ଧିସାଗର ତୀର୍ଥଦର୍ଶନ ପାଇଁ ବଦ୍ରୀନାରାୟଣ ଯିବାକୁ ପ୍ରସ୍ତାବ ଦେଲେ ଓ ପ୍ରସ୍ତାବ ଗୃହୀତ ହେଲା । ତା ପରେ ରାଜା ମନ୍ତ୍ରୀ ସଟସୈନ୍ୟେ ହିମାଳୟ ପାଦଦେଶ ଆଡ଼କୁ ଚଳିଲେ । ସେମାନଙ୍କର ଏହି ଆଡ଼ମ୍ବରପୂର୍ଣ୍ଣ ଯାତ୍ରାରେ ଆତଙ୍କିତ ହୋଇ ଶ୍ରୀନଗର ଓ ଅନ୍ୟ ଦେଶବାସୀ ତାଙ୍କ ବଶ୍ୟରେ ସମ୍ମାନ ପ୍ରଦର୍ଶନ କରିଥିଲେ । ଏହିପରି ଗତି କରୁଥିବା କାଳରେ ରାଜା ବିଶ୍ୱାନନ୍ଦ ଦେଖିଲେ ଏକ ରାକ୍ଷସ ଗୋଟିଏ ସୁନ୍ଦର ହଂସୀକୁ ଧରି ଶିକାର କରି ଧାଇଁଛି । ତହୁଁ ରାଜା ସେହି ରାକ୍ଷସକୁ ବଧ କରି ହଂସୀକୁ ସକଳ ବୃତ୍ତାନ୍ତ ପଚାରିବାରୁ ଜାଣିଲେ ଯେ ହଂସୀ ହେଉଛି ବ୍ରହ୍ମାଙ୍କର ବାହନ । ତହୁଁ ସେ ହଂସୀ ସହିତ ବଦ୍ରୀ କାନନ ଆଡ଼କୁ ଅଗ୍ରସର ହେଲେ । ବ୍ରହ୍ମା ସମସ୍ତ ଘଟଣା ଶୁଣି ରାଜାଙ୍କ ଉପରେ ସନ୍ତୁଷ୍ଟ ହୋଇ ବର ଦେଲେ ଯେ, ସେ ଚିତ୍ରମର୍ଦ୍ଦା ନାମକ ଏକ ଅପ୍ସରା ଲାଭ କରିବେ ଓ ତାହା ଗର୍ଭରୁ ଏକ ଅନନ୍ୟା କନ୍ୟା ପ୍ରାପ୍ତ ହେବେ । ସୃଷ୍ଟିକର୍ତ୍ତାଙ୍କର ଏହି ବର ଅଚିରେ ଫଳବତୀ ହେଲା ।

ରାଜା ଅପ୍ସରା ସହ ସୁଖରେ କାଳାତିପାତ କଲେ ଓ କନ୍ୟାଲାଭ ପରେ ଅପ୍ସରା ଅନ୍ତର୍ଦ୍ଧାନ ହୁଅନ୍ତେ, ରାଜା ସେହି କନ୍ୟାଟିକୁ ସେଠୁ ସ୍ୱରାଜ୍ୟକୁ ପ୍ରତ୍ୟାବର୍ତ୍ତନ କଲେ । ସେଠାରେ କନ୍ୟାର ବୟଃବୃଦ୍ଧି ସଙ୍ଗେ ସଙ୍ଗେ ଯୌବନ ସ୍ପର୍ଶ ଘଟିଲା । ଏହି କାଳରେ କନ୍ୟାର ରୂପ ସୌନ୍ଦର୍ଯ୍ୟର ଖ୍ୟାତି, ଶାରଦା

ପ୍ରୀତା ହୋଇ ନିଜ ଅଂଶରୁ ଶଚୀକଳା, ବାଣୀକଳା ନାମ୍ନୀ ଦୁଇଟି କନ୍ୟା ସୃଷ୍ଟିକରି ନାୟିକା ନିକଟକୁ ଦେବୀପ୍ରେରିତ ହଂସୀ ଓ ତାର କନ୍ୟା ଶାରଦା ସହ ପ୍ରେରଣ କଲେ । ଏହାପରେ ଅନେକ ସଖୀ ସାଥୀ ରାଜକନ୍ୟା କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ କୌଶିକ ତଟ ଉପବନରେ ଆମୋଦ ପ୍ରମୋଦରେ କାଳ କାଟିଲେ । ଏହା ପରେ କବି କେତେକ ପୂର୍ବ ଛାନ୍ଦରୁ ପୁଷ୍ପପୁରର ରାଜକୁମାର ପୁଷ୍ପକେତୁର ପୌରୁଷ, ସୌନ୍ଦର୍ଯ୍ୟ ଆଦିର ବର୍ଣ୍ଣନା କରିଛନ୍ତି । ସେହି ରାଜକୁମାର ନିଜର ସଙ୍ଗୀତ ପ୍ରବଣତାରେ ନାରଦଙ୍କୁ ସନ୍ତୁଷ୍ଟ କରି ଏକ ଅଦ୍‌ଭୁତ ପୁଷ୍ପର ସାହଚର୍ଯ୍ୟ ଲାଭ କରିଥିଲେ । ଏହି ରାଜକୁମାର ଓ ରାଜକୁମାରୀ ପ୍ରଥମ ଥର ପାଇଁ ସାକ୍ଷାତ କରିବାରେ ମାଙ୍ଗଲ୍ୟ ଓ ଅଦ୍‌ଭୁତ ପୁଷ୍ପ ସାହାଯ୍ୟ କରିଥିଲେ । ଉପବନରେ ଉଭୟଙ୍କର ସମ୍ମିଳନକୁ ପାଇବାକୁ ନାନା ପ୍ରକାର ଚେଷ୍ଟା । ଏହିକାଳରେ ବିଶ୍ୱାନନ୍ଦଙ୍କର ରୂପସୀ ମୃଗ ଛେଦନ ପଣ ହେତୁରୁ ଭିନ୍ନ ଭିନ୍ନ ଦେଶର ରାଜାମାନଙ୍କର ତମ୍ରା ନଗରୀ ଆଗମନ । ପିତୃ ଆଦେଶ ଲାଭ କରି ପୁଷ୍ପକେତୁର ତମ୍ରା ନଗରୀ ଯାତ୍ରା । କୌଶିକତଟ ଉପବନରେ ତାର ରହଣି । ସେହି ସ୍ଥାନରେ ମାଳ୍ୟାଣୀ ଓ ବିଦ୍ୟାନିଧି ପ୍ରଭୃତିଙ୍କ କଥାରେ ନାୟିକା ସହ ପତ୍ର ବିନିମୟ । ତା ପରେ ରୂପସୀମୃଗ ଛେଦନ ଓ ବିବାହ ।

ଆଲୋଚନା :—କାବ୍ୟର ପ୍ରଥମ ଛାନ୍ଦରେ କବି ପାଣ୍ଡିତ୍ୟପୂର୍ଣ୍ଣ ମଙ୍ଗଳାଚରଣ କରିଛନ୍ତି । ନୀଳାଚଳବିହାରୀ ଜଗନ୍ନାଥଙ୍କ ନାମରେ ଓ ସ୍ଥାନଶ୍ରୀ ସମେତ ସମସ୍ତ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ନିଜକାବ୍ୟ ପ୍ରସଙ୍ଗରେ କହିଛନ୍ତି —

“ରଚିବି କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ଚରିତ
ସୁଜାଣ ସୁମନା ଶୁଣ ହୋଇବ ଏ ଗୀତ ହେ ।

ସୁରଭିରେ ମୋହିତ ମାନସ ହେବେ ଭବ୍ୟ
ଗୁଣବନ୍ତ ହୃଦେ ମାଳା କବଣ ଧରିବେ ହେ ।

ସମ୍ବେଶ ଓ ସଂଯୋଜନା ଦୃଷ୍ଟିରୁ ଏଥିରେ ବିଶେଷ କିଛି ନୂତନତ୍ୱ ନାହିଁ । ରସମୟ ମୂଳ ଲେଖନ ପଣହିଁ ଏହି କାବ୍ୟର ବିଶେଷତ୍ୱ । ମାତ୍ର, ନାୟିକାର ଶୈଶବଠାରୁ ଅବସ୍ଥା ଭେଦ ବିବାହ ପର୍ଯ୍ୟନ୍ତ ସୌନ୍ଦର୍ଯ୍ୟଚିତ୍ରର ଶୃଙ୍ଖଳାଯୋଗ । କବିଙ୍କ ଅନ୍ୟାନ୍ୟ କାବ୍ୟ ଭଳି ଅଦ୍ଭୁତ ପ୍ରବନ୍ଧ, ମାଙ୍ଗଲ୍ୟ, ଗୋଷ୍ଠ ଚିତ୍ରଣ ଏହାର ଉଦାହରଣ । ମାଲ୍ୟାଣୀ, ଶୁକ, ଶାରୀ, ସଖୀ ଅନ୍ୟାନ୍ୟ ସାହାଯ୍ୟକାରୀ ଚରିତ୍ରରେ କୌଣସି ବିଶେଷତ୍ୱ ନାହିଁ ।

ମାତ୍ର ବର୍ଣ୍ଣନା ଓ ଅଳଙ୍କାର ଦୃଷ୍ଟିରୁ ଏହା କାଳ୍ପନିକ କାବ୍ୟମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ । ଅଳଙ୍କାର ପ୍ରୟୋଗରେ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ସୁଭଦ୍ରା ପରିଣୟରୁ ମଧ୍ୟ ଅତିକ୍ରମ କରିବାପରି ମନେ ହୁଏ । କାବ୍ୟର ତରଳ ଛନ୍ଦରେ ବର୍ଣ୍ଣନା ପ୍ରସଙ୍ଗରେ କବିଙ୍କର ପୌରାଣିକତା ମଧ୍ୟ ଲକ୍ଷିତ ହୁଏ । ଚମ୍ପା ଓ ପ୍ରଭୃତି ବର୍ଣ୍ଣନା ଅତି ଉଚ୍ଚକୋଟୀର । ଚମ୍ପା ନାଗେଶ୍ୱର ରୂପ ଦେବାରେ କବି ଶ୍ଳେଷାଦି ଅଳଙ୍କାର ସାହାଯ୍ୟରେ ଚମ୍ପାଫୁଲ ଓ ନାଗେଶ୍ୱର ବର୍ଣ୍ଣନା କୌଶଳକ୍ରମେ କରିଛନ୍ତି । ପୁଷ୍ପଫୁଲ ବର୍ଣ୍ଣନାରେ ପୌରାଣିକତାର ଗୁରୁତ୍ୱ ଅଧିକ ।

ଋତୁ ଓ ପ୍ରକୃତି ବର୍ଣ୍ଣନାରେ ଏହି କାବ୍ୟରେ କବି ଅନେକ ସ୍ଥଳରେ ଗୁରୁତ୍ୱ ପ୍ରକଟନ କରିଛନ୍ତି । ବନ, ଉପବନ, ନଦୀ ଓ ବିବିଧ ଋତୁ ବର୍ଣ୍ଣନା ଗୁରୁତ୍ୱପୂର୍ଣ୍ଣ ହୋଇଥିଲେହେଁ, ଅନ୍ୟ କାବ୍ୟ ତୁଳନାରେ ବିଶେଷ ଉତ୍କୃଷ୍ଟ ହୋଇଛି । ପଞ୍ଚମ ଛାନ୍ଦରେ କବି ଏକ

ଏକ ପଦ ମଧ୍ୟରେ ଗ୍ରୀଷ୍ମ, ବର୍ଷା ଓ ଶୀତ ଋତୁର ଯେଉଁ ବର୍ଣ୍ଣନା କରିଛନ୍ତି ତାହା ବୈଚିତ୍ର୍ୟମୟ ହୋଇଥିଲେହେଁ ତହିଁର ବର୍ଣ୍ଣନାଗତ ସ୍ବାଭାବିକତା ନାହିଁ । କୌଶିକ ତଃ ଉପବନରେ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀର ବସନ୍ତ ବିଳାସରେ ବୃନ୍ଦାବତୀର ଅବରୋଧ ମଧ୍ୟ ଏ ସମ୍ପର୍କରେ ଉଲ୍ଲେଖ୍ୟ ।

ବର୍ଣ୍ଣନା ପ୍ରସଙ୍ଗରେ କବି ଏ କାବ୍ୟରେ ନିଜର ଅଶେଷ ବୈଶିଷ୍ଟ୍ୟ ଦେଖାଇ ଥିଲେ ମଧ୍ୟ, ଏହା ଲାବଣ୍ୟବତୀ ବା ରସିକ ହାରାବଳୀ ଭଳି ଏତେ ସୁଖ ଓ ସହଜ ପାଠ୍ୟ ନୁହେଁ । ଅବଶ୍ୟ, କାବ୍ୟର କେତେକ ସ୍ଥଳରେ ସ୍ବାଭାବିକତା ରହିଛି । ବିଂଶ ଛାନ୍ଦରେ ନାୟକ ଓ ନାୟିକାଙ୍କର ଭାବନାର ଯେଉଁ ଚିତ୍ର ଅଛି, ସେଥିରେ କୌଣସି ଅଳୀକତା ନାହିଁ ।

କବିଙ୍କ ବର୍ଣ୍ଣନାର ବିଶେଷତ୍ବ ପ୍ରଖ୍ୟାପନ କରିବାର ଏହା ଉପଯୁକ୍ତ ସ୍ଥଳ ହୋଇ ନ ଥିବାରୁ, ମାତ୍ର କେତେକ ଉଦାହରଣ ଦେଉଛୁ । ୧୨ଶ ଛାନ୍ଦରେ କବି ନାୟିକାର ତାଦ୍‌ଗତ୍ୟ ମଧ୍ୟରେ ନାୟକ ରୂପ ଦର୍ଶନରେ ତାଙ୍କଠାରେ ଦଶାବତାର ଆରୋପ ଓ ସଖୀମାନଙ୍କର ନାୟିକାଠାରେ ଏକାଧିକ ପୁରାଣପ୍ରସିଦ୍ଧା ନାୟିକାଙ୍କର ଆରୋପ ଏ ମଧ୍ୟରୁ ଅନ୍ୟତମ । ଏହା କବିଙ୍କ ପୌରାଣିକତାର ଏକ ସୂଚନା ।

"ଜୟ ଶଙ୍କର ମଦନ ଜୀବନ କରିଥିବେ ଅନ୍ତ ।
ସେ ନର କେଶରୀ କଳୀ-ତ୍ରୁଟୀ ଭେକେ ସହସ୍ର କର ବଳନ ।
ରେ ସନ୍ତ, ମୂର୍ତ୍ତି ସ୍ମରକଳ ଖାଉ ମନ୍ତ୍ର ।
ଭୂପତ୍ନୀରେ ଚନ୍ଦ୍ରହାସେ ଶୋଭୁ ତାମ୍ର ଦଶଲୁପ ଏତେ ଅନ୍ତ ।

ସଜନୀ ବୋଇଲି ତୁ ସକଳ ଶାଧୁ ଯୋଜନରେ ଏକମୂର୍ତ୍ତି
ଶ୍ରୀଅଙ୍ଗ ସ୍ୱଭାବେ ଗଢ଼ିବାଶ ଭ୍ରମେ ଚଞ୍ଚଳା ହୋଇଛି ଭାନୁ
ରେ ରମା, ସୀତା ମାଧୁର୍ଯ୍ୟ ଗେରେ ସୁଷମା;
ଛୁରେ ବିଭବ ଲକ୍ଷଣ-ସୀମା କାମପ୍ରସୂ ତୋ ତୁଲ୍ଲ ଉପମା ।”

ନାୟିକାର ରୂପବର୍ଣ୍ଣନାରେ ରମା ଓ ଲକ୍ଷ୍ମୀଙ୍କର ଏକତ୍ର ସମାବେଶ ଦେଖନ କହୁଛନ୍ତି—

“ଅଳକାବର୍ଣ୍ଣିଣୀ ନୋହିଲୁ ସିନା
ସେ ଯେ ଶୋଭା ଦଶ ଶ୍ଳୋକ କଳ୍ପନା ।
ଅଙ୍ଗୁଳି ତୁଳିକେ ସ୍ୱହସ୍ତେ ଲେଖି
ସମେ ଥୋଇଛନ୍ତି ତା ଅସ୍ତ୍ର ଅଖି ଯେ ।
ଶ୍ରୀ ଲେଖା କହ ଶାସ୍ତ୍ରର ଯେ,
ହରିହର ଏକ ମୂର୍ତ୍ତି ହୋଇବାକୁ ରମା ଉମା ସେହ୍ନପରି ଯେ ।

କୋଟିବ୍ରହ୍ମାଣ୍ଡସୁନ୍ଦରୀ ପ୍ରଥମ ଥରପାଇଁ ପ୍ରସବବତୀ ହେବା ପରେ ତାଙ୍କୁ ନାରୀମାନଙ୍କର ବଢ଼ାଇବା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବର୍ଣ୍ଣନାରେ ସରଳତା ଓ ବାସ୍ତବତାର ମଧୁର ସମନ୍ୱୟ ଘଟିଛି । କବି କହୁଛନ୍ତି—

ସାତ ଦ୍ୱୀପରେ ଯାହା ବଢ଼ାଇଲେ, ସାତ ଦ୍ୱୀପରେ କି ଅଛି ବୋଇଲେ ।
ସାତ ତ୍ରିଭୁଣ ଭୁବନ ସୁନ୍ଦରୀ, ତୁମେ ହୋଇଲ ସିନା ପ୍ରସବରୀ ।
ସାତ ଦିନାନ୍ତରେ କରନ୍ତି ଶୁଦ୍ଧା, କଲେ ତାହାର ଅଶୋଚ ବସୁଧା ।
ଗୃହୁପଦ କଳିକା ଧରିଲ, ପଦତଳରେ ଦୋହଦ ହୋଇଲ ।

ଏତାଦୃଶ ବର୍ଣ୍ଣନାରେ ସ୍ପଷ୍ଟତା ଓ ସରଳତା ଲକ୍ଷ୍ୟ କରିବାର କଥା । କବି ଏହି କାବ୍ୟ ମଧ୍ୟରେ ନିଜ କବିତ୍ୱ ଓ ପାଣ୍ଡିତ୍ୟର ଚରମ ପରାକାଷ୍ଠା ଦର୍ଶାଇଛନ୍ତି, ତହିଁରେ ଦୁର୍ବୋଧତା ଅନେକ ସ୍ଥଳରେ

ଲୁପ୍ତ । ତତ୍କାଳର ଏହି ଶ୍ରେଷ୍ଠ ଆଲଙ୍କାରିକ କାବ୍ୟ ଅଲଙ୍କାର ସୃଷ୍ଟିରେ ଭରପୂର । ସୁତରାଂ ଯେ ସମ୍ପର୍କରେ ଉଦାହରଣ ଦେବାକୁ ଉଚିତ୍ ମନେ କରୁ ନାହିଁ । ଗ୍ରନ୍ଥର ଅଳଙ୍କାର ଓ ରସ ପର୍ଯ୍ୟାୟ କଥନରେ ଏହି କାବ୍ୟକୁ କେତେକ ଅଳଙ୍କାର ଦର୍ଶାଇବାକୁ ଚେଷ୍ଟା କରିବି ।

କାବ୍ୟର ନାମକରଣରୁ କବି ସ୍ୱୀୟ କାବ୍ୟନାୟିକା ଓ କାବ୍ୟଗତ ନାୟିକାଙ୍କ ସ୍ୱ ରୂପ ପ୍ରଦାନ କରିଥିବେ ଏବଂ ସେ ରୂପ ବର୍ଣ୍ଣନାରେ କେତେଦୂର ଯତ୍ନଶୀଳ ଥିବେ, ତାହା ବୋଲିବା ବାହୁଲ୍ୟ । ଲାବଣ୍ୟବତୀ, ପ୍ରେମ ସୁଧାନିଧି ସୃଷ୍ଟିରେ ମଧ୍ୟ କବି-ପ୍ରତିଭା ସନ୍ତୋଷ ଲାଭ କରି ନ ପାରି ଭୋଟି ଜଗତର ସୁନ୍ଦରୀକୁ କାବ୍ୟ ଜଗତରେ ଅନୁସନ୍ଧାନ କରିବାରେ ପ୍ରବୃତ୍ତ ହୋଇଥିଲେ ।

---

## ଛାନ୍ଦ ଭୂଷଣ

କୃଷ୍ଣଙ୍କ ଗୋପଲୀଳାଠାରୁ ଆରମ୍ଭ କରି ମଥୁରା ଲୀଳାର ଶେଷ ପର୍ଯ୍ୟନ୍ତ ସମସ୍ତ ଘଟଣା ଏହାର ଅନ୍ତର୍ଗତ । କବି କୃଷ୍ଣଙ୍କର ଯାବତୀୟ ଲୀଳାର ବର୍ଣ୍ଣନା କରିବା ପ୍ରସଙ୍ଗରେ କେତେକ କାବ୍ୟଗତ ଅଳଙ୍କାର ପ୍ରୟୋଗ କରିଛନ୍ତି । କଥାବସ୍ତୁର ଗୁରୁତ୍ୱ ଯୋଗୁ ଭାବାଯାଇ ପାରେ ଯେ, ଦାନକୃଷ୍ଣ, ବସ୍ତ୍ରହରଣ ଓ ଅନ୍ୟାନ୍ୟ ବୈଚିତ୍ର୍ୟ ଭରା ଦୃଶ୍ୟରେ ଯେଉଁ ବର୍ଣ୍ଣନା ଓ କଥାବସ୍ତୁର ସମାବେଶ ରହିଛି, ତହିଁର ଚମତ୍କାରିତା ଏହି ରଚନାରେ ପରିଲକ୍ଷିତ ହୁଏ ନାହିଁ ।

ଏହି କାବ୍ୟର ରଚନାପଦ୍ଧତି ବିଶେଷ ଭାବରେ ଉଲ୍ଲେଖ୍ୟ । କାରଣ, କବି ଓଡ଼ିଆ ସାହିତ୍ୟରେ ଅକ୍ଷର ନିୟମ ଧରି ରଚନା ଓ ଚଉତିଶ ଛାନ୍ଦରେ 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ କ୍ରମ ଅକ୍ଷରାଦିରେ ପଦ ପ୍ରୟୋଗ କରିଛନ୍ତି । ଏହା ଏକ ପ୍ରକାର ଚଉତିଶାର ଅନ୍ତର୍ଗତ । ରଚନାରେ ଏହି ଅକ୍ଷର ସମାବେଶ ନିୟମ ଯୋଗୁ କୌଣସି ଅସ୍ୱାଭାବିକତା ପରିଲକ୍ଷିତ ହୁଏ ନାହିଁ । କିନ୍ତୁ ବିଷୟବସ୍ତୁ ଯୋଗୁ ବୈଷ୍ଣବ କବିମାନଙ୍କ ରଚନା ତୁଳନାରେ ଏହା ଉତ୍କୃଷ୍ଟ ଧରଣର ନୁହେଁ ।

—— ——

## ଅବନା ରସ ତରଙ୍ଗ

କଥାବସ୍ତୁ:—ରାମାୟଣର ସମସ୍ତ ଉପାଖ୍ୟାନର ଏକ ସଂକ୍ଷିପ୍ତ ପ୍ରକାଶ । ରାମଚନ୍ଦ୍ରଙ୍କ ଜନ୍ମଠାରୁ ଆରମ୍ଭ କରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଓ ରାଜ ଅଭିଷେକ ପର୍ଯ୍ୟନ୍ତ ସମସ୍ତ କଥା ଏହି କ୍ଷୁଦ୍ର କାବ୍ୟଟିରେ ସ୍ଥାନ ପାଇଛି । ଅଧିକାଂଶ ସ୍ଥଳରେ କବି କେବଳ ସୂଚନା ଦେଇ ଯାଇଛନ୍ତି । ମାତ୍ର ୧୨ ଟି ଛାନ୍ଦରେ କାବ୍ୟଟି ସମାପ୍ତି ଲାଭ କରିଛି । 'ବୈଦେହୀଶ ବିଳାସ' ଓ 'ରାମଲୀଳାମୃତ'ରେ ଅଧିକାଂଶ କଥାବସ୍ତୁ ଥିଲେ ମଧ୍ୟ ବର୍ଣ୍ଣନା ଓ ଯୋଜନା ଦୃଷ୍ଟିରୁ ଏହାର ସ୍ୱାତନ୍ତ୍ର୍ୟ ରହିଛି ।

ଆଲୋଚନା:— ଛନ୍ଦର ନାମକରଣରୁ ରଚନାପଦ୍ଧତି ସୁସ୍ପଷ୍ଟ । ବନା ପ୍ରୟୋଗ ନ କରି କବି ସମଗ୍ର କାବ୍ୟଟି ରଚନା କରିଛନ୍ତି । ଅବଶ୍ୟ କେତେକ ସ୍ଥଳରେ ବନାନ ଅଲକ୍ଷ୍ୟରେ ବ୍ୟବ-ହୃତ । ମାତ୍ର ଏହି ଅବନା ରଚନା କରିବାକୁ ଯାଇ କବି ଏକ ଶବ୍ଦର ପ୍ରୟୋଗରେ ଭାବ ମୌଳିକ ରୂପ ଓ ଭଙ୍ଗୀରେ ଅନେକଙ୍କ ବିପର୍ଯ୍ୟୟ ଘଟାଇଛନ୍ତି । ଏକ ଏକ ପଦରୁ ବନାନବହୁଳ କରିବା

ଲକ୍ଷ୍ୟରେ ସେ ବହୁଶ୍ଳାଘୀ ହୋଇ ପଡ଼ିଛନ୍ତି । ରଚନାରେ ଏହି ଶବ୍ଦ ଯୋଜନା ଗତ ପ୍ରମାଦ ସେଥି ବିଜୟଚନ୍ଦ୍ର ମଜୁମ୍‌ଦାର ଏକାଧିକ ଉଦାହରଣ ପ୍ରଦାନ କରିଛନ୍ତି । ବାସ୍ତବରେ ଅନୁଭବ ସ୍ଥାନରେ ଅନଭବ, ଉଜ୍ଜ୍ୱଳ ସ୍ଥାନରେ ଉଜ୍ଜଳ, ମଧ୍ୟ ସ୍ଥାନରେ ମଧ ଭଳି ଅଧିକାଂଶ ଛନ୍ଦରେ ଶବ୍ଦ ପ୍ରଯୁକ୍ତ । ରଚନାରେ ଏକ ବୈଶିଷ୍ଟ୍ୟପୂର୍ଣ୍ଣ ସାଧନା ସେଥି କବିଙ୍କର ଏ ସ୍ୱରୋତ କାବ୍ୟରେ ସୁସ୍ପଷ୍ଟ ହୁଏ । ତଥାପି କାବ୍ୟର ଅନେକ କ୍ଷେତ୍ରରେ ଏହି ଅବନା ରଚନା ଅର୍ଥ ପ୍ରତୀତିରେ କୌଣସି ବାଧା ସୃଷ୍ଟି କରି ନାହିଁ । ବରଂ ଅଧିକ ସୌନ୍ଦର୍ଯ୍ୟସମ୍ପନ୍ନ ଓ ଅର୍ଥବ୍ୟଞ୍ଜକ ହୋଇ ପାରିଛି । ଉଦାହରଣ ସେଥି ନିମ୍ନ ପଦ୍ୟାଂଶଟି ଉଦ୍ଧାର କଲି ।

ରସ ଉତ୍ତର ମନ୍ତ୍ର          କରଇ ସତ ଅନ୍ତର
ଅନ୍ତର ଜଗତରେ ପୂର ଉଦିତ ଗର,
ଉରଜ ହସ୍ତ ଚନ୍ଦନ          ଗନ୍ଧ ହରଇ ବହନ
ଅତି ପ୍ରଚଣ୍ଡ ଜ୍ୱଳନ ତାତପରର ।
ଅନ୍ତର ଏସନ ଦଣ୍ଡର;
ସମଦମ ବୃନ୍ଦବର୍ଣ୍ଣ ଦମ୍ଭ ଖଣ୍ଡର ।

ରାମଚନ୍ଦ୍ର ସୀତାଙ୍କ ବିଚ୍ଛେଦରେ କହୁଛନ୍ତି, ସୀତାଙ୍କ ରସ ଉପଯୁକ୍ତ ଉତ୍ତର ସ୍ମରହରର ଦଂଶଜନିତ ଉପଶମରଣରେ ମନ୍ତ୍ର ସଦୃଶ ।

ଏହି ଅର୍ଥ ଏଠାରେ ଉପର ବାକ୍ୟରେ ଖୋଜିବା ଚେଷ୍ଟା କରିବାର କଥା । କେବଳ ଯେ ରଚନା ଅନୁରୋଧରେ ଭାଷା ଓ ଅର୍ଥଗତ ମର୍ଯ୍ୟାଦା ପ୍ରତି ଅବହେଳା ପ୍ରଦର୍ଶିତ, ଏହା କହିବା ଅନୁଚିତ । କାରଣ, କାବ୍ୟର ଅନେକାଂଶରେ ବର୍ଣ୍ଣନାଗତ ଉତ୍କର୍ଷ ଓ ଚମତ୍କାରିତା ଉପଲବ୍ଧ ।

ଅବନା ରସ କବିଙ୍କର ସ୍ଥାନେ ସ୍ଥାନେ ପ୍ରକୃତି ଚିତ୍ରଣ ଓ ବର୍ଣ୍ଣନା ନୈପୁଣ୍ୟ ଏପରି ହୋଇଅଛି ଯେ, ତାହା ବୈଦେହୀଶ ବିଳାସ ଓ ରାମଲୀଳାମୃତରେ ପାଇବା କଷ୍ଟକର । କବି ପ୍ରକୃତି ଚିତ୍ରଣ କରିବାରେ ରୂପକ, ଉପମା ପ୍ରଭୃତି ଅଳଙ୍କାରର ପ୍ରୟୋଗ ମଧ୍ୟ କରିଛନ୍ତି । କାବ୍ୟର ୪ ର୍ଥ ଛାନ୍ଦରେ ବର୍ଷାଋତୁରେ ମାଲ୍ୟବନ୍ତ ଓ ପର୍ବତରେ ପତ୍ନୀ ବିଚ୍ଛିନ୍ନ ରାମଚନ୍ଦ୍ରଙ୍କର ବର୍ଷୁକ ମେଘ ସହ ବାକ୍ୟ ପ୍ରକୃତି-ଦର୍ଶନ-ଜନିତ ମାନସିକ ଅବସ୍ଥାର ଯେ ବର୍ଣ୍ଣନା ତାହା ଅତି ଉଚ୍ଚକୋଟୀର । ଏହି ବର୍ଷା ବର୍ଣ୍ଣନା କାବ୍ୟବର୍ଣ୍ଣିତ ଅନ୍ୟାନ୍ୟ ଋତୁ-ଗଣ ଅପେକ୍ଷା ଅଧିକ ପ୍ରଭାବଶାଳୀ । ରାମଚନ୍ଦ୍ର ଓ କବିର କଥୋପକଥନ ମାଧ୍ୟମରେ କବି ସୀତାହରଣକାଳୀନ କରୁଣ ଦୃଶ୍ୟାବଳୀରେ ବାହ୍ୟ ପ୍ରକୃତିର ଯେଉଁ ଅନ୍ତରଙ୍ଗ ଅଙ୍କନ କରିଛନ୍ତି ତାହା ପ୍ରକୃତିର ସମବେଦନା ଜ୍ଞାପକ ଶକ୍ତିର ସୁନ୍ଦର ଅବତାରଣା । କବି କହୁଛନ୍ତି—ସୀତାଙ୍କ ରୋଦନ ଶ୍ରବଣରେ ବନଭୂମି କ୍ଷୁବ୍ଧସମ ନିର୍ବେଦ ଓ କମ୍ପିତ ହେଲା ।

"ବନବହୁତରଲ ଲତାପର ସବୁ ସମ୍ବର,
ସର୍ପସର୍ବ ଏବେ ନୟନ ଦଶ କରନ୍ତି ଅମ୍ବର ।
ପଥୁ ଅଗନ ଭରଣି ତଳତଳେ ଉଡ଼ୁଚି ବସ୍ତୁର—
ରଞ୍ଜନ ଭର ବଦନ ସ୍ତୁନବତ ଶ୍ରବଣ ଏ ସ୍ୱର ।
ନିର କୁପରଙ୍ଗତ ଗଳ ପତନ ଙ୍କବ ପକ୍ଷିତ୍,
ରସ ଅଗନ ବିରମ ପଦ୍ମପର ଭ୍ରମର କଦମ୍ବ ।
ସପତ ସ୍ୱର ଜନମ ଲକଣ୍ଠ-ଏସନ ସଞ୍ଚିର
ଭୁହ୍ମ ନଦନ କ୍ଷପରକ ଏ ମନ ଉତସ ତପୂର" ଇତ୍ୟାଦି

ମାତ୍ର ଏଠାରେ ଉଲ୍ଲେଖ କରିବାକୁ ବାଧ୍ୟ ହେଉଛୁ ଯେ ଏହି ସମବେଦନା ଜ୍ଞାପକ ମହାକବି, କୃଷ୍ଣ ଓ ଗୋପିକାଙ୍କ ଚରିତ୍ରରେ

ଅସ୍ୱାଦବାଣ କରିପାରୁ ନାହିଁ ଏବଂ ସାଧାରଣ ପାଠକ ଏହି ଭାବ୍ୟାନନ୍ଦ ପାନରେ ଆଦୌ ସମର୍ଥ ହୋଇ ପାରନ୍ତି ନାହିଁ । ଏ ସମ୍ପର୍କରେ ପାଠକଗଣ ତପସ୍ୱିନୀର ସୀତା ନିର୍ବାସନକାଳୀନ ବର୍ଣ୍ଣନାର କଳ୍ପନା କଲେ ଉଭୟର ତାତ୍ପର୍ଯ୍ୟ ହୃଦୟଙ୍ଗମ କରି ପାରିବେ । ବୈଦେହୀଶ ବିଳାସର ୨ୟ ଖଣ୍ଡରେ ସୀତାଙ୍କୁ ଯେପରି ସର୍ବଗୁଣ ସୁଲଭ ଗୁଣାବଳୀର ଆଧାର ରୂପେ କଳ୍ପନା କରି ପତ୍ନୀ ପ୍ରାଣ ରାମଚନ୍ଦ୍ର ପ୍ରିୟାର ଗୌରବ କଥନରେ ଆତ୍ମବିସ୍ମୃତ, ଏଠାରେ ମଧ୍ୟ ତଦ୍ରୂପ ତତ୍‌ଗୁଣ ଉପଲବ୍ଧ । ୪ଥ ଛାନ୍ଦର ୨୩ ପଦରେ ଅନୁରୂପ ବର୍ଣ୍ଣନା ରହିଛି । ସୀତା ପଦ୍ମିନୀ ନାରୀ ତାଙ୍କର ସ୍ୱାଭାବିକ ସୌନ୍ଦର୍ଯ୍ୟ ଦେଖି ରାମଚନ୍ଦ୍ର ଯେଉଁ ବର୍ଣ୍ଣନା କରିଛନ୍ତି ସେଥିରୁ କିଛି ଉଦ୍ଧାର କରୁଛି :—

"ଅଙ୍ଗ ଗନ୍ଧ ଚନ୍ଦନର          ପଦ୍ମ ଗରବ ସରଇ
ଗନ୍ଧ ଗ୍ରହ ନ ସରଇ ଆନ ଚନ୍ଦର
ପଶୁର ପଠନ ସ୍ଥଳ          ବସଇ ମତ୍ତ ଭ୍ରମର
ଛାଡ଼ି ଏତେ କମଳଚୟ ଈଶ୍ୱର
ଏମନ୍ତ ରଞ୍ଜନ ଗମନ
ଚଳଇ ମନ୍ଥର ସ୍ୱର୍ଣ୍ଣ ସ୍ୟନ୍ଦନ" ।

ବର୍ଣ୍ଣନାର ଯାବତୀୟ ଉତ୍କର୍ଷତା ସତ୍ତ୍ୱେ କବି ଅନେକ ସ୍ଥଳରେ ପରମ୍ପରା ସେହି ମାତ୍ରା ଲଙ୍ଘନ କରିଛନ୍ତି । ଭାବ୍ୟର ନବମ ଓ ଦଶମ ଛାନ୍ଦର କେତେକାଂଶ କେବଳ ନାୟିକାର ତନୁ ଓ ମୂର୍ତ୍ତି ବର୍ଣ୍ଣନାରେ ବ୍ୟାପୃତ । ପମ୍ପା ସରୋବର ଦର୍ଶନରେ ତହିଁ ସହିତ ସୀତାଙ୍କ ଅଭେଦ କଳ୍ପନା କରିବା ସ୍ଥଳରେ ଅଥବା ତହିଁରେ ସୀତା ରୂପ ଭ୍ରମ ହେବାର ଯେଉଁ ବର୍ଣ୍ଣନା, ତାହା ନାୟିକା ଅଙ୍ଗକୁ ସରୋବର ରୂପେ ପରିକଳ୍ପନା କରିବାର ଅନ୍ୟତମ ଉପାୟ ରୂପେ

ବୃଷ୍ଟିତ । ନାୟିକାଙ୍କୁ ସରୋବର, ରଥ, ଦେଶ ଇତ୍ୟାଦି ଓ ତାଙ୍କ ଅଙ୍ଗକୁ ଭିନ୍ନ ଭିନ୍ନ ପ୍ରକାରରେ ଗ୍ରହଣ କରିବା ଏହି ପର୍ଯ୍ୟାୟ ଅନ୍ତର୍ଗତ ।

"ଦଣ୍ଡକବନ ଅନ୍ତର ସହଜ ଉଦୟ
ଏକସର ଦରଶନ ଏ ଭ୍ରମ ହୃଦୟ
ମନ୍ଦ ହିଲ୍ଲୋଳ ତରଙ୍ଗ କରତଳ ସ୍ତନ
ପଙ୍କଜ ବଦନ ଝଷ ଚଞ୍ଚଳ ନୟନ
ଭ୍ରମର ଅଳକ ପଦ୍ମ ପଟଳ ଉଦର
ଜଳଭ୍ରମତଟଧ ଅବଷ୍ଟମ୍ଭର
ରକ୍ତ ଉତ୍ପଳ ରଙ୍ଗ ପଦତଳ କର
କମଳ ରଥ ଗମନ ଘନରବ ଉର" ।

କାବ୍ୟର ପ୍ରାୟ ଅଧିକାଂଶ ସ୍ଥଳରେ ଅନୁପ୍ରାସ, ରୂପକ, ଉପମା ପ୍ରଭୃତି ଓ କେତେକ ଅର୍ଥାଳଙ୍କାରର ଭୂରି ଭୂରି ପ୍ରୟୋଗ କରିଛନ୍ତି । ଏହି ପ୍ରୟୋଗର ପ୍ରାଚୁର୍ଯ୍ୟ ଅପେକ୍ଷା ନାହିଁ । ଅଳଙ୍କାର ପ୍ରୟୋଗ କେଉଁ ସ୍ଥଳରେ ତୋଟିଏ ଦୁଇଟି ଉଦାହରଣ ଦେଉଛୁ । ସେଥିରୁ ସମଗ୍ର କାବ୍ୟରେ ଅଳଙ୍କାରର ସ୍ଥାନ ନିର୍ଦ୍ଦେଶ କରାଯାଇ ପାରେ । ସୀତାଙ୍କ ବନ ଦେଶରେ କରୁଣ ରୋଦନାର ବର୍ଣ୍ଣନା ଏକରୂପ ଶୋଭାଯାଏରେ ।

"ସ୍ଥୁଳ ବନ୍ଧ ବପ୍ରସ୍ଥଳ    ଖଳ କରକ ଲଙ୍ଗଳ
ବଣର ବର୍ଣ୍ଣିତ କର ସହଜ ଧନ
ହରଷ ଶସ୍ୟ ସମ୍ପଦ    ବରଷନ ରସପ୍ରଦ
ରକ୍ଷଣ କରଣ ବରଣୀ ମଧ୍ୟ ପତନ
ଏ ଯନ୍ତ୍ର କଷକ ବରଷ"
କବଳକ କଷ୍ଟ ଏଣୁ ସଫଳ ଶସ୍ୟ ।

ମାଲ୍ୟବନ୍ତ ପର୍ବତ ବର୍ଣ୍ଣନାରେ ଏହାକୁ କବି, ହଂସୀ, ସୁକ୍ଷ୍ମ, ସ୍ବର୍ଗ ଓ ମେଘ ସଙ୍ଗେ ତୁଳନା କରିଛନ୍ତି ।

"ଲଭିଲ ମହତ ମହଲତର ସ୍ଥ
ଅନଲ ଜ୍ୱଳନ୍ତ ଦନ୍ତ କଣ୍ଟକ ରମ୍ୟ
ସ୍ୱର୍ଗର ସମ ଶୃଙ୍ଗ ତଳ୍ପ କଳ୍ପୁଳ
ଚନ୍ଦ୍ରଶିରେ ଗମନ ବଳ ଚପଳ
ଅମର ନଗର ବଳ ଗର୍ବ ଦନ
ଉର୍ଦ୍ଧ୍ୱ ଲକ୍ଷଣେ ଚନ୍ଦ୍ରଧର ଶାସନ
ଘନଲକ୍ଷ ସମ୍ବର ଧରଇ ଉଦର
ହଂସ ଚନ୍ଦ୍ର ମଣ୍ଡଳ ସହ ଈଶ୍ବର"

ସୁତରାଂ କବିଙ୍କର ଏହି ରଚନା, ଏହାର କଥାବସ୍ତୁ ଓ ଅଳଙ୍କାରବତା ଯେଉଁ ଯେତେ ପଣ୍ଡିତ ନୁହେଁ, ଏହାର ରଚନା ପଣ୍ଡିତ ତଦ୍‌ଧିକ ପରିଚାୟ । ତଥାପି ସୀତା ବିଚ୍ଛେଦରେ ପତ୍ନୀପ୍ରାଣ ରାମଚନ୍ଦ୍ରଙ୍କ ଯେ ମର୍ମଦାହକ ବେଦନା ଓ ତହିଁର ପ୍ରକାଶ ଅନେକ ସ୍ଥଳରେ ହୃଦୟସ୍ପର୍ଶୀ କବିତ୍ୱର ସନ୍ଧାନ ମିଳିଥାଏ । କାବ୍ୟର ଭିନ୍ନ ଭିନ୍ନ ସ୍ଥଳରେ ପ୍ରସଙ୍ଗ ଅନୁରୋଧରେ ପୌରାଣିକତାର ଛାପ ରହିଛି । ତଥାପି ସ୍ୱଭାବରେ କେବଳ ରାମଚନ୍ଦ୍ରଙ୍କ ହୃଦୟର ଏକମାତ୍ର ଚିତ୍ରର ଉନ୍ମେଷ ରହିଛି ।

ସଙ୍ଗୀତ—ଓଡ଼ିଆର ପ୍ରାଚୀନ ଗୌରବରାଶିର ଇତିହାସ ପ୍ରତି କେହି ଦୃଷ୍ଟି କଲେ ଆଜିକାର ବର୍ତ୍ତମାନର ଶୈବାଳ କଳଙ୍କିତ ଭଗ୍ନ ମନ୍ଦିର ସମୂହ ଓ ସାହିତ୍ୟଗ୍ରନ୍ଥରୁ ତାଙ୍କର ଦୃଷ୍ଟି ଉତ୍ତର ସ୍ଥଳରେ ଆକର୍ଷିତ ହୋଇଯିବ । ଓଡ଼ିଆର ସାମ୍ପ୍ରତିକ ଜୀବନର ଇତିହାସ ଓ ସଂସ୍କୃତିକୁ କେବଳ ଏହି ବିଶାଳ ଦେଉଳ, ପ୍ରସ୍ତରଶିଳ୍ପ ଓ ସଙ୍ଗୀତ ସାହିତ୍ୟ ମଧ୍ୟରେ ଲୁକ୍କାୟିତ । କୋଣାର୍କର କୃଷ୍ଣ ପ୍ରସ୍ତର ଖଣ୍ଡରୁ ଉଚ୍ଛଳିତ

ଲୁପ୍ତ ହେବାରେ ଲୌହ ଅଭ୍ୟୁତ୍ଥାନର କର୍କଶ ରବ ସତ୍ତ୍ୱେ ତାହା ଦୋହା, ଚୌପଦୀ, ଭଜନ ଓ ସଙ୍ଗୀତମୟ ସ୍ୱର ଲହରୀ ତାଳେ ତାଳେ ଶତାବ୍ଦୀ ଭେଦକରି ଅଦ୍ୟାବଧି ଓଡ଼ିଆର କର୍ଣ୍ଣକୁହରକୁ ମନ୍ତ୍ରିତ କରେ । ଅବଶ୍ୟ ପରମ୍ପରାରେ ଅଛି—

“ସଙ୍ଗୀତ ସାହିତ୍ୟ ରସାନଭିଜ୍ଞଃ ସାକ୍ଷାତ୍ ପଶୁପୁଚ୍ଛ ବିଷାଣ ହୀନଃ ।”

ସେହି ଦୃଷ୍ଟିରେ ଓଡ଼ିଆ କାଳର ଗତିରେ ଇତିହାସର ସୃଷ୍ଟି କରିଛି । ବର୍ତ୍ତମାନରେ ଅଜସ୍ର ଦୈନ୍ୟ ନିର୍ଯ୍ୟାତନାର ଦାସତ୍ୱ ବରଣ କରିଛି । ତଥାପି ମଧ୍ୟ ତାର ଅନ୍ତରରେ କେଉଁ ଅଦମ ସୂତ୍ରେ ସ୍ୱରର ଝଙ୍କାର ଏବେ ମଧ୍ୟ ମନ୍ତ୍ରିତ ହେଉଛି ।

ଉଦାହରଣ ଓ ପ୍ରମାଣ ଦେବା ଏ ଆଲୋଚନା ଅନ୍ତର୍ଗତ ନ ହେଲେ ମଧ୍ୟ କହିବାକୁ ହୁଏ ଯେ, ଓଡ଼ିଆ ଆଜି ମଧ୍ୟ କାବ୍ୟ, ସାହିତ୍ୟ ସଙ୍ଗୀତ ଓ ସ୍ଥାପତ୍ୟର ଯେପରି ଉପାସନା କରେ, ହୁଏତ ଭାରତର ଅନ୍ୟ କୌଣସି ପ୍ରାନ୍ତରେ ତାହା ଦେଖାଯାଏ ନାହିଁ ।

ଯାହାହେଉ ଓଡ଼ିଆରେ ସାହିତ୍ୟ, ବିଶେଷରେ ପ୍ରାଚୀନ ସାହିତ୍ୟ କହିଲେ ସଙ୍ଗୀତକୁ ସାହିତ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗରୂପେ ଧରିବାକୁ ହୁଏ । ସାହିତ୍ୟର ଭାବଧାରା ଆଉ ବ ପ୍ରଭାବ ଯେତେ ବା ହେଉନା କାହିଁକି, ଏଥିରେ ସ୍ୱର ସଂଯୋଜନାହିଁ ଏହାକୁ ଚିର ସାହିତ୍ୟରେ ପରିଣତ କରିଛି । ଗୋପବନ୍ଧୁ କହିଥିଲେ ଉପେନ୍ଦ୍ରଙ୍କ ଗୀତ ପଣ୍ଡିତ ଗାଏ, ମୂର୍ଖ ଗାଏ, ଅନ୍ତଃପୁରସ୍ଥା ଗାଏ, ଗଣିକା ମଧ୍ୟ ନୃତ୍ୟ ସମୟର ତାଳେ ତାଳେ ଗାଏ, ଏହା କେବଳ ତାଙ୍କ ସାହିତ୍ୟର ସଙ୍ଗୀତମୟତ୍ୱ ଯୋଗୁଁ । ମାତ୍ର ଉପେନ୍ଦ୍ରଙ୍କ ସାହିତ୍ୟ ଯେ ଏ ସମସ୍ତ ଭୁଲିଥିଲେ ଏହା ଗୋପବନ୍ଧୁଙ୍କର କହିବାର ଉଦ୍ଦେଶ୍ୟ ନ ଥିଲା ।

"ଦେଖି ନବ ବାଳିକା", "ଚେନ୍ତ ଚତୁର" "ବୋଲେ ସୁନ୍ଦରୀରେ ଶ୍ୟାମ କ୍ଲେଶବାଞ୍ଛା", "ନିର୍ମଳ ଚନ୍ଦ୍ର ମଣ୍ଡଳ", "ବସିବ ବନ୍ଧୁର ଭବେ", ପ୍ରଭୃତି ଗୀତଗୁଡ଼ିକ ଓଡ଼ିଶାରେ ଏତେ ପରିଚିତ ଯେ ଶିକ୍ଷିତ ଅଶିକ୍ଷିତ ନିର୍ବିଶେଷରେ ସମସ୍ତେ ଏହା ଗାନ କରନ୍ତି । ଏସବୁ କହିବାର ତାତ୍ପର୍ଯ୍ୟ ଏହି ଯେ ଉପେନ୍ଦ୍ର ଯଦି ଓ ଗୌପଦ୍ମା ଭୂଷଣ, ଗୌରପଦ୍ମା ଚନ୍ଦ୍ର, ଚନ୍ଦ୍ରାବଳୀ ପ୍ରଭୃତି କେତେକ ନିଛକ ସଙ୍ଗୀତ ରଚନା କରିଛନ୍ତି, ତଥାପି କେବଳ ସେହି କେତୋଟି ସଙ୍ଗୀତ ପାଇଁ ସେ ପରିଚିତ ଓ ପୂଜ୍ୟ ନୁହନ୍ତି । ସଙ୍ଗୀତ ବିଜ୍ଞାନର ସୂକ୍ଷ୍ମ ବିଶ୍ଳେଷଣରେ ଏହି କେତୋଟି ସଙ୍ଗୀତ ହେଲେ ହେଁ ତାଙ୍କ ଶ୍ରବ ଭାବ୍ୟ କବିତାରେ ସେ ଯେଉଁ ଛନ୍ଦ, ରାଗ ରାଗିଣୀ ପ୍ରୟୋଗ କରିଛନ୍ତି ସେଗୁଡ଼ିକ ମଧ୍ୟ ସୁନ୍ଦର ଭାବରେ ଗୀତ ହୋଇପାରେ । ଉପେନ୍ଦ୍ରଙ୍କ ହୃଦୟର କୋମଳତା ଓ ରସିକତା ତାଙ୍କ ସାହିତ୍ୟକୁ ସଙ୍ଗୀତମୟ କରି ପକାଇଛି । ଏ ପ୍ରସଙ୍ଗରେ "ଭକ୍ତିପ୍ରଭା" ପ୍ରକାଶିତ "ସଙ୍ଗୀତ ସମ୍ରାଟ ଉପେନ୍ଦ୍ର ଭଞ୍ଜ ଶୀର୍ଷକ" ପ୍ରବନ୍ଧରୁ ନିମ୍ନାଂଶଟି ଉଦ୍ଧାର କରୁଛି :—

"ମୁଁ ତ କହିବି କେବଳ ସାହିତ୍ୟର ବୈଶିଷ୍ଟ୍ୟ ବା ବୈଚିତ୍ର୍ୟ-ବଳରେ ସେ ଅମର ହୋଇ ନାହାନ୍ତି । ବରଂ ତାଙ୍କର ସଙ୍ଗୀତ ସେହିହିଁ ତାଙ୍କୁ ଅମର କରିଛି" । ସଙ୍ଗୀତରେ ପ୍ରକୃତ ସମ୍ବନ୍ଧରେ ଭବଚନ୍ଦ୍ର କହିବାକୁ ଯାଇ କହନ୍ତି "ଦେଶକୁ ସ୍ୱଚ୍ଛ ତାର ସ୍ୱର ଭେଦର ସ୍ୱାତନ୍ତ୍ର୍ୟ । ମେଘ ବର୍ଷରେ ଆମର ପୂର୍ବପୁରୁଷ-ମାନେ ଆମ ସଙ୍ଗୀତକୁ ଦେଶ ଦେଶକୁ ମହାନ ସ୍ୱତନ୍ତ୍ରରେ ଚଢ଼ି ଯାଇଛନ୍ତି । ଏହାହିଁ ଓଡ଼ିଶା ଭଳି । ତାହାର ପ୍ରକୃଷ୍ଟ ପ୍ରମାଣ ଦେବ ଭଞ୍ଜ କବିଙ୍କର ସଙ୍ଗୀତରଚନା" । ସଙ୍ଗୀତରେ ରାଗରାଗିଣୀ ସଂଯୋଗ

ବିଷୟରେ ଭରତଚନ୍ଦ୍ର କହନ୍ତି "ଉକ୍ତକବି ସଙ୍ଗୀତଶାସ୍ତ୍ରସମ୍ମତ ନିର୍ଦ୍ଦିଷ୍ଟ ରାଗରାଗିଣୀର ବାହାରେ ଅନ୍ୟ କେତେଗୁଡ଼ିଏ ସ୍ୱର ନାମ ଦେଇ ସଙ୍ଗୀତ ରଚନା କରି ଯାଇଛନ୍ତି । ମୁଁ ଯେତେଦୂର ଘାଣ୍ଟି ଚକଟି ଦେଖିଛି ଏଗୁଡ଼ିକ ଉକ୍ତ କବିଙ୍କର ସ୍ୱପ୍ରସ୍ତାବାନୁସାରୀ ଶବ୍ଦାନାମ"...ଇତ୍ୟାଦି ।

ଯାହା ହେଉ, ସଙ୍ଗୀତଜ୍ଞ କାଳିଚରଣଙ୍କ ମନ୍ତବ୍ୟ ଉପରେ ଆମର ବିଶେଷ କିଛି କହିବାର ନ ଥିଲେହେଁ ଏତିକି କହୁଁ ଯେ ଉପେନ୍ଦ୍ର ଓଡ଼ିଆ ସଙ୍ଗୀତରେ କେତେକ ସ୍ୱାତନ୍ତ୍ର୍ୟ ଆଣିଥିଲେ । ଭରତଚନ୍ଦ୍ରଙ୍କ ମନ୍ତବ୍ୟରୁ ଆମେ ଏତିକି ପାଇପାରିଲୁ ।

ଉପେନ୍ଦ୍ର ରଚିତ ଦୋହା, ଗାହା, ଚୋଇ, ଛନ୍ଦସାହିତ୍ୟ ଯଥା ବ୍ରଜକେଳି ଚଉତିଶା ଓ କାଣ୍ଡାଣି ବଂଶୀର ଚୌପଦୀଭୂଷଣ ଚୌପଦୀଚନ୍ଦ୍ର, ଚନ୍ଦ୍ରଦର୍ଶନ ପ୍ରଭୃତି କେତେଗୋଟି ସଙ୍ଗୀତ ରଚନା ଆମ୍ଭମାନଙ୍କର ଦୃଷ୍ଟିପଥାରୂଢ଼ ହୁଏ । ଏଗୁଡ଼ିକ ସହୃଦୟ ପାଠକ-ମାନେ ସାଧାରଣ ଭାବରେ ପରିଚିତ ଥିବେ । 'ହାସି ଭମରାରେ', ଆଜି ଦେଖିଲିରେ ନବୀନ ବୟସୀ ବାଳା', 'ଶ୍ରୀମତୀ ଶ୍ରୀପତି ବୃନ୍ଦାବନେ କେଳି କରିଲେ,' "ଦୂତୀସ୍ୱୀ ଯାମିନୀରେ ମୋ ! ପ୍ରାଣ ସହି" ପ୍ରଭୃତି ଗୀତିକ ସଙ୍ଗୀତ ପ୍ରକୃତ ଅତିରସାତ୍ମକ, ପ୍ରେମିକ! ଜୀବନର ପ୍ରଥମ ଅନୁଭବଠାରୁ ପ୍ରେମମୟ ଜୀବନର ସୁଖସ୍ୱପ୍ନ ଓ ବିଚ୍ଛେଦ କଷ୍ଟ ସମସ୍ତର ସୁନ୍ଦର ଚିତ୍ର ଏମାନଙ୍କରେ ରହିଅଛି । ସଙ୍ଗୀତ ପ୍ରକୃତର ସ୍ପଷ୍ଟ, ଯମକ ଓ ଅନୁପ୍ରାସବହୁଳ ହେଲେହେଁ ଏହାର ଯୋଜନା ଅତି ଚମତ୍କାର ଓ ଚିତ୍ତାକର୍ଷକ । ଉପେନ୍ଦ୍ର ସଙ୍ଗୀତ ପ୍ରବୀଣ ଥିବାର ଏହା ଜାଜ୍ୱଲ୍ୟ ପ୍ରମାଣ । ତାଙ୍କର ସାଙ୍ଗୀତିକ ଅବଦାନ ସଙ୍ଗୀତପ୍ରାଣ ଓଡ଼ିଆମାନଙ୍କ ସମାଜରେ ଯୋଗ୍ୟ ସମ୍ମାନ ଲାଭ କରିଥିଲା । ଏହାର ପ୍ରମାଣ ଯୋଗାଇବା ଅନାବଶ୍ୟକ, ଏବଂ

ଅଜି ଯୁଗର ସଙ୍ଗୀତର ପ୍ରଚାର ଓ ବଳଭଣ୍ଡ ଗୋପାଳକୃଷ୍ଣଙ୍କ ଠାରୁ ଆରମ୍ଭ କରି ସଙ୍ଗୀତ ବିଶାରଦ କବିସୂର୍ଯ୍ୟଙ୍କ ପର୍ଯ୍ୟନ୍ତ ସମସ୍ତ ଓଡ଼ିଆ ସଙ୍ଗୀତ ରଚକମାନେ ଉପେନ୍ଦ୍ରଙ୍କ ନିକଟରେ ଏ ଦିଗରେ ଋଣୀ ।

ସଙ୍ଗୀତ ବିଜ୍ଞାନରେ ପ୍ରବେଶ ନ ଥିବାରୁ ଆମ୍ଭେ ସଙ୍ଗୀତର ସ୍ୱର, ତାନ, ଲୟ ଇତ୍ୟାଦି ସମ୍ପର୍କରେ ଆଲୋଚନା ନ କରି କବିଚନ୍ଦ୍ରଙ୍କ ଆଲୋଚନାକୁ ଉଲ୍ଲେଖ୍ୟ ମନେ କରୁଛୁ ।

ଚରିତ୍ର ଚିତ୍ରଣ—କବି ଶେଖର ଉପେନ୍ଦ୍ର ସ୍ୱୀୟ ରଚନା ମଧ୍ୟରେ ଯେଉଁ ଜୀବନ ଗୁଡ଼ିକର ଚିତ୍ର ଅଙ୍କନ କରିଛନ୍ତି ସେ ଗୁଡ଼ିକୁ ସ୍ଥୂଳତଃ ସ୍ଥୂଳତଃ ଭାଗରେ ବିଭକ୍ତ କରାଯାଇଛି ।

ଯଥା:—୧—ମାନବ ଜୀବନ, ୨—ଲୋକୋତ୍ତର ଚରିତ୍ର ମାନବ ଚରିତ୍ରକୁ ମଧ୍ୟ ୨ ଭାଗରେ ବିଭକ୍ତ କରାଯାଇଛି । ୧—ରାଜକୀୟ, ୨—ସାଧାରଣ ।

ରାମ, କୃଷ୍ଣ, ଚନ୍ଦ୍ରଭାନୁ, ପୃଥ୍ୱୀକେତୁ, ରାବଣ, ସୀତା, ମନ୍ଦୋଦରୀ, ଲାବଣ୍ୟବତୀ, ପ୍ରେମସୁଧାନିଧି ପ୍ରଭୃତି ପ୍ରଥମ ଶ୍ରେଣୀ ଅନ୍ତର୍ଗତ ବୃନ୍ଦବସୁ, ମନ୍ଥାଣି, ସଖୀ ସମୂହ, ଦୂତ, ବାଣୀକର, ପୁରୋହିତ, ମନ୍ତ୍ରୀ, ଜ୍ୟୋତିଷ, ବିଦୂଷକ ପ୍ରଭୃତି ୨ ୟ ଶ୍ରେଣୀର ।

ଲୋକୋତ୍ତର ଚରିତ୍ରମାନଙ୍କ ମଧ୍ୟରେ ମାଙ୍ଗଲ୍ୟା, ଅଦ୍ଭୁତ ପୁରୁଷ, ଶୁକ, ଦେବତା, ପଶୁ, ପକ୍ଷୀ ପ୍ରଭୃତିଙ୍କୁ ଏହି ବିଭାଗରେ ଗ୍ରହଣ କରାଯାଇ ପାରେ ।

ବର୍ତ୍ତମାନ ଆମେ କ୍ରମାନ୍ୱୟରେ ପ୍ରତ୍ୟେକ ବିଭାଗର ଅନୁଶୀଳନ କରିବା । ଉପେନ୍ଦ୍ର ପ୍ରଦତ୍ତ ମାନବ ଚରିତ୍ର ଗୁଡ଼ିକର ଅନୁଶୀଳନ କରିବାକୁ ଗଲେ ପ୍ରଥମେ ସେ ଗୁଡ଼ିକର ବାସ୍ତବତା ଓ ମୌଳିକତା କେତେଦୂର ଅଛି ଦେଖିବାର କଥା । କାରଣ ଲେଖିବାକୁ ହୁଏ ଯେ, କବି ଉପେନ୍ଦ୍ର ତାଙ୍କର ଆଦର୍ଶବାଦ ବୋଲି ଯାହା କିଛି କଳ୍ପନା ଓ

ସୃଷ୍ଟି କରିଛନ୍ତି ସେଗୁଡ଼ିକ ଆଦର୍ଶାନୁସାରୀ, ମାତ୍ର ଯାହା ଆଦର୍ଶ, ତାହା ବାସ୍ତବାଭିମୁଖୀ ହେବା ଉଚିତ । କବି ଯେଉଁ ଜୀବନର କଳ୍ପନା କରନ୍ତି ତାହା ସାଧାରଣ ଜୀବନର ପରିଧିରୁ ପୂର୍ଣ୍ଣତଃ ମୁକ୍ତ କରିଯାଇ ନାହିଁ ।

ରାମଚନ୍ଦ୍ର ଭାରତୀୟ ସଂସ୍କୃତିର ଜୀବନରେ ଏକ ପ୍ରତୀକ ସ୍ୱରୂପ । ରାମାୟଣଠାରୁ ପୁରାଣ କାବ୍ୟ ପର୍ଯ୍ୟନ୍ତ ସମସ୍ତ ସାହିତ୍ୟିକ ରଚନା ମଧ୍ୟରେ ରାମଙ୍କର ଆଦର୍ଶ ଜୀବନର ଚିତ୍ରଣ ଅଙ୍କିତ । ଏହି ଶଂସିତ ଜୀବନର ଆଧାର ରାମଚନ୍ଦ୍ର ଯେ ଆଦର୍ଶ ପୁରୁଷ ଓ ସର୍ବ-ଗୁଣାଧାମ ଥିଲେ ଏହା ଏକ ପ୍ରତିଷ୍ଠିତ ସତ୍ୟ । ତେବେ କବି ଏହି ପ୍ରତିଷ୍ଠିତ ଆଦର୍ଶ ଜୀବନକୁ ତାହାର ବାସ୍ତବ ଆକାରରେ ଥୋଇ ଦେଲେ ତାଙ୍କର ମୌଳିକତାର ସନ୍ଧାନ ମିଳିପାରେ ନାହିଁ । ରାମଚନ୍ଦ୍ର ଯେ ଆଦର୍ଶ ମାନବ ଓ ଦେବତ୍ୱସମ୍ପନ୍ନ ଥିଲେ, ଏକଥା ଜାଣିଲେ ବା ତାଙ୍କୁ ଦେବୋପମ କରି ସ୍ଥାପନା କରିଦେଲେ ଯଥେଷ୍ଟ ହୋଇଯିବ ତାହା ନୁହେଁ, ରାମଚନ୍ଦ୍ରଙ୍କୁ ମନୁଷ୍ୟ ରୂପେ ସ୍ୱୀକାର କରି କାବ୍ୟଜଗତରେ ଯେଉଁମାନେ ସ୍ଥାନ ଦିଅନ୍ତି ସେମାନେ ମାନବ ହୃଦୟର ସ୍ୱାଭାବିକ ଦୁର୍ବଳତା ପ୍ରତି ଅବହିତ ରହିବା ପ୍ରୟୋଜନ । ତେଣୁ ରାମଚନ୍ଦ୍ର ଯେ କେବଳ ସତ୍ୟସନ୍ଧ, ଅପାର ଦୟା, ପିତୃଭକ୍ତ ଦେବୋପମ ଥିଲେ, ଏହା ପାଠକକୁ ସେତେ ଆକର୍ଷିତ କରିପାରେ ନାହିଁ, ତାଙ୍କ ହୃଦୟର ସ୍ୱାଭାବିକ ଦୁର୍ବଳତା, ଚାପଲ୍ୟ ଏବଂ ମନୁଷ୍ୟ-ସୁଲଭ ମୋହ ତତୋଧିକ ଆକର୍ଷିତ କରିଥାଏ ।

ଏହି ଦୃଷ୍ଟିରୁ ବୈଦେହୀଶ ବିଳାସରେ ରାମଙ୍କ ଚରିତ୍ରର ଯେଉଁ ବ୍ୟାଖ୍ୟାନ ଅଛି ତାହା ଲକ୍ଷ୍ୟ କଲେ ଜଣାପାଏ, କବି କେତେକ ପରିମାଣରେ କୃତକାର୍ଯ୍ୟ ହୋଇଛନ୍ତି । ସୀତାଙ୍କ ସହ ରାମଙ୍କ ବନବାସ ଜୀବନର ରତି ଏହି ଆକାଂକ୍ଷାକୁ କେତେକାଂଶରେ ପୂରଣ କରେ ।

ରାମ ଭାରତୀୟ ଜୀବନର ଆଦର୍ଶ ସ୍ଥାନୀୟ ସତ୍ୟ, ହେଲେହେଁ ତାଙ୍କ ବନବାସ କାଳୀନ ଜୀବନରେ ମନୁଷ୍ୟ ଜୀବନର ଯେ ସାଧାରଣ କୋମଳତା ତାହାହିଁ ଅଧିକ ଆନନ୍ଦପ୍ରଦ । ଭୌତିକ ଐଶ୍ୱର୍ଯ୍ୟରୁ ବିଚ୍ୟୁତ ଲକ୍ଷ୍ମଣ ସସ୍ତ୍ରୀକ ବନବାସ କାଳରେ ରାକ୍ଷସ ନିଧନ, ପଞ୍ଚବଟୀ ଛତ୍ରତ ପୌରୁଷ ପ୍ରକାଶ ଚିତ୍ରାବଳୀର ଉପସ୍ଥାପନ ସଙ୍ଗେ ସଙ୍ଗେ ଛାଟଣୀ ପମା ପ୍ରିୟତମାଙ୍କ ପ୍ରତି ତାଙ୍କର ଯେ ବ୍ୟବହାର, ତାହା ଅଧିକ ହୃଦୟରଞ୍ଜକ ଏବଂ ପ୍ରିୟତମାଙ୍କ ବିଚ୍ଛେଦରେ ସେହି ସାଧାରଣ ଦୁର୍ବଳତା ଅସାଧାରଣ ହୋଇ ପଡ଼ିଛି । ଆଦର୍ଶ ଅବତା-ରରେ ରାମଚନ୍ଦ୍ର ମଧ୍ୟ ସ୍ତ୍ରୀଙ୍କର ଏହି ଅପ୍ରତ୍ୟାଶିତ ବିଚ୍ଛେଦରେ ଅଧୀ-ର ବିସ୍ମୃତ ସ୍ୱଭାବର ହୋଇ ଶୋକମୋହର ବଶବର୍ତ୍ତୀ ହୋଇଛନ୍ତି, ତାହା ଯେକୌଣସି କଠୋର ହୃଦୟରେ ମଧ୍ୟ ସମ ବେଦନାର ସଞ୍ଚାର କରେ । ପ୍ରିୟତମାଙ୍କ ଆକସ୍ମିକ ବିଚ୍ଛେଦରେ ଅତୀତ ଏବଂ ବର୍ତ୍ତମାନ ଜୀବନର ତୁଳନା କରି ସ୍ଥାବର, ଜଙ୍ଗମ, ପଶୁପକ୍ଷୀ ପ୍ରତ୍ୟେକ ନିକ-ଟରେ ଆପଣା ଦାରିଦ୍ର୍ୟ ଓ ନିଃସହାୟ ଅବସ୍ଥାର ଯେ ଯେଉଁ ନିବେଦନ କରିଛନ୍ତି, ତାହାହିଁ କବି ବୈଦେହୀଶ ବିଳାସର ଶ୍ରେଷ୍ଠ ମାନବିକତା । ରାବଣ ନିଧନ ପରେ ସ୍ୱର୍ଣ୍ଣମୟୀ ପୁରୀ ଲଙ୍କାରେ ଦୀର୍ଘ ବିରହ ପରେ ମଧ୍ୟ ସେ ଉପସ୍ଥିତ କର୍ମ ସକଳର ସମାଧାନ ନ କରି ସ୍ୱୀୟ ପ୍ରିୟ-ତମାଙ୍କ ଦର୍ଶନ ନିମନ୍ତେ ବ୍ୟାକୁଳତା ପ୍ରକାଶ କରି ନାହାନ୍ତି, ବରଂ ସୀତା ଦେବୀଙ୍କରେ ସମବେତ ବିରାଟ ଜନତାଙ୍କ ଆକାଂକ୍ଷିତ ଦର୍ଶନ ଦେଇ ଆଶୀର୍ବାଦର ପାତ୍ରୀ ହୁଅନ୍ତୁ ଏହାହିଁ ବାଞ୍ଛା କରିଥିଲେ । ମୂଳତଃ ବୈଦେହୀଶ ବିଳାସରେ ରାମଙ୍କର ଯେ ଚରିତ୍ର ଅଙ୍କିତ, ତାହା ପୁରାଣ ଓ ଶାସ୍ତ୍ରାନୁସାରୀ ହେଲେ ମଧ୍ୟ କେତେକ ପରିମାଣରେ ଲୋକ ହୃଦୟକୁ ସ୍ପର୍ଶ କରିଥାଏ ।

ରାବଣ ପୁରାଣ ଶାସ୍ତ୍ରରେ ଅଦ୍ୱିତୀୟ, ବୀର, ପଣ୍ଡିତ, ପ୍ରତାପୀ ଓ ଶାସ୍ତ୍ରଜ୍ଞ ରୂପେ ପରିଚିତ । ତାର ତପସ୍ୟା, ପ୍ରତାପ ଏବଂ ନିରଙ୍କୁଶ ଶାସନ ଜଗତ ଇତିବୃତ୍ତିରେ ବିଦିତ । ବୈଦେହୀଶ ବିଳାସରେ କବି ତାଙ୍କୁ ପୁରାଣ ରାଜ୍ୟର ଅଧିକୃତ ସ୍ଥାନରୁ ବିଚ୍ୟୁତ ନକଲେ ମଧ୍ୟ ଖଳପ୍ରବୃତ୍ତିବିଶିଷ୍ଟବ୍ୟକ୍ତିସୁଲଭ ସମସ୍ତ ଦୂଷଣାବଳୀରେ ଭୂଷିତ କରିଛନ୍ତି । ମନ୍ଦୋଦରୀ ଓ ରାବଣର କଥୋପକଥନ ମଧ୍ୟରେ ରାବଣର ଅନ୍ତରଚେତନା ସହ ଅନ୍ତ୍ୟ ପ୍ରବଞ୍ଚନାର ସଂଯୋଗ, ଅଶୋକବନରେ ସୀତାଙ୍କୁ ବଶ କରିବା ନିମନ୍ତେ ତାର ଲମ୍ପଟ ଜନୋଚିତ ବାକ୍ୟବିନ୍ୟାସ ଦ୍ୱାରା କବି ରାବଣ ହୃଦୟର କାମ, ମୋହ ଓ ଦୁର୍ବଳତାର ସୁନ୍ଦର ଆଲେଖ୍ୟ ପ୍ରଦାନ କରିଛନ୍ତି ।

ସୀତା ହେଉଛି ନାରୀଙ୍କର ଶିରୋମଣି । ଭାରତ ରମଣୀ କୁଳର ମୌଳିମଣ୍ଡନା । କବି ନିଜର ସ୍ୱଭାବଜ ଆଦର୍ଶବାଦର ବଶବର୍ତ୍ତୀ ହୋଇ ତାଙ୍କଠାରେ ଯେଉଁ ଆଦର୍ଶ ନାରୀତ୍ୱର ପ୍ରକଟନ କରିଛନ୍ତି, ତହିଁରେ ନୂତନତ୍ୱ ଉପଲବ୍ଧି ନ ହେଲେହେଁ କେତେକ ସ୍ଥଳରେ କବିଙ୍କର ପ୍ରତିଭାର ମଧୁର ସ୍ଫୁରଣ ଘଟିଛି । ବିବାହ ବେଦୀକୁ ଆସିବା ପୂର୍ବରୁ ରାମଙ୍କ ଧନୁର୍ଭଙ୍ଗ କାଳରେ ତାଙ୍କର ମନୋବୃତ୍ତି ଶଙ୍କୁଳତ୍ୱ, ଗମନ କାଳରେ ସ୍ୱାମୀଙ୍କର ପର୍ଶୁରାମ ଧନୁର୍ଦ୍ଧାରଣରେ ସପତ୍ନୀ ଜୟଆଶଂକା, ବନବାସ କାଳରେ ନାଗରିକର ସ୍ନେହସିକ୍ତ ଭଙ୍ଗୀରେ ସଲଜ୍ଜ ବାକ୍ୟବାଣୀ, ଅଶୋକ-ବନରେ ରାକ୍ଷସୀମାନଙ୍କ ଉକ୍ତିରେ ଓ ପାତିବ୍ରତ୍ୟହିଁ ତାଙ୍କ ଜୀବନର ଏକ ସ୍ୱଚ୍ଛ ପ୍ରତିଚ୍ଛବି ଦେଇଥାଏ । ମାତ୍ର ମନେ ରଖିବାର କଥା, ସୀତାଙ୍କ ହୃଦୟର ମୌଳିକତା ଯେଣୁ କବିଙ୍କୁ ଅଧିକ ପ୍ରୟାସ କରିବାର କୌଣସି କାରଣ ଲୋଡ଼ା ନାହିଁ । ବରଂ ଅନ୍ୟ ସ୍ଥଳର କଣ୍ଠ ତଳାଧର ଏ ଉତ୍ତରେ ଅଧିକ ପ୍ରଶଂସନୀୟ । ଏହା ବାଙ୍ଗାଳ

ଦଶରଥ, କୌଶଲ୍ୟା, ଯଶୋଦା ପ୍ରଭୃତଙ୍କ ଚରିତ୍ରରେ ବାତ୍ସଲ୍ୟର ଚିତ୍ର ରହିଛି । ହନୁମାନ, ଅଙ୍ଗଦ, ବିଭୀଷଣ, ଲକ୍ଷ୍ମଣ, ଭରତ ପ୍ରଭୃତ ଅନୁସଙ୍ଗିକ ଚରିତ୍ର ଗୁଡ଼ିକରେ କୌଣସି ବୈଶିଷ୍ଟ୍ୟ ନାହିଁ । ବରଂ ମନ୍ଦୋଦରୀ ଚରିତ୍ରରେ ସ୍ୱାଭାବିକତା କେତେକାଂଶରେ ଦେଖାଯାଏ ।

ସୁଭଦ୍ରା ପରିଣୟ କାବ୍ୟରେ କବି ସୁଭଦ୍ରା ଓ ସତ୍ୟଭାମା ଚରିତ୍ରର ଯେ ରୂପରେଖ ପ୍ରଦାନ କରିଛନ୍ତି ତହିଁମଧ୍ୟରେ ଧୈର୍ଯ୍ୟ-ହୀନତା ଓ ଅସ୍ଥିରତା ବିଶେଷ ଦେଖାଯାଏ ନାହିଁ । ବରଂ ସାରଳା ଦାସ ମଧ୍ୟ ପର୍ବରେ ସୁଭଦ୍ରା ହରଣ ପ୍ରସଙ୍ଗରେ କ୍ଷୁଦ୍ର ପରି-ସର ମଧ୍ୟରେ ଯେ ଚରିତ୍ର ସମୀକ୍ଷା କରିଛନ୍ତି, ତାହା ଅଧିକ ହୃଦ୍ୟ । ସେଠାରେ ତେଜସ୍ୱୀ ମଧ୍ୟମ ପାଣ୍ଡବ ଅର୍ଜୁନଙ୍କୁ ଯାଦବ ନାରୀ ଗହଣରେ ଆସି ସୁଭଦ୍ରା ଯେତେବେଳେ ଅଭିନନ୍ଦନ ସୂଚକ ଅଭି-ବାଦନ ଜଣାଇଛନ୍ତି love at the first sight ଅନୁସାରେ ଅର୍ଘ୍ୟଥାଳି ତାଙ୍କର ହସ୍ତଚ୍ୟୁତ ହୋଇଛି ଓ ସେ କିଂକର୍ତ୍ତବ୍ୟ ବିମୂଢ଼ା ହୋଇ ପଡ଼ିଛନ୍ତି, ସମଗ୍ର ସୁଭଦ୍ରା ପରିଣୟ ଉଜ୍ଜ୍ୱଳ ଭୂଷଣ ସ୍ୱରୂପା କାବ୍ୟ ମଧ୍ୟରେ ଏହି ଏକମାତ୍ର ଛତ୍ରରେ ମନସ୍ତାତ୍ତ୍ୱିକ ଭାବରେ କବି ଚରିତ୍ର ଚିତ୍ରଣ କରିଛନ୍ତି । ଅର୍ଜୁନଙ୍କ କଥା ପୃଥକ୍ ଏଠାରେ କବି ଚିତ୍ରଣରେ ଚମତ୍କାର ଦେଖାଇବାକୁ ଅବକାଶ ପାଇ ନାହାନ୍ତି । ଏହା ବ୍ୟତୀତ କାଳ୍ପନିକ କାବ୍ୟମାନଙ୍କରେ ଯେଉଁ ଚରିତ୍ର ଗୁଡ଼ିକ ଦେଖାଯାଏ, ତାହାର ଏକ ତାଲିକା ପର୍ଯ୍ୟାୟର ପ୍ରାରମ୍ଭରେ ଦିଆଯାଇଛି ।

ପ୍ରଥମ ଶ୍ରେଣୀର ଚରିତ୍ର ଗୁଡ଼ିକ ରାଜଜାତୀୟ, ନାୟକ ନାୟିକା ରାଜ ପରିବାର ସ୍ତ୍ରୀ, ଜ୍ୟୋତିଷ, ଭିକ୍ଷୁକ ପ୍ରଭୃତି, ଏହିପରି ଗୁଡ଼ିକର ବର୍ଣ୍ଣନା କରିବା ପୂର୍ବରୁ ପାଠକମାନଙ୍କୁ ଅନୁରୋଧ କରେ,

ସେ ଅଳ୍ପ ଧୀ-ଚାଳନା କଲେ ଦେଖିପାରିବେ ଯେ ସମସ୍ତ ଆଲଙ୍କାରିକ କାବ୍ୟଗୁଡ଼ିକରେ ଏମାନଙ୍କର ଅବସ୍ଥା ଏକପ୍ରକାର । କବି ଏହି କାବ୍ୟ ଗୁଡ଼ିକରେ ଯେଉଁ ଚରିତ୍ରଗୁଡ଼ିକ ସମାବେଶ କରିଛନ୍ତି, ସେ ଗୁଡ଼ିକର ଶୌଣ୍ଡୀରତା ଅନ୍ୟତମ ଅଂଶ । କାବ୍ୟ ଉତ୍କୃଷ୍ଟ ଶ୍ରେଣୀର ହେବ ବୋଲି, ପ୍ରେମ ଆଦର୍ଶ ସ୍ଥାନୀୟ ହେବ ବୋଲି, ପରିଣତି ଲୋକୋତ୍ତର ହେବ ବୋଲି କବି ଉପଯୁକ୍ତ ନାୟକ ନାୟିକାଙ୍କର ନିର୍ବାଚନରେ ଦୈବୀଶକ୍ତିର ଅବତାରଣା କରି ନାୟକ ନାୟିକାଙ୍କ ଜନ୍ମର ନିର୍ଦ୍ଦେଶ କରିଛନ୍ତି । ଏପରିକି ଏ ଉପାୟରେ ସେମାନଙ୍କର ପ୍ରେମ ସଂଘଟନର ପଥ ସହଜ କରିବା ପାଇଁ ଦୈବୀଶକ୍ତି ସେମାନଙ୍କ ପାଇଁ ଅଦ୍ଭୁତ ପୁଷ୍ପ, ମସୃଣ, ମାଙ୍ଗଲ୍ୟ, ସଖୀ ପ୍ରଭୃତି ପ୍ରେରଣ କରିଛନ୍ତି ଏବଂ 'ମିଳନ' ସହଜ ହେବାପାଇଁ ଔଷଧ ବର ମଧ୍ୟ ପ୍ରଦାନ କରିଛନ୍ତି । ସୁତରାଂ ଦୈବୀଶକ୍ତିରୁ ସୌନ୍ଦର୍ଯ୍ୟ ଗୁଣ, ପାଣ୍ଡିତ୍ୟ, ରୂପ ଓ ଆଶୀର୍ବାଦ ଲାଭ କରିଥିବା ଚରିତ୍ରମାନଙ୍କ ବିଷୟରେ ବିଶେଷ ବ୍ୟାକଣ ଆଲୋଚନା କରିବା ।

ଦେବଦତ୍ତ ଗୁଣରେ ଯେଉଁମାନେ ବିଦ୍ୱାନ, ସୁନ୍ଦର ଉଚ୍ଚ କୁଳୋଦ୍ଭବ ଏବଂ ଅନୁକୂଳ ପରିସ୍ଥିତିର ଅଧିକାରୀ । ତଥାପି କବିତ୍ୱର ଅନୁରୋଧରେ ଏହିପରି ଚରିତ୍ର ଗୁଡ଼ିକର ସାଧାରଣ ସମୀକ୍ଷାକରି କବିଙ୍କର କୃତିତ୍ୱ ଲକ୍ଷ୍ୟକରିବା । ଚନ୍ଦ୍ରଭାନୁ, ପୁଷ୍ପକେତୁ, କୋଶଳ ରାଜକୁମାର ପ୍ରଭୃତି କାବ୍ୟର ନାୟକମାନେ ପଣ୍ଡିତ, ଶାସ୍ତ୍ରଜ୍ଞ, ଧନୁର୍ଦ୍ଧର, ଗୁଣୀ ଏପରିକି ବିଶେଷ ବିଶେଷ ଗୁଣର ଅଧିଷ୍ଠ ଦେବତା ସେହିପରି ସେମାନଙ୍କଠାରେ ପରିଲକ୍ଷ୍ୟ ସ୍ୱୀକାର କରିବେ । କବି ଉତ୍ପ୍ରେକ୍ଷା ଅଳଙ୍କାର ସାହାଯ୍ୟରେ ଏଗୁଡ଼ିକର ଅବତାରଣା କରିଛନ୍ତି । ଏମାନଙ୍କ ହୃଦୟ ଏତେ ସରଳ, ପ୍ରଶସ୍ତ ଓ ଭାବୋଦ୍ଦୀପକ ଯେ ସୁନ୍ଦର କେତୁ ପରିସ୍ଥିତି ଓ ସୁନ୍ଦରୀ ପ୍ରକୃତିର

ନାମ ଶ୍ରବଣରେ ହଠାତ୍ ଅନୁରକ୍ତ ହୋଇ ପଡ଼ୁଥିଲେ ଏବଂ ତାହା ଲାଭ କରିବା ନିମନ୍ତେ ଜ୍ୟୋତିଷ, ଗଣକ, ଦୈବୀ ଓ ପାରିଷଦ ଗଣର ଆଶ୍ରୟ ନେଉଥିଲେ । ଏମାନେ ସାଧାରଣରେ କାମଶାସ୍ତ୍ର ନିପୁଣ ଓ ବିଳାସପ୍ରିୟ ଥିଲେ । କାବ୍ୟରେ ଏମାନଙ୍କ କାର୍ଯ୍ୟାବଳୀରୁ କୌଣସି ଗୁଣର ପରିଚୟ ନ ମିଳୁଥିଲେ ମଧ୍ୟ କବି ଏମାନଙ୍କୁ ପଣ୍ଡିତ, ଦାତା, ମାନୀ, ବୀରରୂପେ ଚିତ୍ରଣ କରିଛନ୍ତି । ମାତ୍ର ଯାହା କାବ୍ୟ ପାଠରୁ ଜଣାପଡ଼େ, ତାହା ସେମାନଙ୍କ ହୃଦୟର ରସିକତା ଓ ଏକମୁଖୀ ପ୍ରେମିକତା । ଏ ପ୍ରେମ ଦର୍ଶନ ତ ଦୂରର କଥା, ଶ୍ରବଣରେ ମଧ୍ୟ ସମ୍ଭବ ହୋଇପାରୁ ନ ଥିଲା । ଏଥିରେ ପ୍ରଣୀ ଲୋକେ ଚନ୍ଦ୍ରସୂର୍ଯ୍ୟଙ୍କ କାଳିଦାସଙ୍କ ଯକ୍ଷ ଅପେକ୍ଷା ଅଧିକ ଭାବମୟ ପୁରୁଷ ରୂପେ ସ୍ଥାପନ କରନ୍ତି । ଏହାପରେ ନାୟିକା ସର୍ବଗୁଣ ସମନ୍ୱିତା, କାମଶାସ୍ତ୍ର ପଣ୍ଡିତା, ରସିକା ଓ କୋମଳା ରୂପେ ଚିତ୍ରିତା । ଉଭୟଙ୍କର ନାୟିକାର ରସିକତା, ଆମୋଦପ୍ରିୟତା ଓ ସାତ୍ତ୍ୱିକ ବିକାରହିଁ ପ୍ରଧାନ ବିଷୟ ।

ଅବଶ୍ୟ କେତେ କେତେ ଏମାନଙ୍କର ଏକନିଷ୍ଠ ପ୍ରେମ ଓ ପାତିବ୍ରତ୍ୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ସମାଲୋଚକମାନଙ୍କୁ ନୀରବତା ଅବଲମ୍ବନ କରିବାକୁ ବାଧ୍ୟ କରନ୍ତି । ମାତ୍ର ମନେ-ରଖିବାକୁ ହେବ, ବଙ୍ଗୀୟ ନାୟିକାର ଏହି କୋମଳତା ଓ ପାତିବ୍ରତ୍ୟ ଜୀବନଧନ ହୋଇ ପାରେ, ମାତ୍ର ସେମାନଙ୍କ ପ୍ରେମର ଗତି ଓ ତହିଁରେ ଆତ୍ମତ୍ୟାଗ ଅପେକ୍ଷା ଆତ୍ମ ନିବେଦନ ଓ କାମନା ଅଧିକ ପ୍ରକଟିତ । ସାଧାରଣ ଦୃଷ୍ଟିରେ ମନୁଷ୍ୟ ଜୀବନର ସୂକ୍ଷ୍ମବୃତ୍ତି ପ୍ରେମ ଅଧିକାଂଶ ସ୍ଥଳରେ ଆତ୍ମତ୍ୟାଗ ଉପରେ ପ୍ରତିଷ୍ଠିତ । ବୈଷ୍ଣବ ସାହିତ୍ୟର ନାୟିକାକୁ ଭ୍ରଷ୍ଟା ଓ ସାଧାରଣୀ ଦୋଷରେ ଯେଉଁମାନେ ଦୁଷ୍ଟ କରନ୍ତି ସେମାନେ ସେଠାରେ ଅହଂକାରାଂଶ ଓ ଆତ୍ମତ୍ୟାଗ

ସ୍ୱଭାବ ସ୍ୱଚ୍ଛନ୍ଦ ଅଭିବ୍ୟକ୍ତି ଦେଖିପାରନ୍ତି ନାହିଁ । ତନ୍ମଧ୍ୟରୁ, ସୃଷ୍ଟବେଳୁ ବା ଭଞ୍ଜୀୟ ଯେ କୌଣସି କାଳ୍ପନିକ କାବ୍ୟର ନାୟକ ନିଜର ବେଦନାରେ, ପୌରୁଷରେ, ଓ ତ୍ୟାଗରେ ନିଜର ସହଧର୍ମିଣୀମା'ଙ୍କୁ ଆଶ୍ୱାସନା, ଉତ୍ତେଜନା, ଅନୁବେଦନା ଜଣାଇବ ନା'ହାନ୍ତି । ବରଂ ଅଧିକାଂଶ ସ୍ଥଳରେ ଷଡ଼ରତ୍ନ ମଧ୍ୟରେ ନାୟକ ନାୟିକାମାନଙ୍କର ଦେହ ବଂଧ ବର୍ଣ୍ଣିତ ଯେପରି ଶରଦକଳାର ସାତ୍ତ୍ୱିକ ଭାବର ଛନ୍ଦ ଦେଖାଯାଏ । କାଳେ ନାୟକ ବିଦେଶରେ ଅନ୍ୟ ପତ୍ନୀଗ୍ରହଣ କଲେ କି ଏ ଦୁର୍ଭାବନା ମଧ୍ୟ ସେମାନଙ୍କର ସ୍ୱାର୍ଥ ନୈଷ୍ଠୀ ପ୍ରେମର ଆଘାତ ଆଣିବ ବୋଲି ବ୍ୟାକୁଳ ହୁଅନ୍ତି । ଅବଶ୍ୟ ପ୍ରେମରେ ଏକନିଷ୍ଠତତ୍ତ୍ୱ ଏହାର କାରଣ ରୂପେ ଦର୍ଶାଯାଇ ପାରେ । ତଥାପି ସେ ଯୁଗରେ ପ୍ରେମ ଓ ତଦ୍‌ଜନିତ ଭାବନା ଭିନ୍ନ, ମାନବୀୟ ଅନ୍ୟ କୌଣସି ମହନୀୟ ଗୁଣର ପ୍ରସାର ଘଟିଥିବା ଜଣାଯାଏ ନାହିଁ । କବୀନ୍ଦ୍ର ଯେଉଁ ଜୀବନର ଛବି ଦେଇଛନ୍ତି, ସେଥିରେ ଦୈନ୍ୟର ଏକାନ୍ତ ଅଭିବ୍ୟକ୍ତି ଥିଲେ ଚରିତ୍ର ଗୁଡ଼ିକର ହୃଦୟ ବ୍ୟାପକତଃ ଆଲୋଚନା କରିବା ଦୁରୁହ । କାରଣ, ଯାହା ଜଣା ପଡ଼ିବ, ତାହା ସେମାନଙ୍କର ପ୍ରେମର ପରିପୂରଣରେ ଓ ରତିଭାବର ସ୍ଫୁରଣରେ । ମୋର କହିବାର କଥା ଏକନିଷ୍ଠ ପ୍ରେମ, ଶୃଙ୍ଖଳିତ ଜୀବନ ପ୍ରବାହ ଓ ଆଦର୍ଶ ଜୀବନ ମଧ୍ୟରେ ଚରିତ୍ରର ବୈଶିଷ୍ଟ୍ୟ ଓ ବ୍ୟକ୍ତିତ୍ୱର ପରିକଳ୍ପନା କାହିଁ ମିଳିବ ? କାରଣ ତାହା ବ୍ୟତିକ୍ରମ ସ୍ଥାନ ।

ମନ୍ତ୍ରୀ, ରାଜପୁତ୍ର, ପୁରୋହିତ ପ୍ରଭୃତିଙ୍କ ଚରିତ୍ରର ସମୀକ୍ଷା ହୃଦ୍ୟ ନୁହେଁ । ପ୍ରେମ ପଥରେ ଯେତିକି ସହାୟକ ହୋଇ ପାରନ୍ତି କବି ସେମାନଙ୍କୁ ଅଧିକାଂଶ ରେ ସେତିକି ମାତ୍ର ସୁଯୋଗ ପ୍ରଦାନ କରିଛନ୍ତି ।

କାଳ୍ପନିକ କାବ୍ୟ ଗ୍ରନ୍ଥରେ ସଖୀ, ମାଗଲ୍ୟା, ଅଦ୍ଭୁତ ପୁରୁଷ, ବାଜିକର, ମାଲ୍ୟାଣୀ, ବୃଦ୍ଧବୃଦ୍ଧା, ଶୁକ, ଗଣିକା ପ୍ରଭୃତି ଦ୍ୱିତୀୟ ଶ୍ରେଣୀର ଚରିତ୍ର । ଏମାନଙ୍କ ମଧ୍ୟରୁ ଅଧିକାଂଶ ଦୈବୀ ପ୍ରେରିତ । ସାମନ୍ତ ପରିବାରରେ ଏହି ଭଳିର ଚରିତ୍ର ଗୁଡ଼ିକର ନିତିଦିନିଆ କାର୍ଯ୍ୟକଳାପ ଯାହା, ଉପେନ୍ଦ୍ର ସେଗୁଡ଼ିକ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଦୈବୀଶକ୍ତି ଜଡ଼ିତ ଅଦ୍ଭୁତ କ୍ରିୟା ଗୁଡ଼ିକର ବର୍ଣ୍ଣନା କରିଛନ୍ତି ।

ଯାହାହେଉ ଆଲୋଚ୍ୟ ପର୍ଯ୍ୟାୟ ଦୃଷ୍ଟିରୁ କୁହାଯାଇ ପାରେ ଯେ ନାୟକ ନାୟିକାଙ୍କର ବାଞ୍ଛିତ ହିସାବରେ ପ୍ରେମର ପରିପୂରଣରେ ସାହାଯ୍ୟକାରୀ ହିସାବରେ ସେମାନେ ଅତି ତତ୍ପର । ଅଧିକନ୍ତୁ ସ୍ୱାର୍ଥହୀନ । କାରଣ ନିଜ ନିଜର ସୁଖ ସୁବିଧା ହରାଇ ଅନ୍ୟର ପ୍ରେମ ପ୍ରୟାସରେ ସେମାନଙ୍କର ତ୍ୟାଗ କମ୍ ନୁହେଁ ।

ବିଶେଷରେ ସୁବର୍ତ୍ତା-ମାଲ୍ୟାଣୀ ଓ ଅପରୂପା ସଖୀମାନଙ୍କର ବିରହିଣୀ ପ୍ରେମିକା ନାୟିକା ପ୍ରତି ଯେ ସବୁ କର୍ତ୍ତବ୍ୟ ସଂପାଦନର ଚିତ୍ର ଅଛି, ତାହା ଆଲୋଚନା କଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । କାରଣ, ଅନୁବେଦନା ଓ ସମୁଦାୟ ଭାବରେ ଉଦ୍‌ବୋଧିତ ହେବା ମନୁଷ୍ୟର ସ୍ୱାଭାବିକ ଲକ୍ଷଣ । ଯେତେବେଳେ ଅପରୂପ ନାୟକ ଲାଭ ଆଶାରେ ନାୟିକା ମୋହଗ୍ରସ୍ତା, ସେତେବେଳେ ତାର ସେବାରେ ପ୍ରବୃତ୍ତ ହେବା, ତା ପାଇଁ ଶିବ ମନାସିବା, ଜଣୀର ବାଟିବା, ପଦ୍ମପଲାଶ ପତ୍ର ସଂଗ୍ରହ କରୁଥିବା ସୁବର୍ତ୍ତା ସଖୀମାନଙ୍କର କଣ ହୃଦୟରେ ପ୍ରେମଧାରା ଶୁଷ୍କ ଅଥବା ନିଃଶେଷିତ ହୋଇ ଥାଏ ? ଅଥବା ସେତେବେଳେ ସେମାନେ କଣ ଅନ୍ୟର ସୁଖରେ ନିଜ ସୁଖର କଳ୍ପନା କରି ଅନୁଭୂତି ଲାଭ କରନ୍ତି ? ଏହା ଏକ ସାଧାରଣ ପ୍ରଶ୍ନ ନୁହେଁ । ଯୌନ ଏବଂ ପ୍ରେମ ସଂପର୍କରେ ଜର୍ଜରିତା ସମବୟସ୍କାମାନଙ୍କ ମଧ୍ୟରେ

ଯୌନ ସ୍ୱଚ୍ଛନ୍ଦତା ପରିବର୍ତ୍ତେ ଆତ୍ମତ୍ୟାଗ ଓ ସେବାବ୍ରତ ବାସ୍ତବରେ ଚମତ୍କାର । ମୋର ମନେହୁଏ ଉପେନ୍ଦ୍ର ଲକ୍ଷ୍ୟ କରିଥିଲେ କଥାର ଗତି କ୍ରମେ ଏହି ଅନୁଚର ଯୁବତୀମାନଙ୍କ ପାଇଁ ଏକ ଏକ ଅନୁରୂପ ନାୟକ ଖଞ୍ଜି ଦେଇ ପାରିଥାନ୍ତେ । ମାତ୍ର ପ୍ରଧାନ ନାୟିକାର ପ୍ରେମର ପରିବ୍ୟାପ୍ତି ଓ ଦୃଢ଼ତା ପ୍ରତିପାଦନ ଯେଣୁ ସେ ଏଥିରେ ପ୍ରବୃତ୍ତ ହୋଇ ନାହାନ୍ତି । "ଗଲା କାଳ ଚନ୍ଦ୍ରଦର୍ଶୀ ହୋଇଥିଲି ଜଗବାସୀ" ଏହି ଉକ୍ତିରୁ ଯୁବତୀ ମାଳ୍ୟାଣୀର ସେବାବ୍ରତ ଓ ଲାବଣ୍ୟବତୀ ପ୍ରତି ସହୃଦୟତା ସୁସ୍ପଷ୍ଟ । ପ୍ରେମ ବ୍ୟାପାରରେ ଏକ ପକ୍ଷରେ ଆତ୍ମବିସ୍ମୃତି ଓ ପ୍ରମୋଦର ଘନ ଘନ ସ୍ଫୁରଣ ଭାବରେ ଅନ୍ୟପକ୍ଷରେ ଯୌବନ ଭାରାକ୍ରାନ୍ତ ସମବୟସୀ-ମାନଙ୍କର ଆତ୍ମତ୍ୟାଗ ଓ ସ୍ୱଚ୍ଛନ୍ଦତା ବର୍ଜନ ମନୋବୃତ୍ତି ଉଭୟ ଚରିତ୍ର ସାଧନାର ମହନୀୟ ଉଦାହରଣ ।

ବ୍ରହ୍ମବୃନ୍ଦା, ସୁଜ, ଅଦ୍ଭୁତ ପ୍ରସୂନ ଓ ମାଳ୍ୟା ଏହି ଚରିତ୍ର ଗୁଡ଼ିକ ଦୈବୀ ବୋଲି ଅବଶ୍ୟ କୁହାଯାଇଛି । ଅବଶ୍ୟ ସାମନ୍ତ ଯୁବରାଜମାନଙ୍କର ଅନ୍ତଃପୁରରେ ଯାବତୀୟ ଆଭିଜାତ୍ୟ ମଧ୍ୟରେ ଶୁଭଙ୍କାରୀଙ୍କର ସ୍ଥାନ ଅନନ୍ୟ । ସେଗୁଡ଼ିକ ଶିକ୍ଷିତ ଏବଂ ରସବୋଧତା-ଲଙ୍କାରରେ ଭୂଷିତ । ଲାବଣ୍ୟବତୀ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରଭୃତିରେ ଏମାନଙ୍କର ବର୍ଣ୍ଣନା ଅଛି । କଥାବସ୍ତୁର ଅଗ୍ରଗତିରେ ଏମାନଙ୍କର କାର୍ଯ୍ୟକଳାପ ଅସଙ୍ଗତିର ସୂଚନା ଦିଏ ନାହିଁ । ମାତ୍ର ଅଦ୍ଭୁତ ପ୍ରସୂନ, ମାଳ୍ୟା ଓ କୋଟି ବ୍ରହ୍ମାଣ୍ଡସୁନ୍ଦରୀରେ ଶଚୀକଳା, ଶାରଦା, ବାଣୀକା, ତଂସ ପ୍ରଭୃତି ଚରିତ୍ର ଚାତୁରୀର ଉପସ୍ଥିତିକୁ ଏକାବେଳକେ ଲେଖକଙ୍କର ପରିସ୍ଥିତିକୁ ଆଣି ଦେଇଛନ୍ତି । ଏହି ଚରିତ୍ର-ଗୁଡ଼ିକ ଚାତୁରୀର ଉପସ୍ଥିତି ସଂଯୋଜନା କରିଛି ସମ୍ପୂର୍ଣ୍ଣ

କରିଛନ୍ତି । ତେଣୁ ଏଗୁଡ଼ିକ ସ୍ୱତନ୍ତ୍ରଭାବରେ ଅଭିପ୍ରେତ ହୋଇ ଥିବାରୁ ବିଶେଷ କିଛି କୁହାଯାଇ ନ ପାରେ । ଇଂରାଜୀରେ ଏହି Supernatural ଉପାଦାନଗୁଡ଼ିକ Shakespeare ଙ୍କ ପର୍ଯ୍ୟନ୍ତ ଅଧିକ ଦେଖାଯାଏ । ଚସର Mabry, lyly ପ୍ରଭୃତିଙ୍କର ରଚନାରେ ଏଗୁଡ଼ିକ ଭରପୂର । ମାତ୍ର ସେସବୁର ବ୍ୟବହାର ଅନ୍ୟ ପ୍ରକାର । ପୃଥିବୀ ସାହିତ୍ୟରେ ଏକ ସମୟ ଥିଲା ଯେତେବେଳେ କି ପ୍ରାୟ ସବୁ ସାହିତ୍ୟରେ Supernatural element ଏକ ଉପାଦାନ ସ୍ୱରୂପ ଥିଲା । କିନ୍ତୁ Shakespeare uses the supernatural to finer issues and philosophical implications ମାତ୍ର ଦୁଃଖର ସହିତ କହିବାକୁ ହୁଏ ଯେ ଭଂଜୀୟ ରଚନାରେ ଏହା ଦୁର୍ଲ୍ଲଭ । କେବଳ ଏଗୁଡ଼ିକ ସାହାଯ୍ୟକାରୀ । ଓଡ଼ିଆ ସାହିତ୍ୟର ଅଧୁନିକ କବି ରାଧାନାଥଙ୍କ ପାର୍ବତୀ, ଉଷା ଓ ଯଯାତିକେଶରୀ ଆଦି କାବ୍ୟ ଏ ଦିଗରେ ଉପେନ୍ଦ୍ର ସାହିତ୍ୟ ଅପେକ୍ଷା ଅଧିକ ପ୍ରମାଦପୂର୍ଣ୍ଣ । ଲାବଣ୍ୟବତୀରେ ଥିବା ଯୋଗପାଳ, ମେଘମାଳା, କୁହୁକ ଖେଳା, ଭୂତ ପ୍ରେତ ଆଦିଗୁଡ଼ିକ ସ୍ୱାଭାବିକ ହୋଇ ପାରନ୍ତି । କବି କଥା ପ୍ରସଙ୍ଗରେ ଅନ୍ୟାନ୍ୟ ଉପାଦାନମାନଙ୍କର ଅବତାରଣା କରିଛନ୍ତି । ସିଂହଳ ଅବତ ବର୍ଣ୍ଣିତ ଲାବଣ୍ୟବତୀର ସୌନ୍ଦର୍ଯ୍ୟ ବର୍ଣ୍ଣନା ପରେ ଚନ୍ଦ୍ରଭାନୁ ପ୍ରଭୃତିଙ୍କ ଅବିଶ୍ୱାସ ମୋଚନ ପାଇଁ କହନ୍ତି, "ମୁଁ ମିଥ୍ୟା କହିବାର ଅନିଚ୍ଛୁକ" କାରଣ ଦ୍ୱିଜ, କବି, ସ୍ୱତଃ ଭକ୍ତ କେଣୁ କେଣେ···ନ ହୋଇ ଥିବାରୁ ମୋର ମିଥ୍ୟା କଥନ ପ୍ରୟୋଜନୀୟ ନୁହେଁ । ଏ ରୂପ ପ୍ରସଙ୍ଗ ବ୍ୟଞ୍ଜନା ମଧ୍ୟରେ କବି ସ୍ୱୀୟ ଉପାଦାନଗୁଡ଼ିକର ପ୍ରକାଶ ଯଥାସମ୍ଭବ କରିଛନ୍ତି । ସର୍ବୋପରି ଗୋଟିଏ କଥା ମନେ ରଖିବାକୁ ହୁଏ ଯେ ଉପାଦାନଗୁଡ଼ିକୁ ଦୈବଶକ୍ତିରେ ଭୂଷିତ କରି ବା ସେମାନଙ୍କ ଦ୍ୱାରା

କଥାବସ୍ତୁର ଅଗ୍ରଗତି କରିବା ଉଦ୍ଦେଶ୍ୟରେ ଉପକ୍ରମ କଲେ ସେ ଚରିତ୍ରର ମୌଳିକତା ଖର୍ବ ହୋଇ ପଡ଼େ । ଅଧିକନ୍ତୁ ଉକ୍ତ ସୁଶ୍ଲିଷ୍ଟ କାର୍ଯ୍ୟ ସୌଧ ମଧ୍ୟରେ ମନୁଷ୍ୟ ଜୀବନର ଶାଶ୍ୱତ ଜୀବନଧାରା, ସୁଖ ଦୁଃଖ ଜୁଆରରେ ତାର ସ୍ୱାଭାବିକ ମନସ୍ତତ୍ତ୍ୱ ଯେତେ ଦେଖାଇବାର କଥା ତାହା କରିପାରି ନାହାନ୍ତି । ତାର ଅନ୍ୟତମ କାରଣ ସେ କାର୍ଯ୍ୟ ଯୋଜନାର ପରିସର, ରସ, ଭାଷା, ଅଳଂକାର ସମାବେଶ ପ୍ରତି ଚରିତ୍ର ଓ କଥାବସ୍ତୁ ତୁଳନାରେ ଅଧିକ ଦୃଷ୍ଟିବାନ୍ ଥିଲେ । ତଥାପି ଆଲୋଚନାର ପଦସବୁକୁ ସଙ୍କୀର୍ଣ୍ଣ କରି କେତେ କେତେ କଳ୍ପିତ ରଙ୍ଗୀନ ନାୟକ ନାୟିକାଙ୍କ ଜୀବନରେ କୌମାର୍ଯ୍ୟର ସ୍ୱାଭାବିକ ଉପସ୍ଥା ଅଛି । ଚରିତ୍ରଗତ ଉଚ୍ଛୃଙ୍ଖଳତା ସାମାଜିକ ଜୀବନର ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ଆବଦ୍ଧ । ମାତ୍ର ସର୍ବୋପରି କୁହାଯାଇ ପାରେ ଯେ ନାଟ୍ୟପୋଷଣ ମଧ୍ୟରେ ପ୍ରକୃଷ୍ଟ କାର ଓ ହୃଦୟର ଉଦ୍‌ବେଳନ ପ୍ରକାଶ ଏକମାତ୍ର ପନ୍ଥା ନୁହେଁ । ମନୁଷ୍ୟ ଜୀବନ କେବଳ ସୁଖମୟ ନୁହେଁ ବରଂ ଅଧିକ ଦୁଃଖ ଓ ଅନୁବେଦନା ସାପେକ୍ଷ । ପ୍ରତ୍ୟେକରେ ଯେଉଁ ବୈଫଲ୍ୟ, ସାଧନା ପଥର ଯେଉଁସବୁ ଅନତିକ୍ରମଣୀୟ ପ୍ରତିବନ୍ଧକ ସୁଫଳ ଅବଶ୍ୟମ୍ଭାବୀ ଥିବା କାଳରେ ଯେଉଁ ଅପ୍ରତ୍ୟାଶିତ ପ୍ରତିବନ୍ଧକ ଓ ପରିବର୍ତ୍ତନରେ ବିଫଳତା ତାହା ଅଧିକ ଚିତ୍ତ ଆଲୋଡ଼କ । କାରଣ ଏତ ସମାବେଶରେ ମଦନଙ୍କୁ ଦେଖି ଆମେ ଯେତିକି ଅନୁଭବ ପ୍ରବଣ ହୋଇପଡ଼ୁ ତା ଅପେକ୍ଷା ମଦନଙ୍କ ଅକାଳ ଶଯ୍ୟାରେ ରତ୍ନଙ୍କ ଧ୍ୱଂସାବଶେଷ ସ୍ତୂପ ଦର୍ଶନରେ ଆମେ ଅଧିକ ଆନ୍ଦୋଳିତ ହୋଇଥାଉଁ । କାରଣ ସୁଖ ମନୁଷ୍ୟ ପକ୍ଷରେ ଯେତେ ସ୍ୱାଭାବିକ, ଦୁଃଖ ଯନ୍ତ୍ରଣା ତତୋଧିକ ସହଜଲଭ୍ୟ ଓ ବେଦନାଦାୟକ ।

## ବର୍ଣ୍ଣନା ବୈଭବ

ସୁରୁଚିତା, କଳ୍ପନାପ୍ରିୟତା, ତର୍କଣାଶକ୍ତି, ବସ୍ତୁଶାସ୍ତ୍ର ବର୍ଣ୍ଣିତ ବିଷୟମାନଙ୍କ ବର୍ଣ୍ଣନା କରିବାରେ ପ୍ରଭୂତ ସହାୟ କରେ । ଯାହାର କଳ୍ପନାପ୍ରିୟତା ଓ ତର୍କଣାଶକ୍ତି ଯେତେ ଅଧିକ, ସେ ସେତିକି ପରିମାଣରେ ଗୋଟିଏ କଥା, ବସ୍ତୁ ଓ ଦୃଶ୍ୟର ନାନା ଭାବରେ ବର୍ଣ୍ଣନା କରିପାରେ । ପୁରାତନ ଆଲଙ୍କାରିକ ଓ ସାହିତ୍ୟିକ ଗଣ ଏହି ତର୍କ । ବକ୍ରୋକ୍ତି ଓ ରସମୟ ଅଭିବ୍ୟକ୍ତିକୁ ସାହିତ୍ୟର ପ୍ରଧାନ ଅଙ୍ଗରୂପେ ସ୍ୱୀକାର କରନ୍ତି । ଅମର ଓଡ଼ିଆ କବି ଦୀନକୃଷ୍ଣ କାବ୍ୟ ଓ କବିଙ୍କ ସମ୍ପର୍କରେ ମତପ୍ରକାଶ କରିବାକୁ ଯାଇ କହନ୍ତି- "କବି ଯେ ଉତ ଚିହ୍ନ କବି କହନ୍ତି କବିତା ଗୁମ୍ଫନରେ ମନ ସେ ବନ୍ତି" (ରସକଲ୍ଲୋଳ) ଅଧିକନ୍ତୁ ସଂସ୍କୃତରେ ମଧ୍ୟ ଅଛି "ବକ୍ରୋକ୍ତି କାବ୍ୟ ଜୀବିତମ୍" "ରସାତ୍ମକ ବାକ୍ୟମ୍ କାବ୍ୟମ୍" । ଏହି ଅନେକରେ ଗୁରୁତ୍ୱପୂର୍ଣ୍ଣ ବସ୍ତୁ ଓ ଏକ ପଦାର୍ଥ, ଭାବ, ଦୃଶ୍ୟ ଓ ଗୁଣକୁ ନାନା ଆରୋପ ଓ ତୁଳନା ମଧ୍ୟରେ ଦେଖି ତାହା ପ୍ରକାଶ କରିବାରେ କବିଙ୍କର ଉତ୍କର୍ଷ । ମହାକବି କାଳିଦାସଙ୍କର ଏହି ଶକ୍ତିର ମୌଳିକତା ଯେଣୁ "ଉପମା କାଳିଦାସସ୍ୟ" ଅଥବା "କାବ୍ୟେଷୁ ମାଘଃ କବି କାଳିଦାସଃ" ରୂପେ ଲୋକରେ କଥିତ । ମାତ୍ର ଯୁଗ ଭେଦରେ ଏହି ତର୍କ ଶକ୍ତି ଓ ଦୃଷ୍ଟିଭଙ୍ଗୀର ପରିବର୍ତ୍ତନ ଘଟିଥାଏ । ଯେଉଁବେଳେ ପର୍ବତ, ଜଳଧାର, ବର୍ଷୁକଜଳଦ, କର୍ପୂର ଚନ୍ଦନ, ସ୍ନେହଭକ୍ତ-ଭାବ, ସୁବର୍ଣ୍ଣ ସ୍ୱର, ନାସିକା ଭଳି ଭଳି ଅପୂର୍ବସୁନ୍ଦର ସ୍ପଷ୍ଟ ଦୃଶ୍ୟ ଦେଖୁଥିଲ ସେ ବେଳ ଓ ସେ କଥା ଆଜି ପୂର୍ଣ୍ଣତଃ ନାହିଁ । ଆଜିର କବି ଶ୍ୱେତ କପୋତକୁ ସାବୁନ୍ ଫେଣ ଫୋଟା ଖୋଳରେ ପର୍ଯ୍ୟବେକ୍ଷିତ କରୁଛନ୍ତି । ଉପମା ଓ ରୂପକ ପ୍ରୟୋଗରେ ଏହି ପରିବର୍ତ୍ତନ

ସାଧନ ସଙ୍ଗେ ବିଶେଷ କିଛି ଯାଏ ଆସେ ନାହିଁ । କାରଣ ଚନ୍ଦ୍ର, ଚନ୍ଦନ, ଉପବନ, ଜଳଦ, ଟେକା, ଗିରିଝର ଭଳି ନୈସର୍ଗ ସୁନ୍ଦର ସୃଷ୍ଟି ସାହିତ୍ୟର ସବୁଦିନିଆ ସମ୍ପର୍କ । ଏ ସଂପର୍କରେ ଇଂରାଜି ସାହିତ୍ୟ ସମାଲୋଚକ F. L lucas ଙ୍କ ମନ୍ତବ୍ୟ ଉଲ୍ଲେଖ ଯୋଗ୍ୟ । ଆଧୁନିକ କବିମାନଙ୍କର କଳକାରଖାନା ଛବି ଅଙ୍କନ ଓ ରୁକ୍ଷ ବାସ୍ତବତା ମଣ୍ଡିତ କବିତାଗୁଡ଼ିକୁ ଅବଜ୍ଞା ସମ୍ମାନ ଅଗ୍ରଗତ କରିବାକୁ ଏତର୍କ କରି ସେ କହନ୍ତି. ସମସ୍ତ ଏ ଯାବତ୍ ପୁଷ୍ପଳ ନୁହେଁ ଭାରତୀ 'Give time and flowers will Spring even on factory wall and slagkeap, but only when a deep enough soil of human associations has formed itself there, a factory chimney may on accasion seem beautiful, but it generally does not, a tree or a team ploughing or a sinthy may some times not seem beautiful but they gradually do etc. "dead and living"

ବାସ୍ତବରେ ନୈସର୍ଗସୁନ୍ଦର ପଦାର୍ଥ, ବ୍ୟକ୍ତି ଏବଂ ସର୍ବୋପରି ସୃଷ୍ଟି ଭାବବିଜଡ଼ିତ ହେଲେ ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି ହୁଏ । ଏଗୁଡ଼ିକ ଚିରଦିନ ସାହିତ୍ୟର ସମ୍ପଦ ଏବଂ ସାହିତ୍ୟ ଏହିମାନଙ୍କରୁ ପାଏ ଅଳଙ୍କାର । ଯାହା ହେଉ ଏହି କ୍ଷୀଣ ଭୂମିକା ଦେବାର ତାତ୍ପର୍ଯ୍ୟ ହେଉଛି ଉପେନ୍ଦ୍ର ଯେଉଁ ଯୁଗର କବି, ସେ ଯୁଗ ଅଳଙ୍କାରର ଯୁଗ, ମଣ୍ଡନର ଯୁଗ, ରହସ୍ୟମୟ ଅଭିବ୍ୟକ୍ତି ଓ ବିଳାସର ଯୁଗ୍ୟ ଇଂରାଜୀ ସାହିତ୍ୟରେ Tennyson, Browning, pope, milton ପ୍ରଭୃତିଙ୍କ ଭାବ୍ୟକବିତାରେ Metapher, simlt, Retoric ପ୍ରୟୋଗରେ ଯେଉଁ କଳ୍ପନାଶକ୍ତିର ପ୍ରୟୋଗ ଘଟିଛି ତାହା

ତାହାଙ୍କୁ ଅବଗତ ନୁହେଁ । "Paradise lost —," "mort-dearthur" Blessed donezol—ପ୍ରଭୃତି ରଚନାରେ ବର୍ଣ୍ଣନା-ଗତ ଏକପ୍ରକାର ଶୈଳୀ ଓ ପରିପାଟୀ ଦୃଷ୍ଟ ହୁଏ । ସେଠାରେ ଭାଗବତବୈଚିତ୍ର୍ୟ ଆମକୁ ଯେତେ ଆକର୍ଷିତ ନ କରେ ରଚନା-ପଦ୍ଧତି ତତୋଧିକ ଅନୁପ୍ରାଣିତ କରେ ।

ସଂସ୍କୃତ ସାହିତ୍ୟର ଶ୍ରେଷ୍ଠ ଗ୍ରନ୍ଥ ମଧ୍ୟରେ ଭାବର ପ୍ରାଧାନ୍ୟ ଯଥେଷ୍ଟ ପରିଲକ୍ଷିତ ହୋଇଥିଲେ ମଧ୍ୟ ପାଠକ ସାଧାରଣତଃ ପ୍ରଥମେ ବର୍ଣ୍ଣନା ବୈଚିତ୍ର୍ୟ ପ୍ରତି ଆକୃଷ୍ଟ ହୁଏ । କବିମାନେ ନିଜ ନିଜର ରସିକତା ସହ ପାଣ୍ଡିତ୍ୟ ଓ କଳ୍ପନାଶକ୍ତିର ସଂଯୋଗରେ ସଂସ୍କୃତ ସାହିତ୍ୟରେ ଯେଉଁ ବର୍ଣ୍ଣନାଗତ ସମ୍ପଦ ଗଚ୍ଛିତ କରିଛନ୍ତି ତାହା ଏବେ ମଧ୍ୟ ପାଶ୍ଚାତ୍ୟ ପଣ୍ଡିତ ଓ ସାହିତ୍ୟିକମାନଙ୍କୁ ମୁଗ୍ଧ କରେ । ଆମର କବି ଉପେନ୍ଦ୍ର ଏହିପରି ଏକ ଯୁଗର ଦାୟାଦ । ତାଙ୍କ ସଂସ୍କୃତ କାବ୍ୟ, ନାଟକ ସଂଶ୍ଳେଷଣ ସମ୍ବନ୍ଧରେ ସନ୍ଦିହାନ ହେବାର କାରଣ ନାହିଁ । ପୁରାତନ ଓଡ଼ିଆ ସାହିତ୍ୟ ଓ ସଂସ୍କୃତର ପରଂପରାରେ ଅନୁପ୍ରାଣିତ ଉପେନ୍ଦ୍ରଙ୍କର ବର୍ଣ୍ଣନାଭଙ୍ଗୀ ଯେଉଁ ରୂପ ଧାରଣ କରିବାର କଥା, ତାହାହିଁ ତାଙ୍କ କାବ୍ୟ ଗ୍ରନ୍ଥରେ ଲକ୍ଷିତ ହୁଏ । ସୁତରାଂ କହିବାକୁ ହୁଏ ଯେ ଉପେନ୍ଦ୍ର ଏପରି ଏକ ଯୁଗ ଓ ପରମ୍ପରାରେ ଅବତୀର୍ଣ୍ଣ ହୋଇ ଯେଉଁ ସାହିତ୍ୟରାଜ୍ୟ ବିସ୍ତାର କରିଥିଲେ ତାହାର ସୌନ୍ଦର୍ଯ୍ୟ ଅମାପ, ସମ୍ପଦ ଅକଳନୀୟ ଏବଂ ବର୍ଣ୍ଣନାର ବ୍ୟାପକତା ଓ କଳ୍ପନାର ଶ୍ରେଷ୍ଠତା ଯେମିତି ଉପେନ୍ଦ୍ରଙ୍କର କବିତ୍ୱ ଓ ବର୍ଣ୍ଣନ ଭଙ୍ଗୀ ସହଜବୋଧ୍ୟ ହୋଇପଡ଼େ ।

କବି ସ୍ୱକୃତଗ୍ରନ୍ଥ ମଧ୍ୟରେ ଭାଷାକୁ ଯେପରି ଆଭରଣ ମଣ୍ଡିତା କରିଛନ୍ତି କଥାବସ୍ତୁ, ବର୍ଣ୍ଣିତ ବଂଶ ଓ ପଦାର୍ଥଗୁଡ଼ିକୁ ମଧ୍ୟ

ସେହିପରି ଭୂଷଣ ଗୌରବ ପ୍ରଦାନ କରିଛନ୍ତି । ତାଙ୍କ ବର୍ଣ୍ଣିତ ନଗର, ପ୍ରାସାଦ ନଦୀ, ପର୍ବତ, ସୌନ୍ଦର୍ଯ୍ୟ, ବେଶ, ଅଳଙ୍କାର ଭୂଷିତ ସହିତ ଯୁବତୀ, ଯୌବନ ଓ ଆଭିଜାତ୍ୟ ମଧ୍ୟ ସେହିପରି ତାଙ୍କ ସ୍ୱର୍ଣ୍ଣାଭ କଳ୍ପନା ରସାଣରେ ରସାଣିତ । ବର୍ଣ୍ଣନା ବୈଭବ କବିଙ୍କର ଏତେ ବ୍ୟାପକ ଓ ମଧୁର ଯେ ସମସ୍ତଙ୍କ ତାଙ୍କ କାବ୍ୟରାଶି ମଧ୍ୟରେ ଅନୁସନ୍ଧାନ କରିବା ଅଧ୍ୟାୟ ସାପେକ୍ଷ ନୁହେଁ । ବରଂ ବାହୁଲ୍ୟ ଭୟରେ ଆମେ ଏଠାରେ କେତୋଟିର ଉଦାହରଣ ଓ ସୂଚନା ଦେବା ।

ନାରୀର ସର୍ବଶ୍ରେଷ୍ଠ ସମ୍ପଦ ତାର ଯୌବନ ଓ ରୂପ । ଏହି ରୂପ ରାଶିମା ନାରୀକୁ ଯୁଗ ଯୁଗ ପାଇଁ କବି ତାର ଉପଜୀବ୍ୟ କରି ଆସିଛନ୍ତି । ଅବଶ୍ୟ କାଳିଦାସଙ୍କ ଭଳି ମହାଯଶା କବିମାନେ ନାରୀର ଉଭୟ ବାହ୍ୟ ଓ ଅନ୍ତଃସୌନ୍ଦର୍ଯ୍ୟ ସମୀକ୍ଷା କରି ଆଜି ଯୁଗ ଯୁଗର କବି ହୋଇ ପାରିଛନ୍ତି । ନାରୀ ରୂପର ବାହ୍ୟ ସୌକୁମାର୍ଯ୍ୟ ଓ ସୌନ୍ଦର୍ଯ୍ୟ ଦ୍ୱନ୍ଦ୍ୱ ତାର ଅନ୍ତସ୍ଥଃ ଅପାଙ୍ଗତଃ କୋମଳ ମଧୁରତା ବର୍ଣ୍ଣନାରେ ଯେଉଁମାନେ କୃତକାର୍ଯ୍ୟ ସେମାନଙ୍କ କଥା ଅଲଗା । ଆମର କବି ଉପେନ୍ଦ୍ର ଏହି ଧାରାର ସୀମା ପର୍ଯ୍ୟନ୍ତ ସ୍ପର୍ଶ କରିବାକୁ ଅକ୍ଷମ ହୋଇଛନ୍ତି । ଯାହାହେଉ ନାରୀର ବାହ୍ୟରୂପ ନେଇ କବିଙ୍କର କଳ୍ପନା ଚୂଡ଼ାନ୍ତ ବିନ୍ଦୁ ସ୍ପର୍ଶ କରିବା ପରି ମନେ ହୁଏ । କବି ତାଙ୍କର ବିଭିନ୍ନ କାବ୍ୟମାନଙ୍କରେ ନାରୀର ଯୌବନୋଦ୍‌ଗମ ସଙ୍ଗେ ସଙ୍ଗେ ରୂପ ବର୍ଣ୍ଣନା କରିଛନ୍ତି । ନାରୀର କୈଶୋର ଅବସ୍ଥା ଅତିକ୍ରମ କରିବାଠାରୁ ତାର ଋତୁମତୀ ହେବା ପର୍ଯ୍ୟନ୍ତ କ୍ରମିକ ବର୍ଣ୍ଣନା ମଧ୍ୟ ସେ କରିଛନ୍ତି । ଏ ପ୍ରସଙ୍ଗରେ ଲାବଣ୍ୟବତୀର ଉକ୍ତାୟୁ ସ୍ଥଳ ଅନୁଧ୍ୟେୟ ।

ନାରୀର ଅଙ୍ଗକୁ ବିଭିନ୍ନ ଅବସ୍ଥାରେ କବି ଭିନ୍ନ ଭିନ୍ନ ରୂପରେ କଳ୍ପନା କରିଛନ୍ତି । ସରସୀ, ସ୍ୟନ୍ଦନ, ଯୌବନରାଜାର ଅଧିକୃତ ରାଜ୍ୟ ବୋଲି ସେ ନିମ୍ନ କ୍ରମେ ବର୍ଣ୍ଣନା କରିଛନ୍ତି ।

"ମଦନରଥ ଦର୍ ଦ୍ୱିଜପୁଙ୍ଗୁ ସାଜିଲାଣି ମନେ ପରତେ,
ବସନା ଘୁଞ୍ଚି ନିତମ୍ବ ଚକ୍ରକୁ ନ ରଖିବ ଯୁବା ଗାଢ଼ତେ ।
ରସିକ. ରଖିଲ ଅଞ୍ଚଳ ପତାକା
ଅତି ଉଚ୍ଚକୁଚ ସୁବର୍ଣ୍ଣ କଳସ ଲୋକନେ ଲୋଟେଇବଡ ଦକ"।
(ରସିକ ହାରାବଳୀ)

ଏହି ଅନୁକ୍ରମ ଲାବଣ୍ୟବତୀର ପଞ୍ଚମ ଛାନ୍ଦରେ
"ଗମନେ ଜୋମାର ମୁଁ ମନେ କରଇଁ,
ମନମଥରଥ ଯାଜାକ କରୁଛି ପଥ ମନୋରଥ ପୂରାଇ
ଲଲାଟ ଲପନ ଚୂଡ଼ ଦରପଣ ଚିକୁର ଚାମର ଯହିଁରେ,
ତରଙ୍ଗ କୁରଙ୍ଗ ନୟନ ତୁରଙ୍ଗ କି ରଙ୍ଗ ଭରଇ ତହିଁରେ
କଳଶ ଚକ୍ରକୁଚ ଶ୍ରୋଣୀ ଚହ୍ଲ କଟି ମେଖଳା
ପଣ୍ଡି ଯହିଁ ପ୍ରକଟିତ ଅଞ୍ଚଳ ପତାକା ରଖିଲା"

ଯୌବନ ତାର ସ୍ୱାଭାବିକ ଉଦ୍‌ଗମରେ ନାରୀକୁ ଲଜ୍ଜାର ପ୍ରଥମ ଆବରଣରେ ଅବଗୁଣ୍ଠିତ କରିବାର କଥା । ଏହି ସାଧାରଣ କଥାକୁ କବି ବାକ୍‌ଚାତୁର୍ଯ୍ୟ ମଧ୍ୟରେ କିପରି ବର୍ଣ୍ଣନା କରନ୍ତି ତାହା ଦେଖାଯାଉ ।

"ଲଜ୍ଜା ପଞ୍ଚ ମହିଷୀକି ଘେନି ଯଉବନ
ରାଜା ଅମି ଅକଷିଲା ଅଙ୍ଗଦେଶମାନ ।" (ଲାବଣ୍ୟବତୀ)

ଏହି କଥାକୁ ଅନ୍ତର୍ନିହିତ ରସିକତା ମଧ୍ୟରେ—

"ଆସି ଅତନୁ ନୂତନ ରାଜା ହେଲେ ମହିଳା ଶରୀର ମହୀରେ
ଉତ୍ତମାଙ୍ଗ ଜାନୁ ସାମନ୍ତ ଶାଠିରେ ଶୋଭିତ ହୋଇଲେ ଯହିଁରେ
ରସିକ, ଜଘନ ସ୍ଥିତ ପୁରପୁର

ଲଭି ବହୁଲକ୍ଷି ଅପରାଧୀ ପ୍ରାୟେ ହେବ ଭାଗ୍ୟବନ୍ତେ ତୋ ବର ।"

(ରସିକ ହାରାବଳି)

ସ୍ତ୍ରୀମାନଙ୍କର ଗର୍ଭୋଦୟ ଓ ଗର୍ଭାଧାନ ଲକ୍ଷଣ ବର୍ଣ୍ଣନାରେ ଉପେନ୍ଦ୍ରଙ୍କ ମୌଳିକତାକୁ କୌଣସିମତେ ଅସ୍ୱୀକାର କରାଯାଇ ନ ପାରେ ।

"କାନ୍ତି ସୁବର୍ଣ୍ଣ ଦୋହଦ ପାରଦ ମିଶିଲା
ରଙ୍ଗତ ପିତ୍ତଳ। ତୁଳା ଅବଳା ଦିଶିଲା ଯେ
କ୍ଷୀଣତାରେ ପୀନ ହେଲେ ରେଖ ସଂଖ୍ୟା କଟି
ଯେସି ନିତମ୍ବ ବିମ୍ବକୁ ଅତି କଲା ଖାଟି ଯେ

× × ×

ବାହାର ହୋଇଲା ମତି ବାହାରକୁ ଗତି
ମନ୍ଥର। ମଧ୍ୟ ଶୟନେ ବଳାଇଲା ପ୍ରୀତି ଯେ
ଦର୍ପ୍ୟ କୁଚକ କୁଚାଗ୍ର ମୂର୍ଚ୍ଛା ଭକ୍ଷଣ
ଖେଳ ଚଳନମାନ ଛାଡ଼ିଲା ଲକ୍ଷଣ ।"

(ଲାବଣ୍ୟବତୀ)

ତାମ୍ବୂଳୀକୁ ସରସୀ ରୂପେ ସେ ତାଙ୍କର ବିଭିନ୍ନ କାବ୍ୟରେ ବର୍ଣ୍ଣନା କରିଛନ୍ତି । ଏହା ସଂସ୍କୃତ କଲ୍ଲୋଳ କୌମୁଦୀର

"ବାହୁ ଦୋର ମୃଣାଳ ମାସ୍ୟ କମଳ ଲାବଣ୍ୟଂ ଲୀଳା ଜଳମ୍"

ଅନୁକରଣରେ—

"ଲାବଣ୍ୟ ସରସୀ ଶୋଭା ବହୁଲକ୍ଷି ରସପୂର୍ଣ୍ଣଗୁଣ ଗଭୀରେ
ଲୋଚନ ନଳିନ ପୁଳିନ ସଲିଳ ତରଙ୍ଗ ନାଭିରେ"

ଲାବଣ୍ୟବତୀର ଷଷ୍ଠ ଛାନ୍ଦରେ—

"ନାସା ବାଉଁବାର ନୋହିଲେ ଭଙ୍ଗି ଘଡ଼ିଏ ଯାଏ" ଉକ୍ତି ଏହି କ୍ରମରେ ବର୍ଣ୍ଣନା । ରସ କଲ୍ଲୋଳର (୮ମ ଛାନ୍ଦ ୨୩ ପଦ)

ମଧ୍ୟ ଉପଯୁକ୍ତ ଶ୍ଳୋକର ମୁକ୍ତ ଅନୁବାଦ ଥିବାପରି ଜଣାପଡ଼େ । ଆଉ ନାରୀର ବିଭିନ୍ନ ଅଙ୍ଗ, ବେଶବିନ୍ୟାସ ଓ ଅଳଙ୍କାର ବସ୍ତ୍ରାଭରଣ ସମ୍ପର୍କରେ ଉଦାହରଣ ଦେବାକୁ ବାହୁଲ୍ୟ ଭୟରେ ଇଚ୍ଛାକରୁ ନାହିଁ । ତେବେ ପୁରାତନ କବିମାନଙ୍କ ପରମ୍ପରା ରକ୍ଷାକରି ଓ ନିଜର ରସିକତା ଦେଇ ସେ ନାରୀରୂପ ବର୍ଣ୍ଣନା କରିବାକୁ ଉପମେୟ ସାଗର ମନ୍ଥନରେ ଅବହେଳା କରି ନାହାନ୍ତି ଏବଂ ଏହି ରୂପ କଥନର ତାଙ୍କ ଉତ୍ତଳ ପ୍ରକାଶିକା ଶକ୍ତି ପରବର୍ତ୍ତୀ ଯୁଗରେ ଅନୁସରଣୀୟ ହୋଇପାରିଛି । ଦର୍ପଣରୁ ଝଳ, କମଳରୁ ବାସ, ଚନ୍ଦ୍ରରୁ ଆହ୍ଲାଦ, ଖଞ୍ଜନରୁ ଚାଞ୍ଚଲ୍ୟ, ନବନୀରୁ କୋମଳତା, ଜଳଦରୁ ଉଜ୍ଜ୍ୱଳ ପ୍ରଭୃତି ନେଇ ତାଙ୍କ ନାୟିକାର ଅବୟବ ଗଠନ କରିଛନ୍ତି । ନାରୀ ଅଙ୍ଗ ବର୍ଣ୍ଣନାରେ କବିମାନେ ଅତ୍ୟଧିକ ଉଦ୍ଭଟ ଓ ଅନୁପଲବ୍ଧ ଚିତ୍ର ଦେବାକୁ ଯାଇ ସ୍ଥଳରେ ସାମୁଦ୍ରିକ ପ୍ରମାଦ ଘଟାଇଛନ୍ତି ।

କୋଟିବ୍ରହ୍ମାଣ୍ଡ ସୁନ୍ଦରୀରେ—

“ଶ୍ରୋଣି ସ୍ତନ କଲ ପରବଶରେ
ସିଂହ ଲୁଚିଲା କେଉଁ ପ୍ରଦେଶରେ
କେଣୁଁ ଇନ୍ଧନ ହୋଇଲା ଚନ୍ଦନ”

ଇତ୍ୟାଦି ଏହି ଧାରଣାର ଶେଷବର୍ତ୍ତୀ ।

ସୁଭଦ୍ରା ପରିଣୟରେ ସ୍ତନର ଯେଉଁ ବର୍ଣ୍ଣନା, ତାହାର ବୈଚିତ୍ର୍ୟ ଓ ଗୁରୁତ୍ୱ କେବଳ ପାଠକହିଁ ଜାଣି ପାରନ୍ତି ।

“ମନସିଜ ଖେଳି ଲୁଚିଭଆଇଁ” ପ୍ରଭୃତି ପଦରୁ କୋଟିବ୍ରହ୍ମାଣ୍ଡ ସୁନ୍ଦରୀଙ୍କର ବକ୍ଷଦେଶର କଳ୍ପିତ ରୂପର ଧାରଣା କରାଯାଇ ପାରେ । ନାରୀର ଚକ୍ଷୁ ବର୍ଣ୍ଣନାରେ କବି ଲାବଣ୍ୟବତୀରେ ଏକ ସ୍ଥାନରେ କହିଛନ୍ତି—

"ଶ୍ରବଣକୁ ଯାହା ଲଙ୍ଘି ଲଟିଛି
ସେହି ଆଖିକୁ ଡାକି ଶିଖାଉଛି ।"

ଏଠାରେ କବିଙ୍କ ରସିକତା ଉପଭୋଗ୍ୟ । ପ୍ରେମସୁଧାନିଧିର ଦ୍ୱିତୀୟ ଛାନ୍ଦର କେବଳ ନାୟିକାର ଚକ୍ଷୁବର୍ଣ୍ଣନା, ବାସ୍ତବରେ ଏଥିରେ କବିଙ୍କର ବର୍ଣ୍ଣନା ଗୁରୁତ୍ୱ ଥିଲେ ମଧ୍ୟ ଏହା ତାଙ୍କର କଳାପ୍ରିୟତା ନଷ୍ଟ କଲପରି ପ୍ରତୀତ ହୁଏ ।

ଗୁରୁତ୍ୱପୂର୍ଣ୍ଣ ଦେଶ ବର୍ଣ୍ଣନା—

କାଳିଦାସଙ୍କ କାବ୍ୟମାନଙ୍କରେ ନାୟକ ନାୟିକାଙ୍କ ଚିଏଟଛି ନାନାଦେଶ ବୁଲିଲା ପାଇଁ ପାଣି ନିର୍ବାଚନ କରିବେଲେ କବି ତନ୍ତ୍ର ଛନ୍ଦପଛ ଦର୍ଶନରେ ସେ ଦେଶବାସୀଙ୍କ ମନୋବୃତ୍ତିର ବର୍ଣ୍ଣନା ନିମ୍ନ ଏମେ କରିଛନ୍ତି ।

"କୁନ୍ତଳେ କୁନ୍ତଳ ବର୍ଣ୍ଣେ ସାରଲେ ଦାନ
ମତ୍ସ୍ୟଜନ ମତ୍ସ୍ୟପତି ନିନ୍ଦିଷ ଦ୍ୱୀନ
ନାଂଚଧେ ନାପେଧି ଆନ ଲୋକ ନ ଭଲେ
ମାଳବରେ ମାଳାକର ତାହା ଜପିଲେ ।
ମଘରେ ମଘବା ପଦ ପାଇଲା ପର
ବିଦେହେ ବିଦେହଶରେ ହୋଇଲା ଘାର ।
କନ୍ୟାକୁଜ କନ୍ୟାକୁଜ ଶୁଭନ୍ତ ବାଣୀ
ମହୁଦେଶ ମହୁରମ୍ଭା ଏମନ୍ତ ଭଣି ।
ଅଙ୍ଗରେ ଅଙ୍ଗନା ଅଙ୍ଗ ପ୍ରଶଂସା କଲେ
ଏହୁ ରମ୍ଭା ବୋଲି କଳି କଳିଙ୍ଗେ କଲେ ।

ନାୟିକାର କେଶ ବର୍ଣ୍ଣନାରେ କବି ସ୍ଥାନେ ସ୍ଥାନେ ନୈଷଧକୁ ବଳି ଯାଇଛନ୍ତି । କୋଟି ବ୍ରହ୍ମାଣ୍ଡ ସୁନ୍ଦରୀର କେଶ କବିଙ୍କ ମତରେ—

ନୀଳ ରତ୍ନଶେଣୀ କୁଟିଳ କୋମଳ
ପ୍ରଲମ୍ବ ଚଞ୍ଚଳ ସୂଚକ ସ୍ଥୂଳ ।

ନଗର ବର୍ଣ୍ଣନା କବିଙ୍କର ପ୍ରତ୍ୟେକ କାବ୍ୟରେ ରହିଛି । ଏ ମଧ୍ୟରେ ମିଥିଳା, ଅଯୋଧ୍ୟା, ଲଙ୍କା, ପୁଷ୍ପପୁର, ଚମ୍ପାନଗରୀ ପ୍ରଭୃତି । ଏହି ନଗରୀଗୁଡ଼ିକ ପୁରାଣ ପ୍ରସିଦ୍ଧ । ଏଗୁଡ଼ିକର ଏହି ପୌରାଣିକ ପ୍ରସିଦ୍ଧି ଉପେନ୍ଦ୍ରଙ୍କ କାବ୍ୟରେ ସ୍ଥାନ ଲାଭ କରିବା ପର-ବର୍ତ୍ତି ଏଗୁଡ଼ିକର ସୌନ୍ଦର୍ଯ୍ୟ ଓ କଳ୍ପିତ ବୈଭବହିଁ ଲକ୍ଷ୍ୟକରିବାର କଥା । ପୁରାଣ ପ୍ରସିଦ୍ଧ ଲଙ୍କା ନଗରୀ ବୈଦେହୀଶ ବିଳାସରେ ରକ୍ଷ ରାଜଧ୍ୱଜର ଯେପରି ଭୀମ ଓ କାନ୍ତ ଗୁଣର ସମନ୍ୱିତା ଥିଲା, ଲାବଣ୍ୟବତୀର ଜନ୍ମସ୍ଥଳୀ କିନ୍ତୁ ସେପରି ନ ଥିଲା ।

ଲାବଣ୍ୟବତୀର ଜନ୍ମସ୍ଥାନ ସିଂହଳ ଦ୍ୱୀପ । ସମ୍ପଦ ମଣ୍ଡିତା, କାନ୍ତିମୟୀ ଏବଂ ସ୍ୱର୍ଗ ସଦୃଶ, ନରକର କଳ୍ପନା ପର୍ଯ୍ୟନ୍ତ ସେଠାରେ ନାହିଁ । ଲାବଣ୍ୟବତୀ ଭଳି ନାୟିକାର ଜନ୍ମସ୍ଥାନ ହୋଇ ଥିବାରୁ ଏହାର ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ଥିଲା । ତାହା ହେଉଛି —

"ପଦ୍ମିନୀ ଜନମ ସ୍ଥାନ ପଦ୍ମା କରପୁରୀ
ଆନ ଜାତି ନାରୀ ଏ ଯହିଁରେ ପରଗୁରୀ" ।

ଏହି ନଗରୀର ଭୌତିକ ସମ୍ପଦର ବର୍ଣ୍ଣନା ଦେବାର ସ୍ଥାନ ଏହା ନୁହେଁ । କାବ୍ୟରେ ଅଳଙ୍କାର ପର୍ଯ୍ୟାୟ ଆଲୋଚନା କାଳରେ ଏ ସମ୍ପର୍କରେ କିଛି ଅଂଶଭାଗ ଦେବ । କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ବର୍ଣ୍ଣିତ ଚମ୍ପା ଓ ପୁଷ୍ପପୁରର ବର୍ଣ୍ଣନା ଶ୍ଳେଷ ପ୍ରଭୃତି ଅଳଙ୍କାର ଦ୍ୱାରା ଅତି ଚମତ୍କାର ହୋଇଛି । ପୁଷ୍ପପୁରର ପୌରାଣିକତା ପ୍ରତି କବିଙ୍କର ଦୃଷ୍ଟି ନିମ୍ନରୂପେ ପଡ଼ିଥିଲା ।

'ଫାଲଗୁ ଦେବତ ବାଣ ବଦାଇଲେ ତାର ତାନ୍ତ
ମହୀସହ ସ୍ତମ୍ଭନ କାତ ଉଭ୍ଧାନ''

ସ୍ୱାଭାବିକ ଉତ୍କର୍ଷ ବର୍ଣ୍ଣନାରେ—

''ରାଜଧାନୀ ସ୍ୱସ୍ତିପୁର
ସଙ୍କେତେ କୁନ୍ତଳ ପର
ରେଖିଳ କାଞ୍ଚି ତାବତଳ'' ଇତ୍ୟାଦି

ରମ୍ଭା ନଗରୀ ବର୍ଣ୍ଣନାରେ କବି ଶ୍ଳେଷ ପ୍ରୟୋଗ କରି ରମ୍ଭାକୁ ମହାଦେବଙ୍କ ଶିରୋଭୂଷଣ ଚମ୍ପାପୁଷ୍ପ ଓ ନଗରୀ ରୂପେ ବର୍ଣ୍ଣନା କରିଛନ୍ତି ।

ମିଥିଳା ନଗରୀ ବର୍ଣ୍ଣନାରେ ରାମଙ୍କ ଧନୁ ଭଙ୍ଗର ଓ ନଗରୀ ବର୍ଣ୍ଣନା ଅଭିଜାତ୍ୟ ପୂର୍ଣ୍ଣ ହୋଇଛି । ହେଲେହେଁ ନଗରୀର ନାରୀମାନଙ୍କ ବର୍ଣ୍ଣନା କିଛି ଉତ୍କୃଷ୍ଟ ଥିବଣିବ । ପୁନଶ୍ଚ ନଗର ବର୍ଣ୍ଣନାରେ କବି ତାଙ୍କ କଳ୍ପନାଯୁକ୍ତ ନାୟିକା ମାନଙ୍କର ଉପଯୋଗୀ ବର୍ଣ୍ଣନା କରିଛନ୍ତି ।

ସାଧାରଣ ପ୍ରସଙ୍ଗ—

ନାୟିକାର ରୂପ, ବେଶ, ନଗର ଦୃଶ୍ୟର ଅଳଙ୍କାରିକ ବର୍ଣ୍ଣନା ବ୍ୟତୀତ କବିଙ୍କ କୃତ ଅନ୍ୟାନ୍ୟ ଅନେକ ସାଧାରଣ ବିଷୟର ସୁନ୍ଦର ଚିତ୍ରଣ ଦେଖାଯାଏ ।

ଲାବଣ୍ୟବତୀର ତ୍ରୟୋଦଶ ଛାନ୍ଦରେ କବି ମାଳ୍ୟାଣୀର ଯେ ଆଲେଖ୍ୟ ପ୍ରଦାନ କରିଛନ୍ତି ତାହା ପ୍ରତ୍ୟେକ ଓଡ଼ିଆ ସାହିତ୍ୟ ପାଠକକୁ ତାଙ୍କ ସ୍ୱାଭାବିକ ବର୍ଣ୍ଣନା ଶୈଳୀ ସମ୍ପର୍କରେ ଅବଗତ କରେ । କବି ମାଳ୍ୟାଣୀର ରୂପବିଭବ ବର୍ଣ୍ଣନାରେ ଯେଉଁ ବାସ୍ତବତା ଅବଲମ୍ବନ କରିଛନ୍ତି ତାହା ଆମ ସାହିତ୍ୟରେ ଏକ ଚିରସ୍ମରଣୀୟ ବର୍ଣ୍ଣନା । ତାର ବୟସ, ରୂପ, ଗୌରବ ସଙ୍ଗେ ଅଳଙ୍କାର ଓ ବେଶ ମଣ୍ଡନ ଏପରି ହୋଇଛି ଯେ ଆଜିକାଲି ମଧ୍ୟ ମାଳ୍ୟାଣୀ ଯୁବତୀକୁ

ଦେଖିଲେ ତାହା ସ୍ମରଣରେ ଆସେ । ପ୍ରସଙ୍ଗର ଗୁରୁତ୍ୱ ଦେଖି କେତୋଟି ମାତ୍ର ପଦ ଉଦ୍ଧାର କରାଗଲା ।

"ଏଥୁ ଅନନ୍ତରେ ରସ, ଶୁଣ ହେ ମାଳିନୀ ବେଶ
ଟମ୍ଭାଫଳ ପରା ଖୋଷା ଖୋସିଛି ଯୋଷା ଯେ
ଗର୍ଭକ କଳ୍ପ ତର୍ଜିଣୀ ପ୍ରକାଶେ ରତ୍ନ ଭର୍ଜିଣୀ
ଖଞ୍ଜି ଅଛୁ ଗୋଟି ଚମ୍ପା ଧରନ୍ତି କମ୍ପାଏ
ଅନ୍ଧାର ନାଶାରେ ନଭେ ନିର୍ମଳ ତାରକା ଣେ ଭେ
ଦିଶଇ ହେମନ୍ତ ପରା ଲୋଚନ କାରାଏ" । ଇତ୍ୟାଦି

ଉଜ୍ଜ୍ୱଳୀୟ ଅଳଙ୍କାର ବିନ୍ୟାସରେ—

"ଶଦମାଳୀ ପାଟବସ୍ତ୍ର ତାଡ଼ବେ ହୁଙ୍କ ଦୀପିତ
କାମ ଅଧ ଖଡ୍ଗୁ ବାହ୍ମୀ ହସ୍ତରେ ଶୋହି ଯେ,
ବାମକରର ଅଙ୍ଗୁଳି ନିସରି ମୁଦରେ ହଳ
ଚରଣକେ କଳା ପଟେ ନାଦ ପ୍ରକଟେ ଯେ"

ଲାବଣ୍ୟବତୀର ୧୫ ଛାନ୍ଦରେ କବି ନଟବର ଓ ତାର ସ୍ତ୍ରୀର ଯେଉଁ ଚିତ୍ର ପ୍ରଦାନ କରିଛନ୍ତି, ସେଥିର ସ୍ୱାଭାବିକତା ସମ୍ପର୍କରେ ସନ୍ଦେହର ଅବକାଶ ନାହିଁ । ସେହି ନଟବରର ବେଶ ଭୂଷଣ ମଧ୍ୟରେ ଥିବା ପଣସ କଡ଼ିଆ କୁଣ୍ଡଳ, ତାମ୍ବୁଳ, ରଂଜିତ ସୁନାଖିଲଲଗା ଦନ୍ତ ପଂକ୍ତି, ସର୍ପପେଟୀ ଓ କେଳୁଣୀର ଭୂଷଣ କଳପକ ମଧ୍ୟରେ ମୁଣି ତଇଳରେ ପାଟିବା, ବନକଳଦାରଞ୍ଜନ, ଝୁଲୁରି ଅଳକା ଓ କଂଚାପାଟ ଚୁଳ୍ଳିତ ସାଧାରଣତଃ ଉତ୍କଳର ଗ୍ରାମେ ଗ୍ରାମେ ବୁଲୁଥିବା ବାଜିଗରାଣୀ, କେଳାକେଳୁଣୀଙ୍କର ଅନ୍ୟତମ ନିଚ୍ଛକ ଚିତ୍ରଣ । ଲାବଣ୍ୟବତୀର ପଞ୍ଚମ ଛାନ୍ଦର ଶେଷାଂଶରେ କବି ସଂକ୍ଷିପ୍ତ ଚେଷ୍ଟିତା ଲାବଣ୍ୟବତୀର ଚର୍ଚ୍ଚା ବିଧାନ ଓ ଫଗୁଖେଳ ବର୍ଣ୍ଣନା କରିବାରେ କଳ୍ପନାର ଯେଉଁ ମଧୁର

ତନ୍ତ୍ରୀରେ ଅଙ୍ଗୁଳିଘାତ କରୁଛନ୍ତି ତାହା ବର୍ଣ୍ଣନ କଲେ ଚମତ୍କୃତ ହେବାକୁ ହୁଏ । ସଖୀଗଣ ଫଗୁ ଫୋପଡ଼ା ଫୋପଡ଼ି କରିବା ଦ୍ୱାରା ସଂଲଗ୍ନ ବାୟୁମଣ୍ଡଳ ରକ୍ତିମା ଧାରଣ କରନ୍ତି । କବି ତାହାକୁ ନିଜର ସ୍ୱାଭାବିକ ଭଙ୍ଗୀରେ ନିମ୍ନରୂପେ କହିଅଛନ୍ତି ।

"ମୁଠାକୁ ଫିଙ୍ଗି ଯିବାରେ ଏ ପ୍ରତୀତ ଫଗୁ ଖେଳିବାର ଲଳନା
ବସନ୍ତ ଶ୍ରିକା ବନକୁ କି କରନ୍ତି ରଙ୍ଗ ପାଟ ଚେଲ ତୁଳନା
ସେ ରଙ୍ଗ, ଯାଇ ଶୂନ୍ୟେ କୁଣ୍ଡ ହୋଇଲା,
ଅତ୍ୟନ୍ତ ଗୁଣିକ ବଗପକ୍ଷୀର ମାଣିକ୍ୟ ଶଙ୍ଖ କି ଧଇଲା,
କଙ୍କଣ କ୍ୱଣିତ ଧ୍ୱନିକୁ ମଣିଲ ଭୃଙ୍ଗଉଡ୍ଡୀନ କି ବାଇଲା
ଜୀବନାର ବାଣୀ ମଙ୍ଗଳଗୀତିକି ଅଭିଷେକ ବେଳେ ହୋଇଲା
ସ୍ୱଭାବେ, କୁଚ ପୂର୍ଣ୍ଣ କୁମ୍ଭ ସଜନ୍ତି
ଚୂନ୍ଥ ଚେଳ ଚୂତ ପଲ୍ଲବ ସଂଯୁକ୍ତ ହାର ଉପହାର ସାଜନ୍ତି" ।

ବୈଦେହୀଶ ବିଳାସରେ ସୁରଜାହ୍ନବୀ ଗଙ୍ଗାକୁ ସର୍ବଜନ ପରିଚିତ "ବିତଳକୁ ଆଲିଙ୍ଗନ" ଇତ୍ୟାଦି ପଦରେ କବି ଅତି ମନୋରମ ଭାବରେ ବର୍ଣ୍ଣନା କରିଛନ୍ତି । ବର୍ଣ୍ଣନାର ତାତ୍ପର୍ଯ୍ୟ ମଧ୍ୟରେ କବି କହନ୍ତି, ସ୍ୱର୍ଗରେ, ପାତାଳରେ ରଙ୍ଗ, ଶଚୀଙ୍କ ପରି ସୌନ୍ଦର୍ଯ୍ୟରେ ରତି ଓ ପାର୍ବତୀଙ୍କ ଭଳି ।

ରାଜ କୁଟୀର ବର୍ଣ୍ଣନାରେ କବି ନିସର୍ଗସୁନ୍ଦର ପ୍ରକୃତିର ମଧୁମୟ ଚିତ୍ର ପ୍ରଦାନ କରିଛନ୍ତି । ଏ ବର୍ଣ୍ଣନା କାଳିଦାସଙ୍କର ସମକକ୍ଷ ବୋଲି କେତେ କେତେ କହନ୍ତି ।

ବୈଦେହୀଶ ବିଳାସର ଚତୁର୍ବିଂଶ ଛାନ୍ଦରେ କବି ହନୁମାନଙ୍କର ମକ୍ଷିକା ବେଶରେ ମଧ୍ୟ ରାତ୍ରରେ ରାବଣ ଅନ୍ତଃପୁରରେ ନିଦ୍ରିତା କାମିନୀ ଗଣଙ୍କୁ ଦର୍ଶନ ଓ ଅନ୍ୱେଷଣରେ ଅନ୍ତଃପୁରସ୍ଥା ଭୋଗିନୀ ନାୟିକାମାନଙ୍କର ଯେ ବର୍ଣ୍ଣନା କରିଛନ୍ତି ତାହା ପାଠକଲେ ତାଙ୍କ

କଳ୍ପନା ଶକ୍ତିର ଗମ୍ଭୀରତା ସହଜରେ ଅନୁମେୟ । ଚିତ୍ରଷ୍ମା ନାୟିକାର ବର୍ଣ୍ଣନା ଦେଇ କବି ହନୁମାନ ମୁଖରେ କହୁଛନ୍ତି—

"ବାରଣ ପଦ୍ମିନୀ ବନ ମନ୍ଥିଛନ୍ତି ବେଶ ସରୋବରେ ଆସି ଯେ
ବାଳ ଶୈବାଳ ଅସ୍ତବ୍ୟସ୍ତ ଜଘନ ପୁଳିନ ଅଲଂଦଗି ଯେ
ଗାଧପ୍ର, ବାତାପ୍ଳୁ ମଦ କର୍ଦ୍ଦମ ଯେ
ବିଚ୍ଛିନ୍ନହାର ମୁକ୍ତା ହସୁଅଛି କଳି କଲେ ହାର କୁସୁମ ଯେ"

× × × ×

ଅଗଣିତ ନାୟିକାମାନଙ୍କ ଦେଖି ହନୁ ଭାବୁଛି—

"ବର୍ଣ୍ଣେ ଶ୍ୟାମା ହୋଇ ହମନ୍ତ୍ର ଗୋଟିଏ ନାହିଁ ତ ଅଣିଛୁ ବାଛୁ ଯେ
ବସୁଧା ସ୍ୱର୍ଗରେ ଥୋଇ ସ୍ୱର୍ଗଯୋଷାମାନଙ୍କ କହୁଛି ଛି ଛି ଯେ
ବାସୁକି, ବଳିରେ କି ଭାଗ୍ୟବନ୍ତ ଯେ
ବୃନ୍ଦକ ଶେନୁରେ ଏକ ଖଣ୍ଡପର ବିଭୋରେ ହୋଇଛି ମତ୍ତ ଯେ ।

ଏହାବ୍ୟତୀତ ନାୟକ ନାୟିକାଙ୍କର ମିଳନରେ ଐକାନ୍ତିକତା ଓ ଉନ୍ମତ୍ତତା ବର୍ଣ୍ଣନା କରିବାକୁ ଯାଇ ତାଙ୍କ ସ୍ୱଭାବ କାଳ୍ପନିକ ଭାବ୍ୟମାନଙ୍କରେ କହୁଛନ୍ତି, ସେମାନେ ବାହୁବନ୍ଧନକୁ ଏକମାତ୍ର ମାଳା କଲେ । ସେମାନଙ୍କର ହେଲା କରିବାର ଜନିତ ହେଉଛି ସ୍ପର୍ଶିବାର । ସେମାନେ କେବଳ ଦାନ କରୁଥିଲେ ସବୁ ଚୁମ୍ବନ । ଭଙ୍ଗ ବା ତ୍ୟାଗ କରିବାର ବସ୍ତୁଥିଲା କେବଳ କ୍ଷୀଣ ବସନ । ଘାତ ମଧ୍ୟରେ ଶ୍ରେଷ୍ଠ ଥିଲା ନଖାଘାତ । ଏ ରୂପ ବର୍ଣ୍ଣନା ସହଜ ସରଳତା ମଧ୍ୟରେ ଉପେନ୍ଦ୍ର ଯୋଗ୍ୟ କରି ପାରିଛନ୍ତି ଉତ୍କଳର କୌଣସି ମଧ୍ୟ-ଯୁଗୀୟ କବିଙ୍କ ପକ୍ଷେ ତାହା ସମ୍ଭବ ହୋଇ ପାରି ନାହିଁ ।

କବିଙ୍କର ଅମୃତମୟ ଲେଖନୀ ଯାହା କିଛି ପ୍ରସଙ୍ଗ ଏଣେ ସ୍ପର୍ଶକରିଛି ତାହା ଏକ ସ୍ୱତନ୍ତ୍ର ଅସାଧାରଣ କରିଛି । ବର୍ଣ୍ଣିତ ବିଷୟ ବସ୍ତୁର ଯେ କୌଣସି ପ୍ରାସଙ୍ଗିକ ଅଂଶ ସେ ଚିତ୍ରଣ କରିବାକୁ ଯାଉଛନ୍ତି

ସେଠାରେ ତାଙ୍କର ପାଣ୍ଡିତ୍ୟ ଓ ମୌଳିକତା ଏକାଧାରରେ ଉପସ୍ଥିତ ହୋଇଯାଇଛି । କବି ଉତ୍କଳର ଶ୍ରେଷ୍ଠ ସାରସ୍ୱତ ସେବକ ଭାବରେ ଉତ୍କଳର ଦେବାଦେବୀ ପୂଜା, ଆରାଧନା, ଯାତ୍ରା ପର୍ବମାନଙ୍କର ସ୍ଥାନ ବିଶେଷରେ ସୁନ୍ଦର ବର୍ଣ୍ଣନା କରି ଅଛନ୍ତି । ରସିକହାରାବଳୀରେ ପ୍ରସଙ୍ଗକ୍ରମେ ନୀଳାଚଳବିହାରୀଙ୍କର ଚନ୍ଦନଉତ୍ସବ ବର୍ଣ୍ଣନାରେ କବି ଯେରୂପ ସ୍ୱାଭାବିକତା ପ୍ରଦର୍ଶନ କରିଛନ୍ତି, ତାହା ଏବେ ମଧ୍ୟ ଓଡ଼ିଆ ସାହିତ୍ୟରେ ଅନ୍ୟ କୌଣସି କବି ବା ଲେଖକଙ୍କ କୃତରେ ସମ୍ଭବ ହୋଇ ନାହିଁ ।

ଉଦାହରଣ ଛଳରେ ନିମ୍ନରେ କେତେକ ପଦ ଉଦ୍ଧାର କରାଗଲା ।

"ବିଟ୍ଟର ରଚିତ ମଧୁର କରି ଗାଆନ୍ତି ସାଧୁ
ଅଗତ ହୋଇଣ ନାଚନ୍ତି ଯହିଁ ଗଣିକା ବଧୂ ।
ମୁରଜ ଘାତକୁ ଜରଜ ଜରଜ ଯେ ଭମକେ
ତ୍ରିପୁରମୋହରୁ ବୋଲନ୍ତି ସେ କି ନୃତ୍ୟ ଝମକେ ।
ଗୋପୀ ଗୋପୀନାଥ ସୁବେଶ ସବୁ ଅଦେଶ ନୃତ୍ୟେ
ଅତି ବିଦଗଧ ମାଧବ ତୋଷେ ଚାତୁରି ବତ୍ତେଁ ।
ହରି ହରି ଧ୍ୱନି ହୁବତେ ଶୁଭେ ଅନବରତ
ଦଣ୍ଡଧର ଦଣ୍ଡ ଖଣ୍ଡନ କରେ ଦଣ୍ଡକ ମାତ୍ର ।
ଚନ୍ଦନ ସଦନମାନଙ୍କୁ ଦେହୁ କରି ଅଛନ୍ତି
ବାସ ବାସରେ ସାମନ୍ତଙ୍କ କାମିନୀ ଏ ଦେଖନ୍ତି ।
ବାତାୟନ ଫାଟଣି ନୟନ ଦେଇ ନିକଟେ ରୁହୁଁ
ସଲିଳ ସଲିଳ ଭ୍ରମଣ ଯଶ ବନ୍ଧୁର ତହିଁ ।"

ପ୍ରେମସୁଧାନିଧି କଥା ଏ ପ୍ରସଙ୍ଗରେ ବହୁ ଅଧିକ ସମୟ ନେବାକୁ ଇଚ୍ଛା କରୁ ନାହିଁ । କାରଣ କାବ୍ୟର ପ୍ରତ୍ୟେକ ଛନ୍ଦରେ

କବି ଏକ ଏକ ସ୍ୱତନ୍ତ୍ର ଅଳଙ୍କାର ପ୍ରୟୋଗ କରି, ବର୍ଣ୍ଣନାରେ ଯେଉଁ ବୈଚିତ୍ର୍ୟ ଓ ପରାକାଷ୍ଠା ଦେଖାଇଛନ୍ତି, ତାହା କହି ହେବ ନାହିଁ । ତେବେ ପ୍ରସଙ୍ଗ ଅନୁରୋଧରେ କବିଙ୍କର ରତିକ୍ରୀଡ଼ା ବର୍ଣ୍ଣନାରେ ମଧ୍ୟ ରୂପକ ଅଳଙ୍କାର ସାହାଯ୍ୟରେ ବର୍ଣ୍ଣନା କରିଛନ୍ତି । ପୁରୁଷାୟିତର ଉଲ୍ଲେଖ ଦେବାକୁ ଯାଇ କବି ନିମ୍ନ କ୍ରମେ କହିଛନ୍ତି ।

"ମତ୍ତେ ରମଣୀ ରତେଁ ବିପରୀତ
ଲାସ୍ୟ ଅବନୀ ପ୍ରକାର ଶୋଭିତ ।
ମଞ୍ଜୁ ରସନା ବାଦ୍ୟ ପ୍ରବର୍ତ୍ତିଲା
ବେଣୀ ନର୍ତ୍ତକୀ ସତେ ନାଚିଲା ।
ତାହା ଶିଷ୍ୟ ନାସାମଣି ନର୍ତ୍ତନ
ହାର ଅବମ୍ବିଲା ସେହୁ ବିଧାନ ।
କୁଚ ମର୍ଦ୍ଦନ ହୋଇଲା ତାଡ଼ିତ
ନାନା ଧ୍ୱନିଟି ତେନା ତେନା ସତ ।"

ଭଞ୍ଜୀୟ ରଚନାର ଅଟ୍ଟୋପମୟ ଅବଦାନ 'ସୁଭଦ୍ରା ପରିଣୟ' ଓ 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' ସମ୍ପର୍କରେ ବର୍ଣ୍ଣନାପାଟବ ଯେତେ କଣି ବା କହିବ ? ଯେଉଁ ଅଙ୍ଗେ ଅଙ୍ଗ ଟପାଇଲେ ମଧ୍ୟ ଅଭିନବ ବିନ୍ୟାସ ଓ ସଂଯୋଜନା । ତଥାପି ପ୍ରଲୋଭନ ସମ୍ବରଣ କରି ନ ପାରି କୋଟିବ୍ରହ୍ମାଣ୍ଡ ସୁନ୍ଦରୀରୁ ଏ ପଦ ଉଦ୍ଧାର କରୁଛି । ସଖୀମାନେ ନାଗରୀ କୋଟିବ୍ରହ୍ମାଣ୍ଡ ସୁନ୍ଦରୀକୁ ପଣ୍ଡିମାଦବଶ ଭରସାରେ ସେ ରୂପର ଦର୍ଶକବୃନ୍ଦର ନୃତ୍ୟସ୍ଥଳୀ ହେଲା ଏବଂ ନିଜେ ନର୍ତ୍ତକୀ ହେଲା ତାହା ନିମ୍ନକ୍ରମେ ନୈଷଧୀୟ ପ୍ରଣାଳୀରେ କହିଛନ୍ତି—

"ନୋହିଲା କାମ୍ପା ସେ କହିଲା ଖରେ, ନୂପୁର ବାନ୍ଧିଛି ଚରଣ ଯୁଗେ
କେଉଁ ଅଛି ଶିଖେ ରହସ୍ୟସ୍ଥଳ, ଗୈଲ ଟେକାଲେ ରଖି କୁଚ ମର୍ଦ୍ଦଳ
ଜାଣି ଭାଗ୍ୟବନ୍ତ ସଙ୍ଗୀତ ପ୍ରବୀଣେ କହିବ ଦାଣ୍ଡ ।"

ପୁନଶ୍ଚ ୧୯ଶ କାବ୍ୟର ୨୦ ଛାନ୍ଦଟି ଶୁକ ସାରୀଙ୍କ କଥୋପକଥନରେ ଲିଖିତ । ପ୍ରତ୍ୟେକ ପଦ ଭୂପାଳ ଓ କଳହଂସ କେଦାର ଉଭୟ ରାଗ ଓ ବିଭିନ୍ନ ଅର୍ଥଜ୍ଞାପକ କବିପୁଙ୍ଗବ ଉପେନ୍ଦ୍ରଙ୍କର ହସ୍ତ ପରଶମଣି ସଦୃଶ । ତାର ସ୍ପର୍ଶରେ ଜଡ଼ ସଞ୍ଚରଣଶୀଳ ହୋଇ ପାରୁଛି । ଅସୁନ୍ଦର ସୁନ୍ଦର ହୋଇଛି । କବି ବାହ୍ୟ ପ୍ରକୃତି ଓ ମନୁଷ୍ୟର ରୂପଶ୍ରୀ କଥନରେ ପ୍ରବୀଣ ଥିଲେ । ଯଦିଓ ମନୁଷ୍ୟଜୀବନର ସୂକ୍ଷ୍ମ-ତନ୍ତ୍ରୀରେ କରଚାଳନା ତାଙ୍କ ପକ୍ଷେ କଷ୍ଟସାଧ୍ୟ ଏବଂ ସ୍ଥଳ ବିଶେଷରେ ଅସମ୍ଭବ ହୋଇଥିଲା, ତଥାପି ତାର ବାହ୍ୟରୂପ ଓ ପରିଦୃଶ୍ୟମାନ ବ୍ୟାପ୍ତ ପ୍ରକୃତିର ସାଧାରଣ ସୌନ୍ଦର୍ଯ୍ୟକୁ ନାନା ଅଳଙ୍କାର ଓ ତର୍କଣା ସାହାଯ୍ୟରେ ଯେପରି ମନୋଜ୍ଞଭୂତ ପ୍ରଦାନ କରିଛନ୍ତି ତାହା ଭୁଲିବାର କଥା ନୁହେଁ । ଲାବଣ୍ୟବତୀର ସରୋବର, ବୈଦେହୀଶ ବିଳାସରେ ବର୍ଣ୍ଣିତ ବନ ପ୍ରଦେଶ, ସୁଭଦ୍ରା ପରିଣୟରେ ରୈବତ ଓ ରାଜାମାନଙ୍କର ଯୁଦ୍ଧ ଯାତ୍ରା ପ୍ରଭୃତି ବର୍ଣ୍ଣନାରେ କବିଙ୍କ ପ୍ରତିଭାର ସୁନ୍ଦର ଅଭିବ୍ୟକ୍ତି ଘଟିଛି । ପ୍ରକାଶନ ଶକ୍ତିହିଁ କବିର ଶ୍ରେଷ୍ଠ ସମ୍ପଦ । ସେ ଅନୁଭବ କଲେ ଯଥେଷ୍ଟ ହୁଏ ନାହିଁ । ଅପରକୁ ନାନା ଉଦାହରଣ ଓ ବାକ୍ୟ ବିନ୍ୟାସ ମଧ୍ୟରେ ଅନୁଭବ କରାଇ ପାରିଲେ ତା'ର କବି ଜୀବନ ସାର୍ଥକ ହୁଏ । ମହାକବି କାଳିଦାସଙ୍କ ସିପ୍ରା, ହିମାଳୟ, ପମ୍ପା ସରୋବର, ଗଙ୍ଗା-ଯମୁନା ସଙ୍ଗମ ପାଠକ ନିକଟରେ ଯେପରି ପ୍ରତୀତ ହୁଅନ୍ତି ତାହା ବର୍ଣ୍ଣନାର ଅତୀତ । କେବଳ କାଳିଦାସହିଁ ତାର ପ୍ରତିଚ୍ଛବି ମୁଖରେ ଧାରଣ କରି ପାରିଥିଲେ, ଅନ୍ୟକେହୁ ନୁହେଁ । ସେହିପରି ଉପେନ୍ଦ୍ରଙ୍କ ବିରାଟ ସାହିତ୍ୟ ସୃଷ୍ଟିରେ ତାଙ୍କର

ବର୍ଣ୍ଣନା ଓ ପ୍ରକାଶନଭଙ୍ଗି ଦାରିଦ୍ର୍ୟ ଅଦୌ ଧରାପଡ଼େ ନାହିଁ । ଅବଶ୍ୟ ଉଚ୍ଚଭାଷୀର ପାଠକଗଣ ତାଙ୍କର ସଂସ୍କୃତ ସାହିତ୍ୟ ଜ୍ଞାନକୋଷରେ ଋଣଗ୍ରସ୍ତ ଅବସ୍ଥାର ଉଲ୍ଲେଖ କରନ୍ତି । ତଥାପି ସେମାନଙ୍କର ମନେ ରଖିବା ଉଚିତ ଯେ ଉପେନ୍ଦ୍ରଙ୍କର ପ୍ରକାଶନଭଙ୍ଗି ମୌଳିକତା ଏତେ ଉତ୍କୃଷ୍ଟ ଥିଲା ଯେ ସେସବୁ ଧାର ଉଧାରକୁ ହଜମକରି ଅନ୍ୟର କାହାରି କାହାରି ଉପରେ ଦାଦନ ଲଗାଇ ପାରୁଥିଲେ ।

ଲାବଣ୍ୟବତୀର ୩୪ ଛାନ୍ଦରେ କେଳିପୁର ବାହୁଡ଼ା ଲାବଣ୍ୟବତୀକୁ ସଖୀମାନଙ୍କ ପରିହାସ ବର୍ଣ୍ଣନାରେ କବିଙ୍କର ମୌଳିକତା ଓ ରସାଳତା, ବିବାହବର୍ଣ୍ଣନାରେ—

"ଦ୍ୱିଜେ ଯଜ୍ଞେ ନାରୀ କେଳିବାଦୀ ସ୍ତବନେ
ବରୁଣ ନିବେଶିଲେ ତାହାକୁ ଦହନେ ।
ମଧୁଶଯ୍ୟା କାଳରେ ଯେ ତେଜ୍ୟା କରିବାକୁ
ଲଜ୍ଜ୍ୟା ହୋଇ ନ କଲେଟି ଦହିଲେ ଲଜ୍ଜ୍ୟାକୁ ।
ସାତ ଦୀପରେ ଯାହା କହାଇଲେ
ସାତ ଦ୍ୱିଗୁଣ ସୁନ୍ଦରୀ ବୋଲଇଲେ ।"

## ପ୍ରକୃତି ଚିତ୍ରଣ

ସାହିତ୍ୟର ଉପଜୀବ୍ୟ ବିଷୟ ମଧ୍ୟରେ ମାନବଜୀବନ ପ୍ରକୃତି ଓ ପରମେଶ୍ୱର ପ୍ରଧାନ ସ୍ଥାନ ଅଧିକାର କରନ୍ତି । ସାହିତ୍ୟର ଏହି ଉପାଦାନଗୁଡ଼ିକ ପରସ୍ପରର ପରିପୂରକ । ଅବଶ୍ୟ ସଭ୍ୟତାର ବିକାଶ ଯେପରି ମନୋବିଜ୍ଞାନର କ୍ରମପ୍ରସାର ଫଳରେ ନାନାବାଦ ନୀତି ଓ ଦର୍ଶନର ଜନ୍ମ ହେଲା ଏବଂ ସାହିତ୍ୟ ମଧ୍ୟକୁ ସେଗୁଡ଼ିକ ପ୍ରବେଶ କଲା । କିନ୍ତୁ ପ୍ରଥମତଃ ପ୍ରକୃତି, ଈଶ୍ୱର ଓ ମନୁଷ୍ୟ ଜୀବନ ଥିଲା ସାହିତ୍ୟର ପ୍ରଧାନ ଉପଜୀବ୍ୟ । ସାହିତ୍ୟ ମନୁଷ୍ୟ ଜୀବନର ପରମ ସାର୍ଥକତା ହେଲେ ମଧ୍ୟ ଏହା ସହିତ ମନୁଷ୍ୟ ପ୍ରକୃତି ଅପେକ୍ଷା

ଅଧିକ ପୂର୍ବରୁ ପରବର୍ତ୍ତୀ ନୁହେଁ । ପ୍ରକୃତିର ରଙ୍ଗମଞ୍ଚ ଉପରେ ତାଙ୍କ କ୍ଷୁଦ୍ର ଜୀବନର ଅଭିନୟକଳାର ଅଭିଜ୍ଞତା, ଜ୍ଞାନ ଓ ଭାବଧାରାହିଁ ମନୁଷ୍ୟର ସାହିତ୍ୟ । ଜୀବନକୁ ଜାଗତିକ ଅନ୍ୟ ସମସ୍ତ ଉପାଦାନ ଓ ଶକ୍ତିଠାରୁ ପୃଥକ କରି ଆଲୋଚନା କଲେ ତାହାର ପୂର୍ଣ୍ଣତା ଉପଲବ୍ଧି ହୁଏ ନାହିଁ ।

ଏହି ଦୃଷ୍ଟିରୁ ଅଜ୍ଞ ନୁହେଁ, ସାହିତ୍ୟର ପ୍ରଥମ ଅବସ୍ଥାରୁ ପ୍ରକୃତି ମଧ୍ୟ ମାନବ ଜୀବନ ସହିତ ତାହାର ଆଲୋଚ୍ୟ ବସ୍ତୁ ଥିଲା । କେବଳ ଯୁଗର ଅଗ୍ରଗତିରେ, ମନୋରାଜ୍ୟର ଅଧିକ ବିକାଶରେ ଦର୍ଶନର ବ୍ୟାପ୍ତିରେ ଏହିପରି ଦୃଶ୍ୟମାନ ପ୍ରକୃତିକୁ ଆଖିଏକ ଚାହିଁବାରେ, ମନ ଲଗାଇ ଚିନ୍ତା କରିବାରେ ଯେଉଁ ଫରକ ଆସିଲା, ତାହାହିଁ ସାହିତ୍ୟରେ ତାର ସ୍ଥାନ ଭିନ୍ନ ଯୁଗରେ ଭିନ୍ନ ପ୍ରକାର ନିର୍ଦ୍ଦେଶ କଲା । ପ୍ରକୃତିର ଶ୍ୟାମଶ୍ରୀ ମାନବକୁ ଯେତିକି ପ୍ରୀତହସ୍ତ କରୁଛି, ତାର କମନୀୟତାରୁ ମନୁଷ୍ୟ ତତୋଧିକ ଆହ୍ଲାଦ ଲାଭ କରୁଛି । ତେଣୁ ପ୍ରକୃତିର ଯେଉଁ ମୌଳିକ ରୂପ ଓ ସୌନ୍ଦର୍ଯ୍ୟ ତାର ଏକ ସ୍ୱାତନ୍ତ୍ର୍ୟ ଅଛି । ତାହା କେବଳ ସୁନ୍ଦର; କିନ୍ତୁ ତାର ଅନ୍ୟଦିଗ ହେଉଛି ପ୍ରସାରଣଶୀଳ ସୌନ୍ଦର୍ଯ୍ୟ । ତୁଳନୀୟ ଶୋଭାଶ୍ରୀ, ଶିକ୍ଷଣୀୟ ସହୃଦୟତା ଭିନ୍ନ ଭିନ୍ନ ଯୁଗରେ ପୃଥିବୀର ପ୍ରତ୍ୟେକ ଦେଶର କବି ପ୍ରକୃତିକୁ କେବଳ ସୌନ୍ଦର୍ଯ୍ୟର ଆଧାର ରୂପେ ନ ଦେଖି ତାକୁ ଶିକ୍ଷୟିତ୍ରୀ, ଧାତ୍ରୀ ପ୍ରଭୃତି ନାନା ଭାବରେ ଦେଖିଛନ୍ତି । ଯାହାହେଉ ପ୍ରକୃତିକୁ ଛାଡ଼ି ଯେ ସାହିତ୍ୟରଚନା ଅସମ୍ଭବ, ଏହା ସ୍ୱୀକାର କରିବାକୁ ପଡ଼େ ଏବଂ ସାହିତ୍ୟର ପ୍ରଥମ ଅବସ୍ଥାରେ ମନୁଷ୍ୟର ଅଙ୍ଗର କାର୍ଯ୍ୟର ଭିନ୍ନ ଭିନ୍ନ ଅଂଶକୁ ଉପମା ରୂପକ ସାହାଯ୍ୟରେ ପ୍ରକୃତି ସଙ୍ଗେ ତୁଳନା ଓ କଳ୍ପନା କରାଯାଉ ଥିଲା । ଅତି ବେଶୀ ହେଲେ ପ୍ରଭାତ, ସଂଧ୍ୟା, ନଦୀ, ପର୍ବତ, ଚନ୍ଦ୍ର, ସୂର୍ଯ୍ୟ ପ୍ରଭୃତି ପ୍ରାକୃତିକ

ବିଷୟର ସାଧାରଣ ବର୍ଣ୍ଣନା କରାଯାଇଥିଲା । ପ୍ରକୃତି ଦର୍ଶନରେ ଦାର୍ଶନିକଦୃଷ୍ଟିକୋଣ ସାହିତ୍ୟ, ଇତିହାସ ଦୃଷ୍ଟିରୁ ଖୁବ୍ ଉଚ୍ଚ ଧରଣର ।

ଭାରତୀୟ ସାହିତ୍ୟମାନଙ୍କର ଆଦର୍ଶସ୍ଥାନୀୟା ସଂସ୍କୃତ ସାହିତ୍ୟରେ କାଳିଦାସ, ମାଘ, ଶ୍ରୀହର୍ଷ, ଭବଭୂତି ପ୍ରଭୃତି ମହାକବିଗଣ ପ୍ରକୃତିର ଏହି ସାଧାରଣସୌନ୍ଦର୍ଯ୍ୟକୁ ବର୍ଣ୍ଣନା କରିଛନ୍ତି ସତ୍ୟ, ହେଲେହେଁ ସେ ବର୍ଣ୍ଣନାର ମୌଳିକତା ଓ ଭଙ୍ଗୀ ଏତେ ଉନ୍ନତ ସ୍ତର ଯେ ପ୍ରକୃତିରଦାର୍ଶନିକ ବ୍ୟାଖ୍ୟା ତା ନିକଟରେ ଛିଡ଼ା ହୋଇ ନ ପାରେ । ଅବଶ୍ୟ ସେମାନଙ୍କ ବର୍ଣ୍ଣିତ ପ୍ରକୃତି ଯେ କେବଳ ସାଧାରଣ ଚେହେରା, ତାହା ନୁହେଁ । ସେ ପ୍ରକୃତି ଜନନୀ ସ୍ଥାନୀୟା, ବନ୍ଧୁ ସ୍ଥାନୀୟା ଓ ସମବେଦନା ପ୍ରବଣ । କାଳିଦାସଙ୍କର ଶକୁନ୍ତଳା ଶ୍ୱଶୁରାଳୟଗମନକାଳୀନ ଓ ସୀତାଙ୍କର ବାଲ୍ମୀକି ଆଶ୍ରମ ପ୍ରବେଶ କାଳୀନ ଦୃଶ୍ୟ ଏହାର ଉଜ୍ଜ୍ୱଳ ଦୃଷ୍ଟାନ୍ତ । କାଳିଦାସଙ୍କର ମେଘଦୂତରେ ବର୍ଣ୍ଣନା ଯେ କୌଣସି ଭାବୁକକୁ ଆଜି ମଧ୍ୟ ଭାବର ବନ୍ୟା ପକାଏ । କାରଣ ସେ ବର୍ଣ୍ଣନାରେ ଜୀବନ ଅଛି, ଶକ୍ତି ଅଛି । ସଂସ୍କୃତ ସାହିତ୍ୟର ଏହି ପ୍ରକୃତି ବର୍ଣ୍ଣନା ରୂପକ ସମ୍ପଦ ଆମର ପ୍ରାଦେଶିକ ସାହିତ୍ୟମାନଙ୍କରେ ଆଶା କରିବା ବୃଥା । କାଳିଦାସଙ୍କ ଋତୁସଂହାରର ଛଅ ପଦେ ବର୍ଣ୍ଣନା ମଧ୍ୟରେ ଏକ ଋତୁର ସୁନ୍ଦର ବର୍ଣ୍ଣନା ହୋଇ ପାରିଛି । ମାତ୍ର ସେଭଳି ବର୍ଣ୍ଣନା ଆମ ସାହିତ୍ୟର ବିଶାଳ ଋତୁବର୍ଣ୍ଣନା ମଧ୍ୟରେ ଦେଖାଯାଏ ନାହିଁ । ଅବଶ୍ୟ ରାଧାନାଥ ଯୁଗ କଥା ସ୍ୱତନ୍ତ୍ର । କାରଣ ଗଙ୍ଗାଧରଙ୍କ କୃତିରେ ସମ୍ଭବ ହୋଇ ପାରିଥିଲା । ଯାହାହେଉ ଆମର ଉତ୍କଳ ସାହିତ୍ୟର କାବ୍ୟ ଯୁଗରେ ପ୍ରକୃତି ବର୍ଣ୍ଣନାର ଯେଉଁ ରୂପ ମିଳେ ତାହା ପ୍ରକୃତିର ସାଧାରଣ ବର୍ଣ୍ଣନା । ନଦୀ, ପର୍ବତ, ସାଗର, ପ୍ରଭାତ, ସନ୍ଧ୍ୟା, ବସନ୍ତ, ବର୍ଷା ପ୍ରଭୃତି ଋତୁ

ବନ ଏ ଗୁମ୍ଫାଦିର ବର୍ଣ୍ଣନାତ୍ମକ ଚିତ୍ରଣ ଆମ ପ୍ରାଚୀନ ସାହିତ୍ୟରେ ଦେଖାଯାଏ । ଅବଶ୍ୟ କବିମାନେ ନିଜ ନିଜର ବର୍ଣ୍ଣନା କୌଶଳ ଓ ପ୍ରତ୍ୟକ୍ଷ ଜ୍ଞାନ ଘେନି ଏ ଦିଗରେ ନିଜ ନିଜର ସ୍ୱାତନ୍ତ୍ର୍ୟ ରକ୍ଷି-ଯାଇଛନ୍ତି । କିନ୍ତୁ ସାଧାରଣତଃ ଏ ଦିଗରେ ସମସ୍ତେ ପ୍ରାୟ ସମାନ ।

ଆଲୋଚ୍ୟ କବି ଉପେନ୍ଦ୍ର ସ୍ୱୀୟ ସାହିତ୍ୟରେ ପ୍ରକୃତିକୁ ଅବହେଳା କରି ନାହାନ୍ତି । ତାଙ୍କର ପ୍ରତ୍ୟେକ କାବ୍ୟ କବିତାରେ ଏହାର ଚିତ୍ରଣ ରହିଛି । କବି ଉତ୍କଳର ଯେଉଁ ଅଂଶରେ ଭୂମିଷ୍ଠ ହୋଇଥିଲେ ଏବଂ ଯେଉଁ ଭାଗରେ କାଳାତିପାତ କରୁଥିଲେ ସେଗୁଡ଼ିକ ଉତ୍କଳ ପ୍ରକୃତିର ଲୀଳା ରହସ୍ୟସ୍ଥଳୀ । ଗଞ୍ଜାମର ପର୍ବତମାଳାବେଷ୍ଟିତ ଅରଣ୍ୟଠାରୁ ସୁଦୂରପ୍ରସାରୀ ନୟାଗଡ଼ ପର୍ଯ୍ୟନ୍ତ ବନପ୍ରଦେଶର ପ୍ରାକୃତିକ ସୁଷମା ତାଙ୍କର ସୌନ୍ଦର୍ଯ୍ୟଗ୍ରାହକତା ବୃଦ୍ଧି କରିଥିଲା । ଦ୍ୱିତୀୟରେ ତାଙ୍କର ପରବର୍ତ୍ତୀ ଓଡ଼ିଆ କାବ୍ୟକାରଗଣ ସ୍ୱ ସ୍ୱ ରଚନା-ମାନଙ୍କ ମଧ୍ୟରେ ଉକ୍ତ ଚିତ୍ରଣ ଛଳରେ ପ୍ରକୃତିର ଚିତ୍ର ଦେଖାଇଛନ୍ତି । କବି ସେ ସହିତ ପରିଚିତ ଥିଲେ । ତୃତୀୟରେ କବିଙ୍କ ସଂସ୍କୃତ ସାହିତ୍ୟ ପରିଶୀଳନ କାଳିଦାସ, ଭବଭୂତି ପ୍ରଭୃତି ବର୍ଣ୍ଣନା ପ୍ରତି ତାଙ୍କୁ ଅବହିତ କରିଥିଲା । ଏହି ବେଷ୍ଟନୀ ଓ ଶିକ୍ଷା ଉପେନ୍ଦ୍ରଙ୍କ ପ୍ରକୃତି ବର୍ଣ୍ଣନାରେ ନିଶ୍ଚିତ ଭାବରେ ପ୍ରଭାବ ପକାଇଛି । ହେଲେହେଁ, ତାଙ୍କର ଦୃଷ୍ଟିକୋଣ ସ୍ୱତନ୍ତ୍ର ଥିଲା । ସଂସ୍କୃତ କବିମାନଙ୍କ ସମକକ୍ଷ ନ ହେଲେ ମଧ୍ୟ ସ୍ଥଳବିଶେଷରେ ତାଙ୍କର ବର୍ଣ୍ଣନା ଅତି ଉଚ୍ଚକୋଟୀର ହୋଇଛି । ସୁଭଦ୍ରାପରିଣୟ କାବ୍ୟରେ କବି ରୈବତ, ପ୍ରେମସୁଧା-ନିଧିରେ ଇଳାବୃତ୍ତଖଣ୍ଡ, ବୈଦେହୀଶବିଳାସରେ ଚିତ୍ରକୂଟ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀରେ ହିମାଳୟ ପାଦଦେଶର ବର୍ଣ୍ଣନା କବିଙ୍କ ପ୍ରକୃତି ପର୍ଯ୍ୟବେକ୍ଷଣଶକ୍ତିର ପରିଚୟ ଦେଇଥାଏ । ସୁଭଦ୍ରା ପରିଣୟରେ କବି ରୈବତ ପର୍ବତ ବର୍ଣ୍ଣନା, କୁମାରସମ୍ଭବବର୍ଣ୍ଣିତ

ହିମାଳୟର ସମକକ୍ଷ ହୋଇ ପାରନ୍ତି ବୋଲି ମନେହୁଏ । କବି ସମକେଶୀ ସ୍ୱର ସଂଯୋଗରେ ଏହି ବର୍ଣ୍ଣନା କରିଛନ୍ତି । ଧାରଣା ସୁସ୍ପଷ୍ଟ କରିବା ଲକ୍ଷ୍ୟରେ ନିମ୍ନାଂଶରେ ଉଦ୍ଧାର କଲି—

"ସ୍ୱତ ଅବନୀ ବନିତାର ସ୍ତନ ଶୋଭା ପାଉଛି
ସୁତୁଙ୍ଗ କଠୋର ଦୁର୍ଲ୍ଲଭ ଶିଣାଗୁଣ ବହୁଛି ।
ସ୍ୱଚ୍ଛେ ଭେଦିଁ ଶୃଙ୍ଗେ ପ୍ରକାଶ ମାନ ମାଣିକ୍ୟଜ୍ୟୋତି
ସ୍ୱର୍ଣ୍ଣ ଉପରକୁ ତୋଳନ୍ତି କି ସେ ଲୋହିତବଦନୀ ।
ଶବର ଶବରୀମାନେ ଯେ ବିଳସନ୍ତି ସାନୁରେ,
ସୁଧାକର ଅତି ସମୀପେ ରହେ ଦୀପଭାବରେ ।
ଶାବକ ତାଙ୍କର ସ୍ୱନୀରେ ଖେଳା କରନ୍ତି କରେ,
ଶଶାଂକ ହରିଣାଙ୍କୁ ଅଇଁସନ୍ତି ସ୍ୱଚ୍ଛରେ ।
ସିଂହ ବିଦାରଣ ବାହର ମୋତି ପତନ ତହିଁ,
ସାଉଁଟିଲି ପକ୍ଷ ବଦାସ୍ତ ସଙ୍ଗେ ବିକନ୍ତି ନେଇ ।
ସଂଗ୍ରାମରେ କରି ଉସ୍ତର ଦନ୍ତ ଚୂର୍ଣ୍ଣ ପତନ,
ସଜଧେ ବିଭୂତ ଭ୍ରମରେ ତା ଦୁଅନ୍ତି ଲେପନ ।
× × × ×
ସ୍ଫଟିକ ଶିଳାରେ ଚଢ଼ନ୍ତି କପି ବିମ୍ବ ଅନାଇଁ,
ଶ୍ୱାପଦେ ଅଶନ ଲୋଭରେ ମାଡ଼ି ବସନ୍ତି ତେଇଁ",

ସହିତ—

ନ୍ୟସ୍ତାକ୍ଷରା ଧାତୁରସେନ ଯତ୍ର 'ଭୂର୍ଜତ୍ୱଚଃ କୁଞ୍ଜରବିନ୍ଦୁଶୋଣା
ବ୍ରଜନ୍ତି ବିଦ୍ୟାଧରସୁନ୍ଦରୀଣାଂ ଅନଙ୍ଗ ଲେଖଃ କ୍ରିୟୟୋପଯୋଗଂ'

କବିଙ୍କର ବର୍ଣ୍ଣନା ଶକ୍ତି ଏତେ ମନୋଜ୍ଞ ଓ ବହୁମୁଖୀ ଥିଲା ଯେ ତାହା ଅସ୍ୱୀକାର କରିହେବ ନାହିଁ । ପ୍ରଭାତ, ସନ୍ଧ୍ୟା ଓ ଋତୁରୁ ବର୍ଣ୍ଣନା ତାଙ୍କ କାବ୍ୟମାନଙ୍କର ବିଭିନ୍ନ ଛନ୍ଦରେ

ଏକାଧିକ ବାର ହୋଇଥିଲେ ମଧ୍ୟ ପ୍ରତ୍ୟେକ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ରୂପଧାରଣ କରିଛନ୍ତି । ଏଠାରେ ସେ ସମସ୍ତର ଉଲ୍ଲେଖ କରିବା ଅନ୍ତରଞ୍ଜନ ଓ ସ୍ଥାନାଭାବର ସୂତ୍ରପାତ କରିବ ଭାବି କେବଳ ପ୍ରଭାତ ପ୍ରକୃତି ଉପରେ ଉପେନ୍ଦ୍ରଙ୍କ ଦ୍ୱାରା ଏକାଧିକ ସ୍ଥଳରେ ଭିନ୍ନ ଭିନ୍ନ ରୂପେ ରୂପାୟିତ ତାହା ଦର୍ଶାଉ ଅଛୁ—

ପ୍ରେମ ସୁଧାନିଧିରେ -
“ଏ ସମୟେ ନିଶା ପ୍ରତିହତ, କାଶି ତାରକବ ଛଳେ ସ୍ୱେଦତ,
ନିଟନ୍ତି ବନ୍ଧୁ ଦ୍ୱିଜ ଜଳେ ମଜ୍ଜନ ପ୍ରେତାଞ୍ଜଳି ମାନଙ୍କୁ କଲେ ଦାନ ।
ତାରାଦଳହିଁ ବିଧବା ହୋଇଲେ. ଏଣୁ ମଳିନ ବେଶକୁ ବହିଲେ,
ଭାନୁ ବିଦେଶୀ ପର ଗମନରେ, ଅଧି ପ୍ରବେଶ ହୋଇଲା ବେଳରେ ।
ଦାସୀ କୁଳକୁଳଟି ପକ୍ଷୀ ନାଦ,-ହେଲା ପଦ୍ମିନୀ କାମିନୀ ପ୍ରମୋଦ,
ଚନ୍ଦ୍ରସାର ସନ୍ତାପ ଜଳାଇଲା,-ଶନ୍ତ୍ରା ଅନ୍ଧାର ବାହୁଁ ପଳାଇଲା ।”

ବୈଦେହୀଶ ବିଳାସରେ—
“ବିଧ୍ୱଂସନ ତମସ କ୍ରମଶେ, ବିକଶିନ ଜଦେ ହୋଇ ଆସେ,
ବିଶ୍ୱଚକ୍ଷୁରି ଉଲୁଠାଇ କସ୍ତୁରି ଯେନ କୁଙ୍କୁମ ଗୁଣ୍ଡୁରି ବେଶ ସେ ।
ବିଗ୍ରହେ ।

କୃଷ୍ଣା ବାହାର ଚଢ଼ି କୁଞ୍ଜର, ବୀକଚଣ୍ଡତା ଶିର ସୁନ୍ଦର,
ବହେ ରଙ୍ଗାମ୍ବରେ ଛଇ ଅଡ଼ମ୍ବରେ, ଅମ୍ବରେ କି ଦିଗ ପରିଗ୍ରବରେ ।
ଭିହିକେ ।

ବାହାରିଲେ ଯୌନ୍ଦ୍ର ଏ ଅନନ୍ଦ, ବାଜେ ଦେବାଳୟେ ଘଣ୍ଟ ବୃନ୍ଦ,
ବଟିଲେ ହୋଇଣ୍ଡ ଲଗିଲେ ସନ୍ନିଧିରେ ମୁଣ୍ଡିଲେକ ଦାଉ ହୃଦ ସେ ।
ବାସରେ ।

ବୈଦେହୀଶ ବିଳାସରେ—

“ବିଧୁ ଢୋଲ ଦିଗବେଶ୍ୟା ତେଜିଲେ
ବେଗେ ସବିତା ଭୁବରେ ମଜ୍ଜିଲେ ।
ବନଜିନୀ ଯେ କୁଳଟା ସ୍ୱଭାବେ,
ବିକଶିନ ଉଲ୍ଲାସେ ଭୃଙ୍ଗ ଚୁମ୍ବେ ।
ନଳିନୀଙ୍କ ସତ୍ୟବାକ୍ୟ ରଚନା,
ବିରୁଧେ ଯେ ସେ ବେଶ୍ୟା ବସିନା ।।
ବାୟୁର ସାହୁ ତାଙ୍କୁ ଧେଇଲ,
ବୃନ୍ତ କୋଡ଼େ ଲୁଚେ ହୀନ ଜାତକ ।
ବିଚକ୍ଷଣା କୁମୁଦିନୀ ଦେଖିଲ,
ବିସ୍ମାରିତ ମୁଦ୍ରିତେ ସତୀ ସେହୁ ।
ବସି ନ ପାଇ ନ ବସି ଭ୍ରମର,
ବ୍ୟର୍ଥ ବାଦ ଦେଇ କରେ ହୁଙ୍କାର” । ଇତ୍ୟାଦି

ଏହା ବ୍ୟତୀତ କବି ଅନେକ ସ୍ଥଳରେ ପ୍ରସଙ୍ଗ କ୍ରମେ ସାଂଧ୍ୟ ପ୍ରକୃତିର ବର୍ଣ୍ଣନା ମଧ୍ୟ କରିଛନ୍ତି । କବିଙ୍କର କଳ୍ପନା ଲାବଣ୍ୟବତୀର “ଏଥୁ ଅନ୍ତେ ଦିନବସ ଗ୍ରୀଷ୍ମରେ ଲାଗି ପ୍ରବେଶ” ଛାନ୍ଦର ପ୍ରଥମାଂଶରୁ ଅନୁମେୟ ।

ଉପେନ୍ଦ୍ରଙ୍କର ଏହିପରି ଭାବରେ କାବ୍ୟଗ୍ରନ୍ଥର ବିଶାଳ ଗଣ୍ଡି ମଧ୍ୟରେ ପର୍ବତ, ନଦୀ, ସନ୍ଧ୍ୟା, ପ୍ରଭାତ ପ୍ରଭୃତିର ସାଧାରଣ ବର୍ଣ୍ଣନା ପ୍ରାୟ ରହିଛି । କିନ୍ତୁ ବର୍ଣ୍ଣନାଗତ ବୈଶିଷ୍ଟ୍ୟ ଦୃଷ୍ଟିରୁ କାପରି ପ୍ରକୃତି ମଧ୍ୟରେ ତାହା ଅପେକ୍ଷ୍ୟ, ପ୍ରକୃତିର ଏହି ବିବିଧ ବୈଦେହୀଶ ବିଳାସରେହିଁ ଦେଖିବାକୁ ମିଳେ । ସତ୍ୟସନ୍ଧ ପ୍ରଶାନ୍ତ ହୃଦୟ ରାମଚନ୍ଦ୍ର ବିମଳଚିତ୍ତରେ ବନଗାମୀ ହେବା ପରେ ଯେଉଁ ବନବାସଜୀବନ ଯାପନ କରିଥିଲେ, ସେଥିରେ ପ୍ରକୃତିର

କାର୍ଯ୍ୟ କାହାଣୀ କେତେ ପାଠକ ନିକଟରେ ସ୍ପଷ୍ଟ ପ୍ରତୀତ ହୁଏ । ସେମାନଙ୍କର ଉପସ୍ଥିତ ବିପଦରେ ସାହାଯ୍ୟ ଦେବାପାଇଁ, ପଶୁ, ପକ୍ଷୀ, କୀଟ, ତରୁଲତା ସମସ୍ତେ ଅଗ୍ରସର ହୋଇ ବାହାର ପଡ଼ିଛନ୍ତି, ଏପରିକି କବି ରାମଚନ୍ଦ୍ରଙ୍କ ସହିତ ବକ, ଜଟାୟୁ, କୁକ୍କୁଟର କଥୋପକଥନ କରାଇଛନ୍ତି । ମୋର ଧାରଣା କାଳିଦାସ ହିଁ ଏଭଳି ପଶୁପକ୍ଷୀଙ୍କ ଠାରେ ଏରୂପ ମନୁଷ୍ୟ ସୁଲଭ ଗୁଣ ଆରୋପ କରି ନାହାନ୍ତି ।

ଏଭଳି ଆରୋପରେ ଜଗତର ମୂଲ୍ୟ ଏଠାରେ ନିର୍ଦ୍ଧାରିତ ହେବାର ପ୍ରଶ୍ନ ଉଠେ ନାହିଁ । କେବଳ ଆମେ ଦେଖିବାକୁ ପାଉଛୁ କି ସ୍ଥାବର, କି ଜଙ୍ଗମ ସମସ୍ତେ ନିଃସହାୟ ରାମଚନ୍ଦ୍ରଙ୍କ ପ୍ରତି ଅନୁବେଦନା ଜ୍ଞାପନ କରିଥିଲେ । ମନୁଷ୍ୟର ସୁଖ ଦୁଃଖରେ ଜଡ଼ ଜଗତରେ ପ୍ରାଣସଂଚାର ଓ ହର୍ଷ ବିଷାଦ, ବିସ୍ମୟର ସୂଚନା ବାସ୍ତବରେ କବି ସୃଷ୍ଟିର ଏକ ବିଶେଷତ୍ୱ । ମହାକବି କାଳିଦାସ ଶକୁନ୍ତଳାଙ୍କ ବନଗମନ କାଳରେ, ପରିତ୍ୟକ୍ତା ସୀତାଙ୍କ ବନବାସ କାଳରେ ଓ ପାର୍ବତୀଙ୍କ ଜନ୍ମକାଳରେ ଜଡ଼ ପ୍ରକୃତି ଦେହରେ ଯେଉଁ ଜୀବନୀଶକ୍ତିର ସଂଚାର କରିଛନ୍ତି, ତାହାଙ୍କ ସର୍ଜନାଶକ୍ତିର ସୂକ୍ଷ୍ମତମ ବିକାଶ ଭିନ୍ନ ତାହା ଅନ୍ୟ କିଛି ନୁହେଁ । ପାର୍ବତୀଙ୍କ ଜନ୍ମପରେ ସମଗ୍ର ଦୃଶ୍ୟମାନ ଜଗତ ଓ ବନଭୂମି କିପରି ଉଲ୍ଲସିତ ହୋଇଥିଲା କାଳିଦାସ ତାହା ନିମ୍ନକ୍ରମେ ବର୍ଣ୍ଣନା କରିଛନ୍ତି ।

“ପ୍ରସନ୍ନ ଦିକ୍ ପାଂଶୁ ବିବିକ୍ତ ବାତମ୍ ଶଙ୍ଖ ସ୍ୱନାନନ୍ତର ପୁଷ୍ପବୃଷ୍ଟିଃ
ଶରୀରିଣାଂ ସ୍ଥାବର ଜଙ୍ଗମାନାମ୍ ସୁଖାୟ ତତ୍ ଜନ୍ମଦିନଂ ବଭୂବ”,

ଶକୁନ୍ତଳାରେ ବନଲତା ତାଙ୍କ ପତିଗୃହ ଗମନରେ ସମ୍ବର୍ଦ୍ଧନା ଜଣାଇଛନ୍ତି । କାଳିଦାସ ତାକୁ ନିମ୍ନକ୍ରମେ ପ୍ରକାଶ କରିଛନ୍ତି—

"ପାତୁଂ ନ ପ୍ରଥମଂ ବ୍ୟବସ୍ୟତି ପୁନଃ ଯସ୍ମାସ୍ୱପି ତେଂୟୁଯା
ନାଦତ୍ତେ ପ୍ରିୟ ମଣ୍ଡନାପି ଭବତାଂ ସ୍ନେହେନ ଯାପଲ୍ଲବଂ
ଅଦ୍ୟୈବଃ କୁସୁମ ପ୍ରସୁତି ସମୟେ ଯସ୍ୟା ଭବତ୍ୟୁତ୍ସବଃ
ସେୟଂ ଯାତି ଶକୁନ୍ତଳା ପତିଗୃହ ସର୍ବୈ ରନୁଜ୍ଞାୟତାଂ ।"

ଲାବଣ୍ୟବତୀ ୫ମ ଛାନ୍ଦର ୨୬ ପଦଠାରୁ ୨୯ ପଦ ମଧ୍ୟରେ

ଉପେନ୍ଦ୍ର ବସନ୍ତ ବିଳାସରେ ପ୍ରକୃତିର ଗ୍ରାହିକାଶକ୍ତି ଓ ସହାନୁଭୂତିର ବର୍ଣ୍ଣନା କରିଛନ୍ତି । ହେଲେହେଁ କାଳିଦାସଙ୍କ ସଦୃଶ ବାସ୍ତବରେ ଏ ରୂପ ବର୍ଣ୍ଣନା ଉପେନ୍ଦ୍ର କରିପାରି ନାହାନ୍ତି । ବରଂ ରାଧାନାଥପ୍ରମୁଖ କବି ରାଧାଧର ଏ ଦିଗରେ ଅଧିକ ଅଗ୍ରଗାମୀ ହୋଇ ପାରିଛନ୍ତି ।

ଅଳଙ୍କାର ସାହିତ୍ୟରେ ପାଶ୍ଚାତ୍ୟ ଦୃଷ୍ଟିଭଙ୍ଗୀ ଯେମିତି ପ୍ରକୃତି ମାନବର ଅନୁଭୂତିର ପୃଷ୍ଠଭୂମିକା ରୂପେ କାର୍ଯ୍ୟ କଲେ । ଦ୍ୱିତୀୟତଃ ପ୍ରକୃତି ସମବେଦନାପରାୟଣ । ଯାହାହେଉ, ତଥାପି ପ୍ରକୃତିରେ ଉପରି ମନୁଷ୍ୟ ଜୀବନର ସମସ୍ତ ପରିପୂରକ ଉପାଦାନ ଅନୁପଲବ୍ଧ ନୁହେଁ, ଏବଂ ଅରଣ୍ୟ ପ୍ରକୃତି ମଧ୍ୟ ମନୁଷ୍ୟକୁ ଉପଯୁକ୍ତ ଭାବରେ ଶାନ୍ତିସଂପଦ ପ୍ରଦାନ କରିପାରେ କବି ତାହା ବୈଦେହୀଶ ବିଳାସରେ ବର୍ଣ୍ଣନା କରିଛନ୍ତି । ଏ ବର୍ଣ୍ଣନା ହେଉଛି ରାମଙ୍କ ମୁଖରେ । ଯେତେବେଳେ ଅଯୋଧ୍ୟାବାସୀମାନେ ତାଙ୍କୁ ରାଜ୍ୟକୁ ଫେରିଯିବାକୁ ପ୍ରବର୍ତ୍ତାଇଛନ୍ତି ସେତେବେଳେ ସେ ଅରଣ୍ୟ ପ୍ରକୃତି ମଧ୍ୟରେ ରାଜ୍ୟ ସୁଲଭ ସାହଚର୍ଯ୍ୟ ଓ ସୁଖଲାଭ କରି ପାରିବେ ବୋଲି ଉତ୍ତର କରିଛନ୍ତି । ଏହି ବର୍ଣ୍ଣନା ପ୍ରକୃତିର ମାନବ ଜୀବନ ପ୍ରତି ପରିପୂରକ ଭାବର ପ୍ରକାଶ ମାତ୍ର । କବି ପ୍ରକୃତିରେ ଏହି ସାଧାରଣ ବର୍ଣ୍ଣନା ବ୍ୟତୀତ ନାରୀ ଅଙ୍ଗକୁ ଓ ନାରୀକୁ ପ୍ରକୃତିର ଏକ ଏକ ଅଂଶରୂପେ କଳ୍ପନା କରିଛନ୍ତି । ଯେପରି କି ନାରୀକୁ

ପୁଷ୍କରିଣୀ, ସାଗର, ତାର ସ୍ତନକୁ ପର୍ବତ, ବେଣୀ ଲହରୀକୁ ଯମୁନା, ଉଦରକୁ ପଦ୍ମପତ୍ର ରୂପେ କଳ୍ପନା କରିଛନ୍ତି । ଏହା ଅଳଙ୍କାର ଶାସ୍ତ୍ର ସମ୍ମତ ହେଲେ ମଧ୍ୟ ଏଥିରେ ବିଶେଷତ୍ୱ ଏହି ଯେ କବି ନାରୀ ଅଙ୍ଗକୁ ପ୍ରକୃତିର ଏକ ଆଦର୍ଶବିକାଶ ଅଥବା ଅଭିନ୍ନ ଅଙ୍ଗରୂପେ ଦେଖୁଥିଲେ । ଏହାହିଁ ଉପେନ୍ଦ୍ର ସାହିତ୍ୟରେ ପ୍ରକୃତିଚିତ୍ରଣର ବୈଶିଷ୍ଟ୍ୟ । ନାରୀର ସୌନ୍ଦର୍ଯ୍ୟ ବର୍ଣ୍ଣନ ପାଇଁ ସେ ନଦୀ, ସାଗର, ପର୍ବତ, ଚନ୍ଦ୍ର, ସୂର୍ଯ୍ୟ, ପଶୁ, ପକ୍ଷୀ, ଫୁଲ, ଫଳ ସମସ୍ତର ସାହାଯ୍ୟ ନେଉଥିଲେ । ତର୍କଣା ଓ ଆରୋପବଳରେ ନିଜର ଉଦ୍ଦେଶ୍ୟ ସାଧନ କରୁଥିଲେ ଏ ଦିଗରେ ସୁଭଦ୍ରା ପରିଣୟର ୪ର୍ଥ ଛାନ୍ଦରେ କବି ଅଦ୍ଭୁତ ରୂପକ ସାହାଯ୍ୟରେ ସୁଭଦ୍ରାଙ୍କୁ ସାତ ଜାତି ଫଳ ଫୁଲ ଓ ପକ୍ଷୀର ସମନ୍ୱୟ ରୂପେ କଳ୍ପନା କରିଅଛନ୍ତି ।

ପ୍ରକୃତିର ଏହି ସାଧାରଣ ରୂପବ୍ୟତୀତ ଭଞ୍ଜୀୟ ପ୍ରକୃତିର ଅନ୍ୟତମ ବିଶେଷତ୍ୱ ହେଉଛି ଷଡ଼ଋତୁ ବର୍ଣ୍ଣନା । ଏହି ବର୍ଣ୍ଣନା କେବଳ ଉପେନ୍ଦ୍ର ତାଙ୍କ ସେ କାଳର ସମସ୍ତ ପୂର୍ବତନ କବିମାନଙ୍କ କୃତିରେ ଦେଖାଯାଏ । ଏ ଯୁଗରେ ମଧ୍ୟ ମଧୁସୂଦନ ଷଡ଼ଋତୁର ରଚନା କରିଥିଲେ । ଷଡ଼ଋତୁ ପ୍ରକୃତିର ଅନ୍ୟତମ ଅଂଶ । ପ୍ରାକୃତିକ ବିଭବ ଓ ସୌନ୍ଦର୍ଯ୍ୟକୁ ଷଡ଼ଋତୁ କାଳଭେଦରେ ବିଭିନ୍ନ ରସାଣରେ ରସାଣିତ କରିଥାଏ । ଗ୍ରୀଷ୍ମ, ବର୍ଷା, ଶରତ୍ ହେମନ୍ତ ଶୀତ ଓ ବସନ୍ତ ପ୍ରତ୍ୟେକ ଋତୁର ସ୍ୱତନ୍ତ୍ର ବିଭବ ପ୍ରକୃତିକୁ ସ୍ୱତନ୍ତ୍ର ଆଭାରେ ଦୀପ୍ତ କରିଥାଏ । ପରିଣାମରେ ମନୁଷ୍ୟର ମନୋଦେଶରେ ସମୟର ଏହି ପରିବର୍ତ୍ତନ, ବାହ୍ୟ ଜଗତର ଏହି ଅଭିନବ ପରିବର୍ତ୍ତନ ସଙ୍ଗରେ ନୂତନ ନୂତନ ଭାବରେ ସଂଗ୍ରଥିତ ହୁଏ । ଜୀବନର କ୍ରିୟାଗୁଡ଼ିକ କାଳଭେଦରେ ବିଭିନ୍ନ ରୂପଧାରଣ କରେ । ମନୁଷ୍ୟ ସେ ସେଥି ଭିନ୍ନ କାଳରେ ଭିନ୍ନ ଭିନ୍ନ ଖାଦ୍ୟ ପେୟ, ଆମୋଦର ଆଶ୍ରୟ ନିଅନ୍ତି । ଏବଂ ତଦ୍ୱାରା ଜୀବନରେ

ପରିବର୍ତ୍ତନର ଧାରା ମଧ୍ୟରେ ନବୀନ ଉତ୍ସାହ ଓ ପ୍ରେରଣା ଲାଭକରି ସୁଖୀ ହୁଅନ୍ତି । ଆମ ଉତ୍କଳ ସାହିତ୍ୟର ପ୍ରଥମ ଅବସ୍ଥାରୁହିଁ ଏ ପ୍ରକାର ଚିତ୍ର ରହିଛି । ବାରମାସୀ ଗୀତ ପ୍ରଭୃତି ଠାରୁ ଆରମ୍ଭ କରି ବୈଷ୍ଣବ ଓ ଛାନ୍ଦ ସାହିତ୍ୟ ପର୍ଯ୍ୟନ୍ତ ସମସ୍ତରେ ପ୍ରାକୃତିକ ଏହି ଋତୁ ଗୁଡ଼ିକ ସହିତ ମନୁଷ୍ୟର ଅନ୍ତର ଗୁଡ଼ିକର ସମନ୍ୱିତ ବର୍ଣ୍ଣନା ରହିଛି । ଏହାହିଁ ଆମ ସାହିତ୍ୟର ବୈଶିଷ୍ଟ୍ୟ । ଅବଶ୍ୟ ବାରମାସୀ, କେଳା କେଳୁଣୀ, ଶବରଶବରୁଣୀ ପ୍ରଭୃତିରେ ଏହି ଭାବର ଯେଉଁ ସରଳ ପ୍ରକାଶ ଥିଲା, ତାହା କାବ୍ୟ ବା ଛାନ୍ଦ ସାହିତ୍ୟରେ ନାହିଁ । ଅଥବା ତାର ମୌଳିକ ସାଧାରଣ ଓ ଗଣଯୋଗ୍ୟ ଭାବ ପରିବର୍ତ୍ତେ ଅନ୍ୟ ଏକ ପ୍ରକାର ଭାବର ସଂଯୋଜନା ହୋଇଛି । ବକ୍ରୋକ୍ତି ଓ ଭାଷା ଚାତୁର୍ଯ୍ୟରେ ତାହା ନୂତନ ରୂପ ଧାରଣ କରିଛି । ତଥାପି ଏ ଷଡ଼ଋତୁ ବର୍ଣ୍ଣନା ସହିତ ଆମ୍ଭେମାନେ ବହୁକାଳରୁ ପରିଚିତ ।

ଉପେନ୍ଦ୍ର ପ୍ରଭୃତି କବିମାନେ ପରଂପରାରେ ବଶୀଭୂତ ହୋଇ ନିଜ ରଚନାର ପ୍ରେମ ପ୍ରସଙ୍ଗ ଗୁଡ଼ିକରେ ଏହି ବର୍ଣ୍ଣନାର ସମାବେଶ କରି ନାୟକ ନାୟିକାମାନଙ୍କର ମନୋବୃତ୍ତିର ବିଶ୍ଳେଷଣ କରିବାକୁ ଚେଷ୍ଟା କରିଛନ୍ତି । ପ୍ରକୃତି ରାଜ୍ୟରେ ଯେଉଁ ପରିବର୍ତ୍ତନ ଓ ନୂତନତ୍ୱ ଆସେ, ତାହା କପରି ବିରହୀ, କାମୀ ନାୟକ ନାୟିକା ଓ ସୁଖୀ ବିଳାସୀମାନଙ୍କ ହୃଦୟରେ ତାଳେ ତାଳେ ନୂତନ ଭାବରାଶିର ସଞ୍ଚାର କରାଇଥାଏ, ତାର ବର୍ଣ୍ଣନା ଏ ଗୁଡ଼ିକରେ ପ୍ରତିପାଦିତ । ଦେବଦୁର୍ଲ୍ଲଭଙ୍କ 'ରହସ୍ୟମଞ୍ଜରୀ', ଦୀନକୃଷ୍ଣଙ୍କର 'ରସକଲ୍ଲୋଳ', ଲୋକନାଥଙ୍କ 'ବୃନ୍ଦାବନ ବିହାର' ଜଣଙ୍କ ଅପୂ ର୍ଣୀଙ୍କ 'ପଦ୍ମାବତୀ ଅଭିଳାଷ' ଦୀନକୃଷ୍ଣ ଦାସଙ୍କ 'ଜଗମୋହନ ଛାନ୍ଦ' ଓ ଅଧିକାଂଶ କାବ୍ୟଗ୍ରନ୍ଥୀୟ ରଚନାରେ ଏହି ବର୍ଣ୍ଣନା ଉପଲବ୍ଧ । ସୁତରାଂ ଉପେନ୍ଦ୍ରଙ୍କଠାରେ ଏହା ପାଇବା ଅସ୍ୱାଭାବିକ ନୁହେଁ ।

ଏହି ବର୍ଣ୍ଣନାମାନଙ୍କ ମଧ୍ୟରେ ଗ୍ରୀଷ୍ମ, ବର୍ଷା ଓ ବସନ୍ତ ଋତୁର ବର୍ଣ୍ଣନା ଉତ୍କୃଷ୍ଟ ଧରଣର ହୋଇଥାଏ । ଅବଶ୍ୟ ରସକଲ୍ଲୋଳକୁ ଏ ଦିଗରେ ଉପେନ୍ଦ୍ର ଅତିକ୍ରମ କରି ପାରିନାହାନ୍ତି । ତଥାପି ତାଙ୍କ ପ୍ରେମିକ ପ୍ରେମିକାଙ୍କ ମନୋବୃତ୍ତି ବିଶ୍ଳେଷଣ ଓ ବର୍ଣ୍ଣନା ମଧ୍ୟରେ କେତେକ ଉତ୍କର୍ଷ ଦେଖିବାକୁ ମିଳେ । ଋତୁ ବର୍ଣ୍ଣନାରେ ବିଶେଷରେ ବସନ୍ତ ଓ ବର୍ଷାରେ ନାରୀ ପ୍ରେମ ଓ ଶୃଙ୍ଗାରର ଅବତାରଣା ଏକ ପ୍ରକାର ଅପରିହାର୍ଯ୍ୟ ଉପାଦାନ ରୂପେ ଗୃହୀତ । ଋତୁ ସଂହାରରେ ମଧ୍ୟ ଏହାର ସୁନ୍ଦର ଉପସ୍ଥାପନ ରହିଛି । କାଳିଦାସକୃତ ଋତୁସଂହାରରେ ବସନ୍ତ ଓ ଗ୍ରୀଷ୍ମଋତୁର ଯେ ଚିତ୍ରଣ ରହିଛି, ତାହା ଅଧିକରେ ଶୃଙ୍ଗାରାଭିମୁଖୀ ହେଲେହେଁ ଉପେନ୍ଦ୍ର ସ୍ଥାନେ ସ୍ଥାନେ ତାହା ଅତିକ୍ରମ କରିଛନ୍ତି । ମନସ୍ତତ୍ତ୍ୱ ଓ ବର୍ଣ୍ଣନା ବୈଚିତ୍ର୍ୟ ଉପେନ୍ଦ୍ର କୃତରେ ଅଧିକ ।

ବସନ୍ତ ବର୍ଣ୍ଣନାରେ କବି ସାଧାରଣତଃ ଜଳକେଳି, ଉପବନ-ବିହାର ଓ ଚର୍ଚ୍ଚରୀ ବିଧାନର ବର୍ଣ୍ଣନା କରିଥାନ୍ତି । ଏହି ବର୍ଣ୍ଣନାରେ ସାମନ୍ତଶ୍ରେଣୀର ନାୟିକା ସଖୀ ଗହଣରେ ଜଳକ୍ରୀଡ଼ା, ଫଗୁଖେଳ ଓ ଉପବନ ବିହାର ଇତ୍ୟାଦି କରିଥାନ୍ତି । ଏଥିରେ କବି ସେମାନଙ୍କ ରସିକତା ଓ ପାଣ୍ଡିତ୍ୟ ସୂଚନା କରିବା ପାଇଁ ବହିର୍ଲିପି ଅନ୍ତର୍ଲିପି ଓ ନାନାଅଳଙ୍କାର ସାହାଯ୍ୟରେ ଶ୍ଳେଷପୂର୍ଣ୍ଣ କଥୋପକଥନର ବର୍ଣ୍ଣନା ମଧ୍ୟ କରିଥାନ୍ତି । ଲାବଣ୍ୟବତୀର ୫ମ ଓ ୬ଷ୍ଠ ଛାନ୍ଦ ଏ ଦିଗରେ ପ୍ରଧାନ ଦୃଷ୍ଟାନ୍ତ । କେବଳ ଲାବଣ୍ୟବତୀ କାହିଁକି, ତାଙ୍କ ଅନ୍ୟାନ୍ୟ କାଳ୍ପନିକ କାବ୍ୟମାନଙ୍କରେ ଏହା ଦେଖାଯାଏ । ଏହି ବର୍ଣ୍ଣନାରେ ଅନ୍ୟତମ ବିଶେଷତ୍ୱ ହେଉଛି କବି ନାଗେଶ୍ୱର, ଅଶୋକ, ତିଳକ, ପୁନ୍ନାଗ, କହ୍ଲଣା, ବଞ୍ଜୁଳ, କୁସ୍ତଅନା ପ୍ରଭୃତି ବସନ୍ତ କାଳୀନ ପୁଷ୍ପ ସମୂହର ଭିନ୍ନ ଭିନ୍ନ ଅର୍ଥ ବ୍ୟବହାର କରି

ସେମାନଙ୍କୁ ଶ୍ଳେଷୋକ୍ତି ମଧ୍ୟରେ ପ୍ରକାଶ କରିଅଛନ୍ତି । ବର୍ଷା ଋତୁ ବର୍ଣ୍ଣନାରେ କବି ଉପେନ୍ଦ୍ର ଦୀନକୃଷ୍ଣଙ୍କ ସମସ୍ଥାନୀୟ । ତାଙ୍କର ବିଭିନ୍ନ କାବ୍ୟମାନଙ୍କରେ ଉପର୍ଯ୍ୟୁକ୍ତ ଅଭିପ୍ରାୟର ପରିପୂରକଭାବରେ ବର୍ଷାବର୍ଣ୍ଣନା କରାଯାଇଛି ଏବଂ ଲାବଣ୍ୟବତୀର 'ଦେଖି ନବ କାଳିକା' ଓ "ପ୍ରବେଶ ହୋଇଲା ବରଷା କାଳ, ପ୍ରମାଦମାନଙ୍କ ଜନ୍ମସ୍ଥଳ" ଏ ମଧ୍ୟରେ ସର୍ବ ପ୍ରଧାନ । କବି ନାୟିକାର ମନସ୍ତତ୍ତ୍ୱ ଚିତ୍ରଣ କରିବା ସଙ୍ଗେ ସଙ୍ଗେ ବାହ୍ୟ ପ୍ରକୃତିର ମଧ୍ୟ ସୁନ୍ଦରଚିତ୍ର ପ୍ରଦାନ କରିଛନ୍ତି । କବିଙ୍କର ଏହି ଛାନ୍ଦଗୁଡ଼ିକ ସହ ସାଧାରଣଙ୍କର ବିଶେଷ ପରିଚିତି ଦୃଷ୍ଟିରୁ ଉଦାହରଣ ଦେବାରୁ ନିବୃତ୍ତ ହେଲି । ରସକଲ୍ଲୋଳ ଓ ଜଗମୋହନ ଛାନ୍ଦର ପାହାଡ଼ିଆ କେଦାର ବର୍ଣ୍ଣିତ ବର୍ଷା ଋତୁର ଚିତ୍ର ଯେପରି ପ୍ରାକୃତିକ, ତାହା ଭଞ୍ଜୀୟ ରଚନାରେ ଦୁର୍ଲ୍ଲଭ । ଏଠାରେ ମନସ୍ତତ୍ତ୍ୱଗତ ବିଶ୍ଳେଷଣ ଓ ବ୍ୟବସ୍ଥାନିର୍ଣ୍ଣୟ ଅଧିକ । ଏ ପ୍ରସଙ୍ଗରେ ରସିକହାରାବଳୀରୁ ଅନୁପ୍ରାସମୟ ଏକ ଉଦାହରଣ ଦେଉଛି ।

"ନାଚେ ବରହି ବହି ନଚେ ଚେଇକହିଁ କହି କାମୀ ପ୍ରକାଶୁ ବାହି ବହି, ଶୁଣି ନ ସହି ସହି ଚରିବ ମହି ମହିଳାକୁ ଯେ ହାହି ନାହିଁ ନାହିଁ ।

ହେ, ଜଳଧର, କଦମ୍ବ ଗନ୍ଧ ବହି ବହି ବାତ ଥିବ ମୋ ଦହି ଦହି, ମୋ ପଥ ଗୃହି ଗୃହିଁ ଥିବ ସ୍ମୃତିହିଁ ମୁହିଁ ପାପୀ ଦହେ ଅଦେହୀ ଦେହୀ ।"

ପୁନଶ୍ଚ

"ଏତେ ଭରସା ହୋ ଏ ବରଷା ହେଉଛି କଣ ଅସିବେ
ମେଘଦମକ ବିଦ୍ୟୁଚ୍ଚମକ ଭେମନ୍ତେ ନ ହାସିବେ ।
ମନ୍ଦ କର୍ମରୁ କେବଳ ମନ୍ଦ ଦେଶ ଯେ ନୋହୁ ଥାଉ ।

ହେ ସ୍ମରହର ଏ ଦୁଃଖ ହର ପ୍ରବାସ ନାଶ ଯାଉ ।”

ଗ୍ରୀଷ୍ମ ବର୍ଣ୍ଣନା ମଧ୍ୟ ତଦ୍ରୂପ । ସମସ୍ତ ଋତୁ ବର୍ଣ୍ଣନା ମଧ୍ୟରେ ବାହ୍ୟ ବସ୍ତୁର ବର୍ଣ୍ଣନା ସଙ୍ଗେ ସଙ୍ଗେ କାମୀ କାମିନୀଙ୍କ ଅବସ୍ଥା ବର୍ଣ୍ଣନା ପ୍ରଧାନ ସ୍ଥାନ ଅଧିକାର କରିଛି । ଯାହାହେଉ ଗ୍ରୀଷ୍ମକାଳରେ ସାଧାରଣ ଦୃଶ୍ୟ ବର୍ଣ୍ଣନାରେ କବି କିପରି ସଫଳତା ଲାଭ କରିଛନ୍ତି ତାହା ନିମ୍ନାଂଶରୁ ଜାଣି ହୁଏ ।

“ସ୍ତବନ୍ତି କରଡ଼ୀ ମତ୍ସ୍ୟେ ଦେଖିଲେ ମ୍ଳାନ ହୋଇ ଘନ ରସରେ
ଶୃଗାଳାଦି ରସନା ପ୍ରକାଶିଲେ ବିପରୀତ ନାରୀ ପ୍ରକାରେ ।
ସ୍ଫୁଟେରେ, ସନ୍ତୋଷ ବିହୀନ ମଲ୍ଲିକା
ସ୍ଫୁଟେରେ ହରଷ ହୋଇଲେ ମଲ୍ଲିକା କଲେ ଭୋଗୀ କଣ୍ଠମାଳକ।”

(ସୁଭଦ୍ରା ପରିଣୟ)

ଏହି ଉଦ୍ଧୃତାଂଶଟି ରସକଲ୍ଲୋଳର ୧୫ଶ ଛାନ୍ଦ ସହିତ ତୁଳନା କଲେ ପାଠକ ଜାଣିପାରିବେ ଯେ ଋତୁ ଚିତ୍ରଣରେ କିପରି ଅଧିକ ସାବଲ୍ୟ ମଧ୍ୟରେ ଏହାପ୍ରତି ସୁନ୍ଦର ବର୍ଣ୍ଣନା କରି ପାରିଛନ୍ତି । ଅବଶ୍ୟ ଉପେନ୍ଦ୍ର ଯେ ଏ ଦିଗରେ ହେୟ, ଏହା କହିବାର ଉଦ୍ଦେଶ୍ୟ ନୁହେଁ । ତେବେ ବର୍ଣ୍ଣନାର ସ୍ୱାଭାବିକତା ଅନେକାଂଶରେ କବି ଉପେନ୍ଦ୍ର ତାହାର ମଣ୍ଡନ ପ୍ରତି ଅଧିକ ଯତ୍ନଶୀଳ ଥିଲେ । ଋତୁ ସଂପର୍କରେ ଉପେନ୍ଦ୍ରଙ୍କ ଚତୁର୍ଥ କୋଟିବ୍ରହ୍ମାଣ୍ଡ ସୁନ୍ଦରୀର ୨୫ଶ ଛାନ୍ଦରେ ଉପଲବ୍ଧ । ଗୋଟିଏ ଛାନ୍ଦରେ କବି ଛଅୋଟି ଋତୁ ବର୍ଣ୍ଣନା କରିଛନ୍ତି । ଉପେନ୍ଦ୍ରଙ୍କ ପ୍ରକୃତି ବର୍ଣ୍ଣନା ସଂପର୍କରେ ଯତ୍କିଂ-ସାମାନ୍ୟ ଉଦ୍ଧାରିବା ପରେ ଏ ସଂପର୍କୀୟ ବିଜୟଚନ୍ଦ୍ର ମଜୁମ୍ଦାରଙ୍କ ମତ ଓ ତାଙ୍କ ସମାଲୋଚନା କରିଥିବା ବ୍ୟକ୍ତିମାନଙ୍କର ମତ ପ୍ରତି ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରୁଛି । ଯଦର୍ଥ ଉପେନ୍ଦ୍ର ବିଜୟଚନ୍ଦ୍ର ଶୀର୍ଷକ ଏକ ସ୍ୱତନ୍ତ୍ର ପରିଚ୍ଛେଦରେ ବିଜୟଚନ୍ଦ୍ରଙ୍କ

ମନ୍ତବ୍ୟର ଆଲୋଚନା କରିବାର ବାସନା ରହିଛି । ତଥାପି ପ୍ରସଙ୍ଗ ଅନୁରୋଧରେ ନିମ୍ନରେ କିଛି କହୁଛି ।

ବିଜୟଚନ୍ଦ୍ର ମଜୁମ୍‌ଦାର ଚନ୍ଦ୍ରଭାନୁର ସିଂହଳ ଗମନ କାଳରେ ଉପେନ୍ଦ୍ର କିପରି ସମୁଦ୍ର ବର୍ଣ୍ଣନା କରି ନ ପାରିଛନ୍ତି ତାହା ଦର୍ଶାଇ ତାଙ୍କ ହୃଦୟର ସୌନ୍ଦର୍ଯ୍ୟପିପାସାହୀନତା ଓ କଳାଗତ ତ୍ରୁଟି ପ୍ରତି କଟାକ୍ଷପାତ କରିଛନ୍ତି । ମାତ୍ର ଓଡ଼ିଶାର କେତେକ ବରିଷ୍ଠ ସମାଲୋଚକ କହିଛନ୍ତି ଯେ, ଉପେନ୍ଦ୍ର ନଦୀ, ପର୍ବତ, ବନ, ଋତୁ ଏ ସମସ୍ତ ଚମତ୍କାର ଭାବରେ ବର୍ଣ୍ଣନା କରିଥିବା ଦୃଷ୍ଟିରୁ ତାଙ୍କ ପ୍ରାକୃତିକ ସୌନ୍ଦର୍ଯ୍ୟଜ୍ଞାନ ସଂପର୍କରେ ସନ୍ଦେହର ଅବକାଶ ନାହିଁ । ବରଂ ସମୁଦ୍ର ବର୍ଣ୍ଣନା ସେ ଜାଣି ଶୁଣି କରି ନାହାନ୍ତି । କାରଣ ଚନ୍ଦ୍ରଭାନୁର ନାୟିକା ଭାବନା ଏତେ ପ୍ରସାରିତ ଥିଲା ଯେ ଦୃଶ୍ୟମାନ ଜଗତକୁ ସେ ଭୁଲି ଯାଇଥିଲେ । ଅଧିକନ୍ତୁ ସମୁଦ୍ର ବର୍ଣ୍ଣନା ନ କଲେ ମଧ୍ୟ ତାଙ୍କ କଳାଜ୍ଞାନକୁ ଆକ୍ରମଣ କରିବାର କୌଣସି କାରଣ ନାହିଁ । ଯେହେତୁ ଏହା ତାଙ୍କର ସ୍ୱାଭାବିକ ଭ୍ରମ ହୋଇପାରେ । ଏ ସବୁ ଯୁକ୍ତି ଓ ଆକ୍ଷେପର ମୂଲ୍ୟ ଯାହା ଥାଉନା କାହିଁକି ମୋର ଧାରଣା ଯେକୌଣସି ନିରପେକ୍ଷ ପାଠକ କହିପାରେ ଯେ ସାଗର ସମ୍ବନ୍ଧୀୟ ଜ୍ଞାନ ଉପେନ୍ଦ୍ରଙ୍କର ଯଥେଷ୍ଟ ଥିଲା । ଲୀଳାବତୀର ବର୍ଣ୍ଣନା ଓ ଅଧିକାଂଶ ସ୍ଥାନରେ ସୈନ୍ୟ ସମାବେଶ, ନାରୀ-ଗଠନ, ଯୁଦ୍ଧଯାତ୍ରା ପ୍ରଭୃତିକୁ କବି ସାଗର ସହିତ ତୁଳନା କରିଛନ୍ତି ।

ଏପରିକି ସାଗରର ବେଳାଭୂମି, ଶୁକ୍ତି ଓ ବାଲିକାଠାରୁ ଆରମ୍ଭ କରି ତାର ପ୍ରତ୍ୟେକ ଭଙ୍ଗୀ ପର୍ଯ୍ୟନ୍ତର ତୁଳନା ଓ ଆରୋପରେ କବି ଅନେକଛନ୍ଦରେ ତାଙ୍କ ବର୍ଣ୍ଣନାକୁ ମଧୁର କରିଛନ୍ତି । ଏପରିକି କାବ୍ୟନାୟକର ଏକାଧିକ ସ୍ଥଳରେ ସେ ବାରିଧି

ମନ୍ତନର ସୂଚନା ଦେଇଛନ୍ତି । ଏଥିରୁ ଏତିକିମାତ୍ର ଜଣାଯାଏ ଯେ କବି ଉତ୍କଳୀୟ ହୋଇ ସମୁଦ୍ର ଦେଖି ନ ଥିଲେ ବା ଜାଣି ନ ଥିଲେ । ଅଥବା ସେତିକି ଅସୁନ୍ଦର, ଲାବଣ୍ୟବତୀ ଭାବନାରେ ତନ୍ମୟଥିବା ଚନ୍ଦ୍ରଭାନୁର ସମୁଦ୍ର ଦର୍ଶନରେ ଭାବୋଦ୍ରେକ ନ ହେବା ଉଚିତ୍ଥିଲା ଅସୁନ୍ଦର । ମୂଳତଃ କବି ସମୁଦ୍ର ବର୍ଣ୍ଣନା କରିବାକୁ ଭୁଲି ଯାଇଛନ୍ତି । ହେଲେହେଁ ଅନ୍ୟ କ୍ଷେତ୍ରରେ ଆମେ ତାଙ୍କର ଅବୋପ ତୁଳନା ଓ ଉକ୍ତି ଛଳରେ ସମୁଦ୍ରର ସୁନ୍ଦରବର୍ଣ୍ଣନା ପାଇଛୁଁ । ତଥାପି ଉପଯୁକ୍ତ ସ୍ଥାନରେ ଆମେ ଦମସ୍ତ ପରିସ୍ଥିତି ମଧ୍ୟରେ ସମୁଦ୍ର ବର୍ଣ୍ଣନା କରିବାକୁ ଉପେନ୍ଦ୍ର ଯେଉଁ ସୁଯୋଗ ପାଇ ତାର ବ୍ୟବହାର କରି ନ ଥିଲେ, ସେ ଯେମିତି ବ୍ରଜନାଥଚନ୍ଦ୍ରଙ୍କର ଉପଯୁକ୍ତ ମନ୍ତବ୍ୟ ପ୍ରକାଶରେ କୌଣସି ଅପ୍ରାକୃତିକତା ଥିବାପରି ଜଣାଯାଏ ନାହିଁ ।

ଅନ୍ୟ ପକ୍ଷରେ ଭଞ୍ଜ ବାସ୍ତବ ରୋମାଣ୍ଟିକ୍କବିମାନଙ୍କ-ଭଳି ଆତ୍ମକେନ୍ଦ୍ରିକ କବିତା ପରିବର୍ତ୍ତେ ବସ୍ତୁକେନ୍ଦ୍ରିକ କାବ୍ୟର ଆଦର୍ଶ ଗ୍ରହଣ କରିଥିବାରୁ ସମସ୍ତ ପ୍ରକୃତିବର୍ଣ୍ଣନାକୁ ନାୟକ ନାୟିକା ଏବଂ ସେମାନଙ୍କ ହାବ ଭାବରେ ପରିପୋଷଣ କରିଛନ୍ତି । ହେଲେହେଁ ଭଞ୍ଜଙ୍କ ଦୃଷ୍ଟିରେ ଆଦର୍ଶ ଓ ଆନନ୍ଦର ଆଧାର ଅବସ୍ଥା ଭେଦରେ ଭିନ୍ନ ଭିନ୍ନ ପ୍ରକୃତିର ଉଦ୍‌ବୋଧକ ।

## ସାମାଜିକତା

ଜାତିସ୍ୱଜୀବନ ଓ ସାମାଜିକ ବିଧିବ୍ୟବସ୍ଥାର ସ୍ୱଚ୍ଛ ଫଳନ ସାହିତ୍ୟରେ ଘଟିଥାଏ । କବି, ଲେଖକ ଯେଉଁ ଯୁଗର, ଦେଶ ଓ ବେଷ୍ଟନୀର ଦାୟାଦ ତାଙ୍କ ରଚନା ମଧ୍ୟରେ ସେହି ଦେଶ, କାଳ ଓ ସଭ୍ୟତାର ଛବି ଅଳ୍ପେ ଅଳ୍ପେ ଆତ୍ମପ୍ରକାଶ କରିଥାଏ । ଏହା ପୃଥିବୀର ପ୍ରତ୍ୟେକ ସାହିତ୍ୟ ପକ୍ଷରେ

ସତ୍ୟ । ସାହିତ୍ୟ କେବଳ ମାନବ ହୃଦୟର ରୂପର ପ୍ରତିଫଳନ ନୁହେଁ । ଏଥିରେ ସାମାଜିକ ବିଧି ବ୍ୟବସ୍ଥାର ସଂକେତ ମିଳେ ଏବଂ ଐତିହାସିକମାନେ ସାହିତ୍ୟର ଏହି ଦିଗରୁ ଅନେକ ମୂଲ୍ୟବାନ ତଥ୍ୟ ସଂଗ୍ରହ କରିପାରିଥାନ୍ତି । Shakes peare, Milton, କାଳିଦାସ ଓ ଦାନ୍ତେ ପ୍ରଭୃତି ପୃଥିବୀ ପ୍ରସିଦ୍ଧ କବିମାନଙ୍କ କୃତିରୁ ସେ କାଳର ସାମାଜିକ ଇତିହାସ ବିଧି, ଆଚାର, ବିଶ୍ୱାସ ଓ ଚଳଣିର ସ୍ୱରୂପ ଜଣା ପଡ଼ିଥାଏ । ତାର କାରଣ କବି ବା ଲେଖକଙ୍କର ସଂକ୍ରାନ୍ତ ଯୁଗର ଅନତିକ୍ରମଣୀୟ ପ୍ରଭାବ ଓ ବେଷ୍ଟନୀର ଅମୃତମୟ ମୋହ ନିକଟରେ ଅନେକ ସମୟରେ ପରାସ୍ତ ହୋଇଥାଏ ।

ଆମ ଓଡ଼ିଆ ସାହିତ୍ୟରେ ବିଭିନ୍ନ ଯୁଗର କବିମାନଙ୍କ କୃତିରେ ଉତ୍କଳର ତତ୍କାଳୀନ ଧର୍ମ, ବିଶ୍ୱାସ, ରାଜତ୍ୱ, ସମାଜ ଓ ଯୁଦ୍ଧ ସଜ୍ଜାର ଚିତ୍ର ମିଳିଥାଏ । ସାହିତ୍ୟିକ ରଚନାଗୁଡ଼ିକ ଯୁଗ ଯୁଗର ଅନ୍ଧକାରବୃତ୍ତ ଆବରଣ ଭେଦକରି ଅତୀତଯୁଗର ସଂସ୍କୃତି, ପରଂପରାର ଯେଉଁ ଆଭାସ ଦେଇଥାଏ ତାହା ପାଠକମାନଙ୍କର ଅନୁସନ୍ଧାନର ବସ୍ତୁ । ଉତ୍କଳର ଅତୀତ ଯୁଗର ସାହିତ୍ୟରୁ ବିଶେଷରେ ଯୁଦ୍ଧ, ଧର୍ମମତ ଓ ସାମାଜିକ ବିଧି ବ୍ୟବସ୍ଥାର ପରିଚୟ ମିଳେ । ବୌଦ୍ଧଗାନଦୋହାଠାରୁ ବୈଷ୍ଣବସାହିତ୍ୟର ଶେଷ ପର୍ଯ୍ୟନ୍ତ ସବୁ ଗ୍ରନ୍ଥରେ ଧାର୍ମିକ ମତ ପ୍ରବାହର ସୁନ୍ଦର ଆଲେଖ୍ୟ ମିଳେ ।

ଅବଶ୍ୟ ରଣଚର୍ଚ୍ଚା, ଯୁଦ୍ଧ, ବିବାହ, ଜ୍ୟୋତିଷଚର୍ଚ୍ଚା ଓ ପରଂପରାର ଚିହ୍ନ ଏ ସବୁରେ ରହିଛି । ବତ୍ସା ଦାଶଙ୍କ କଳଶାଚଉତିଶା ୧୪ଶ ଶତାବ୍ଦୀର ରଚନା ଅଥଚ ଏଥିରେ ଯେଉଁ ଶିବ ପାର୍ବତୀ ବିବାହ ବର୍ଣ୍ଣନା କରାଯାଇଛି ତାହା ଓଡ଼ିଆ ଘରର ବୈବାହିକ

ପ୍ରଥ ର ଅବକାଶ ନଥିଲା । କବିଙ୍କର ବର୍ଣ୍ଣନୀୟ ବସ୍ତୁ ଯାହାହେଉନା ଆହ୍ନିକ, କବିଙ୍କ ଧର୍ମ ଓ ଜାତୀୟତା ଦୃଷ୍ଟିରୁ ତାଙ୍କଠାରୁ ବୈଦିକ ବିଧିର ବିବାହ ବର୍ଣ୍ଣନା ଭିନ୍ନ ଅନ୍ୟ କିଛି ଆଶା କରାଯାଇ ନ ପାରେ । ଅଧିକନ୍ତୁ ତାଙ୍କର ଉତ୍କଳୀୟତା, ବର୍ଣ୍ଣନା ମଧ୍ୟରେ ଶ୍ରେଷ୍ଠସ୍ଥାନ ଗ୍ରହଣ କରିଛି । ସେହିପରି ଉତ୍କଳର ସର୍ବଶ୍ରେଷ୍ଠ ପୁରାଣକାର ସାରଳା, ବଳରାମଙ୍କ କୃତିରେ ବିବାହ, ଜନ୍ମ ଜ୍ୟୋତିଷ, କୁଶଳ ପ୍ରଶ୍ନ,ଉତ୍ସବ ଇତ୍ୟାଦିର ଯେ ସମସ୍ତ ବର୍ଣ୍ଣନା ରହିଛି ସେଗୁଡ଼ିକରେ ହିନ୍ଦୁର ସାମାଜିକ ସୌହାର୍ଦ୍ଦ୍ୟ ଅକ୍ଷୁଣ୍ଣ । ବିଶେଷରେ ଉତ୍କଳୀୟତା ପ୍ରତି-ଛନ୍ଦରେ ପ୍ରକଟିତ । ସାରଳା ଦାସ ମହାଭାରତର ଯୁଦ୍ଧ ପ୍ରସଙ୍ଗ ବର୍ଣ୍ଣନା କରିଥିଲେ ମଧ୍ୟ ତହିଁ ମଧ୍ୟରେ ଥିବା, ଜନ୍ମ, ବିବାହ, ଉତ୍ସବ,ଆତିଥ୍ୟ ହୋମ, ଯଜ୍ଞ, ଜଳ୍ପକବାଦ୍ୟ ପ୍ରଭୃତିର ବର୍ଣ୍ଣନା ତାଙ୍କ ସାମାଜିକ ଚେତନାର ପରିଚୟ ଦିଏ । ଏପରିକି କବିଙ୍କ ବର୍ଣ୍ଣନାରୁ ତତ୍କାଳୀନ ଯୁଦ୍ଧରତ ଉତ୍କଳର ଛବି ଓ ବିରାଟ ସେନାର ଆଭାସ ମିଳେ । ତାଙ୍କ ଶାନ୍ତନୁଙ୍କ ବିବାହ ଓ ପାରିବାରିକ ଜୀବନ ବର୍ଣ୍ଣନାରୁ ଦୁଷ୍ଟା ସ୍ତ୍ରୀ କି ପ୍ରକାର ଭୟଙ୍କରୀ ତାହା ଜଣାପଡ଼େ । କବିଙ୍କ ଅସ୍ତ୍ର-ପ୍ରଶ୍ୟାପନ ଓ ବର୍ଣ୍ଣନା ମଧ୍ୟରୁ କୃଷି, ବାଣିଜ୍ୟ, ବିଦ୍ୟାଧ୍ୟୟନ ପ୍ରଭୃତିର ଚିତ୍ର ଦେଖାଯାଏ । ମୂଳତଃ ସାହିତ୍ୟ ମଧ୍ୟରେ ସାମାଜିକତା ଆମ ଓଡ଼ିଆ ସାହିତ୍ୟରେ ବହୁ କାଳର ବୌଦ୍ଧଗାନଦୋହାଠାରୁ ଆରମ୍ଭ କରି ଆଜି ଯୁଗର ରଚନାମାନଙ୍କରେ ମଧ୍ୟ ଏହା ଦେଖାଯାଏ । ବୈଷ୍ଣବ କବିମାନଙ୍କର ବାତ୍ସଲ୍ୟ ବର୍ଣ୍ଣନା, ଗୋପୀମାନଙ୍କ ଠାରେ ଅଳଙ୍କାରବିନ୍ୟାସ ଇତ୍ୟାଦିରେ ଉତ୍କଳୀୟତା ଦେଖାଯାଏ । ଗୋପାଳକୃଷ୍ଣଙ୍କ କବିତାରେ ଏହା ଅଧିକ ସୁସ୍ପଷ୍ଟ ।

ଯାହାହେଉ କବି ଉପେନ୍ଦ୍ର ସ୍ୱୀୟ ରଚନା ମଧ୍ୟରେ ଯେଉଁ ଜୀବନର ଚିତ୍ର ପ୍ରଦାନ କରିଛନ୍ତି ତାହା ଅନୁସଙ୍ଗିକ ସାମାଜିକତାର

ବର୍ଣ୍ଣନା କରିବାରେ ସେ ହେଳା କରି ନାହାନ୍ତି । କବିକୃତ ସମସ୍ତ କାବ୍ୟମାନଙ୍କରେ ପ୍ରେମହିଁ ପ୍ରଧାନ ବର୍ଣ୍ଣିତ କଥା ଓ ପ୍ରେମ ପ୍ରାକ୍ ବୈବାହିକ, ସମାଜ ଓ ପରଂପରାର ସାଧନା ମଧ୍ୟରେ ସୃଷ୍ଟ, ଏଥିରେ ଉଚ୍ଛୃଙ୍ଖଳତା ନାହିଁ । ମାତ୍ର ଏକନିଷ୍ଠତତ୍ତ୍ୱ ଓ ଶାସ୍ତ୍ରବିଧି ଅନ୍ତସ୍ଥ ରହିଛି । ଉପେନ୍ଦ୍ର ନିଜର ବର୍ଣ୍ଣନା ମଧ୍ୟରେ ଯେଉଁ ପ୍ରେମକୁ ସ୍ଥାନ ଦେଇଛନ୍ତି ତାହା ବୈଦିକ ବିବାହର ଦୃଢ଼ ବନ୍ଧନରେ ଆବଦ୍ଧ । ପ୍ରେମ ବ୍ୟାପାରରେ ସମାଜର ଏହି ଶୃଙ୍ଖଳିତ ସଂସ୍କାରରେ ପରିବର୍ତ୍ତନ ଆଣିବା ବା ବ୍ୟତିକ୍ରମ ଘଟାଇବା କବିଙ୍କର ଉଦ୍ଦେଶ୍ୟ ନ ଥିଲା । ସେ ପରଂପରାର ପ୍ରଧାନ ପୃଷ୍ଠପୋଷକ ଭାବରେ ବିବାହର ବୈଦିକ ବିଧି ଓ ସମାଜର ପ୍ରତ୍ୟେକ ସଂଯୋଗର ଚିତ୍ର କରିଛନ୍ତି । କବିଙ୍କର କାବ୍ୟରାଶି ମଧ୍ୟରେ ପ୍ରଧାନ ସାମାଜିକ ସଂସ୍କାର ଯେଉଁ ଆଲେଖ୍ୟ ମିଳେ ତାହା ହିନ୍ଦୁର ବିଶେଷରେ ସଂଭ୍ରାନ୍ତ କୁଳୀନଙ୍କ ପରିବାରର ବିବାହ । ରାମ, ସୀତା, ଚନ୍ଦ୍ରଭାନୁ, ଲାବଣ୍ୟବତୀ, ପୁଷ୍ପକେତୁ, କୋଟି-ବ୍ରହ୍ମାଣ୍ଡ ସୁନ୍ଦରୀ, କୋଶଳ ରାଜକୁମାର, ପ୍ରେମ ସୁଧାନିଧି ଓ ଅନ୍ୟାନ୍ୟ ନାୟକ ନାୟିକାଙ୍କ ବିବାହ ବର୍ଣ୍ଣନା ବିସ୍ତୃତ । ଏହି ବର୍ଣ୍ଣନାରେ କବି ଜ୍ୟୋତିଷ ମତରେ ଲଗ୍ନସ୍ଥିର, ନିର୍ବନ୍ଧଠାରୁ ଆରମ୍ଭକରି ମଧୁଶଯ୍ୟା, କଉଡ଼ି ଖେଳ ପର୍ଯ୍ୟନ୍ତ ବିବାହର ପ୍ରତ୍ୟେକ ଘଟଣା ବର୍ଣ୍ଣନା କରିଛନ୍ତି । ବାସ୍ତବରେ ହିନ୍ଦୁ ସମାଜର ଏହି ପ୍ରଧାନ ସଂସ୍କାର ଯେଣୁ କବିଙ୍କର ଉପରେ ତୀକ୍ଷ୍ଣ ଦୃଷ୍ଟିଥିଲା ଏବଂ ସେଗୁଡ଼ିକ ପ୍ରତି ଅବହିତ ଥିଲେ ତାହା ଆଲୋଚନା କଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ । କବି ନିମ୍ନରୂପେ ବିବାହ ବର୍ଣ୍ଣନା କରିଛନ୍ତି ।

ଲଗ୍ନ ନିର୍ଣ୍ଣୟ, ସପ୍ତହ୍ୱୀକ କନ୍ୟା ଓ ନାପିତୁଣୀଙ୍କର ଦାଁଅ ମଉଳା, ପାଣିତୋଳିବା, ବେଦୀ ସଜା ଓ କର୍ମ, ନାପିତୁଣୀର ଲୁଗ, ନଉଥ, କାଣ୍ଡ ଧାରଣ, ତୋରଲଗୁଡ଼, ଲବଣ ଚଇଁସା, ହସ୍ତଗଣ୍ଠି,

ହୋମରେ ନାଡ଼ିକେଳ ଓ ଲିଆଦାନ, କୁଆଁଟଖେଳ, ଚତୁର୍ଥୀ ମଧୁଶଯ୍ୟା, ଯୌତୁକ, ବାଣ, ନିଶାଣ, କଳସ ଇତ୍ୟାଦି ମାଙ୍ଗଳିକ ବସ୍ତୁ ସ୍ଥାପନ, ନାନାବିଧ ବାଦ୍ୟ ଖାଦ୍ୟପେୟ ଇତ୍ୟାଦି ଯାବତୀୟ ବିଧି ବିଧାନ ଉପେନ୍ଦ୍ରକୃତ ବିବାହ ବର୍ଣ୍ଣନାରେ ଦେଖାଯାଏ । ବୈଦେହୀଶ ବିଳାସରେ ବିବାହ ଲଗ୍ନ ଓ ବେଦୀ ନିର୍ମାଣ ବର୍ଣ୍ଣନାରେ କବି କହିଛନ୍ତି —

"ବେହରଣ ଭାଙ୍ଗୀ ବିଭାଦାନ ମୂଳ କରି
ବିଶୁଦ୍ଧ ତିଥିର ଲଗ୍ନକୁ ଜ୍ୟୋତିଷେ ବିଚାରି ଯେ,
ବର୍ଦ୍ଧକିରତ୍ନ ନିମନ୍ତ୍ରୁ ବିଶ୍ୱକର୍ମା ଗୁରୁ
ବେଦୀକାମଣ୍ଡପ କଲେ ଅତେସୁ ରୁଚୁ ଯେ ।"

ବ୍ରାହ୍ମଣୀ ଓ ନାପିତୁଣୀଙ୍କ କର୍ମ ବର୍ଣ୍ଣନାରେ—

"ବ୍ରାହ୍ମଣୀ ସାତ ସଅଳଙ୍କାର କରି ତହିଁ
ବସ୍ତ୍ର ପାଟ ଲଲାଟେ ସିନ୍ଦୂର ଚିତା ଦେଇ ଯେ,"

ସୁଗନ୍ଧ ଜଳ ଓ ମାର୍ଜଣୀ ଦ୍ରବ୍ୟରେ ଦେବୀ ମଙ୍ଗୁଳିସାରି ନାରୀମାନଙ୍କର ସ ତଦେହୁ ଜଳ ତୋଳିବା ବର୍ଣ୍ଣନା ମଧ୍ୟ ଉପେନ୍ଦ୍ର ସବୁ କାବ୍ୟରେ ବିବାହ ବର୍ଣ୍ଣନା ପ୍ରସଙ୍ଗରେ କରିଛନ୍ତି । ବିବାହ ବେଦୀରେ ହସ୍ତଗ୍ରନ୍ଥୀ ପକାଇବା, ମୁକୁଟ ପିନ୍ଧାଇବା ଓ ବରକନ୍ୟା-ମାନଙ୍କର ହସ୍ତଗ୍ରନ୍ଥୀ ଫିଟାଇବା ପ୍ରଭୃତି ଯାବତୀୟ ବର୍ଣ୍ଣନା କବି ବୈଦେହୀଶ ବିଳାସରେ ନିମ୍ନକ୍ରମେ କରିଛନ୍ତି ।

"ବରକନ୍ୟାକୁ ବୋଲନ୍ତି ଈଶ୍ୱର ପାର୍ବତୀ
ବାନ୍ଧିଲେ ସେ ମୁକୁଟ ଭରି କି ଏହିମତ ଯେ
× × × ×
ବିପ୍ର ବୃଦ୍ଧତାଏ ତହିଁ ପରବେଶ ହେଲେ
ବିଗ୍ରହ ଫାଶ ଫିଟିଲା ପାଣ୍ଡି ଫିଟାଇଲେ

ବାହାରିଲେ ଗଣ୍ଡ ଅଳି ଅଳଙ୍କୃତ ହୋଇ
ବିଶ୍ୱବେତ୍ତୁ ରଣାରମ୍ଭେ କି ଶାଢ଼ୀପାଇ
ବିରାଟେକ ଅନ୍ତଃପୁରେ ଯୁଦ୍ଧ ଖେଳାଇଲେ ।”

ଏରୂପ ବର୍ଣ୍ଣନା ତାଙ୍କ ପ୍ରତ୍ୟେକ କାବ୍ୟରେ ରହିଛି । ବିବାହ ବର୍ଣ୍ଣନାରେ ସେ ନୃତ୍ୟଠାରୁ ଆରମ୍ଭ କରି ବାଦ୍ୟ, ନହବତ ଆମୋଦ ପ୍ରମୋଦ ପର୍ଯ୍ୟନ୍ତ ସମସ୍ତର ଖାଣ୍ଟି ଓ ଭଲ ଭଲ ବର୍ଣ୍ଣନା କରିଛନ୍ତି ।

ଅଷ୍ଟମଙ୍ଗଳା, ଷୋଳ ମଙ୍ଗଳା କଥା ମଧ୍ୟ ସେ ବର୍ଣ୍ଣନା କରିଛନ୍ତି । ଅବଶ୍ୟ ଭିନ୍ନ ଭିନ୍ନ କାବ୍ୟମାନଙ୍କରେ ବର୍ଣ୍ଣନାର କ୍ରମ ଟିକେ ସ୍ୱତନ୍ତ୍ର ଧରଣର ହୋଇଛି । କପିଳ ହାରିକେଳୀରେ ଲାଜାହୋମ ବର୍ଣ୍ଣନା କରିବାରେ କବିଙ୍କ କୃତିତ୍ୱ ଅତି ଚମତ୍କାର ।

“ଲାଜାହୋମ ନ କଲେଟି ଦହିଲେ ଲଜ୍ଜାଙ୍କୁ
ମଧୁଶଯ୍ୟା ସଦନେ କରି ଶଙ୍କାଙ୍କୁ
ଜନକଙ୍କୁ ତୁଲ ହେଉ ବୋଲି ଏହା ଭାଳି
ନାରିକେଳ ଫଳକୁ ଆନନ୍ଦେ ଦେଲେ ଢାଳି ।”

କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ଓ ଧୃଷ୍ଟକେତୁଙ୍କ ବିବାହରେ କବି ଯେଉଁ ବାଣ ଓ ବାଦ୍ୟର ବର୍ଣ୍ଣନା କରିଛନ୍ତି ସେଗୁଡ଼ିକ ଉଲ୍ଲେଖରେ ସୁପରିଚିତ । ଦୁନ୍ଦୁଭି, ନାଗରା, ପଟହ ପ୍ରଭୃତି ବାଦ୍ୟ ସାଙ୍ଗକୁ ଚନ୍ଦ୍ରଜଦଆ, ଚମ୍ପା ଇତ୍ୟାଦି ବାଣର ବର୍ଣ୍ଣନା ଉଲ୍ଲେଖଯୋଗ୍ୟତାର ସୂଚନା ଦିଏ । ବିବାହ ବର୍ଣ୍ଣନା ମଧ୍ୟରେ ବାଟବରଣ ପ୍ରଭୃତି ଅନୁସଙ୍ଗିକ କ୍ରିୟା ସମୁଚିତ ସ୍ଥାନ ଲାଭ କରିଛି ।

ବିବାହ ତ ଜୀବନର ଏକମାତ୍ର ସଂସ୍ଥା ନୁହେଁ । ଜୀବନର ଅନ୍ୟାନ୍ୟ ଅଂଶ, କ୍ରିୟାକଳାପ ଓ ଆମୋଦ ପ୍ରମୋଦର ବର୍ଣ୍ଣନା ଉପେନ୍ଦ୍ର ସାହିତ୍ୟରେ ଭରପୁର । ସେଗୁଡ଼ିକ ମଧ୍ୟରେ ଆମୋଦ

ପ୍ରମୋଦ ଛଳରେ ଇନ୍ଦ୍ରଜାଲ, ନୃତ୍ୟ, ବାଣିଜ୍ୟ ପୋତଯାତ୍ରା, ଯୁଦ୍ଧ, ସ୍ତ୍ରୀ ଶିକ୍ଷା ମଧ୍ୟରେ ସଙ୍ଗୀତ, ବନ୍ଧଚର୍ଚ୍ଚା, ନାନା କ୍ରୀଡ଼ା, ଜଳକେଳି ଉପବନ ବିହାର, ଭାଟମାନଙ୍କ ତୋଷାମଦ ପ୍ରଶସ୍ତିଗାନ, ଅଳଙ୍କାର ଓ ବେଶ ବିନ୍ୟାସ, ଜନ୍ମ ପ୍ରସଙ୍ଗରେ ସୂତିକା ଗୃହ, କୌମାରଭୃତ୍ୟ, ଋତୁପାଳନା, ଋତୁମତୀ ହେବା, ପର୍ବପର୍ବାଣୀ, ବାଲ୍ୟ ବିବାହ, ଆତିଥ୍ୟ, ଯାତ୍ରାରେ ଶୁଭ ଅନୁକୂଳ, କୁଶଳ ପ୍ରଶ୍ନ ପ୍ରଭୃତି ପ୍ରଧାନ । ଏହି ବିଷୟ ଗୁଡ଼ିକ ଉପେନ୍ଦ୍ର ସାହିତ୍ୟରେ ନିଚ୍ଛକରୂପ ଲାଭ କରି ପାରିଛି ।

ଜନ୍ମ ଓ ସୂତିକା ଗୃହର ବର୍ଣ୍ଣନା ଯେଣି ବୈଦେହୀଶ ବିଳାସରେ ରାମ ଓ ତାଙ୍କ ଭ୍ରାତାମାନଙ୍କ ଜନ୍ମବର୍ଣ୍ଣନା ଉଲ୍ଲେଖ୍ୟ । କବି ଏହି ଚିତ୍ରଣରେ ଷଠୀ, ଉଠିଆରୀ, ଏକୋଇଶା ଦିନମାନଙ୍କର ଅନୁସଙ୍ଗୀକ ପର୍ବମାନଙ୍କର ବର୍ଣ୍ଣନା କରିଛନ୍ତି । ଏ ବର୍ଣ୍ଣନା ଆସ ଓଡ଼ିଆ ଘରର ବର୍ଣ୍ଣନା । ପିଲାଟିଏ ଜନ୍ମ ହେଲେ ଯେଉଁ ପୂଜା, ପାଲି ଖିଆ ପିଆ ଉତ୍ସବ ଲାଗେ ତାହା ବୈଦେହୀଶ ବିଳାସରେ ଅବଶ୍ୟ ଜାତୋପଯୋଗୀ ହୋଇ ପାରିଛି । କବି ଏହି ବର୍ଣ୍ଣନା ପାଇଁ କୃପାସିନ୍ଧୁ ବଳରାମଙ୍କ ନିକଟରେ ଋଣୀଭଳି ପ୍ରତୀତ ହୁଅନ୍ତି । ବଳରାମ ସ୍ୱକୃତ ରାମ ଯୁଗରେ ରାମଚନ୍ଦ୍ରଙ୍କ ଜନ୍ମ ଉପଲକ୍ଷେ ସୂତିକା-ଗୃହ, ଉତ୍ସବାଦି ସଙ୍ଗେ ଦାସୀଚେଟୀମାନଙ୍କର ଯେଉଁ ଆନନ୍ଦ କୋଳାହଳର ବର୍ଣ୍ଣନା ଦେଇଛନ୍ତି ତାହା ଅଧିକ ଭାବଗର୍ଭକ ଭଳି ମନେ ହୁଏ ।

**ପୁଷ୍ପବତୀ ହେବା ଓ ଋତୁପାଳନା—**

ଆମର ସଂସ୍କୃତି ଓ ସାମାଜିକତାରେ ଯେଉଁ କଠୋର ସଂଯମ ବ୍ରତ ରହିଛି ତାହା ନାନା ପର୍ବ ଓ ଉତ୍ସବ ମଧ୍ୟରେ ସମାହିତ ହୋଇଥାଏ ।

ନାରୀ ତାର ବାଲ୍ୟ, କୈଶୋର ଅତିକ୍ରମକରି ରୂପର ସମ୍ଭାର ଦେଇ ଯେତେବେଳେ ଦୁନିଆକୁ ବାହାରି ପଡ଼େ, ସେ ହଠାତ୍ ବାହାର ପଡ଼େ ନାହିଁ । ତାର ଯୌବନ ଉଦ୍‌ଗମରେ ତା ଜୀବନ-ଧାରାରେ ପରିବର୍ତ୍ତନ ଅବଶ୍ୟମ୍ଭାବୀ ହୋଇପଡେ । ପିତା, ମାତା, ବନ୍ଧୁ ପରିବାରଙ୍କର ସ୍ନେହବନ୍ଧନରୁ ସେ ଟିକେ ବାହାର ଯାଇ ଅନ୍ୟର ହୁଏ ପ୍ରିୟତମା । ଜୀବନର ଏହି ପରିବର୍ତ୍ତନର ମୁହୂର୍ତ୍ତ ବାସ୍ତବରେ ଏହି କ୍ଷୀଣ ଜୀବନ କାଳରେ ମୂଲ୍ୟବାନ । ଜୀବନରେ ଯୌବନ ଥରେ ଆସେ । ଆସିଲେ ଅଙ୍କୁଶ ମଧ୍ୟରେ ନ ରହିଲେ ତାହା ଅକାଳରେ ନଷ୍ଟ ହେବାର ସମ୍ଭାବନା । ଏ କ୍ରମରେ ଯେତିକି ଆନନ୍ଦ, ସେତିକି ଦୁଃଖ ଏବଂ ତତୋଧିକ ସଂଯମ ନାନା ପର୍ବ ଓ ଉତ୍ସବ ମଧ୍ୟରେ ପ୍ରକାଶିତ ହୁଏ ।

ଆଜିମଧ୍ୟ ଆମମାନଙ୍କ ସମାଜରେ ଝିଅଟିଏ ଋତୁଯୋଗ୍ୟ ହେଲେ ତାକୁ ଏକ ସପ୍ତାହବ୍ୟାପି ଅନ୍ଧକାର କୋଠରୀରେ କଳଶ ତଣ୍ଡୁଳ-ଶଯ୍ୟା ପ୍ରଭୃତି ନାନା କ୍ରିୟା ମଧ୍ୟରେ ରହିବାକୁ ପଡ଼େ । ସପ୍ତମ ଦିନ ହୁଏ ଉତ୍ସବ ଅବଷ୍ଟିଙ୍କୁ ଗୃହିଁ । କିନ୍ତୁ ଅପର ପକ୍ଷରେ କନ୍ୟାର ଜନନୀ ଯେତିକି ଆନନ୍ଦ ଉପଭୋଗ କରନ୍ତି ଓ ତତୋଧିକ ବିମର୍ଷ ହୁଅନ୍ତି । ଯାର କାରଣ ତାଙ୍କର ସ୍ନେହମୟୀ କନ୍ୟା ଏବେ ତାଙ୍କ ପକ୍ଷରେ ସ୍ୱପ୍ନବତ୍ । ସେ ଏବେ ଅନ୍ୟର ଘରଣୀ ହେବାର ଉପଯୋଗ୍ୟା । ସୁତରାଂ ପୁଷ୍ପବତୀହେବା କୁମାରୀ ଜୀବନରେ ଏକ ଉତ୍ସବ (sacrameut) । କବି ଏବେତ ସ୍ୱଜପରିବାରର ଚିତ୍ର ଦେବାରେ ମୁଖର । ଦ୍ୱିତୀୟତଃ ତାଙ୍କର ବର୍ଣ୍ଣନାଭଙ୍ଗୀ ବିଚିତ୍ର ଧରଣର । ସେ ତାଙ୍କର ନାୟିକାସର୍ବସ୍ୱ କାବ୍ୟମାନଙ୍କରେ ଏହି ବର୍ଣ୍ଣନାର ଗୁରୁତ୍ୱ ଖୁବ୍ ଉପଲବ୍ଧି କରିଥିଲେ । କାରଣ ସେ ଜାଣିଥିଲେ ଯେ ତାଙ୍କର କିଶୋରୀ ନାୟିକା ଏବେ ରଜ ଲିକର

ଦରକାର ନ କରି ରଜନୀକର, ଧାନୀମଣ୍ଡନା ନ ହୋଇ ଧର୍ମ ମଣ୍ଡନ ହେବାକୁ ବସିଛୁ । ତେଣୁ କବି ନାୟିକାର ପୁଷ୍ପବତୀ ହେବା ବର୍ଣ୍ଣନା ଅତି ଉଚ୍ଚକୋଟୀର କରିଛନ୍ତି । ଅବଶ୍ୟ ଏ ବର୍ଣ୍ଣନାରେ କବି କାବ୍ୟଗତ ରସ ଓ ଧ୍ୱନି ପ୍ରଭୃତିର ଅଧିକ ବିକାଶ ପାଇଁ ରଜୋବତୀ କନ୍ୟାର ଗୁହ୍ୟାଙ୍ଗ ଓ ବସ୍ତ୍ର ଇତ୍ୟାଦିରେ ଚୁମ୍ବନ ପ୍ରଭୃତିର ଅବତାରଣା କରିଛନ୍ତି । ଏବଂ ଏହାକୁ କେହି କେହି ଅଶ୍ଳୀଳତା କହନ୍ତି । ତଥାପି ଏହି ବର୍ଣ୍ଣନାରେ କବି ଶାସ୍ତ୍ରଗ୍ରନ୍ଥ ପାଳନା ଉତ୍ସବରେ ଯେଉଁ ଚିତ୍ର ଦେଇଛନ୍ତି ତାହା ଅମ୍ଭମାନଙ୍କର ସମାଜ କଥାର ପଦ୍ଧତି ଅପେକ୍ଷା ଟିକେ ଅଧିକ ବିସ୍ତୃତ । କାରଣ ସେ ଗୁଡ଼ିକ ରାଜକୀୟ । ଲାବଣ୍ୟବତୀ, କୋଟିବ୍ରହ୍ମାଣ୍ଡସୁନ୍ଦରୀ, ପ୍ରେମସୁଧାନିଧି ପ୍ରଭୃତି ତାଙ୍କର ସମସ୍ତ କାବ୍ୟରେ ଏହା ଦେଖା ଯାଏ ।

ଦ୍ୱିତୀୟତଃ ଋତୁ ପାଳନରେ ସଂଯମ, ରଜୋବତୀ ନାୟିକା, ତଥି ଭେଦ ଦିବସରେ କାପର ସ୍ତ୍ରୀ ସହବାସ କରିବା ଅସଙ୍ଗତ କବି ତାହା ତାଙ୍କ କାବ୍ୟର ଭଭିନ୍ନ ଛନ୍ଦରେ ପ୍ରକାଶ କରିଛନ୍ତି । ମହାକବି ସାରଳା ଦାସ ତାଙ୍କ ମହାଭାରତରେ ମଧ୍ୟପର୍ବରେ ଚନ୍ଦ୍ରଗ୍ରହଣ । ଠାରୁ ତଥିଭେଦରେ ନାରୀ ସହବାସର ବର୍ଣ୍ଣନା କରିଛନ୍ତି । ଅବଶ୍ୟ ଉପେନ୍ଦ୍ର ଏକ ପ୍ରକାର ବର୍ଣ୍ଣନା କରିଛନ୍ତି; କିନ୍ତୁ ଏହା ତାଙ୍କ କାବ୍ୟର ବିଭିନ୍ନ ଛନ୍ଦରେ ରହିଛି । ଓଡ଼ିଆ ସାହିତ୍ୟର ସମାଲୋଚକମାନଙ୍କରେ ପଣ୍ଡିତ ନୀଳକଣ୍ଠ ଉପେନ୍ଦ୍ରଙ୍କର ଏହି ସମୟରେ ଆମ ସଂସ୍କୃତିର ସମ୍ମାନ ରକ୍ଷା ଓ ମନୁଷ୍ୟ ଧର୍ମ ପାଳନରେ ଦକ୍ଷତାର ଭୂୟସୀ ପ୍ରଶଂସା କରିଛନ୍ତି । ଏବଂ ଏହି ଋତୁ କାଳରେ ସ୍ତ୍ରୀ ସମ୍ଭୋଗ ନିଷେଧ କଥା କିପରି ଉପେନ୍ଦ୍ରଙ୍କ କାବ୍ୟ ସାହିତ୍ୟରେ ବିଭିନ୍ନ ରୂପରେ ବର୍ଣ୍ଣିତ ଓ ବ୍ୟଞ୍ଜିତ ତାର ଉଦାହରଣ ଦେଇଛନ୍ତି ।

ଉପେନ୍ଦ୍ରଙ୍କର ରଚନାରେ ପ୍ରେମସୁଧାନିଧି ବ୍ୟତୀତ ଅନ୍ୟ କୌଣସିଠାରେ ବାଲ୍ୟବିବାହ ପ୍ରସଙ୍ଗ ନାହିଁ । କବିବର୍ଣ୍ଣନା କରିଛନ୍ତି ଯେ ପ୍ରେମସୁଧାନିଧି ତାର ଶ୍ୱଶୁରରାଜ୍ୟରେ ପ୍ରଥମେ ପୁଷ୍ପବତୀ ହେଲା । କ୍ଷତ୍ରିୟ ଓ ସାମନ୍ତ ସମାଜରେ କେବଳ ବାଲ୍ୟ ବିବାହ ଯେ ପ୍ରଚଳିତ ଥିଲା ଏହା ଜଣାଯାଏ ନାହିଁ ବୋଲି କେତେକ କହନ୍ତି । ତଥାପି ଏହା ପ୍ରେମସୁଧାନିଧିରେ ବର୍ଣ୍ଣିତ । ବିଜୟଚନ୍ଦ୍ର ମଜୁମ୍‌ଦାର ଏହି ସଙ୍କେତରୁ କ୍ଷତ୍ରିୟ ପରିବାରରେ ବାଲ୍ୟବିବାହ ଚଳୁଥିଲା ବୋଲି କହିଛନ୍ତି । ମୋର ଧାରଣା ବିଜୟଚନ୍ଦ୍ରଙ୍କ ଏପ୍ରକାର ମତ ପୋଷଣ କରିବାରେ କୌଣସି ଅପ୍ରାକୃତିକତା ନାହିଁ । କାରଣ ଇତିହାସ ସମୀକ୍ଷା କଲେ ଜଣାଯାଏ ଉତ୍କଳରେ ମୁସଲମାନ ରାଜତ୍ୱକାଳର ଲୋପ ହେବା ଓ ପ୍ରଭାବ ଅପସରି ଯିବା ପୂର୍ବରୁ ଭାରତର ବିଭିନ୍ନପ୍ରାନ୍ତରେ ମୁସଲମାନ-ମାନଙ୍କ କାମିନୀ ଓ କାଞ୍ଚନ ଲୋଭ ଓ ଧର୍ଷଣ ଚାଲିଥିଲା । ଉକ୍ତ ଉପଦ୍ରବର ନିରାକରଣ ପାଇଁ ହିନ୍ଦୁ ସମାଜର ନେତାମାନେ ଗୃହରେ ଯୁବତୀ କନ୍ୟାମାନଙ୍କୁ ରକ୍ଷାକରିବା ପରିବର୍ତ୍ତେ ଅଧିକାଂଶ ସ୍ଥଳରେ ବାଲ୍ୟବିବାହ କରି ଦେଉଥିଲେ ଓ ଅବଗୁଣ୍ଠନପ୍ରଥାର ପ୍ରଚଳନ କରୁଥିଲେ । ଉପେନ୍ଦ୍ର ମଧ୍ୟ ଏ ବିଷୟରେ ଜ୍ଞାତ ଥିଲେ । ତଥାପି ବାଲ୍ୟବିବାହ ସେ ପସନ୍ଦ କରୁ ନ ଥିଲେ । ସମାଜର ଏହି ବିକାର ଲୋପ ସାଧନରେ ସଂସ୍କାରପ୍ରୟାସୀ ଉପେନ୍ଦ୍ର ଏକ ଉଚ୍ଚକଳ୍ପନା ଗତ କୌଶଳ ଅବଲମ୍ବନ କରିଥିଲେ । କାବ୍ୟର ନାୟକ ନାୟିକା ମାନଙ୍କୁ ଯୁଗ ଯୁଗର, ଜନ୍ମ ଜନ୍ମର ସ୍ତ୍ରୀ ପୁରୁଷ ରୂପେ କଳ୍ପନା କରି ଓ ସେମାନଙ୍କ ବ୍ୟକ୍ତି ବିଶିଷ୍ଟଙ୍କ ପାଇଁ ଉଦ୍ଦିଷ୍ଟ କରି ପୂର୍ବ ଜନ୍ମ ଓ ଐଶ୍ୱରିକ କାରଣ ନିର୍ଦ୍ଦେଶକରିଥିଲେ । ବାଲ୍ୟ ବିବାହ ସମ୍ପର୍କରେ ଭାରତୀୟ ଇତିହାସ ପୃଷ୍ଠାରେ ଯେଉଁ ସଙ୍କେତ ରହିଛି ସେ ପ୍ରତି

ଉପେନ୍ଦ୍ର ଅବଗତ ଥିଲେ । ଉତ୍କଳୀୟ ସାହିତ୍ୟରେ ଜ୍ୟୋତିଷ ମତର ଅବତାରଣା ଅଜାର କଥା ନୁହେଁ । ଭାରତବାସୀମାନଙ୍କ ମଧ୍ୟରେ ଉତ୍କଳୀୟ ମାନେହିଁ ଅଧିକ ଜ୍ୟୋତିଷ ମତରେ ଆସ୍ଥା ସ୍ଥାପନ କରନ୍ତି ଓ ତଦାର ଅନୁସରଣ କରନ୍ତି । ଭାରତୀୟ ସଂସ୍କୃତିର ଏହି ଭାବଟି ଉତ୍କଳରେ ଅତି ଆଦିମ କାଳରୁ ଏତେ ଅନୁସୃତ ହୋଇ-ଥିଲା ଯେ ଆଜିଯୁଗରେ ସିଦ୍ଧାନ୍ତଦର୍ପଣକାର ସାମନ୍ତଚନ୍ଦ୍ର ଶେଖରଙ୍କର ଆବିର୍ଭାବ ଘଟିଥିଲା । ସୁତରାଂ ଉତ୍କଳରେ ଜ୍ୟୋତିଷର ବ୍ୟବହାର ହୁଏ । ଏବେ ମଧ୍ୟ ଆମର ସମାଜରେ ଶୁଭକାର୍ଯ୍ୟମାନଙ୍କରେ ବେଳ, ଲଗ୍ନ ରାଶି ଇତ୍ୟାଦିର ସଙ୍କେତ ଦେଖାଯାଏ । ମହାକବି ସାରଳା ଦାସ ତାଙ୍କ ବିଖ୍ୟାତ ରଚନା ମଧ୍ୟରେ ପୁଷ୍ପଯାତ୍ରା, ସନ୍ଦେଶ ପ୍ରେରଣ, ଦୌତ୍ୟ, ଯଜ୍ଞ, ସ୍ତ୍ରୀ ସହବାସ ପ୍ରଭୃତି ପ୍ରତ୍ୟେକ କାର୍ଯ୍ୟରେ ଜ୍ୟୋତିଷକାଳ ଓ ଲଗ୍ନ ନିର୍ଣ୍ଣୟ ବର୍ଣ୍ଣନା କରି ଅଛନ୍ତି । ତାଙ୍କ ମହାଭାରତ ଏଥିରେ ଭରପୂର । ଉପେନ୍ଦ୍ର ଏହି ସଂସ୍କୃତିର ଦାୟାଦ । ତେଣୁ ତାଙ୍କ ରଚନାର ବିଭିନ୍ନସ୍ଥଳେ ଜ୍ୟୋତିଷ ଗଣନା, ଶୁଭମୁହୂର୍ତ୍ତ ଓ ରାଶି ପ୍ରଭାବର ଉଲ୍ଲେଖ ଅଛି । ଖଡ଼ି ପକାଇ ଫଳ ଗୁଣିବା, ପ୍ରତ୍ୟେକ ଶୁଭକାର୍ଯ୍ୟରେ ଜ୍ୟୋତିଷର ପରାମର୍ଶନେବା ଇତ୍ୟାଦିର ବର୍ଣ୍ଣନା ସଙ୍ଗେ ସଙ୍ଗେ ଏପରିକି ନାୟିକା (କୋଟିବ୍ରହ୍ମାଣ୍ଡସୁନ୍ଦରୀ) ର ଅଙ୍ଗଦୀପ୍ତି ଓ ରୂପଟିକୁ ନବଗ୍ରହ ସଙ୍ଗେ ତୁଳନା କରିଛନ୍ତି । ରାମଚନ୍ଦ୍ରଙ୍କ ଅଭିଷେକ ବେଳ ପରିଷଦମାନଙ୍କର । "ବୃହସ୍ପତି ରାଶି ଅଷ୍ଟମେ ବାଳସି ନୃପତି ହୋଇବେ କେହି" ଉକ୍ତି ବାକ୍ୟରୁ ଉପେନ୍ଦ୍ରଙ୍କ ଜ୍ୟୋତିଷଚର୍ଚ୍ଚାର ଅବତାରଣା ସୁସ୍ପଷ୍ଟ । ଏହି ବର୍ଣ୍ଣନା ତାଙ୍କ ପ୍ରତ୍ୟେକକାବ୍ୟରେ ଦେଖାଯାଏ ଏବଂ ବିଶେଷରେ ବିବାହ ଆଦି ଶୁଭକାର୍ଯ୍ୟ ସଂପର୍କରେ । ଏ ସମ୍ପର୍କରେ ଆଉ ଗୋଟିଏ କଥା ମନେ ପଡ଼େ । ଓଡ଼ିଆ ସାହିତ୍ୟର କ୍ରମପରିଣାମରେ ସମାଲୋଚକ

ନୀଳକଣ୍ଠ ଓଡ଼ିଆ ସାହିତ୍ୟରେ ଏହି ଜ୍ୟୋତିଷ ଅନୁଶୀଳନ, ମାସ, ବର୍ଷ ଓ କାଳ ନିର୍ଣ୍ଣୟ ନେଇ ଯେଉଁ ବିରାଟ ଆଲୋଚନା କରିଛନ୍ତି ସେଥିରେ ସେ ସାରଳାଦାସଙ୍କ ଜ୍ୟୋତିଷ ଗଣନା ଓ ଅଧିକାଂଶ ଓଡ଼ିଆ କବିଙ୍କର ଏହି ଚର୍ଚ୍ଚାରେ ବହୁ ପ୍ରମାଦ ଥିବାର ପ୍ରକାଶ କରିଛନ୍ତି ଏବଂ ମତ ପ୍ରକାଶ କରିଛନ୍ତି ଏହି ପ୍ରମାଦ କବିଙ୍କର ଜ୍ୟୋତିଷରେ ପୂର୍ଣ୍ଣ ଓ ପ୍ରଭୂତଜ୍ଞାନର ଅଭାବ ଯୋଗ । ଯାହାହେଉ ଜ୍ୟୋତିଷ ପ୍ରତି ଲୋକଙ୍କର ସମ୍ମାନ, ଯୁଗର ବିଶ୍ୱାସହିଁ କବିମାନଙ୍କୁ ଏ ପରି କାବ୍ୟର ଛତେ ଛତେ ବର୍ଣ୍ଣନା କରିବାକୁ ପ୍ରେରଣା ଦେଇଛି । ସ୍ଥୂଳତଃ ଜ୍ୟୋତିଷ ଆମ୍ଭମାନଙ୍କର ବ୍ୟବହାରିକଜୀବନର ଥିଲା ଅନ୍ୟତମ ଅଂଶ । କବିଙ୍କ ବର୍ଣ୍ଣନାରୁ ଏତିକି ଗ୍ରହଣ କରାଯାଇପାରେ ।

ଯାତ୍ରା କାଳରେ ଶୁଭଶକୁନ ଦେଖିବା ବା ଶୁଭ ସୂଚକ ବାକ୍ୟ ଶ୍ରବଣ କଲେ କାର୍ଯ୍ୟସିଦ୍ଧି ହୁଏ, ଏହା ଆମ ସମାଜର ଏକ ବଦ୍ଧମୂଳ ବିଶ୍ୱାସ । ଉପେନ୍ଦ୍ରଙ୍କ କାବ୍ୟର ଭିନ୍ନ ଭିନ୍ନ ସ୍ଥଳରେ ଏହା ଉଲ୍ଲେଖ ରହିଛି । ରାମଚନ୍ଦ୍ର ରାବଣ ସହ ଯୁଦ୍ଧ ଯାତ୍ରା କାଳରେ ତାଙ୍କର ବିଭିନ୍ନ ଅଙ୍ଗ ସ୍ଫୁରଣ, ଶୁଭଶକୁନ ଦର୍ଶନ ପ୍ରଭୃତିର ବର୍ଣ୍ଣନା ବୈଦେହୀଶ ବିଳାସରେ ଦେଖାଯାଏ । ଦଧି, ମତ୍ସ୍ୟ, ଶୃଗାଳ ପ୍ରଭୃତିର ବର୍ଣ୍ଣନା, ଚନ୍ଦ୍ରଭାନୁର ଦୂତ ଲାବଣ୍ୟବତୀ ନିକଟ ଯିବାବେଳେ ବର୍ଣ୍ଣନା କରାଯାଇଛି । ଏ ପ୍ରସଙ୍ଗରେ କେତେକ ପଦ ଉଦ୍ଧାର କରୁଛି ।

"ସାଧୁଙ୍କୁ ତହିଁ ଅନୁକୂଳ ଦେଲେ
ବିଜ୍ଞ ବୃଦ୍ଧରୂପୀ ଜଣେ ସଙ୍ଗ କଲେ ।
ଶୂନ୍ୟେ ସେ କାଳେ ଅଭାସ୍ତୀ ବାଣୀ ଭ୍ରମେ
ଗଲା ଦକ୍ଷିଣେ ଦ୍ୱିଜ, ଗୋମାୟୁ ବାମେ

ପଞ୍ଚୁଁ ପବନ ବନ୍ଧନ୍ତି ହୋଇ ସ୍ୱଚ୍ଛ
ଯୋଗୀ ଧୀବର ଜାଳନ୍ତେ ଦଧି ମାଛ
ଅଣ୍ଡା ବଢ଼ୁଛି ଶୁଭ ସୂଚକ ଜାଣି
ଗ୍ରନ୍ଥ ସମାପତ ତୋଷ ପୁଂସମଣି" ।

ସୁନ୍ଦରୀ ସ୍ତ୍ରୀ ପାଇବାକୁ, ଭଲପଦାର୍ଥ ଲାଭ କରିବାକୁ ଓ ମନସ୍କାମ ପୂରଣହେବା ନିମନ୍ତେ ଜାପଞ୍ଚ ଲୋକମାନେ ଦେବାଦେବୀ ଆରାଧନା ଓ ତନ୍ତ୍ରୀବରଣ ଇତ୍ୟାଦି କରନ୍ତି । ଲାବଣ୍ୟବତୀକୁ ଲାଭ କରିବାପାଇଁ ବାଇନାଦେବର ଲୋକେ ଜାପର କରିଥିଲେ ଉପେନ୍ଦ୍ର ଭଞ୍ଜ ଏମେ ତାହାର ସୁନ୍ଦର ଚିତ୍ର କରିଛନ୍ତି ।

"ହ୍ରୀଙ୍କ କ୍ଲିଣ୍ଡ୍ରୀ ଭୂତ କରି ଚଣ୍ଡୀ ବରଣ
ପ୍ରତିଦିନ କରବାରେ ହେଲେ ନିପୁଣ ।
ଶଂଯା ଯୋଗ୍ୟ ଅନୁକମ୍ପା କରିବା ପାଇଁ
ଶିବେ ଗୋଦହନ କରି ରମ୍ଭା ଚଢ଼ାଇ ।
ଅଜର ସୁଖୀ ନୟନେ ଦେଖିବା ପାଇଁ
ଗଣେଶଙ୍କୁ ଲଡ୍ଡୁ ଦେବା ଗଣନା ନାହିଁ ।
କରେ ଛୁଇଁବାକୁ ତାରକୁଚକଳସୀ
ରମାବଲ୍ଲଭଙ୍କୁ ଦେଲେ ଲକ୍ଷେ ତୁଳସୀ ।
କାମ ଶାସ୍ତ୍ର ଦେଖି ସ୍ତ୍ରୀର ବଶୀକରଣ
କଲେ ମନ୍ତ୍ର ଅଜପଧ୍ୟାନ ଶିଭଆଣ ।" ଇତ୍ୟାଦି ।

ବଶୀକରଣ, ସ୍ତମ୍ଭନ, ମୋହନ, ମନ୍ତ୍ର ଓ ଔଷଧିର ଆମ୍ଭମାନଙ୍କ ସମାଜରେ ଆଜି ମଧ୍ୟ ପ୍ରଭାବ ଓ ଚଳପଣ ଦୁର୍ଲ୍ଲଭ ନୁହେଁ । ତନ୍ତ୍ରବିଦ୍ୟାର ପରମ୍ପରା ଅମର ଅବିଦମଙ୍ଗଳବନରୁ ଅଦ୍ୟାବଧି ବିଭିନ୍ନ ରୂପ ପରିଗ୍ରହ କରି ବର୍ତ୍ତମାନ ଭଲୁକ, ବେତାଳ, ଦଶମହାବିଦ୍ୟା ମଧ୍ୟରୁ ଏକ ଅଂଶ । ଏହାର ମୌଳିକତା ଓ କାର୍ଯ୍ୟ

ଲାବଣୀ ଶକ୍ତିର ସତ୍ୟତା ଯାହା ଥାଉ ନା କାହିଁକି ବିଶ୍ୱାସ ନେହେଉଛି ଏହାର ପ୍ରଧାନ ଉତ୍ସ । ଏହା ବ୍ୟତୀତ କବି ଦେଶର ଯାତ୍ରା ବିଧି ପର୍ବ ପର୍ବାଣୀର ବର୍ଣ୍ଣନା କରିବାକୁ ଯେଉଁଠାରେ ସୁଯୋଗ ପାଇଛନ୍ତି ତାହା ଅତି ସୁନ୍ଦର ଭାବରେ କରି ପାରିଛନ୍ତି । ପୁରୀର ଚନ୍ଦନ ଯାତ୍ରା ବର୍ଣ୍ଣନାରେ ଏ ସୁସ୍ପଷ୍ଟ ।

ବନ୍ଧୁ ଦର୍ଶନରେ, ସୁହୃଦରେ କପଟ ଅଭିବାଦନ, କୁଶଳ ପ୍ରଶ୍ନ, ଆତିଥ୍ୟ, କନ୍ୟା ବଧୂମାନଙ୍କ ଶାଶୁ ଶ୍ୱଶୁର, ପିତାମାତାଙ୍କର ଉପଦେଶ ଇତ୍ୟାଦି ସାମାଜିକ ବ୍ୟବହାର ଗୁଡ଼ିକର ସୁନ୍ଦର ଆଲେଖ୍ୟ ବୈଦେହୀଶ ବିଳାସ, ରାମଲୀଳାମୃତ ପ୍ରଭୃତିରେ ରହିଛି । କୌଶଲ୍ୟାଙ୍କର ରାମ ବନବାସ କାଳରେ ସୀତାଙ୍କୁ ଯେଉଁ ଉପଦେଶ ଏବଂ ସ୍ୱାମୀର ବିପଦ କାଳରେ "ବିପିନରେ ଯୀନ ଉରଜା" ପ୍ରଭୃତି ବାକ୍ୟରେ କୌଣସି ଅପୂର୍ବଦ୍ରବ୍ୟ ପାଇଁ ଅଳି ନ କରିବାକୁ ଯେଉଁ ସଙ୍କେତ ବାଣୀ ତାହା ଅତି ସୁନ୍ଦର । ରାଜ-ପୁରୁଷ ଓ ପୁରବାସୀମାନଙ୍କର ଆମୋଦପ୍ରମୋଦ ଲକ୍ଷ୍ୟରେ କବି ବିଭିନ୍ନ କ୍ଷେତ୍ରରେ କୁହୁକ, ଐନ୍ଦ୍ରଜାଲିକ କ୍ରିୟା, ନୃତ୍ୟ ଗୀତ ପ୍ରଭୃତିର ବର୍ଣ୍ଣନା କରିଛନ୍ତି । ଲାବଣ୍ୟବତୀର ୧୫ଶ ଛାନ୍ଦରେ ନଟବର ଓ ତାର ସ୍ତ୍ରୀଙ୍କର ବେଶବିନ୍ୟାସ ବ୍ୟତୀତ ସେମାନଙ୍କ ଅଦ୍ଭୁତ କ୍ରିୟାର ବର୍ଣ୍ଣନା ସାମାଜିକ ଆମୋଦପ୍ରମୋଦର ଏକ ମଧୁର ଆଲେଖ୍ୟ ।

ବାଣିଜ୍ୟ, ବୋଇତ, ଯାତ୍ରା, ବନ୍ଦାଣ ପ୍ରଭୃତି ମଧ୍ୟ ସାମାଜିକ ଜୀବନର ଏକ ଅଂଶ । କବି ସିଂହଳର ବନ୍ଦାବର, ତାର ପୋତ ଯାତ୍ରାରେ ବାଣିଜ୍ୟ ଓ ଗୃହ ପ୍ରତ୍ୟାବର୍ତ୍ତନରେ ମେଘମାଳା ପ୍ରଭୃତିଙ୍କ ଦ୍ୱାରା ବନ୍ଦାଣର ବର୍ଣ୍ଣନା କରିଛନ୍ତି ।

କବିଙ୍କ କାବ୍ୟମାନଙ୍କରେ ସାମାଜିକତାର ଉପର୍ଯ୍ୟୁକ୍ତ ଶର୍ତ୍ତଗୁଡ଼ିକ ବ୍ୟତୀତ ସାମନ୍ତବାଦୀ ଅଭିଜାତ୍ୟପୂର୍ଣ୍ଣ ପରିବାରଗୁଡ଼ିକରେ କିପରି ନାରୀଶିକ୍ଷାର ପ୍ରଚଳନ ଥିଲା ତାହାର ଭୂରି ଭୂରି ସଙ୍କେତ ରହିଛି । ଅନ୍ତଃପୁରର ବିଳାସ ଓ ଐଶ୍ୱର୍ଯ୍ୟ ମଧ୍ୟରେ ଯୁବତୀ ସ୍ତ୍ରୀମାନେ କିପରି ନାନା କଳା, କାମଶାସ୍ତ୍ର, ନ୍ୟାୟସୂତ୍ର, ପଶା ପ୍ରଭୃତି କ୍ରୀଡ଼ାରେ କାଳାତିପାତ କରୁଥିଲେ ଓ ସଙ୍ଗୀତ ସାହିତ୍ୟରେ ରତ ରହୁଥିଲେ, ତାହା ତାଙ୍କ ନାୟିକାପ୍ରଧାନ କାବ୍ୟଗୁଡ଼ିକରେ ପୂରି ରହିଛି ।

ପରିଶେଷରେ କହିବାକୁ ହୁଏ ଯେ, କବି ସ୍ୱୀୟ କାବ୍ୟରେ ମନୁଷ୍ୟ ଜୀବନର ଯେଉଁ ବେଦନା ଦେଖି ଓ ଯେଉଁ ଐଶ୍ୱର୍ଯ୍ୟ ଦେଖି ତାଙ୍କର ସାଧନାରେ ତତ୍ପର ତାକୁ ବେଷ୍ଟନ କରି ରହିଥିବା ପରିସ୍ଥିତିକୁ ସେ ଅବହେଳା କରି ନାହାନ୍ତି । ଅସ୍ଥିର ଅନାଟନ ବିହୀନ ସମ୍ଭ୍ରାନ୍ତ ଓ ବିଳାସମୟ ଜୀବନ ମଧ୍ୟରେ ବିବାହ ଓ ତହିଁରେ ନାରୀକୁ ସେ ବିରାଟ ସମସ୍ୟା ଓ ବିପ୍ଳବ ରୂପେ ଗ୍ରହଣ କରିଥିଲେ । ସେ ବିବାହ ସାମାଜିକ ସଂସ୍ଥାର ଅନୁକୂଳ ପତିପତ୍ନୀ ହେବା ପରିବର୍ତ୍ତେ କଠୋର ନିୟମଗତ ଓ ପ୍ରଥା ମଧ୍ୟରେ ଆବୃତ୍ତ । ତେଣୁ ଏହି ବୈବାହିକ ଓ ସୁସ୍ଥଜୀବନ ଯାପନରେ ଯେଉଁ ଯେଉଁ ଶକ୍ତି, ସମସ୍ୟା, ଉତ୍ସବ ଓ ପରମ୍ପରାର ସମ୍ପର୍କ ରହିଛି, କବି ତାହା ସ୍ପର୍ଶ କରିଛନ୍ତି । ବାସ୍ତବରେ ଯୁଗର ପ୍ରକୃତ ଉପେନ୍ଦ୍ରଙ୍କ ସାମାଜିକ ଓ ଅନ୍ୟାନ୍ୟ ସମସ୍ୟାର ସମ୍ମୁଖୀନ କରି ନ ଥିବା ହେତୁ ତାଙ୍କ ପକ୍ଷରେ ସମାଜର ସାଧାରଣ ସଂସ୍ଥାଗୁଡ଼ିକର ନିଖୁଣ, ନିଚ୍ଛକ ଅଥଚ ଆଡ଼ମ୍ବରପୂର୍ଣ୍ଣ ଆଲେଖ୍ୟ ପ୍ରଦାନ କରିବାରେ ସାହାଯ୍ୟ କରିଥିଲା । ଉପରେ ଆଲୋଚିତ ସାମାଜିକ ସଂସ୍ଥା ଓ କ୍ରିୟା କଳାପ ଓ ବିଶ୍ୱାସ ଯେ ଆମମାନଙ୍କ

ଜାତିର ସାମାଜିକତାର ଏକ ଆଦର୍ଶ ଓ ଆଡ଼ମ୍ବରମୟ ଚିତ୍ର, ଏହା କହିବାରେ କୌଣସି ଆପତ୍ତି ନାହିଁ । ବରଂ ଉପେନ୍ଦ୍ରଙ୍କର ଅଦ୍ୱିତୀୟ ବର୍ଣ୍ଣନାଚାତୁର୍ଯ୍ୟ ମଧ୍ୟରେ ଉତ୍କଳର ଏହି ଜାତୀୟତା ଯେପରି ଆତ୍ମପ୍ରକାଶ କରିଛି, ସରଳା ଦାସଙ୍କ ବ୍ୟତୀତ ଅନ୍ୟ କାହାରି କୃତିରେ ତାହା ସମ୍ଭବ ହୋଇ ପାରିନାହିଁ ।

---

## କାଳ୍ପନିକ କାବ୍ୟ ଗୁଡ଼ିକର ବିଷୟବସ୍ତୁ ସମାବେଶରେ ଏକପ୍ରକାର ଗତି

ମଧ୍ୟ ଯୁଗୀୟ ଉତ୍କଳ ସାହିତ୍ୟରେ କାଳ୍ପନିକ କାବ୍ୟର ସ୍ରଷ୍ଟା ହିସାବରେ ଉପେନ୍ଦ୍ର ଅଗ୍ରଗଣ୍ୟ । ତାଙ୍କର ଏକାଧିକ କାଳ୍ପନିକ କାବ୍ୟର ଅନୁଶୀଳନ କଲେ ଜଣାଯାଏ ଯେ କବି କାଳ୍ପନିକ ଚିତ୍ର ମାନଙ୍କୁ ଘେନି ଔପନ୍ୟାସିକ କଥାବସ୍ତୁ ସଂଯୋଜନାରେ ଯେଉଁ କେତେ ଖଣ୍ଡି କାବ୍ୟ ରଚନା କରିଛନ୍ତି ସବୁଗୁଡ଼ିକର ମୂଳପିଣ୍ଡ ପ୍ରାୟ ଏକାପରି । କେତେକ ସ୍ଥଳରେ କଥାବସ୍ତୁଗତ ନଗଣ୍ୟ ସ୍ୱତନ୍ତ୍ରତା ପରିହାର କଲେ ବିଷୟ ସମାବେଶ, ବର୍ଣ୍ଣନା ଓ ଘଟନାର ଅଗ୍ରଗତିରେ ସମସ୍ତ କାବ୍ୟ ପ୍ରାୟ ଏକାପରି । ପ୍ରେମ ଭକ୍ତି କାବ୍ୟ ଗୁଡ଼ିକରେ ପ୍ରଧାନ ଉପଜୀବ୍ୟ ବିଷୟ । ସେ ପ୍ରେମ ବିବାହର ବାହାର ବନ୍ଧନ ଏଡ଼ିପାରେ ନାହିଁ । ବିବାହ ମଧ୍ୟ ବୈଦିକ । ଏହି ବିବାହମୂଳକ ପ୍ରେମର ସୁଚିତ୍ତସ୍ଥା ଘେନି କବି ସୃଷ୍ଟି କରିଛନ୍ତି ଷଡ଼ଋତୁ ମଧ୍ୟରେ ବିରହ ।

ଦ୍ୱିତୀୟରେ କାବ୍ୟର ମଙ୍ଗଳା ଚରଣ ପରେ ପରେ କବି ନାୟକ ନାୟିକାମାନଙ୍କର ଐଶ୍ୱରିକଶକ୍ତି ଘେନି ଜନ୍ମର ଅବତାରଣା କରି ସାରି ସେମାନଙ୍କର ବାଲ୍ୟ, କୈଶୋର, ଯୌବନ ମଧ୍ୟରେ

ସୌନ୍ଦର୍ଯ୍ୟର ବର୍ଣ୍ଣନା କରିଛନ୍ତି । ବୟସର କ୍ରମବର୍ଦ୍ଧିଷ୍ଣୁ ଅବସ୍ଥାରେ ସେମାନଙ୍କର ଅଭିଳଷିତ ସଖୀ, ସଖୀମାନଙ୍କ ସାହଚର୍ଯ୍ୟ ଲାଭ ଓ ପ୍ରେମ ପ୍ରସଙ୍ଗ ଚର୍ଚ୍ଚା । ଏହି ଅଭିପ୍ରାୟରେ କବି ଚିତ୍ରପଟ ସ୍ୱପ୍ନଦର୍ଶନ ଦୈବଭାଗ୍ୟର ଶକ୍ତିଦ୍ୱାରା ନାୟକ ନାୟିକାଙ୍କ ଭେଟ ଓ ବିଚ୍ଛେଦ ଉପବନ ବିହାର, ଜଳକ୍ରୀଡ଼ା, ବିରହ ମିଳନ ପାଇଁ ଜ୍ୟୋତିଷ ଦେବାଦେବୀ ମନାସିବା ପ୍ରଭୃତିର ଚିତ୍ର କରିଛନ୍ତି । ଏହି ପ୍ରେମର ସୂତ୍ରପାତରେ ସାହାଯ୍ୟକାରୀ ଭାବରେ ଦ୍ୱିଜ, ବ୍ରହ୍ମଚାରୀ, ସାଧୁତ, ମନ୍ତ୍ରୀ, ଅଦ୍ଭୁତ ପୁରୁଷ, ଶୁକ ଶାରୀମାନଙ୍କ ନିଯୁକ୍ତି ।

ଏହା ପ୍ରାୟ ଜଣା ଅଧିକ ସବୁ କାବ୍ୟରେ ଉପଲଭ୍ୟ । ତା'ପରେ ମୃଗୟା, ଦେବଦର୍ଶନ ଇତ୍ୟାଦି ଛଳରେ ଦର୍ଶନ, ପିତା-ମାତାଙ୍କ ଅନ୍ୟଦ୍ୱାରା ସମ୍ମତ କରାଇବ, ଅଥବା କେଉଁ କେଉଁଠି ପଣରକ୍ଷା ମାଧ୍ୟମରେ ବିବାହ । ବିବାହ ଯୌତୁକ ମଧୁଶଯ୍ୟା ଇତ୍ୟାଦିର ବର୍ଣ୍ଣନା ରହିଛି । ବିବାହପରେ କାବ୍ୟର କଥା-ବସ୍ତୁର ଅପାତତଃ ଶୀଘ୍ର ସମାପ୍ତି ନ କରିବା ଓ ଋତୁ ବର୍ଣ୍ଣନା ଛଳରେ ବିରହ ବର୍ଣ୍ଣନା କରିବା ପାଇଁ ଦୈବୀଶାପ ଅଥବା ଦୁଷ୍ଟ ଦମନ ଛଳରେ ନାୟକଙ୍କର ବିଦେଶ ଗମନ । ଏହି ଅନୁପସ୍ଥିତି ସବୁଠାରେ ଏକବର୍ଷ ବା ଷଡ଼ଋତୁର ସମାପ୍ତି ପର୍ଯ୍ୟନ୍ତ ବର୍ତ୍ତିତ । କବି ଏହି ଅବକାଶରେ ବିପ୍ରଲମ୍ଭ ଶୃଙ୍ଗାରର ସୀମାତୀତ ବର୍ଣ୍ଣନା କରିଛନ୍ତି । ଏ ପ୍ରସଙ୍ଗରେ ବିଭିନ୍ନ ଋତୁରେ ନାୟିକାର ଭାବନା ତାର ବିରହ ତାପ ନିବାରଣରେ ସଖୀମାନଙ୍କର ଅପ୍ରାଣ ଉଦ୍ୟମ ଓ ନାୟିକାର ଅଷ୍ଟ ସାତ୍ତ୍ୱିକ ବର୍ଣ୍ଣନା । ଏହି ବର୍ଣ୍ଣନା ପରେ କବି ଯେକୌଣସି ଉପାୟରେ ହେଲେ ନାୟକ ନାୟିକାଙ୍କର ମିଳନ କରାଇଛନ୍ତି ।

ଉପେନ୍ଦ୍ରଙ୍କ କାଳ୍ପନିକ କାବ୍ୟ ଗୁଡ଼ିକରେ କେବଳମାତ୍ର ପ୍ରେମପ୍ରସଙ୍ଗ । ସେ ପ୍ରେମରେ ଲକ୍ଷ୍ୟଭ୍ରଷ୍ଟ ହେବାର ନାହିଁ । କାରଣ ତାହା ଉଦ୍ଦିଷ୍ଟ । ତେଣୁ ଏହି ଉଦ୍ଦିଷ୍ଟ ଉଦ୍ଦେଶ୍ୟକୁ ଫଳବତୀ କରିବାରେ କବି ଯାହା କିଛି ବର୍ଣ୍ଣନାଗତ ପୃଷ୍ଠଭୂମି ଅବଲମ୍ବନ କରିଛନ୍ତି । ତଥାପି ସମସ୍ତରେ ଦୈବୀଚକ୍ର, ଜନ୍ମ, ଯୌବନ ବର୍ଣ୍ଣନା ସଖୀପ୍ରାପ୍ତି, ନାୟିକାର ରୂପଗୁଣ ବର୍ଣ୍ଣନା, ମୃଗୟା, ସଙ୍କଳ୍ପ, ଦେଶ୍ୟାଟନ, ପରାମର୍ଶ, ବଶୀକରଣ, ଅଧ୍ୟୟନ, ଶୁକ, ଶାରୀ, ବ୍ରହ୍ମରାକ୍ଷସୀ ଇତ୍ୟାଦିଙ୍କ ଉପସ୍ଥିତି ଓ ସାହାଯ୍ୟ, ଦର୍ଶନ, ସ୍ୱପ୍ନ ବିରହ, ମିଳନ, ବିବାହ, ମଧୁଶଯ୍ୟା, ବିଚ୍ଛେଦ, ଷଡ଼ଋତୁ ବର୍ଣ୍ଣନା ଓ ପୁନଃମିଳନର ବର୍ଣ୍ଣନା ଦେଖିବାକୁ ମିଳେ ।

ଅବଶ୍ୟ 'ରସିକହାରାବଳୀ' ଓ 'ସୁବର୍ଣ୍ଣରେଖାରେ' ଏହାର କେତେକ ବ୍ୟତିକ୍ରମ ଦେଖାଯାଏ । ତଥାପି ଉଞ୍ଜଙ୍କ ଔପନ୍ୟାସିକ କାବ୍ୟ କହିଲେ ତା'ର କଥାବସ୍ତୁ (Plot) ଏବଂ ସଂଯୋଜନା ଯେଉଁ ଉପର୍ଯ୍ୟୁକ୍ତ ପ୍ରକାରେ ଏକ ସାଧାରଣ ଧାରଣା ଆସେ । ଅଧିକନ୍ତୁ ଏକାଧିକ କାଳ୍ପନିକ କାବ୍ୟରେ ଏହି ଏକ ପ୍ରକାର ସମାବେଶ କବିପ୍ରତିଭାକୁ ସମାଲୋଚକ ନିକଟରେ ପୁନରାବୃତ୍ତି ବା ଦର୍ଶନର ସସୀମ ରୂପେ ଯେତେ ପରିମାଣରେ ଉପସ୍ଥାପିତ ନ କରି ପାରନ୍ତା, ବର୍ଣ୍ଣନାଗତ ପୁନରାବୃତ୍ତି ତତୋଧିକ କରୁଛି । କବି ଦେଶ, ରୂପ, ଯୌବନ ପ୍ରଭୃତି ଓ ଋତୁ ବର୍ଣ୍ଣନାରେ ବିଭିନ୍ନ କାବ୍ୟରେ ଯେଉଁ ବର୍ଣ୍ଣନା କରିଛନ୍ତି ତାହା ଯେ ପୁନରାବୃତ୍ତି ଓ ଏକ ପ୍ରକାରର, ଏ କଥା କହିଲେ ଉପେନ୍ଦ୍ରଙ୍କ ପ୍ରତି ମୋ ଭଳି ଅଳ୍ପ ବୁଦ୍ଧି ପାଠକ କୌଣସି ଅନ୍ୟାୟ କଲା ବୋଲି ବୁଝାଯିବ ନାହିଁ । ମୁଁ ପାଠକମାନଙ୍କୁ ମୋର ସଂପର୍କିତ ମତ ଦୃଢ଼ କରିବା

ପାଇଁ ନିମ୍ନଲିଖିତ ବିଷୟ ବର୍ଣ୍ଣନା ପ୍ରତି ତାଙ୍କ ଦୃଷ୍ଟି ଦେବେ ବୋଲି ଅନୁରୋଧ କରେ ।

ପ୍ରଥମତଃ ଚିତ୍ରକୂଟ ଦର୍ଶନ ଛଳରେ ବିଭିନ୍ନ ଦେଶର ବର୍ଣ୍ଣନା । ଦ୍ୱିତୀୟତଃ ନାରୀ ଅଙ୍ଗ ସୌଷ୍ଠବକୁ ରଥ ଓ ସରସୀ ରୂପେ କଳ୍ପନା କରିବାରେ, ତୃତୀୟରେ ନାରୀ ଅଙ୍ଗରେ ଯୌବନ ସ୍ୱଜା ଅର୍ପି ସଜ୍ଜିତ କରିବାରେ, ଚତୁର୍ଥରେ ନାରୀର ଚକ୍ଷୁ, କେଶ ଓ ସ୍ତନ ବର୍ଣ୍ଣନାରେ, ପଞ୍ଚମରେ ଋତୁ ଚିହ୍ନଣ ଓ କୁମାରୀ ଯୁବତୀ ହେବା ବର୍ଣ୍ଣନାରେ, ଓ ଷଷ୍ଠରେ ଦମ୍ପତିଙ୍କର କାର୍ଯ୍ୟ କଳାପରେ; ଅର୍ଥାତ୍ ଉପର ସେମାନେ ଯୋଗୀ ଦୃଷ୍ଟିରେ ପ୍ରଳୟ ବିହ୍ୱଳଛନ୍ତି, ଯୁବା ସୃଷ୍ଟିକୁ ଜଗାଡ଼ି ଦେଉଛନ୍ତି, କେବଳ ଚୁମ୍ବନ ଦାନ କରୁଛନ୍ତି, ନଖଘାତ କରୁଛନ୍ତି, କ୍ଷୀଣ ବସନ ଭଙ୍ଗ କରୁଛନ୍ତି, ଏବଂ ବାହୁ ବନ୍ଧନକୁ ମାଳା କରୁଛନ୍ତି ଇତ୍ୟାଦି । ବର୍ଷା, ବସନ୍ତରେ ଲାବଣ୍ୟବତୀ ଅବସ୍ଥା ଯାହା ପ୍ରେମସୁଧାନିଧିର ତାହା, ଚନ୍ଦ୍ରଭାନୁର ଯାହା ପୁଷ୍ପକେତୁର ତାହା । ଉପର୍ଯ୍ୟୁକ୍ତ କେତୋଟି ମାତ୍ର ବର୍ଣ୍ଣନା ପ୍ରସଙ୍ଗକୁ ମୋର ମନ୍ତବ୍ୟ ତୁଳନାରେ ଅବଧାରଣା କରିବାକୁ ମୁଁ ପାଠକମାନଙ୍କୁ କହୁଅଛି । କାରଣ ମୋର ଧାରଣା, ଲାବଣ୍ୟବତୀ ବା ପ୍ରେମସୁଧାନିଧି ଭଳି ଶତଶତ ବାଲ୍ମୀକି କାବ୍ୟ ରଚନା କରିଥିଲେ ମଧ୍ୟ ଉପେନ୍ଦ୍ର ଔପନ୍ୟାସିକ କାବ୍ୟକାର ହିସାବରେ ଏପର୍ଯ୍ୟନ୍ତ ଯେଉଁ ଆସନର ଅଧିକାରୀ ସେଥିରୁ ବଞ୍ଚିତ ହୋଇ ନ ଥାନ୍ତେ । କିନ୍ତୁ ଏ ବିଶାଳ ସୃଷ୍ଟିର ବ୍ୟାପକତା କଣ, ଗମ୍ଭୀରତା କେଉଁଠି, ବୈଚିତ୍ର୍ୟ ବା କାହିଁ ? କେବଳ ଅଧିକା ଯାହା କିଛି ମିଳୁଛି ତାହା ଅଳଙ୍କାର ପ୍ରୟୋଗ ଓ କାବ୍ୟର ସ୍ଥୂଳ ଆକାର ପ୍ରକାରରେ । ମୁଁ ଏ ମନ୍ତବ୍ୟ ଉପେନ୍ଦ୍ରଙ୍କ ପୌରାଣିକ କାବ୍ୟ ବା ସାହିତ୍ୟର ଅନ୍ୟ ବିଭାଗ ପ୍ରତି ପ୍ରୟୋଗ କରୁନାହିଁ । ଏଣୁ ମୋତେ ଯେପରି କେହି ଭୁଲ୍ ନ ବୁଝନ୍ତି ।

# ଉପେନ୍ଦ୍ର ସାହିତ୍ୟରେ ପ୍ରେମ

ମାନବର ଭାବଧାରା ମଧ୍ୟରେ ପ୍ରେମ ଅନ୍ୟତମ । ସଂଯତ ଓ ରୁଚି ଅନୁକୂଳ ଯୌନସମ୍ଭୋଗହିଁ ପ୍ରେମର ବାସ୍ତବବସ୍ତୁ । କିନ୍ତୁ ଏହି ପ୍ରେମ ଯେ କେବଳ ସ୍ତ୍ରୀ ପୁରୁଷ ମଧ୍ୟରେ ଯୌନ ଆକର୍ଷଣ ମଧ୍ୟରେ ସୀମିତ ତାହା ନୁହେଁ, ପ୍ରେମର ଶ୍ରେଷ୍ଠ ବିକାଶରେ ତାହାର ରୂପ ଅନେକ ପ୍ରକାର । ବାତ୍ସଲ୍ୟ, ସୁହୃଦୟତା, ଦେଶାତ୍ମବୋଧ, ବନ୍ଧୁତା ମଧ୍ୟ ପ୍ରେମର ଅନ୍ୟାନ୍ୟ ବିକାଶ । ମନୁଷ୍ୟର ଚିନ୍ତା ଓ ଦର୍ଶନ ରାଜ୍ୟରେ ଯୌନ ଆକର୍ଷଣ ଓ ସମ୍ଭୋଗହିଁ ପ୍ରେମର ଆଦିମ ଉପଜୀବ୍ୟ । ସୃଷ୍ଟିର ଇତିହାସ ଯେଣି ସଭ୍ୟତାର ଆଦିମ ଅବସ୍ଥାରୁ ଏହି ଆଦି ଜୈବୀ ପ୍ରବୃତ୍ତିହିଁ ସୁସ୍ଥ ଜୀବନବୋଧ ଓ ପ୍ରୟୋଜନୀୟତା ମଧ୍ୟରେ ପ୍ରେମ ସୃଷ୍ଟିର କାରଣ ।

କବି ଓ ଦାର୍ଶନିକ ଗଣ ଯୁଗ ଭେଦରେ ଏହି ଇନ୍ଦ୍ରିୟ ସେବାରେ ସାର୍ଥକତା ଉପଲବ୍ଧି କରି ପ୍ରେମକୁ ମନୁଷ୍ୟ ପ୍ରବୃତ୍ତିର ସହଜାତ ବିକାଶ ରୂପେ ଗ୍ରହଣ କରିଛନ୍ତି । କେବଳ ସେତିକି ନୁହେଁ, ଦୃଷ୍ଟିଭଙ୍ଗୀ, ଚିନ୍ତାଧାରା ଓ ବ୍ୟକ୍ତିତ୍ୱର ରଂଜନରେ ଏହା ଭିନ୍ନରୂପେ ରୂପାୟିତ । ଭାରତୀୟ ସଂସ୍କୃତିରେ ଏହା ଗାର୍ହସ୍ଥ୍ୟ ଜୀବନର ପରିପୋଷକ ଏବଂ ଜୀବନର ପ୍ରଧାନ ନିବନ୍ଧନ । ନାରୀକୁ ପ୍ରେମରୁ ଭୋଗ୍ୟବସ୍ତୁ ରୂପେ ଦେଖିବାଠାରୁ ସହସଙ୍ଗିନୀ, ଅର୍ଦ୍ଧାଙ୍ଗିନୀରୂପେ ପରିକଳ୍ପନା କରିବା ରୁଚିର ଉନ୍ନତ ବିକାଶ ସଙ୍ଗେ ସମ୍ଭବ ହୋଇପାରିଛି । ଭୋଗ୍ୟ ହେବାଠାରୁ ସହଯାତ୍ରୀ ଓ ସହଧର୍ମୀ ହେବାର ସୌଭାଗ୍ୟ ଯେଣି ନାରୀ ମନୁଷ୍ୟ ଜୀବନର ଏକ ଅପରିହାର୍ଯ୍ୟ ରୂପେ ଏବେ ଉପସ୍ଥିତ ।

ନାରୀ ଓ ତାର ପ୍ରେମର ଏହି କମନୀୟତାକୁ ଦର୍ଶନିକ କବି-ମାନେ ନିଜର ବ୍ୟକ୍ତିତ୍ୱ ରଞ୍ଜନରେ ନାନା ପ୍ରକାର ଦେଖିଛନ୍ତି । ଏହି ପ୍ରେମ ଆମ ବୈଷ୍ଣବ ସାହିତ୍ୟରେ ଇନ୍ଦ୍ରିୟ ମାଧ୍ୟମରେ ଅତୀନ୍ଦ୍ରିୟ କଳ୍ପନା ଓ ସ୍ୱର୍ଗର ସହାୟକ ରୂପେ କଳ୍ପିତ । ନାରୀ ପ୍ରେମ ଜରିଆରେ ହୃଦୟର ଅନାବିଳତା ହିଁ ଭକ୍ତ ବିଶ୍ୱପିତା ପରମେଶ୍ୱରଙ୍କ ସାନ୍ନିଧ୍ୟଲାଭର ବାସନା ମଧ୍ୟ ବୈଷ୍ଣବ ସାହିତ୍ୟର କଥାବସ୍ତୁ । ମଧ୍ୟ ଯୁଗରେ ଏହି ଅତୀନ୍ଦ୍ରିୟ ସେବା ପରବର୍ତ୍ତୀ ନାରୀର ପ୍ରେମହିଁ ମନୁଷ୍ୟର ପ୍ରୟୋଜନୀୟତା ଓ ଜନପ୍ରିୟତା ମଧ୍ୟରେ ଗଣ୍ୟ । ଅଥଚ, ସଭ୍ୟତାର ବିକାଶ ସେନି ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବରେ mystic ଏବଂ ଅନ୍ତର କବିମାନେ ଦେହ ଓ ପ୍ରେମ ବ୍ୟାପାରକୁ ପ୍ରକାଶ ନ କରି ନାରୀକୁ ଏକ ମାନସୀ ରୂପେ କଳ୍ପନା କରନ୍ତି । ଏବଂ ସେହି କ୍ରମରେ ସାହିତ୍ୟରେ ପ୍ରେମର ସ୍ଥାନ ନିରୂପଣ କରନ୍ତି ।

ଯାହାହେଉ ଆମ ମଧ୍ୟ ଯୁଗୀୟ ସାହିତ୍ୟରେ ପ୍ରେମର ଯେଉଁ ସ୍ୱରୂପ ଦେଖାଯାଏ, ତାହା ନିଛକ ଯୌନ ପ୍ରବୃତ୍ତିକୁ ଅବଲମ୍ବନ କରି । କବିମାନେ ପରିସ୍ଥିତି ଓ ଯୁଗ ରୁଚି ଯୋଗୁ ଦୈହିକ ପ୍ରେମର ସାର୍ଥକତା କଥନରେ ମୁଖର । ଉପେନ୍ଦ୍ର ଏହି ଦୃଷ୍ଟିରେ ସ୍ୱୀୟ କାବ୍ୟକଳା ମଧ୍ୟରେ ପ୍ରେମର ଯେଉଁ ଚିତ୍ର ପ୍ରଦାନ କରିଛନ୍ତି ତାହା ଯେ ଅଧିକ ଦେହଘଟିତ, ଏ କଥା ଅସ୍ୱୀକାର କରି ହେବ ନାହିଁ । ଅବଶ୍ୟ ଦେହବୋଧରୁ ମାନସିକ ବିକାଶ ଘଟିଥାଏ । ଇନ୍ଦ୍ରିୟ ସେବାଜନିତ ନାରୀର ହାବଭାବରେ ପୁରୁଷର ହୃଦୟ ଅଧିକ ପ୍ରଶାନ୍ତ ଓ ପ୍ରଫୁଲ୍ଲ ହୋଇଥାଏ ଏବଂ ସେହି ଦେହ ଘଟିତ ପ୍ରେମ ତାର ଶ୍ରେଷ୍ଠ ବିକାଶରେ ବିଶ୍ୱପ୍ରେମର ସୂଚିତ କରେ ।

ଉପେନ୍ଦ୍ର ପ୍ରଦତ୍ତ ପ୍ରେମର ସ୍ୱରୂପ ପ୍ରକାଶ କରିବାକୁ ଯାଇ ଏତିକି କୁହାଯାଇ ପାରେ ଯେ, କବିଙ୍କର ପ୍ରେମବର୍ଣ୍ଣନ ଯେଉଁ

ଧାରଣା ତାହା ଅମ ସଂସ୍କୃତିର ଅନ୍ତର୍ଗତ । ଧର୍ମ, ଅର୍ଥ, କାମ, ମୋକ୍ଷ, ଚତୁର୍ବର୍ଗ ମଧ୍ୟରୁ ଅନ୍ୟତମ । କାମ ମଧ୍ୟ ମନୁଷ୍ୟ ଜୀବନର କାମ୍ୟ । ଜୀବନର ଉତ୍କର୍ଷତା ପ୍ରତିପାଦନରେ, ତନ୍ତ୍ରାଧାରର ପ୍ରସାରଣରେ ଏହି ପ୍ରେମହିଁ ପ୍ରଧାନ ସମ୍ବଳ । ତେଣୁ କବି ପ୍ରେମକୁ ତାଙ୍କ କାବ୍ୟମାନଙ୍କରେ ଏତେ ଉଚ୍ଚ ସ୍ଥାନ ପ୍ରଦାନକରିଛନ୍ତି । ମାତ୍ର ଏହି ପ୍ରେମର ସ୍ୱରୂପ କଣ ? କବିଙ୍କର କଳାବିଳାସ ପ୍ରିୟତା ଓ ରସିକତା ମଧ୍ୟରେ ପ୍ରେମ କେବଳ ଦେହ ସଂପର୍କିତ ରୂପେ ପ୍ରକଟିତ । ମନୁଷ୍ୟ ଜୀବନରେ ବୟସ ଅସେ, ଯେଉଁବେଳେ ତାର ଜୈବୀ ପ୍ରୟୋଜନ ମଧ୍ୟରେ ନାରୀର ସାହଚର୍ଯ୍ୟବୋଧ ଉତ୍କଟ ହୋଇ ଉଠେ । ଏହି ସାହଚର୍ଯ୍ୟ ଲାଭ ଓ ପ୍ରେମ ସାଧନାରେ କବି ଯେଉଁ ପ୍ରଣାଳୀ ଓ ଅବସ୍ଥାର ବର୍ଣ୍ଣନା କରିଛନ୍ତି ତାହା ଅଳଙ୍କାର ଶାସ୍ତ୍ର ସମ୍ମତ । ଆଲମ୍ବନ, ଉଦ୍ଦୀପନ, ଅନୁଭବଠାରୁ ନାୟକ ନାୟିକାଙ୍କର ରୂପ, ଗୁଣ, ଅବସ୍ଥା ଓ ସାହାଯ୍ୟକାରିଣୀ ଶକ୍ତିର ଅବତାରଣା କରିଛନ୍ତି । ଏଥିରେ ସାଧନା ନାହିଁ, ତ୍ୟାଗ ନାହିଁ କେବଳ ସଂଭୋଗ ପାଇଁ ବ୍ୟସ୍ତତା ।

ଅନ୍ୟ ପକ୍ଷରେ ଏ ପ୍ରେମ ସମ୍ଭବ ହୁଏ ବୈବାହିକ ସଂପର୍କରେ । ତେଣୁ ବିବାହ ପୂର୍ବରୁ କେବଳ ଅନୁରାଗ, ପୂର୍ବରାଗ ଇତ୍ୟାଦିର ବିସ୍ତୃତ ବର୍ଣ୍ଣନା ଓ ବିବାହ ପରେ ନାୟକ ନାୟିକାଙ୍କର ଦେହ ସଂପର୍କ ସାଧନାର ଅବତାରଣା ଥାଏ ଏବଂ କୌଣସି କାରଣରୁ ବିରହ ହେଲେ ଅନୁସଙ୍ଗିକ ବର୍ଣ୍ଣନା କରାଯାଇଥାଏ । ପ୍ରେମର ଏହି ସାଧାରଣ ରୂପ ଦେବାରେ ତାହାର ଚରିତ୍ର ଓ ବ୍ୟାପକତା ପ୍ରତି ଲକ୍ଷ୍ୟ କରିବାର କଥା । ମୂଳତଃ ଉପେନ୍ଦ୍ରବର୍ଣ୍ଣିତ ପ୍ରେମ ଏକ ସାମାଜିକ ସଂସ୍ଥା । ସେଥିରେ ଉଲମ୍ଫ ନାହିଁ, ବ୍ୟତିକ୍ରମ ନାହିଁ । ଏହା ସମାଜର ସାଧାରଣ ଉଦ୍ଦେଶ୍ୟ ପ୍ରତି ସର୍ବଦା ଅବହିତ ଥାଏ ।

ମାତ୍ର ପ୍ରେମିକ ପ୍ରେମିକାଙ୍କ ହୃଦୟର ଯେଉଁ ଉଦ୍‌ବେଳନ ଥାଏ ତାହା ଦୈହିକ ମିଳନ ଆକାଂକ୍ଷାରେ । ସେଥିରେ ସାର୍ବଜନୀନତା ଥାଏ ଅତି କମ୍ ପରିମାଣରେ ।

'ପ୍ରେମ' ଶବ୍ଦର ଆଜି ଯେଉଁ ସମୀକ୍ଷା ହୁଏ ତାହା ଉପେନ୍ଦ୍ର ସାହିତ୍ୟ ପ୍ରତି ପ୍ରୟୋଗ କରଯାଇ ନ ପାରେ। କାରଣ ତାହା ଏକମୁଖୀ ଓ ସେଥିରେ ଧୈର୍ଯ୍ୟର ଏକାନ୍ତ ଅଭାବ । ମାତ୍ର ଆଜି ଆମେ କହୁଛୁ Love is heaven and heaven is love । ଟଲଷ୍ଟୟ କହିଛନ୍ତି Where love is God is । ଏହା କହିବାର ତାତ୍ପର୍ଯ୍ୟ ହେଉଛି ଦୁନିଆକୁ ନିଜର କରିବା ଓ ଏହି ରୌରବ- ମୟୀ ଜଗତକୁ ସ୍ୱର୍ଗରେ ପରିଣତ କରିବାର ଏକମାତ୍ର ଉପାୟ ପ୍ରେମ । ସୁତରାଂ ଏହି ପ୍ରେମ ଯେବେ ଏକମୁଖୀ ହୁଏ କେବଳ ଦେହ ମାଧ୍ୟରେ ପର୍ଯ୍ୟବସିତ ରହେ; ସାଙ୍ଗେ ବିକାରର ବିକାଶ ହୁଏ। ତେବେ ସାର୍ବଜନୀନତା ଓ ବିଶ୍ୱପ୍ରେମ କିପରି ସମ୍ଭବ ହେବ, କବି ଉପେନ୍ଦ୍ର ନିଜର ପ୍ରେମବର୍ଣ୍ଣନା ମଧ୍ୟରେ ନାୟକ ଓ ନାୟିକାଙ୍କର ଯେଉଁ ପ୍ରଚେଷ୍ଟା ଓ ସାଧନାର ଚିତ୍ର ଦେଇଛନ୍ତି ତାହା ଆଜି ଆମର ଏ ଆଶା ପୂରଣ କରିପାରେ ନାହିଁ ।

ଅବଶ୍ୟ, ଯୁଗର ପରିବର୍ତ୍ତନରେ, ଚିନ୍ତାଧାରାର ବିକାଶରେ ଉପେନ୍ଦ୍ରଙ୍କ ଯୁଗ ଓ ଆଜି ଯୁଗ ମଧ୍ୟରେ ବହୁତ ପାର୍ଥକ୍ୟ ଅଛି ଏବଂ ଉପେନ୍ଦ୍ର ଯେଉଁହେତୁ ଯୁଗର ଅନତିକ୍ରମଣୀୟ ପ୍ରଭାବ ଓ ପରଂପରାକୁ ସମ୍ମାନ କରିଥିଲେ ସେହେତୁ ପ୍ରେମର ସାଧାରଣ ରୂପ କଥନରେ ସେ ବ୍ୟସ୍ତ ଥିଲେ ।

ଉପେନ୍ଦ୍ରଙ୍କ ପ୍ରେମଗୁଣ ଓ ରୂପର ଆଶ୍ରୟୀ ଯେଉଁଠାରେ କୋମଳତା, ସୌନ୍ଦର୍ଯ୍ୟ ଓ ମହତ ଗୁଣାବଳୀର ସମ୍ଭବ, ତାଙ୍କ ବର୍ଣ୍ଣିତ ପ୍ରେମ ସେହି ଅନୁକୂଳ ଅଧିକ ଗତିଶୀଳ । ସୁନ୍ଦରୀ ନାୟିକା ପ୍ରସଙ୍ଗ

ଶ୍ରବଣରେ ନାୟକର ଆକର୍ଷଣ ହେଉକି, ରୂପବାନ ଓ ଗୁଣବନ୍ତ ପୁରୁଷ ଦର୍ଶନରେ ନାୟିକା ତତୋଧିକ ଲାଳସାବତୀ । ମାତ୍ର ରୂପ ଓ ଗୁଣକୁ ଆଶ୍ରୟ କରୁଥିବା ପ୍ରେମ ଯେ ସଙ୍କୀର୍ଣ୍ଣ ଓ ପ୍ରମାଦପୂର୍ଣ୍ଣ ଏହା ଉପେନ୍ଦ୍ର ସାହିତ୍ୟରେ ଆଦୌ ବ୍ୟଞ୍ଜିତ ନୁହେଁ । ବରଂ ପ୍ରେମର ଆଧାରହିଁ ସୌନ୍ଦର୍ଯ୍ୟ ଏହା ତାଙ୍କ କୃତିରେ ସୁସ୍ପଷ୍ଟ ।

କବି ପ୍ରଖ୍ୟାପିତ ପ୍ରେମର ଉପର୍ଯ୍ୟୁକ୍ତ ଅଭାବ ସତ୍ତ୍ୱେ ତାହାର ସାର୍ଥକତା ଯେ ନାହିଁ ଏହା କୁହାହେବ ନାହିଁ । କାରଣ ଉପେନ୍ଦ୍ର ଯେଉଁ ସଂସ୍କୃତିର ପ୍ରଭାବରେ ପୁଷ୍ଟ, ଯେଉଁ ସମାଜରୁ ଜୀବନ ତାଙ୍କର ଗଢ଼ି ଉଠିଥିଲା, ସେଥିରେ ଦାମ୍ପତ୍ୟ ଓ ବୈଧପ୍ରେମର ସୁନ୍ଦର ଆଲେଖ୍ୟ ରହିଛି । ବୈବାହିକ ଜୀବନରେ ଦେହ ସମ୍ଭୋଗ ଅନ୍ୟତମ ଅଂଶ । ଏହି ସମ୍ଭୋଗର ରୁଚିସମ୍ମତ ପ୍ରୟୋଗରେ ଦାମ୍ପତ୍ୟ ଜୀବନର ମଧୁରତା ସଂପାଦିତ ହୁଏ । ମାନ ଅଭିମାନର ଅପସାରଣରେ ଉଭୟର ଜୀବନ ଏକ ହୋଇ ଉଠେ । କ୍ରମେ ଦେହବନ୍ଧ ଛୁଟିଯାଇ ଆତ୍ମାର ମିଳନ ମଧ୍ୟ ସମ୍ଭବ ହୋଇ ଥାଏ । ଦ୍ୱିତୀୟତଃ ଏହି ଦାମ୍ପତ୍ୟ ପ୍ରେମ, ଏକପତ୍ନୀବ୍ରତ ଓ ପାତିବ୍ରତ ମଧ୍ୟରେ ଉଦ୍ଭାସିତ । କବି ଯଦ୍ୟପି ତାଙ୍କ ଅଧିକାଂଶ କାବ୍ୟରେ ବିବାହପରେ ପ୍ରେମର ସବିସ୍ତୃତ ବର୍ଣ୍ଣନ କରି ନାହାନ୍ତି ତଥାପି ବିଚ୍ଛେଦ ବର୍ଣ୍ଣନା ମଧ୍ୟରେ ବୈବାହିକ ପ୍ରେମରେ ନିରବଚ୍ଛିନ୍ନତା ଓ ଅନ୍ତରଙ୍ଗତାର ଅବତାରଣା କରିଛନ୍ତି । ଅଳୀକ ଓ ଲୌକିକ ବିଚ୍ଛେଦରେ ସ୍ୱାମୀ ସ୍ତ୍ରୀ ପରସ୍ପରଠାରୁ ପୃଥକ ହୋଇ ନ ପାରନ୍ତି । ସେମାନଙ୍କର ମିଳନ ସୁଦୂରପ୍ରସାରୀ । ସଂସାରର ସାଧାରଣ ବିତ୍ପାତ ଓ ନିଜଜଣଙ୍କର କର୍ମବିପାକରେ ପରସ୍ପରଠାରୁ ବିଚ୍ଛିନ୍ନ ହେଲେ ମଧ୍ୟ ସେମାନଙ୍କର ଏକପ୍ରାଣତା ଓ ସମ୍ବନ୍ଧ ଅବିଚ୍ଛେଦ୍ୟ । କବି ପ୍ରେମସୁଧାନିଧିର ଚତୁର୍ଦ୍ଦଶ ଛାନ୍ଦରେ ରାଜପୁତ୍ରର ନାୟିକା

ନିକଟକୁ ପତ୍ର ଲେଖନ ଛଳରେ ଏହାର ସୁନ୍ଦର ଚିତ୍ର ପ୍ରଦାନ କରିଛନ୍ତି । ଚନ୍ଦ୍ର ଯେତେ ଦୂରରେ ଥିଲେ ସୁଦ୍ଧା କୁମୁଦିନୀ ସଙ୍ଗେ ତାର ସମ୍ବନ୍ଧ ନିପାତନ ସିଦ୍ଧ । ସେଥିରେ ବ୍ୟତିକ୍ରମ ହେବା ଅସ୍ୱାଭାବିକ । ପବନର ଆନ୍ଦୋଳନରେ ପତ୍ରର ବୃନ୍ତ ବିଚ୍ୟୁତି ଘଟି ପାରେ, ହେଲେହେଁ ବୃନ୍ତର ନାମ ଅସ୍ତିତ୍ୱ ବ୍ୟତିରେକେ ତାର ଅସ୍ତିତ୍ୱ ପର୍ଯ୍ୟନ୍ତ ସ୍ୱୀକାର କରାଯିବା କଷ୍ଟକର; ସେହିପରି ଉପେନ୍ଦ୍ର ସାହିତ୍ୟର ନାୟକ ଓ ନାୟିକା, ସେମାନଙ୍କ ସମ୍ବନ୍ଧ ମଧ୍ୟ ତଦ୍ରୂପ । କବିଙ୍କ ମତରେ ପ୍ରେମର ଉତ୍ସ ଦାମ୍ପତ୍ୟ ଜୀବନରୁ ପ୍ରକଟିତ । ଦାମ୍ପତ୍ୟ ଜୀବନହିଁ ସମସ୍ତ ସୁଖର ଆଧାର ।

କବି କହିଛନ୍ତି—

"କି ବଡ଼ ହେବା ନୃପତି, କି ବଡ଼ଇନ୍ଦ୍ର ସଂପତି
ହରୁସୁଖ ଉତପତ୍ତି ମୂଳ ଦଂପତି ।"

ଏ ମର୍ତ୍ତ୍ୟ ଜୀବନର ଏହି ମହନୀୟତା ଦୈହିକ ସଂଯୋଗ ଓ ପ୍ରେମର ଉତ୍କର୍ଷତା ମଧ୍ୟରେ ସମ୍ଭବ । କାବ୍ୟ ଗୁଡ଼ିକରେ ଅଧିକାଂଶ ଛନ୍ଦରେ କବି ନାୟକ ମୁଖରେ ନାୟିକା ଯେ ସ୍ୱର୍ଗଗତର କାରଣ ଓ ତାର ପ୍ରେମ ଯେ ଜୀବନର ସାର୍ଥକତା ତାହା ପ୍ରକାଶ କରିଛନ୍ତି । ଏବଂ ସାଧାରଣ ବିଚ୍ଛେଦରେ ନାୟକର ଯେ ଭାବନା ଓ ଆତ୍ମବଳୀ ହେବାରେ ବାସନା ତାହା ଅଧିକାଂଶ ସ୍ଥଳରେ ଚମତ୍କାର ଭାବରେ ବର୍ଣ୍ଣନା କରାଯାଇଛି । ପ୍ରେମ ସୁଧାନିଧିରେ ନାୟକ ଏହି ବିଚ୍ଛେଦ ଅପେକ୍ଷା ମୃତ୍ୟୁକୁ ଅହ୍ଲାଦ ଦାୟକ ମନେ କରନ୍ତି ।

"ଜୀବ ବନ୍ଧୁ ବୋଲିଁ ବୋଲିଁ ଜୀବ ଜୀବଧବ ପ୍ରିୟକୁ କି ଯିବ
ଜୀବଞ୍ଜିବ-ନେତ୍ରୀ ଲଗିଗଲ ବୋଲି ସତେ ଏ ସ୍ୱର୍ଗ୍ୟ କି ଅଂଶ୍ରିବ ।"

ଏହିକ୍ରମରେ ଲାବଣ୍ୟବତୀର ନାୟକ ନିଜେ ଦଗ୍ଧ ହୋଇ ଭସ୍ମରୂପେ ବାୟୁ ପ୍ରବାହରେ ନାୟିକା ସମକ୍ଷରେ ଉପସ୍ଥିତ ହେବାର କଳ୍ପନା କରନ୍ତି ।

ଉପେନ୍ଦ୍ରସୃଷ୍ଟ ନାୟକ ନାୟିକାମାନଙ୍କ ମଧ୍ୟରେ ଏହି ସାନ୍ନିଧ୍ୟ ଲବ୍ଧିଗତ ଭାବନା ଓ ପରସ୍ପର ପ୍ରତି ଯେ ତାଦ୍‌ଗତ୍ୟ ବର୍ଣ୍ଣନା କରିଛନ୍ତି ତାହା ଉନ୍ନତ ଧରଣର ହେଲେ ମଧ୍ୟ ବୈଷ୍ଣବ ସାହିତ୍ୟ ସୁଲଭ ହୋଇ ପାରିନାହିଁ । ତଥାପି ଉପେନ୍ଦ୍ର ଯେଉଁ ଦାମ୍ପତ୍ୟ ଜୀବନର କଳ୍ପନା କରିଛନ୍ତି ତା ମଧ୍ୟରେ ପ୍ରେମର ଏ ଭଳି ବ୍ୟାପକ ଓ ତ୍ୟାଗମୟ ଚିତ୍ର କଳ୍ପନା କରିଯାଇ ନ ପାରେ । କାରଣ ସେଠାରେ ଦେହିକ ମିଳନ ଆକାଂକ୍ଷା ଅତି ପ୍ରଖର ।

ଏସବୁ ସତ୍ତ୍ୱେ ମଧ୍ୟ କବି ବିଭିନ୍ନ କ୍ଷେତ୍ରରେ ଏହି ଭାବମୟ ଅଭିବ୍ୟକ୍ତ ପ୍ରେମ ପ୍ରସଙ୍ଗରେ ନାୟକ ନାୟିକାମାନଙ୍କ ଚିନ୍ତାଧାରା ଓ କାର୍ଯ୍ୟକଳାପରେ କେତେକ ଉଜ୍ଜ୍ୱଳ ଚିତ୍ର ଅଙ୍କନ କରିଛନ୍ତି । ସୀତାଙ୍କ ଆକସ୍ମିକ ବିଚ୍ଛେଦରେ ଘୋର ବନ ପ୍ରଦେଶରେ ବିପଥ ପଥ ନ ମଣି ରଘୁମଣି ରାମଚନ୍ଦ୍ର ଯେ ଆତୁର୍ଯ୍ୟ ପୂର୍ଣ୍ଣ ଅନୁସନ୍ଧାନ ଓ ବ୍ୟାକୁଳତା ପ୍ରକାଶ କରିଛନ୍ତି ସେଥିରେ ପ୍ରେମର ଏକ ଉଦାହରଣୀୟ ଚିତ୍ର ମିଳିଥାଏ ।

କବି ଉପେନ୍ଦ୍ରଙ୍କ ପ୍ରେମ ଚିତ୍ରର ଅନ୍ୟତମ ଅଂଶ ନାୟକ ନାୟିକାଙ୍କ ମନସ୍ତତ୍ତ୍ୱଗତ ତନ୍ମୟତା ଓ ପ୍ରଥମ ଦର୍ଶନ ବା ଶ୍ରବଣରେ ଏହାର ସଂଗ୍ରହ । ମନସ୍ତତ୍ତ୍ୱ ଦୃଷ୍ଟିରୁ ଯେ ଯାହାକୁ ଥରେ ଭଲ ପାଇଥାଏ ତାର ସ୍ନେହ ଓ ଆକାଂକ୍ଷା ଚିରଦିନ ସେଠାରେ ରହେ । ଏବଂ ଏହି ସ୍ନେହମୟ ଆକାଂକ୍ଷାର ବିକାଶରେ ସମସ୍ତ ପରିଦୃଶ୍ୟମାନ ଜଗତରେ ସେ ଅଭିପ୍ସିତର ବ୍ୟକ୍ତିତ୍ୱର ପ୍ରକୃତି ଦେଖିପାରେ । ଶୟନ, ସ୍ୱପ୍ନ, ଜାଗରଣ, ଆମୋଦ ପ୍ରମୋଦ ଓ ଦୁଃଖ କାର୍ଯ୍ୟାଚନ ମଧ୍ୟରେ ସେହି ଉଦ୍ଦିଷ୍ଟ ବ୍ୟକ୍ତିହିଁ ମାନସ ଚକ୍ଷୁରେ ପ୍ରତିଭାତ ହୁଅନ୍ତି । ମହାକବି କାଳିଦାସଙ୍କ ଶକୁନ୍ତଳା ନାଟକରେ ଦୁଷ୍ମନ୍ତଙ୍କର କଣ୍ୱ ଆଶ୍ରମରେ ଶକୁନ୍ତଳାଙ୍କ ସହ ପ୍ରେମର ଉଦ୍‌ଘାଟନ ସରେ ଯେଉଁ

ଭାବଭଙ୍ଗୀ ସମଗ୍ର ବନ ପ୍ରଦେଶ,ପଶୁପକ୍ଷୀଙ୍କ ନିନାଦ ମଧ୍ୟରେ ନାନାଧ ଝରଣାର ମଧୁର ସ୍ୱର ଲହର ମଧ୍ୟରେ ସେ ଶକୁନ୍ତଳାଙ୍କୁ ଯେପରି ଦେଖିପାଉ ଥିଲେ ଏବଂ ସମଗ୍ର ବନଭୂମି କେବଳ ଶକୁନ୍ତଳାଙ୍କ ଯୋଗୁଁ ତାଙ୍କ ନିକଟରେ ଯେପରି ପ୍ରତୀତ ହୋଇଥିଲା, ତାହା ପ୍ରେମର ତନ୍ମୟରେ ଆତ୍ମବିସ୍ମୃତ କବି ଉପେନ୍ଦ୍ରଙ୍କ କୃତିରେ ଏହି ଭାବର ପ୍ରକଟନ ପାଇଁ ଉଦ୍ୟମ ହୋଇଛି । କୋଟିବ୍ରହ୍ମାଣ୍ଡ ସୁନ୍ଦରୀର ବନ ବିହାର କାଳରେ ଭ୍ରମରେ ନାୟକ ଉପସ୍ଥିତ କଳ୍ପନା ଓ ସମସ୍ତ ଉପବନର ସଂପଦ ଯେ ସେହି ନାୟକଙ୍କର ଅନୁରାଗିଣୀ ତାହା ନାୟିକାର ତନ୍ମୟତା ମଧ୍ୟର ଚିହ୍ନ । କୋଟିବ୍ରହ୍ମାଣ୍ଡସୁନ୍ଦରୀର ଏକାଦଶ ଛାନ୍ଦର ଦର୍ଶନାନୁଚିନ୍ତା ।

ଅବଶ୍ୟ ଏ ବର୍ଣ୍ଣନା ଅତ୍ୟଧିକ ଶ୍ଳେଷାଦି ଅଳଙ୍କାର ସମବାୟରେ କରାଯାଇ ଥିବାରୁ ସେତେ ହୃଦୟରଞ୍ଜକ ନୁହେଁ । ତଥାପି ଏହି ଗାଢ଼ତା ଓ ତନ୍ମୟତାର ବର୍ଣ୍ଣନା ପ୍ରଚେଷ୍ଟା କବି କୃତିରେ ଦେଖାଯାଏ । ସେହି କାବ୍ୟରେ କଣ—

"କମଳଗଣେ ଗଣେ ମଞ୍ଜିତାକୁ ଯଥା
କାମିନୀରତ କାମିନୀରତ ଦଣେ ଦଣ୍ଡ ଯଥା"

ପ୍ରସ୍ତୁତ ଛାନ୍ଦରେ ନାୟକ ଓ ନାୟିକାଙ୍କର ଅସ୍ୱସ୍ତି ଓ ପ୍ରିୟଙ୍କର ପ୍ରିୟତମ ଓ ପ୍ରିୟତମାଙ୍କର ପ୍ରତିଛବି ପରିଦୃଶ୍ୟମାନ ବାହ୍ୟ ବସ୍ତୁରେ ଦେଖିବାର ବର୍ଣ୍ଣନା କରିଛନ୍ତି ।

ପ୍ରେମ ତତ୍ତ୍ୱବିତ୍‌ମାନଙ୍କ ମତରେ ବୈବାହିକ ଜୀବନର ପରେ ନାୟିକାକୁ ବିବାହ ପୂର୍ବ ଦୃଷ୍ଟିରେ ଦେଖିଲେ ଏବଂ ତାର ଚାହିଦ୍ କଲେ ଜୀବନ ପ୍ରମାଦଶୂନ୍ୟ ହୁଏ । ବାସ୍ତବରେ ନାୟିକା ଯାହାକୁ ନିଜର ସର୍ବସ୍ୱ ଦାନ କରିଥାଏ ସେ ଯେବେ ତାର ଅପୂର୍ଣ୍ଣଶୀକୁ

ଅଭାବ ଓ ଗୁଣାବଳୀର ସମୁଚିତ ମୂଲ୍ୟ ନିର୍ଦ୍ଧାରଣ କରିବାରେ ଅକ୍ଷମ ହୁଅନ୍ତି ଏବଂ ନିଜର ଶତ ଦୁର୍ବଳତା ସତ୍ତ୍ୱେ ନାରୀକୁ ପାତିବ୍ରତ୍ୟ ଶିକ୍ଷା ଦେବାର କଳ୍ପନା କରନ୍ତି, ସେତେବେ ବୈବାହିକ ଜୀବନ ଦୁର୍ବହ ହୋଇ ଉଠେ ଓ ବିପ୍ଳବ ସଂକୁଳ ହୋଇପଡ଼େ । ଅବଶ୍ୟ ପ୍ରେମର ଶ୍ରେଷ୍ଠ ସାଧନାରେ ଏହି ପ୍ରଶଂସାର ଅଳୀକତା ସୁସ୍ପଷ୍ଟ । ତଥାପି ଏହି ଅସ୍ୱାଭାବିକ୍ୟ ଓ ଅପରର ତାରଫ କରିବାରେ କୌଣସି କ୍ଷତି ନ ଥାଏ । ଭଞ୍ଜୀୟ ରଚନା ମଧ୍ୟରେ ନାୟକ ଓ ନାୟିକା ବୈବାହିକ ଜୀବନ ପରେ ମଧ୍ୟ ପରସ୍ପରକୁ ତାରିଫ କରିବାରେ ଅତି ନିପୁଣ । ନାୟକ ଦୃଷ୍ଟିରେ ନାୟିକାହିଁ ତାର ମୁକ୍ତିପଥ ଓ ସମ୍ପଦର କାରଣ । ନାୟିକା ମଧ୍ୟ ପ୍ରତ୍ୟକ୍ଷ ପ୍ରତି ଅନୁରୂପ ବ୍ୟବହାର କରନ୍ତି । ନାୟକ ଏବଂ ନାୟିକା ଏହି ପ୍ରେମର ମାଧ୍ୟମରେ ପରସ୍ପର କେବଳ ପରସ୍ପରର ନୁହନ୍ତି । ଅଧିକ କହିବା ଅଧିକ ରୂପେ କବି କେତେକ କ୍ଷେତ୍ରରେ ବର୍ଣ୍ଣନା କରିଛନ୍ତି—

"ଅଦ୍ଭୁତ କଥାଏ ଯଥା ଏକ ନା ଅଶ୍ୱିନୀ କୁମାର ଦୁଇ
ସେହି ପରକାରେ ତା ମୋର ଏକପ୍ରାଣ କେବଳ ଯୁଗଳ ଦେହି
ଯେବେ ମୋର ପ୍ରାଣ ଯିବ, ବାଲା ଦେହେ ସମ୍ଭାଇବ ।"

ଅନ୍ୟପକ୍ଷରେ ଏହି ପ୍ରେମର ସାଧନାକ୍ଷେତ୍ର ଯୁବତୀର ଅଙ୍ଗ ଯୁବକ ପକ୍ଷରେ ବୈକୁଣ୍ଠ ପୁର ବୋଲି କବି କହନ୍ତି ।

"ଜାବାଧରୀ ଦେହ ଉତର, ନୁହଇ ଯୁବା ବଇକୁଣ୍ଠପୁର ।"

ଉପେନ୍ଦ୍ର ସ୍ୱୀୟ ରଚନାବଳୀ ମଧ୍ୟରେ ପ୍ରେମର ଉପଯୁକ୍ତ ମତେ ରୂପ ନିର୍ଦ୍ଧାରଣ କରିଛନ୍ତି । ତାଙ୍କର ବିଶେଷତ୍ୱ ମଧ୍ୟରେ ତାହା କେବଳ ବୈଧ ଓ ଦାମ୍ପତ୍ୟ ପ୍ରେମ । ସେଥିରେ ଏକନିଷ୍ଠତା ପ୍ରଧାନ ଅଂଶ ଏବଂ ଏହି ଦୈହିକ ପ୍ରେମ ଜରିଆରେ କବି ଦାମ୍ପତ୍ୟ ଜୀବନର ଶ୍ରେଷ୍ଠ ବିକାଶର ଚିତ୍ରଣ ଦେଖିବାକୁ ଚେଷ୍ଟିତ । ସେଥିପାଇଁ

ସେ ନାୟକ ନାୟିକାଙ୍କର ଏହି ଆକର୍ଷଣ ମଧ୍ୟରେ ତାଦ୍‌ଗତ୍ୟ, ତନ୍ମୟତା, ଅମ୍ଳାଦୀନ୍ୟର ମଧ୍ୟ ଅବତାରଣା କରିଛନ୍ତି ।

ଏସବୁ ସତ୍ତ୍ୱେ ଉପେନ୍ଦ୍ରବର୍ଣ୍ଣିତ ପ୍ରେମ କେତେକ ଦୃଷ୍ଟିରୁ ପୂର୍ଣ୍ଣ ନୁହେଁ । କାରଣ ଏହା ମୁଖ୍ୟତଃ ଦୈହିକ, ତରଙ୍ଗବିହୀନ, ବୈଚିତ୍ର୍ୟ-ବିହୀନ ଓ ଏକମୁଖୀ । ଏହି ପ୍ରେମର ପରାକାଷ୍ଠା ପ୍ରଦର୍ଶନରେ କବି ନାୟକ ନାୟିକାଙ୍କ ଜୀବନର ଉତ୍କର୍ଷ ସାଧନା, ତ୍ୟାଗ ଓ ପ୍ରଚେଷ୍ଟାର ଆଲେଖ୍ୟ ଦେବାରେ ସମର୍ଥ ହୋଇପାରି ନାହାନ୍ତି । ନାରୀର ସ୍ୱାଭାବିକ ଓ ସୁଲଭ ପ୍ରେମରେ ଉପେନ୍ଦ୍ର କୃତ ନାୟକଙ୍କର ହୃଦୟ ରସାଣିତ ହୋଇଛି ।

ମାତ୍ର ସେହି ରସାଣିତ ହୃଦୟର ପ୍ରସାର ଭବିଷ୍ୟତରେ ସଙ୍କୁଚିତ ।କାରଣ ଏହି ପ୍ରଶାନ୍ତ ଓ ପ୍ରେମୋଜ୍ଜ୍ୱଳ ହୃଦୟ ଓ ଜୀବନ ଲାଭରେ ମଧ୍ୟ ସେଥିରେ ସାର୍ବଜନୀନତାର ଏକାନ୍ତ ଅଭାବ ।

ଦ୍ୱିତୀୟତଃ ଏହି ପ୍ରେମର ପରିଣତି ଯେଉଁ ଧୈର୍ଯ୍ୟହୀନତା ଓ ଅସ୍ୱାଭାବିକତାର ଚିତ୍ର ଅତ୍ୟଧିକ । କବି ପ୍ରେମ ବର୍ଣ୍ଣନା ଓ ହୃଦୟର ରସାଣିତ ଉଦାରତା ବର୍ଣ୍ଣନା ଅପେକ୍ଷା ଦେହଗତ ସାଧନା ଓ ଉପଭୋଗର ଅତ୍ୟଧିକ ଚିତ୍ରଣ ଦେଇଛନ୍ତି । ଅବଶ୍ୟ ଏହି ଦୈହିକ ମିଳନ ଜରିଆରେ ମାନସିକ ମିଳନ ଦ୍ୱାରା ପ୍ରାଣର ଐକ୍ୟପ୍ରତିଷ୍ଠା ସମ୍ଭବ ହୋଇପାରେ, ମାତ୍ର କବି ଏହି ଚିତ୍ର ଦେବାରେ କେତେକାଂଶରେ ମାତ୍ର ସମର୍ଥ ହୋଇଛନ୍ତି । ବୈଷ୍ଣବ ସାହିତ୍ୟ ଅପେକ୍ଷା ଉପେନ୍ଦ୍ର ସାହିତ୍ୟରେ ପ୍ରେମର ଏକ ନିରଙ୍କୁଶ ଔନିଷ୍ଠାହିଁ ଅଧିକ ସ୍ପଷ୍ଟ ହୁଏ । ପ୍ରେମରେ ଏହି ଅତ୍ୟଧିକ ଇନ୍ଦ୍ରିୟ-ପରବଶତା କବିକଳ୍ପିତ ଶ୍ରେୟଦାମ୍ପତ୍ୟପ୍ରେମକୁ କେତେକାଂଶରେ କଳୁଷିତ ଏବଂ ଭ୍ରଷ୍ଟକରି ପକାଇଛି । କବି ଦୈହିକ ସଙ୍ଗମ ଓ ସାନ୍ନିଧ୍ୟକୁ ପ୍ରେମର ପରମ ସାଧନା ଓ ଚରମ ବିକାଶ ରୂପେ

ଥୋଇଛନ୍ତି । ମନୁଷ୍ୟ ଜୀବନରେ ଏହି ଦେହ ସଂପର୍କୀୟ ମିଳନ ରକ୍ତମାଂସ ଶରୀର ମନୁଷ୍ୟ ପକ୍ଷରେ ସ୍ୱାଭାବିକ ଓ ବାସ୍ତବତା ବିମୁଖୀ ନ ହେଲେ ମଧ୍ୟ ଏହାର ସୀମା ଅଛି । ଏଥି ସହିତ ସରସ ସହୃଦୟତା ଓ ତ୍ୟାଗ ମନୋଭାବର ସଂଯୋଗରେହିଁ ପ୍ରେମ ସ୍ୱର୍ଗୀୟ ହୋଇପାରେ । ତେଣୁ କେବଳ ଶାରୀରିକ ଶୋଭା ଓ ମିଳନ ପାଇଁ ଆତୁରତା ପ୍ରେମର ଉପାଦାନ ସର୍ବସ୍ୱ ନୁହେଁ । ଅଥବା ଷଡ଼ରତୁ ଓ ଚତୁଷଠୀ ବନ୍ଧ ମାଧ୍ୟମରେ ଅଷ୍ଟସାତ୍ତ୍ୱିକର ଅନୁଭବରେ ପ୍ରେମର ଲକ୍ଷ୍ୟ ସାଧିତ ହୁଏ ନାହିଁ । ପ୍ରେମର ଏତଦ୍ ଭିନ୍ନ ଅନ୍ୟ କିଛି ଲକ୍ଷ୍ୟ ଥାଏ, ତାହା ଅନାବିଳ, ସହୃଦୟତା ଏବଂ ଆତ୍ମା ସହ ଆତ୍ମାର ମିଳନ ।

ଦେହ ସମ୍ପର୍କକୁ ଅତୀନ୍ଦ୍ରିୟତା ଓ ଯୁକ୍ତିର ଜାଲରେ ଛନ୍ଦି ଦିଆଯାଇ ନ ପାରେ । ହେଲେହେଁ ଦେହ ତ ମନୁଷ୍ୟର ସର୍ବସ୍ୱ ନୁହେଁ ଏହା ଆତ୍ମାର ବାହନ ମାତ୍ର । ତେଣୁ କବି ସ୍ୱୀୟ ପ୍ରେମ ପ୍ରସଙ୍ଗ ଗୁଡ଼ିକରେ ପ୍ରେମରେ ଜୀବନୀଶକ୍ତିର ରୂପରେ ବ୍ୟବହାର କରିଛନ୍ତି । ତାହା ସମାଲୋଚକର ପ୍ରଣିଧାନ ଯୋଗ୍ୟ ହେବା ଉଚିତ । କିନ୍ତୁ କେବଳ ଗତାନୁଗତିକତା ଧରି ଉପେନ୍ଦ୍ର ଉଜ୍ଜ୍ୱଳ ଦାମ୍ପତ୍ୟ ପ୍ରେମର ବର୍ଣ୍ଣନା କରିଛନ୍ତି । ସେ ପ୍ରେମ ସାମାଜିକ ଜୀବନ ସୃଷ୍ଟିର ଅନୁକୂଳ । ଉପେନ୍ଦ୍ର ମଧ୍ୟ ଚିତ୍ତ ବିମୋହକ ଇନ୍ଦ୍ରିୟ ସେବା ମଧ୍ୟରେ ଚିନ୍ମୟ ମିଳନର ସନ୍ଧାନ କରିଛନ୍ତି ବୋଲି ଚିତ୍କାର କଲେ କୌଣସି ଫଳ ନାହିଁ । କାରଣ, କେବଳ ଉପେନ୍ଦ୍ର କାହିଁକି, ତାଙ୍କ ପୂର୍ବବର୍ତ୍ତୀ କାବ୍ୟଯୁଗର କବି ଓ ପୁରାଣକାରଗଣ ଏହି ବୈଧ ଦାମ୍ପତ୍ୟ ପ୍ରେମର ଚିତ୍ର ଦେଇଛନ୍ତି ଏବଂ ଅନେକ ସ୍ଥଳରେ ସେମାନେ ଏ ଦୃଷ୍ଟିରୁ ଉପେନ୍ଦ୍ରଙ୍କୁ ଟପି ଯାଇଛନ୍ତି । ତେବେ, ଉପେନ୍ଦ୍ରଙ୍କ ବିଶେଷତ୍ୱ କେଉଁଠି ?

# ନାରୀ

ସାହିତ୍ୟ ରାଜ୍ୟରେ ପୁରୁଷ ତୁଳନାରେ ନାରୀର ସ୍ଥାନ ନ୍ୟୂନ ନୁହେଁ, ବରଂ ଏହା ଅଧିକ ଉନ୍ନତ । ସୃଷ୍ଟିର ପ୍ରାରମ୍ଭରୁ ଏ ପର୍ଯ୍ୟନ୍ତ ନାରୀହିଁ ଶକ୍ତିପ୍ରବଣା ଓ ଅଧିକ ଭାବମୟୀ । ଏହି ଦୃଷ୍ଟିରୁ କବି, ଲେଖକ ଓ ଦାର୍ଶନିକମାନେ ନାରୀକୁ ରଚନାରେ ଅଧିକ ସ୍ଥାନ ଦେଇଛନ୍ତି । ଜୀବନର ରଙ୍ଗମଞ୍ଚରେ ନାରୀ ଏକମାତ୍ର ଭୂମିକାରେ ଅବତୀର୍ଣ୍ଣ ହୁଏ ନାହିଁ । ପୁରୁଷ ଭଳି ତାକୁ ସମୟ ଓ ପରିସ୍ଥିତିର ଗତିରେ ଭିନ୍ନ ଭିନ୍ନ ରୂପେ ଦେଖିବାକୁ ମିଳେ । ଭାବମୟୀନାରୀ ପ୍ରକୃତିର ବିଶିଷ୍ଟ ବିକାଶ ।

ପ୍ରକୃତ ହୃଦୟର ପ୍ରାୟ ସକଳ ଭାବ ନାରୀହୃଦୟରେ ସମ୍ଭବ ହୋଇଥାଏ । ସ୍ନେହ, ପ୍ରେମ, କ୍ଷମା, ସେବା ପ୍ରେରଣା ପ୍ରଭୃତି ବିଭିନ୍ନ ଗୁଣର ଅଧିକାରିଣୀ ଭାବରେ ଓ ସମାଜ ସଂସ୍କାର ଗୁରୁତ୍ୱ ଘେନି ସେ ଜନନୀ, କନ୍ୟା, ଭଗିନୀ, ଜାୟା, ପ୍ରେମିକା, ଗଣିକା, ରାକ୍ଷସୀ, ଦାସୀ, ଧାତ୍ରୀ ପ୍ରଭୃତି ନାନା ରୂପରେ ଆତ୍ମପ୍ରକାଶ କରିଥାଏ । ପୁରୁଷ ନିଜର ସାମାଜିକ କର୍ତ୍ତବ୍ୟ କ୍ଷେତ୍ରରେ ନିଜର ପ୍ରୟୋଜନବୋଧ ଓ ଆକର୍ଷଣ ଫଳରୁ ଉଣାଅଧିକେ ଏମାନଙ୍କ ସାହାଚର୍ଯ୍ୟରେ ଆସେ । ନର ହୃଦୟର ବୀରତ୍ୱ, ପୌରୁଷ, ନିଷ୍ଠୁରତା, ତେଜ, ଶୌର୍ଯ୍ୟ ପ୍ରଭୃତି ଭୀମ ଗୁଣ ସହ ନାରୀ ହୃଦୟର କୋମଳତା, ସରଳତା, ଦୟା, କ୍ଷମା ଓ ସ୍ନେହ ପ୍ରଭୃତି କାନ୍ତ ଗୁଣର ସମନ୍ୱୟରେ ଯେଉଁ ବିରୋଧ ଓ ମିଳନବ୍ୟଞ୍ଜକ ଭାବରାଜି ସୃଷ୍ଟି ହୁଏ ତାହାହିଁ ମାନବିକତାର ଚରମ ବିକାଶ । ତେଣୁ ନାରୀତ୍ୱ ଓ ନାରୀ ସୁଲଭ ଗୁଣାବଳୀର ଅଭାବରେ ଲୋକ ଉତ୍କୃଷ୍ଟ କବିତ୍ୱ ଲାଭ କରିପାରେ ନାହିଁ । ଈଶ୍ୱର ପ୍ରାପ୍ତି ମଧ୍ୟ ଅସମ୍ଭବ ହୋଇ ଉଠେ । ନାରୀକୁ ଶକ୍ତି ରୂପେ କଳ୍ପନା କରି

ଅନୁକମ୍ପା, କ୍ଷମା ଓ ପ୍ରେମର ଅଧାର ରୂପେ ଗ୍ରହଣ କରି ପୁରୁଷ ରୁକ୍ଷ ମରୁପ୍ରାୟ ଜୀବନ ପଥରେ ଅନାୟାସରେ ଗତି କରିଥାଏ । ନାରୀ ଅନ୍ୟ ପକ୍ଷରେ ପୁରୁଷଠାରୁ ବାଞ୍ଛିତ ସ୍ନେହ ଓ ପ୍ରେମ ଲାଭକରି ତାର ମଙ୍ଗଳ ପଥରେ ସାହାଯ୍ୟ କରିବାକୁ ସଦା ତତ୍ପର ହୁଏ । ଏହି କାର୍ଯ୍ୟ ସାଧନରେ ନାରୀ ସଜୀବ ପରାମର୍ଶଦାତ୍ରୀ ଓ ସହଗାମିନୀ ହେବାର ଦେଖାଯାଏ । ଅବଶ୍ୟ ପାଶ୍ଚାତ୍ୟ ସାହିତ୍ୟରେ ନାରୀର ସ୍ଥାନ ଭାରତୀୟ ସାହିତ୍ୟ ଅପେକ୍ଷା କେତେକାଂଶରେ ଭିନ୍ନ ରକମର । ଯେଉଁ ନାରୀର ଦେହଗତ ସୌନ୍ଦର୍ଯ୍ୟ ଓ ସୌକୁମାର୍ଯ୍ୟକୁ ଭାରତୀୟ ସାହିତ୍ୟରେ ସ୍ୱର୍ଗୀୟ ଐଶ୍ୱର୍ଯ୍ୟ ରୂପେ ଉପସ୍ଥାପନ କରାଯାଏ । ତାହାକୁ Byron କହନ୍ତି Only biological necessity. ନାରୀର ଜୈବୀ ପ୍ରେରଣାର ଶକ୍ତି ଯେଉଁ Shaw କହନ୍ତି ନାରୀର ଏ ଶକ୍ତି ଗତିଶୀଳନ ଓ Aggravating. ତଥାପି ପାଶ୍ଚାତ୍ୟ ସାହିତ୍ୟରେ ଏହାର ସ୍ଥାନ ନଗଣ୍ୟ ନୁହେଁ । ଭକ୍ତି ସାହିତ୍ୟରେ ଏହି ନାରୀ ଯେଉଁ କେବଳ ଉଚ୍ଚକୋଟୀର ଦାର୍ଶନିକ ମନ୍ତବ୍ୟ ନାହିଁ । ଅଛି ପ୍ରେମ, ସାଧନା, ତ୍ୟାଗ ଯୁକ୍ତ ମତ୍ୟ । ନାରୀର ଏହି ଶକ୍ତିମୟ ସ୍ଥାନକୁ ରବୀନ୍ଦ୍ର ପୂର୍ଣ୍ଣ ମାତ୍ରାରେ ଅବଧାରଣ କରି କହନ୍ତି—

"ଅର୍ଦ୍ଧେକ ମାନସୀ ତୁମି ଅର୍ଦ୍ଧେକ କଳ୍ପନା" ।

ଯାହାହେଉ କେବଳ ପୁରାତନ ସାହିତ୍ୟ କାହିଁକି ଶାସ୍ତ୍ର ପୁରାଣରେ ମଧ୍ୟ ଏ ଜାତିର ସ୍ଥାନ ଉଚ୍ଚରେ । ମନୁ କହନ୍ତି "ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତା" । ଆମ ସଂସ୍କୃତରେ ନାରୀ ଏ ଦୃଷ୍ଟିରେ କେବଳ ପ୍ରେୟସୀ ନୁହେଁ ପୂଜ୍ୟା ମଧ୍ୟ । ପୁରାଣ ସାହିତ୍ୟରେ ଭାରତୀୟ ନାରୀ ପଣ୍ଡିତା ଓ କଳାପ୍ରବଣା ରୂପେ ପରିଚିତା । ମାତ୍ର କାବ୍ୟଯୁଗରେ ଭାରତୀୟ ନାରୀ ପ୍ରେୟସୀରୂପେ

ଗୃହିଣୀ । ଏଠାରେ କବିଗଣ ନାରୀର ରସସ୍ୱବୋଧ, ଶାସ୍ତ୍ରପାଣ୍ଡିତ୍ୟ ଓ ତର୍କନିପୁଣତା ପ୍ରଭୃତି ଯେତେ ଲକ୍ଷ୍ୟ ରଖି ନାହାନ୍ତି, ନାରୀକୁ ପ୍ରେୟସୀ ରୂପେ ଦେଖିବାକୁ ସେତେ ବେଶୀ ଯତ୍ନବାନ ହୋଇଛନ୍ତି । ତଥାପି ମଧ୍ୟ କାଳିଦାସବର୍ଣ୍ଣିତ ଅଜବିଳାପରୁ ନାରୀ ଯେ କେବଳ ପ୍ରେୟସୀ ନୁହେଁ ବରଂ ଆଉ କିଛି ଅଧିକ ତାହା ଜଣାପଡ଼େ । ଇନ୍ଦୁମତୀଙ୍କ ବିୟୋଗରେ ଶୋକାତୁର ଅଜ ଏକାଧାରରେ ନିଜର ଗୃହିଣୀ, ରହସ୍ୟ-ସଖୀ, ଗାର୍ହସ୍ଥ ବିଦ୍ୟା ଓ ସୁଲଳିତ କଳାପଠନର ଶିଷ୍ୟା ଇନ୍ଦୁମତୀଙ୍କୁ ହରାଇ କହୁଛନ୍ତି—

"ଗୃହିଣୀ ସଚିବଃ ସଖୀମିଥଃ ପ୍ରିୟଶିଷ୍ୟା ଲଲିତେ କଳାବିଧୌ
କରୁଣା ବିମୁଖେନ ମୃତ୍ୟୁନା ହରତାତ୍ୱଂ ବଦ କିଂ ନମେ ହୃତଂ ।"

କାବ୍ୟ ଯୁଗରେ ନାରୀ ମୁଖ୍ୟତଃ ପ୍ରେୟସୀ ରୂପେ କଳ୍ପିତା । ସେହି ଆଦର୍ଶରେ ଅନୁପ୍ରାଣିତ ଉପେନ୍ଦ୍ର ନିଜର ସୃଷ୍ଟି ମଧ୍ୟରେ ନାୟିକାକୁ ବିଭିନ୍ନ ଭୂମିକାରେ ଉପସ୍ଥାପିତ କରିଥିଲେ ସୁଦ୍ଧା ତାଙ୍କ କଳ୍ପିତ ନାରୀ ଯେ ଅଧିକ ପ୍ରେମପ୍ରବଣା ଓ ପ୍ରେୟସୀ ହେବାର ଯୋଗ୍ୟା, ଏଥିରେ ସନ୍ଦେହ ନାହିଁ । କେବଳ କାଳ୍ପନିକ କାବ୍ୟ ତାହାଙ୍କ 'ବୈଦେହୀଶ ବିଳାସ' ଓ 'ସୁଭଦ୍ରା ପରିଣୟରେ' ମଧ୍ୟ କାବ୍ୟର ନାୟିକା, ପ୍ରେୟସୀ, ପ୍ରିୟତମା ସେଠାରେ ଗୃହିଣୀ ନୁହେଁ । ସଚିବ ହେବାର ସୌଭାଗ୍ୟ ତାର ନାହିଁ । ଆଉ କଳା ଉପଭୋଗରେ ପ୍ରିୟଶିଷ୍ୟା ହେବ ବା କାହୁଁ ? କାରଣ କବି ନାୟିକାକୁ ସଂଗୀତପ୍ରବୀଣା, ପଣ୍ଡିତା, ଶାସ୍ତ୍ରଜ୍ଞ କରି ଥୋଇଲେ ମଧ୍ୟ ଶିଷ୍ୟା ହେବାର ପ୍ରବୃତ୍ତି ଓ ଯୋଗ୍ୟତା ସେଠାରେ ନାହିଁ । ଲାବଣ୍ୟବତୀ, ପ୍ରେମ ସୁଧାନିଧି, ରସିକ ହାରାବଳୀ ପ୍ରଭୃତି ନାୟିକାମାନଙ୍କ ଚରିତ୍ରରୁ ନାୟକ ଜୀବନର ପ୍ରେୟସୀ ଭିନ୍ନ ଅନ୍ୟ

କାନ୍ତ ହେବାର ଶକ୍ତି ମିଳେ ନାହିଁ । ଏପରିକି ବୈଦେହୀଶ ବିଳାସ, ସୁଭଦ୍ରା ପରିଣୟରେ ଯଥାକ୍ରମେ ସୀତା ଓ ସୁଭଦ୍ରାଙ୍କୁ ପ୍ରିୟତମା ଭିନ୍ନ ଅନ୍ୟ କୌଣସି ଆସନ ପ୍ରଦାନ କରାଯାଇ ନ ପାରେ ।

କବି କୃତିରେ ଏହି ଶ୍ରେଣୀର ନାରୀମାନଙ୍କ ଭିନ୍ନ ଅନ୍ୟ ଭୂମିକାରେ ମଧ୍ୟ ସେମାନଙ୍କର ଆଲେଖ୍ୟ ହୋଇଛି । ଅବଶ୍ୟ ମନ୍ଦୋ-ଦରୀ, ତାରା, ରେବତୀ ଓ ସତ୍ୟଭାମା ପରିସ୍ଥିତି ଭେଦରେ ନାୟକର ଶୁଭକଳ୍ପନା କରିବା ସଙ୍ଗେ ସଙ୍ଗେ ଉପଦେଷ୍ଟାର ଆସନ ଗ୍ରହଣ କରିଛନ୍ତି । ମନ୍ଦୋଦରୀଙ୍କର ସୀତାଙ୍କୁ ମୁକ୍ତିଦେବା ବାସନା ମୂଳରେ ସ୍ୱାମୀଙ୍କର ଭବିଷ୍ୟତ ବିପଦ ଲୋପ କରିବା, ବଳରାମଙ୍କ କୋପ ସମ୍ବରଣ କରିବାକୁ ପ୍ରବର୍ତ୍ତାଇବାରେ ରେବତୀଙ୍କର ଶାନ୍ତିପ୍ରିୟତା, ବାଳିକୁ ଯୁଦ୍ଧ ନିମନ୍ତ୍ରଣ ପ୍ରତ୍ୟାଖ୍ୟାନ କରିବାକୁ ଉପଦେଶ ଦେବାରେ ତାରାଙ୍କର ତୀକ୍ଷ୍ଣ ଦୂରଦୃଷ୍ଟି ଏବଂ କୂଟନୀତିବିଶାରଦତ୍ୱର ସୁନ୍ଦର ପରିଚୟ ମିଳେ । କବି ନାରୀ ଚରିତ୍ର ଦେବାରେ ଏହିକ୍ଷେତ୍ର ଗୁଡ଼ିକରେ ଅନେକାଂଶରେ ସ୍ୱାଭାବିକତା ଅବଲମ୍ବନ କରିଅଛନ୍ତି ।

କନ୍ୟା ଭୂମିକାରେ ଶାନ୍ତା ଓ ସୀତାଙ୍କର ଆଲେଖ୍ୟ ସୁନ୍ଦର ହେଲେ ମଧ୍ୟ ମନସ୍ତତ୍ତ୍ୱ ଓ ବାସ୍ତବତା ଦୃଷ୍ଟିରୁ ଉଚ୍ଚକୋଟିର ନୁହେଁ । କାଳ୍ପନିକ କାବ୍ୟରେ ବର୍ଣ୍ଣିତ ନାୟିକାମାନଙ୍କର କନ୍ୟା ଜୀବନ କଥନ ଓ ବର୍ଣ୍ଣନାରେ ଜୀବନ ନାହିଁ, ତାରଲ୍ୟ ନାହିଁ ସ୍ୱାଭାବିକତା ନାହିଁ । କବି ସେଠାରେ କନ୍ୟାମାନଙ୍କୁ ମର୍ତ୍ତ୍ୟଲୋକର ନ କରି ସ୍ୱର୍ଗସୁଲଭ କରି ଥୋଇଛନ୍ତି ।

ନାରୀର ମୋହିନୀଶକ୍ତି ସହିତ ଉପେନ୍ଦ୍ର ବେଶ ପରିଚିତ ଥିଲେ । ନାରୀ ତାର ରୂପମୋହରେ କିପରି ଜଗତକୁ ମୋହିତ କରିପାରେ, ଅଥଚ ପରିସ୍ଥିତି ଦେଖି ସେଠାରେ ଅନ୍ୟର ଶୋଷଣ

ଥାଏ । ଲକ୍ଷ୍ୟ ଓ ଅନ୍ତରଙ୍ଗତାର ଅଭାବ ତାହା ଗଣିକା ଚରିତ୍ରକୁ ସୁସ୍ପଷ୍ଟ । ବୈଦେହୀଶ ବିଳାସରେ ଜରତୀ ଓ କାମମୋହିନୀ ପ୍ରଭୃତି ବେଶ୍ୟାଙ୍କର କାର୍ଯ୍ୟକଳାପ ଓ ମନୋବୃତ୍ତିର ଯେ ଚିତ୍ର ପ୍ରଦତ୍ତ, ତାହା ବେଶ୍ୟାଜୀବନ ସୁଲଭ ଅର୍ଥମୋହ ଓ କୈତବପୂର୍ଣ୍ଣ ପ୍ରେମର ସଂକେତ ଦେଇଥାଏ । 'ରସପଞ୍ଚକ'ରେ କବି ବେଶ୍ୟାସଙ୍ଗଜନିତ ପ୍ରେମପ୍ରସଙ୍ଗରେ କହିଛନ୍ତି—

''ଧନ ଅଧୀନା ସୁପ୍ରୀତି ହୀନା
ସେଥିକୁ ପ୍ରୀତି ବିଗୁର କିନା ''

ନାରୀକୁ ବିଭ୍ରମ-ବିଳାସିନୀ ଓ ସୌନ୍ଦର୍ଯ୍ୟ ପିପାସାପନ୍ନ ରୂପେ କଳ୍ପନା କରିବାରେ ଉପେନ୍ଦ୍ର ଅଦ୍ୱିତୀୟ ଥିଲେ । ନାରୀ ନିଜର ରୂପଶ୍ରୀରେ ଜଗତକୁ ଯେପରି ଏକ ମାୟା ଜାଲରେ ଆବୃତ କରି-ପାରେ । ସୁନ୍ଦର ଅଥଚ ପରପୁରୁଷ ଦର୍ଶନରେ ନାରୀ ହୃଦୟର କୋମଳତନ୍ତ୍ରୀ ଗୁଡ଼ିକରେ କିପରି ଆଘାତ ଆସେ ତାହା ଦର୍ଶାଇ-ବାକୁ ମଧ୍ୟ ସେ ଭୁଲି ନାହାନ୍ତି । ରାମ ଲକ୍ଷ୍ମଣଙ୍କର ମିଥିଳା ପ୍ରବେଶରେ ମିଥିଳା ନାରୀଙ୍କର ସାବଲୀଳ ମନୋବୃତ୍ତିର ବ୍ୟଞ୍ଜନା ଏହାର ପ୍ରଧାନ ଉଦାହରଣ । ବୈଷ୍ଣବ କବିମାନଙ୍କ କୃତିରେ କୃଷ୍ଣ ରାମଙ୍କର ମଥୁରା ପ୍ରବେଶରେ ମଥୁରାବିଳାସିନୀମାନଙ୍କର ଯେଉଁ ବିଭ୍ରମ ବର୍ଣ୍ଣନା ତାହା ତୁଳନାରେ ଉପେନ୍ଦ୍ରଙ୍କର ଚିତ୍ରଣ କୌଣସି ଗୁଣରେ ନ୍ୟୂନ ନୁହେଁ ।

ରାକ୍ଷସୀ ରୂପରେ ସୂର୍ପଣଖାର ଚିତ୍ରଣ ସୁନ୍ଦର ଏବଂ ବିସ୍ତୀର୍ଣ୍ଣ । ମାତ୍ର ଖଳନାରୀ ଭାବରେ ମନ୍ଥରାର ଚିତ୍ର ଅଧିକ ହୃଦୟହାରକ ନୁହେଁ । ଉପେନ୍ଦ୍ର ସାହିତ୍ୟରେ ସେବିକା ଓ ଦୟାପ୍ରବଣା ଭାବରେ ନାରୀର ଯେ ରୂପ, ତାହା ସୀମାଯୁକ୍ତ ଓ ସ୍ଥଳବିଶେଷରେ ବାସ୍ତବତାକୁ ଅନେକାଂଶରେ ପରିହାର କରେ । କାଳ୍ପନିକ କାବ୍ୟଗୁଡ଼ିକରେ

ଯେଉଁ ସଖୀ, ମାଲ୍ୟାଣୀ, ମଦ୍ଦୀକା ପ୍ରଭୃତିଙ୍କର ଚିତ୍ର ରହିଛି ତାହା ନିଷ୍ଠାପୂର୍ଣ୍ଣ ସେବାବ୍ରତର ସଙ୍କେତ ଦିଏ । ନାୟିକାର ମନୋବାଞ୍ଛା ପୂରଣ ପଥରେ ଯାବତୀୟ ବିପତ୍ତି ଖଣ୍ଡନରେ ସେମାନେ ତତ୍ପର ଓ ସେବା ବ୍ୟାଜରେ ତାର ମନେବୃତ୍ତିକୁ ସଚେତ ରଖିବାରେ ସେମାନେ ଅତୁଳନୀୟ । ଅଥଚ କାବ୍ୟର ନାୟିକାସଦୃଶ ରୂପଗୁଣର ସମ୍ଭାରରେ ଗର୍ବିତା, ବୟସର ସ୍ୱଭାବସୁଲଭ ଚଞ୍ଚଳତାରେ ଭୂଷିତା ସଖୀଗଣ ନିଜ ନିଜର ସ୍ୱାର୍ଥ ଭୁଲି ଅନ୍ୟର ପ୍ରେମସାଧନାରେ ଯେଉଁ ସାହାଯ୍ୟ କରିଛନ୍ତି ସେ ଚିତ୍ର ଦେଖିଲେ ବାସ୍ତବରେ ଆଶ୍ଚର୍ଯ୍ୟ ହେବାକୁ ହୁଏ ଏବଂ ସେ ସମୟରେ ମନେହୁଏ ଏଗୁଡ଼ିକ ବାସ୍ତବତାର ପରିଧି ପର୍ଯ୍ୟନ୍ତ ସ୍ପର୍ଶ କରିନାହିଁ ।

କବି କୃତିରେ ଜନନୀ ଭୂମିକାରେ ନାରୀର ସ୍ଥାନ ସେପରି ହୃଦୟରଞ୍ଜକ ନ ହେଲେ ମଧ୍ୟ ଅନୁପଲଭ୍ୟ ନୁହେଁ । କୌଶଲ୍ୟା, କୈକେୟୀ, ଯଶୋଦା ପ୍ରଭୃତିଙ୍କର ଚିତ୍ର ଚିତ୍ରଣରେ କବି ବାସ୍ତବତା ଅନନ୍ୟରୂପରେ ଚେଷ୍ଟିତ । ରାମଚନ୍ଦ୍ରଙ୍କର ବନବାସ କାଳରେ ସ୍ନେହମୟୀ ବଧୂ ସୀତାଙ୍କୁ କୌଶଲ୍ୟାଙ୍କର ଉପଦେଶ ଅତି ଉନ୍ନତକୋଟିର । ସେ ଉପଦେଶ ହେଉଛି "ସ୍ୱାମୀଙ୍କର ଏହି ବିପଦକାଳରେ ତୁମେ ଅଳୀକ ବସ୍ତୁ ଭିକ୍ଷାରେ ପ୍ରବୃତ୍ତ ହେବନାହିଁ ଏବଂ ବଧୂ ଯାଉଛୁ ସଙ୍ଗେ" ପ୍ରଭୃତି ବାକ୍ୟରେ ଲକ୍ଷ୍ମଣଙ୍କୁ ସତର୍କ କରିବା, କୈକେୟୀଙ୍କର ନିଜ ପୁତ୍ରର ଉନ୍ନତିକଳ୍ପନା ସ୍ୱାର୍ଥପରତା ଓ ଯଶୋଦାଙ୍କର ବାତ୍ସଲ୍ୟ ମାତୃହୃଦୟର ବିଭିନ୍ନ ବିଭାଗର ପରିଚୟ ଦେଇଥାଏ । ମାତ୍ର ବୈଷ୍ଣବସାହିତ୍ୟସୁଲଭ ଯଶୋଦାଙ୍କ ବାତ୍ସଲ୍ୟର ଚିତ୍ର ଉପେନ୍ଦ୍ରକୃତିରେ ଆଶାକରିବା ବୃଥା ।

ନାରୀ ଭୂମିକାରେ କାବ୍ୟଗତ ବିଭିନ୍ନ ଚିତ୍ରଗୁଡ଼ିକର ସାଧାରଣ ସମୀକ୍ଷା ପରେ ଆମ୍ଭେମାନେ ବର୍ତ୍ତମାନ ଉପେନ୍ଦ୍ରଙ୍କର ମନୁଷ୍ୟ

ଜୀବନରେ ନାରୀର ପ୍ରୟୋଜନୀୟତା ଓ ନାରୀର ଶିକ୍ଷା-ସ୍ୱାଧୀନତା ସେମାନଙ୍କ କି ପ୍ରକାର ଧାରଣା ଥିଲା ଏବଂ ତାହା କେତେଦୂର ଯୁକ୍ତିଯୁକ୍ତ ଦେଖିବାର କଥା । କାବ୍ୟଜଗତରେ ନାୟିକାଗଣ ସାଧାରଣତଃ ପଦ୍ମିନୀ ଓ ତରୁଣୀ ଜାତୀୟା, ସୁନ୍ଦରୀ, ଉଚ୍ଚ ବଂଶୋଦ୍ଭବା; ଅଧିକନ୍ତୁ ସେମାନେ କେଳିକଳାପଟୁଣୀ, ଶିକ୍ଷିତା ଓ ବିଳାସପରାୟଣା । ଜୀବନରେ ଏକପତି ପ୍ରତି ଅନୁରକ୍ତ ହେଉଥିଲେ ମଧ୍ୟ ସେଠାରେ ଦେହଗତ ମିଳନ ଥିଲା ମୁଖ୍ୟକଥା । ସେମାନେ ବୃଦ୍ଧଜନା ଗୃହିଣୀ ନୁହନ୍ତି । କାରଣ କବି ଅଟନ୍ତି ଯୌବନରେ ବନ୍ଧୁଛନ୍ତି—

"ଯେବେ ଏ ଯୁବା ବୟସେ, ଧର୍ମ ସମା ନାହିଁ ପାଶେ
କି ଲଭ ତାହୁଁ ନୃପତି ହମନ୍ତି ଥାଇ"

× × ×

"ଯୁବାଙ୍କ ହେବାର ପତ୍ନୀକଷ୍ଟ, ରାଜାଙ୍କ ହେବାରୁ ରାଜ୍ୟ ଭ୍ରଷ୍ଟ ।"

ଏ ସବୁର ଅର୍ଥ କେବଳ ନାରୀର ଓ ପ୍ରେମିକା ଭାବରେ ପ୍ରୟୋଜନୀୟତା । ଉପେନ୍ଦ୍ର କାବ୍ୟରେ ଯେଉଁ ନାରୀମାନଙ୍କୁ ଆମେ ଦେଖୁଁ, ସେମାନେ ଏତେ କୌଶଳୀ ଏବଂ ଚତୁରୀ ଯେ ରାଜ ଅବରୋଧ ମଧ୍ୟରେ ରହି, ସମାଜର ଅଙ୍କଟପୂର୍ଣ୍ଣ ତାଡ଼ନା ମଧ୍ୟରେ ଅବଳି ନହାଇ ଦୂରବର୍ତ୍ତୀ ଅପରିଚିତ ନୃପକୁମାରମାନଙ୍କ ସହ ପ୍ରେମ ବାଣିଜ୍ୟର ଚୁକ୍ତି ଅବାଧରେ କରିପାରୁଥିଲେ । ଆଉ ପିତାମାତାଙ୍କର ସ୍ୱୀକୃତି ଓ ଯୋଗଲଗ୍ନ ସ୍ଥିର କରିବା ଏସବୁ କେବଳ ଗୋଟିଏ ପ୍ରଥାରେ (Formality ପରିଣତ ହୋଇଥିଲା ।

ଯାହାହେଉ ଉପେନ୍ଦ୍ରଙ୍କର କାବ୍ୟଜଗତ ନାରୀର କୋଳାହଳରେ ମୁଖରିତ, ତାର ଲହରି ବେଦନାରେ କମ୍ପିତ । ସେଠାରେ ନାରୀର ଯେଉଁ କେତେକ ଅନନ୍ୟରୂପ ରହିଛି, ତାହା କବି ଦୃଷ୍ଟିରେ ଗୌଣ ହୋଇଥିବାରୁ ସେପରି ଗୁରୁତ୍ୱପୂର୍ଣ୍ଣ ହୋଇ

ପାରି ନାହିଁ । ନାରୀର ରୂପକଥନ ଠାରୁ ତାର ପ୍ରେମଚିତ୍ରଣରେ କବିଙ୍କର ଦୃଷ୍ଟି କେତେକାଂଶରେ ଅଧିକ ଥିଲାପରି ମନେହୁଏ ।

ନାରୀ ଚିତ୍ରଣରେ କାବ୍ୟଜଗତ କଳଙ୍କିତ ହୁଏ ନାହିଁ । ସାହିତ୍ୟରେ ନାରୀର ଯେଉଁ ସ୍ଥାନ, ତାହା ପର୍ଯ୍ୟାୟର ପ୍ରାରମ୍ଭରେ କୁହାଯାଇଛି । ମନୁଷ୍ୟ ଜୀବନର ସମର୍ଥା, ସହସଙ୍ଗିନୀ ଓ ଗତି-ମୁକ୍ତିର ସାହାଯ୍ୟକାରିଣୀ ହୋଇଛନ୍ତି ନାରୀ । ଆମର ପୂର୍ବାଚାର୍ଯ୍ୟଗଣ ମଧ୍ୟ କହିଛନ୍ତି—

"ଅର୍ଦ୍ଧଂ ଭାର୍ଯ୍ୟାମନୁଷ୍ୟସ୍ୟ ଭାର୍ଯ୍ୟାପ୍ରିୟତମା ସଖା
ଭାର୍ଯ୍ୟାମୂଳ ତ୍ରିବର୍ଗସ୍ୟ ଭାର୍ଯ୍ୟାମୂଳଂ ତରିଷ୍ୟତ ।"

ବାସ୍ତବରେ ଆମ ପରିବାରରେ, ସାମାଜିକ ସ୍ତରରେ, ବ୍ୟାବହାରିକ ଜୀବନରେ ନାରୀର ଯେଉଁ ପ୍ରୟୋଜନୀୟତା, ତାହା ଦୈହିକ ସମ୍ବନ୍ଧର ସମ୍ପର୍କ । ଅବଶ୍ୟ ସୃଷ୍ଟି ପ୍ରକ୍ରିୟାର ଧାରା ନିର୍ଦ୍ଦେଶରେ ଏହି ସଂସ୍ଥା, ପରମ୍ପରା ଓ ଶୁଭ କର୍ମରେ ନାରୀର ସ୍ଥାନ ଯେ, ସେ ଦେହ-ବୋଧ କେନ୍ଦ୍ରିକ ସୃଷ୍ଟି, ଏହା କୁହାଯାଇପାରେ । ତଥାପି ସ୍ୱୀକାର କରିବାକୁ ହୁଏ ଯେ, ଦେହ ସମ୍ଭୋଗ ଭଳି ଏଗୁଡ଼ିକରେ ମଧ୍ୟ ନାରୀର ଉପସ୍ଥିତି ଓ ସହାୟ୍ୟ ପ୍ରୟୋଜନ । ତେଣୁ ପୂର୍ବାଚାର୍ଯ୍ୟଗଣ ନାରୀକୁ ମନୁଷ୍ୟର ଅର୍ଦ୍ଧାଙ୍ଗୀ, ପ୍ରିୟା, ସଖୀ, ତ୍ରିବର୍ଗର କାରଣ ଓ ଗତିମୁକ୍ତିର ସୋପାନ ରୂପେ କଳ୍ପନା କରିଛନ୍ତି । ପୁରାଣ ଇତିହାସର ଗତି ଘେନି ମନୁଷ୍ୟ ସଭ୍ୟତାରେ ନାରୀର ଅଲୌକିକ ସାମର୍ଥ୍ୟ ଓ ନୈପୁଣ୍ୟ ଉପଲବ୍ଧି କରି ସ୍ମୃତିକାର ମଧ୍ୟ କହିଲେ ଯେଉଁଠାରେ ନାରୀ ସମୁଚିତ ସମ୍ମାନ ଲାଭ କରେ ସେଠାରେ ଦେବତାଙ୍କର ସ୍ଥାନ ରହିଛି । ଜଗତରେ ଜନନୀ ରୂପେ, ରୋଗୀର ସେବିକା ରୂପେ, ଅତିଥିର ଆଶ୍ୱାସନାଦାୟିନୀ ରୂପେ, ନାରୀ ଯେ

ପ୍ରକୃତିର ପ୍ରକୃଷ୍ଟ ଅବତାର ଏହା କିଏ ଅସ୍ୱୀକାର କରିବ ? ତେବେ ନାରୀ ଜୀବନର ଏହି ମହନୀୟତା ଓ ସାଧନା ଉପେନ୍ଦ୍ର-ସାହିତ୍ୟରେ କିପରି ଦେଖାଯାଏ ? ନାରୀକୁ କେବଳ ପ୍ରେୟସୀରୂପେ ଗ୍ରହଣ କଲେ କିମ୍ବା ସାର୍ଥକତାର ଉପାଦାନ ରୂପେ ଗ୍ରହଣ କଲେ ଏବଂ ତଦଭିପ୍ରାୟରେ ଆତ୍ମତ୍ୟାଗ କଲେ, ନାରୀ ଯେ ପୂଜ୍ୟା ହେବ ଏହା କଳ୍ପନା କରିବା ନିରର୍ଥକ । ଶକୁନ୍ତଳା ଦୁଷ୍ମନ୍ତଙ୍କର ପ୍ରେୟସୀ ସତ୍ୟ, ଅନ୍ୟର ତ କନ୍ୟା, ତେଣୁ କବି ଯେବେ କେବଳ ଶକୁନ୍ତଳାଙ୍କୁ ଉତ୍ତମ ପ୍ରେମିକା ରୂପେ ଥୋଇ ଦେଇ ନିଶ୍ଚିନ୍ତ ହୁଅନ୍ତି ତେବେ କହିବାକୁ ହେବ କବିଙ୍କର ଦୃଷ୍ଟିଭଙ୍ଗୀ ସଙ୍କୀର୍ଣ୍ଣ । କାରଣ ପ୍ରେମ-ଗର୍ବିତ ଗରବିଣୀ ଶକୁନ୍ତଳାଙ୍କର ବୃଦ୍ଧ ପିତା କଣ୍ୱ, ସ୍ନେହ-ଲାଳିତ୍ୟପୂର୍ଣ୍ଣ ବୃକ୍ଷ ବାଟିକା ଓ ସହସଙ୍ଗିନୀ ମୁନିକନ୍ୟାମାନଙ୍କ ପ୍ରତି ଯେ ବନ୍ଧନ ବା ତାହାର ମୂଲ୍ୟ ଦୁଷ୍ମନ୍ତଙ୍କ ପ୍ରତି ପ୍ରେମଦାନ ଅପେକ୍ଷା କୌଣସି ଗୁଣରେ ନ୍ୟୂନ ନୁହେଁ । ସେହି କାରଣରୁ ଉପେନ୍ଦ୍ରଙ୍କର ନାରୀଚରିତ୍ର ଚିତ୍ରଣରେ ଯେଉଁ ବୈଚିତ୍ର୍ୟହୀନତା ଦେଖାଯାଏ ତାହା ସମାଲୋଚକ ଦୃଷ୍ଟିରେ ନଗଣ୍ୟ ନୁହେଁ । କାରଣ ତାଙ୍କ ଲେଖନୀରେ ନାରୀର ଛଳ ଛଳ ପ୍ରାଣ ବିଶାଳବପୁ ସୌନ୍ଦର୍ଯ୍ୟ ଆକର, ରସିକପୁଙ୍ଗବ ନାୟକ ସହ ମିଶି ଯିବାକୁ ଓ ନିଜର କ୍ଷୀଣ କଳେବରକୁ ନାୟକଙ୍କର ବିଶାଳ ବାହୁ ମଣ୍ଡଳରେ ଟାଙ୍କି ରଖିବାକୁ ଯେପରି ଲାଳସବତୀ, ନାୟକଙ୍କର ଗୃହିଣୀ, ସଚିବ ଓ ଆଦର୍ଶାନୁପ୍ରାଣିତ ହେବାର ଚିନ୍ତା ତତୋଧିକ ମନୋଜ୍ଞ ହୋଇ ପାରିନାହିଁ । ଏପରି ଯେଉଁ ଅଛି ଯେ, ସେ ନିଜ ପୁରୁଷର ଦାୟିତ୍ୱବୋଧ, କର୍ମମୟ ଜୀବନ ଓ ଆନୁସଙ୍ଗିକ ଶୁଭାଶୁଭର ଗଣନା ନ କରି କେବଳ କିପରି ତାଙ୍କୁ ପାଇବ ସେ ଧ୍ୟାନ ବ୍ୟସ୍ତ । ଏହି ଦୃଷ୍ଟିରୁ କେହି କେହି କହନ୍ତି, ଜୀବନ ରଙ୍ଗମଞ୍ଚରେ ନାରୀର ଏହି

ଏକ ଭୂମିକାରେ ଉପସ୍ଥିତ ନାରୀ ଜୀବନର ବୈଚିତ୍ର୍ୟ ଓ ମହନୀୟ ଅବବୋଧରେ ବ୍ୟାଘାତ ଅଟେ । ସ୍ମୃଏତ ମହାପୁରୁଷ ମନୁ ଉପେନ୍ଦ୍ର ଯୁଗର ଲୋକ ହୋଇଥିଲେ ଏପରି ନାରୀଙ୍କର ଦେବ ଯୋଗ୍ୟ ଆରାଧନା କରିବାକୁ କୌଣସି ପ୍ରକାର ନିର୍ଦ୍ଦେଶ ଦେଇ ନ ପାରନ୍ତେ । ନାରୀତ୍ୱର ବିକାଶ କେବଳ ଗୋଟିଏ ବିଭାବରେ ହୁଏ ନାହିଁ । ଭାରତୀୟ ସଂସ୍କୃତିରେ ସ୍ୱାତନ୍ତ୍ର୍ୟ ବିରହିତା ନାରୀ ପିତା, ପତି ପୁତ୍ରଙ୍କର ଆଶ୍ରୟରେ ଜୀବନ ଅତିବାହିତ କରେ । ଜୀବନର ଭିନ୍ନ ଭିନ୍ନ ନିର୍ଦ୍ଦିଷ୍ଟ ଅଂଶରେ ଉପର୍ଯ୍ୟୁକ୍ତ ବ୍ୟକ୍ତିମାନେ ତାରି ପୋଷକ ହିଁ ରହିଛି । କିନ୍ତୁ କନ୍ୟା, ଜନନୀ ଓ ପ୍ରେୟସୀ ଆଦି । ସବୁଠି ଏକଇ ନାରୀ ଅବସ୍ଥା ଭେଦରେ ଅନ୍ତର ଅନେକ ରୂପ ଧାରଣ କରିପାରେ ।

ବାସ୍ତବ ଜୀବନ ନାରୀକୁ କେବଳ ପ୍ରେୟସୀ ରୂପେ କଳ୍ପନା କଲେ ନାରୀତ୍ୱର ସମ୍ୟକ୍ ଅବବୋଧ ଘଟି ପାରେନା । ଅତଏବ କବି ଉପେନ୍ଦ୍ର ନାରୀକୁ ଜନନୀ, ପ୍ରେୟସୀ, କନ୍ୟା ପ୍ରଭୃତି ବିଭିନ୍ନ ରୂପରେ ସ୍ୱୀୟ ସାହିତ୍ୟରେ ସ୍ଥାନ ଦେଇଥିଲେ ମଧ୍ୟ ତାହା ପୂର୍ଣ୍ଣାଙ୍ଗ ନୁହେଁ । ପ୍ରେୟସୀ ଭାବରେ ମଧ୍ୟ ନାରୀ ଉପେନ୍ଦ୍ର ସାହିତ୍ୟରେ ଅନେକାଂଶରେ ଅସ୍ୱାଭାବିକତାକୁ ବରଣ କରିଛି । ମନମୋହନ ଚକ୍ରବର୍ତ୍ତୀ ଭଞ୍ଜଙ୍କ ନାୟିକା ସମ୍ପର୍କରେ ଯେଉଁ ଯାହା କହିଛନ୍ତି ତାହା ପ୍ରସଙ୍ଗ ଅନୁରୋଧରେ ଉଦ୍ଧାର କରୁଛି—

"The heroine is painted with the same brush impatient without any self-restraint or self-sacrificing sprit so wellknown in Indian wives and mothers and as much inclined as the hero to gratify the physical desire."

# ଧର୍ମମତ

ସାହିତ୍ୟ ଯୁଗଧର୍ମର ଅନୁସାରୀ । ଯୁଗର ପରିବର୍ତ୍ତନରେ ଧାର୍ମିକ ମତବାଦର ପ୍ରଚାରରେ ଦେଶର ସାହିତ୍ୟ ତାର ରୂପ ପରିବର୍ତ୍ତନ କରିଥାଏ । କବି ନିଜେ ଯେଉଁ ଯୁଗର ବ୍ୟକ୍ତି ଏବଂ ଯେଉଁ ଧାର୍ମିକ ମତବାଦରେ ଆସ୍ଥାସ୍ଥାପନ କରିଥାନ୍ତି, ତାହା ସ୍ୱଭାବତଃ ତାଙ୍କ ରଚନା ମଧ୍ୟରେ ଆତ୍ମପ୍ରକାଶ କରେ । ଆମ ଓଡ଼ିଆ ସାହିତ୍ୟର ଇତିହାସ ଏହି ଧାର୍ମିକ ପରିବର୍ତ୍ତନ ଓ ମତବାଦର ଭିନ୍ନତା ଯୋଗୁଁ ଯୁଗଭେଦରେ ଭିନ୍ନ ଭିନ୍ନ ରୂପଧାରଣ କରିଛି । ବୌଦ୍ଧ, ଶାକ୍ତ, ଶୈବ, ଗାଣପତ୍ୟ, ବୈଷ୍ଣବ ଓ ସର୍ବୋପରି ସ୍ମାର୍ତ୍ତମତ ଖ୍ରୀଷ୍ଟୀୟ ୭ମ ଶତାବ୍ଦୀ ଠାରୁ ଅଦ୍ୟାବଧି ଆମ ସାହିତ୍ୟରେ ଯେଉଁ ରୂପଲାଭ କରିଛି ତାହା ସର୍ବଜନବିଦିତ । ଏହି ଧର୍ମମତଗୁଡ଼ିକର ପୃଷ୍ଠପୋଷକମାନଙ୍କ କୃତିରେ ଏହି ଦୃଷ୍ଟିରୁ ଅନେକ ବିଶେଷତ୍ୱ ଲକ୍ଷିତ ହୁଏ । 'ବୌଦ୍ଧ ଗାନ ଓ ଦୋହା', ସାରଳା ସାହିତ୍ୟ 'ରୁଦ୍ର ସୁଧାନିଧି,' 'କଳସା ଚଉତିଶା', ସୋମନାଥବ୍ରତ କଥା', ବୈଷ୍ଣବ ସାହିତ୍ୟ ପ୍ରଭୃତି ଏହି ପ୍ରଖ୍ୟାପନର ବିଶିଷ୍ଟ ଉଦାହରଣ । ଉତ୍କଳ ସାହିତ୍ୟ ଯୁଗ ଭେଦରେ ଭିନ୍ନ ଭିନ୍ନ ମତବାଦର ବାହନରେ ପରିଣତ ହୋଇଛି ଏକଥା କହିବା ବାହୁଲ୍ୟ ମାତ୍ର । ବୌଦ୍ଧଗାନ ଓ ଦୋହାରେ ନିର୍ବାଣ ଓ ଶୂନ୍ୟ ସାଧନା ମଧ୍ୟରେ ଧର୍ମପ୍ରଚାର ସାରଳାଙ୍କ ହୃଦୟସ୍ପର୍ଶୀ ବିରାଟ ସାହିତ୍ୟ ସୃଷ୍ଟିରେ ଶାକ୍ତବାଦ, ରୁଦ୍ର ସୁଧାନିଧି ପ୍ରଭୃତିରେ ଶୈବାନୁବୃତ୍ତି ଓ ସର୍ବୋପରି ବୈଷ୍ଣବ ସାହିତ୍ୟରେ ବୈଷ୍ଣବୀୟ ଭାବଧାରା ସ୍ପଷ୍ଟ ଅଭିପ୍ରେତ । ଧାର୍ମିକ ମତବାଦ ଯେଣୁ ଏହି ପୁରାତନ ସାହିତ୍ୟରେ ଏତେ ବଳିଷ୍ଠ ହୋଇଥିଲା ସେ

ଦର୍ଶନାଭିମୁଖୀ ହୋଇ ପଡ଼ିଥିଲା । ଏଥିରେ କୌଣସି ବାହୁଲ୍ୟ ନାହିଁ । ଯୋଡ଼ଶ ୨ୀଶ ଶତାବ୍ଦୀ ଧରି ବୈଷ୍ଣବମାନେ ରାଧାକୃଷ୍ଣଙ୍କ ପ୍ରେମ ପ୍ରସଙ୍ଗ ଓ ପିଣ୍ଡବ୍ରହ୍ମାଣ୍ଡ ଛଳରେ ସାହିତ୍ୟରେ ବୈଷ୍ଣବତତ୍ତ୍ୱ ପ୍ରଚାର କରିଥିଲେ । ଏ ସମ୍ପର୍କରେ ଦୃଷ୍ଟାନ୍ତର ଆବଶ୍ୟକତା ନାହିଁ ।

କବି ଉପେନ୍ଦ୍ର ଭଞ୍ଜଙ୍କରେ ଯେଉଁ ଯୁଗର ଅଭିଭୂତ ଓ ତାଙ୍କର ପରବର୍ତ୍ତୀ କାଳରେ ମଧ୍ୟ ବୈଷ୍ଣବ ସାହିତ୍ୟର ପ୍ଲାବନ କିଛି କମ୍ ନ ଥିଲା । ଦେବଦୁର୍ଲ୍ଲଭ ଓ ଦୀନକୃଷ୍ଣଙ୍କ ଠାରୁ ଆରମ୍ଭ କରି ଅଭିମନ୍ୟୁ, ଭକ୍ତଚରଣଙ୍କ ପର୍ଯ୍ୟନ୍ତ ବୈଷ୍ଣବମାନେ ଏହି ତତ୍ତ୍ୱ କଥନରେ ବ୍ୟସ୍ତ ଥିଲେ । ଧର୍ମ ପ୍ରଚାରହିଁ ସେମାନଙ୍କର ଥିଲା ପ୍ରଧାନ ଲକ୍ଷ୍ୟ । ତେଣୁ ସାହିତ୍ୟ ଛଳରେ ରାଧାକୃଷ୍ଣଙ୍କ ମହିମା ଓ ପ୍ରେମମୟ ଅଭିବ୍ୟକ୍ତି କୀର୍ତ୍ତନ କରିବାକୁ ସେମାନେ ଶ୍ରେୟ ମଣିଥିଲେ । ଅବଶ୍ୟ ଜଗନ୍ନାଥ, ଅଚ୍ୟୁତ ପ୍ରଭୃତି ପଞ୍ଚସଖାଙ୍କ ସାହିତ୍ୟରେ ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱର ବ୍ୟାଖ୍ୟାନ ଅଛି, କିନ୍ତୁ ସେମାନଙ୍କର ସାହିତ୍ୟ ସୃଷ୍ଟି ଲକ୍ଷ୍ୟ ନ ଥିଲା । ବଙ୍ଗୀୟ ବୈଷ୍ଣବ ଭଙ୍ଗୀର ଉଦ୍‌ବେଳନ ସାହିତ୍ୟିକ ଯୁଗରେ ଏପରି ଉତ୍କଟ ହୋଇଥିଲା ଯେ, ଧର୍ମ ନାମରେ ସାହିତ୍ୟରେ ବିଭତ୍ସତା ମଧ୍ୟ ପ୍ରବେଶ କରିଥିଲା । ପଣ୍ଡିତ ନୀଳକଣ୍ଠ ଓଃ ସାଃ ଏମ ପରିଣାମରେ ବୈଷ୍ଣବମାନଙ୍କର ସାହିତ୍ୟ ଓ ମତବାଦର ବିଭତ୍ସତାର ଉଲ୍ଲେଖ କରିଛନ୍ତି । ପଣ୍ଡିତ ମହାଶୟଙ୍କର ଏହି ସମାଲୋଚନାରେ ସତ୍ୟର କୌଣସି ଅପଳାପ ସୃଷ୍ଟି କରାଯାଇ ନାହିଁ । ଉତ୍କଳରେ ବୈଷ୍ଣବ ଧର୍ମ ଯେଉଁ ବଙ୍ଗୀୟ ଓ ଉତ୍କଳୀୟ ଶାଖା ମଧ୍ୟରେ ଯେଉଁ ବୈଷମ୍ୟ ଓ ମତଭେଦ ଥିଲା ତହିଁର ସମାଧାନ ପାଇଁ ଦୀନକୃଷ୍ଣ ଯତ୍ନବାନ ଥିଲେ ।

ରସକଲ୍ଲୋଳର ୧ମ ଓ ୧୬ଶ ଛାନ୍ଦରୁ ଏହା ସୁସ୍ପଷ୍ଟ । ମୂଳତଃ ଉପେନ୍ଦ୍ରଙ୍କ ସମଙ୍କରେ ଏବଂ ପୂର୍ବବର୍ତ୍ତୀ ଯୁଗରେ ଉତ୍କଳ ସାହିତ୍ୟକୁ

ଏଭାଗ ବୈଷ୍ଣବ କବିମାନଙ୍କ ଦ୍ୱାରା ସଙ୍ଘଟିତ ହୋଇଥିଲା । ମାତ୍ର ସେଥିରେ ଧର୍ମ ସଙ୍କୋଚନର ମାତ୍ରା ଅତ୍ୟଧିକ ଥିଲା । କବିମାନେ ଧର୍ମ ଓ ସାହିତ୍ୟର ଯେଉଁ ଅଭିନ୍ନତା ଓ ମିଶ୍ରଣ କଳ୍ପନା କରିଥିଲେ ତାହା ଅନେକାଂଶରେ ସାହିତ୍ୟର କଳାଗତ ପ୍ରକୃତିରେ ଆଞ୍ଚ ଆଣି-ଥିଲା । ଅଧିକନ୍ତୁ ଏହି ପ୍ରଚେଷ୍ଟା ସାହିତ୍ୟକୁ ସାହିତ୍ୟରେ ପର୍ଯ୍ୟବସିତ ନ କରି ଦର୍ଶନାଭିମୁଖୀ ଓ ତତ୍ତ୍ୱମୂଳକ କରି ପକାଇଥିଲା । ଓଡ଼ିଆ ସାହିତ୍ୟ ଇତିହାସର ଏହି ଧର୍ମ ସଙ୍କ୍ରାନ୍ତ ପରମ୍ପରାକୁ ଉପେନ୍ଦ୍ର ଅନେକାଂଶରେ ଭେଦ କରିଥିଲେ । କବି ସ୍ୱୀୟ ରଚନା ଗୁଡ଼ିକରେ ଯେଉଁ ଦେବାଦେବୀମାନଙ୍କ ନାମ ଉଲ୍ଲେଖ କରିଛନ୍ତି ସେଥିରୁ ତାଙ୍କର କୌଣସି ଏକ ନିର୍ଦ୍ଦିଷ୍ଟ ମତବାଦର ସ୍ପଷ୍ଟ ଉଲ୍ଲେଖ ମିଳେ ନାହିଁ । ତାର କାରଣ ସେ ଅଧିକରେ ଥିଲେ କବି ; ଧର୍ମ ପ୍ରଚାର ବା ଧାର୍ମିକତତ୍ତ୍ୱ ବ୍ୟାଖ୍ୟାନରୁ ସେ ବହୁଦୂରରେ ଥିଲେ ।

ଉପେନ୍ଦ୍ରଙ୍କୁ କେହି କେହି ରାମାନୁଜପନ୍ଥୀ ବୈଷ୍ଣବ ରୂପେ ଗ୍ରହଣ କରିଛନ୍ତି । ମାତ୍ର ତାହା ଯୁକ୍ତିଯୁକ୍ତ ନୁହେଁ । କବି ସ୍ୱୀୟ କବିତ୍ୱଶକ୍ତି ଅର୍ଜନରେ ରଘୁକୁଳମଣି ରାମଚନ୍ଦ୍ରଙ୍କର କୃପାପାତ୍ର ଥିଲେ । ସେ ରାମତାରକ ମନ୍ତ୍ର ସିଦ୍ଧ କରିଥିଲେ । ତାଙ୍କର ବିଭିନ୍ନ କାବ୍ୟରେ ରାମଚନ୍ଦ୍ରଙ୍କ ମଙ୍ଗଳାଚରଣ, ଅଧିକାଂଶ ଛାନ୍ଦର ପ୍ରାନ୍ତରେ ରାମଚନ୍ଦ୍ରଙ୍କ ସ୍ମରଣ କରି ଭଣିତା ଏବଂ ସର୍ବୋପରି ବୈଦେହୀଶ-ବିଳାସ, ରାମ ଲୀଳାମୃତ ଓ ଅବନା ରସତରଙ୍ଗ ରଚନା ଦର୍ଶନରେ ତାଙ୍କୁ ରାମାନୁଜପନ୍ଥୀ ବୈଷ୍ଣବ ରୂପେ ଗ୍ରହଣ କରିବା ପ୍ରମାଦପୂର୍ଣ୍ଣ ।

କାରଣ ତାଙ୍କ ଛାନ୍ଦଭୂଷଣ, କଳାକଉତୁକ ପ୍ରଭୃତି ଗୋପ-ଲୀଳା ବିଷୟକ ରଚନା ଉପର୍ଯ୍ୟୁକ୍ତ ଯୁକ୍ତିର ବିରୋଧ କରେ । ଅଧିକନ୍ତୁ କବି ନିଜ ରଚନା ମଧ୍ୟରେ ଭାରତୀୟ ସଂସ୍କୃତି ଓ ଧର୍ମ-ମତର ଦ୍ୟୋତକ ଜଗନ୍ନାଥ ଓ ଚତୁର୍ଦ୍ଧାମୂର୍ତ୍ତି ପ୍ରସଙ୍ଗ ଅବତାରଣା

କରିଛନ୍ତି । କେବଳ ସେତିକି ନୁହେଁ । ତାଙ୍କ କୃତିରେ ବିଭିନ୍ନ ଛାନ୍ଦରେ ଗଣେଶ, ଶିବ, ଦୁର୍ଗା ପ୍ରଭୃତି ଦେବା ଦେବୀଙ୍କର ବନ୍ଦନା ରହିଛି ।

ଉପର୍ଯ୍ୟୁକ୍ତ ଅବତାରଣାରୁ ଏହା ସ୍ପଷ୍ଟ ପ୍ରତୀତ ଯେ, ଉପେନ୍ଦ୍ର ଧର୍ମ ମତବାଦ ଯେଉଁ ଉଦାର ଥିଲେ । କୌଣସି ଏକ ନିର୍ଦ୍ଦିଷ୍ଟ ଦେବତା ଓ ମତବାଦର ପ୍ରଚାର ବା ପରିକଳ୍ପନା ତାଙ୍କୁ ବାନ୍ଧି ରଖି ନ ଥିଲା । କାରଣ ସେ ଧର୍ମ-ସମାଜର ନାୟକ ନ ଥିଲେ । ଅଥବା ବିଷୟ ବାସନାରହିତ ଦାର୍ଶନିକ ଓ ଧର୍ମଜୀବନ ଯାପନରେ ପରିକଳ୍ପନା କରି ନ ଥିଲେ । ବରଂ ନିଜର ଉଦ୍ଦେଶ୍ୟ ସାଧନାରେ ଯାହାର ଆଶ୍ରୟ ଗ୍ରହଣୀୟ ଉଚିତ ବୋଧ କରୁଥିଲେ ତାଙ୍କୁହିଁ ଆରାଧନା କରିଥିଲେ ।

ଲାବଣ୍ୟବତୀର ୧ମ ଛାନ୍ଦରେ ସେ ଯେଉଁ ମଙ୍ଗଳାଚରଣ କରିଛନ୍ତି, ତାହା ବାହ୍ୟତଃ ରାମଚନ୍ଦ୍ରଙ୍କୁ ସୂଚାଉଥିଲେ ମଧ୍ୟ ସେଥିରେ ବଳରାମ ଓ ପର୍ଶୁରାମଙ୍କୁ ମଧ୍ୟ ଗ୍ରହଣ କରାଯାଇପାରେ । ସୁଭଦ୍ରା ପରିଣୟର ୧ମ ଛାନ୍ଦରେ କବି ଦ୍ୱାରିକା ନଗରୀ ବର୍ଣ୍ଣନା କରିବା ପ୍ରସଙ୍ଗରେ ଚତୁର୍ଦ୍ଧାମୂର୍ତ୍ତି ଓ ସୁଭଦ୍ରାଙ୍କର ପୌରାଣିକ କଥନରେ ବ୍ୟସ୍ତ ।

ଏକ ଦେବ ଉପାସନା ପରିବର୍ତ୍ତେ ସମୟ ଓ ଅବସ୍ଥାନୁଯାୟୀ ଭିନ୍ନ ଭିନ୍ନ ଦେବାଦେବୀଙ୍କ ଉପାସନା ଓ ବନ୍ଦନା ଯୋଗୁ ଉପେନ୍ଦ୍ର କବି ଲୋକନାଥ ବିଦ୍ୟାଧରଙ୍କ ସହ ଏକମତ ଥିଲାପରି ଜଣାଯାଏ ।

ଉତ୍କଳର ସୁନାମଧନ୍ୟ କବି ଲୋକନାଥ ନିଜର ଅଧିକାଂଶ କାଳ୍ପନିକ କାବ୍ୟରେ ଧର୍ମମତର କୌଣସି ଉପଲବ୍ଧି କରି

ପଞ୍ଚଦେବତା, ଅଷ୍ଟଦେବତା ପରିଲ ସର୍ବ ଦେବତାଙ୍କର ଅବତାରଣା କରିଛନ୍ତି । ସର୍ବାଙ୍ଗ ସୁନ୍ଦରୀ କାବ୍ୟର ଚତୁର୍ଦ୍ଦଶ ଛାନ୍ଦର ଶେଷାଂଶରେ କବି କହିଛନ୍ତି—

"ଶ୍ରୀକଣ୍ଠାଭରଣ ଭବସନ୍ତାପ ବିନାଶ,
କମଳାକ୍ଷ ପାଦେ ଭଣନ୍ତେ ଲୋକନାଥ ଦାସ ।
ବ୍ରହ୍ମା, ବିଷ୍ଣୁ, ଶିବ, ଶିବା, ଶଶୀ, ଗଙ୍ଗା, ରବି,
ଗଣେଶଙ୍କୁ ଆଦି ଅଷ୍ଟ ଅର୍ଥେ ଏ ସମ୍ଭବି ।"

ଉପେନ୍ଦ୍ର ଲୋକନାଥଙ୍କ ପରି ପଞ୍ଚଦେବତା ଓ ପରିସ୍ଥିତିରେ ସର୍ବ ଦେବତାଙ୍କ ବନ୍ଦନା କରିଛନ୍ତି । ଶିବ ପାର୍ବତୀଙ୍କର ଅବତାରଣା କରି ପ୍ରେମ ପ୍ରସଙ୍ଗ ଆଲୋଚନା ସମୟରେ କରିଛନ୍ତି । କାରଣ ଯୁଗ ଯୁଗ ଧରି ହର-ପାର୍ବତୀ ପ୍ରେମ ଉପାସନାରେ ସହାୟକାରୀ ରୂପେ ଗୃହୀତ ହୋଇ ଥିବାରୁ ଉପେନ୍ଦ୍ର ସେମାନଙ୍କୁ ସାହିତ୍ୟରେ ଏପରି ସ୍ଥାନ ପ୍ରଦାନ କରିଛନ୍ତି ।

ରାମ ଉପାସନା ଉପେନ୍ଦ୍ରଙ୍କ କାବ୍ୟ ସାହିତ୍ୟର ଅନ୍ୟତମ ଧର୍ମଐତିହାସିକ ଅଂଶ । କବିଙ୍କର ଏହି ଉପାସନା ମୂଳରେ ଯେଉଁ ଐତିହାସିକତା ଅଛି ତାହା ସର୍ବଜନବିଦିତ । କବିଙ୍କର କବିତ୍ୱ ଶକ୍ତି ଅନୁଧ୍ୟାନରେ ଏହାହିଁ ଥିଲା ମୁଖ୍ୟତଃ ସହାୟକାରୀ ।

ସାହିତ୍ୟରେ ଜଗନ୍ନାଥତତ୍ତ୍ୱ ଉପେନ୍ଦ୍ରଙ୍କ ଧର୍ମମତ ଆଲୋଚନାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଂଶ । ଉପେନ୍ଦ୍ର ଉତ୍କଳୀୟ ପରଂପରାରେ ପରିବର୍ଦ୍ଧିତ ଓ ତାଙ୍କର ପୌରାଣିକତା ଥିଲା ଅଲୌକିକ । କବି ଶ୍ରୀକ୍ଷେତ୍ର ଓ ଜଗନ୍ନାଥ ସମେତ ଚତୁର୍ଦ୍ଧା ମୂର୍ତ୍ତିର ପୌରାଣିକତା ଓ ଯାତ୍ରାପର୍ବ ସମ୍ବନ୍ଧରେ ପୂର୍ଣ୍ଣରୂପେ ଅବହିତ ଥିଲେ ।

ପୁରୁଷୋତ୍ତମ କ୍ଷେତ୍ର ଓ ଜଗନ୍ନାଥ ବର୍ଣ୍ଣନା ଆମର ସାଧାରଣ ଦୃଷ୍ଟିରେ ବର୍ଣ୍ଣନାତ୍ମକ ଓ ପର୍ଯ୍ୟବେକ୍ଷଣ ମୂଳକ ବୋଧଗମ୍ୟ ହେଲେହେଁ ଗବେଷକ ଓ ଐତିହାସିକମାନଙ୍କ ମତରେ ତାହା ଉପେନ୍ଦ୍ରଙ୍କ ପୌରାଣିକ ଜ୍ଞାନର ମାନଦଣ୍ଡ ସ୍ୱରୂପ । କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ରସିକହାରାବଳୀ, ସୁଭଦ୍ରା ପରିଣୟ ପ୍ରଭୃତି କାବ୍ୟ ଓ ପୁରୁଷୋତ୍ତମ ମାହାତ୍ମ୍ୟ, ନୀଳାଦ୍ରି ଚଉତିଶା ଭିତରେ ଜଗନ୍ନାଥଙ୍କ ମହିମା କୀର୍ତ୍ତନ ଛଳରେ ତାଙ୍କ ଯାତ୍ରାପର୍ବ ବିଧିର ବର୍ଣ୍ଣନା କରି ସୁସ୍ପଷ୍ଟ ରୂପ ଦେଇଛନ୍ତି । ଜଗନ୍ନାଥଙ୍କ ନୀତିକାନ୍ତି ସହିତ କବି ଏପରି ପରିଚିତ ଥିଲେ ଯେ ସ୍ୱୀୟ କାବ୍ୟର ଅନେକ ସ୍ଥଳରେ ବର୍ଣ୍ଣିତ ଉତ୍ସବ, ପର୍ବ ଓ ଯାତ୍ରାଗୁଡ଼ିକୁ ଜଗନ୍ନାଥଙ୍କ ଯାତ୍ରାପର୍ବ ସଙ୍ଗେ ତୁଳନା କରିଛନ୍ତି । ବୈଦେହୀଶ ବିଳାସରେ ରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନକାଳୀନ ଯାତ୍ରାକୁ ଗୁଣ୍ଡିଚା ପର୍ବ ସହିତ ତୁଳନା କରିଛନ୍ତି । ଉପେନ୍ଦ୍ରଙ୍କର ଏହି ଜଗନ୍ନାଥ ପ୍ରଶସ୍ତି ସମ୍ପର୍କରେ ଗବେଷକ ଶ୍ରୀଯୁକ୍ତ ସଦାଶିବ ରଥଶର୍ମା "ଭଞ୍ଜପ୍ରଭା"ରେ ଅନେକ ତତ୍ତ୍ୱମୂଳକ ତଥ୍ୟ ପ୍ରକାଶ କରିଛନ୍ତି । ତାଙ୍କ ମତରେ ଉପେନ୍ଦ୍ରଙ୍କ ଜଗନ୍ନାଥ ପ୍ରଶସ୍ତି 'ସାଲବେଗ'ଙ୍କ ଅପେକ୍ଷା ଅଧିକ ଉଚ୍ଚକୋଟିର । ଉପେନ୍ଦ୍ର ଜଗନ୍ନାଥ ଧର୍ମରେ ଏପରି ଅନୁପ୍ରାଣିତ ହେବା ମୂଳରେ ସେ ଦୁଇଟି କାରଣ ଦର୍ଶାଇଛନ୍ତି । ତାହା ହେଉଛି ଉପେନ୍ଦ୍ରଙ୍କର ସଂସ୍କୃତ ସାହିତ୍ୟ ପାଣ୍ଡିତ୍ୟ ଓ ପୁରୀରେ ଥିବା ଘୁମୁସର ମଠରେ ଅବସ୍ଥାନ କାଳରେ ତତ୍ତ୍ୱଜ୍ଞ ବିଶ୍ୱନାଥ ମହାସୁଆରଙ୍କ ସାହଚର୍ଯ୍ୟ ଲାଭ । ପରବୋମରେ ସଂସ୍କୃତ ପୁରାଣ ଓ କାବ୍ୟ ମାନଙ୍କରେ ନୀଳାଦ୍ରିନାଥ ଓ ପୁରୁଷୋତ୍ତମ କ୍ଷେତ୍ରର ଉତ୍ପତ୍ତି, ବ୍ୟାପକତା ଓ ତାଙ୍କର ସେବା, ପୂଜାବିଧି, ବିବିଧ ଯାତ୍ରା ସମ୍ବନ୍ଧରେ ଯେ ବର୍ଣ୍ଣନା ରହିଛି ସେଥିରୁ ଉପେନ୍ଦ୍ର ସମ୍ୟକ୍ ଜ୍ଞାନ ଲାଭ କରିପାରିଥିଲେ । ଏ ପ୍ରସଙ୍ଗରେ

ଗବେଷକ ମହାଶୟ କୋଟିବ୍ରହ୍ମାଣ୍ଡସୁନ୍ଦରୀରେ ଜଗନ୍ନାଥଙ୍କ ଦକ୍ଷିଣ କୁଞ୍ଜର (ବାମନ) ଓ ବଳରାମଙ୍କ ଐରାବତ ରୂପେ ବର୍ଣ୍ଣନା ଓ ସୁଭଦ୍ରା ପରିଣୟରେ ସୁଭଦ୍ରାତତ୍ତ୍ୱର ସମାଧାନର ଉଲ୍ଲେଖ କରିବା ସଙ୍ଗେ ସଙ୍ଗେ ସ୍ନାନ ଓ ରଥଯାତ୍ରା ବର୍ଣ୍ଣନାର ଅବତାରଣା କରିଛନ୍ତି । ପୁରାଣ ଶାସ୍ତ୍ରର ଉଲ୍ଲେଖ କରି ସେ କହନ୍ତି ସ୍ନାନଯାତ୍ରା, ରଥଯାତ୍ରାର ମୁଖବନ୍ଧ ସ୍ୱରୂପ ଏବଂ ରଥରେ ଜଗନ୍ନାଥଙ୍କ ରଥେ ତୁ ବାମନ ଦୃଷ୍ଟ୍ୱା ବାମନ ରୂପେ ପରିକଳ୍ପନା କରାଯାଇଥାଏ । ତେଣୁ କୋଟିବ୍ରହ୍ମାଣ୍ଡସୁନ୍ଦରୀରେ ଜଗନ୍ନାଥଙ୍କ ଦକ୍ଷିଣ କୁଞ୍ଜର ରୂପେ କଳ୍ପନା କରିବା ଏବଂ ଜଗନ୍ନାଥଙ୍କ କଳ୍ପବୃକ୍ଷ ସଙ୍ଗେ ତୁଳନା କରିବା ଦ୍ୱାରା ଉପେନ୍ଦ୍ର ଯଥେଷ୍ଟ ଶାସ୍ତ୍ରଜ୍ଞାନର ପରିଚୟ ଦେଇଛନ୍ତି । ଏହା ବ୍ୟତୀତ 'ଚକ୍ରୁଡ଼ ଗୀତା' ଅପ୍ରକାଶିତ ପୁରୁଷୋତ୍ତମ ମହାତ୍ମ୍ୟ, ନୀଳାଦ୍ରୀଶ, ଚଉତିଶା ଏ ସମ୍ପର୍କରେ ଅନୁଧ୍ୟେୟ ।

ଉପର୍ଯ୍ୟୁକ୍ତ ପର୍ଯ୍ୟାଲୋଚନାରେ ଏହା ସୁସ୍ପଷ୍ଟ ଯେ ଉପେନ୍ଦ୍ର ଓଡ଼ିଆ ସାହିତ୍ୟରେ ଧର୍ମମତବାଦର ପ୍ରଖର ପ୍ଲାବନ କାଳରେ ଅବତୀର୍ଣ୍ଣ ହୋଇଥିଲେ ମଧ୍ୟ ତାଙ୍କର ଧାର୍ମିକ ଉଦାରତାହିଁ ତାଙ୍କୁ କୌଣସି ନିର୍ଦ୍ଦିଷ୍ଟ ମତବାଦର ପରିପ୍ରଚାରକରୁ ପୃଥକ୍ କରିଥିଲା । ଧାର୍ମିକ ପରିପ୍ରଚାର ଅପେକ୍ଷା ସାହିତ୍ୟରେ ରସସୃଷ୍ଟି ତାଙ୍କର ମହତ୍ତର ଲକ୍ଷ୍ୟ ଥିଲା । କିନ୍ତୁ ସମନ୍ୱୟକ୍ରମରେ ଓ ନିଜର ଅଗାଧ ପାଣ୍ଡିତ୍ୟର ପରାକାଷ୍ଠାରେ ସେ କେତେକ କାବ୍ୟର ମଙ୍ଗଳାଚରଣରେ ଭାରତର ପ୍ରଧାନ ଉପାସ୍ୟ ଜଗନ୍ନାଥ, ରାମଚନ୍ଦ୍ର ଓ କୃଷ୍ଣଙ୍କର ଶାସ୍ତ୍ରାଶ୍ରିତ ଅବତାରଣା କରିଛନ୍ତି ।

ଏହା ଯେତେ ଦୂର ସମ୍ଭବ କାବ୍ୟଗତ ବିଷୟବସ୍ତୁ ଓ ପ୍ରସଙ୍ଗର ସୁସମାପ୍ତି କଳ୍ପନାରେ, ତାଙ୍କର ସଙ୍କୀର୍ଣ୍ଣତାହୀନ ଦୃଷ୍ଟିଭଙ୍ଗୀ ଧର୍ମ ଦ୍ୱନ୍ଦ୍ୱଠାରୁ ଅପସରି ଯିବାରେ ତାଙ୍କୁ ସାହାଯ୍ୟ କରିଥିଲା ।

ମୂଳତଃ ତାଙ୍କ ରଚନାବଳୀରେ କୌଣସି ଦେବାଦେବୀ ଅବହେଳିତ ନୁହନ୍ତି । କେବଳ ମଧ୍ୟ ଅତିରଞ୍ଜନ ଓ ଅପୌରାଣିକତାର ଉତ୍ସ ନୁହନ୍ତି । ଧର୍ମ ଅପେକ୍ଷା ସାହିତ୍ୟରେ ହିଁ ତାଙ୍କ ପରିଶୀଳନର ବସ୍ତୁଥିଲା । ସମାଲୋଚକ ବିଜୟଚନ୍ଦ୍ର ଉପେନ୍ଦ୍ର ସାହିତ୍ୟର ଏହି ଧର୍ମ ନିରପେକ୍ଷତାକୁ ଅନାବିଳ ଭାବରେ ସ୍ୱୀକାର କରିଛନ୍ତି । ସେ କହିଛନ୍ତି—

"It must be acknowledged that it was Upendra Bhanja who disassociated literature from religion."

ଉପେନ୍ଦ୍ରଙ୍କ ପାଣ୍ଡିତ୍ୟ ଓ ବହୁଶାସ୍ତ୍ରଦର୍ଶିତା ପୁରୁଷୋତ୍ତମ ମହାତ୍ମ୍ୟରେ ପ୍ରକଟିତ । ଜଗନ୍ନାଥଙ୍କ ପୌରାଣିକ ବିବରଣୀ ଓ ଜଗନ୍ନାଥ ଯେ ଅଧିକତର ପୂର୍ଣ୍ଣବ୍ରହ୍ମ, ତାହା ଉପେନ୍ଦ୍ର ସ୍ୱୀକାର କରିଛନ୍ତି । ପୁରୁଷୋତ୍ତମ ମହାତ୍ମ୍ୟ ଅଦ୍ୟାବଧି ପ୍ରକାଶିତ ନୁହେଁ । ମାନ୍ୟ ଉକ୍ତ ଗ୍ରନ୍ଥର ବିଷୟବସ୍ତୁ ସମ୍ପର୍କରେ ରଥ ମହାଶୟ ଉପର୍ଯ୍ୟୁକ୍ତ ପ୍ରକାରେ ମତପୋଷଣ କରନ୍ତି । ସମାଲୋଚକ ବିଜୟ ଚନ୍ଦ୍ର ଏହି ଗ୍ରନ୍ଥ ସମ୍ପର୍କରେ କହିବାକୁ ଯାଇ ଟିକେ ଅଧିକ କହିଛନ୍ତି—

"But the poet has not attempted to teach any cult in this book".

ବାସ୍ତବରେ କବି ଧର୍ମ ସମ୍ବନ୍ଧରେ ଯାହା ବା ଯେଉଁଠାରେ ପ୍ରକାଶ କରିଛନ୍ତି ତାହା ତାଙ୍କ ଶାସ୍ତ୍ରଜ୍ଞାନର ଫଳ । ସେଥିରେ କିନ୍ତୁ ବୈଷ୍ଣବ କବିସୁଲଭ ବଳାତ୍କାର ମତବାଦର ପ୍ରଚାର ବା ଅପେକ୍ଷା ନାହିଁ ।

ଅନ୍ୟକଥାରେ କବି ନିଜର ଜ୍ଞାନ ଓ ଧାରଣାର ସୂକ୍ଷ୍ମ ପରୀକ୍ଷା କରିଛନ୍ତି । କୌଣସି ସ୍ଥଳରେ ବୈଷ୍ଣବ କବିମାନଙ୍କ ଭଳି ରୀତି,

କାପୁମ ବା ଅଭିଶାପର ଭୟ ଦେଖାଇ ନିଜର ଧାର୍ମିକମତକୁ ଅପର ଉପରେ ଲଦି ଦେବାକୁ ଜବରଦସ୍ତ ଚେଷ୍ଟାକରି ନାହାନ୍ତି । ଏହାହିଁ ତାଙ୍କ ହୃଦୟର ଦ୍ରୁସାରତା ଓ ଧାର୍ମିକ ମନୋବୃତ୍ତିର ଉଦାରତା ।

ସାହିତ୍ୟକୁ ଧର୍ମରୁ ପୃଥକ୍ ଦେଖିବାର ଯେଉଁ ପ୍ରବୃତ୍ତି ଓଡ଼ିଆ ସାହିତ୍ୟରେ ତାହାର ଅଗ୍ରଦୂତ ଥିଲେ ଉପେନ୍ଦ୍ର । ତାଙ୍କର ଏହି ସୁପ୍ରଚେଷ୍ଟା ପରବର୍ତ୍ତୀ କବି ବ୍ରଜନାଥହିଁ ଗ୍ରହଣ କରି ପାରିଥିଲେ । "ଶ୍ୟାମ ରାସୋତ୍ସବ"ର ଶେଷାଂଶରେ କବି ବ୍ରଜନାଥ ଧର୍ମ ଓ ଧର୍ମପ୍ରଚାରକମାନଙ୍କ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସଂପର୍କରେ ଯେଉଁ ବିସ୍ତୃତ ଭାଷଣ ଦେଇଛନ୍ତି, ତାହା ସାହିତ୍ୟିକ ପକ୍ଷରେ ଅକ୍ଷରେ ଅକ୍ଷରେ ଅନୁସରଣୀୟ । ମାତ୍ର ଉପେନ୍ଦ୍ରଙ୍କ ଏହି ମହତ୍ ଚେଷ୍ଟା, ବୈଷ୍ଣବ କବିମାନଙ୍କ ଧର୍ମାନ୍ଧତା ଓ ଅସହିଷ୍ଣୁତା ଦ୍ୱାରା ପରବର୍ତ୍ତୀ କାଳରେ ଅଧିକ ଫଳ ଉତ୍ପନ୍ନ ପାରି ନଥିଲା । ବୈଷ୍ଣବ କବିମାନେ ସାହିତ୍ୟିକ ରସଗୁଡ଼ିକ ଯେ କେବଳ କୃଷ୍ଣଙ୍କ ପାଇଁ ଅଭିପ୍ରେତ ଏହା ସ୍ୱୀକାର କରୁଥିଲେ । ତେଣୁ କବି ନିଜର କବିତ୍ୱ ଯେତେ ଯେତେ ପରାକାଷ୍ଠା ପ୍ରଦର୍ଶନ କଲେ ମଧ୍ୟ କୃଷ୍ଣ ଓ ତାଙ୍କ ପରକୀୟା ପ୍ରୀତିକୁ ଗ୍ରହଣ ନ କଲେ ତାଙ୍କ କବିତ୍ୱ ଓ ଭାବର ଗୌରବ ମୁଖ୍ୟରୂପେ ଉଣ୍ଣା ହୋଇଥିଲା । ଏ ସଂପର୍କରେ ସାହିତ୍ୟରେ ଉପେନ୍ଦ୍ରଙ୍କର ଧର୍ମମତ ପ୍ରତି ଅଶ୍ରଦ୍ଧା ଓ ଉପେକ୍ଷାକୁ ଲକ୍ଷ୍ୟକରି ବୈଷ୍ଣବ କବି କହିଛନ୍ତି—

"ଉପଇନ୍ଦ୍ର ସୁକବି, ନିତ୍ୟରସ ଅନୁଭବୀ,
କୃଷ୍ଣ ଉପାସକ ନୋହି, କି କାର୍ଯ୍ୟ ଏହି ଯେ"

ଅଥବା— "ଭଲ କବି କୃଷ୍ଣଦାସ, ଜାଣଇ ସେ କୃଷ୍ଣରସ
ରୂପତି ରସ ଅଙ୍କର ମାତ୍ର ଭ୍ରମର ଯେ ।"

ଏହି ବିଦ୍ୱେଷପୂର୍ଣ୍ଣ ଆକ୍ରମଣ, ଆକ୍ରମଣକାରୀଙ୍କର ସାହିତ୍ୟ

ସ୍ୱ ସ୍ୱ ଏକଦେଶଦର୍ଶିତା ଓ ଧର୍ମ ଅହଂକାରର ଅନ୍ତ ଅଧିକ ପରିଚୟ ଦିଏ ସିନା, ମାତ୍ର ଉପେନ୍ଦ୍ରଙ୍କର ଧର୍ମମତରେ ଉଦାରତା ଓ ସହନଶୀଳତା ଅନ୍ତ ଶତମୁଖରେ ପ୍ରଶଂସିତ । ତାଙ୍କର ଧର୍ମଜ୍ଞାନ ଶାସ୍ତ୍ରପାଣ୍ଡିତ୍ୟରୁ ଉଦ୍ଭୂତ ଓ କାବ୍ୟର ଲକ୍ଷ୍ୟ ସାଧନାରେ ଅବତାରିତ ।

---

## ପୌରାଣିକତା

କାବ୍ୟଯୁଗର କବିମାନଙ୍କ ମଧ୍ୟରେ ଉପେନ୍ଦ୍ରଙ୍କ କୃତିରେ ପୌରାଣିକତା ଯେପରି ପରିମାଣରେ ସ୍ଥାନଲାଭ କରିଛି ଅନ୍ୟ କାହାରି ରଚନାରେ ସେପରି ନୁହେଁ । ଉପେନ୍ଦ୍ରଙ୍କ ଅସଂଖ୍ୟ ରଚନା ମଧ୍ୟରେ ତାଙ୍କ କବିତ୍ୱ, ଅଳଙ୍କାର ଓ ରସଜ୍ଞାନ ଯେପରି ପ୍ରଖ୍ୟାପିତ, ପୌରାଣିକତା ତତୋଧିକ ପ୍ରକଟିତ । ଏହା କବିଙ୍କ ଶିକ୍ଷାଗତ ବିଶିଷ୍ଟତା । ଉପେନ୍ଦ୍ର ସ୍ୱୀୟ କବି ଜୀବନ ଆରମ୍ଭ ପୂର୍ବେ କେବଳ ଅଳଙ୍କାର, ରସ, ଓ କାବ୍ୟ ସାହିତ୍ୟ ସମୀକ୍ଷା କରି ନ ଥିଲେ । ବରଂ ଭାରତୀୟ ସମସ୍ତ ଶାସ୍ତ୍ର ଓ ପୁରାଣ ଉତ୍ତମ ରୂପେ ଅନୁଶୀଳନ କରିଥିଲେ । ପୁରାଣ ଜଗତରେ ତାଙ୍କର ଯେଉଁ ପ୍ରବେଶ ତାହା ଆଲୋଚନା କଲେ ତାଙ୍କ ପାଣ୍ଡିତ୍ୟ ଓ ଶାସ୍ତ୍ରଦର୍ଶିତା ପାଠକ ହୃଦୟରେ ବିସ୍ମୟ ସଂଚାର କରେ । ଭାରତର ସାଂସ୍କୃତିକ, ରାଜନୀତିକ, ଜୀବନର ଉତ୍ସ ଓ ଇତିହାସପ୍ରତିମ ଅପୌରୁଷେୟ ମହାଭାରତ, ରାମାୟଣ ଓ ଭାଗବତହିଁ ଭାରତୀୟ ସମସ୍ତ ସାହିତ୍ୟକୁ ଦେଶ, କାଳ ଓ ପାତ୍ର ଭେଦରେ ପ୍ରଭାବିତ କରିଛି ।

କବିମାନେ କଥାବସ୍ତୁ ଗ୍ରହଣଠାରୁ ଆରମ୍ଭ କରି ବର୍ଣ୍ଣନା, ଉପାଖ୍ୟାନ ଓ ପ୍ରସଙ୍ଗର ଆରୋପ ସ୍ଥଳରେ ନିଜ ନିଜର କାବ୍ୟ-

ଗୁଡ଼ିକୁ ସମୃଦ୍ଧ କରିଛନ୍ତି । ପୌରାଣିକ କାବ୍ୟ ଓ ନାଟ୍ୟ ସାହିତ୍ୟର ଏହାହିଁ ଜୀବନ ଓ ସ୍ପନ୍ଦନର ଉତ୍ସ । ଏହି ପରମ୍ପରା ଓଡ଼ିଆ କବିମାନଙ୍କ ମଧ୍ୟରୁ ଉପେନ୍ଦ୍ରଙ୍କୁ ଅଧିକ ପ୍ରଭାବିତ କରିଥିଲା । କବି ହୃଦୟ ପୁରାଣ ଅବଲୋକନ ଦ୍ୱାରା ଏପରି ଅନୁପ୍ରାଣିତ ଓ ରଞ୍ଜିତ ହୋଇଥିଲା ଯେ ତାଙ୍କର ବିଭିନ୍ନ କାବ୍ୟଗୁଡ଼ିକର କଥାବସ୍ତୁ ବର୍ଣ୍ଣନା ମଧ୍ୟରେ ପୌରାଣିକ ଆଖ୍ୟାନ ବ୍ୟକ୍ତି ଓ ବସ୍ତୁର ସ୍ୱତଃ ଆରୋପ ସଂଘଟିତ ହୋଇପାରିଛି । କବି ଯେ ରଚନାକୁ ଜୀବନ୍ତ ଓ ଆଦର୍ଶସ୍ଥାନୀୟ କରିବା ଅଭିପ୍ରାୟରେ ଏହାର ଅନୁବର୍ତ୍ତୀ ଥିଲେ ଏପରି ନୁହେଁ, ବରଂ ପୌରାଣିକ ଜ୍ଞାନର ଅମାପ ସ୍ଫୁରଣ ଅପେ ଅପେ ତାଙ୍କ ରଚନା ମଧ୍ୟରେ ଘଟିଥିଲା । ଏହି ପୁରାଣ ଜଗତରେ ଆରୋପ ହେଲେ କବିକୃତିରେ କୌଣସିଠାରେ ଅପ୍ରାକୃତିକତା ପ୍ରକଟିତ ହୁଏ ନାହିଁ । ବରଂ ଏହାଦ୍ୱାରା ଅଧିକାଂଶ କ୍ଷେତ୍ରରେ ତାଙ୍କ ରଚନା ମଞ୍ଜୁଳ ଓ ମନୋଜ୍ଞ ହୋଇ ପାରିଛି ।

ବୈଦେହୀଶ ବିଳାସ, ପ୍ରେମପଞ୍ଚାମୃତ, ଅବନାରସତରଙ୍ଗ, କଳାକଉତୁକ, ଛାନ୍ଦଭୂଷଣ ଓ ସୁଭଦ୍ରା ପରିଣୟଭଳି ପୌରାଣିକ ଉପାଖ୍ୟାନ ସମ୍ବଳିତ କାବ୍ୟ ତାଙ୍କ ପୌରାଣିକତାର ସାଧାରଣ ସ୍ୱରୂପ । କାରଣ ଏଗୁଡ଼ିକର କଥାବସ୍ତୁ ଦୃଷ୍ଟିରୁ ଏଥିରେ କବିଙ୍କ ପୁରାଣଜ୍ଞାନ ସମ୍ବନ୍ଧରେ ସନ୍ଦେହର ଅବକାଶ ନାହିଁ । କବି ମୂଳ ପୁରାଣ ଶାସ୍ତ୍ରମାନଙ୍କରୁ ଏହି କାବ୍ୟଗୁଡ଼ିକ ହେଲେ କୌଣସି ବିଶେଷ ବ୍ୟତିକ୍ରମର ସୂତ୍ରପାତ କରି ନାହାନ୍ତି । ବରଂ କେତେକ ସ୍ଥଳରେ ମୂଳ ଆଖ୍ୟାନର ଯେଉଁ ଅଂଶ ତାଙ୍କୁ ବିଶେଷ ଅନୁପ୍ରାଣିତ ଓ ଆହ୍ଲାଦିତ କରିଛି, ସେ ଭାବ ଟିକିଏ ଅଧିକ ବ୍ୟଞ୍ଜନାମୂଳକ ରୂପ ପ୍ରଦାନ କରିଛନ୍ତି । ମାୟାସୀତାଙ୍କ ଶିରଚ୍ଛେଦ, ରାବଣର ତପସ୍ୟା ଓ ବଂଶାବଳୀ ବର୍ଣ୍ଣନା, ରାମ-ରାବଣ ଯୁଦ୍ଧରେ ସୈନ୍ୟ ଓ ସେନାପତିଙ୍କ ନାମକରଣ

ଏ ପ୍ରସଙ୍ଗରେ ଉଲ୍ଲେଖଯୋଗ୍ୟ । କବି ଅବଶ୍ୟ କେତେକ ସ୍ଥଳରେ ସୈନ୍ୟ ସାମନ୍ତଙ୍କ ନାମକରଣ ଓ ଯୁଦ୍ଧ ପ୍ରଣାଳୀ ଦେଇ ମୂଳଗ୍ରନ୍ଥ ଅପେକ୍ଷା ନିଜତ୍ୱର ପ୍ରୟୋଗ ଅଧିକ କରିଛନ୍ତି । ତଥାପି କଥାବସ୍ତୁର ଗୁରୁତ୍ୱ ଓ ଗତିଶୀଳତା ଘେନି କୌଣସି ବିଶେଷ ବ୍ୟତିକ୍ରମ ଘଟି ନାହାନ୍ତି ।

ଆଲୋଚ୍ୟ ପ୍ରସଙ୍ଗ ଘେନି ପୌରାଣିକ କାବ୍ୟଗୁଡ଼ିକ ପରିହାର କଲେ ତାଙ୍କ ଅବଶିଷ୍ଟ ରଚନାର ବିଭିନ୍ନ ସ୍ଥଳରେ ପ୍ରସଙ୍ଗର ଅଧିକ ସଂଶ୍ଲେଷଣ ଓ ବୈଚିତ୍ର୍ୟ ଘେନି କବିଙ୍କର ପୌରାଣିକ ଆବେଦନର ମାତ୍ରା କିଛି କମ ନୁହେଁ । ବର୍ତ୍ତମାନ ସେ ସମ୍ବନ୍ଧରେ ବିଭିନ୍ନ କାବ୍ୟମାନଙ୍କରୁ କେତେକ ଉଦାହରଣ ଦେଇ ଆମର ଧାରଣାକୁ ବଳବତ୍ତର କରିବାକୁ ଉଚିତ ମନେ କରୁଛୁ ।

ଲାବଣ୍ୟବତୀର ୧୫ଶ ଛାନ୍ଦରେ କବି ସିଂହଳରେ ନଟବର ଓ ତାର କୁହୁକିନୀ ସ୍ତ୍ରୀଙ୍କର କୁହୁକବିଦ୍ୟା ପ୍ରଦର୍ଶନ ସ୍ଥଳରେ କୋଡିଏଟି ମାତ୍ର ପଦ ମଧ୍ୟରେ ସମଗ୍ର ରାମାୟଣ ବୃତ୍ତାନ୍ତ ବର୍ଣ୍ଣନା କରିଛନ୍ତି । ଏହି ବର୍ଣ୍ଣନା ପରିସରର କ୍ଷୁଦ୍ରତା ତୁଚ୍ଛ ଅପ୍ରାକୃତିକତାକୁ ଆଦୌ ଆଶ୍ରୟ କରି ନାହିଁ । ଉଦାହରଣ ସ୍ୱରୂପ—

"ଗୃହ୍ମି ଲୋମଦଗଣି କହେ ଲୋମପାଦ ବୋଲେ
ଜରତୀ ରତୀରେ ଋଷ୍ୟଶୃଙ୍ଗ ଆସି ହେଲେ ଯେ
ସେ ଦେଶରେ ବୃଷ୍ଟିକଲା ତୁଷ୍ଟ ହେଲେ ରାଜା
ଶାନ୍ତା କାନ୍ତା ଦେଇକରି କଲେ ଦିବ୍ୟପୂଜା ଯେ
ଦଶରଥ ମନୋରଥ ସାର୍ଥ ହେବାପାଇଁ
ସେ ମୁନିଙ୍କୁ ଘେନିଗଲେ ରଥରେ ବସାଇ ଯେ ।"

× × × ×

ଫଳଦାନେ ମୋକ୍ଷଫଳ ଲଭିଲୁ ଶବରୀ
କ୍ଷୀରପାନେ ବର-ବଳଜରେ ବାନ୍ଧିଲା ଦୃଢ଼ ଯେ
କାମ କାମନାକୁ ମୁନି ଚିତ୍ତେ ଜନ୍ମାଇଲେ
ପର୍ମାସ୍ତରେ କୋକ ଶୋକ କାରକ ହୋଇଲେ ଯେ ।"

× × × ×

"ଶ୍ରୀରାମଚନ୍ଦ୍ର ନରେନ୍ଦ୍ର ଶର ସ୍ପର୍ଶ କରାଇ
ଲଙ୍କାପତି ଅଙ୍ଗପେଟି ଭିତରେ ପୂରାଇ ଯେ
ଅଗ୍ନିସ୍ତଣ ଶିଘ୍ରଷଟଣୀ ଅଭିଷେକ କରି
ବଇଦେହୀ ଦହି ଅନଳରେ ହେମ ଫଳ
ପୁଷ୍ପକରେ ପୁଷ୍କରେ ସବଳ କଲେ ଗତି
ଯୋଡି କର ଅଯୋଧ୍ୟାରେ ହୋଇଲେ ନୃପତି ।"

ଏହି ଉଦ୍ଧୃତାଂଶ ଦେବାର କାରଣ ହେଉଛି, କବିଙ୍କ ବର୍ଣ୍ଣନାରେ କ୍ଷିପ୍ରତା ରହିଛି ବିଷୟ ବର୍ଣ୍ଣନାରେ ଅପ୍ରାକୃତକତା ଆଦୌ ନାହିଁ । ଅଥଚ ଲବଣ୍ୟବତୀରେ ସିଂହଳରେ କୁହୁକବିଦ୍ୟା ଛଳରେ କବି ମାତ୍ର ନଅଟୋଟି ପଦ ମଧ୍ୟରେ ସମଗ୍ର ରାମାୟଣର ଅବତାରଣା କରି ପାରିଛନ୍ତି । ଏ କ୍ଷେତ୍ରରେ କବି ଅନ୍ୟ କଥାବସ୍ତୁର ପ୍ରୟୋଗ ନ କରି ରାମାୟଣ ଉଲ୍ଲେଖ କରିବା ମୂଳରେ ତାଙ୍କ ପୌରାଣିକତାହିଁ ବିଶିଷ୍ଟ କାରଣ ରୂପେ ରହିଛି ।

କୋଟିବ୍ରହ୍ମାଣ୍ଡ ସୁନ୍ଦରୀର ରୂପବର୍ଣ୍ଣନା କରିବାକୁ ଯାଇ କବି ରାମାୟଣ ଓ ମହାଭାରତରେ ଅରୋପ କରିଛନ୍ତି । ନାରୀରୂପ କଥନରେ ସମଗ୍ର ଉପମେୟ ଭଣ୍ଡାର ଲୁଣ୍ଠନରେ ମଧ୍ୟ ତୃପ୍ତି ଲଭି ନପାରି କବି ନିଜ ଅଶେଷ ପୌରାଣିକ ଜ୍ଞାନର ଆଶ୍ରୟ ନେଇଅଛନ୍ତି । ନାୟିକାର ଅଙ୍ଗସୌଷ୍ଠବ ପ୍ରକଟନ କରିବାକୁ ଯାଇ ସେ କହନ୍ତି—

"ଭଲ କି ସୃଷ୍ଟି କଲୁ ନ ଜାଣିଲୁ
ହରିଲା ଲୋଟ ନିବାରିଲୁ
ସୁଗ୍ରୀବରେ ୧ ଯେ ଚନ୍ଦନ ୨ ମିଶ୍ରିତ
ରାମ ଲକ୍ଷ୍ମଣ ମୁକୁଟ ପ୍ରଶଂସିତ
ପ୍ରକାଶିତ ଚନ୍ଦ୍ରହାସ ୩ ବଳିତ
ମନ୍ଦୋଦରୀ ୪ ବର ଚିତ୍ରିତିଳକ
ମେଘନାଦ ୫-ଶିଖା ଲକ୍ଷ୍ୟ ହେଳିକି
ବକ୍ଷଧର ସେ ସୁମନା ବଳିକି
ସଦା ଅଙ୍ଗଦ ୬ ବାହୁରେ ବିହରେ
କୁଚକୁମ୍ଭ ଉଦିତ ଚିତ୍ତହରେ
ଏଣୁକର ପୃଷ୍ଠ ଲଙ୍କା କମନ
ଏତେ କଳ୍ପନା କଥା ଉଦ୍ଦୀପନ" । (ରାମାୟଣ)

× × ×

"ନେତ୍ର ସୁଭଦ୍ରତ ହେବା କରୁଛି
କୃଷ୍ଣ ୭ ଅର୍ଜ୍ଜୁନ ୮ ରଙ୍ଗ କରାଇଛି
ଶୁଣି ଅଞ୍ଜନ କପାଳ କମାଣି
ବାଣ ପ୍ରଯୋଗ ଉଠାଯି ପ୍ରମାଣି

---

୧—ରାମାୟଣ ବାନ ଉତ୍ତମଗ୍ରୀବା, ୨—ଚନ୍ଦନ-ରାମାୟଣର ବୀର, ୩—ଚନ୍ଦ୍ରତୁଲ୍ୟହାସ, ଖଞ୍ଜନ ବିଶେଷ, ୪—ସ୍ତ୍ରୀବଟି, ଶ୍ରେଷ୍ଠ କ୍ଷୀଣୋଦରୀ, ୫—ରାବଣର ପୁତ୍ର, ମୟୂର, ୬—ବାଳିର ପୁତ୍ର, ଅଳଙ୍କାର ବିଶେଷ, ୭—କଳା, କୃଷ୍ଣଚନ୍ଦ୍ର, ୮—ଶୁକ୍ଳତା, ମଧ୍ୟମ-ପାଣ୍ଡବ ।

କର୍ଣ୍ଣ ୯ ବଜ୍ର ୧୦ ମଲ୍ଲୀକଢ଼ି ହୋଇଲ
ସୁଭାଟଙ୍କ ଅଗ୍ରଣୀରେ ଶୋହିଲ
ଦ୍ରୋଣ ସୁତ ୧୧ ଉତ୍ତରହିଁ ବିଖ୍ୟାତ
କନକ ଉପଲକ୍ଷଣୀ ସାକ୍ଷାତ ।” (ମହାଭାରତ)

ଉପର୍ଯ୍ୟୁକ୍ତ ପଦାବଳୀରେ କବି ଏକ ପକ୍ଷେ ନାୟିକାର ଅଙ୍ଗସମୂହ ଓ ଅନ୍ୟପକ୍ଷେ ରାମାୟଣ, ମହାଭାରତର ବ୍ୟକ୍ତିତ୍ୱ ସମୂହର ବର୍ଣ୍ଣନା କରିଅଛନ୍ତି । ନାୟିକାର ରୂପ କଥନରେ ଶ୍ଳେଷାଢ୍ୟ ଅଳଙ୍କାର ସାହାଯ୍ୟରେ କବିକଥିତ ବ୍ୟକ୍ତିତ୍ୱର ଆରୋପ କରିଛନ୍ତି ।

ଏକ କଥା, ଏକ ବସ୍ତୁ, ଏକ କ୍ରିୟା ବା ଏକ ବ୍ୟକ୍ତିତ୍ୱକୁ ନାନା ଭାବରେ କହିବାର କବିଙ୍କର ଯେଉଁ ପ୍ରବୃତ୍ତି ତାହାହିଁ କାବ୍ୟ-ଜଗତରେ ଏହି ପୌରାଣିକତାକୁ ପ୍ରଶ୍ରୟ ଦେଇଛି । କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ରାଜକନ୍ୟା, ତାର ଅନୁରୂପ ଅନ୍ତଃପୁର, ସରୋବର, ଉପବନ ଓ ବିଳାସ ସାମଗ୍ରୀ ତ ଥିବା ସ୍ୱାଭାବିକ । ମାତ୍ର କବି ନିଜର ବର୍ଣ୍ଣନା ପରାକାଷ୍ଠା ପ୍ରଦର୍ଶନ କରିବାକୁ ଯାଇ ତାକୁ ନିମ୍ନକ୍ରମେ ଥୋଇଛନ୍ତି ।

“ଏକାଳେ ମିଳି କାଦମ୍ବିନୀ ନବୀନ-ନିତମ୍ବିନୀ ଆରେ ବୋଇଲ
କଳସିଙ୍ଗୀତଟ ନିକଟ ଅଟବୀ ମଧ୍ୟ ବ୍ରଜଲୀଳା ହେଉଛି
ଗୁଣନିଧାନ, ସାବଧାନ ହୁଅରେ ଦେଖିଯିବାକୁ ମୁଁ କହୁଛି ।

୯—ସେନାପତି, ଅବୟବ ବିଶେଷ, ୧୦—ଅସ୍ତ୍ରବିଶେଷ ବା ଅଳଙ୍କାର ବିଶେଷ, ୧୧—କୋକିଳ, ଅଶ୍ୱତ୍ଥାମା ।

ଚାରୁ ହେମନ୍ତ ? ମଉକାଶିନୀ ପରସ୍ପରଙ୍କ
ଚତୁର ସଖୀ କହିତ ଗୁଣୁଭରେ ଗୁଣୁଥିଲେ ବାଣୀ ଉଚାରିଲ
କ୍ଷଣରେ ଚୁଆ ଶରଖିକା ଚନ୍ଦ୍ରାବଳୀ ୧ ବକୁଳିତ ଅନୁପମରେ
କୁଞ୍ଜରେ କଳିତା, ୨ ବିଶାଖା ୩ କ୍ରୀଡ଼ିତ ଇନ୍ଦୁରେଖା ୪ ଚମ୍ପା ୫ ରମ୍ୟରେ
ଅଛି ସୁଦେବୀ ୬ ପୁଣଶ୍ଚ ବିଦ୍ୟା ୭ ନିପ୍ରଳେଶ
ଭାବନ୍ତି ରଙ୍ଗଦେବୀ ୮ ଚମ୍ପକଲତା ୯ ମଧୁସୂଦନର ୧୦ ଭ୍ରମଣେ
ମଞ୍ଜରୀକାର ସେବାତ ନିରନ୍ତର ଅଶେଷ ଗୋପୀରେ ସେ ଶୋଭେ
ମଦନ ତହିଁ ମୂର୍ତ୍ତିମନ୍ତ ହୋଇଛନ୍ତି ଦାଇବେ ବେଣୁଧ୍ୱନି ଶୁଭେ
ଆମ୍ଭ ପ୍ରବେଶେ ସୁମନ ୧୧ ସୁଦାମ ହୋଇବ ।" ଇତ୍ୟାଦି

ଏହି ବର୍ଣ୍ଣନାରେ କବି କୌଶଳ ତାଙ୍କ ବନ ପ୍ରଦେଶରେ ବୃକ୍ଷ ଲତା, ପୁଷ୍ପ ଭ୍ରମର ଇତ୍ୟାଦିର ବର୍ଣ୍ଣନା ଦେବା ଛଳରେ ଗୋପଲୀଳା ଅନ୍ତର୍ଗତ ବନବିହାର କଥା ଉଲ୍ଲେଖ କରିଛନ୍ତି । ବର୍ଣ୍ଣନାରେ ସାଧ୍ୟରେ ଉତ୍କର୍ଷତା ନ ଥିଲେହେଁ ଏହି ଅଭେଦର ଏକ ସ୍ୱତନ୍ତ୍ର ମୂଲ୍ୟ ରହିଛି ।

ଏହା ବ୍ୟତୀତ ଔପନ୍ୟାସିକ କାବ୍ୟଗୁଡ଼ିକରେ ନାୟକ-ମାନଙ୍କ ରୂପ ଓ ଗୁଣର ଉତ୍କର୍ଷତା ପ୍ରତିପାଦନ ଛଳରେ ପୁରାଣପ୍ରସିଦ୍ଧ

---

୧—ସୁନ୍ଦରୀ ସଖୀ ଓ ଚନ୍ଦ୍ରାବଳୀ, ଅତି ସୁନ୍ଦର ଚନ୍ଦନବୃକ୍ଷ-ସମୂହ, ୨—ଗୋପୀ, କୋମଳା, ୩—ଗୋପୀ ବିଶେଷ, ଶାଖା, ୪—ଗୋପୀ, ସୋମଲତା (ବୃକ୍ଷବିଶେଷ) , ୫—ଗୋପୀ, ବୃକ୍ଷ, ୬—ଗୋପୀ, ଫଳିକ ଶାକ ବୃକ୍ଷ, ୭—ଗୋପୀ, ପ୍ରକାଶ, ଅପରାଜିତା, ୮—ଗୋପୀ ରଙ୍ଗଣିଫୁଲ, ୯—ଗୋପୀ, ଚମ୍ପାବୃକ୍ଷ, ୧୦—ଶ୍ରୀକୃଷ୍ଣ, ଭ୍ରମର, ୧୧—ସୁମାଲ୍ୟ, ଶ୍ରୀକୃଷ୍ଣଙ୍କ ସଖା ।

ବିଶିଷ୍ଟ ବ୍ୟକ୍ତିମାନଙ୍କର ଆରୋପ କରିଛନ୍ତି । ନାୟକ, ସୌନ୍ଦର୍ଯ୍ୟରେ ଦ୍ୱିତୀୟ ପାଣ୍ଡବ, ଦାନୀ ଭାବରେ କର୍ଣ୍ଣ, ମାନ ଧେଣି ଦୁର୍ଯ୍ୟୋଧନ, ରୂପରେ କନ୍ଦର୍ପ, ଯୋଦ୍ଧା ହିସାବରେ ଷଡ଼ାନନ, ଅଶ୍ୱାରୋହଣରେ ମିହିର, ସାଧକ ଭାବରେ ଭୈରବ ରୂପେ ଅଥବା ଅଧିକରେ ବର୍ଣ୍ଣିତ । ଏ ପ୍ରସଙ୍ଗରେ ପର୍ଯ୍ୟାୟର ଅପେକ୍ଷକ କଳେବର ବୃଦ୍ଧିରୁ ଉଦାହରଣ ଦେବାରୁ ନିବୃତ୍ତ ହେଲି ।

ନାୟକ ନାୟିକାଙ୍କ ରୂପଗୁଣ କୀର୍ତ୍ତନ ଭିନ୍ନ କବି କାବ୍ୟର ବିରାଟ ଗର୍ଭ ମଧ୍ୟରେ ବିଭିନ୍ନ ଛନ୍ଦରେ ପ୍ରସଙ୍ଗଗୁଡ଼ିକୁ ଅଧିକ ମନୋରମ ଓ ଅର୍ଥୋଦ୍ଦୀପକ କରିବାପାଇଁ ପୌରାଣିକ ଅନେକ ଘଟଣାର ଅବତାରଣା କରିଛନ୍ତି । ଏହା ଏତେ ବ୍ୟାପକ ଯେ ତାର ସମସ୍ତ ସ୍ୱରୂପ ପ୍ରଦାନ କରିବା ଅସଙ୍ଗତ ହେବ । ତଥାପି ବିଷୟ ଅନୁରୋଧରେ ନିମ୍ନରେ କେତୋଟି ଉଦ୍ଧାର କରାଯାଉଛି—

"ଘୋଟିଁ ଘଟକୁମାର ଚନ୍ଦ୍ରେ ଘଟକୁମାର (ଅଗସ୍ତି), କରମରୁ ଏହାର ହରହାର ଅହାର ଗରୁଡ଼ କିବା ଗଲ୍ପ ଲୋଡ଼ିରେ;

'ଶୋଭାସିନ୍ଧୁ ଜାତ ରମାଙ୍କ ଚନ୍ଦ୍ରମା ଗୁଡ଼ନାହିଁ ଏ ସଂଶୟ
କାହାମନେ ଥିଲ ଅଗାଧ ସମୁଦ୍ର ଚଳୁ ଭିତରେ ସମ୍ଭାଇବ;

"ଯାହାସମେ ବ୍ରହ୍ମାଣ୍ଡ ଉଦରେ ବର,
ନାହିଁ କଳାଗଲ ଧନୁ ପଞ୍ଚଶର,

"ମହା ମହା ପଣ୍ଡିତ ଏ ନିମନ୍ତେ ଗଣିମାଟି ଗଣେଶ କେମନ୍ତେ ଖଣ୍ଡିତ ହୋଇ ମଣ୍ଡିତ ଗଜ ମୁଣ୍ଡ ମୁହିଁ ଏ ଭାବ ତାଙ୍କ ମତେ" ପ୍ରଭୃତି ଏହିଭଳି ଅସଂଖ୍ୟ ପୌରାଣିକ ତଥ୍ୟମାନ ଉପେନ୍ଦ୍ରଙ୍କ ସାହିତ୍ୟ ମଧ୍ୟରେ ନାନାରୂପେ ସ୍ଥାନ ଲାଭ କରିଛି । ସେ କ୍ଷେତ୍ରରେ ବ୍ୟାପକତା ଦେଖିଲେ କବିଙ୍କ ପ୍ରତି ସମ୍ମାନ ଆସେ ।

ତାଙ୍କ ଜ୍ଞାନର ସୀମା ପାଠକକୁ ସ୍ତବ୍ଧ କରି ପକାଏ । ଏହି ଅବଧାରଣା ଉକ୍ତାର୍ଥେର ନୁହେଁ । ଏହାର ସ୍ୱତଃ ପ୍ରକାଶକ କବି ମସ୍ତିଷ୍କର ଅଗାଧ ପାଣ୍ଡିତ୍ୟରୁହିଁ ସମ୍ଭବ ହୋଇ ପାରନ୍ତୁ । ଏହାର ସ୍ୱତଃ ଓ ସବଳ ସ୍ଫୁରଣ ସାଧାରଣ ବର୍ଣ୍ଣନା ମଧ୍ୟରେ କିପରି ଘଟିଛି, ତାହା ନିମ୍ନାଂଶରେ ସ୍ପଷ୍ଟ ହୋଇଯିବ । ଲାବଣ୍ୟବତୀର ନେତ୍ର ରଞ୍ଜକ କର୍ଣ୍ଣସ୍ପର୍ଶୀ କଜ୍ଜଳରେଖା ବର୍ଣ୍ଣନା କରିବାରେ କବି କହନ୍ତି—

"ଶ୍ରବଣକୁ ଯାହା ଲଙ୍ଘି ଲାଗିଛି
ସେ କି ଅସିକ ତାକୁ ଶିଖାଉଛି
ବ୍ରହ୍ମହତ୍ୟା ହେବ ଧାତା ବଧରେ
ତୋ ଅରି କୁରଙ୍ଗ ହରତ ଧରେ ସେ
ପାରଲେ ତାହାକୁ ମାର ଯେ
ବାହି କାହିଁକି ବୋଲୁଛି ଖୋଜିବାରେ ରହିଲ ଗତକୁ ତାର ଯେ ।

"ବ୍ରହ୍ମହତ୍ୟା ହେବ ଧାତା ବଧରେ"—ଏକ ପୁରାଣ ପ୍ରସିଦ୍ଧ ଆଖ୍ୟାନର ସୂଚନା ଦେଉଛି ।

ଅମୃତ ବଣ୍ଟନ କାଳରେ ରାହୁ ଅନଧିକାର ପ୍ରବେଶ କରି ବିଷ୍ଣୁ ଚକ୍ରଦ୍ୱାରା ଦ୍ୱିଖଣ୍ଡିତ ହୋଇଥିଲେ । ତାଙ୍କର ସେହି ଖଣ୍ଡିତାଂଶର ରକ୍ତ ଧାରା କୃଷ୍ଣ ବର୍ଣ୍ଣାଭ ଅଙ୍ଗ ସହିତ ସମନ୍ୱିତ ହେବାରେ ଯେପରି ଦୃଶ୍ୟ ସୃଷ୍ଟି ହୋଇଥିଲା ତାହା କବି ପରମ୍ପରାରେ ରୂପକ ଓ ଉପମା ରୂପେ ବ୍ୟବହୃତ । ଉପେନ୍ଦ୍ର ପରମ୍ପରା ଅନୁରୋଧରେ ହେଉ ବା ନ ହେଉ ଏହା ବର୍ଣ୍ଣନା କରିଛନ୍ତି । ଲାବଣ୍ୟବତୀ କେଶର ମାଙ୍ଗ ଭଙ୍ଗ ମଧ୍ୟରେ ସିନ୍ଦୂର ଗାରର ଆଲେଖ୍ୟ ଦେବାକୁ ଯାଇ ସେ କହନ୍ତି—

"ସିନ୍ଦୂର ଗାର ସୀମନ୍ତରେ ଦେଲେ
ବାଟେ ନୁଦଳୁ ବଧୂ ହାଣିଥିଲେ
ଶୁଣି ନାହିଁ କି ସେ ରଥାଙ୍ଗ ଘାତ
ଅଜ ହୋଇଛନ୍ତି ରକତ ବ୍ୟକତ ସେ
ସେ କ୍ଷତ କ୍ଷତଜ ଗୁହିଁ ଯେ,
ଲଙ୍କସେ ଅସେ ବଦନ-ବାଧି ପାଶେ ନ ଚଳିସେ ଭସ୍ମ ପାଇ ସେ" ।

ନଗର ବର୍ଣ୍ଣନାରେ ମଧ୍ୟ ପୌରାଣିକତା ପରିଦୃଷ୍ଟ ହୁଏ । ରକ୍ଷପୁରୀ ଲଙ୍କା, ପୁଷ୍ପପୁର ପ୍ରଭୃତିର ବର୍ଣ୍ଣନାରେ ପୌରାଣିକ ସାହିତ୍ୟ ଥିବାର କଥା । ତଥାପି କବି ତହିଁର କିପରି ବ୍ୟାଖ୍ୟାନ କରିଛନ୍ତି ତାହା ପୁଷ୍ପପୁର ବର୍ଣ୍ଣନାରୁ ସୁସ୍ପଷ୍ଟ ।

"ଯହିଁ ବସ୍ତ୍ରପ୍ରଦୀ ସ୍ଥିତ ବିଦେହ ଗତ ବାଞ୍ଛନ୍ତି
ବ୍ରହ୍ମଯୋନି ପ୍ରେତଶିଳା—ହୋଇଛି ମେଳା ଯେ
ଫଲ୍‌ଗୁ ସରିତ ବିଚିତ୍ର—ବିଦାରିଲେ ତାର ଗାତ
ମତ୍ସ୍ୟ ସହ ସ୍ୱଚ୍ଛଜଳ—ଜାତ ତତ୍‌କାଳ ଯେ
ଦ୍ୱିଜ ପିଣ୍ଡଦାନେ ମୋକ୍ଷ—ରହସ୍ୟ ଯହିଁ ପ୍ରତ୍ୟକ୍ଷ
ଶୁଷ୍କାଶ୍ୱଥ କାଳ ନାହିଁ—ସାକ୍ଷୀ ବୈଦେହୀ ଯେ ।"

ଉଦ୍ଧୃତ ପଦ୍ୟାଂଶଟିରେ ଥିବା ପ୍ରତ୍ୟେକ ଘଟଣା ପୁରାଣ ଜଗତରେ ଜଣାଶୁଣା ଆଖ୍ୟାନ; ଏଥିରେ ଆରୋପ ନାହିଁ । ହେଲେହେଁ ସୁନ୍ଦର ସତ୍ୟତା ଅଛି ଏବଂ ସରସତା ଅଛି । ପରିଶେଷରେ ବକ୍ତବ୍ୟ ଏହି ଯେ କବିଙ୍କର ବହୁଶାସ୍ତ୍ରଦର୍ଶିତା ଓ ଜ୍ଞାନ ରାଜ୍ୟର ସୀମା ଏତେ ପ୍ରସାରିତ ଯେ ତାହା କବିଙ୍କର ବ୍ୟକ୍ତିତ୍ୱକୁ ସର୍ବଦା ସ୍ପର୍ଶ କରିଥିଲା । ମୋର ମନେ ହୁଏ ଉପେନ୍ଦ୍ରଙ୍କର ପୁରାଣ ଶ୍ରଦ୍ଧା ଅତି ଉତ୍କଟ ଧରଣର । କାରଣ କାବ୍ୟ ଗୁଡ଼ିକର ଅଧିକାଂଶ ଛନ୍ଦରେ ଏହି ଆରୋପ ସ୍ୱତଃ ସ୍ଫୂର୍ତ୍ତି । ଅବଶ୍ୟ କେତେକ ସ୍ଥଳରେ ଏଗୁଡ଼ିକ

ଇଚ୍ଛାକୃତ । ତଥାପି ଏହା କବିତ୍ୱର ପ୍ରକୃତି ବିରୋଧକ ନୁହେଁ ଏବଂ ଉପେନ୍ଦ୍ରଙ୍କ ଏହି ପ୍ରାଚୁର୍ଯ୍ୟହିଁ କାବ୍ୟ ସାହିତ୍ୟ ପାଠକକୁ ତାଙ୍କ କବିକୃତି ପ୍ରତି ଅନୁରକ୍ତ କରିବା ସଙ୍ଗେ ସଙ୍ଗେ ତାଙ୍କ ପ୍ରଶାନ୍ତ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଶାସ୍ତ୍ରପାଣ୍ଡିତ୍ୟ ପ୍ରତି ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରିବାକୁ ବାଧ୍ୟ କରେ । ଉପେନ୍ଦ୍ରଙ୍କର ପୌରାଣିକତା ସେଥିନିମନ୍ତେ ମୋର ଏହା ଅଳୀକ ପ୍ରଶଂସା ବା ଅତିକଥନ ନୁହେଁ । ଉତ୍କଳର ବରିଷ୍ଠ ସାହିତ୍ୟିକ ଓ ପାଠକମାନେ ଏହାର ଗୁରୁତ୍ୱ ସ୍ୱୀକାର କରନ୍ତି । ଅଧ୍ୟାପକ ଡାଃ ଆର୍ତ୍ତବଲ୍ଲଭ ଉପେନ୍ଦ୍ରଙ୍କ ଏହି ପୌରାଣିକତା ସେଥିନି କହିଛନ୍ତି "ଆମ୍ଭେମାନେ ତାଙ୍କର କାବ୍ୟ ପାଠ କରି ଦୃଢ଼ ପ୍ରତୀତରେ ଉପନୀତ ହୋଇଛୁ ଯେ, ତାଙ୍କର ପ୍ରାୟ ସମସ୍ତ ପୁରାଣ, ରାମାୟଣ ଓ ମହାଭାରତରେ ପ୍ରବେଶ ଥିଲା ।"

## ଅଳଙ୍କାର ଓ ବନ୍ଧ

ଉପେନ୍ଦ୍ର ସାହିତ୍ୟରେ ଥିବା ଅଳଙ୍କାର ପ୍ରୟୋଗ ସମ୍ପର୍କରେ ମତଖ୍ୟାପନ କଲାବେଳେ ମୋ ଭଳି ସଂସ୍କୃତ ସାହିତ୍ୟ ଅନଭିଜ୍ଞ ବ୍ୟକ୍ତିର ସାହସ ଅନେକ ଗୁଣରେ କମି ଆସେ । ଆତ୍ମପ୍ରତୀତିରେ ସନ୍ଦେହ ଆସେ । କାରଣ, ଉପେନ୍ଦ୍ରଙ୍କ ଭଳି ଅଳଙ୍କାରିକଙ୍କ ସମ୍ବନ୍ଧରେ ଆଲୋଚନା କରିବାକୁ ହେଲେ ଉପେନ୍ଦ୍ରଙ୍କ ଅପେକ୍ଷା ଅଧିକ ପଣ୍ଡିତ ହେବା ବାଞ୍ଛନୀୟ । ତଥାପି ବିଷୟ ଅନୁରୋଧରେ ମୋଟାମୋଟି କେତୋଟି କଥା କହିବାକୁ ଉଚିତ୍ ମନେ କରୁଛି ।

କବି କୃତି ମଧ୍ୟରେ ଅଳଙ୍କାରର ରୁନ୍‌ହୁଣ୍ଟ ଓ କୋଳାହଳ ପୂର୍ଣ୍ଣ ଝଙ୍କାର ଅହରହ ଧ୍ୱନିତ । କାବ୍ୟ ଗୁଡ଼ିକର ପ୍ରତ୍ୟେକ ଛନ୍ଦରେ ଏ ଗୁଡ଼ିକର ଯେଉଁ ଅବାଧ ବିଳାସ ଓ ଅପରୂପ ବିନ୍ୟାସ ତାହା

ଆଜି ଉପେନ୍ଦ୍ର ସାହିତ୍ୟକୁ ଅଧିକ ଆୟାସସାପେକ୍ଷ କରି ପକାଇଛି । କବି ନିଜର ସ୍ୱଭାବ ସୁଲଭ ପାଣ୍ଡିତ୍ୟ ଅର୍ଜ୍ଜନ ଓ ମାତ୍ର ସାହିତ୍ୟର ପ୍ରସାରଣ ଲକ୍ଷ୍ୟରେ ନିଜର କବିତା ସୁନ୍ଦରୀଙ୍କୁ ନାନା ଅଳଙ୍କାର-ମଣ୍ଡିତ କରିଛନ୍ତି ଏବଂ କବିତା ସୁନ୍ଦରୀଙ୍କର ଏକ ଏକ ନିର୍ଦ୍ଦିଷ୍ଟ ଅବୟବ ନିମନ୍ତେ ଏକାଧିକ ଅଳଙ୍କାରର ସର୍ଜନା କରିଛନ୍ତି ।

କବିଙ୍କର ଏହି ସାହିତ୍ୟରେ ଅଳଙ୍କାରପ୍ରିୟତାର ଯେତେ ଗୁଡ଼ିଏ କାରଣ ଅଛି ତନ୍ମଧ୍ୟରେ ନିମ୍ନୋକ୍ତ କାରଣଟି ପ୍ରଧାନ ବୋଲି ମନେ ହୁଏ ।

ଉତ୍କଳ ସାହିତ୍ୟରେ ଉପେନ୍ଦ୍ର ଯେତେବେଳେ ଅବତୀର୍ଣ୍ଣ ସେତେବେଳେ ଦେଶୀୟ ଭାଷା ତୁଳନାରେ ସଂସ୍କୃତହିଁ ଥିଲା ପଣ୍ଡିତ ସମାଜର ଆଦରଣୀୟ । ପଣ୍ଡିତମାନଙ୍କର ଧାରଣା ଥିଲା ଯେ ଉଚ୍ଚାଙ୍ଗ ସାହିତ୍ୟ, ଧର୍ମ ବିଷୟକ ଓ ତଥ୍ୟମୂଳକ ରଚନା କେବଳ ସଂସ୍କୃତ ମାଧ୍ୟମରେ ହେବା ସମ୍ଭବ । ଏପରି ଧାରଣା ସୃଷ୍ଟିର ଅନ୍ତରାଳରେ ସଂସ୍କୃତ ସାହିତ୍ୟ ଚର୍ଚ୍ଚା ଓ ପ୍ରୀତି ବିଦ୍ୟମାନ । କାଳିଦାସ, ମାଘ, ଭବଭୂତି, ଶ୍ରୀହର୍ଷ ପ୍ରଭୃତି ସଂସ୍କୃତ ମହାକବି-ମାନଙ୍କର ପାଣ୍ଡିତ୍ୟପୂର୍ଣ୍ଣ ରସାଳ ସାହିତ୍ୟ ଓ ଆଳଙ୍କାରିକମାନଙ୍କ ରସଶାସ୍ତ୍ର ଆଲୋଚନା କରି ଶିକ୍ଷିତ ଜନସାଧାରଣ ନିଜର ଅର୍ଥାତ୍ ନିଜ ଭାଷାର ମୌଳିକତା ଭୁଲିଯାଇ ଥିଲେ ।

ମାତୃଭାଷା ଯେ ଉଚ୍ଚ କୋଟି ସାହିତ୍ୟ, ଦର୍ଶନ, ଅଳଙ୍କାର ପ୍ରଖ୍ୟାପନର ଅଯୋଗ୍ୟ ବାହନ – ଏହିପରି ଭାବିବା ଦ୍ୱାରା ସେମାନେ ସେ ପ୍ରତି ଅଗ୍ରହୀ ନ ଥିଲେ । ଓଡ଼ିଆ ସାହିତ୍ୟ ଇତିହାସରେ ସଂସ୍କୃତ ସାହିତ୍ୟର ଏହି ଅଖଣ୍ଡ ପରିଭବର ଉଦାହରଣ ଦେବା ଅନାବଶ୍ୟକ । ସଂସ୍କୃତର ଏହି ବିପୁଳ ବିଜୟ ମଧ୍ୟରେ ଓଡ଼ିଆ ଭାଷା ମ୍ରିୟମାଣ ହୋଇ ପଡ଼ିଥିଲା । ଏପରିକି ଯାହା କିଛି ଓଡ଼ିଆରେ

ରଚିତ ହୋଇଥିଲା, ତାହା ଯେ ପଠନର ଅଯୋଗ୍ୟ, ଏହା ମଧ୍ୟ କଥିତ ହେଉଥିଲା । ଜଗନ୍ନାଥ ଦାସଙ୍କ ଭାଗବତ ଏହି ଯୁକ୍ତିରେ ଦିନେ "ତେଲି ଭାଗବତ" ନାମରେ ପରିଚିତ ହୋଇଥିଲା । ପଣ୍ଡିତ-ମାନଙ୍କର ଏହି ଜାତୀୟତା ବିରୋଧୀ ଓ ଅସହଯୋଗୀ ନୀତିକୁ ପଣ୍ଡ କରି ଦେବାକୁ ଯେତେଜଣ ପ୍ରତିଜ୍ଞ ଥିଲେ ତନ୍ମଧ୍ୟରେ ଉପେନ୍ଦ୍ର ଅନ୍ୟ-ତମ । ତେଣୁ ଏହି ଐତିହାସିକ କାରଣ ଧରି ଉପେନ୍ଦ୍ର ସଂସ୍କୃତ ସାହିତ୍ୟ ସୁଲଭ ଗୁଣାବଳୀରେ ଓଡ଼ିଆ ସାହିତ୍ୟକୁ ଭୂଷିତ କରିବା କଳ୍ପନାରେ କାବ୍ୟ ସାହିତ୍ୟରେ ଅଳଙ୍କାରଶାସ୍ତ୍ରସମ୍ମତ ପ୍ରାୟ ସମସ୍ତ ଅଳଙ୍କାର ପ୍ରୟୋଗ କରିଥିଲେ । ଭାଷା ପ୍ରତି ଅନୁରାଗ ଜନ୍ମାଇବା ଲକ୍ଷ୍ୟରେ ଉପେନ୍ଦ୍ର ସଂସ୍କୃତ ସାହିତ୍ୟକୁ ଅନୁସରଣ କରିଥିଲେ ସୁଦ୍ଧା କାବ୍ୟର କଳାଗତ ଉତ୍କର୍ଷ ବିଧାନ ମଧ୍ୟ ତାଙ୍କ ଲକ୍ଷିତ ଲକ୍ଷ୍ୟର ବାହାର କଥା ନୁହେଁ ।

ଅଳଙ୍କାର ଭାଷାର ମଣ୍ଡନ, ଭାବର ଦ୍ୟୋତକ, କୈ ଭୂଷଣର ଦୀପ୍ତିରେ ମନୁଷ୍ୟର ସ୍ୱଭାବ ସୁଲଭ ସୌନ୍ଦର୍ଯ୍ୟ ଅଧିକ ଗୁଣୀଭୂତ ହେଉଥିଲା ଅଳଙ୍କାର ସଂଯୋଗରେ କାବ୍ୟର ରୀତି, ଗୁଣ ଓ ରସ ଅଧିକ ଦୀପ୍ତ ହୋଇ ଉଠେ । ମାତ୍ର ଶାସ୍ତ୍ରକାରମାନେ କହନ୍ତି ଅଳଙ୍କାରର ଏହି ସୌନ୍ଦର୍ଯ୍ୟ ପ୍ରକାଶିକା ଶକ୍ତି ସତ୍ତ୍ୱେ ତାହା ସାହିତ୍ୟର ଅନିତ୍ୟ ଧର୍ମ । ଯାହାହେଉ ସାହିତ୍ୟ ସୃଷ୍ଟିରେ ଏହାର ଉପଯୋଗିତା ସବୁଠାରେ ସ୍ୱୀକାର୍ଯ୍ୟ ।

କିନ୍ତୁ ଅଳଙ୍କାର ସାହିତ୍ୟର ଇତିହାସ ପର୍ଯ୍ୟାଲୋଚନା-କାରୀମାନେ କହନ୍ତି ନାଟ୍ୟକାର ଭରତ ମୁନିଙ୍କ କାଳରେ ଏହା ମାତ୍ର ୩।୦ ପ୍ରକାର ଥିଲା; କିନ୍ତୁ ଅଜି ତାହା ପ୍ରାୟ ଶତାଧିକ । ଏହାର କାରଣ କଳାଗତ ଦୃଷ୍ଟିର ଅଧିକ ବିକାଶରେ ।

ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟରେ ଶ୍ରେଷ୍ଠ ଅଳଙ୍କାରିକ କବି ହେଲେ ମଧ୍ୟ ତାଙ୍କ ପୂର୍ବବର୍ତ୍ତୀ କବିଗଣ ସାହିତ୍ୟରେ ଅଳଙ୍କାର ପ୍ରୟୋଗ କରି ନ ଥିଲେ ଏମନ୍ତ ନୁହେଁ । ବରଂ ସେମାନେ କାବ୍ୟ ଗ୍ରନ୍ଥକରେ ଅଳ୍ପ କେତୋଟି ସୁପରିଚିତ ଅଳଙ୍କାରର ସମୁଚିତ ପ୍ରୟୋଗ କରିଥିଲେ ।

କବିଙ୍କ ଅଳଙ୍କାରପ୍ରିୟତା କେବଳ ତାଙ୍କ କାବ୍ୟ ଗୁଡ଼ିକରୁ ସୁସ୍ପଷ୍ଟ ହେଲେ ମଧ୍ୟ ସେ ସମ୍ପର୍କିତ ଜ୍ଞାନ ଧେନୁ ସେ ଯେଉଁ 'ରସ ପଞ୍ଚକ' ରଚନା କରିଅଛନ୍ତି ତାହା ଓଡ଼ିଆ ଭାଷାରେ ଶ୍ରେଷ୍ଠ ଅଳଙ୍କାରିକ ଗ୍ରନ୍ଥ । ଏଣୁ ସେଥିରେ ରସ, ଗୁଣ, ଦୋଷ, ନାୟକ, ନାୟିକା, ଭାବ ଅଳଙ୍କାର ପ୍ରଭୃତି ସମସ୍ତ କାବ୍ୟିକ ବିଷୟ ଉଦାହରଣ ମାଧ୍ୟମରେ ପ୍ରକାଶ କରିଛନ୍ତି ।

ଅଳଙ୍କାର ପ୍ରୟୋଗରେ ଉପେନ୍ଦ୍ର କିପରି କୃତହସ୍ତ ଥିଲେ ତାର ଉଦାହରଣ ବାହୁଲ୍ୟ ଭୟରୁ ଦେବାକୁ କୁଣ୍ଠିତ ହେଲେ ମଧ୍ୟ ପ୍ରସଙ୍ଗ ଅନୁରୋଧରେ ମୁଁ କେବଳ କେତୋଟି ମାତ୍ର ଉଲ୍ଲେଖ କରିବି । ଏହି ଉଲ୍ଲେଖ ପୂର୍ବରୁ କବି କିପରି ଅଳଙ୍କାର ପ୍ରୟୋଗରେ ସଚେତନ ରହି ପାଠକମାନଙ୍କୁ ନାନା ସୂଚନା ଦେଇଛନ୍ତି, ତାହା ସ୍ମରଣ ରଖିବା ଉଚିତ୍ । କବି କହିଅଛନ୍ତି—

"ନାନା ଶାସ୍ତ୍ର ଅର୍ଥେ ଯେ ବିଚକ୍ଷଣ
ସେହୁ ଜାଣେ ଅଳଙ୍କାର ଲକ୍ଷଣ"

ସେହିମାନେ କେବଳ ତାଙ୍କର ଶାସ୍ତ୍ରକୁ ବିବେଚନା କରିବେ । ଅର୍ଥାତ୍ କବି ନିଜର ଭୂଷଣଭାରାକ୍ରାନ୍ତା କବିତା ସୁନ୍ଦରୀଙ୍କର ଅର୍ଚ୍ଚନା ପାଇଁ ଭୂଷଣପ୍ରିୟ ସେବକର ଅପେକ୍ଷା ରଖନ୍ତି । କବିଙ୍କ କାବ୍ୟରେ ଉଭୟ ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାର ଦେଖାଯାଏ । ଉଦାହରଣ ଛଳରେ ମାତ୍ର କେତୋଟି ଅଳଙ୍କାର ଦର୍ଶାଇଅଛୁ ।

"ହରି କୁଞ୍ଚଳ ଶ୍ୟାମାଙ୍ଗ ଭେଦ
ନଖ ଲଗନେ ରମ୍ପିଲା ଦ୍ୱିରଦ ।
ପ୍ରେମ ବୀଜକୁ ରୁପିଲା ତହିଁର
ପାଳନାକୁ ବରଷେ ସ୍ୱେଦ ନୀର ।" (ରୂପକ)

"ଅନୁପମକର ତାପନାଶେ ଶୋଭି ସାରସ ଚନ୍ଦ୍ରେ
ଅନୁପମକର ତାପନାଶେ ଶୋଭି ସାରସ ଚନ୍ଦ୍ରେ" (ସର୍ବଯମ)
"ବାବୁ ନାଭି ଶିଶୁଦାନ ଯୋଗ୍ୟ ଯୋଷାକୁ" ଶ୍ଳେଷ

"ଦେଖି ନବ କାଳିକା" ଇତ୍ୟାଦି, "ବନେ ଘନ ରଘୁମଣି ବିପଥ ପଥ ନ ମଣି", "ଶୁଣସିରେ ପ୍ରିୟତମା ତମାଳ କେଶୀ ସୁଷମା, ସମାନ କେ ହେବ ବୋଲି କରନ୍ତୁ ମାନ", ପ୍ରଭୃତିରେ ଅନୁପ୍ରାସ ଅଳଙ୍କାରର ଉଦାହରଣ ମିଳିଥାଏ ।

ଅର୍ଥାଲଙ୍କାର ସଂଖ୍ୟାରେ ବହୁତ୍ । କବି ଅର୍ଥାଲଙ୍କାର ପ୍ରୟୋଗରେ ଅତି ଧୁରୀଣ ଥିଲେ । ସେ ସମ୍ପର୍କରେ ପ୍ରମାଣର ଆବଶ୍ୟକତା ନାହିଁ । କାରଣ ଉପେନ୍ଦ୍ରଙ୍କ କାବ୍ୟ ସାହିତ୍ୟ ଏହି ଅଳଙ୍କାର ଯୋଜନା କୌଶଳରେ ସର୍ବଜନ ବିଦିତ । ତଥାପି କେତେକ କ୍ଷେତ୍ରରେ କବିଙ୍କ ଅଳଙ୍କାର ପ୍ରୟୋଗର ସ୍ୱାଭାବିକତା ଯେଉଁ ନିମ୍ନରେ କେତୋଟି ଉଦାହରଣ ଦିଆଯାଇ ପାରେ ।

ବିଦେହ ରାଜନନ୍ଦିନୀ ସୀତାଙ୍କ ସୌନ୍ଦର୍ଯ୍ୟର ପଟାନ୍ତର ନାହିଁ । ଏହି ତୁଲ୍ୟବିହୀନା ସୁନ୍ଦରୀଙ୍କ ରୂପକଥନ ଛଳରେ ବିଶ୍ୱାମିତ୍ରଙ୍କ ମୁଖରେ ଯାହା କୁହାଯାଇଛି ତାହା ଅଳଙ୍କାରଶାସ୍ତ୍ରରେ ଅସମ ଅଳଙ୍କାର ।

"ରାଜପୁତ୍ରୀର ରାଜପୁତ୍ରର ଯିବା ମିଥିଳାପୁର
ବାହାର ହୋଇ ବାହାର ତହିଁ କହନ୍ତି ମୁନିବର ।

ବଇଦେହୀ ଯେ ସୁନ୍ଦରୀ ବୃନ୍ଦେ ଅମୂଲ୍ୟ ଚୂଡ଼ାମଣି
ବର୍ତ୍ତିମାନ ଯେ ଭୂତ ଭବିଷ୍ୟେ ନାହିଁ ନୋହିବେ ପୁଣି ।"

ସ୍ୱସ୍ତିପୁର ଶୋଭା କଥନରେ କବି କହିଛନ୍ତି—

"ଛଦ୍ମ ନୁହଁଇ ଏ ପୁରୀ ସଦ୍ମ ରତନେ ନିର୍ମିତ
ପଦ୍ମ ପ୍ରକାଶରୁ ଜାଣି ଦିବା ରଜନୀ ଯେ ।"

ଏହା 'ବିଶେଷ' ଅଳଙ୍କାର ରୂପେ ପରିଚିତ । ଏଠାରେ ବାହୁଲ୍ୟଭାବରେ ନଗରର ବର୍ଣ୍ଣନା କରିବାକୁ ଯାଇ କବି କହିଛନ୍ତି ଯେ, ସମସ୍ତ ଗୃହରତ୍ନ ନିର୍ମିତ ହୋଇଥିବାରୁ ରତ୍ନର ଔଜ୍ଜ୍ୱଲ୍ୟ ହେତୁ ଦିବାରାତ୍ରର ପ୍ରଭେଦ ଜାଣି ହୁଏ ନାହିଁ । କେବଳ ଜାଣି ହୁଏ ପଦ୍ମର ବିକାଶରେ । ଏଣୁ ଏକଥାର ପ୍ରକଟନରେ ଅନ୍ୟ ଏକ ବିଶେଷ ଘଟଣାର ଅବତାରଣା ଓ କାରଣ ନିର୍ଦ୍ଦେଶହିଁ ଏଠାରେ ସୁସ୍ପଷ୍ଟ ।

ବର୍ଣ୍ଣନା ମଧ୍ୟରେ ଏକ କଥାର ଅସ୍ତିତ୍ୱ ଅସ୍ୱୀକାର କରି ଅନ୍ୟ କଥାର ଅବତାରଣା କରିବାରେ ନିର୍ଦ୍ଦିଷ୍ଟ ଶବ୍ଦର ଭିନ୍ନ ଭିନ୍ନ ଅର୍ଥ ପ୍ରକାଶ କରାଯାଇଥାଏ । ଏହାଦ୍ୱାରା ଏକ ଶବ୍ଦ ଆକାରରେ ଅଭିନ୍ନ ହେଲେ ମଧ୍ୟ ଅର୍ଥଗତଭିନ୍ନତା ଯୋଗୁଁ ପଦର ଚମତ୍କାରିତା ବୃଦ୍ଧି କରେ । ଏହାକୁ ବିରୋଧାଭାସ ଅଳଙ୍କାର କହନ୍ତି ।

"ନାଥ ଦରଶନେ ମନାଙ୍ଗକୁ ଦୂରକର
ମନାଙ୍ଗକୁ ଦୂର କରିବାର ଅବେଭାର
ନୟନ କୁରଙ୍ଗ ତୋର ସଙ୍ଗ ସମ୍ପତରେ
ନ କରବୁଟି କୁରଙ୍ଗ ଭଜୁଅଛୁ ବାରେ" (ପ୍ରେ: ସୁଧାନିଧି ।)

ଏକ ବିଷୟର ସାମ୍ଭବ୍ୟ ବାସ୍ତବତାରେ ଅସମ୍ଭବ ପ୍ରତୀତ ଦେଖାଇବାକୁ ଯାଇଁ ଅନ୍ୟାନ୍ୟ ଅସମ୍ଭବ ଘଟଣାରୁ ଅବତାରଣା

କରିବା ଓ ସେହି ଅସମ୍ଭବ ଘଟଣା ଦୈବାଯୋଗରେ ଘଟିଥିବାପରି ଉକ୍ତି ବିଷୟ ବାସ୍ତବତାରେ ପରିଣତ ହେବ ନାହିଁ, ଏହା କାପରି ବିଶ୍ୱାସ କରିବା—ଏହି ଧର୍ମରେ ଲାବଣ୍ୟବତୀର ସଖୀ ଅସମ୍ଭବ ଅଳଙ୍କାର ସାହାଯ୍ୟରେ ତା' (ଲାଃବତୀଃ) ସ୍ୱପ୍ନର ପରିଣାମ ଓ ସାମ୍ଭବ୍ୟତା ଯେଉଁ ନିମ୍ନକ୍ରମେ କହୁଛନ୍ତି—

"ଶକୁର ଶୋଭ ମୁକୁର ପ୍ରତିବିମ୍ବ ଆଲିଙ୍ଗନେ ଯେବେ ଆସିବ
ମୃଗତୃଷ୍ଣା ଜଳ ତୃଷାକୁ ନାଶିବ ସ୍ୱପ୍ନ ତେବେ ସତ୍ୟ ଦିଶିବ
କହେ ସଖୀବସୁତା ସବୁ ବଡ଼ ଦାଇବ;
କାହା ମନେ ଥିଲା ଅଗାଧ ସମୁଦ୍ର ଚଳୁ ଭିତରେ ସମ୍ଭାଇବ।"

ଏକବସ୍ତୁ, ବ୍ୟକ୍ତି ବା ବିଷୟର ଗୁରୁତ୍ୱରେ ସନ୍ଦେହ ମୋଚନ ପାଇଁ ଅନ୍ୟ କଥା ପ୍ରତି ଆକ୍ଷେପ ପ୍ରୟୋଗ କଲେ ଆକ୍ଷେପ ଅଳଙ୍କାର ହୁଏ । ଲାବଣ୍ୟବତୀରେ ନାୟିକାର ସୌନ୍ଦର୍ଯ୍ୟ କଥନରେ ଅଳୀକତାର ଅଭାବ ପ୍ରମାଣ କରିବା ପାଇଁ ସାଧୁତ କହୁଛନ୍ତି—

"ଦୂତ, କବି, ଭାଟ ତିନି ଜଣୁ ଜଣେ
ନୋହୁ ଅଧିକ କହିବୁ କି କାରଣେ।"

ନାୟକର ଶୋଭା ପ୍ରକାଶରେ ଅନ୍ୟାନ୍ୟ ବ୍ୟକ୍ତିଙ୍କର ଉଲ୍ଲେଖ ଯେଉଁ ଉପେନ୍ଦ୍ର ସ୍ୱୀୟ ବିଭିନ୍ନ କାବ୍ୟରେ ଉଲ୍ଲେଖାଳଙ୍କାର ପ୍ରୟୋଗ କରିଛନ୍ତି ।

"ବେଦବେଦାନ୍ତେ ବିଧାତା ବ୍ୟାକରଣେ ହର
ସଙ୍ଗୀତରେ ନାରଦ ଶୃଙ୍ଗାର ଶାସ୍ତ୍ରେ ମାର
ଅଶ୍ୱାରୋହେ ମିହିର ଭୈରବ ଧର୍ମ ଗତ
କବି ପଣେ ପଣ୍ଡିତ ଜ୍ୟୋତିଷେ ବୃହସ୍ପତ।"

ଉକ୍ତ ଅଳଙ୍କାର ପ୍ରସ୍ତୁତି ଯେଉଁ ବିଶେଷ ଉଦାହରଣ ଦେବା ନିଷ୍ପ୍ରୟୋଜନ । ତେବେ ମନେ ରଖିବା ଦରକାର ଯେ,

କବି ଉତ୍ପ୍ରେକ୍ଷା, ରୂପକ, ଯମକ, ଶ୍ଳେଷ, ବିରୋଧାଭାସ, କାବ୍ୟ-ଲିଙ୍ଗ, ଅର୍ଥାନ୍ତରନ୍ୟାସ, ଅତିଶୟୋକ୍ତି, ଶୃଙ୍ଖଳା, ପରିକର, ପର୍ଯ୍ୟାୟୋକ୍ତି, ଅସମ, ଉପମେୟୋପମା, ଲଳିତ ପ୍ରଭୃତି ପ୍ରାୟ ସମସ୍ତ ଅର୍ଥାଲଙ୍କାର ଓ ଶବ୍ଦାଲଙ୍କାରକୁ ନିଜ କାବ୍ୟରେ ଘନ ଘନ ପ୍ରୟୋଗ କରିଛନ୍ତି । ଏହି ପ୍ରୟୋଗ କେତେକ ସ୍ଥଳରେ କାବ୍ୟର ଶୋଭାବିଧାୟକ ହୋଇଛି । ଅନେକ ସ୍ଥଳରେ ମାତ୍ରାଧିକ୍ୟ ଯୋଗୁ କାବ୍ୟର ସହଜ ସୁଲଭ ସରଳତା ଓ ମାଧୁର୍ଯ୍ୟରେ ଆଘାତ ଆଣିଛି । କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ପ୍ରେମସୁଧାନିଧି ଓ ସୁଭଦ୍ରା ପରିଣୟ କାବ୍ୟଗୁଡ଼ିକର କେତେକ ପର୍ଯ୍ୟାୟରେ ଅଳଙ୍କାର ବ୍ୟବହାରରେ ଯଥେଚ୍ଛାଚାର କରାଯାଇଛି ।

ଉପେନ୍ଦ୍ରଙ୍କର ଆଲଙ୍କାରିକତାର ଦ୍ୱିତୀୟ କଥା ହେଉଛି, ଚିତ୍ର କାବ୍ୟ । କବି ବିଭିନ୍ନ ସ୍ଥାନରେ ବହିର୍ଲିପି, ଅନ୍ତର୍ଲିପି, ଦତ୍ତଚ୍ୟୁତାକ୍ଷର, ସିଂହାବଲୋକନ, ଗୋମୂତ୍ର, ମେଷପୃଷ୍ଠ, ବ୍ୟାଘ୍ର-ଗତିର ପ୍ରୟୋଗ କରିବା ସଙ୍ଗେ ସଙ୍ଗେ ରଥ, ମଣ୍ଡପ, ମହାପଦ୍ମ, ସର୍ପ ପ୍ରଭୃତି ବିବିଧ ବନ୍ଧର ପ୍ରୟୋଗ କରିଛନ୍ତି । ତାଙ୍କର ଅନ୍ୟାନ୍ୟ କାବ୍ୟ ଏ ଦୃଷ୍ଟିରୁ ଆଲୋଚନା ନକରି କେବଳ "ଚିତ୍ରକାବ୍ୟ ବନ୍ଧୋଦୟ" ଆଲୋଚନା କଲେ ଏହା ଅଧିକ ସୁସ୍ପଷ୍ଟ ହୁଏ । ଏହି ଅକ୍ଷର ନିୟମ ଓ ଚିତ୍ରକାବ୍ୟ ପ୍ରୟୋଗରେ କବି ଭାଷାକୁ ନିଜର ଦାସ କରିପାରିଥିଲେ । ଏ ଦିଗରେ ସେ ଗେସ୍ତ୍ର, କର୍ଣ୍ଣାଟୀ, ତାମିଲ ପ୍ରଭୃତି ଦେସାଧନା ପ୍ରତି ଯେତେ ଅବହିତ ଥିଲେ, ତା ତୁଳନାରେ ସଂସ୍କୃତର ଅଧିକ ଅନୁସରଣ କରିଥିଲେ ।

କବିଙ୍କର ଏହି ଚିତ୍ରକାବ୍ୟ ଓ ଚିତ୍ରପ୍ରୟୋଗ ଯୋଗୁ କୌଣସି ମତସ୍ଥାପନ କରିବା ପୂର୍ବରୁ ତହିଁ ମଧ୍ୟରେ ଅଧିକ ପ୍ରଚଳିତ କେତୋଟି ଉଦାହରଣ ଛଳରେ ଉଲ୍ଲେଖ କରୁଛୁ । ବହିର୍ଲିପି, ଅନ୍ତର୍ଲିପି ଓ ଦତ୍ତଚ୍ୟୁତାକ୍ଷର ପ୍ରଭୃତି କେତେକ

"ନାଁ ଦେବା" ପ୍ରଶ୍ନୋତ୍ତର ଶ୍ରେଷ୍ଠ ପ୍ରକାଶ ବୋଲି ପଣ୍ଡିତ ନୀଳକଣ୍ଠ ଦାସ ମତ ପ୍ରକାଶ କରନ୍ତି ।

ଲାବଣ୍ୟବତୀର ଜଳକ୍ରୀଡ଼ା ବର୍ଣ୍ଣନାରେ କବି ସଖୀ ଓ ଲାବଣ୍ୟବତୀର ରସମର୍ମ ଉକ୍ତି ମଧ୍ୟରେ ଏହାର ସାହାଯ୍ୟ ନେଇଛନ୍ତି ।

"ମଲ୍ଲିକା ଫୁଟିଲା କେମାକୁ ଗୁରୁବର୍ଣ୍ଣେ ଏସନେ
ଏକାକ୍ଷରେ ଖ୍ୟାତ ଧରଣୀ କର ଲୁପ୍ତାନ୍ତବର୍ଣ୍ଣେ
ବସୁସ ନାମ ଖ୍ୟାତ ମୁନି ଯାହାବରେ ସେ ହେବ
ପ୍ରାନ୍ତର୍ଣ ଦ୍ୱିବର୍ଣ୍ଣେ ବାଳେମ ରାମ କୁମର ହେବ
ବ୍ୟସ୍ତେ ବସନ୍ତାଦି ଫୁଲେକ, ତହିଁ ଉଠର ନାମ
ସମସ୍ତ ପଢ଼ିଲେ ହୋଇବ ଜଳେ ଥିଲା କୁସୁମ
ଚତୁରୀ ତୁରତେ ଲାଗିଲା ହସି କହିଲା ତହିଁ
କଂସ କସ୍ତ୍ରବର ପଦ୍ମେ ମୋତେ ପ୍ରତେ ହୁଅଇ ।

"ଫଳ" ବେନି ବର୍ଣ୍ଣ ପ୍ରାନ୍ତରେ ଦେଲେ ମୁକୁତା ନାମ" ଇତ୍ୟାଦି କଥୋପକଥନରେ ଗୂଢ଼ାର୍ଥ ପ୍ରକାଶ ଓ "ନାଁ ଦେବା" ପ୍ରଶ୍ନୋତ୍ତରରୁ ଏ ଗୁଢ଼କର ଯେ ପ୍ରକାଶ ଏ ବେନି ପଣ୍ଡିତ ମହାଶୟ 'କ୍ରମ ପରିଣାମ'ରେ ସୁନ୍ଦର ଭାବରେ ଆଲୋଚନା କରିଛନ୍ତି ।

ଦଣ୍ଡିଚ୍ଛାୟାଭାସର—କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ରୂପବର୍ଣ୍ଣନାରେ କବି କହିଛନ୍ତି—

"ଜ୍ୟୋତିର୍ବିଦ୍ୟା ଭାବି ଏ ଶୋଭା ରାଶି,
ନକ୍ଷତ୍ର ମାଳା ଯୋଗେ ଶୋଭା ଦଶି
ପୂର୍ଣ୍ଣ ଚନ୍ଦ୍ର କ୍ଷେତ୍ରରେ ଏ ନିତ୍ୟ,
ସକଳ ସଙ୍ଗରେ ସଭେଦ କୃତ
ହେବ ତାଡ଼ ଲୁକେ,
ଉଦିତ ହେବ ଜଳ ବୃଶ୍ଚିକେ ।"

ରାମଚନ୍ଦ୍ରଙ୍କ ବନବାସ ଜୀବନ ବର୍ଣ୍ଣନା ସୁଯୋଗରେ କବି ସୀତା ଓ ରାମଙ୍କ କଥୋପକଥନ ମଧ୍ୟରେ, ଅନ୍ତର୍ଲିପି ଓ ସିଂହାବଲୋକନ ଇତ୍ୟାଦିର ଚମତ୍କାର ବ୍ୟବହାର କରିଛନ୍ତି । "ରାମଙ୍କର ବଲ୍ଲଭା ପଣ୍ଡିତାସାର, ଜଧର୍ଷିତ ଦାନବର" ଉକ୍ତିକୁ କବି ବହୁଲିପି ମଧ୍ୟରେ ନିମ୍ନୋକ୍ତମ ପ୍ରକାଶ କରିଛନ୍ତି ।

"ବହୁଲିପି କହୁ କେଣା କେଣା ବର୍ଣ୍ଣ ଲେଖି
ବାମ ନାସି ଦକ୍ଷିଣ ବର୍ଣ୍ଣକୁ ଭିନ୍ନ ସର୍ଷି ଗୋ।
ବନ୍ଦ୍ୟ ୧ କେ ଜଗତେ କେତୁ ତିଳକର ୨ ସ୍ଥାନ
ବସି ସ୍ରଜା କି କରିର ୩ କେଶ୍ୟାବ ୪ କି ରଞ୍ଜନ
ବ୍ୟୋମକେଶ ମୋହିନୀ ୫ କେ ଶିଶୁ ୬ କେ ପାଳଇ
ବଡ଼ଖେଳରେ ୭ କେ ଧେନ ଦନ ୮ କି ମୁଅଇ
ରରରେ ୯ କେହୁ ଡବନ୍ଧ ଓଷ୍ଠି କି କରନ୍ତି ୧୦
ବନ୍ଧ ଭୁଜଙ୍ଗ ୧୧ ଶୃଙ୍ଗ କେ ବିଚିତ୍ର ୧୨ କି ସ୍ମରନ୍ତି
ବସ୍ତ୍ର ଆୟୁଧ ୧୩ କେ ଚନ୍ଦ୍ର ଶୀନା କେ ଅଗମ୍ୟ ୧୪
ବ୍ରହ୍ମା କି ପାଳନ୍ତି ୧୫ କେହୁ ରଚନ୍ତି ୧୬ ସଂଗ୍ରାମ ସେ"

ବ୍ୟାଜତେ—"ବ୍ୟାଘ୍ରଗଡରେ ସଧୀରେ କହନ୍ତି ବୀର ଯେ
କାର ଚଳୁବେ ତରୁଣୀ କୁସୁମ କରତେ ଯେ
ବର ଉନ୍ନତ ଉପମା ବସ୍ତ୍ରୀନ
ବହୁତ କରନ୍ତି ବନ୍ଧ କଳୁଷ ବଚନ ଯେ।"

---

୧—ଶିବ, ୨—ଭଲ, ୩—ସଖି, ୪—ରୂପ, ୫—ରଣ୍ଡୀ, ୬—ମାତା, ୭—ପଣା, ୮—ନୀର, ୯—କହ, ୧୦—ତପ, ୧୧—ଶିର, ୧୨—ବ୍ରତ, ୧୩—ଗଦା, ୧୪—ବନ, ୧୫—ଲୋକ, ୧୬—ଜୀବ ।

କବି କୃତିରେ ଦୃଷ୍ଟ, ଲୋମ, ବିଲୋମ, ମହାପଦ୍ମବନ୍ଧ ପ୍ରଭୃତି ବିବିଧ ବନ୍ଧର ଉଦାହରଣ ଦେବାକୁ ବାହୁଲ୍ୟ ଭୟରୁ ଉଚିତ୍‌ମନେ କରୁନାହିଁ ।

କବିଙ୍କର ଅଳଙ୍କାର ପ୍ରୟୋଗ ଓ ଶବ୍ଦଗତ ଚାତୁର୍ଯ୍ୟ ଘେନି ପଣ୍ଡିତ ନୀଳକଣ୍ଠ ଓଡ଼ିଆ ସଂସ୍କୃତିରେ "ନାଁ ଦିଅ" ପ୍ରବୃତ୍ତିର ଉଲ୍ଲେଖ କରି କହିଛନ୍ତି—"ଏଇ ଶିକ୍ଷା, ଏଇ ରୀତିର ବିକାଶରେ ଆମ କାବ୍ୟ ସାହିତ୍ୟରେ ଅନ୍ତର୍ଲିପି, ବହିର୍ଲିପି, ସଭଙ୍ଗ, ଅଭଙ୍ଗ ଶ୍ଲେଷ ଓ ଅନ୍ୟାନ୍ୟ ଅନେକ ଅଳଙ୍କାର ପ୍ରକାଶ ପାଇଥିଲା ।" (କ୍ରମ ପରିଣାମ ପୃ ୮୩) ଏ ପ୍ରସଙ୍ଗରେ ଲେଖକ ଓଡ଼ିଆ ପୂର୍ବବର୍ତ୍ତୀ କବିଙ୍କ ସମେତ ଉପେନ୍ଦ୍ରଙ୍କର ଅନେକ ଅଳଙ୍କାରମୟ ପଦ ଉଦ୍ଧାର କରିଅଛନ୍ତି । ପଣ୍ଡିତ ମହାଶୟ ନିଜର ମୌଳିକ ଦୃଷ୍ଟିଭଙ୍ଗୀ ନେଇ କହନ୍ତି ଯେ, ପାଦପୂରଣ କରିବା ଓ ଚାତୁର୍ଯ୍ୟୋକ୍ତି ପ୍ରକାଶ ଏ ପ୍ରକାର ବନ୍ଧ ଓ ଅଳଙ୍କାରର ଉତ୍ସ । ଢଗଢ଼ମାଳି ମଧ୍ୟରେ, ପାଦପୂରଣ ଛଳରେ ପ୍ରଶ୍ନୋତ୍ତର ବୈଶିଷ୍ଟ୍ୟ ମଧ୍ୟରେ ଯେଉଁ ଚାତୁରୀ ପ୍ରକଟିତ, ତାହା ଉତ୍କଳର ସମ୍ପଦ । ଉପେନ୍ଦ୍ର ଅଳଙ୍କାର ସାହିତ୍ୟ ଘେନି ଯେ ପରାକାଷ୍ଠା ଦେଖାଇଛନ୍ତି, ତାହା ଯେ କେବଳ ସଂସ୍କୃତ ସାହିତ୍ୟ ଆଲୋଚନାର ଫଳ ଏମନ୍ତ ନୁହେଁ । ଏ ଦିଗରେ ଲେଖକ ଓଡ଼ିଆ ସାଂସ୍କୃତିକ ଜୀବନର ଚିତ୍ର ଓ ଦାଣ୍ଡୀ ମହାଦେବୀ ପ୍ରଭୃତିଙ୍କ ସଂସ୍କୃତ ଶାସନ ପତ୍ରକୁ ଉପେନ୍ଦ୍ରଙ୍କ ଅନ୍ୟତମ ଆଦର୍ଶ ରୂପେ ଉପସ୍ଥାପନ କରିଛନ୍ତି । ପଣ୍ଡିତ ବିନାୟକ ମିଶ୍ର ମଧ୍ୟ ଉପେନ୍ଦ୍ର ସାହିତ୍ୟର କ୍ରମ ଉତ୍ପତ୍ତି ଓ ବିକାଶ ଘେନି ନିଜ ଓଡ଼ିଆ ସାହିତ୍ୟ ଇତିହାସରେ ଯେଉଁ ଆଲୋଚନା କରିଛନ୍ତି, ସେଥିରେ ଉତ୍କଳୀୟ ସାହିତ୍ୟ, ପ୍ରବଚନ, ଢମାଳି, ପ୍ରଶ୍ନୋତ୍ତର, ତାମ୍ର ଶାସନ ଓ ଉତ୍କଳୀୟ ଅଳଙ୍କାର ଗ୍ରନ୍ଥଗୁଡ଼ିକର ପ୍ରଭାବ ସ୍ୱୀକାର କରିଅଛନ୍ତି । ବାସ୍ତବରେ ଉପେନ୍ଦ୍ରଙ୍କର ଅଳଙ୍କାର

ପ୍ରୟୋଗରେ ଏ ଯେଉଁ ଦକ୍ଷତା, ତାର କାରଣରୂପେ ସଂସ୍କୃତ ସାହିତ୍ୟକୁ କେବଳ ଧରିପାରି ନ ପାରେ । କାରଣ ଏହା ଯଥେଷ୍ଟ ନୁହେଁ । ବରଂ ପଣ୍ଡିତ ବିନାୟକ ଓ ନୀଳକଣ୍ଠଙ୍କର ଭଞ୍ଜୀୟ ସଂସ୍କୃତ ଓ ସାହିତ୍ୟ ଆଲୋଚନାରେ ଏ ଯେଉଁ ନୂତନ ଯୁକ୍ତି ତହିଁ ଲେଶମାତ୍ର ଅଳୀକତା ଥିବାପରି ମନେ ହୁଏ ନାହିଁ ।

ଅଲଙ୍କାର ପ୍ରୟୋଗ ସଂପର୍କରେ ପର୍ଯ୍ୟାୟର ଅନ୍ୟ ଅଂଶରେ ବିଶିଷ୍ଟଭାବେ ଆଲୋଚନା କରାଯାଇଛି । ମାତ୍ର ବନ୍ଧ ଓ ଚିତ୍ରକାବ୍ୟ ଦୃଷ୍ଟିରୁ ଦେଖିଲେ ବୁଝାଯିବ ଯେ, ଚିତ୍ରକାବ୍ୟ କାବ୍ୟ ଶ୍ରେଣୀରେ ନ୍ୟୂନତମ । ଏଥିରେ ରସ ଓ ଗୁଣର ବିକାଶ ଅପେକ୍ଷା ନୀରସ ଚାତୁରୀର ପ୍ରକଟନ ଅଧିକ ହୋଇଥାଏ । କେତେକଙ୍କ ମତରେ ଭଞ୍ଜକାବ୍ୟ ହେଉଛି ଚିତ୍ରକାବ୍ୟ ପ୍ରଧାନ । ମାତ୍ର, ତାହା ପୂର୍ଣ୍ଣତଃ ଠିକ୍ ନୁହେଁ । ଚିତ୍ର, ବନ୍ଧ ତାଙ୍କ କାବ୍ୟର ଅନେକାଂଶ ଅଧିକାର କରିଥିଲେହେଁ ରସ ଓ ଧ୍ୱନି ସମ୍ବଳିତ ସ୍ଥଳମାନ ଦେଖାଯାଏ । ତେଣୁ ଚିତ୍ରକାବ୍ୟହିଁ ଭଞ୍ଜୀୟ ସାହିତ୍ୟର ଶେଷ କଥା ନୁହେଁ । ବିଭିନ୍ନ କାବ୍ୟରେ କବି ନବରସର ଧ୍ୱନି ବ୍ୟଞ୍ଜନା ପ୍ରଭୃତି ମାଧ୍ୟମରେ ଅବତାରଣା କରିବାକୁ ଚେଷ୍ଟା କରିଛନ୍ତି ।

ଏହି ଚିତ୍ର, ବନ୍ଧ (ସର୍ବେଷ୍ଟକ, ଜାରେଷ୍ଟକ, ବହିର୍ଲିପି, ବ୍ୟସ୍ତ, ବିଲୋମ, ଦତ୍ତଚ୍ୟୁତାକ୍ଷର ପ୍ରଭୃତି ) ଯେ ସାହିତ୍ୟ ସାଧନାରେ ହେୟ ବା ଏକାବେଳକେ ପରିତ୍ୟାଜ୍ୟ ଏପରି ନୁହେଁ । କାରଣ କାବ୍ୟରସରେ ଅଲୌକିକତାର ସମନ୍ୱୟ ଉଦ୍ଦେଶ୍ୟରେ ଏବଂ ପାଠକ ହୃଦୟରେ ଚମତ୍କାରଭାବ ଆନୟନରେ ଏଗୁଡ଼ିକ ସମୟରେ ଅତି ଉପାଦେୟ ବିବେଚିତ ହୁଅନ୍ତି । ମାତ୍ର ଏହା ସୀମାବଦ୍ଧ । ଏଗୁଡ଼ିକର ପ୍ରୟୋଗଜନିତ ବାହୁଲ୍ୟ ଅନେକ ସମୟରେ କାବ୍ୟ ଗୁଡ଼ିକର ମାଧୁର୍ଯ୍ୟ ଲୋପ କରିଛି ।

ଯାହା ହେଉନା ଭାଞ୍ଜଙ୍କ, କବି ଯେଉଁ ଯୁଗର ବ୍ୟକ୍ତି ସେ ପରଂପରାରେ ଏଗୁଡ଼ିକର ମହତ୍ତ୍ୱ ଅଧିକ ଥିଲା । ସାମନ୍ତମାନଙ୍କର ଗୃହୋପକରଣ, ମନ୍ଦିର ମଣ୍ଡପ ପ୍ରଭୃତିରେ ବିବିଧ ବନ୍ଧ ଓ ଛନ୍ଦର ସଙ୍କେତ ଆଜି ମଧ୍ୟ ଦେଖାଯାଏ । ସେ ଯୁଗ ଥିଲା ବିଳାସର ଯୁଗ, ଆଡ଼ମ୍ବରର ଯୁଗ, ଜୀବନକୁ କଳାମୟ କରି ଉପଭୋଗ କରିବା ଥିଲା ସମସ୍ତଙ୍କର ଲକ୍ଷ୍ୟ । ଏ ନିମନ୍ତେ ନିୟମିତ ଶିକ୍ଷା ବ୍ୟବସ୍ଥା ମଧ୍ୟ ଥିଲା । ସାମନ୍ତବଂଶଜା କନ୍ୟା ଓ ନବ ବଧୂଗଣ ଏହି ବନ୍ଧ, ଛନ୍ଦ, କାନ୍ଥକାର୍ଯ୍ୟ, ଗୃହସୌର୍ଯ୍ୟାଙ୍କ, ବାକ୍ୟରେ ଚମତ୍କାରିତାର ପ୍ରୟୋଗ ପ୍ରଭୃତି ନିୟମିତ ରୂପେ ଶିକ୍ଷା କରୁଥିଲେ । ଏହି ଶବ୍ଦ ସାଧନା ଓ କଳାମୟ ଜୀବନ ଯାପନ ଆମ ଦେଶର ନୂଆ କଥା ନୁହେଁ, ତାହା ପରଂପରାରେ ପୁଷ୍ଟ । ବର୍ତ୍ତମାନ ଯୁଗରେ ଏହି ଧନ୍ଦା ପୂରଣର ବ୍ୟବସ୍ଥା ନାହିଁ, ଏହା ମଧ୍ୟ ନୁହେଁ । ମନର ଖିଆଲ ମେଣ୍ଟାଇବା, ବୁଦ୍ଧିର ତୀକ୍ଷ୍ଣତା ପ୍ରକାଶ କରିବା ଅଭିପ୍ରାୟରେ ଆଜି ମଧ୍ୟ ଶବ୍ଦସାଧନା ନାନାରୂପରେ ବ୍ୟବହୃତ । ଉପେନ୍ଦ୍ରଙ୍କ ଶବ୍ଦଗତ ଏହି ସାଧନା ସଂପର୍କରେ ବିଜୟଚନ୍ଦ୍ରଙ୍କ ମତ ଅନ୍ୟ ପରିଚ୍ଛେଦରେ ଆଲୋଚନା କରାଯିବ । ଉପେନ୍ଦ୍ର ସାହିତ୍ୟରେ ଯେଉଁ ଅପର ନିୟମ ଅନୁସୃତ ହୋଇଛି ସେ ସଂପର୍କରେ ଅନେକ ମତ ପୋଷଣ କରନ୍ତି ଯେ, ସଂସ୍କୃତତନ୍ତ୍ର, ସ୍ତୋତ୍ର, ଓ ମାତୃକାନ୍ୟାସ ପ୍ରଭୃତି ତନ୍ତ୍ରପୂଜାର ଯନ୍ତ୍ର ସ୍ଥାପନା ଏଥିରୁ ଉଦ୍ଭୂତ ।

# କାବ୍ୟଗୁଡ଼ିକର ନାମକରଣ

ବ୍ୟକ୍ତିତ୍ୱ ବୋଧରେ ନାମ ଅନେକ ପରିମାଣରେ ସାହାଯ୍ୟ କରିଥାଏ । ବିଷୟବସ୍ତୁ ଚରିତ୍ର ଓ ପ୍ରାକୃତିକ ପଦାର୍ଥର ନାମରୁ ପୂର୍ଣ୍ଣତଃ ପ୍ରତିଫଳିତ ନ ହେଲେ ମଧ୍ୟ କେତେକାଂଶରେ ଘଟିଥାଏ । ଅବଶ୍ୟ ମାନବ ଜଗତରେ ନାମକରଣ ସହିତ ଗୁଣ, ଶକ୍ତି, ଆକୃତି ଓ ବ୍ୟକ୍ତିତ୍ୱବୋଧର ଅସାମଞ୍ଜସ୍ୟ ଅଧିକ । କାରଣ ସେଠାରେ ନାମକରଣ ଏକ ଖେୟାଲ । ଚକ୍ଷୁହୀନ ବ୍ୟକ୍ତିଙ୍କୁ ପଦ୍ମଲୋଚନ, କୁତ୍ସିତ ରୂପଙ୍କୁ ରତିକାନ୍ତ କହିବା ମୂଳରେ କୌଣସି ଯୁକ୍ତି ବା ଗୁଣଗ୍ରାହୀ ବାସ୍ତବତା ନାହିଁ । ମାତ୍ର, ସାହିତ୍ୟରାଜ୍ୟରେ ଏହାର ବ୍ୟତିକ୍ରମ ଅଛି । ଏଠାରେ କାବ୍ୟଗତ ବିଷୟବସ୍ତୁ, ରସ, ଗୁଣ ଓ ପ୍ରକାଶିତ ଭାବଧାରାର ଅନୁରୂପ ନାମର ପ୍ରୟୋଜନୀୟତା ରହିଥାଏ । ଅନେକ ସମୟରେ କାବ୍ୟର ରଚନାଗତ ଆକୃତି ଶବ୍ଦ, ଅକ୍ଷର ପ୍ରଭୃତି ଯୋଗୁ ନାମକରଣ କରାଯାଏ । ସୁତରାଂ କାବ୍ୟ କବିତାର ନାମ ନିରୂପଣରେ ସ୍ରଷ୍ଟାଙ୍କର ଶିଳ୍ପଶକ୍ତିର ପ୍ରାଚୁର୍ଯ୍ୟ ଏବଂ ସଂଗତିହିଁ ବଡ଼ କଥା । ଏହି ଦୃଷ୍ଟିରୁ କବି ଓ ଲେଖକମାନେ ନିଜ କୃତିର ସମସ୍ତ ବିଷୟ, ଭାବ ଓ ରସର ଉପଯୋଗୀ ନାମ ଦେବାରେ ସତର୍କତା ଅବଲମ୍ବନ କରିଥାନ୍ତି । ଦ୍ୱିତୀୟତଃ କାବ୍ୟଗତ ଚରିତ୍ର ନାୟକ ନାୟିକାମାନଙ୍କର ନାମାନୁସାରେ ମଧ୍ୟ କାବ୍ୟ, ମହାକାବ୍ୟ-ଗୁଡ଼ିକ ନାମିତ ହୋଇଥାଏ ।

ମହାକାବ୍ୟରେ ପ୍ରଧାନ ଚରିତ୍ରକୁ କାବ୍ୟର ନାମ ସାଧାରଣତଃ ଅନୁସରଣ କରିଥାଏ । ସାହିତ୍ୟର ମଧ୍ୟ ଯୁଗରେ ଯେତେବେଳେ କାବ୍ୟ କାନ୍ତାସମ୍ମିତ ରୂପେ ସ୍ୱୀକୃତ—ସେତେବେଳେ

କବିମାନେ ନାଟକ ଓ କାବ୍ୟଗୁଡ଼ିକର ନାମ ସାଧାରଣତଃ ନାୟିକାଙ୍କ ନାମାନୁସାରେ ନିରୂପଣ କରୁଥିଲେ । 'କାଦମ୍ବରୀ', 'ଶକୁନ୍ତଳା' ପ୍ରଭୃତି ଏହି ଶ୍ରେଣୀର ରଚନା । କେବଳ ଉପେନ୍ଦ୍ର ନୁହଁନ୍ତି କାବ୍ୟଯୁଗର ସମସ୍ତ କବି ସଂସ୍କୃତ ସାହିତ୍ୟର ଏହି ପରଂପରା ଅନୁସରଣ କରିଥିଲେ । 'ମଦନ ମଞ୍ଜରୀ', 'ଅନଙ୍ଗ-ରେଖା', 'ହାସ୍ୟବତୀ', 'ଉଷାଭିଳାଷ', 'ସର୍ବାଙ୍ଗ ସୁନ୍ଦରୀ', 'ଶଶୀରେଖା', 'ଚନ୍ଦ୍ରକଳା' ପ୍ରଭୃତି ସମସ୍ତ କାବ୍ୟର ନାମକରଣ ଏ ପ୍ରସଙ୍ଗରେ ଉଲ୍ଲେଖଯୋଗ୍ୟ । 'କାନ୍ତା ସମ୍ମିତ' କାବ୍ୟରେ ନାୟିକାର ଗୁରୁତ୍ୱ ଯୋଗୁଁ କବିମାନେ ଏପରି କରିଥିଲେ । ନାୟିକା ଓ କାବ୍ୟସୁନ୍ଦରୀ ଯେ ଏକ ଓ ଅଭିନ୍ନ, ଏ କଥା ମଧ୍ୟ ସେମାନେ କଳ୍ପନା କରିଥିଲେ । କବି ଲୋକନାଥ ବିଦ୍ୟାଧରଙ୍କ ଉକ୍ତିରୁ ନାୟିକାର ଗୁରୁତ୍ୱ ସୁସ୍ପଷ୍ଟ । ସେ କହିଛନ୍ତି—

"କାବ୍ୟରେ ନାୟିକା ଯିନା ପ୍ରଧାନ
ଏଣୁ ତା ଯୋଗେ ସବୁ ରସମାନ ।"

ଆଲୋଚ୍ୟ କବି ଏହି ଆଦର୍ଶରେ ଅନୁବର୍ତ୍ତୀ ହୋଇ ସ୍ୱୀୟ କାଳ୍ପନିକ ଓ କେତେକ ପୌରାଣିକ କାବ୍ୟର ନାମକରଣ କରିଥିଲେ । ସେଗୁଡ଼ିକ ମଧ୍ୟରେ ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ପ୍ରେମ ସୁଧାନିଧି ପ୍ରଭୃତି ପ୍ରଧାନ । କବି ସ୍ୱୀୟ ରଚନାର ନାୟିକା-ମାନଙ୍କ ଅନନ୍ୟ, ଅନୁପମ ସୌନ୍ଦର୍ଯ୍ୟଗୁଳିରୂପେ କାବ୍ୟ ମଧ୍ୟରେ ବର୍ଣ୍ଣନା କରି ମଧ୍ୟ ସନ୍ତୁଷ୍ଟ ହୋଇ ପାରି ନ ଥିଲେ ।

ତାଙ୍କ ଦୃଷ୍ଟିରେ ତାଙ୍କ କଳ୍ପିତ ନାୟିକା ପ୍ରେମର ସାଗର, ଲାବଣ୍ୟର ଆକର, କୋଟିବ୍ରହ୍ମାଣ୍ଡର ସାରସୁନ୍ଦରୀ । ଏହି ସୁନ୍ଦରୀ-ମାନେ ଯେ ସାଧାରଣ ସୌନ୍ଦର୍ଯ୍ୟଗୁଳି ଅପେକ୍ଷା ଅଧିକ ଶୋଭା ବ୍ୟଞ୍ଜିତ କରିବାରୁ କବି ନାୟିକାମାନଙ୍କୁ ଏପରି ନାମିତ କରିଛନ୍ତି ଏବଂ

ସେମାନଙ୍କ ନାମ ଜରିଆରେ କାବ୍ୟ ପ୍ରକାଶକୁ ଅଧିକ ଉତ୍କର୍ଷ ମନନ କରିଅଛନ୍ତି । ଅନ୍ୟ ପକ୍ଷରେ କୁହାଯାଇ ପାରେ, କବି କଳ୍ପନାରେ ତାଙ୍କ କାବ୍ୟନାୟିକା ପ୍ରେମର ସୁଧାନିଧି, ଲାବଣ୍ୟମୟୀ, ସାରା ସଂସାରରେ ସୁନ୍ଦରୀ ଆଉ ରସିକମାନଙ୍କର ହାର ସଦୃଶ । ଏଣୁ ପକ୍ଷରେ କାବ୍ୟବର୍ଣ୍ଣିତ ନାୟିକା, ଦ୍ୱିତୀୟରେ କାବ୍ୟ ନାୟକଙ୍କ ଉଭୟଙ୍କର ଗୁରୁତ୍ୱ ଓ ଉତ୍କର୍ଷ ପ୍ରତିପାଦନ ଲକ୍ଷ୍ୟରେ କବି ଔପନ୍ୟାସିକ କାବ୍ୟ ଗୁଡ଼ିକର ଏପରି ନାମକରଣ କରିଅଛନ୍ତି ।

'ବୈଦେହୀଶ ବିଳାସ'ରେ ରାମଚନ୍ଦ୍ରଙ୍କ ମହନୀୟ ଜୀବନର ଆଲେଖ୍ୟ ଦେବା ସଙ୍ଗେ ସଙ୍ଗେ କବି ସୀତା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଚରିତ୍ର ପ୍ରଦାନ କରିଛନ୍ତି ସତ୍ୟ, ମାତ୍ର ତାର ମହାକାବ୍ୟକୁ ଓ ରାମଚନ୍ଦ୍ରଙ୍କ ରାବଣବଧଜନିତ ବିରାଟ ବ୍ୟକ୍ତିତ୍ୱ ଯେଣୁ ସେ କାବ୍ୟକୁ ରଘୁକୁଳମଣି ରାମଙ୍କ ନାମରେ ନାମିତ କରିଅଛନ୍ତି । ତଥାପି ତହିଁରେ ମଧ୍ୟ ରାମଚନ୍ଦ୍ର ଅନ୍ୟ କେହି ନୁହନ୍ତି ସେ ହେଉଛନ୍ତି ବୈଦେହୀଙ୍କର ଈଶ । ବୈଦେହୀ ଭଳି ନାରୀରତ୍ନଙ୍କର ଯେ ନାୟକ, ଜଗତରେ ହୁଏତ ତାଙ୍କଠାରୁ ଅଧିକ ଭାଗ୍ୟବାନ କେହି ନ ଥିବେ । ନାମକରଣ ମଧ୍ୟରେ ଏହି ଅର୍ଥ ସୁନ୍ଦର ଭାବରେ ବ୍ୟଞ୍ଜିତ । କବି ହୁଏତ ରାମଚନ୍ଦ୍ରଙ୍କ ଅନ୍ୟ ଅନେକ ନାମରୁ ଗୋଟିଏ ବାଛି ଥାନ୍ତେ । କିନ୍ତୁ ତଦ୍ଦ୍ୱାରା ତାଙ୍କ ଉଦ୍ଦେଶ୍ୟ ପୂରଣ ହୋଇ ନ ଥାନ୍ତା । କାରଣ, ରାମ ବୈଦେହୀଶ ହେଲେ ମଧ୍ୟ ଉକ୍ତ ନାମରେ ସାଧାରଣତଃ ପରିଚିତ ନୁହନ୍ତି । ତାହା ତାଙ୍କର ସାହିତ୍ୟିକ ଓ କବିତ୍ୱ ଅର୍ଥଜ୍ଞାପକ ନାମ ।

ନାମକରଣରେ ଅନ୍ୟତମ ଧାରା ହେଉଛି, ରଚନାଭଙ୍ଗୀର ଆରମ୍ଭ କରିବାରେ । ଓଡ଼ିଆ ସାହିତ୍ୟର ପ୍ରଥମ ବିକାଶରୁ ରଚନାରେ ଅକ୍ଷର ନିୟମର ମୂଲ୍ୟ ସ୍ୱୀକୃତ । କବିମାନେ ଅକ୍ଷର ନିୟମରେ

ବୈଶିଷ୍ଟ୍ୟ ଦେଖାଇବା ଉପଲକ୍ଷେ 'ଳ' ଠାରୁ 'କ୍ଷ' ଓ 'କ୍ଷ' ଠାରୁ 'ଳ' ଏହିପରି କ୍ରମରେ ଚଉତିଶା, ଭଜନ ପ୍ରଭୃତି ରଚନା କରିଥିଲେ । କାବ୍ୟ ଯୁଗରେ ଏହି ପ୍ରବୃତ୍ତି ଓ ପ୍ରଚେଷ୍ଟା ଅଧିକ ସମ୍ମାନ ଲାଭ କରିଥିଲା । କବିମାନେ କବିତା ସୁନ୍ଦରୀଙ୍କର ଅଙ୍ଗ-ଦେଶକୁ ମଣ୍ଡନ ଓ ରହସ୍ୟମୟ କରିବାରେ ତତ୍ପର ଥିଲେ । ନାନା ଅଲଙ୍କାର, ବନ୍ଧ ଏପରିକି ଅକ୍ଷର ପ୍ରୟୋଗରେ ବୈଶିଷ୍ଟ୍ୟ ସୃଷ୍ଟି କଲେ । ପରିଣାମରେ ଏ ସାଧନା ଏତେ ପ୍ରଖର ଓ ଉତ୍କଟ ହୋଇ ପଡ଼ିଲା ଯେ, କବିମାନେ ଏକ ଅକ୍ଷରକୁ ଏକ ଏକ ବିରାଟ ଗ୍ରନ୍ଥର ସମସ୍ତ ପଦ ଓ ଚରଣର ମୂଳ ଅକ୍ଷର ରୂପେ ବ୍ୟବହାର କଲେ, ଏବଂ ସେହି ଅକ୍ଷରକୁ କାବ୍ୟ ନାମର ପ୍ରଥମରେ ସ୍ଥାପନ କଲେ । ପ୍ରସଙ୍ଗ ଅନୁରୋଧରେ ରସକଲ୍ଲୋଳର ନାମକରଣ ନେଇ ଯେଉଁ କିମ୍ବଦନ୍ତୀ ଅଛି ତାହା ଉଲ୍ଲେଖ କଲି । କଥିତ ଅଛି, ରସକଲ୍ଲୋଳ ରଚନାର ସମାପ୍ତିରେ କବି ଦୀନକୃଷ୍ଣ ତାହାର ସ୍ୱରୂପ ନିର୍ଣ୍ଣୟରେ ଉପେନ୍ଦ୍ରଙ୍କୁ ଜିଜ୍ଞାସା କରିବାରୁ ଅଳଂକାରିକ କବି କାବ୍ୟର ରସାଳତା, ବର୍ଣ୍ଣନାବୈଭବ ସ୍ୱୀକାର କରିବା ସଙ୍ଗେ ସଙ୍ଗେ ନାମକରଣ ନେଇ କବି ତାତ୍ସଲ୍ୟବ୍ୟଞ୍ଜକ ମତ ପ୍ରକାଶ କରିଥିଲେ । 'ରସକଲ୍ଲୋଳର' ଆମୂଳଚୂଳ ଆଦ୍ୟ ଅକ୍ଷର 'କ', ଏବଂ ପ୍ରଥମ ଛାନ୍ଦର ଉଭୟ ପ୍ରାରମ୍ଭ ଓ ଶେଷ ଅକ୍ଷର 'କ' କିନ୍ତୁ ଏହି 'କ' ଅକ୍ଷରର ଅଖଣ୍ଡ ବ୍ୟବହାର ସତ୍ତ୍ୱେ କବି ଯେ କାହିଁକି 'କ' ଅକ୍ଷରରେ ନାମକରଣ ନ କଲେ ଉପେନ୍ଦ୍ର ଏହାହିଁ କହିଥିଲେ । ଅନ୍ୟକୁ ଏ ଦିଗରୁ ଆକ୍ଷେପ କରି ଉପେନ୍ଦ୍ର 'କ' ଅକ୍ଷର ନିୟମରେ ଚୋପଦୀଭୂଷଣ ସମ୍ବଳିତ 'କଳାକଉତୁକ' ରଚନା କଲେ । 'ସୁଭଦ୍ରା ପରିଣୟ'ରେ ଏବଂ 'ବୈଦେହୀଶ ବିଳାସ'ରେ 'ସ' ଓ 'ବ'ର ଯେଉଁ ବ୍ୟବହାର, ତାହା କିନ୍ତୁ 'କଳାକଉତୁକ' ର 'କ'ଭଳି ଶୃଙ୍ଖଳିତ ଓ

ଅସୁନ୍ଦର ନୁହେଁ । ଯାହା ହେଉ, କବି ଏକ ଏକ ଅକ୍ଷରରେ ସମଗ୍ର କାବ୍ୟମାନ ରଚନା କରି କାବ୍ୟଗୁଡ଼ିକର ନାମକରଣରେ ମଧ୍ୟ ତହିଁର ଗୁରୁତ୍ୱ ଆରୋପ କରିଥିଲେ । ଉତ୍କଳ ସାହିତ୍ୟରେ ଏ ପ୍ରଚେଷ୍ଟା 'ଶ୍ୟାମରାସୋତ୍ସବ' ପର୍ଯ୍ୟନ୍ତ ଗତି କରିଛି । 'କୁଞ୍ଜବିହାର' 'ଅମ୍ବିକା ବିଳାସ', 'ସୀତେଶ ବିଳାସ' ପ୍ରଭୃତିରେ ମଧ୍ୟ ଏ ପଦ୍ଧତି ଅନୁସୃତ । ସ୍ଥୂଳତଃ କାବ୍ୟଗୁଡ଼ିକର ନାମକରଣରେ କବି କାବ୍ୟ ଯୁଗର ପ୍ରଭାବ ଓ ଶବ୍ଦଗତ ପ୍ରୟୋଗକୁ ଅନୁସରଣ କରିଥିଲେ ।

---

## ଅଶ୍ଳୀଳତା

ଉତ୍କଳର ଶ୍ରେଷ୍ଠ ଛନ୍ଦପଣ୍ଡିତ ଓ କବି ଉପେନ୍ଦ୍ରଙ୍କ ରଚନାବଳୀ ବିରୁଦ୍ଧରେ ଯେତେ ଗୁଡ଼ିଏ ଦୋଷର ଆରୋପ କରାଯାଏ, ଅଶ୍ଳୀଳତା ତନ୍ମଧ୍ୟରେ ଅନ୍ୟତମ । ଏହି ଅଶ୍ଳୀଳତା ଦେଖି ଗତ କେତେ ବର୍ଷଧରି ଉତ୍କଳ ସାହିତ୍ୟର ସମାଲୋଚକମାନେ ଭିନ୍ନ ଭିନ୍ନ ପ୍ରକାର ମତ-ବ୍ୟକ୍ତ କରିବାରେ ବ୍ୟସ୍ତ । ଉପେନ୍ଦ୍ରଙ୍କ ସାହିତ୍ୟ ସାଧନାରେ ଏହି ପ୍ରମାଦ ଯେ ତାଙ୍କ କାବ୍ୟ କଳାଗତ ଆଦର୍ଶକୁ ଖର୍ବ କରିଛି, ଏ କଥା ସ୍ୱୀକାର କରିବା ପୂର୍ବରୁ କେତେକ ବିଶିଷ୍ଟ ସମାଲୋଚକଙ୍କ ମତ ସହିତ ଯୁଗରୁଚି ଓ ଆନୁସଙ୍ଗିକ ପରିସ୍ଥିତିର ଆଲୋଚନା ହେବା ଉଚିତ୍ । କବି ଯେଉଁ ଯୁଗର ବ୍ୟକ୍ତି ଯେଉଁ ପରମ୍ପରାରେ ଅନୁପ୍ରାଣିତ, ତାହାର ସ୍ୱରୂପ ଜାଣି ବିଚାର ନକରି ଗତାନୁଗତିକ ନ୍ୟାୟରେ ତାଙ୍କୁ ଏହି ପ୍ରମାଦରେ ଅଭିଯୁକ୍ତ କରିବା ଅନୁଚିତ୍ ।

ଉପେନ୍ଦ୍ର ସ୍ୱୀୟ ସାହିତ୍ୟ ସାଧନାରେ ମୁଖ୍ୟତଃ ସଂସ୍କୃତ ସାହିତ୍ୟର ଅନୁସରଣ କରିଥିଲେ । ଯୁଗ ଥିଲା ସେତେବେଳେ

ଭାରତର ଏହି ବ୍ୟାପକ ସଂସ୍କୃତ ସାହିତ୍ୟ ଯୌନଚର୍ଚ୍ଚା ଓ ଶୃଙ୍ଗାର ସମୀକ୍ଷାକୁ ସାହିତ୍ୟରେ ସ୍ଥାନ ଦେଇଥିଲା । ଏପରିକି କବିଙ୍କର କାବ୍ୟାଦର୍ଶ 'ଶୃଙ୍ଗାରୀଚେତ୍ କବି' 'କାବ୍ୟେଜାତଂ ରସମୟଂ ଜଗତ୍' ରୂପେ ଉଦ୍‌ଘୋଷିତ ହୋଇଥିଲା । ମନୁଷ୍ୟର ଆଦିରସ ଶୃଙ୍ଗାର ଏବଂ ସଭ୍ୟତାର ପ୍ରଥମ ବିକାଶରେ ଏହାହିଁ ଥିଲା ଉତ୍କର୍ଷତାବ୍ୟଞ୍ଜକ ଭାବ । ବାସ୍ତବରେ ସାମାଜିକ ଜୀବନର ପ୍ରସାରରେ ଓ ସୁସ୍ଥତା-ବୋଧରେ ଶୃଙ୍ଗାର ଓ ଯୌନଚର୍ଚ୍ଚା ଦେଶକାଳ ଅତିକ୍ରମ କରେ । ଏହା ମନୁଷ୍ୟର ସହଜାତ ପ୍ରବୃତ୍ତି ।

ନାରୀ ଓ ତାର ଯୌନ ସମ୍ଭୋଗ ଯେମିତି ମନୁଷ୍ୟ ଯୁଗଯୁଗ ହେଉ କରି ଚାଲି କରିଛି । ତେଣୁ ଏହି ଯୌନଚର୍ଚ୍ଚା ଯେ କେବଳ କବିତାରେ ସମାଜର ପ୍ରତିକୂଳ, ଏକଥା କହି ହେବ ନାହିଁ ।

କାବ୍ୟଯୁଗର କବିମାନେ ଏହି ଆଦର୍ଶର ଅନୁସାରୀ ହୋଇ ବର୍ଣ୍ଣନାବୈଚିତ୍ର୍ୟ ମଧ୍ୟରେ ନାରୀ ଓ ତାର ଅଙ୍ଗ ସୌଷ୍ଠବ ସହିତ ଯୌନଭୋଗକୁ ପ୍ରକାଶ କରିଛନ୍ତି । କାଳିଦାସ, ଶ୍ରୀହର୍ଷ, ଭବଭୂତି ପ୍ରଭୃତି କବିମାନେ ଏହି ବର୍ଣ୍ଣନା ପ୍ରସଙ୍ଗରେ ସୀମାଲଂଘନ କରିଛନ୍ତି । ନୈଷଧକାର ନାରୀର ସ୍ତ୍ରୀ ଅଙ୍ଗବର୍ଣ୍ଣନା ଓ କାଳିଦାସ ଶିବ ପାର୍ବତୀଙ୍କ ଶୃଙ୍ଗାରବର୍ଣ୍ଣନାରେ ଯେଉଁ ପ୍ରାକୃତିକତା ଅବ-ଲମ୍ବନ କରିଛନ୍ତି, ତାହା ଅଜ୍ଞ ମଧ୍ୟ ପାଠକର ଯୌନ ଉତ୍ତେଜନାର କାରଣ ହୋଇପଡ଼େ । ଭାରତୀୟ କବିମାନଙ୍କ ଭଳି ଉତ୍କଳର ବୈଷ୍ଣବ କବିଗଣ ସ୍ୱୀୟ ରଚନା ମାଧ୍ୟମରେ ରାଧାକୃଷ୍ଣ ଓ ଗୋପୀମାନଙ୍କର ଶୃଙ୍ଗାର ବର୍ଣ୍ଣନାରେ ନାରୀ ଅଙ୍ଗଠାରୁ ଆରମ୍ଭ କରି ସାତ୍ତ୍ୱିକ ବିକାର ପର୍ଯ୍ୟନ୍ତ ଅବତାରଣା କରିଛନ୍ତି । ଜୟଦେବ କୃତ 'ଗୀତ ଗୋବିନ୍ଦ' ଦୀନକୃଷ୍ଣ ଦାସ କୃତ 'ଗୋପୀଭାଷା' ଓ 'ରସ-ପଞ୍ଚାଧ୍ୟାୟୀ' ଓ ଅନ୍ୟାନ୍ୟ ବୈଷ୍ଣବ ଗ୍ରନ୍ଥମାନଙ୍କରେ ପରକୀୟା ସହିତ

ସ୍ତନଷାସ୍ଥିତର ଯେଉଁ ଘନଘନ ବର୍ଣ୍ଣନା କରାଯାଇଛି ତାହା କାହାରିକି ଅବିଦିତ ନୁହେଁ । ବୈଷ୍ଣବ କବି ଓ ବୈଷ୍ଣବମାନେ ଏହି ବର୍ଣ୍ଣନାରେ ତ ଅଶ୍ଳୀଳତାର ଯେଉଁ ସୀମା ଲଂଘନ କରିଛନ୍ତି ତା ବ୍ୟତୀତ ରାଧାକୃଷ୍ଣଙ୍କ ନାମରେ ପ୍ରବଞ୍ଚନାପୂର୍ଣ୍ଣ ଯୌନ ସମ୍ଭୋଗର ବିକାଶ ଘଟାଇଛନ୍ତି । ଏ ସମ୍ପର୍କରେ ପଣ୍ଡିତ ନୀଳକଣ୍ଠଙ୍କ ସମ-ପରିଣାମ ଦ୍ରଷ୍ଟବ୍ୟ ।

ସାହିତ୍ୟରେ ଯୌନ ପରିଶୀଳନ ନେଇ ଏହି କ୍ଷୁଦ୍ର ଭୂମିକା ପରେ ଉପେନ୍ଦ୍ରଙ୍କ ସମ୍ପର୍କରେ ମତ ପ୍ରକାଶ କରିବା ପୂର୍ବରୁ କେତେକର ବିଭିନ୍ନ ସମାଲୋଚକମାନଙ୍କ ଯୁକ୍ତିର ସାର୍ଥକତା ଦେଖିବାକୁ ହେବ । ବିଜୟଚନ୍ଦ୍ର ମଜୁମଦାର Typical Selections from Oriya literature ରେ ଉପେନ୍ଦ୍ର ସାହିତ୍ୟର ଅଶ୍ଳୀଳତା ନେଇ କହିଛନ୍ତି, "କବି ପ୍ରେମ ନାମରେ ବିବସ୍ତ୍ରତାର ସୂତ୍ରପାତ କରିଛନ୍ତି ଏବଂ ତାଙ୍କ ରଚନା ଉଦ୍‌ବୋଧୀପକ, ଉତ୍ତେଜନାମୂଳକ ଯୌନ-ସମ୍ଭୋଗର ପରିପ୍ରଚୁର ।"

ସମାଲୋଚକ ବିଶ୍ୱନାଥ କର ସ୍ୱଲିଖିତ ବିବିଧ ପ୍ରବନ୍ଧର ଦୁଇଟି ପ୍ରବନ୍ଧରେ ଉପେନ୍ଦ୍ର ସାହିତ୍ୟର ସମୀକ୍ଷାବେଳେ ଏହି ଅଶ୍ଳୀଳତା ପ୍ରତି ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି । ତାଙ୍କ ମତରେ, ଜାନୁ ଟିର ଗୁହା ବର୍ଣ୍ଣନା ଏବଂ ଭାରତୀୟ ଅଙ୍ଗ ସଂସ୍କୃତିର ଆଦର୍ଶ ଚରିତ ରାମଚନ୍ଦ୍ରଙ୍କ ପ୍ରତି ଅତଶକ୍ତ କାମୋଦ୍ଦୀ-ପନାର ପ୍ରଲେପ ଅବାଞ୍ଛନୀୟ ଓ ସାମାଜିକ ଜୀବନର ପରିପନ୍ଥୀ ।

ଉପେନ୍ଦ୍ର ସାହିତ୍ୟରେ ଯୌନଚର୍ଯ୍ୟାକଳାର ସଫଳତାର ଉଚ୍ଚପ୍ରଶଂସା କଲେ ମଧ୍ୟ, ପଣ୍ଡିତ ନୀଳକଣ୍ଠ ସାହିତ୍ୟରେ ତାର ଉପଯୋଗିତା ନେଇ ସନ୍ଦେହ ପ୍ରକାଶ କରନ୍ତି । ସେ କହନ୍ତି, ଏହାପୁଣି ଯଦି କବିତାର ଶ୍ରେଷ୍ଠ ଉପାଦାନ ହୋଇ ଜାଣନ୍ତୁ

ସାହିତ୍ୟକୁ ମଣ୍ଡିତ କରେ, ତେବେ ଫୁଟିବ ଦୁର୍ଗନ୍ଧ-ଛଟତ ନୁହେଁ । ଆମ ସମାଜରେ ଭଞ୍ଜ କବିସମ୍ରାଟ ଏ ଦୁର୍ଗତିର କମ୍ ଶିକାର ହୋଇ ନାହାନ୍ତି । ପଣ୍ଡିତ ବିନାୟକ ମିଶ୍ରଙ୍କ ମତ ମଧ୍ୟ ଏ ସମ୍ପର୍କରେ ଉଲ୍ଲେଖଯୋଗ୍ୟ । ତାଙ୍କ ମତରେ ସଂସ୍କୃତରେ ମୟୂର କବିଙ୍କ ଭଳି ଓଡ଼ିଆରେ ଉପେନ୍ଦ୍ର ଅଶ୍ଳୀଳତା ବର୍ଣ୍ଣନା କରିଛନ୍ତି—"ଉପେନ୍ଦ୍ର ଭଞ୍ଜ ସୀମାତୀତ ଅଶ୍ଳୀଳତା ବର୍ଣ୍ଣନା କରିଛନ୍ତି; କିନ୍ତୁ ପ୍ରେମରେ ପବିତ୍ରତା ଦେଖାଇ ପାରି ନାହାନ୍ତି ।"

ଉପେନ୍ଦ୍ର ସାହିତ୍ୟସୁଲଭ ଅଶ୍ଳୀଳତା ବା ଯୌନ ବର୍ଣ୍ଣନାର ଉପାଦେୟତା ଓ ପ୍ରମାଦହୀନତା ଯେଉଁ ଯେଉଁ ମତସବୁ ଦେଖାଯାଏ, ସେଥିରୁ କେତୋଟି ମଧ୍ୟ ଉଦ୍ଧାର କରୁଛୁ ।

ଅଧ୍ୟାପକ ଅଭିବଲ୍ଲଭ ମହାନ୍ତି ଲାବଣ୍ୟବତୀ ମୁଖବନ୍ଧ ଓ ଭଞ୍ଜପ୍ରଭାରେ ଲେଖିଥିବା ପ୍ରବନ୍ଧରେ କହନ୍ତି ଯେ ଉପେନ୍ଦ୍ରଙ୍କ ଅଶ୍ଳୀଳତା ସଂସ୍କୃତ କବିମାନଙ୍କ ଅପେକ୍ଷା ଅଧିକ ନୁହେଁ । ସେ ଏ ପ୍ରସଙ୍ଗରେ ସଂସ୍କୃତ ଓ ଓଡ଼ିଆ ବୈଷ୍ଣବ କବିମାନଙ୍କ ପ୍ରସଙ୍ଗ ଉଲ୍ଲେଖ କରିବା ସଙ୍ଗେ ସଙ୍ଗେ ଯୁଗରୁଚି ଓ ସମାଜ ବନ୍ଧନରେ ଯୌନ କ୍ରିୟାର ସଂଯମ ମଧ୍ୟ ଉପଯୋଗିତା ଉଲ୍ଲେଖ କରିଛନ୍ତି ।

ସ୍ବର୍ଗତଃ ସାହିତ୍ୟ ଭୂଷଣ ଶଶିଭୂଷଣ ଏ ସମ୍ପର୍କରେ ଯୁଗ ଓ ଦେଶର ରୁଚି ଉଲ୍ଲେଖ କରିଛନ୍ତି । ଭଞ୍ଜପ୍ରଭାରେ ସ୍ତନ ଓ ଚୁମ୍ବନ ଦୁଇଟି ଶବ୍ଦ ଇଂଲଣ୍ଡ ଓ ଭାରତରେ କିପରି ଆପେକ୍ଷିକ ଅଶ୍ଳୀଳ ବୋଧ ଦର୍ଶାଇ କହିଛନ୍ତି ଏହା ମୂଳତଃ ଦେଶ ଭେଦରେ ବିବେଚ୍ୟ ।

ଏହା ବ୍ୟତୀତ ଅନେକ ଆଜି କାଲିର ସମୀକ୍ଷକ କହନ୍ତି, ଏହା ମନୁଷ୍ୟ ଜୀବନର ବାସ୍ତବତାକୁ ଲଙ୍ଘନ କରେ ନାହିଁ । କବି ଦେହକୁ ଜୀବନର ନିରାମିଷ ନୈବେଦ୍ୟ ନ କରି କେବଳ ଆମିଷରେ ପରିଣତ କରିଅଛନ୍ତି । ପୁଣି ବି କେହି କେହି କହନ୍ତି ବୈଷ୍ଣବ ଓ

ସବୁଜଯୁଗର କବିମାନଙ୍କ ନଗ୍ନ ଓ ଅର୍ଦ୍ଧସ୍ଫୁଟ ଲକ୍ଷଣାକ୍ରାନ୍ତ ଅଶ୍ଳୀଳତା ଅପେକ୍ଷା ଏହା ଅଧିକ ମାରାତ୍ମକ ନୁହେଁ ।

ଅଲ୍ଲେଚ୍ୟ ପ୍ରସଙ୍ଗରେ ଏହି ଉଭୟ ପ୍ରକାର ଭେଦଭେଦ ମତ ଉଦ୍ଧାର ପରେ ମୁଁ ଆଶାକରେ ଆଲୋଚନାର ପଥ ସୁଗମ ହେବ । ତେବେ ଅଶ୍ଳୀଳତା ନିଶ୍ଚୟ ଆପେକ୍ଷିକ ଶବ୍ଦ । ଏହା ଦେଶ, କାଳ ଓ ରୁଚିର ଅନତିକ୍ରମଣୀୟ ପ୍ରଭାବକୁ ସ୍ୱୀକାର କରେ । କିନ୍ତୁ କଥା ହେଉଛି ଓଡ଼ିଆ ସାହିତ୍ୟରେ ଉପେନ୍ଦ୍ରଙ୍କ ଉପରେ ଏ ଆକ୍ରମଣ କାହିଁକି ?

ପ୍ରଥମତଃ ମାନଦଣ୍ଡେନ କବି ନିଜର କାବ୍ୟମାନଙ୍କରେ ନାୟକ ନାୟିକାଙ୍କର ରତି ସମ୍ଭୋଗର ଯେଉଁ ଚିତ୍ର ଅଙ୍କନ କରିଅଛନ୍ତି, ତାହା ବର୍ଣ୍ଣନାତ୍ମକ, ବ୍ୟଞ୍ଜନାମୂଳକ ନୁହେଁ । ତାହାର ମାତ୍ରା ଅତ୍ୟଧିକ ଓ ଅଧିକ ଉତ୍ତେଜନା ପୂର୍ଣ୍ଣ । ସମାଜରେ ମନୁଷ୍ୟ ଜୀବନର ଉପଭୋଗ ଓ ଗଠନରେ ଏହି ନରନାରୀସଙ୍ଗମ ଅପରିହାର୍ଯ୍ୟ ହେଲେ ହେଁ ଏହାର ବର୍ଣ୍ଣନା ରୁଚି ଅନୁକୂଳ ହେବା ଉଚିତ୍ ଓ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ପ୍ରକାଶିତ ହେବା ଅଧିକ କଳାଜ୍ଞାନ ସୂଚକ । କୁମାରସମ୍ଭବ ଅଷ୍ଟମ ସର୍ଗର ପ୍ରାରମ୍ଭରେ ମହାକବି କାଳିଦାସ ଈଶ୍ୱର ପାର୍ବତୀଙ୍କର ଯେଉଁ ସମ୍ଭୋଗ ବର୍ଣ୍ଣନା କରିଛନ୍ତି ତହିଁରେ ନଖ କ୍ଷତ ଦନ୍ତାଘାତଠାରୁ ନୀବିମୋଚନର ଦୃଶ୍ୟ ପ୍ରକଟିତ ଥିଲେ ମଧ୍ୟ ତାହା ଉପେନ୍ଦ୍ରଙ୍କ ରଚନା ଭଳି ଏତେ ଭୟଙ୍କର ଭାବେ ପ୍ରସାରିତ (aggravative) ନୁହେଁ ।

ସଂସ୍କୃତ କବିଗଣ ନାରୀର ଗୋପନୀୟ ଅଙ୍ଗକୁ କାମ ଦେବଙ୍କ ଅର୍ଚ୍ଚନାର ପୀଠ ରୂପେ ଏପରିକି ନାରୀ ଅଙ୍ଗର ଲୋମକୂପ ପର୍ଯ୍ୟନ୍ତ ବର୍ଣ୍ଣନା କରିଛନ୍ତି । ମାତ୍ର ସେମାନେ ଏପରି ବର୍ଣ୍ଣନା କରିଥିଲେ ବୋଲି ଯେ ଉପେନ୍ଦ୍ରଙ୍କ ଦୋଷ ପ୍ରକ୍ଷାଳିତ ହୋଇଗଲା । ଏପରି

ଭାବିବା କେତେଦୂର ସଂଗତ ତାହା ପାଠକମାନେ ସ୍ଥିର କରିବେ ।

ସାମାଜିକ ଜୀବନରେ ଏହା ଏକ ପ୍ରୟୋଜନୀୟ ଅଂଶ । କିନ୍ତୁ ଏହା କଣ ଚରିତର ସର୍ବଶ୍ରେଷ୍ଠ ଆଧାର ? ସୁସ୍ଥଜୀବନ ନିର୍ବାହରେ ଏହାର ଅଳୀକତା ସ୍ୱୀକାର୍ଯ୍ୟ ନ ହେଲେହେଁ ଏହାର ଅତି ମାତ୍ର ବିଶ୍ଳେଷଣ ସମାଜର ବର୍ଯ୍ୟାଧିକାର୍ଯ୍ୟହୋଇ ଉଠେ । ଏ ପ୍ରସଙ୍ଗରେ ପଣ୍ଡିତ ନୀଳକଣ୍ଠ କହିଛନ୍ତି,

"ଆଦିରସ ବୋଲି ଯେଉଁ ରସ, ତା ସଂପର୍କରେ ଯେଉଁ ସୌନ୍ଦର୍ଯ୍ୟ, ସେ ସୌନ୍ଦର୍ଯ୍ୟ ନୁହେଁ, ତାକୁ ଧରି ଯେ କବିତା ତାହା କବିତା ନୁହେଁ, ତାକୁ ବଢ଼ାଇବାରେ ଯେଉଁ ସାହିତ୍ୟ ସେ ସାହିତ୍ୟ ନୁହେଁ—କାହିଁକିନା ମାନବ ସମାଜର ପ୍ରଗତିରେ ତାହା କାମ୍ୟ ନୁହେଁ । ତାହା ଘୋର ପ୍ରତ୍ୟବାୟ ।

ଅନ୍ୟ ପକ୍ଷରେ ମାନବ ବୃତ୍ତିର ଏହି ବୈଚିତ୍ର୍ୟମୟ ବିକାଶ ବା କଳାଗତ ବିକାଶ ଯାହା କହ ତାହାକୁ ଉପଯୁକ୍ତ ଭାବରେ ସାହିତ୍ୟରେ ବ୍ୟବହାର ନ କଲେ ତାହା ସାହିତ୍ୟକୁ ଗୌରବ ମୁକ୍ତ କରି ପକାଏ । କାରଣ ମନୁଷ୍ୟ ସ୍ୱଭାବତଃ ଇନ୍ଦ୍ରିୟପରାୟଣ-ଏହି କ୍ରିୟା ଭୋଗରେ ସ୍ୱାଚ୍ଛନ୍ଦ୍ୟ ପ୍ରମାଦ ସଂକୁଳ । ଏଥିରେ ଯେ କୌଣସି ମାନବ ପ୍ରାଣରୁ ସମାଜବନ୍ଧନ ବା ସାମାଜିକଭାବ ଛାଡ଼ିନେଇ ତାକୁ ଅତି ସହଜ ସ୍ୱାଦ୍ୟ ଇନ୍ଦ୍ରିୟ ସେବା ବା ତଥା କଥିତ ଆଦିରସ ଉପଭୋଗର ଦାଣ୍ଡରେ ପକାଇ ଦିଆଯାଏ ।"

ବାସ୍ତବରେ ଇନ୍ଦ୍ରିୟ ଭୋଗ ବାସନା ମନୁଷ୍ୟର ଏତେ ଉତ୍କଟ ଯେ ତାହା ସାମାନ୍ୟ ସୁଯୋଗ ଲଭି କଲେ ବୈପ୍ଳବିକ ରୂପ ଧାରଣ କରେ । ଉପେନ୍ଦ୍ର ସାହିତ୍ୟ ସଂପର୍କରେ ସମାଲୋଚକଙ୍କର ଏହି

ମନ୍ତବ୍ୟ ପ୍ରୟୋଗ କଲେ ଜଣାଯାଏ ଏଥିରେ କୌଣସି ଅତ୍ୟୁକ୍ତି ନାହିଁ । ଯୁଗ ଓ ରୁଚିର ପୂର୍ବାଗ୍ରହମାନଙ୍କ ଗତ, ଯାହା ବା କିଛି ଯୁକ୍ତି ଛଳରେ ଉପସ୍ଥାପନ କଲେ ମଧ୍ୟ ଏହା ସ୍ୱୀକାର୍ଯ୍ୟ ଯେ ଉତ୍କଳ ସାଧାରଣ ପାଠକ ଉପେନ୍ଦ୍ର ସାହିତ୍ୟର ସଙ୍ଗୀତମୟତା, ଯୌନ ଉତ୍ତେଜନା ମୂଳକ ବର୍ଣ୍ଣନା ଓ ରତିକ୍ରୀଡ଼ା ଦ୍ୱାରା ଅଧିକ ଆକର୍ଷିତ । ତେଣୁ ଯେଉଁମାନେ କହନ୍ତି ଉପେନ୍ଦ୍ରଙ୍କ ଅଶ୍ଳୀଳତା ପ୍ରାଚୀର ବେଷ୍ଟିତ, ଅନ୍ତଃପୁରରେ ଆବଦ୍ଧ, ଉପେନ୍ଦ୍ର କୃତ ନାୟିକା ପ୍ରେମର ତନ୍ମୟତାରେ ନିଜର ପ୍ରାଣୋପମ ନାୟକ ନିକଟରେ ଉଲଗ୍ନ, ସେମାନେ ଉପର୍ଯ୍ୟୁକ୍ତ ଯୁକ୍ତିର ଧାର ଧାରନ୍ତି ନାହିଁ ଏବଂ ଲଜ୍ଜା ସଂକୋଚର ସାଧାରଣ ସୀମାକୁ ମଧ୍ୟ ସ୍ୱୀକାର କରିବାକୁ କୁଣ୍ଠିତ ।

ଓଡ଼ିଆ ସାହିତ୍ୟର ଅନ୍ୟତମ ସମାଲୋଚକ ବିଜୟ ଚନ୍ଦ୍ର ଉପେନ୍ଦ୍ର ସାହିତ୍ୟର ଅଶ୍ଳୀଳତା ଘେନି ଯେଉଁ ମତ ପ୍ରକାଶ କରିଛନ୍ତି, ତାହାର ଯଥାର୍ଥତା ପ୍ରତି ପାଠକର ଦୃଷ୍ଟି ଯେତିକି ଆକୃଷ୍ଟ ନ ହୁଏ ତାଙ୍କର ସମାଲୋଚକ ଜଗବନ୍ଧୁଙ୍କ ଯୁକ୍ତି ପ୍ରତି ତତୋଽଧିକ ନଜର ପଡ଼େ । ମଜୁମ୍‌ଦାର ଉପେନ୍ଦ୍ରଙ୍କର ଏହି ଅଶ୍ଳୀଳ ବର୍ଣ୍ଣନାକୁ ଅଧିକେକିବା ଓ ଅଭଦ୍ର ରୂପେ ଗ୍ରହଣ କରିଛନ୍ତି । ମାତ୍ର ତାଙ୍କର ଏ ଧାରଣା ସାହିତ୍ୟିକ ପରଂପରାକୁ ଅନ୍ତତଃ ଲଙ୍ଘନ କରେ । ତଥାପି ମଜୁମ୍‌ଦାରଙ୍କର ଏହି ଆକ୍ରମଣକୁ ବିଦ୍ୱେଷପୂର୍ଣ୍ଣ ବୋଲି ଗ୍ରହଣ କରିବାରେ ସନ୍ଦେହ ଆସେ । କାରଣ ନରନାରୀର ଏହି ସମ୍ବନ୍ଧ ଓ ସାଧନା ସୃଜନାମୟ ଜଗତରେ ଅଧିକ ସୁନ୍ଦର ହୁଏ । ମାତ୍ର ଉପେନ୍ଦ୍ର କରିଛନ୍ତି କଣ ? ଶୃଙ୍ଗାର ସାଧନାର ସେ ଯେଉଁ ଚିତ୍ରଣୀ ଛାନ୍ଦ ଦେଇଛନ୍ତି ତାହା ଅନେକ ସ୍ଥଳରେ ରସାଭାସହିଁ ସୃଷ୍ଟି କରିଛି । ଯାହାହେଉ ଉତ୍କଳର ଜନୈକ ସାହିତ୍ୟସେବୀ ଜଗବନ୍ଧୁ

ଉପେନ୍ଦ୍ରଙ୍କର ଏ ପ୍ରକାର ବର୍ଣ୍ଣନା ଓ ବିଜୟଚନ୍ଦ୍ରଙ୍କ ସମ୍ବନ୍ଧରେ କି ପ୍ରକାର ମତ ପୋଷଣ କରିଛନ୍ତି ତାହା ଦେଖାଯାଉ ।

ଉପେନ୍ଦ୍ରଙ୍କ ସପକ୍ଷରେ ମତ ଦେବାକୁ ଯାଇ ସେ ଅନ୍ୟମାନଙ୍କ ଭଳି ଯୁଗରୁଚିର ଅବତାରଣା କରିଛନ୍ତି ଏବଂ ଏପରି ମତ ପୋଷଣ କରିବା ମୂଳରେ ଯେ ବିଦ୍ୱେଷ ଓ ଇଂରାଜୀ ଶିକ୍ଷା ସଭ୍ୟତା ଥିଲା ତାହା ପ୍ରକାଶ କରିଛନ୍ତି । ସାହିତ୍ୟ ସମାଲୋଚନା ଓ ଫଳରେ ଇଂରାଜୀମାନଙ୍କ ମତ ଅନୁସରଣ କରୁଥିବା ବ୍ୟକ୍ତିମାନଙ୍କୁ ଆକ୍ରମଣ କରି ସେ କହନ୍ତି ଯେ ଯଦି କୌଣସି ସାହେବ କାଲି କହେ ଯେ ଉପେନ୍ଦ୍ର ସାହିତ୍ୟ ଉଚ୍ଚକୋଟୀର ମୌଳିକ ଚିନ୍ତାବିହୀନ (ଅମ୍ଭେମାନେ) କାଲି ଉକ୍ତ ମତର ପ୍ରତିଧ୍ୱନି ଛଳରେ ଚିତ୍କାର କରିବୁ । ଏହି ଉକ୍ତିରେ ଅନେକାଂଶରେ ସତ୍ୟତ ଅଛି । ଆମର ଅପରକୁ ଅନୁସରଣ କରିବା ପ୍ରବୃତ୍ତି ଓ ଅପର ମତକୁ ନିଜମତ ରୂପେ ଖ୍ୟାପନ କରିବାର ଅଭ୍ୟାସ ଯେ ପ୍ରମାଦପୂର୍ଣ୍ଣ ଏ ଘେନି ଜଗବନ୍ଧୁଙ୍କ ସହ ଅନ୍ୟମତ ହେବାର ଯୁକ୍ତି ନାହିଁ ।

କବିଙ୍କର ଅଶ୍ଳୀଳତା ଘେନି ସେ ସମସ୍ତଙ୍କ ଭଳି ସଂସ୍କୃତ ଓ ବୈଷ୍ଣବ ସାହିତ୍ୟର ଅବତାରଣା ସଙ୍ଗେ ସଙ୍ଗେ କହନ୍ତି ଯେ ଇଂରାଜୀ ସାହିତ୍ୟରେ ମଧ୍ୟ ଏଭଳି ଚିତ୍ର ଅଛି । ଲଣ୍ଡନର 'ଗୁପ୍ତ ରହସ୍ୟ' ପ୍ରସଙ୍ଗ ଉଦ୍ଧାର କରି ଉପେନ୍ଦ୍ରଙ୍କ ସାହିତ୍ୟ ସମ୍ବନ୍ଧରେ ସେ ଯାହା କହିଛନ୍ତି ତାହା ଯଥାର୍ଥ ହେଲେହେଁ ତାଙ୍କ [illegible] ଅଭିକଥନ ସମାଲୋଚନାର ଶାଳୀନତାକୁ ଅତିକ୍ରମ କରିଛି ଏବଂ ସମାଲୋଚକ କୌଣସି ସୁଚିନ୍ତିତ ମତ ପ୍ରକାଶ କରିବା ଅପେକ୍ଷା ଅନ୍ୟକୁ ଆକ୍ରମଣ କରିବାରେ ବ୍ୟସ୍ତ ରହିଅଛନ୍ତି । ବିଜୟଚନ୍ଦ୍ର ବିଦେଶୀ ହୋଇଥିବାରୁ ଓ ଉପେନ୍ଦ୍ର ସାହିତ୍ୟ ସମ୍ବନ୍ଧରେ ସମ୍ୟକ୍ ଅଭିଜ୍ଞ ନ ହୋଇ ଥିବାରୁ ତାଙ୍କର ମତ ଯେ ନିରପେକ୍ଷ ନୁହେଁ ଏହା

କହିବା ସୁନ୍ଦର ହୋଇପାରେ; ମାତ୍ର ବିଜୟ ଚନ୍ଦ୍ରଙ୍କ ଅପେକ୍ଷା ଅଧିକ ଭଞ୍ଜସାହିତ୍ୟ ଅଭିଜ୍ଞ ଉତ୍କଳୀୟ ବିଶିଷ୍ଟ ସମାଲୋଚକମାନଙ୍କ ସେ କି ଉତ୍ତର ଦେଇ ଥାଆନ୍ତେ ବା ପକ୍ଷପାତିତା ଦୋଷ କିପରି ଆରୋପ କରିପାରି ଥାଆନ୍ତେ ?

ସ୍ଥୂଳତଃ ସୀମା ଲଙ୍ଘନହିଁ ଏ ଆଲୋଚନାକୁ ଅଗ୍ରଗାମୀ କରିଛି ଏବଂ ଜଗବନ୍ଧୁ ବାବୁ ମଧ୍ୟ ଶେଷେ ନିମ୍ନକ୍ରମେ ଏହା ସ୍ୱୀକାର କରିଛନ୍ତି । "ଅଦିରସ ଦୃଶ୍ୟରସ ନୁହେଁ, ଅଦିରସ ତ ଆଦିରସ, ଆଦିରସ ବିନା ମାନବର ଜନ୍ମ ଅସମ୍ଭବ × × × × କଥା ସତ; କିନ୍ତୁ ତାକୁ ବର୍ଣ୍ଣନା କରିବାର ସୀମା ଅଛି । କେହି ସୀମା ମଧ୍ୟରେ ରହନ୍ତି, କେହି ବା ସୀମା ଲଙ୍ଘନ କରନ୍ତି, ସୀମା ମଧ୍ୟରେ ରହିଲେ ଶ୍ଳୀଳ, ସୀମା ଲଙ୍ଘନ କଲେ ଅଶ୍ଳୀଳତା ଦୋଷରେ ଦୂଷିତ ହୁଏ । ( ପୃଷ୍ଠା ୧୫୧ ) ( ପ୍ରାଚୀନ ଉତ୍କଳ )

ଶେଷ କଥା ହେଉଛି, କବି ପରମ୍ପରାର ଅନୁରୋଧରେ ଏପରି କରିଛନ୍ତି ଓ ସଂସ୍କୃତ, ବୈଷ୍ଣବ କବିମାନଙ୍କ ତୁଳନାରେ ଅଧିକ କିଛି କରିନାହାନ୍ତି । ଯୁଗରୁଚି ଯାହାକୁ ସମର୍ଥନ କରିଛି ତାହା ଅନନ୍ତକମନୀୟ । ତେବେ ଯଦି ଶୃଙ୍ଗାର ଓ ସୌନ୍ଦର୍ଯ୍ୟ ସବୁଯୁଗର ଓ ମନୁଷ୍ୟ ହୃଦୟର ଶାଶ୍ୱତଭାବ ତାର ସାଂସାରିକ କର୍ମ ପ୍ରବାହରେ ଅବିଚ୍ଛେଦ୍ୟ ତେବେ ଏ ବର୍ଣ୍ଣନାକୁ ଅଶ୍ଳୀଳ ବୋଲି କହିବାର କାରଣ କଣ ?

ଆଜି ଯୁଗରେ ମଧ୍ୟ ସାହିତ୍ୟରେ ଅଶ୍ଳୀଳତା ପ୍ରକଟିତ । କେବଳ ସାହିତ୍ୟ କାହିଁକି ଚଳଚିତ୍ର ଜଗତରେ ଏହାର ଆଜି ଯେଉଁ ରୂପ ଦେଖାଯାଏ ତାହା ଉପେନ୍ଦ୍ରଙ୍କ ଅଶ୍ଳୀଳତା ତୁଳନାରେ କମ୍ ନୁହେଁ । ଚଳଚିତ୍ର ମହଲରେ ନାରୀର ଅଙ୍ଗବିନ୍ୟାସ, ବେଶ ଭୂଷଣ ଓ ଭଙ୍ଗୀ ମଧ୍ୟରେ ନଗ୍ନତାକୁ ପ୍ରଶ୍ରୟ ଦେବାକୁ

ଯେଉଁ ଚିତ୍ରର ଆୟୋଜନ ରହିଛି, ତାହା ତାହାଙ୍କ ଅଜ୍ଞାତ ନୁହେଁ । ତେବେ ତାହା ଯେ ସମାଜର ଅକଲ୍ୟାଣକର ଓ ସୁସ୍ଥ ଜୀବନବୋଧର ଅନ୍ୟତମ ଅନ୍ତରାୟ ଏଥିରେ ସନ୍ଦେହ ନ ଥିବା ସତ୍ତ୍ୱେ ତାହା ଲୋକ ରୁଚିକୁ କେତେକାଂଶରେ ଅନୁପ୍ରାଣିତ କରୁଛି । ସୁତରାଂ ସ୍ୱାଭାବିକ ଭାବବାହିତ୍ୱର ପ୍ରକାଶନ ଓ ପରିମାଣ ଯେତି ଏହା କେତେଦୂର ଅସଙ୍ଗତ, ଅଶ୍ଳୀଳ ଓ ସାମାଜିକ ପ୍ରଗତିର ପରିପନ୍ଥୀ, ତାହା ନିର୍ଣ୍ଣୟ କରିବାକୁ ପଡ଼ିବ । ତେବେ ଯୁଗ ସାହିତ୍ୟର ଅନ୍ୟାନ୍ୟ ବିଭବ, ବିଭାବ ଓ ସମସ୍ୟାର ବ୍ୟାପକତା ଯେପରି ଏହି ଅଦଭାବର କୈତବ ଓ ପ୍ରମାଦ ପୂର୍ଣ୍ଣ ପ୍ରକାଶ ଯେ ମୁଣ୍ଡଟେକି ପାରୁ ନାହିଁ ଏହା ନିଃସନ୍ଦେହ । ମାତ୍ର ଉପେନ୍ଦ୍ର ସାହିତ୍ୟରେ ଶୃଙ୍ଗାରେତର ଭାବର ଏକାନ୍ତ ଅଭାବ ଓ ଜୀବନର ଅନ୍ୟପାଖ ଦେଖିବାର ଯେଉଁ ଘୋର ଅବହେଳା, ତାହାହିଁ ତାଙ୍କ ଶୃଙ୍ଗାରବର୍ଣ୍ଣନାକୁ ଅଧିକ ଉତ୍କଟରୂପ ଦେବାରେ ସାହାଯ୍ୟ କରିଛି । ବୈଷ୍ଣବକବି ରଚିତ ଗୋପଲୀଳାର ସମସ୍ତ ଘଟଣା ଓ ପ୍ରସଙ୍ଗ ମଧ୍ୟରେ ଏହି ତରଳ ଯୌନ କ୍ରିୟାର ଘନ ଘନ ଉଚ୍ଛ୍ୱାସ ଏତେ ପ୍ରଖର ହେଲେ ମଧ୍ୟ ଏକମୁଖୀ ନୁହେଁ । ଅଧିକରେ କାଳିଦାସ ଓ ନୈଷଧକାର ପ୍ରଭୃତି ସଂସ୍କୃତ କବିମାନଙ୍କର ପ୍ରକୃତି ଚିତ୍ରଣ ଓ ମାନବିକତା ପ୍ରକାଶନ ପ୍ରଭୃତି ଛନ୍ଦର ସୌକୁମାର୍ଯ୍ୟ ବର୍ଣ୍ଣନା ମଧ୍ୟରେ ଏହି ଅଶ୍ଳୀଳତା ଲୁପ୍ତ ପ୍ରାୟ ପ୍ରତୀତ ହୁଏ । ମାତ୍ର ଉପେନ୍ଦ୍ର ସାହିତ୍ୟରେ ଏହା ଦୁର୍ଲ୍ଲଭ । ତେଣୁ ଉପେନ୍ଦ୍ରଙ୍କର ବର୍ଣ୍ଣନା ଗତ ଅଶ୍ଳୀଳତା ଅପେକ୍ଷାକୃତ ଅଧିକ ଅନୁଭୂତ ହୁଏ । ତଥାପି ପରମ୍ପରା ଅନୁରୋଧରେ ଉପେନ୍ଦ୍ର ସାହିତ୍ୟର ଏହା ଏକ ଅକ୍ଷମଣୀୟ ଦୋଷ ନୁହେଁ ।

## ପରବର୍ତ୍ତୀ କବିମାନଙ୍କ ଉପରେ ପ୍ରଭାବ ଓ ପୂର୍ବବର୍ତ୍ତୀ କବିମାନଙ୍କଦ୍ୱାରା କପର ପ୍ରଭାବିତ—

କବିକୃତିର ଭାବ ଓ ବର୍ଣ୍ଣନାଗତ ଯାବତୀୟ ତ୍ରୁଟି ସତ୍ତ୍ୱେ ତାଙ୍କର ଅଖଣ୍ଡ ପ୍ରଭାବ ପରବର୍ତ୍ତୀ ଯୁଗର କବିମାନଙ୍କୁ ଉଦ୍‌ବୁଦ୍ଧ କରିଥିଲା । କାବ୍ୟ ଯୁଗର ଶ୍ରେଷ୍ଠ ରଚୟିତା ଭାବରେ ତାଙ୍କର ସାହିତ୍ୟିକ ଓ ରଚନା ପାଟବରେ ଯେଉଁ ବୈଚିତ୍ର୍ୟ ଓ ଶବ୍ଦ ପ୍ରୟୋଗ ମାଧୁର୍ଯ୍ୟ ପ୍ରଦର୍ଶିତ ଆଜିଯାଏ ପର୍ଯ୍ୟନ୍ତ ମଧ୍ୟ ତାହା ଅନୁକୃତ ହେବାର ବାସନା ଦେଖାଯାଏ । କବି ଥିଲେ ଉତ୍କଳ ସାହିତ୍ୟର ଶ୍ରେଷ୍ଠ ଶାବ୍ଦିକ, ପୌରାଣିକ ଏବଂ ବର୍ଣ୍ଣନା କରିବାରେ ତାଙ୍କର ଶକ୍ତିଥିଲା ଅଲୌକିକ । ଏହି ହେତୁ ପରକାଳର କବିଗଣ ସେଗୁଡ଼ିକ ଅନୁସରଣ କରି ଅନ୍ୟତମ ଉପେନ୍ଦ୍ର ଭଞ୍ଜରେ ପରିଣତ ହେବାକୁ ଚେଷ୍ଟାକରିଥିଲେ । ସାହିତ୍ୟ ଇତିହାସର ପୃଷ୍ଠା ଅବଲୋକନ କଲେ ଜଣାଯାଏ ଉପେନ୍ଦ୍ରଙ୍କପରେ ଓ ରାଧାନାଥଙ୍କ ପର୍ଯ୍ୟନ୍ତ ଯେତେ କାବ୍ୟ ସାହିତ୍ୟ ରଚିତ, ତହିଁରେ ଭଞ୍ଜୀୟ ପରମ୍ପରାର ଛାୟାପାତ ଭରପୂର । ଏହି ମଧ୍ୟବର୍ତ୍ତୀ କାଳ ପ୍ରାୟ ୧୦୦ ବର୍ଷ ମଧ୍ୟରେ ଯେପରି ଯୁଗାନ୍ତକାରୀ କବିଙ୍କର ଆବିର୍ଭାବ ଘଟି ନ ଥିଲା । ଅଭିମନ୍ୟୁ, ଯଦୁମଣି, ସଦାନନ୍ଦ, କବିସୂର୍ଯ୍ୟ, ଗୋପାଳକୃଷ୍ଣ, ଭକ୍ତଚରଣ ପ୍ରଭୃତି କବିଗଣ ଉପେନ୍ଦ୍ର ସାହିତ୍ୟର ପ୍ରଧାନ ଅନୁକାରୀ ହେଲେହେଁ ସେମାନେ କବିଙ୍କ ରଚନାର ଏକ ଏକ ବିଭାଗର ଅଧିକ ଅନୁସରଣ କରିଥିଲେ । ଉପେନ୍ଦ୍ର ସାହିତ୍ୟରେ ସଙ୍ଗୀତର ଯେଉଁ ଅଲୌକିକ ପ୍ରୟୋଜନୀୟତା ସ୍ୱୀକାର କରିଥିଲେ, ତାହା ସଙ୍ଗୀତ ସମ୍ରାଟ କବିସୂର୍ଯ୍ୟ ବଳଦେବ ରଥ ଓ କଳକଣ୍ଠ ଗୋପାଳକୃଷ୍ଣଙ୍କ ଦ୍ୱାରା ଅଧିକ ପରିସ୍ଫୁଟ ଓ ବ୍ୟଞ୍ଜିତ ହୋଇପଡ଼ିଲା । ଅବଶ୍ୟ "ରସକଳା" କାବ୍ୟରେ କବିସୂର୍ଯ୍ୟଙ୍କଠାରେ ଭଞ୍ଜୀୟ

ପ୍ରଭାବର ଛାୟାପାତ ଯଥେଷ୍ଟ । ଭକ୍ତ କବି ଅଭିମନ୍ୟୁ ଆଜି ଉତ୍କଳରେ ନିଜର ସାରଲ୍ୟ ଶୋଭିତ ଲଳିତ ରଚନା ଘେନି ସର୍ବଜନ ପରିଚିତ ।

ସାହିତ୍ୟରେ ତତ୍ତ୍ୱ କଥନ ଅଂଶ ପରିହାର କଲେ ଦେଖାଯାଏ "ରସକଲ୍ଲୋଳ"ର ସଙ୍ଗୀତମୟତା ଓ ଭଞ୍ଜୀୟ ଚାତୁର୍ଯ୍ୟର ସମନ୍ୱୟରେ ତାଙ୍କ ସାହିତ୍ୟ ଗଠିତ ହୋଇଥିଲା । ସେ ଏ ଦିଗରେ ଉପେନ୍ଦ୍ରଠାରେ କିପରି ଋଣୀ ଥିଲେ ତାହା ବିଦଗ୍ଧ ଚିନ୍ତାମଣିରେ ପ୍ରକାଶ କରି ଉପେନ୍ଦ୍ରଙ୍କୁ କବିଗୁରୁ ରୂପେ ଗ୍ରହଣ କରି ଅଛନ୍ତି । ଉପେନ୍ଦ୍ର କାବ୍ୟ ସାଧନା ପୀଠର ଅନ୍ୟତମ ଦାୟାଦ ହେଉଛନ୍ତି ଅଶ୍ରୁକବି ଯଦୁମଣି, ନିଜଶିକ୍ଷାର ସ୍ୱଳ୍ପତା ସତ୍ତ୍ୱେ ଉପେନ୍ଦ୍ର ରଚନାରେ ପ୍ରଭାବିତ ହୋଇ ସେ ଯେଉଁ "ରୁକ୍ମିଣୀ ପରିଣୟ" କାବ୍ୟ ସୃଷ୍ଟି କରିଛନ୍ତି ତାହା ଆଜି ମଧ୍ୟ ଉପେନ୍ଦ୍ର ସାହିତ୍ୟର ଏକମାତ୍ର ସମକକ୍ଷ ରୂପେ ବିବେଚିତ । ବର୍ଣ୍ଣନା, କଥାବସ୍ତୁ, ଯୋଜନା, ଅଳଙ୍କାର ଓ ଛନ୍ଦପ୍ରୟୋଗ ସମସ୍ତ ଦୃଷ୍ଟିରୁ "ପ୍ରବନ୍ଧପୂର୍ଣ୍ଣଚନ୍ଦ୍ର" କାବ୍ୟଯୁଗର ଏକ ନିଚ୍ଛକ ସୃଷ୍ଟି । ପାଲାକାରମାନେ ଆଜି ମଧ୍ୟ କାବ୍ୟଯୁଗର ସାହିତ୍ୟ ଆଲୋଚନା କାଳରେ "ପ୍ରବନ୍ଧପୂର୍ଣ୍ଣଚନ୍ଦ୍ର"ର ଅର୍ଥ କରିବାରେ ଅଧିକ ପ୍ରବୃତ୍ତ ହୁଅନ୍ତି । ଭଞ୍ଜୀୟ ଆଲଙ୍କାରିକ ରଚନା "ସୁଭଦ୍ରା ପରିଣୟ"ର ଅଧିକାଂଶ ବର୍ଣ୍ଣନାତ୍ମକ ଓ ଭାଷାଗତ ବିଶେଷତ୍ୱ ଏ କାବ୍ୟରେ ସୁସ୍ପଷ୍ଟଭାବରେ ଲକ୍ଷିତ । "ମଥୁରାମଙ୍ଗଳ" ରଚୟିତା ଭକ୍ତଚରଣ କେତେକ ଅଳଙ୍କାରିକ ପ୍ରୟୋଗ ଭିନ୍ନ ଭାଷା ଓ ଭାବ ଦୃଷ୍ଟିରୁ ଆଦୌ ପ୍ରଭାବିତ ନୁହନ୍ତି । ଯାହା ହେଉନା କାହିଁକି ଉପେନ୍ଦ୍ରଙ୍କର ଏହି କାବ୍ୟ ଜଗତରେ ପରମ୍ପରା ଓ ବର୍ଣ୍ଣନାଗତ ପ୍ରଭାବ ଊନବିଂଶ ଶତାବ୍ଦୀର ଦ୍ୱିତୀୟ ଭାଗର ସମାପ୍ତି ପର୍ଯ୍ୟନ୍ତ ଅଧିକ ବ୍ୟାପ୍ତଥିଲା । ମାତ୍ର ରାଧାନାଥଙ୍କ ସାହିତ୍ୟ ସୃଷ୍ଟିର ଆରମ୍ଭ ସଙ୍ଗେ ଏହି ପ୍ରଭାବ ଅନେକାଂଶରେ ଲୋପ ପାଇଗଲା । ତଥାପି ବ୍ୟକ୍ତିକ

ଦେବ ଓ ଲୁଚଲେଣି ରାଧାନାଥଙ୍କ ସମସାମୟିକ ଓ ପରବର୍ତ୍ତୀ କବିଗଣ ମଧ୍ୟ ଭଞ୍ଜୀୟ ରଚନାର ଅନୁକରଣ କରିଥିଲେ ।

ପରବର୍ତ୍ତୀ କବିମାନଙ୍କ ଉପରେ ଉପେନ୍ଦ୍ର ସାହିତ୍ୟର ଭାଷା ଓ ଭାବଗତ ପ୍ରଭାବ କିପରି ପଡ଼ିଥିଲା ନିମ୍ନରେ କେତୋଟି ମାତ୍ର ଉଦାହରଣ ମାଧ୍ୟମରେ ତାହା ଦର୍ଶାଇ ଦିଆଯାଉଛି । ଉପେନ୍ଦ୍ରଙ୍କ ରଚନାର ଅବିକଳ ଭାଷା ଓ ଭାବଗ୍ରହଣ କରିବାରେ ଅନ୍ୟମାନଙ୍କ ମଧ୍ୟରେ ଅଭିମନ୍ୟୁ ଓ ଯଦୁମଣି ଅଧିକ ପାରଙ୍ଗମ ଥିଲେ ।

ବିଦଗ୍ଧଚିନ୍ତାମଣିର ୩୦ଶ ଛାନ୍ଦ ଅନ୍ତର୍ଗତ ସ୍ୱପ୍ନ ବର୍ଣ୍ଣନା ଓ ଲାବଣ୍ୟବତୀର ୧୧ଶ ଛାନ୍ଦରେ ବର୍ଣ୍ଣିତ ଚନ୍ଦ୍ରଭାନୁ ଓ ଲାବଣ୍ୟବତୀର ସ୍ୱପ୍ନସଂକ୍ରାନ୍ତ ବର୍ଣ୍ଣନା ମଧ୍ୟରେ କିପରି ସାମ୍ୟ, ଛାୟାପାତ ଓ ପ୍ରଭାବ ଅଛି ତାହା ନିମ୍ନରେ ଦ୍ରଷ୍ଟବ୍ୟ ।

(୧) "ଅଣିମାଦି ସୁଖଦାୟୀ ଶୋଭୁଅଛି ଅଣିଆଁ ( ଲାବଣ୍ୟବତୀ )

"ବିଶ୍ୱଚିତ୍ତ ବଶ ପାଇଁ ପ୍ରୀତି ମୂର୍ତ୍ତୀମନ୍ତ ହୋଇ
ଅଣିମାଦି ଦେବ ଅଣିଆଇ ଶୋଭୁଛି" (ବିଦଗ୍ଧଚିନ୍ତାମଣି)

(୨) ପାନକଲ ପୂର୍ବଭୂଞ୍ଜେ ଫୁଟି ଦିଶୁଅଛି ଗଣ୍ଡେ
ମୁକୁରେ ଯଥା କୁସୁମ ପ୍ରତିବିମ୍ବ କି,
ଶ୍ୱାସବହନେ ଫୁଲେ ଘୋଣା ତହିଁ ଲୀଳା ନାକଚଣା
ଉଡ଼ିପ୍ରଲ୍ଲେ ତିଳଫୁଲକୁ ଭୃଙ୍ଗ ଚୁମ୍ବେ କି" (ଲାବଣ୍ୟବତୀ)

"ଶ୍ୱାସେ ପ୍ରଫୁଲ୍ଲିତ ଘୋଣା ଶୋଭେ ଲୀଳା ନାକଚଣା
ଓଷ୍ଠାଗ୍ରତଣି ଛାୟା ବିପରୀତ ପ୍ରତୀତ,
ଅରପାଟେ ଜାଲି ନଥ ଫାଳପାଣି କି ମନୁଆ
ଦୂର୍ବା ମୃଗ ଧରିବାକୁ କରୁଛି ଚିତ୍ତ
ଜାନକିବୋଲେ ଅଧର କେଯାତ ଫଗୁଣେଳ ଛାତ୍ରସୁଅ ଅରୁଣ ସ୍ୱତ"।
( ବିଦଗ୍ଧଚିନ୍ତାମଣି )

ଉଭୟକାବ୍ୟରେ ନାୟକ ନାୟିକାର ନିଦ୍ରାଭଙ୍ଗବର୍ଣ୍ଣନା ପ୍ରାୟସମାନ ।

"ଭଜୁ ନ ଭଜୁ ବାନ୍ଧବୀ ଆଉ ମୁଁ ନିଦ୍ରା ଭାଙ୍ଗିବି
ଜାନୁଥିବ ଦେଲ୍ଲ ହୁଲ୍ଲଇ,
ଘୂସ୍ତର ଲଟି ନିଦ୍ରା ବଳାଇ ହୋଇ" ( ଲାବଣ୍ୟବତୀ )

"ଭାଗ୍ୟ ଭଲ୍ଲରୁ ଫଳ କରୁ ନ କରୁ ସ୍ୱୀକାର
ତୁଇଁ ଥିବା କଳେବର
ଦୁଇମତେ ଅମୃତ ଦାସ୍ତୀଥ ହୋଇବ,
ଏତେ ଭଲ ଅନ୍ତୁର ହୋଇ
ଭୀରୁ ଗୁରୁ ଉରୁଥିବ ଦେଲ ହୁଲଇ" ( ବିଦଗ୍ଧଚିନ୍ତାମଣି )

ପୁନଶ୍ଚ—

"ଉଟି ଭାଙ୍ଗନ୍ତେ ଅଳସ କି ଶୋଭା କୁଚ କଳଶ
ଟେକି ହୋଏ କି ମେରୁକୁ ଜିଣିବା ଗର୍ବେ,
ଉଚ୍ଛୁଳି ଛନ୍ଦ କର ବେଣୀ ଶୋଭା ଲପନକୁ ଦେଣି
କି ବନ୍ଧୁ ପରଧି ହୋଇଲା ଏବେ ( ଲାବଣ୍ୟବତୀ )

"ନିଦ୍ରା ମୁଦ୍ରା ଗଲା ଭାଙ୍ଗି ଅଳସ ଭାଙ୍ଗିବା ଭଙ୍ଗୀ
କୁଚମଙ୍ଗଳ କଳଶ ଦେଖାଇଲାକି" ( ବିଦଗ୍ଧଚିନ୍ତାମଣି )

ଛାନ୍ଦର ପ୍ରାରମ୍ଭରେ ସନ୍ଧ୍ୟା ବର୍ଣ୍ଣନା ଦେଖନ୍ତୁ ସାମ୍ୟ—

"ତାତସିନ୍ଧୁ କି ବଳାବ ବଟୁବର୍କ ଚାପଦେବ
ମାଣିକ୍ୟ ହୀର ରଥାଙ୍ଗ ପେଷି ଦେଇଛୁ" (ବିଦଗ୍ଧ ଚିନ୍ତାମଣି)

"ରବିସୁଖରବି ନକି ଛେଦଚନ ହୀରକ ରକି
ଫିଙ୍ଗିଛି ତାତ ସିନ୍ଧୁରେ ଭାମ କି ବେପେ" (ଲାବଣ୍ୟବତୀ)

ଲାବଣ୍ୟବତୀର ସ୍ୱପ୍ନଭଙ୍ଗ ଜନିତ ବିଳାପ ଛାନ୍ଦର "ସୁଧାଭୁଲକୁ ସୁଧାଭୁଲ୍ୟ ଭୋଜନ" ଇତ୍ୟାଦିର ଅନ୍ୟତମ ଅନୁକୃତ ବିଦଗ୍ଧ ଚିନ୍ତାମଣିରେ ଉପଲବ୍ଧ—ତାହା ହେଉଛି—

"ଦାଇବ ପ୍ରତ୍ୟୁଷ କି ନିଷ୍ପଣ        ଦେଇ ଭୁଞ୍ଜିବାକୁ ସୁଧାରସ
କଲ୍ୟଟେଲେ ତ୍ରାସ        ପଚାଇ ଯାଉଁଣି
ପୁଣି ସେ କୁଳଣ ଟୋ ସଙ୍ଗୀତନ୍ଦ୍ର (ବଦନ୍ଧ ଚିନ୍ତାମଣି ୬୯ଶ ଛାନ୍ଦ)

ଅଭିମନ୍ୟୁଙ୍କ ରଚନାରେ ଉପର୍ଯ୍ୟୁକ୍ତ ପ୍ରକାରର ଛାୟାପାତ ଦେଖିଲେ କବିଙ୍କ ମୌଳିକତାରେ ସନ୍ଦେହ ଆସେ । କିନ୍ତୁ ଏ ସବୁ ସତ୍ତ୍ୱେ ସେ ନିଜର ଏପରି ସ୍ୱାତନ୍ତ୍ର୍ୟ ରକ୍ଷା କରି ପାରିଲେ ଯେ ଉପେନ୍ଦ୍ରଙ୍କ ତୁଳନାରେ ସାହିତ୍ୟ ରାଜ୍ୟରେ ସେ କୌଣସି ଭାବରେ ନ୍ୟୂନତମ ଆସନ ଲାଭ କରି ନାହାନ୍ତି ।

ବର୍ଣ୍ଣନାର ସାରଲ୍ୟ ଓ ମଧୁରତା ଏ ଦିଗରେ ଅଭିମନ୍ୟୁଙ୍କର ଅଧିକ ଅନୁକୂଳ ଥିଲା ।

ଅଭିମନ୍ୟୁଙ୍କର କବିଗୁରୁ ସାଧୁଚରଣ ବା କବିସୂର୍ଯ୍ୟ ବନ୍ଧୁ ନିଜର ବୈଷ୍ଣବୀୟ ରଚନା ଗୁଡ଼ିକର ଅନ୍ତରାଳରେ ମଧ୍ୟ ଉପେନ୍ଦ୍ରଙ୍କୁ ଅନେକାଂଶରେ ଅନୁସରଣ କରିଥିଲେ । ତାଙ୍କର ଜନ୍ମସ୍ଥାନ ସଂସ୍କୃତ ସାହିତ୍ୟଚର୍ଚ୍ଚା ଓ ଜୀବନକାଳ ଦେଖି ନିଃସନ୍ଦେହରେ କୁହାଯାଇ ପାରେ ଯେ ଉପେନ୍ଦ୍ର ସାହିତ୍ୟ ଅଧ୍ୟୟନ ତାଙ୍କ ପକ୍ଷରେ ସମ୍ଭବ ହୋଇ ପାରିଥିଲା । କାରଣ ସଦାନନ୍ଦ କବିସୂର୍ଯ୍ୟ ନୟାଗଡ଼ର ଇଟାମାଟି ପଡ଼ାର ଅଧିବାସୀ ଓ ଉପେନ୍ଦ୍ରଙ୍କ ଜୀବିତାବସ୍ଥାର ବ୍ୟକ୍ତି ହିସାବରେ ଉପେନ୍ଦ୍ର ସାହିତ୍ୟସହ ପରିଚିତ ଥିଲେ । କବିଙ୍କର ରଚନାପାଠର ପ୍ରତି ସେ କିପରି ଆକୃଷ୍ଟ ଓ ତାଙ୍କ ସାହିତ୍ୟରେ କୃଷ୍ଣ ରସର ଅଭିବ୍ୟକ୍ତି କିପରି ଅପେକ୍ଷା କରିଥିଲେ ତାହା ଅନ୍ୟତ୍ର ଦର୍ଶା ଯାଇଛି । କାବ୍ୟରେ ଅଳଙ୍କାର ଓ ଶବ୍ଦଗତ ପ୍ରୟୋଗରେ ସେ ଉପେନ୍ଦ୍ରଙ୍କଠାରେ କମ୍ ଋଣୀ ନୁହନ୍ତି । ପଣ୍ଡିତ ବିନାୟକ ମିଶ୍ର ସ୍ୱୀୟ ସାହିତ୍ୟ ଇତିହାସରେ ଉପେନ୍ଦ୍ର ଯୁଗ ସୂତ୍ରପାତ ପ୍ରସଙ୍ଗ ଆଲୋଚନା କ୍ରମରେ କବିଙ୍କ ଅନୁକରଣଶୀଳ ପ୍ରଭାବର ଉଲ୍ଲେଖ କରିଅଛନ୍ତି । ଉପେନ୍ଦ୍ର ରଚିତ ସଙ୍ଗୀତରେ ଥିବା—

"ସାରଙ୍ଗରଡ ପଲଙ୍କେ ସାରଙ୍ଗପଙ୍କିଳ ପଙ୍କେ
ସାରଙ୍ଗ ମୁଖୀ ସାରଙ୍ଗ ସାରଙ୍ଗରେ ମାତିଲେ",ର ଅନୁରୂପ
ପ୍ରୟୋଗ ସଦାନନ୍ଦଙ୍କ କୃତିରେ ଦେଖାଯାଏ ।

"ସାରଙ୍ଗ ତରୁତଳେ ସାରଙ୍ଗଧର ହେଲେ
ସାରଙ୍ଗମୁଖୀ ଦେଖଇଛି
ସାରଙ୍ଗ ସାରଙ୍ଗରେ ସାରଙ୍ଗ ସାରଙ୍ଗରେ
ସାରଙ୍ଗ ସାରଙ୍ଗ ଦିଅଇଛି"

ଏହା ବ୍ୟତୀତ ଅନୁପ୍ରାସ ଓ ଯମକ ପ୍ରଭୃତି ଅଳଙ୍କାର ପ୍ରୟୋଗରେ ସଦାନନ୍ଦଙ୍କ ଉପରେ ଉପେନ୍ଦ୍ରଙ୍କ ପ୍ରଭାବ ଯଥେଷ୍ଟ ଅଛି ।

ଉପେନ୍ଦ୍ର ସ୍ୱୀୟ କାବ୍ୟ ଜଗତରେ ଯେଉଁ ନଗର, ବନ, ସରୋବର ଓ ବସନ୍ତ ବିଳାସ ଇତ୍ୟାଦିର ଆଡ଼ମ୍ବରପୂର୍ଣ୍ଣ ଅଥଚ ମନୋରମ ବର୍ଣ୍ଣନା କରି ଯାଇଛନ୍ତି ତାର ପଟାନ୍ତର ନାହିଁ । ଏହି ମନୋଜ୍ଞ ଦୃଶ୍ୟଗୁଡ଼ିକର ଆଲେଖ୍ୟ ଦେବାପାଇଁ ପରବର୍ତ୍ତୀ କବିଗଣ ଯଥେଷ୍ଟ ଯତ୍ନଶୀଳ ଥିଲେ । ସେମାନେ ଏହି ଚିତ୍ର-ଗୁଡ଼ିକରେ ଏତେ ଅଭିଭୂତ ହୋଇଥିଲେ ଯେ ସ୍ୱୀୟ କୃତି ଗୁଡ଼ିକରେ ନିଜ ଭିତର ମୌଳିକତା ପ୍ରତି ଅବହେଳା ପ୍ରଦର୍ଶନ କରିଛନ୍ତି । "ପଦ୍ମାବତୀ ଅଭିଳାଷ"ର କବି ନିଶଙ୍କରାୟଗୁରୁଙ୍କ ଏହାର ଅନ୍ୟତମ ପଟାନ୍ତର ରୂପେ ଗ୍ରହଣ କରାଯାଇ ପାରେ । ସରୋବର ବର୍ଣ୍ଣନାରେ ସେ ଲାବଣ୍ୟବତୀ ୬ଷ୍ଠ ଛାନ୍ଦରେ ଥିବା ସରୋବର ବର୍ଣ୍ଣନାକୁ ବିଲକୁଲ ନକଲ କରିପକାଇଛନ୍ତି କହିଲେ ଭ୍ରମ ହେବ ନାହିଁ ।

"ସେ ନବବର ସରୋବର କୂଳ ଦେଖନ୍ତି ଶୋଭା
ସ୍ଫଟିକ ପାବଚ୍ଛ ବକୁଳ ମୂଳେ ହୋଇଲେ ଉଭା

ନୀଳଶାଢ଼ୀ ରଙ୍ଗ ଧଡ଼ିରେ ହଂସାବଳୀ ଶୋଭନ
ମଣ୍ଡି ମହୁଲା ବସ୍ତ୍ରାବରୀ ପ୍ରାୟେ ଦିଶେ ରଞ୍ଜନ
ପଦ୍ମକୁମୁଦ କହ୍ଲାରଦଳଙ୍କର ସୁବାସ ପେଣ୍ଡି
ଭ୍ରମରେ ଭ୍ରମରେ ଭ୍ରମନ୍ତି କରି ହରଷ ଧ୍ୱନି"

(ପଦ୍ମାବତୀ ଅଭିଳାଷ)

"ବନୀଳଶାଢ଼ୀ ହଂସାବଳୀ ରଙ୍ଗଧଡ଼ି ହୋଇଛି
ଅବନୀ ବନିତା ବସ୍ତ୍ରାରେ କବା କଷିବା ଇଚ୍ଛି
ପାବଚ୍ଛି ସ୍ୱଚ୍ଛ ସ୍ଫଟିକରେ ନୀର ତୀର ପ୍ରତୀତ
ସୁବେଣୀ ପରଶ ଭାବି କି ତହିଁ ନିବେଣୀ ଖ୍ୟାତ

( ଲାବଣ୍ୟବତୀ )

କବି ସୂର୍ଯ୍ୟ ବଳଦେବ ରଥ ଜଣକର ଶ୍ରେଷ୍ଠ ସଙ୍ଗୀତଜ୍ଞ ହେଲେହେଁ ସେ ମଧ୍ୟ କାବ୍ୟରଚକ ଭାବରେ ଶିକ୍ଷିତ ସମାଜରେ ଜଣାଶୁଣା । ବଳଦେବ ନିଜ ସଙ୍ଗୀତ ଜ୍ଞାନର ଉତ୍କର୍ଷତା ସତ୍ତ୍ୱେ ଉପେନ୍ଦ୍ର ଆଦି ପ୍ରାଚୀନ ସଙ୍ଗୀତକାରଙ୍କ ରଚନା ଅନୁସରଣରେ ଯେଉଁ ପରାକାଷ୍ଠା ଦର୍ଶାଇଛନ୍ତି ତାହା ସର୍ବଜନବିଦିତ । କିନ୍ତୁ ତାଙ୍କ ରଚିତ "ଚନ୍ଦ୍ରକଳା" କାବ୍ୟର କଥାବସ୍ତୁ ସଂଯୋଜନା ଓ ବର୍ଣ୍ଣନା ( ଷଡ଼ଋତୁ ) ଇତ୍ୟାଦି ଦୃଷ୍ଟିରେ ସେ ଉପେନ୍ଦ୍ରଙ୍କ ନିକଟରେ ଋଣୀ । ବର୍ଣ୍ଣନାର ଏକ ସ୍ୱତନ୍ତ୍ର ସ୍ୱରୂପ କାବ୍ୟ ଯୁଗରେ ଥିଲା । ନିଜ ନିଜର ପାଣ୍ଡିତ୍ୟ ଓ ରସଜ୍ଞାନର ଯଥେଷ୍ଟ ମୌଳିକତା ସତ୍ତ୍ୱେ କାବ୍ୟ ସୃଷ୍ଟିରେ ସମସ୍ତେ ଗୋଟିଏ ପନ୍ଥା ଅନୁସରଣ କରିଛନ୍ତି । ଏଣୁ କାବ୍ୟରେ କଥାବସ୍ତୁର ସମାବେଶଠାରୁ ନଗର, ଦେଶ, ବାଟିକା, ଷଡ଼ଋତୁ, ପ୍ରଭୃତି ବର୍ଣ୍ଣନାରେ ଉଞ୍ଜୀୟ ଶୈଳୀ ଅନେକାଂଶରେ ଦେଖାଯାଏ । ଉଦାହରଣସ୍ଥଳରେ ବସନ୍ତ ବର୍ଣ୍ଣନାରେ କିପରି ବଳଦେବ ପରଂପରା ଅନୁକରଣ କରିଥିଲେ ତାହା ଦର୍ଶାଇ ଦେବା ।

ଋତୁରାଜ ବସନ୍ତର ସାଧାରଣ ଆଗମନରେ କବି,ମଦନ,ଭୃଙ୍ଗ ଜାର, ଯୋଗୀ, ପବନ ପ୍ରଭୃତିଙ୍କର ରୂପ ଓ ଗୁଣଗତ ବୈଚିତ୍ର୍ୟର ଅବତାରଣା କରିଛନ୍ତି ।

"ପରଦେଶ ହେଲା ସୁରଭିକାଳ
ବରବେଶ ହେଲେ ଭୃଙ୍ଗକୁଳ
ଗରବେ ପ୍ରବଳ ହେଲା ମଦନ
ଭରବେଜାର ହେଲେ ଯୋଗୀଜନ
ପରବେଶ ଗୃହି—ସରବେ ଭୁଲିଲେ ବନ୍ଧିବା ବେହ୍ନ

× × × ×

ସୁରଭି ଶାନ୍ତ କାମିନୀ କୁଚର—ସ୍ୱେଦ ବିନ୍ଦୁ ବିନ୍ଦୁ ମୁକୁଟା ସ୍ଥୈର ଲଭାବନୀତା ନ ରଖିନ ଭଳୁ—ପ୍ରସରିଲା ମିଳି ପୁନି ଦଗରୁ
ଚନ୍ଦନ ପବନ, ଫୁଟି ସୁବାସିତ କଲା ଉପବନ

ଲାବଣ୍ୟବତୀର ୫ ମ, ରସକଲ୍ଲୋଳର ୧୨ଶ ଛାନ୍ଦ ଓ ଭଞ୍ଜୀୟ ଅନ୍ୟାନ୍ୟ କାଳ୍ପନିକ କାବ୍ୟଗୁଡ଼ିକର ଅଶୋକ, ପୁନ୍ନାଗ, କେଶର, ଚମ୍ପକ, ସିନ୍ଧୁବାର, କରୁଣା ଇତ୍ୟାଦିକୁ ଭିନ୍ନ ଭିନ୍ନ ଅର୍ଥରେ ପ୍ରୟୋଗ କରିବାର ଚେଷ୍ଟା "ଚନ୍ଦ୍ରକଳା"ରେ

"ଅଳଙ୍କି ଘେନି ଯୁବତୀ ନିଚୟ
ରସେ ବଶଲେ କୁସୁମା ବଚୟ
ନିମଗ୍ନ ହୋଇ ପରମ ହରଷେ
ବହିଲେ ସଂଳାପ ବିବିଧ ରସେ ଯେ
କେ ବୋଲେ ସଖୀକି, ପୁରୁଷେ ଏତେ ବିଶ୍ୱାସ କାହିଁକି ?
ଆଉ କେ ବୋଲେ କାହିଁକି ନୋହିବ
ଅଶୋକ ତ ତୋତେ କଲା ଦାଇବ

ମୁରଳୀ ରଖିଅଛୁ ଅଣ୍ଟିକା ହାଏ,
ତାହିଁକି ନା କରନ୍ତୁ ପରବାଏ,
କେ ପୁଣି ବୋଲଇ, ମୋ କରେ ଛୁଇଁ ଅନାଦରେ ଛଇଳେ।

କବିସୂର୍ଯ୍ୟ ବଳଦେବଙ୍କର ମୌଳିକତା ଧୂଏତ ବାହାରକୁ ଅବାଧିତ ନୁହେଁ । କିନ୍ତୁ ସେ ମଧ୍ୟ ଭଞ୍ଜୀୟ ପ୍ରଭାବର ତୀବ୍ର ଦୃଷ୍ଟିକୁ ଅତିକ୍ରମ କରି ନାହାନ୍ତି ।

ଉତ୍କଳର ଚନ୍ଦ୍ରଭାଗାବର କବି ବ୍ରଜନାଥ କାବ୍ୟ ଜଗତରେ ନିଜ ସ୍ୱଭାବ ସୁଲଭ ବ୍ୟତିକ୍ରମ, ନୂତନତ୍ୱ ଓ ବୈଶିଷ୍ଟ୍ୟ ମଧ୍ୟେ ମଧ୍ୟ ଭଞ୍ଜୀୟ ରଚନା ଦ୍ୱାରା କିଛି ଅଳ୍ପ ଅନୁପ୍ରାଣିତ ହୋଇ ନାହାନ୍ତି । ବ୍ରଜନାଥ ତାଙ୍କର ଇତିହାସ ଓ ପରମ୍ପରାର ସମ୍ବନ୍ଧରେ ସାହିତ୍ୟିକ ଜୀବନର ଭକ୍ତିର ବିକାଶ ସାଧନ କରିଥିଲେ । ସେ ଉତ୍କଳ ସାହିତ୍ୟର ଅମୂଲ୍ୟସମ୍ପଦ ପୁରାଣ ଓ କାବ୍ୟ ସାହିତ୍ୟ ସମ୍ୟକ ରୂପେ ପରିଶୀଳନ କରିଥିଲେ । ତାଙ୍କ ରଚିତ କାବ୍ୟର ବୈଶିଷ୍ଟ୍ୟରୁ ଆଉ ଏପରିକି ଗଦ୍ୟ-ସାହିତ୍ୟର ଅଳଙ୍କାରମୟ ରୂପ ଦେଖିଲେ ଏହା ସୁସ୍ପଷ୍ଟ ହୁଏ । କବି କାବ୍ୟର ଅନ୍ୟାନ୍ୟ ବିଭାବ ମଧ୍ୟରେ ଅଳଙ୍କାର ଓ ଭାଷା ଦୃଷ୍ଟିରୁ ଉପେନ୍ଦ୍ରଙ୍କ ନିକଟରେ ଋଣୀ ଥିଲେ । 'ଶ୍ୟାମରସୋତ୍ସବ' ଓ ଅନ୍ୟାନ୍ୟ କାବ୍ୟଗ୍ରନ୍ଥର ଭାଷାରୁ ଏହା ସୁସ୍ପଷ୍ଟ । ଉଦାହରଣ ବଳରେ ଉକ୍ତ ରଚନାରୁ ପଦେ ଉଦ୍ଧାର କରି । ଅଳଙ୍କାର ବିନ୍ୟାସରେ ।

"ଶ୍ରେଣୀ ଚଳାଏ କୁନ୍ତଳା କବରୀ ଭାର ଚୋଳି ବଳା
ଭୁଜଙ୍ଗ ପୁଷ୍ପଛାପିତ କରି ଶଶିର
ଜଳଦ ଚଣ୍ଡ ତମସ୍କରୁ ଗୁମ୍ଫଶ୍ରୀ ଗୁରୁତାରୁ
ଗୁହ୍ମ ଗୁହ୍ମ କାନ୍ତ ଗଣ ତରଳି ପଳା
ଶ୍ୟାମଘନେ ଚପଳା ଫନ, ଶ୍ୟାମ ଜଗତରୁ ଚୋର୍ଯ୍ୟ ଶ୍ରବଣ ନ୍ୟାସର"

ଏ ବଚନ । ଯେ ଭଞ୍ଜୀୟ ରଚନାର ଅନୁରୂପ ଏହା ବିଶ୍ଳେଷଣ କରିବା ବାହୁଲ୍ୟ ମାତ୍ର । କେହି କେହି କହନ୍ତି 'ସୁଭଦ୍ରା ପରିଣୟ'ର ୨୫ଶ ଛାନ୍ଦ ବର୍ଣ୍ଣିତ ଯୁଦ୍ଧଯାତ୍ରା ( ପାହାଡ଼ିଆ କେଦାର ରାଗରେ) 'ସମର ତରଙ୍ଗ'କାରଙ୍କୁ ପ୍ରଭାବିତ କରିଥିଲା । ମାତ୍ର ଏଠାରେ ଏତିକି ସ୍ୱୀକାର୍ଯ୍ୟ ଯେ, ଛାନ୍ଦ ଓ ଅଳଙ୍କାରହିଁ ଯାହା କିଛି ସମତାର ଲକ୍ଷ୍ୟ । ମାତ୍ର ଭାବ ଦୃଷ୍ଟିରୁ 'ସମର ତରଙ୍ଗ'ର ଲକ୍ଷ୍ୟ ଓ ବ୍ୟଞ୍ଜନା ଅନ୍ୟ କୋଟିର ।

କବିବର ରାଧାନାଥ ଉତ୍କଳ ସାହିତ୍ୟର ଏକ ଶ୍ରେଷ୍ଠ ଯୁଗର ଜନ୍ମଦାତା ଭାବରେ ସମ୍ମାନିତ । ତାଙ୍କ ଶିକ୍ଷା, ଦୀକ୍ଷା ଓ ପ୍ରତିଭାର ଆଲୋଚକମାନେ ଜାଣନ୍ତି ଯେ ତାଙ୍କର ପାଶ୍ଚାତ୍ୟ, ସଂସ୍କୃତ ଓ ଦେଶୀୟ ଶିକ୍ଷା ସମସ୍ତରେ ପ୍ରଭୂତ ଜ୍ଞାନ ଥିଲା । କବିବର ନିଜର ଉତ୍କଟ ଦେଶାତ୍ମବୋଧରେ ଉପେନ୍ଦ୍ର ସାହିତ୍ୟକୁ ସଂସ୍କୃତ ଓ ପାଶ୍ଚାତ୍ୟ ସାହିତ୍ୟ ତୁଳନାରେ ହେୟ ମଣି ନ ଥିଲେ । ଉପେନ୍ଦ୍ର ସାହିତ୍ୟ ଅଧ୍ୟୟନ କରିବା ସଙ୍ଗେ ସଙ୍ଗେ ସେ ତହିଁରେ ଥିବା ସଙ୍ଗୀତ ମାଧୁରୀକୁ ଅଧିକ ପ୍ରଶଂସା କରିଥିଲେ । ତାଙ୍କର ଆତ୍ମଅବବୋଧ ସତ୍ତ୍ୱେ ସେ ଉପେନ୍ଦ୍ରଙ୍କ ଭଳି ଜାତୀୟ ଶ୍ରେଷ୍ଠ ଆଳଙ୍କାରିକ କବିଙ୍କୁ ଯଥୋଚିତ ସମ୍ମାନ କରିଥିଲେ । ମାତ୍ର ପ୍ରଭାବ ଦୃଷ୍ଟିରୁ ଏହା ସ୍ୱୀକାର କରାଯାଇ ପାରେ ଯେ ରାଧାନାଥ ଯୁଗାନ୍ତକାରୀ କବି ହେଲେ ମଧ୍ୟ ତାଙ୍କ କବିତାରେ ସ୍ୱର ଓ ଅଳଙ୍କାରଗତ ସାମାନ୍ୟ କେତେକ ଛାୟାପାତ ରହିଛି ଏବଂ ରାଧାନାଥ ନିଜର ବିଶିଷ୍ଟ ରଚନା ମଧ୍ୟରେ କୌଣସି ଠାରେ ହେଲେ ଧରାପଡ଼ିବା ଭଳି ଅନୁକରଣ କରି ନାହାନ୍ତି । ସ୍ୱର, ଅଳଙ୍କାର ଓ ନାରୀସୌନ୍ଦର୍ଯ୍ୟ ବର୍ଣ୍ଣନା ଯେଣୁ ରାଧାନାଥ ଭଞ୍ଜୀୟ ସାହିତ୍ୟର ପ୍ରଭାବ ସ୍ୱୀକାର କରିଥିଲେ, ହେଲେ ହେଁ ତାର

ବୁଦ୍ଧିହୀନ-ନକଲ କରି ନ ଥିଲେ । 'ଯଯାତି କେଶରୀ ଓ ଚନ୍ଦ୍ରଭାଗା' କାବ୍ୟରୁ ଏହା ସୁସ୍ପଷ୍ଟ ।

ରାଧାନାଥ ଯୁଗର ଅନ୍ୟାନ୍ୟ କବିମାନଙ୍କ ମଧ୍ୟରେ ଚିନ୍ତାମଣିଙ୍କ କେତେକ ବର୍ଣ୍ଣନାର ଆକ୍ଷରିକ ଅନୁକରଣ କରିଛନ୍ତି ମାତ୍ର; କିନ୍ତୁ ଉତ୍କଳ ଭାରତୀଙ୍କର ସ୍ନେହମୟ ପୁତ୍ର ଗଙ୍ଗାଧର ନିଜର ଅଦ୍ଭୁତ ସର୍ଜନାଶକ୍ତି ସହିତ ଭଞ୍ଜୀୟ ରସ, ଅଳଙ୍କାରସହ ନବ୍ୟ ଯୁଗର ଭାଷା ସଂଯୋଗରେ ଯେଉଁ ଅପୂର୍ବ ରଚନା କରିଛନ୍ତି ତାହା ସମାଲୋଚକମାନଙ୍କ ନିକଟରେ ସୁସ୍ପଷ୍ଟ । ଗଙ୍ଗାଧର ନିଜ ଅଧିକାଂଶ କାବ୍ୟ କବିତାରେ ଯେଉଁ ଆଖ୍ୟାନ ଗ୍ରହଣ କରିଛନ୍ତି ସେ ଗୁଡ଼ିକର ପୌରାଣିକତା ସହ ଭଞ୍ଜୀୟ ରସବିନ୍ୟାସ ଓ ଅନୁପ୍ରାସାଦି ଅଳଙ୍କାର ପ୍ରୟୋଗରେ ଉତ୍କୃଷ୍ଟ କାବ୍ୟରଚନା କରିବାରେ ସମର୍ଥ ହୋଇପାରିଥିଲେ । ତପସ୍ୱିନୀର ୪ର୍ଥ ଓ ୫ମ ଛାନ୍ଦ ଏବଂ 'କୀଚକ ବଧ'ର ଅଭିଲ ଜଣା ହୋଷିତ' ଶୀର୍ଷକ ଶେଷ ଛାନ୍ଦରେ ଅନୁପ୍ରାସ ଅଳଙ୍କାରର ଯେଉଁ ବ୍ୟବହାର ତାହା ଭଞ୍ଜୀୟ ପ୍ରଭାବ ଭିନ୍ନ ଅନ୍ୟ କିଛି ନୁହେଁ; ମାତ୍ର ଏ ପ୍ରଭାବ ଓ ଅନୁକରଣ ଆକ୍ଷରିକ ନୁହେଁ, ବିରକ୍ତିକର ବା ଶ୍ରୁତିପ୍ରଦ ନୁହେଁ ।

ରାଧାନାଥ ଯୁଗର ଅବ୍ୟବହିତ ପରେ ଯେଉଁମାନେ ଭଞ୍ଜୀୟ ପ୍ରଭାବରେ ମୁଗ୍ଧ ଥିଲେ ସେମାନଙ୍କ ମଧ୍ୟରେ ଦରିଦ୍ରବନ୍ଧୁ ଗୋପବନ୍ଧୁ ଓ କବି ଚିନ୍ତାମଣି ହେଉଛନ୍ତି ପ୍ରଧାନ । ଗୋପବନ୍ଧୁ ଭଞ୍ଜଙ୍କ ମୌଳିକତାରେ ଓ ବ୍ୟାପକତାରେ ମୁଗ୍ଧ ହୋଇ ତାର ଉଲ୍ଲେଖ କରିଛନ୍ତି; ମାତ୍ର ତାଙ୍କ ରଚନା ଗୁଡ଼ିକ ମଧ୍ୟରେ ଜୀବନର ନାନା କଲ୍ଲୋଳମୟ ଅଭିବ୍ୟକ୍ତି ଯୁଗଲକ୍ଷଣହେତୁ ଉପେନ୍ଦ୍ରଙ୍କ ପରଂପରାର ଅନୁସରଣ କରିପାରି ନାହାନ୍ତି ।

କବିବର ଚନ୍ଦ୍ରାମଣିଙ୍କ ରଚନାମାନଙ୍କରେ ମୌଳିକତା ଓ ପ୍ରକାଶନ ଚମତ୍କୃତ ଦୃଷ୍ଟିରୁ କେତେକ ସ୍ଥଳରେ ଉପେନ୍ଦ୍ର ସାହିତ୍ୟର ଅନୁକୃତି ଦେଖାଯାଏ । ପ୍ରସଙ୍ଗ ଅନୁରୋଧରେ କେତେକ ପଦ ଉଦ୍ଧାର କରାଯାଉଛି ।

(୧) "ଦୂରେ ଥିଲେ ପାଶେ ଅଛୁ ଏହା ଥିବୁ ଜାଣି
କେତେ ଦୂରେ ଚନ୍ଦ୍ର କେତେ ଦୂରେ କୁମୁଦିନୀ
ପ୍ରୀତି ଅଭେଦ ତାଙ୍କର"—ଇତ୍ୟାଦି ( ପ୍ରେମ ସୁଧାନିଧି )

"ଦେଖ କମଳିନୀ ପ୍ରଭାକର ପୁଣି କୁମୁଦିନୀ ଶଶଧର
ଯେତେ ଦୂରେ ଥିଲେ ହେଲେ ହେଁ ସର୍ବଦା ଅଭେଦ୍ୟ ପ୍ରୀତି ତାଙ୍କର

(୨) ବନରେ ନୀଳାମ୍ବ, ଜାମ୍ବବ, ପନସ, ଗବାକ୍ଷହିଁ ମନୋରମ
ବନଭରେ ମେଘନାଦ କୁମ୍ଭଙ୍କ ମଣ୍ଡଳୀରେ ହୁଏଚଣ୍ଡେ···
ଇତ୍ୟାଦି (ବୈଦେହୀଶ ବିଳାସ)

ବର୍ଣ୍ଣନାରେ ଥିବା ରାମଚନ୍ଦ୍ରଙ୍କ ସେନା ଓ ସାଧାରଣ ଅର୍ଥଭଳି ପରବର୍ତ୍ତୀ କବି ଚନ୍ଦ୍ରାମଣି ତାଙ୍କ 'ଦୁମୁଖର' କାବ୍ୟରେ ନିମ୍ନମତେ ବର୍ଣ୍ଣନା କରିଛନ୍ତି—

"ବରଜନ୍ତି ରାମ ସହିତ ଲକ୍ଷ୍ମଣ
ରଣପାଶେ ଭଲ୍ଲ ଯୂଥ ପତିଗଣ,
ନୀଳାମ୍ବ, ଜାମ୍ବବ, ପନସ, ଗବାକ୍ଷ
ସୁଗ୍ରୀବ, ସୁଷେଣ, କୁମୁଦ, ଦୁରୂହ" ଇତ୍ୟାଦି

ଏ ପ୍ରସଙ୍ଗରେ ସ୍ମରଣ ଥିବ କବି ସାମନ୍ତସିଂହାର ସ୍ୱାମୀ ଉଦବୋଧ ଚନ୍ଦ୍ରାମଣିର ୭୨ଶ ଛାନ୍ଦରେ ବସନ୍ତ ବର୍ଣ୍ଣନା ଛଳରେ ଉପବନରେ, ରାମାୟଣ, ମହାଭାରତ ଓ ଚଣ୍ଡୀ ଯୁଦ୍ଧ ଚିତ୍ରଣର ଆରୋପରେ ଉପେନ୍ଦ୍ରଙ୍କ ଦ୍ୱାରା ଅଧିକ ଅନୁପ୍ରାଣିତ ଭଳି ଜଣାପଡ଼େ ।

ମୂଳତଃ କହିବାକୁ ହୁଏ ଯେ ଉପେନ୍ଦ୍ରଙ୍କ ଅନୁକରଣକାରୀ ପ୍ରଭାବ ଯୁଗଟିରେ ଅନୁକୂଳତା ଲାଭ କରି ୧୮୭୦ ପର୍ଯ୍ୟନ୍ତ ଅତି କ୍ଷୀପ୍ରଗତିରେ ମାଡ଼ି ଚାଲିଥିଲା । ଏହି ଜାତିର କଳା ଓ ଚାତୁରୀ ସ୍ପୃହା ସଙ୍ଗେ ସାହିତ୍ୟିକ ପରମ୍ପରାର ସଂଯୋଗ ଘଟି ପରବର୍ତ୍ତୀ ପାଶ୍ଚାତ୍ୟ ଶିକ୍ଷା ଓ ଯୁଗର ପରିବର୍ତ୍ତନରେ ଅନେକ ହ୍ରାସ ଲାଭ କରି ସ୍ୱାଧୀନ ଯୁଗର ସୂତ୍ରପାତ କରିଥିଲେ ମଧ୍ୟ କବି ଉପେନ୍ଦ୍ର ଜନତାର ହୃଦୟକୁ ଯେଉଁ ଅଧିକାର କରିଥିଲେ, ସେଥିରେ ଅଧିକ ଆଞ୍ଚ ଆସି ନାହିଁ । ମାତ୍ର ଯୁଗର ଏହି ପରିବର୍ତ୍ତନ ସେ ଯୁଗର ବିଳାସମୟ ଓ ସାଧନାମୟ ସାହିତ୍ୟ ପରିଶୀଳନ ପିପାସା ଅନେକ କମାଇ ଦେଇଛି । ତେଣୁ ଅତିକାଳି ଉପେନ୍ଦ୍ରଙ୍କ ଅନୁସରଣ କରିବାର ପ୍ରବୃତ୍ତି ସେପରି ନାହିଁ । ତଥାପି ଲୋକସମାଜରେ ପାଲା, ଭଜା, ଗନ୍ଧର୍ବୀମାନଙ୍କ ଦ୍ୱାରା ଏବେ ବି ଯେଉଁ ଆସନଲାଭ କରୁଛନ୍ତି ତାହା ମଧ୍ୟ କମ୍ ଗୌରବ ନୁହେଁ ।

ଉପେନ୍ଦ୍ରଙ୍କ ଉପରେ ଅନ୍ୟମାନଙ୍କ ପ୍ରଭାବ :—

ଭାରତର ପ୍ରତ୍ୟେକ ସାହିତ୍ୟରେ ଯୁଗ ଓ କବିମାନଙ୍କ ବ୍ୟକ୍ତିତ୍ୱ ଭେଦରେ ମଧ୍ୟ ବର୍ଣ୍ଣନା ଓ ଭାବଗତ କେତେକ ସାମଞ୍ଜସ୍ୟ ପରିଦୃଷ୍ଟ ହୁଏ । ଏକ କବିଙ୍କ କଳ୍ପନାକୁ ଅନେ ଯାହା ସ୍ପର୍ଶ କରିଥାଏ ତାହା ଯେ ଅନ୍ୟକୁ ସ୍ପର୍ଶ ନ କରିବ ଏହାର କୌଣସି କାରଣ ନାହିଁ । ଭାବ ରାଜ୍ୟରେ ସମସ୍ତଙ୍କର ସମାନ ଅଧିକାର ହେତୁ ସେ ଜାତିଶ୍ରେଷ୍ଠ କବିଙ୍କର ଅନେକ ସ୍ମରଣୀୟ ପ୍ରଭାବ ଦେଖି ଏବଂ ଛାୟାର ଭାବ ଓ ପ୍ରକାଶନ ଭଙ୍ଗୀ ଅନ୍ୟମାନଙ୍କ ଭିତରେ ପ୍ରସଙ୍ଗକ୍ରମେ ଦେଖାଯାଇଥାଏ । ପ୍ରଭାବ ବା ସ୍ପର୍ଶାଘାତ ଏକ ଏକ ଅପେକ୍ଷିତ ଶବ୍ଦ, ପୁନଶ୍ଚ ଏକତା, ଜନତା ଓ ଲଘୁତା ସର୍ବଦା ଅନ୍ୟର ଆଶ୍ରୟୀ । ପୃଥିବୀର ଶ୍ରେଷ୍ଠ କବି ଓ ଲେଖକମାନେ ମଧ୍ୟ ଏଥିରୁ ମୁକ୍ତ ନୁହନ୍ତି ।

Milton Shakes peare, କାଳିଦାସ, ଶ୍ରୀହର୍ଷ ପ୍ରଭୃତି କବିଗଣ ମଧ୍ୟ ଅପରର ପ୍ରଭାବପ୍ରସ୍ତ । ମିଲ୍‌ଟନ୍ ଏହି କାରଣରୁ ଏକ ବିଶିଷ୍ଟ ସାହିତ୍ୟକଚୌରବରୂପେ କଥିତ । କାଳିଦାସଙ୍କ ଭଳି ମହାକବି ମଧ୍ୟ ଅଶ୍ୱଘୋଷଙ୍କ ନିକଟରେ ଋଣୀ, ସୁତରାଂ ଅମର ଅଳଙ୍କାରୀ କବି ଉପେନ୍ଦ୍ର ଶଙ୍କର ସମସ୍ତ ମୌଳିକତା ସତ୍ତ୍ୱେ ପୁରାତନ ସଂସ୍କୃତ ଓ ଉତ୍କଳୀୟ କବିମାନଙ୍କ ନିକଟରେ ଯେ ଋଣୀ ନୁହନ୍ତି ଏହା କହିବା ଅନୁଚିତ ।

କବି ନିଜର ବିଶିଷ୍ଟ ପାଣ୍ଡିତ୍ୟ, ଶାସ୍ତ୍ରଜ୍ଞାନ ଓ ସାହିତ୍ୟ ଚର୍ଚ୍ଚା ଫଳରେ ଏପରି ବ୍ୟୁତ୍ପତ୍ତି ଲାଭ କରିଥିଲେ ଯେ ତାଙ୍କର ରଚନାରେ ଅନ୍ୟମାନଙ୍କ ବର୍ଣ୍ଣନାବୈଭବ ଓ ପୌରାଣିକତାର ଛାୟା ଅପେ ଅପେ ପ୍ରବେଶ କରିଛନ୍ତି । ତାଙ୍କ କାବ୍ୟମାନଙ୍କରେ ଶ୍ରୀହର୍ଷ, କାଳିଦାସ ହନୁମାନ, ଧନଞ୍ଜୟ, ବଳରାମ, ରାମାୟଣକାର ବାଲ୍ମୀକି ପ୍ରଭୃତି କବିମାନଙ୍କର ଯେ ପ୍ରଭାବ ସେ ତାହା ସ୍ୱଭାବତଃ ଛନ୍ଦରେ ସ୍ୱୀକାର କରି ଅଛନ୍ତି । ଉତ୍କଳ ସାହିତ୍ୟରେ ଯେ ପୂର୍ଣ୍ଣ ବିକାଶ ତାହା ଉପେନ୍ଦ୍ରଙ୍କ କୃତରେ ସମ୍ଭବ ହୋଇ ଥିଲେ ମଧ୍ୟ କବିଙ୍କ ପୂର୍ବରୁ କାର୍ତ୍ତିକ, ଅର୍ଜୁନ, ଶିଶୁଶଙ୍କର, ରଘୁନାଥ, ଧନଞ୍ଜୟ, ବିଷ୍ଣୁଦାସ ପ୍ରଭୃତି ପୁରାତନ କାବ୍ୟକାରମାନଙ୍କ ଦ୍ୱାରା ଏହାର ଭିତ୍ତିପତନ ହୋଇଥିଲା ଏବଂ ଏହି କବିଗଣ କାବ୍ୟମାନଙ୍କରେ ସଂସ୍କୃତ ସାହିତ୍ୟଗତ ଓ ନିଜ ନିଜର ମୌଳିକଚିନ୍ତା ପ୍ରସୂତ ଯେଉଁ ବର୍ଣ୍ଣନା ଓ ସଂଯୋଜନା କରିଥିଲେ ତାହା ଉପେନ୍ଦ୍ରଙ୍କୁ ପ୍ରଭାବିତ କରିଥିବା ନିମ୍ନ ପ୍ରଦତ୍ତ ଉଦାହରଣରୁ ସ୍ପଷ୍ଟ ଲକ୍ଷିତ ହୋଇପାରେ ।

ବୈଦେହୀଶ ବିଳାସରେ ମିଥିଳା ପ୍ରବେଶ ପୂର୍ବରୁ ଗଙ୍ଗା ଅତିକ୍ରମହେବା କାଳରେ ଧୀବର ସହ ରାମଙ୍କର ଯେଉଁ ଉକ୍ତି ତାହା ଧନଞ୍ଜୟ କୃତ "ରଘୁନାଥ ବିଳାସ"ର ଅନୁରୂପ ।

ବୈଦେହୀଶ ବିଳାସରେ—

"ବଧୀର ନୃହର ବୀର ବୋଇଲା ତହିଁ ଧୀବର
ଶୁଣିଲଣି ପଥରେ ପଥର ଅବଳା,
ବାଲ୍ୟପଢ଼ ଭୋ ଚରଣ, ଅଟଙ୍କା ଉପୁଜେ ଏଣୁ
ନଉକା ନାୟିକା ହେଲେ ବୁଡ଼ିବ ଭେଳା । ଇତ୍ୟାଦି

'ରଘୁନାଥ ବିଳାସ'ର

ଶୁଣି ଶ୍ରୀରାମ ଉତ୍ତର ବୋଇଲା ତହିଁ ଧୀବର
ରଜ ତୁମ୍ଭ ରଘୁବୀର ଧୋଇବି ଚେଣ ପୟର
ଏ ନାବ ମୋର ଜୀବିକା ଏ ପୁଣି ହେବ ନାୟିକା
ମୁଁ ପୁଣି କରିବି କାସ ମୋ କୁଟୁମ୍ବ ପିବେ ବାର୍ଣ୍ଣର ଅନୁରୂପ
ଅଟେ ।

ମିଶ୍ରଙ୍କର କୃତ 'ଉଷାଭିଳାଷ' ୬ମ ଛାନ୍ଦରେ ଉଷାର ସ୍ୱପ୍ନଦର୍ଶନାନ୍ତର ବିଳାପ 'ଲାବଣ୍ୟବତୀ'ର ଚେଟ୍ଟ ଚତୁର୍ଥ ଛାନ୍ଦର 'ଲାଶିନାଟୋ'ର ଅବିକଳ ନକଲ ଭଳି ଜଣାପଡ଼େ ।

କାର୍ତ୍ତିକ କୃତ 'ରୁକ୍ମିଣୀ ବିଭା'ର ରୁକ୍ମିଣୀଙ୍କର ବେଶ ଓ ରୂପ ବର୍ଣ୍ଣନା ଶତପ୍ରତିଶତ କେଶବର୍ଣ୍ଣନା ନୈଷଧୀୟ । ଏହା ଯେ ଉପେନ୍ଦ୍ରଙ୍କ ରଚନାର ପ୍ରାୟ ଏକରୂପ, ଏଥିରେ ସଂଦେହର ଅବକାଶ ନାହିଁ । ଉପେନ୍ଦ୍ରଙ୍କର "ଯେନ ନୈଷଧ ପଦ୍ୟେ" ତାଙ୍କ ନୈଷଧଚର୍ଚ୍ଚା ଓ ତହିଁରେ ଅନୁପ୍ରାଣିତ ହେବାର ଅନ୍ୟତମ ପ୍ରମାଣ ।

ଏସବୁ ବ୍ୟତୀତ ଭକ୍ତ ପ୍ରବଚନା ମଧ୍ୟରେ ଉତ୍କଳୀୟ ସାମାଜିକତା ବର୍ଣ୍ଣନାରେ ମହାକବି ସାରଳା ଓ କୃପାସିନ୍ଧୁ ବଳରାମଙ୍କ ଦ୍ୱାରା ଅନେକାଂଶରେ ଗୃହୀତ । ଜନ୍ମ, ବିବାହ, ଉତ୍ସବ, ଜ୍ୟୋତିଷ ପ୍ରସଙ୍ଗ ଇତ୍ୟାଦିର ରୂପ ଦେବାରେ ଉତ୍କଳର ଭକ୍ତକବି-ମାନେ ହିଁ ଉପେନ୍ଦ୍ରଙ୍କର ଆଦର୍ଶ ସ୍ୱରୂପ ।

ବୈଦେହୀଶବିଳାସର ପ୍ରଥମ ଛାନ୍ଦରେ କବି ସ୍ୱାନନ୍ଦସ୍ତୁତି ମଧ୍ୟରେ ଯେଉଁ ଯେଉଁ କବିଙ୍କର ନାମୋଲ୍ଲେଖ କରିଛନ୍ତି ତନ୍ମଧ୍ୟରେ ମହାନାଟକକାର ହନୁମାନଙ୍କୁ ବୈଦେହୀଶବିଳାସରେ ସେ ଏକାଧିକ କ୍ଷେତ୍ରରେ ଅନୁକରଣ କରିଛନ୍ତି । ରାବଣର ସୀତାଙ୍କୁ ଅଶୋକ ବନରେ ବଶୀଭୂତ କରିବାରେ ବ୍ୟର୍ଥତା, ରାବଣବଧ କାଳରେ ରାମଙ୍କ ହସ୍ତଦ୍ୱୟ ମଧ୍ୟରେ କଥୋପକଥନ ଓ ରାମ ପୃଥ୍ୱୀର ଜାମାତା ବୋଲି ତାଙ୍କ ଉକ୍ତି ଦେବାର ଅଯୋଗ୍ୟତା ଇତ୍ୟାଦି ବିଭିନ୍ନ ଛନ୍ଦ ପୂର୍ଣ୍ଣମାତ୍ରାରେ 'ମହାନାଟକ'ର ଅନୁରୂପ । ଏହା ବ୍ୟତୀତ କାଳିଦାସଙ୍କ ରଚନାଗତ ଲାଳିତ୍ୟ ଓ ବର୍ଣ୍ଣନା ପ୍ରକର୍ଷ ଅନେକ ସ୍ଥଳରେ କବି କୃତିରେ ସ୍ୱତଃ ପ୍ରତିଭାତ, ଯେପରି—

"ତୋରଣ ବିବିଧ ରତ୍ନେ ପ୍ରାସାଦ ଟଙ୍କିତ ଯତ୍ନେ
ବାଲ୍ମୀକରେ ଇନ୍ଦ୍ରଚାପ ଜାତସ୍ୱରୂପ ଯେ"

କାଳିଦାସ ଲେଖନୀ ପ୍ରସୂତ—

"ରତ୍ନଚ୍ଛାୟା ବ୍ୟତିକରମିବ ପ୍ରେକ୍ଷଣୀୟଂ ପୁରସ୍ତାତ୍
ବଲ୍ମୀକାଗ୍ରାତ୍ ପ୍ରଭବତି ଧନୁ ଖଣ୍ଡମା ଖଣ୍ଡଲସ୍ୟ" ।

କବି ଚିତ୍ରକୂଟ, ଜାହ୍ନବୀ, ବିଭିନ୍ନ ନଗର, ପୁର ଓ ଦେଶ ବର୍ଣ୍ଣନାରେ ମଧ୍ୟ କାଳିଦାସ, ଭବଭୂତି ଓ ଭୋଜରାଜ ପ୍ରଭୃତି ରାମ କଥାମୂଳକ ଗ୍ରନ୍ଥରଚକମାନଙ୍କୁ ଭିନ୍ନ ଭିନ୍ନ କ୍ଷେତ୍ରରେ ଅନୁକରଣ କରିଅଛନ୍ତି ।

ଏଥିରୁ ବ୍ୟତୀତ କବି ନାନା ଉଦ୍ଭଟ ଓ କବିକୃତ ସଂସ୍କୃତ ଶ୍ଲୋକ ସୂକ୍ତିର ମାନ୍ୟ କଥାର ସାରାଂଶକୁ ନିଜ କାବ୍ୟରେ ସ୍ଥାନ ଦେଇଛନ୍ତି । ସରସ୍ୱତୀର ସଲିଳ ବର୍ଣ୍ଣନାରେ ଶବରୁଣୀମାନେ ଉପର ମୁକ୍ତା ଫଳକୁ ବଦରୀ ଜ୍ଞାନରେ ତ୍ୟାଗ କରୁଥିଲେ ତାହା ସୁସ୍ପଷ୍ଟ ଭାବ

'ହଂସ ନଖର ବିମୁକ୍ତା ରକ୍ତ ବର୍ତ୍ତୁଳ ନ ମୁକ୍ତା
ପରଶନ୍ତ ବଦ୍ଧସିଣି ଭୀମାଦରେ ଶୋଫ ଗୃହ୍ୟଂ
ସପଦ୍ମ ସରସୀ ଧୌତ୍ୱା ସ୍ନାତ୍ୱା ବାଞ୍ଛୟ ମୁକ୍ତା
ପଦ୍ମ ଛାଡ଼ି କାହିଁ ହଂସ ଜାତ୍ୟାର ମଧ୍ୟେ"-ର ଅନୁରୂପ ।

କିନ୍ତୁ କାଳିଦାସ ଏହି ହଂସ ନଖର ବିମୁକ୍ତା ରକ୍ତରଞ୍ଜିତ ମୁକ୍ତାକୁ ହିମାଳୟ ବର୍ଣ୍ଣନାରେ ତାହା ଉପରେ ସ୍ୱ ହସ୍ତ ଅନ୍ୱେଷଣକାରୀ କିରାତମାନଙ୍କର ସାହାଯ୍ୟକାରୀ, ତାହା ବର୍ଣ୍ଣନା ନିମ୍ନଲିଖିତ କରିଛନ୍ତି ।

"ପଦଂ ତୁଷାର ସ୍ରୁତ ଧୌତରକ୍ତଂ
ଯସ୍ମିନ୍ନ ଦୃଷ୍ଟ୍ୱାପି ହତଦ୍ୱିପାନାଂ
ବିଦନ୍ତି ମାର୍ଗଂ ନଖରନ୍ଧ୍ର ମୁକ୍ତୈର୍ମୁକ୍ତା
ଫଳୈଃ କେଶରିଣାଂ କିରାତାଃ" ।

ପ୍ରେମ ସୁଧାନିଧିରେ ବିପ୍ରଲବ୍ଧ ନାୟକ ନିଜ ପ୍ରେୟସୀ ନିକଟକୁ ଅନୁରାଗପୂର୍ଣ୍ଣ ପତ୍ର ଲେଖନରେ ଚୂତ, ପଦ୍ମ, ଚନ୍ଦ୍ରକୁମୁଦ, ପ୍ରଭୃତି ଜଡ଼ ଜଗତରେ ପ୍ରେମ ନିବନ୍ଧନର ଯେଉଁ ଉଲ୍ଲେଖ କରିଛନ୍ତି ତାହା ମଧ୍ୟ ସଂସ୍କୃତ ଉଦ୍ଭଟ ଶ୍ଳୋକ କେତେକର ଅନୁରୂପ ।

ଦୂରେ ଥିଲେ ପ୍ରୀତି ଅଛି ଏହା ଥିରୁ ଜାଣି
କେତେ ଦୂରେ ରବି କେତେ ଦୂରେ କୁମୁଦିନୀ ।

(ସଂସ୍କୃତ)

"ଦୂରେ ମୟୂରା ଗଗନେମ୍ବୁମେଘାଃ
ଲକ୍ଷାନ୍ତରେ ଭାନୁଜଳେଷୁ ପଦ୍ମାଃ
ଲକ୍ଷ ଦ୍ୱିଲକ୍ଷଂ କୁମୁଦସ୍ୟ ଚନ୍ଦ୍ରୋ
ଯୋ ଯସ୍ୟ ପ୍ରୀତି ନହିତସ୍ୟ ଦୂରଂ ର ଅନୁରୂପ ।

ଏହିପରି ସ୍ୱାଭାବିକ ବର୍ଣ୍ଣନା ଯେ ବ୍ୟକ୍ତି ବିଶେଷଙ୍କର ନିଜସ୍ୱ ତାହା ନୁହେଁ । କେବଳ ଉପେନ୍ଦ୍ର କାହିଁକି, ଆଜି ଯୁଗରେ ମଧ୍ୟ କବି କହିଛନ୍ତି—

“ଚନ୍ଦ୍ର ଯେତେ ଦୂରେ ଥିଲେ କୁମୁଦିନୀ ତାକୁ କି ଭୁଲେ
ସେହିପରିଟି, ବନ୍ଧୁ ମୋତେ ମନେ ପକାଉ ଥିବୁଟି” ।

ପରିଶେଷରେ ବକ୍ତବ୍ୟ ଏହି ଯେ ଉପେନ୍ଦ୍ରଙ୍କର ଅକଥନୀୟ ରସିକତା, ପାଣ୍ଡିତ୍ୟ ଓ ବହୁକାବ୍ୟ ଅଳଙ୍କାର ପଠନର ପରିଣାମ ଯେ ନିଶ୍ଚୟ ତାଙ୍କ କବି ଜୀବନରେ ସହାୟତା କରିଛି ବୋଲିବା ବାହୁଲ୍ୟ । କବିଙ୍କର ସମସ୍ତ ସଂସ୍କୃତ ଓ ପ୍ରାକୃତକାବ୍ୟ ସାହିତ୍ୟରେ ଅଖଣ୍ଡ ଜ୍ଞାନ ତାଙ୍କ ରଚନା ସମୟରେ ସ୍ୱତଃ ଆତ୍ମପ୍ରକାଶ କରିଛି । ତାଙ୍କର ଅନ୍ୟ ନିକଟରେ ଋଣଗ୍ରସ୍ତ ଭାବ ସମ୍ବନ୍ଧେ ତାଙ୍କୁ ଋଣୀ ରୂପେ ଗ୍ରହଣ କରିଯାଇ ନ ପାରେ, କାରଣ କାବ୍ୟ ଜଗତରେ ଏପରି ଭାବ ଗ୍ରହଣ ଓ ବିନିମୟ ସ୍ୱାଭାବିକ ଏବଂ ପୃଥିବୀର ପ୍ରତ୍ୟେକ କବି, ନାଟ୍ୟକାର ଅପରର ବର୍ଣ୍ଣନାବୈଭବ, ଭାବଭଙ୍ଗୀ ଅନୁକରଣ କରନ୍ତି ଓ କରିଛନ୍ତି; କିନ୍ତୁ କଥା ଏତିକି ଯେ ସେହି ପ୍ରଭାବ ଋଣ ଓ ଅନୁଯାୟୀ ଭାବ କବିକୃତିରେ କିପରି ପ୍ରସଙ୍ଗରେ ସମୁଚିତ ଅନୁରୋଧ ରକ୍ଷା କରିଛି ଏବଂ ତହିଁରୁ କବିଙ୍କର ବ୍ୟକ୍ତିତ୍ୱ କିପରି ଭାବେ ରଞ୍ଜିତ ହୋଇଛି, ତାହା ଦେଖିବାର କଥା । ଉପେନ୍ଦ୍ର ଏ ଦୃଷ୍ଟିରୁ ପ୍ରଶଂସାର ପାତ୍ର କାରଣ ସେ ଯାହା ବା ଯେଉଁଠାରୁ ଗ୍ରହଣ କରିଛନ୍ତି, ତାକୁ ଏପରି ଆତ୍ମସ୍ଥ କରିପାରିଛନ୍ତି ଯେ କାଳକ୍ରମେ ତାହା ତାଙ୍କ ନିଜସ୍ୱରେ ପରିଣତ ହୋଇଛି । ଅଧିକନ୍ତୁ ସେ ଏତେ ସ୍ପଷ୍ଟବାଦୀ ଓ ସତ୍ୟପର ଯେ ନିଜ ମୌଳିକତା ରଖି ଅଧିକାଂଶ କ୍ଷେତ୍ରରେ ଅପରର ଭାବକୁ ନିଜର କରିଥିଲେ ମଧ୍ୟ ସେ ପୂର୍ବସୂରୀ-ଙ୍କର ଋଣଗାନ କରିଛନ୍ତି ଓ ତାଙ୍କ ରଚନାର ବୃହତ୍ତ୍ୱ ଉପଲବ୍ଧି କରିଥିବା ପ୍ରମାଣ କରିଛନ୍ତି ।

# କାବ୍ୟାଦର୍ଶ

ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟରେ କବିମାନେ କାବ୍ୟର ସୁସମାପ୍ତି ଆଶାରେ ସ୍ୱୀୟ ଅଭୀଷ୍ଟଦେବତାଙ୍କର ମଙ୍ଗଳାଚରଣ କରିବା ସଙ୍ଗେ ସଙ୍ଗେ ପାଠକମାନଙ୍କ ସୁବିଧା ନିମନ୍ତେ ବସ୍ତୁନିର୍ଦ୍ଦେଶ, କାବ୍ୟାଦର୍ଶ କଥନ, ଖଳନିନ୍ଦା ଓ ସାଧୁ ପ୍ରଶଂସା କରୁଥିଲେ । ଏହି ପରମ୍ପରା କାବ୍ୟ ଜଗତର ଏକ ଶିଷ୍ଟାଚାରର ଅନ୍ତର୍ଗତ ଥିଲା । ସାହିତ୍ୟ ଚର୍ଚ୍ଚା ସାଧାରଣତଃ ଗଣମୁଖୀ ନ ଥିବା ଓ ପଣ୍ଡିତ ସମାଜର ଅନୁଧ୍ୟେୟ ଥିବା ହେତୁ କବିଗଣ ନିଜର ଅସାଧ ସାଧନା ମଧ୍ୟରେ ଅଭିପ୍ରେତ ପାଠକ ଚାହୁଁଥିଲେ । କାବ୍ୟରେ ଦର୍ଶନଠାରୁ ଆରମ୍ଭ କରି ଅଳଙ୍କାରିକ ପ୍ରୟୋଗ ଦେଖି ସେମାନଙ୍କର ଧାରଣା ଥିଲା ଯେ ଜ୍ଞାନୀ, ରସିକ, ଅର୍ଥୀ, ବିଜ୍ଞ, ବୁଧ ଜନମାନେହିଁ କାବ୍ୟ ଅନୁଶୀଳନ କରିବା ଉଚିତ, କାରଣ ରସବୋଧ ହୀନ ବ୍ୟକ୍ତି କାବ୍ୟଗତ ରସ ଆସ୍ୱାଦନ ନ କରି କେବଳ ଅପନିନ୍ଦା ଓ କଦର୍ଥ କରିବା ସ୍ୱାଭାବିକ । ଏ ଦୃଷ୍ଟିରେ କବିମାନେ ଖଳ ନିନ୍ଦା କରୁଥିଲେ କାବ୍ୟ ଜଗତର ଏହି ଶିଷ୍ଟାଚାର, ସତର୍କବାଣୀ, ଖଳନିନ୍ଦା, ବୁଧପ୍ରଶଂସା ଓଡ଼ିଆ ସାହିତ୍ୟରେ କେବଳ ଉପେନ୍ଦ୍ର ବାର୍ଦ୍ଧିକ, ଅଭିମନ୍ୟୁ, ସଦାନନ୍ଦ, ଦୀନକୃଷ୍ଣ, ଯଦୁମଣି ପ୍ରଭୃତି ଅଧିକାଂଶ କବିଙ୍କ କୃତିରେ ପରିଲକ୍ଷିତ ହୁଏ । ଅଭିମନ୍ୟୁ କୃତ ବିଦଗ୍ଧ ଚିନ୍ତାମଣିର ୧ମ ଛାନ୍ଦ ଏବଂ ଦୀନକୃଷ୍ଣକୃତ "ରସକଲ୍ଲୋଳ"ର ଶେଷଛାନ୍ଦର ପ୍ରାରମ୍ଭରେ ଯେଉଁ କାବ୍ୟାଦର୍ଶ କଥିତ ତାହା ଉତ୍କଳର ପ୍ରତ୍ୟେକ ସାହିତ୍ୟିକଙ୍କ ନିକଟରେ ପରିଚିତ । ସେଠାରେ କବିମାନେ ନିଜଧର୍ମ ମତର ସ୍ଥାପନ ସଙ୍ଗେ ସଙ୍ଗେ କାବ୍ୟ ସୃଷ୍ଟି ଯେ କି ପ୍ରକାର ସାଧନାସାପେକ୍ଷ ତାହାର

ଅବସର ଓ ରସଧାରଣ କ୍ଷମତାଠାରୁ ପାଠକମାନଙ୍କର ପାଣ୍ଡିତ୍ୟ ଓ ସରସ ହୃଦୟର ସଙ୍ଗ ନିର୍ଦ୍ଦେଶ କରିବାରେ ବ୍ୟାପୃତ । ରସ-କଲ୍ଲୋଳକାର ଏକଦେଶଦର୍ଶୀ ସମାଲୋଚକମାନଙ୍କ କବିତାର ବୈଶିଷ୍ଟ୍ୟକୁ ଭ୍ରାନ୍ତ ରୂପେ ଉପସ୍ଥାପିତ କରିଅଛନ୍ତି ।

ଅଭିମନ୍ୟୁ ଖଳମାନଙ୍କ ଶ୍ଳାନମୁଣ୍ଡ ଓ ତାଙ୍କ ନିନ୍ଦନ କରନ୍ତି ଯେ ମୂଲ୍ୟହୀନ ଏହା ପ୍ରକାଶ କରିବା ସଙ୍ଗେ ସଙ୍ଗେ କହନ୍ତି, ତାଙ୍କ କାବ୍ୟ ହେଉଛି ଛଇଳ ଲୋକର ନବ ଗୁଣବତୀ ଛନ୍ଦ । ପୁନଶ୍ଚ ତାହା ବିଦ୍ୟାର୍ଥୀମାନଙ୍କର ଦନ୍ତ ପର୍ବତ ଚୂର୍ଣ୍ଣରେ ବଜ୍ର ସଦୃଶ । କେବଳ ଏତିକି ନୁହେଁ, ତାଙ୍କ କାବ୍ୟରେ ଔଦାର୍ଯ୍ୟ, ଗାମ୍ଭୀର୍ଯ୍ୟ ଓ ରସାଳତା ଭେଦ ତାହା କେଉଁଠାରେ ନାରିକେଳ ସଦୃଶ, କେଉଁଠି ଗୁଡ଼ୁକର ଦ୍ରାକ୍ଷାପାକ, ଅଥବା କେଉଁଠାରେ ଶର୍କରା ରୋଚକ । ମହାପାପୁ ସତ୍ତ୍ୱମଣି ମଧ୍ୟ ଏ ପରଂପରାକୁ ଅତିକ୍ରମ କରିନାହାନ୍ତି । ତେବେ ଏଠାରେ ଗୋଟିଏ କଥା ଉଠେ ଯେ ଉତ୍କଳ ସାହିତ୍ୟ ମଧ୍ୟଯୁଗର କବିସ୍ତବକମାନଙ୍କର କାବ୍ୟର ଶିଳ୍ପାଗୁର ଓ ଆଦର୍ଶ ପ୍ରସ୍ତୁତ ପ୍ରସଙ୍ଗରେ କୃଷ୍ଣ ନାମ ରୂପ ତୁଳସୀ ଚଢାଇ ଓ ହାହା ଦେଇ କାବ୍ୟ ପ୍ରଶଂସା କରିବାକୁ ଯେଉଁ ବାଧ୍ୟବାଧକତା ତାହା କବିମାନଙ୍କର ଅସ୍ୱାଭିମାନର ସଙ୍କେତ ଦିଏ । ଧର୍ମର ଦୁହାଇ ଦେଇ, ନିଜର କାବ୍ୟବୋଧ ଓ ରସବୋଧକୁ ଅନ୍ୟ ଉପରେ ପ୍ରଲେପ କରିବାର ଯେଉଁ କଳ୍ପନା ଓ ପ୍ରୟାସ ସମସ୍ତେ ତାହା ମାସତ୍ତ୍ୱ ହୋଇଥାଏ । କବି ଉପେନ୍ଦ୍ର ନିଜ କାବ୍ୟମାନଙ୍କରେ କାବ୍ୟାଦର୍ଶ ପ୍ରସ୍ତୁତ ଓ ପାଠକଗଣଙ୍କର ସହୃଦୟତା ଓ ଜ୍ଞାନ ଗୌରବ ଅଣାକରିବା ଓ ପରିକଳ୍ପନା କରିବା ମଧ୍ୟରେ ଏଭଳି ଧାର୍ମିକ ଔଚିତ୍ୟ ବା ଦୁହାଇ ଦେଇ ନାହାନ୍ତି ।

ଉପେନ୍ଦ୍ର ସ୍ୱରଚିତ କାବ୍ୟମାନଙ୍କ ଅବବୋଧରେ କହନ୍ତି ।

"ନାନାଶାସ୍ତ୍ର ଅର୍ଥେ ଯେ ବିଚକ୍ଷଣ
ଯେହୁ ଜାଣେ ଅଳଙ୍କାରର ଲକ୍ଷଣ
ସେହୁ କରୁ ଏ ଗ୍ରନ୍ଥ ବିବେଚନା" ପ୍ରଭୃତି

"ପୁରାଣ ଅଭିଧାନ ଜାଣିଥିଲେ
ପୁଣି କାବ ହେବ ସହୃଦ ହେଲେ" ପ୍ରଭୃତି ବାକ୍ୟରେ ସେ ପାଠକର ହୃଦୟ ଓ ମସ୍ତିଷ୍କ ଉଭୟର ପୂର୍ଣ୍ଣତା ଚାହିଁଛନ୍ତି । ସେ ଥିଲେ ପଣ୍ଡିତ, ଶାସ୍ତ୍ରଜ୍ଞ, ରସଜ୍ଞ । ତେଣୁ ତାଙ୍କ ଭଳିରେ ପାଠକ-ମାନଙ୍କ ଠାରେ ଏକାଧାରରେ ଏ ତ୍ରିଗୁଣଙ୍କ ଆଶା କରିବା ଅସ୍ୱାଭାବିକ ନୁହେଁ । କାବ୍ୟଗତ ନାୟକମାନଙ୍କ ଗୁଣ କଥନରେ ସେ ଜୈମିନୀ, ଶଗନ, ବ୍ୟାସ ପ୍ରଭୃତିଙ୍କର ଯେଉଁ ଅବତାରଣା କରିଛନ୍ତି ତହିଁରୁ ତାଙ୍କ କାବ୍ୟ ଓ ଶାସ୍ତ୍ରଜ୍ଞାନ ସହିତ କଳ୍ପିତ ଚରିତ୍ର ଗୁଡ଼ିକୁ ଆଦର୍ଶମୁଖୀ କରି ଗଢ଼ିବାର ପ୍ରୟାସ ସୁସ୍ପଷ୍ଟ ।

କବିତା ବା କାବ୍ୟର ବିଷୟବସ୍ତୁ ସମ୍ପର୍କରେ ତାଙ୍କ ଧାରଣା ଯେପରି ଧ୍ୱନି, ରସ, ସରଳତା ଓ ଅଳଙ୍କାର ସମନ୍ୱିତ, ତାହା ବିଭିନ୍ନ କାବ୍ୟରେ ଏକାଧିକ ସ୍ଥଳରେ ପ୍ରକାଶ କରିଛନ୍ତି । 'ଲାବଣ୍ୟ-ବତୀ' ପ୍ରଥମ ଛାନ୍ଦରେ କବି କହିଛନ୍ତି—

"ପଦ ସରଳ ଧ୍ୱନିରେ ମାନସ ମୋହିବ
ଅର୍ଥ ଜନ ପ୍ରକରକୁ ଆନନ୍ଦ ବର୍ଦ୍ଧନ ।
ଉ, ର, ଲ, ରେ ସାବର୍ଣ୍ଣ୍ୟ ଯା ବ୍ୟାକରଣେ ଲକ୍ଷ
ପ୍ରତିଜ୍ଞେ କହଇ ଗୀତ ଏଣୁ କୃତପାଇଁ ।"
"ବୁଝାଇଲେ ଜଡ଼ଜନ ବୁଝିବକୁ ପାରିବ
ଖଳଗଣର ଚ୍ୟୁତାକର ପ୍ରାପ୍ତେ ନ ଗ୍ରାସିବ
ମର୍ମସ୍ପର୍ଶି ଉକ୍ତିରେ ଅମୃତାଦର

ସୁରେ କରନ୍ତି ଯେମନ୍ତେ ସାଧୁଜନ ସେ ପ୍ରକାର
ଦୋଷଥିଲେ ରସ ବର୍ଣ୍ଣି କରିବେ ଆଦର" ଇତ୍ୟାଦି

ଏଠାରେ ରସ ଓ ଧ୍ୱନିର କାବ୍ୟରେ ଯେଉଁ ପ୍ରାଧାନ୍ୟ ଓ ସାଧୁଜନମାନଙ୍କର ଦୃଷ୍ଟିରେ ରସିକତା ଉଦ୍ଦିଷ୍ଟ । କାବ୍ୟର ସ୍ୱାନ୍ତ ଓ ବାହ୍ୟ ଅନ୍ତର ରୂପର ପାର୍ଥକ୍ୟ ଯେଉଁ 'ପ୍ରେମସୁଧାନିଧି'ରେ କବି କହିଛନ୍ତି—

"ମନ ଚକୋରକୁ ତୋଷ କରିବ ସତତ
ଶୁଣି ଏହୁ ଗୀତ ନାରିକେଳ ଫଳବତ
ବାହାରେ କର୍କଶ ଭିତରେ ତ ସରସତା
ଜାଣିବ ଜନ କଣ୍ଠକୁ ହୋଇବ ମୁକୁତା" ।

କାବ୍ୟଗତ ରସ ଯେତେ କବି ଶୃଙ୍ଗାର ରସକୁ ପ୍ରଧାନ ରୂପେ ଗ୍ରହଣ କରିଥିଲେ ମଧ୍ୟ, ଅନେକସ୍ଥଳରେ ପ୍ରସଙ୍ଗଅନୁରୋଧରେ ବୀର, ଶୃଙ୍ଗାର, କରୁଣ, ଓ ବୀଭତ୍ସ ପ୍ରଭୃତି ନବରସର ଅବତାରଣା କରିଛନ୍ତି; କିନ୍ତୁ "ଶୃଙ୍ଗାରୀଚେତ୍ କବିଃ" ଥିଲା ତାଙ୍କର ଆଦର୍ଶ । କାବ୍ୟକୁ କାନ୍ତାସମ୍ମିତ ରୂପେ କଳ୍ପନାକରି ତାକୁ ନାନା ମନୋଜ୍ଞ ଭୂଷଣରେ ମଣ୍ଡନ କରିବା ସଙ୍ଗେ ବିଭିନ୍ନ ରସ ଉପଯୋଗରେ ରସବତୀ କରିଥିଲା ତାଙ୍କର ଲକ୍ଷ୍ୟ । ପ୍ରସଙ୍ଗ ଅନୁରୋଧରେ କହିବାକୁ ହୁଏ ଯେ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ଲାବଣ୍ୟବତୀର ଯେଉଁ ଦୀର୍ଘ ମୁଖବନ୍ଧ ରଚନା କରିଛନ୍ତି ସେଥିରେ ସେ କେବଳ ଉପେନ୍ଦ୍ର କାହିଁକି ରୀତିଯୁଗର ପ୍ରାୟ ଅଧିକାଂଶ କବିମାନଙ୍କ କାବ୍ୟ ରଚନାର ସାଧାରଣ ଆଦର୍ଶ ଓ ତହିଁରେ ସଂସ୍କୃତ ସାହିତ୍ୟ କିପରି ଆଦର୍ଶ ରୂପେ କାର୍ଯ୍ୟକରିଛି ତାହା ଉଲ୍ଲେଖ କରିଛନ୍ତି । ସମ୍ପାଦକ ମହାଶୟ ରସ, କାବ୍ୟ, କବି, ନାୟକ,

ନାୟିକା, ଗୁଣ, ଦୋଷ, ଧ୍ୱନି ଯେନ ଶାସ୍ତ୍ର ସମ୍ମତ ଯେଉଁ ବ୍ୟାଖ୍ୟା କରିଛନ୍ତି ତାହା ଉପେନ୍ଦ୍ର ସାହିତ୍ୟ ପଠନ ପଥର ପ୍ରଧାନ ସହାୟକ ହେଲେ ମଧ୍ୟ ସୁସାହିତ୍ୟିକଙ୍କୁ ଯଥାଯୋଗ୍ୟ ସମ୍ମାନ ଦେଇ ମୁଁ କହିପାରେ ଯେ ତାହା ଲାବଣ୍ୟବତୀ କାବ୍ୟର ସାହିତ୍ୟିକ ମୁଖବନ୍ଧ ପରିବର୍ତ୍ତେ ଉପେନ୍ଦ୍ର ସାହିତ୍ୟ ପଠନର ଏକ ଆଲଙ୍କାରିକ ବ୍ୟବସ୍ଥା ପତ୍ରରେ ପର୍ଯ୍ୟବସିତ । ଉକ୍ତ ମୁଖବନ୍ଧରେ ସେ ଯେଉଁ କାବ୍ୟାଦର୍ଶ ଖ୍ୟାପନ କରିଛନ୍ତି ତାହାହିଁ ଉପେନ୍ଦ୍ର ସାହିତ୍ୟ ପଠନର ଓ ଆଲଙ୍କାରିକ ଆଲୋଚନାରେ ଉତ୍କୃଷ୍ଟ ପନ୍ଥା ମାତ୍ର ।

ଯାହାହେଉ କବି ଉପେନ୍ଦ୍ର ନିଜ କାବ୍ୟଗୁଡ଼ିକର ବିଭିନ୍ନ ସ୍ଥଳରେ କାବ୍ୟ ପାଠରେ କିପରି ଜ୍ଞାନ ଆବଶ୍ୟକ ଓ କି ପ୍ରକାର ରସାଳ ହୃଦୟ ପ୍ରୟୋଜନ, ତାହା ଦର୍ଶାଇଛନ୍ତି । କାବ୍ୟ ଯେ ଏକ ଆଭରଣମଣ୍ଡିତା ରସମୟୀ ବ୍ୟକ୍ତିତ୍ୱ ତାହାହିଁ ତାଙ୍କର କହିବାର କଥା । ସେ ନିମନ୍ତେ ସଂସ୍କୃତ ଆଲଙ୍କାରିକମାନଙ୍କ 'ରସସାର ଶ୍ଚମତ୍କାର' । 'ବାକ୍ୟଂରସାତ୍ମକଂ କାବ୍ୟମ୍' ପ୍ରଭୃତି ସମସ୍ତ କାବ୍ୟଗତ ସଂଜ୍ଞା ପ୍ରାୟ ଗ୍ରହଣ କରିଥିଲେ ।

କାବ୍ୟର ରୀତି ଯେନ ସେ "ଗୌଡ଼ୀ"କୁ ଅଧିକ ସ୍ଥଳରେ ଅନୁସରଣ କରିଛନ୍ତି । 'ଗୌଡ଼ୀ' ରୀତିର ଅକ୍ଷର ଆଡ଼ମ୍ବର ଉପେନ୍ଦ୍ର-ସାହିତ୍ୟକୁ ଶବ୍ଦାଡ଼ମ୍ବରମୟ କରିଛି । କିନ୍ତୁ କାଳିଦାସ ବୈଦର୍ଭୀ ରୀତି ମୁଖ୍ୟରୂପେ ଗ୍ରହଣ କରି ସ୍ୱୀୟରଚନାରେ ଯେଉଁ ଲାଳିତ୍ୟ ଆନୟନ କରିଛନ୍ତି ତାହା ଉପେନ୍ଦ୍ର ସୃଷ୍ଟିର ବହିର୍ଦ୍ଦେଶରେ, କାରଣ କବି କାବ୍ୟରେ ଶାସ୍ତ୍ର, ଜ୍ଞାନ, ରସ, ଧ୍ୱନି, ସମସ୍ତର ସମାବେଶ ପ୍ରତି ଯେତିକି ଦୃଷ୍ଟି ଦେଉଥିଲେ, କାବ୍ୟର ଶବ୍ଦ ସମ୍ଭାର ପ୍ରତି ତତୋଧିକ ଯତ୍ନଶୀଳ ଥିଲେ ।

କାବ୍ୟାଦର୍ଶର ଅନ୍ୟତମ ସ୍ୱରୂପ ହେଉଛି ରସିକର ଅନୁଭୂତି । ଏ ଅନୁଭବ ବିଶେଷରେ ଦେହଜ ଓ ସାଧାରଣ ପ୍ରେମ ସଂକ୍ରାନ୍ତରେ ସେ କହିଛନ୍ତି

"ପାଞ୍ଚ ଗ୍ଲାନେ ଶେଷ ହୋଇଲା ଏ ରସ କବର ରସିକ ଗଣ
ହେ ଜନେ ପ୍ରେମ ସୁଧାବ୍ଧିରୁ ରସିକ ହାରାବଳୀର ଏ ଶେଷ
ସୁବର୍ଣ୍ଣରେଖାର ବର୍ଣ୍ଣନା ଯେତେ କଲେ ସେ ଏହୁ ତନ୍ତ ଗୀତ
କହେ ଉପେନ୍ଦ୍ର ବାରବାର ଅନୁଭବୁ ଏ ବିଧାତ ।

କବି କାବ୍ୟଗ୍ରନ୍ଥରେ ରତି ବର୍ଣ୍ଣନା ପ୍ରସଙ୍ଗରେ ଯେ କାମକ୍ରୀଡ଼ା ଓ ସମ୍ଭୋଗର ଚିତ୍ର ଆଙ୍କିଛନ୍ତି ସେ ଗୁଡ଼ିକ ଶାସ୍ତ୍ରାନୁମୋଦିତ । ପରମ୍ପରା ପାଳନ ଓ ସଂସ୍କୃତର ଅନୁସରଣ ଉପେନ୍ଦ୍ରଙ୍କ ପକ୍ଷେ ଯେପରି ସମ୍ଭବ ହୋଇଥିଲା, ଅନ୍ୟ କୌଣସି କବିଙ୍କ ପକ୍ଷେ ତାହା ହୋଇ ନାହିଁ । କବି 'ରସିକ ହାରାବଳୀ'ର ଶୃଙ୍ଗାର ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ କହନ୍ତି—

"ବ୍ରହ୍ମାଦ୍ୟନ ଶୁଣିଲେ ଯେ ଏ ରସ ଗୋଚର
ଗୀତେ ଭଣନ୍ତେ ଉପେନ୍ଦ୍ର ଭଞ୍ଜ ସାର କର"

ମୂଳତଃ ଉପେନ୍ଦ୍ରଙ୍କ କାବ୍ୟାଦର୍ଶ ପରମ୍ପରାର ଅନୁଗତ । ସେ ନିଜେ ଯେପରି ପଣ୍ଡିତ, ରସିକ, ତାଙ୍କ କାବ୍ୟ କବିତା ଯେପରି ପାଣ୍ଡିତ୍ୟ ଓ ରସିକତା ପୂର୍ଣ୍ଣ, ତାଙ୍କ ପାଠକମାନେ ସେହିରୂପ ହେବା ଉଚିତ ବୋଲି ସେ କାବ୍ୟାଦର୍ଶ ନିରୂପଣ କରିଛନ୍ତି ।

ସେଥିରେ କୌଣସି ବୈଚିତ୍ର୍ୟ ନାହିଁ । ହେଲେହେଁ ତହିଁରେ ବୈଷ୍ଣବ କବିସୁଲଭ ଧର୍ମନାମରେ ଅସ୍ମରଷା ପ୍ରଚେଷ୍ଟା ପ୍ରାୟ ନାହିଁ । ବାସ୍ତବରେ ସଂସାରରେ ନର ଜନ୍ମ ମହାପୁଣ୍ୟ ସାପେକ୍ଷ । ବିଦ୍ୟା ତ ଦୁର୍ଲଭ, ତହିଁ ସଙ୍ଗେ ପ୍ରତିଭା ଓ ବିଦ୍ୟା ସାଧନାର ସମନ୍ୱୟ ଅତି ଦୁର୍ଲଭ । ତେଣୁ କବିତ୍ୱ ଲାଭକରିବା ନୈତିକ ଅଭ୍ୟାସ ସାପେକ୍ଷ

ଓ ଶିକ୍ଷା-ସାଧନାର ଅବଶ୍ୟକ, କାବ୍ୟପାଠକର ରସ ଗ୍ରହଣ କରିବା ଓ କବିତ୍ୱର ମୂଲ୍ୟଦେବା ତତୋଧିକ ସାଧନା ଓ ସହୃଦୟତା ସାପେକ୍ଷ । ତେଣୁ ଅଜ୍ଞ ଯୁଗରେ ଶ୍ରୀ କବିକହନ୍ତି—
"ଗ୍ରାହକତା ବିନା କବି ସ୍ୱର୍ଗସୁଖ ଅନମୂଲେ କବି ତୋଷିବ କେହ୍ନେ"

---

## କବିସୃଷ୍ଟିରେ ଜୀବନ

ଇଂରାଜି ସାହିତ୍ୟର ଶ୍ରେଷ୍ଠ ସମାଲୋଚକ Mathew Arnold କହନ୍ତି—

**It is important therefore to hold fast to this that poetry is at bottom a criticism of life, that the greatness of a poet lies in this powerful and beautiful application of ideas to life.**

ମାନବ ଜୀବନର ରୂପକ ଅଭିବ୍ୟକ୍ତି ହିଁ ସାହିତ୍ୟ । ମନୁଷ୍ୟ ଜୀବନକୁ ସୃଷ୍ଟିହୋଇ, ଖାଦ୍ୟ ଲାଭକରି ଏହା ପୁଷ୍ଟ ହେବା ସଙ୍ଗେ ସଙ୍ଗେ ଜୀବନକୁ ଅଧିକ ଉନ୍ନତ ଓ ଅନୁବେଦନାମୟ କରି ପକାଏ । ଏହି ହେତୁ ଜୀବନକୁ ସାହିତ୍ୟର ପ୍ରଧାନ ଉପଜୀବ୍ୟ ରୂପେ ଗ୍ରହଣ କରାଯାଇ ସାହିତ୍ୟକୁ ଜୀବନର ସମାଲୋଚନା ରୂପେ ଗ୍ରହଣ କରାଯାଇ ଥାଏ । ସୁତରାଂ ଯେଉଁ ସ୍ରଷ୍ଟା ଓ କବିଙ୍କ ରଚନାରେ ଏହି ଜୀବନୀ ଶକ୍ତିର ସମ୍ୟକ ବିକାଶ ଯେତେ ଘଟିଥାଏ, ସେ ସାହିତ୍ୟ ଜଗତରେ ସେହି ଅନୁପାତରେ ଉଚ୍ଚସ୍ଥାନ ଲାଭ କରିଥାନ୍ତି ।

ମନୁଷ୍ୟ ଜୀବନର ବ୍ୟାପକତା, ଗମ୍ଭୀରତା ଓ ଅନୁବେଦନା-ପରିପୂର୍ଣ୍ଣ ପ୍ରକୃତିକୁ ପର୍ଯ୍ୟବେକ୍ଷଣ କରି ରୂପକ ଜରିଆରେ ପ୍ରକାଶ କରିବା ଓ ତଦ୍ୱାରା ପାଠକ ପ୍ରାଣର ସମୁଦାୟ ଭାବକୁ ଜାଗ୍ରତ

ଭଗବଦ୍‌ବାଣୀ ସାହିତ୍ୟ । ତେଣୁ ମନୁଷ୍ୟର ଏହି ଜୀବନ ଏକମୁଖୀ ହେବା ଅନୁଚିତ । ଈଶ୍ୱର ସୃଷ୍ଟିରେ ମନୁଷ୍ୟର ଏହି ଜୀବନ କେବଳ ସୁଖମୟ ବା ରଙ୍ଗରହସ୍ୟଭରା ନୁହେଁ । ଏଥିରେ ନିର୍ଯ୍ୟାତନା, ଦୁଃଖ ସମବେଦନା, ଦୟା, ପୌରୁଷ ପ୍ରଭୃତି ପ୍ରତ୍ୟେକ ଗୁଣାବଳୀର ସୁନ୍ଦର ଓ ଜୀବନ୍ତ ଅଭିବ୍ୟକ୍ତି ଥିବା ବାଞ୍ଛନୀୟ । ଯେଉଁ କବିମାନଙ୍କ କୃତିରେ ଜୀବନର ଏହି ସମ୍ୟକ ପର୍ଯ୍ୟାଲୋଚନା ଯେତେ ପରିମାଣରେ ଥାଏ, ସେମାନେ ସେତେ ପରିମାଣରେ ସମ୍ମାନ ଅର୍ଜନ କରନ୍ତି । ସାହିତ୍ୟରେ ଜୀବନର ଏହି ଶାଶ୍ୱତ ରୂପାଣ ତାକୁ ଯୁଗ, ଦେଶ ଓ ପାତ୍ରର ସସୀମ ପରିଧି ଅତିକ୍ରମ କରାଇ ସର୍ବଯୁଗ, ଦେଶ ଓ ପାତ୍ରଙ୍କର ଉପଭୋଗ୍ୟ କରାଇଥାଏ । ଏ ଦୃଷ୍ଟିରେ ସଂସ୍କୃତକବିମାନଙ୍କ ମଧ୍ୟରେ କାଳିଦାସ ଅଛ ଏତେ ଉଚ୍ଚରେ । ରତିଙ୍କର ବୈଧବ୍ୟ, ବିଳାପ, ପାର୍ବତୀଙ୍କ ଆନ୍ତରିକତା-ପୂର୍ଣ୍ଣ ତପଶ୍ଚର୍ଯ୍ୟା, ଶକୁନ୍ତଳାଙ୍କର ଆଶ୍ରମଜୀବନ, ଯକ୍ଷର ବିରହ-ବିଧୁର ପ୍ରାଣର ପ୍ରକାଶନ କାଳିଦାସଙ୍କୁ ଭାରତ କାହିଁକି, ସମଗ୍ର ପୃଥିବୀରେ ଏତେ ଆଦରଣୀୟ କରିପାରିଛନ୍ତି । ରତିଙ୍କର ଯେଉଁ ମର୍ମଦାରକ ବିଳାପ ତାହା ଏକ ଯୁଗର ନୁହେଁ । ଏକ କାଳର ମଧ୍ୟ ନୁହେଁ । ସେହି ହୃଦୟ ଆଲୋଡ଼କ ବିଳାପ ଜଗତର ଶ୍ରେଷ୍ଠ ନିର୍ମମ ହୃଦୟରେ ମଧ୍ୟ ଅନୁବେଦନାର ସୂତ୍ରପାତ କରିଥାଏ । ତେଣୁ କବିଙ୍କ ନରଶରୀର ଏକ କାଳର ଅନ୍ତର୍ଭୁକ୍ତ ହେଲେ ମଧ୍ୟ ସେ ସବୁ ଯୁଗର ହୋଇଥାନ୍ତି । ସାହିତ୍ୟରେ ମାନବ ଜୀବନର ଏହି ଉପାଦେୟତା ଅଦୌ ଅଳୀକ ନୁହେଁ ।

ଆଲୋଚ୍ୟ କବି ଉପେନ୍ଦ୍ରସାହିତ୍ୟରେ ଜୀବନକୁ କି ପ୍ରକାର ସ୍ଥାନ ଦେଇଛନ୍ତି ତାହା ପର୍ଯ୍ୟବେକ୍ଷଣ କଲେ ଜଣାଯାଏ, କବିଙ୍କର ଦୃଷ୍ଟି ଏକମୁଖୀ ଥିଲା । କାରଣ ତାଙ୍କ ଯାବତୀୟ ରଚନା ମଧ୍ୟରେ

ସେ ଜୀବନ ସମ୍ପର୍କରେ ଯେଉଁ ମତ ପୋଷଣ କରିଛନ୍ତି, ତାହା କେବଳ ମନୁଷ୍ୟର ବିଭବ ଓ ବିଳାସ ପରିପୂର୍ଣତା ଯୋଗ୍ୟ । ଭକ୍ତଦୃଷ୍ଟିରେ ଜୀବନ ଶ୍ରେୟଙ୍କର, ସୁନ୍ଦର, ଉପଭୋଗ୍ୟ, ଏଥିରେ ଦୈନ୍ୟ ନାହିଁ, ତ୍ୟାଗ ନାହିଁ, ସାଧନା ନାହିଁ, ପ୍ରଚେଷ୍ଟା ନାହିଁ । ଈଶ୍ୱରଙ୍କ ଶକ୍ତି ସଂଯୋଗରେ ମନୁଷ୍ୟ ନିଜର ଭୌତିକ ଶରୀର ଓ ଜାଗତିକ ଉପାଦାନ ଗୁଡ଼ିକର ସ୍ୱଚ୍ଛନ୍ଦ ଉପଭୋଗ କରିପାରେ । ଏହି ଭୋଗ ଓ ବିଳାସ ଯୋଗୁ କୌଣସି ଅପ୍ଲାସ ନାହିଁ, ଏହା ବିଧି ନିର୍ଦ୍ଦିଷ୍ଟ ।

ଦ୍ୱିତୀୟତଃ ମନୁଷ୍ୟ ଜୀବନରେ ପ୍ରେମ ବିଶେଷରେ ଉଦ୍ଦୀପନକାରୀ ବିଭବ ଗୁଡ଼ିକ ମଧ୍ୟରେ ଦୈହିକ ମିଳନ ଓ ଉପଭୋଗ ହେଉଛି ଏହାର ପରମ ସଂପଦ ଓ ଚରମ ସାଧନା । ଏ ପ୍ରକାର ମତ ପୋଷଣ କରିବା ଅନ୍ତରାଳରେ କାରଣ ହେଉଛି କବି ସ୍ୱୀୟ ବିଶାଳ କାବ୍ୟ ରଚନା ମଧ୍ୟରେ କେଉଁଠାରେ ହେଲେ ମନୁଷ୍ୟ ଜୀବନର ହାହୁତାଶ ଦୈନ୍ୟ ଓ ବ୍ୟତିକ୍ରମପ୍ରସ୍ତ ଅଙ୍ଗୁଳି ନିର୍ଦ୍ଦେଶ କରିନାହାନ୍ତି । ବରଂ ତାଙ୍କ ରଚନାର ବିଭିନ୍ନ ସ୍ଥଳରେ ଜୀବନ ଯେ ଭୋଗମୟ, ମନୁଷ୍ୟ ଯେ ଭୋଗପର, ତାର ବିଳାସ ଯେ ଅତ୍ୟୁଦ୍ବେଳିତ ତାହା ଦର୍ଶାଇଛନ୍ତି । ଅବଶ୍ୟ ଜୀବନ ସଂପର୍କରେ ଏପରି ଆଲେଖ୍ୟ ଅଙ୍କନ କରିବା ମୂଳରେ ପରମ୍ପରା ଓ ଭାରତୀୟ ଦର୍ଶନ ବିଦ୍ୟମାନ । ସମାଲୋଚକମାନେ କହନ୍ତି, ଭାରତୀୟ ସଂସ୍କୃତି ଓ ସାହିତ୍ୟରେ ଜୀବନ ଏକ ଭୋଗ୍ୟବସ୍ତୁ । ଜୀବନକୁ ଉପଭୋଗ କରିବାରେ ଏହାର ସାର୍ଥକତା ନିହିତ । ଅଧିକରେ ଏହି ଭୋଗ ଚତୁର୍ବର୍ଗ ଫଳ ପ୍ରାପ୍ତିର ପ୍ରଧାନ ମାଧ୍ୟମ । ତେଣୁ ବୈଧିପ୍ରେମ ଅନୁରୋଧରେ ବିବାହ, ଦୈହିକ ସଂଭୋଗ ମଧ୍ୟ ହୋଇ ସାଂସାରିକ ଜୀବନର ଉତ୍କର୍ଷତା ପୁଷ୍ଟିପାରେ ଏଥିରେ ଅତ୍ୟୁକ୍ତି ନାହିଁ ।

ହେଲେହେଁ ଜୀବନରେ ଏହି ସଂଯୋଗ ହେତ ବାଧାପ୍ରାପ୍ତ ଏବଂ ନୀରକ୍ତଶ, ଏହା ଭାବିବା ଅନୁଚିତ, କାରଣ ଜୀବନ ସଂଗ୍ରାମ-ସଂକୁଳ । ଯୋଗ ପାଇଁ ଏଠାରେ ସମବେଦନାଠାରୁ ତ୍ୟାଗ ନାମରେ ଯୁଦ୍ଧ ବିଗ୍ରହ ପର୍ଯ୍ୟନ୍ତ ସ୍ଥାନ ପାଇପାରେ । ଜୀବନରେ କବି ନାୟକ ଯେଉଁ ଯୋଗପର ଉପାଦେୟତା ଦର୍ଶାଇଛନ୍ତି ସେହି ନାୟିକାର ସମ୍ପଦ ଓ ସୌଖ୍ୟ ଯେଉଁ ପୁରାଣ ଇତିହାସରେ ଯେଉଁ ତ୍ୟାଗ, ସଂଗ୍ରାମ, ଅତ୍ୟନ୍ତ ଦୈନ୍ୟ, ବୈଚିତ୍ର୍ୟ ଓ କୁଟନୀତିର ଚିତ୍ର ରହିଛି ଏବଂ ତନ୍ମାଧ୍ୟମରେ ମନୁଷ୍ୟ ତାର ଯେଉଁ ବିକାଶ ଘଟିଛି ତାହା ଉପେନ୍ଦ୍ର ସାହିତ୍ୟରେ ବିରଳ । କବି ଭାରତୀୟ ସଂସ୍କୃତିକୁ ଅନୁସରଣ କରିଛନ୍ତି ସତ୍ୟ, ହେଲେହେଁ ସେ ଅନୁସରଣ ବୈଚିତ୍ର୍ୟ ବିହୀନ । ଏହି ପ୍ରସଙ୍ଗ ଆଲୋଚନା କଲାବେଳେ କବିଙ୍କର ବ୍ୟକ୍ତିଗତ ଜୀବନ ପ୍ରତି ଲକ୍ଷ୍ୟଦେବାକୁ ପଡ଼େ ।"In the study of all other kinds of literature our attention must first be directed to the poet himself; to his personality and out-look upon the world tot he interpretation of life, expressly given by or held in solution in his work, to the individual note of it. Hudson··· "The great poets are judged by the frame of mind they induce". Emerson.

କବି ରାଜପୁତ୍ର ଥିଲେ ମଧ୍ୟ ସ୍ୱାର୍ଥ ତ୍ୟାଗ ବାସନା, ସରଳ ଅଥଚ ନୀତିଭାବାପୂର୍ଣ୍ଣ ଜୀବନ ଯେଉଁ ସାହିତ୍ୟ ସାଧନାରେ ବ୍ରତୀ ହୋଇଥିଲେ । ତଥାପି ସେ ଥିଲେ ରାଜପୁତ୍ର । ସମାଜର ଯେଉଁ ସଂକୀର୍ଣ୍ଣ ପରିଧି ମଧ୍ୟରେ ସେ ବର୍ତ୍ତମାନ, ତାହା ରାଜକୀୟ-ସାଧାରଣ ନୁହେଁ ।

ଅନ୍ତଃପୁର, ଦାସୀପରିବାର, ପ୍ରାସାଦ, ଉଦ୍ୟାନ, ଧନଦୌଲତର ଅମାପ ସମନ୍ୱୟମଧ୍ୟରେ ତାଙ୍କର ବାଲ୍ୟ ଜୀବନ ଅତିବାହିତ । ଯଦ୍ୟପି ସେ ସେହି ଆଡ଼ମ୍ବରମୟ ଜୀବନପ୍ରତି ପରିସ୍ଥିତି ଓ ସ୍ୱଭାବଗତ ଔଦାସ୍ୟ ଯୋଗୁଁ ଅବହେଳା ପ୍ରଦର୍ଶନ କରିଥିଲେ ତଥାପି ସେ ଥିଲେ ଭୋଗପର । ସାହିତ୍ୟ କବି ହୃଦୟର ସ୍ୱଚ୍ଛ ପ୍ରତିଫଳନ ହୋଇଥିବାରୁ କବିଙ୍କର ଏହି ଭୋଗପର ମନୋବୃତ୍ତି ଅଦୌ ଅନୁଚିତରେ କହି ନ ପାରେ । ତେଣୁ ଉପେନ୍ଦ୍ର ସ୍ଥାୟୀ ସାହିତ୍ୟ ମଧ୍ୟରେ ଜୀବନର ଯେଉଁ ରୂପ ଦେଇଛନ୍ତି ମୁଖ୍ୟତଃ ତାହା ଅପୂର୍ଣ୍ଣ । ଯେଉଁମାନେ ମତ ପୋଷଣ କରନ୍ତି ଯେ ଯୁବତ୍ୱକୁ ଅବହେଳା କରି ପରିସ୍ଥିତିକୁ ଅବମାନନା କରି ଅଧିକାଳ ତପସ୍ୟା ଲଗାଇ କବିତ୍ୱରେ ଜୀବନୀଶକ୍ତି ଅନୁସନ୍ଧାନ କରିବା ପ୍ରମାଦ ପୂର୍ଣ୍ଣ, ସେମାନଙ୍କର ମତେ ବଞ୍ଚିବା ଜଗତ୍, ଜୀବନ ହେଉଛି ଜୀବନ । ତାହା କାଳ, ରୁଚି ବା ଦେଶର ଯେଉଁ ଅଧୀନତା ସ୍ୱୀକାର କରେ ତାହା ସୀମାଯୁକ୍ତ । କାରଣ ଜୀବନରେ ଅପର ନିମନ୍ତେ ଯେଉଁ ଅନୁବେଦନା, ଦୁର୍ବିସହ ଦୁଃଖ ଯନ୍ତ୍ରଣାରେ ଯେଉଁ ଭଗ୍ନହୃଦୟତା, ପ୍ରଚେଷ୍ଟାର ବ୍ୟର୍ଥତାରେ ଯେଉଁ ବୈଫଲ୍ୟ-ଗ୍ଲାନି ତାହା ବିଳାସବ୍ୟସନ ଓ ସଂପଦର ଅମାପ ଆଭିଜାତ୍ୟ-ଠାରୁ ବହୁଦୂରର । ଆଦର୍ଶ ଓ ଐଶ୍ୱର୍ଯ୍ୟମୟ ଯୁଗରେ ଯେ କେବଳ ଆନନ୍ଦ ଓ ବିଳାସ ରହିଥାଏ ତାହା ନୁହେଁ । ଅନୁଚେତନାକୁ ପୂର୍ଣ୍ଣ କରୁଥିବା ସୁଖଦୁଃଖ ଉଭୟଙ୍କୁ ଯୁଗସଂପଦ ମନୁଷ୍ୟ ହୃଦୟର ଶ୍ରେଷ୍ଠ ବିକାଶ ଯେଣୁ ଉଭୟର ପ୍ରୟୋଜନ । ସେ ଯେଉଁ ପୁରାଣ ଶାସ୍ତ୍ରକାର ମାନେ କଳ୍ପିତ ସ୍ୱର୍ଗପୁରରେ ମଦନ, ଇନ୍ଦ୍ର, ଅପ୍ସରା ଓ ବରୁଣ ଦେବତାଙ୍କ ମଧ୍ୟରେ କଳହପ୍ରିୟ ନାରଦଙ୍କୁ ସ୍ଥାନ ଦେଇଛନ୍ତି । ବାସ୍ତବରେ ଜୀବନ ଯେ ଭୋଗପରାୟଣ ତାହା ନୁହେଁ । ଅଥବା ମନୁଷ୍ୟ ସର୍ବଦା ଭୋଗପର ତାହା ମଧ୍ୟ ନୁହେଁ ।

ଅତୁଳ ଐଶ୍ୱର୍ଯ୍ୟ ଓ ରାଜସମ୍ପଦର ଅଧିକାରୀ ମହର୍ଷି ଜନକ ମଧ୍ୟ ନିସ୍ପନ୍ଦ ଜଡ଼ବତ୍ ମନୁଷ୍ୟହୃଦୟର ଅନ୍ୟାନ୍ୟ ବୃତ୍ତିନିଚୟର ଅବହେଳନ କରିଥିଲେ । ଅବର୍ଣ୍ଣନୀୟ ସୌନ୍ଦର୍ଯ୍ୟ ବୈଭବ ଓ ଭୋଗବିଳାସ ମଧ୍ୟରେ ଅବଶ୍ୟ ରହିଲେ ମଧ୍ୟ ମନୁଷ୍ୟର ସ୍ୱଭାବତଃ ଭାବପ୍ରବଣ । ଲୋକ ଜୀବନରେ ଦୁଃଖର ସୀମା ସ୍ପର୍ଶ ନ କରିଥିଲେ ମଧ୍ୟ ଅନ୍ୟର ଦୈନ୍ୟ ଓ ଯନ୍ତ୍ରଣା ଦେଖି ସେ ଅନୁବେଦନାପ୍ରବଣ ହୋଇ ଉଠେ । ମନୁଷ୍ୟହୃଦୟର ଚେତନ ପ୍ରଣାଳୀ ଏପରି ଯେ ତାହା ଦୁଃଖକୁ ଦୁଃଖୀ ରୂପେ ଦେଖିବ । ଅନ୍ୟର ଅଭିମନ୍ୟୁ କାରୁଣ୍ୟ ପ୍ରତି ସେ ପ୍ରତିକାର କରଣରେ ଅକ୍ଷମ ହୋଇପାରେ; ମାତ୍ର ସେହି କାରୁଣ୍ୟ ଯେ ତାର ମାନସିକବିକାରର ସୂତ୍ରପାତ ନ କରିବ ଏପରି ନୁହେଁ । ଜୀବନର ଘାତ ପ୍ରତିଘାତ ଦେଖି ଯେଉଁ ମାନସିକ ଦ୍ୱନ୍ଦ୍ୱ ଓ ତଦ୍‌ଜନିତ ବାହ୍ୟକ୍ରିୟା, ତାହା କେବଳ ପ୍ରେମ ପ୍ରସଙ୍ଗରେ ନୁହେଁ, ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ତାର ଉପାଦେୟତା ରହିଛି । ତେଣୁ ଉପେନ୍ଦ୍ର ପ୍ରେମ ବର୍ଣ୍ଣନା ମଧ୍ୟରେ ନାୟକ ନାୟିକାଙ୍କର ଯେଉଁ ବିରହ ଓ ସମବେଦନାର ଚିତ୍ର ପ୍ରଦାନ କରିଛନ୍ତି ତାହା ସେମାନଙ୍କ ମନୋବୃତ୍ତି ଓ ମନୁଷ୍ୟସୁଲଭ କ୍ରିୟା, ପ୍ରକ୍ରିୟାର ସବିସ୍ତ ହେବା ଅବାଞ୍ଛିତ । ଅନ୍ତର ମଧ୍ୟ କବି ପରମ୍ପରା ଓ ଭୋଗମୟ ଜୀବନର ଏପରି ଆଭିଜାତ୍ୟପୂର୍ଣ୍ଣ ଚିତ୍ର କରିଛନ୍ତି ଯାହାକି ସାଧାରଣ ଜୀବନରେ ଅସମ୍ଭବ, ଅସଙ୍ଗତ ଓ ସମୟରେ ଅନୁବେଦନା ପରିବର୍ତ୍ତେ ବିରକ୍ତିର ସଂଗ୍ରହ କରେ ଏବଂ ଅନେକ ସ୍ଥଳରେ ଉକ୍ତ ପ୍ରସଙ୍ଗଗୁଡ଼ିକ ପାଠକ ହୃଦୟରେ ଅଦୌ କ୍ଷତାନ୍ତର ଅଙ୍କି ନ ଥାଏ । ଯେଉଁମାନେ କହନ୍ତି, କବି ଯେଉଁ ସ୍ତରର ବ୍ୟକ୍ତି, ସେ ସ୍ତରର ଇତିହାସ ଓ ଚେତନାର ସାହିତ୍ୟରେ ସ୍ଥାନ ପାଇବାର କଥା । ତେଣୁ ଉପେନ୍ଦ୍ର ସାହିତ୍ୟରେ ମନୁଷ୍ୟ ଜୀବନ ସମ୍ପର୍କରେ ଅଙ୍କିତ କଣ ୬। ଏସବୁ

କରିବା । ଏଭଳି ଯୁକ୍ତିର ଖଣ୍ଡନ କରିବା ସ୍ଥଳରେ ଇଂରେଜୀ କବି Coleridge ଙ୍କର ଏ ସମ୍ପର୍କରେ ଯେଉଁ ମତ ତାହା ଉପସ୍ଥାପିତ କରିବା ।

ସେ କହିଛନ୍ତି "No man was ever a great poet without being at the sametime a profound philosopher" ଯାହାହେଉ ଉପେନ୍ଦ୍ରଙ୍କ ଯୁଗରେ କଣ ଦେଶରେ ଦୁଃଖ ନ ଥିଲା, ସଂଗ୍ରାମ ନ ଥିଲା, ଅତ୍ୟାଚାର ଅନାଚାର ନଥିଲା, ଅଥବା ସେତେବେଳେ କଣ ବାଲ୍ୟ ବିଧବାର ଚିତ୍କାରରେ ଗଗନପବନ ମୁଖରିତ ହେଉ ନ ଥିଲା ବା ଶୁଷ୍କ-ପଥ ଭିକ୍ଷୁକର ହାହାକାର ନାଦରେ ବିଘୋଷିତ ହେଉ ନ ଥିଲା । ଦୁଃଖ ସୁଖ ସବୁ ଯୁଗ ଦେଶ ଓ ପାତ୍ରକୁ ଅପେକ୍ଷା କରି ଥାଏ । ମାତ୍ର କବି ସେହି ସାଧାରଣ ସାମାଜିକ ସତ୍ୟ ପ୍ରତି ଅବହେଳା ପ୍ରଦର୍ଶନ କରି ଅନ୍ୟ ପକ୍ଷେ ସମ୍ଭ୍ରାନ୍ତ ଅଭିଜାତ୍ୟମୟ ଜୀବନ ଚିତ୍ର ଅଙ୍କିବାରେ ତତ୍ପର ଥିଲେ । ତାଙ୍କର ଜୀବନ ସମ୍ପର୍କ ଧାରଣା ସେ ହେତୁ କେବଳ ଯେ ସଂକୀର୍ଣ୍ଣ ତା ନୁହେଁ । ଅଧିକନ୍ତୁ ସେ ମନୁଷ୍ୟ ମନୋବୃତ୍ତିର ତରଙ୍ଗାୟିତ ଭାବଧାରା ଓ ସାମାଜିକ ଜୀବନରେ ତାର ଉତ୍କର୍ଷତା ପ୍ରତି ଆଦୌ ଲକ୍ଷ୍ୟକରି ନାହାନ୍ତି । ଅବଶ୍ୟ ଏହା ସେ ଯୁଗର କାବ୍ୟ ରଚନା ପଦ୍ଧତି ଓ ଆଦର୍ଶର ଅନ୍ତର୍ଗତ ହୋଇପାରେ, ମାତ୍ର ତାହା ଉପେନ୍ଦ୍ରଙ୍କ କବି ଜୀବନର ଯୁଗ ଯୁଗରେ ମୂଲ୍ୟ ନିରୂପଣ ବେଳେ ଏକ ଅନ୍ତରାୟ ରୂପେ ଦଣ୍ଡାୟମାନ । ମନୁଷ୍ୟର ହୃଦୟ ଉପରେ ଅବସ୍ଥା ଭେଦରେ ପରିବର୍ତ୍ତନଶୀଳ, ମନୁଷ୍ୟ ଯେ ଦୁଃଖ ଓ ସୁଖ ଉଭୟର ଦାସ, ପ୍ରେମଭକ୍ତି ଅନ୍ୟାନ୍ୟ ରିପୁର ମଧ୍ୟ ଯେ ତାର ସ୍ୱାଭାବିକ ହୃଦୟର ଅନ୍ତର୍ଭୁକ୍ତ ଏ ସବୁ ସେ କୌଣସି ଛନ୍ଦରେ କେହିରେ ଦର୍ଶାଇବାକୁ ସମର୍ଥ ହୋଇନାହାନ୍ତି, କବିଙ୍କ ଜୀବନକୁ ଏକ ସ୍ୱଚ୍ଛନ୍ଦ ବିଳାସପର

ଜନତା ଓ ନିନ୍ଦୁସ୍ୱାଭିମାନୀଙ୍କର ତାହାର ଆଦର୍ଶକୁ ସୀମାବଦ୍ଧ ଓ ଖର୍ବ କରି ପକାଇଛନ୍ତି । ସ୍ୱର୍ଗ ଓ ନରକ କଳ୍ପିତ ଉଭୟ ଅବସ୍ଥା ଏହି ଜୀବନରେ ସମ୍ଭବ । ସ୍ୱାର୍ଥ ସାଧନାରେ ମନୁଷ୍ୟ ସାର୍ଥକତା ପାଇଁ ଜୀବନକୁ ସ୍ୱର୍ଗୀୟ ଅଥବା ନାରକୀୟ କରିଥାଏ । ମାତ୍ର କବି କୃତରେ ପୂର୍ବ ପୁଣ୍ୟ ହେତୁ ମନୁଷ୍ୟର ସ୍ୱର୍ଗୀୟ ବିଭବ, ବିଳାସ, ସଂପଦ ଓ ଆନନ୍ଦବାଦର ବର୍ଣ୍ଣନା ପୃଷ୍ଠମାନଙ୍କରେ ରହିଛି । ଅଥଚ ମନୁଷ୍ୟଜୀବନସୁଲଭ ନରକକୁ ସେ ସ୍ୱପ୍ନରେ ମଧ୍ୟ ଦେଖି ନାହାନ୍ତି ।

---

## ଆସ୍ପର୍ଦ୍ଧା ଓ ବିନୟ

ଉପେନ୍ଦ୍ର ଆତ୍ମପ୍ରକାଶନ ଶୀଳ ଥିଲେ । ନିଜର କବିତ୍ୱ ପାଣ୍ଡିତ୍ୟ ଶବ୍ଦଜ୍ଞାନ ଓ ରସଜ୍ଞତା ହେତୁ କାବ୍ୟଗ୍ରନ୍ଥର ବିଭିନ୍ନ ସ୍ଥାନରେ ସେ ସୂଚନା ଦେଇଛନ୍ତି । ଅନ୍ୟ ମଧ୍ୟ କାବ୍ୟ ରଚନାରେ ନିଜେ ଅନ୍ୟ ନିକଟରେ କେତେକ ପରିମାଣରେ ଋଣୀ ତାହା ମଧ୍ୟ ସ୍ୱୀକାର କରିଛନ୍ତି । କାବ୍ୟଗ୍ରନ୍ଥରେ କାବ୍ୟାଦର୍ଶଗତ ଶିଳ୍ପୀଗୁରୁ ମଧ୍ୟରେ ଏହାର ମାତ୍ରା ଯାହା ହେବାର କଥା ତାହା କେତେକ ସ୍ଥଳରେ ଅଧିକ ଓ ଅସୂୟାପୂର୍ଣ୍ଣ ହୋଇଛି । ଏହା ବ୍ୟତୀତ ଉପେନ୍ଦ୍ରଙ୍କ କବିଜୀବନ ହେଉଛି ଜନଶ୍ରୁତି ଉପରେ ପର୍ଯ୍ୟବସିତ ଅନେକ ଘଟଣା ଓ ଚାଟୁଂଶ ରହିଛି, ଯାହାକି ଉପେନ୍ଦ୍ରଙ୍କ କାବ୍ୟ ନିସୃତ ବାଣୀ ରୂପେ ଅନେକ ଗ୍ରହଣ କରନ୍ତି । ତାଙ୍କର ଏହି ଉକ୍ତିଗୁଡ଼ିକ ଅନେକ ସ୍ଥଳରେ ଆକ୍ଷେପ ଓ ଅଭିମାନପୂର୍ଣ୍ଣ ହୋଇଥିବା ଦୃଷ୍ଟେ କେହି କେହି ଏଥିରୁ କବିଙ୍କ ଆସ୍ପର୍ଦ୍ଧା ବା ଗର୍ବିତ ଲକ୍ଷଣ ପ୍ରତି ଇଙ୍ଗିତ କରନ୍ତି । ବାସ୍ତବରେ କବି ନିଜର ଶିକ୍ଷା, ଦୀକ୍ଷା, କବିତ୍ୱ ଓ

ବ୍ୟକ୍ତିତ୍ୱ ବେଶ ଏପରି ମତପୋଷଣ କରିଥିଲେ ଯେ ଯାହାକି ସାଧାରଣ ଦୃଷ୍ଟିରେ ପ୍ରମାଦପୂର୍ଣ୍ଣ ଓ ଗର୍ବିତ ସ୍ୱର ରୂପେ କଥିତ ହୁଏ ଏବଂ ଏହା ହେବା ମଧ୍ୟ ସ୍ୱାଭାବିକ ।

ମାତ୍ର କବିଙ୍କ ପକ୍ଷେ ବିଭିନ୍ନ କ୍ଷେତ୍ରରେ ଏପରି ମତ ପୋଷଣ କରିବା ସାଧାରଣ ଦୃଷ୍ଟିରେ ଯାହା ହେଉନା କାହିଁକି, ଏଥିରେ ବିଶେଷ କୌଣସି ଦୋଷ ବା ପ୍ରବଞ୍ଚନା ଥିବାପରି ବୋଧ ହୁଏ ନାହିଁ । କବି ନିଜେ ଜ୍ଞାନୀ, ପଣ୍ଡିତ ଓ ରସଜ୍ଞ ହେତୁ ପାଠକମାନଙ୍କ ଠାରେ ଅନୁରୂପ ଗୁଣାବଳୀ ଆଶାକରିବା ଅନ୍ୟାୟ ନୁହେଁ । ବରଂ ଏ ପ୍ରକାର ଉକ୍ତିଗୁଡ଼ିକର ଯେ ଅନ୍ୟତମ କାରଣ ଅଛି, ତାହା ନିର୍ଦ୍ଦେଶ କରାଯାଇ ପାରେ ।

‘ କହେ କବି ଉପେନ୍ଦ୍ର ଟେକି ବେନି ବାହାକୁ
ରବିତଳେ କବିପଣେ ନ ମାନେ ମୁଁ କାହାକୁ
ଜୟଦେବ, ଦୀନକୃଷ୍ଣ ପାଦରେ ମୋ ଶରଣ
ଆଉସବୁ କବିଙ୍କ ମସ୍ତକେ ମୋ ଚରଣ” ।

ଏହି ଉକ୍ତିରୁ କବିଙ୍କ ରସ ଗ୍ରାହକତା ଶକ୍ତି ଓ ଗୁଣବୋଧ ଜ୍ଞାନ ଯଥେଷ୍ଟ ଥିବାପରି ଜଣାଯାଏ । କାରଣ କବି ନିଜର ଉତ୍କୃଷ୍ଟ ସାହିତ୍ୟ ସାଧନା ସତ୍ତ୍ୱେ ଉପର୍ଯ୍ୟୁକ୍ତ କବିଦ୍ୱୟଙ୍କର ମୌଳିକ କୃତି ପ୍ରତିଭାର ମୂଲ୍ୟ ନିରୂପଣ କରିଥିଲେ । ଏପରିକି ସେମାନଙ୍କ ତୁଳନାରେ ନିଜର କୌଶଳ ଅବଧାରଣ କରିଥିଲେ, ଅଥଚ ସମସାମୟିକ ବା ପୂର୍ବବର୍ତ୍ତୀ ଅନ୍ୟକବିମାନଙ୍କର ରଚନାର ଅସାରତା ବେଶ ମଧ୍ୟ ସଚେତନ ଥିଲେ । ଅନ୍ୟପକ୍ଷରେ ନିଜେ ଯେଉଁ ସାହିତ୍ୟକପରମ୍ପରାର ଉତ୍କର୍ଷବିଧାୟକ ଥିଲେ ସେହି ସାଧନା କ୍ଷେତ୍ରରେ ଉପଯୁକ୍ତ ଦାୟାଦର ଅଭାବ ଦର୍ଶନରେ ଅନ୍ୟମାନଙ୍କ ପ୍ରସଙ୍ଗରେ ଏପରି ହେୟ ମତପ୍ରକାଶ କରିଥିଲେ ।

ଏହି ଉକ୍ତିମଧ୍ୟରେ କେବଳ ଯେ ଅହଂକାରସ୍ଫୁଟତା ଲୁକ୍କାୟିତ ତାହା ନୁହେଁ । ଗୁଣଦର୍ଶୀ କବିଙ୍କର ପ୍ରତିଭା ପୂଜା କରିବାର ପ୍ରବୃତ୍ତି ମଧ୍ୟ କଥିତ । ଯାହା କେହ ଏହି ଉକ୍ତିର ଐତିହାସିକତା ଯେଣୁ ଅନେକ ସନ୍ଦେହ ପ୍ରକାଶ କରନ୍ତି । କିନ୍ତୁ ଉପେନ୍ଦ୍ରଙ୍କ ପରି ଆତ୍ମ ପ୍ରଶଂସାପଦନ-ଶୀଳ ବ୍ୟକ୍ତିଙ୍କ ପକ୍ଷରେ ଏପରି ଉକ୍ତି ପ୍ରକାଶ ଅସମ୍ଭବ ମଧ୍ୟ ହୋଇ ନ ପାରେ ।

ଏହା ବ୍ୟତୀତ କବି କାବ୍ୟ କବିତାରେ ଖୋଲାଖୋଲି ଓ ଆତ୍ମ ପ୍ରଶଂସା ଛଳରେ "ମୁଁ ଲଭିଛି ଯେ ସମୁଦ୍ରପାର" ପ୍ରଭୃତି ଉକ୍ତିକୁ କେହି କେହି ତାଙ୍କ ଅହଙ୍କାର ସଂକେତ ରୂପେ ନିର୍ଦ୍ଦେଶ କରନ୍ତି । ମାତ୍ର ପୁରାଣ ବର୍ଣ୍ଣିତ ଉଚିତ ସ୍ୱର୍ଗର ଗୌରବରେ ସ୍ରଷ୍ଟା ସର୍ବଦା ଗରୀୟାନ । ନିଜର ଆରାଧ୍ୟ ସାଧନା ଯଦି ଫଳବତୀ ହୁଏ ତେବେ ସ୍ରଷ୍ଟାଙ୍କର ବହୁସ୍ତୁତି ସ୍ୱାଭାବିକ. ଏହା ତ ସୃଷ୍ଟିର ନିୟମ ।

କାରଣ ରଚନା ମଧ୍ୟରେ ଏହି ଆତ୍ମବୋଧ ଓ ଆତ୍ମପ୍ରତୀତି ଅନେକ ସମୟରେ ଅଧିକ ଉତ୍ସାହପ୍ରଦ ହୋଇଥାଏ । ସେ ଯେଉଁ ଏ ରୂପ ଅନୁଷ୍ଠାନ ବା ବୈଶିଷ୍ଟ୍ୟ କଥନ ସବୁକ୍ଷେତ୍ରରେ ସୁନ୍ଦର ନ ହେଲେ ମଧ୍ୟ ଅନେକାଂଶ ହୋଇ ଥାଏ । ସାହିତ୍ୟ ଜଗତରେ କେବଳ ଉପେନ୍ଦ୍ର କାହିଁକି. ବିଶ୍ୱବନ୍ଦ୍ୟ ସାହିତ୍ୟିକମାନେ ମଧ୍ୟ ସମୟରେ ଏହିଭଳି ଆତ୍ମପ୍ରଶଂସା ବା ନିଜସ୍ୱତନ୍ତ୍ର ତାରଫ କରିଥାନ୍ତି । ଦୃଷ୍ଟାନ୍ତ ଯେଉଁ ଶେକ୍ସପିୟର ଲେଖାନାହିଁ । ବିଶ୍ୱକବି ରବୀନ୍ଦ୍ର ମଧ୍ୟ ନିଜ ରଚନା ମାଧ୍ୟମରେ ଓ ଅନେକ କ୍ଷେତ୍ରରେ ଆତ୍ମ ପ୍ରତିଭାର ଅବଶ୍ୟମ୍ଭାବୀ ପ୍ରଶଂସା ଓ ଅଭିନନ୍ଦନର କଳ୍ପନା କରିଥିଲେ । ଏସବୁ କେବଳ ସ୍ୱାଭାବିକତାର ଅନ୍ତର୍ଗତ । ଉପେନ୍ଦ୍ରଙ୍କ ବହୁ ପରବର୍ତ୍ତୀ କବିସୂର୍ଯ୍ୟ ମଧ୍ୟ ଅରସିକ ବ୍ୟକ୍ତିମାନଙ୍କର କବିତ୍ୱକୁ ଅପେକ୍ଷା କରି "ବର୍ଣ୍ଣ ବୋଲିବାଟଲି ସମସ୍ତ କେବେ × × ଅବିବେକ

ଲେବେ ନବୀନ ସୃଷ୍ଟି କି କଲେଣି ଏବେ" ପ୍ରଭୃତି ପ୍ରକାଶ କରିଥିଲେ । କାବ୍ୟରେ ଆତ୍ମକଥନ ବା ଅପରର ପ୍ରଶଂସା ଅନେକ କ୍ଷେତ୍ରରେ ପ୍ରମାଦପୂର୍ଣ୍ଣ ହେଲେ ମଧ୍ୟ ତାହା ଯେ ଅସ୍ୱାଭାବିକ ଏପରି ନୁହେଁ ।

ଉପେନ୍ଦ୍ରଙ୍କ ପ୍ରତି ସମାଲୋଚକମାନଙ୍କର ଏହି ଅସୂର୍ଯ୍ୟା ଓ ବିନୟ ଦୋଷ ଯେଉଁ ମନ୍ତବ୍ୟ ତାହା ବିଚାର କରିବା ପୂର୍ବରୁ ମନେରଖିବା ଉଚିତ୍ ଯେ କାବ୍ୟାଦର୍ଶ ଓ ଅନ୍ୟାନ୍ୟ ଗ୍ରନ୍ଥରେ ଏଭଳି ଗୁଣ ଗର୍ବିତ ମନୋବୃତ୍ତିର ବ୍ୟାଖ୍ୟାନ ଯେତେ ପ୍ରମାଦପୂର୍ଣ୍ଣ ତତୋଧିକ ଆତ୍ମବୋଧର ସହାୟକ, ତଥାପି ଶିଷ୍ଟାଚାର ଓ ବିନୟ ହେତୁ ଆତ୍ମଶ୍ଲାଘା ଜଗତରେ କୌଣସି ଅଂଶରେ ଏଭଳି ଉତ୍କୃଷ୍ଟ ରୂପରେ ଅନୁମୋଦିତ ହୁଏ ନାହିଁ । ବିନୟହିଁ ସର୍ବଦା ପ୍ରକାଶିତ କରିଥାଏ । କିନ୍ତୁ ଉପେନ୍ଦ୍ର ନିଜର ଅସୂର୍ଯ୍ୟାବ୍ୟଞ୍ଜକ ଉକ୍ତିଗୁଡ଼ିକୁ ଯେଉଁରୂପ ପ୍ରଦାନ କରିଛନ୍ତି ତାହା ତାଙ୍କ ବିନୟୋକ୍ତିର ପ୍ରେ ହ୍ରାସ କରି ପକାଇଛି ତଥାପି ଏହି ଗୁଣ ଉଚ୍ଚସ୍ଥାନ ଯଶସ୍ୱୀ କବିଙ୍କର ଅସୂର୍ଯ୍ୟାମୟ ଉକ୍ତି ଗୁଡ଼ିକୁ ତାଙ୍କର ବିଶେଷ ଦୋଷରୂପେ ଧରିବା ଅନୁଚିତ । କାରଣ ସେ ଉକ୍ତି ଗୁଣ ଗ୍ରହଣର ଅଧିକାଂଶ ଥିବା ହେତୁ ଏପରି ପ୍ରକାଶ କରିବାରେ ଲୋକ ଦୃଷ୍ଟିରେ ଯେତେ ହେୟ ପ୍ରତିପନ୍ନ ହୁଅନ୍ତୁନା କାହିଁକି, ସେ ଗୁଡ଼ିକ ତାଙ୍କ ପକ୍ଷରେ ସତ୍ୟ । ଏ ପ୍ରସଙ୍ଗରେ "ଭଞ୍ଜ ପ୍ରଭା" ପୁସ୍ତକରେ ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି 'ଦଣ୍ଡାଚାର୍ଯ୍ୟ'ଙ୍କର ମତ ଉଲ୍ଲେଖକରି ଯେଉଁ ମତ ପୋଷଣ କରିଛନ୍ତି ତାହାହିଁ ଉଚିତ୍ ବିବେଚନା କରି ଉଦ୍ଧାର କଲି ।

ଆଚାର୍ଯ୍ୟ ଦଣ୍ଡୀ ଏ ପ୍ରସଙ୍ଗରେ କହିଛନ୍ତି—

"ଗୁଣାନାଂ ଆବିଷ୍କ୍ରିୟାୟାଂ ଦୋଷୋ ନାସ୍ତି ଭୂତାର୍ଥ ଶଂସିନଃ"

କେଣୁ ଉପେନ୍ଦ୍ର ଭଞ୍ଜଙ୍କ "ମୁଁ ଲଭିଛି ଶବ୍ଦ ସମୁଦ୍ର ପାର" "କେବେ

ଉପେନ୍ଦ୍ର ଭଞ୍ଜ" 'ଉତ୍ତମ କବିପୁଞ୍ଜ ଦୁର୍ଲ୍ଲଭ ମାର୍ଗେ ମୋ ସଦ୍‌ଗୁରୁ', 'ଶିଶିରବର୍ମୀ ରଘୁନାଥ, ତାଙ୍କ ଧ୍ୟାନରେ ଉପେନ୍ଦ୍ର ଶିଶିର ଚରିତ ରଚନେ ସମର୍ଥ" ତାଙ୍କର ଗୁଣର ମହତ୍ତ୍ୱ ପ୍ରଖ୍ୟାପନ ମାତ୍ର ।

---

## ଓଡ଼ିଆ ସାହିତ୍ୟରେ ସ୍ଥାନ ନିରୂପଣ

ଉପେନ୍ଦ୍ର ଓଡ଼ିଆ ସାହିତ୍ୟରେ ଏକ ଯୁଗାନ୍ତକାରୀ ସ୍ରଷ୍ଟାରୂପେ ପରିଚିତ । ଓଡ଼ିଆ ସାହିତ୍ୟର ପରିଣତି ଓ କ୍ରମବିକାଶ ଦେଖିବା ଅବଧି ଯେଉଁ କେତେକ ଯୁଗ ଓ ଯୁଗାନ୍ତକାରୀ ସାହିତ୍ୟିକଙ୍କ ନାମୋଲ୍ଲେଖ କରାଯାଏ, ତନ୍ମଧ୍ୟରେ ଉପେନ୍ଦ୍ରଙ୍କ ସ୍ଥାନ ଅନ୍ୟତମ । ପୁରାଣ ଯୁଗର ଅଗ୍ରଦୂତ ସାରଳା, ବଳରାମ, ଓ ଜଗନ୍ନାଥ ଆମ-ସାହିତ୍ୟକୁ ଯେଉଁ ସାରଲ୍ୟଶୋଭିତ ଓ ଭାବଗର୍ଭକ ରୂପ ପ୍ରଦାନ କରିଥିଲେ ତାର ଆଭା ଆଜି ପର୍ଯ୍ୟନ୍ତ ଲୁପ୍ତ ନୁହେଁ । ସାହିତ୍ୟରେ ମହାଭାରତ, ଭାଗବତ ଓ ରାମାୟଣକୁ ସେମାନେ ଯେଉଁ ରୂପ ପ୍ରଦାନ କରିଛନ୍ତି ତାହା ଓଡ଼ିଆ ପାଠକର ହୃଦୟକୁ ଏପରି ଜୟ କରିଛି ଯେ, ତାର ପରିଣାମରେ ଉତ୍କଳର ପ୍ରତି ଘରେ ଘରେ ଉକ୍ତ ପୁରାଣ ଗ୍ରନ୍ଥ ପ୍ରତ୍ୟହ ପଠିତ ହୁଏ ।

ଏହି ବିଶାଳ ପୁରାଣ ସାହିତ୍ୟ ମାଧ୍ୟମରେ କବିଗଣ ନିଜର ଧର୍ମମତ ଯେଉଁ ବିଭିନ୍ନ ସ୍ଥାନରେ ଯେଉଁ ସବୁ ମତଖ୍ୟାପନ କରିଛନ୍ତି ତାକୁ ପରିହାର କଲେ ବାକି ଯେଉଁ ଅଂଶ ଦେଖାଯାଏ ତହିଁରେ ବର୍ଣ୍ଣନାର ଲୌକିକତା, ଉପମା ଓ ରୂପକ ଯେଉଁ ସ୍ଥାନୀୟ ଉଦାହରଣ, ଭାଷାର ବଳିଷ୍ଠ ଅଥଚ ସରଳ ବିକାଶ, ସଙ୍ଗୀତବଦ୍ଧ ଓ ସର୍ବୋପରି ଛନ୍ଦୀବଦ୍ଧତା ଏହି ପୁରାଣ ସାହିତ୍ୟର ବୈଶିଷ୍ଟ୍ୟ

କଥାବସ୍ତୁ ସଙ୍ଗେ ତାହାକୁ ସେତେ ଲୋକପ୍ରିୟ କରିପାରି ଥିଲା । ଏହି ଚୌତିଶିକ ଯୁଗ ପରେ ପରେ ଆମ ସାହିତ୍ୟରେ ବୈଷ୍ଣବ କବିଗଣ-ଙ୍କର ଯେଉଁ ସାଧନା ତହିଁରେ ସାହିତ୍ୟର ବୃତ୍ତି ଓ ଉପାଦାନଗୁଡ଼ିକର ଯଥେଷ୍ଟ ବିକାଶ ଘଟିଥିଲେ ମଧ୍ୟ ତହିଁରେ ଧାର୍ମିକ ମତବାଦର ବାଧ-ବାଧକତା ପ୍ରକାଶ ପାଇଲା । କବିଗଣ ରାଧାକୃଷ୍ଣ, ରାମସୀତା ପ୍ରଭୃତି ଆରାଧ୍ୟ ଦେବତାଙ୍କୁ ନେଇ ଯେଉଁ ସାହିତ୍ୟ ସୃଷ୍ଟି କଲେ ତହିଁରେ ସେମାନଙ୍କ ମତବାଦର ପ୍ରଚାର କରିବାକୁ ଅଗ୍ରସରକଲେ ଓ କାବ୍ୟାଦର୍ଶ ମଧ୍ୟରେ ଧର୍ମକୁ କାବ୍ୟ ଆସ୍ୱାଦନର ଅନ୍ୟତମ ପନ୍ଥା ରୂପେ ସ୍ୱୀକାର କଲେ । ସେ ହେତୁ ଧର୍ମ ନାମରେ ସାହିତ୍ୟର ମାଧୁର୍ଯ୍ୟ ଅପହରଣ କରିଗଲା । ଅନ୍ୟ ପକ୍ଷରେ ସେତେବେଳେ ଉତ୍କଳର ସାମନ୍ତ ପଣ୍ଡିତମାନଙ୍କ ମଧ୍ୟରେ ସଂସ୍କୃତପ୍ରୀତି ଏତେ ପ୍ରବଳ ଥିଲା ଯେ ମାତୃ ସାହିତ୍ୟ ଓ ଭାଷାର ଯୋଗ୍ୟତା ସ୍ୱୀକାର କରିବାକୁ ସେମାନେ କୁଣ୍ଠିତ ହେଉଥିଲେ । ଉତ୍କଳର ପଣ୍ଡିତ ଓ ଆଳଙ୍କାରିକଗଣ ସଂସ୍କୃତରେ ରସ ଓ ଅଳଙ୍କାର ଶାସ୍ତ୍ର ରଚନା କରିବା ସଙ୍ଗେ ସଙ୍ଗେ କାଳିଦାସ, ମାଘ, ଭବଭୂତି, ଶ୍ରୀହର୍ଷ ଓ ବାଣଭଟ୍ଟ ପ୍ରଭୃତିଙ୍କ ସଂସ୍କୃତ କାବ୍ୟସାହିତ୍ୟ ଆଲୋଚନା ଓ ପଠନରେ ପ୍ରବୃତ୍ତ ହେଉଥିଲେ । ଏ ଯୋଗୁ ସେମାନଙ୍କର ମନୋବୃତ୍ତି ଏପରି ହୋଇ ଥିଲା ଯେ ମାତୃ ସାହିତ୍ୟ ବା ଭାଷା ଉଚ୍ଚାଙ୍ଗ ଭାବର ବାହକ ହୋଇ ପାରେ ନା । ତାହା ସ୍ପଷ୍ଟ ପ୍ରକାଶ କରୁଥିଲେ ଭକ୍ତପ୍ରବର ଜଗନ୍ନାଥ ଦାସଙ୍କ ଭାଗବତ ଏହି କ୍ରମରେ "ତେଲି ଭାଗବତ" ରୂପେ ଅଭିହିତ ହେଉଥିଲା । ସାହିତ୍ୟ ଗଗନରେ ନୀଚ ଜାତୀୟ ଲୋକମାନଙ୍କର ଅବାଧ ପ୍ରବେଶ ନ ଥିଲା । ଜ୍ଞାନ, ବିଜ୍ଞାନ ଓ ସାହିତ୍ୟ ଚର୍ଚ୍ଚା ସେମାନଙ୍କ ପକ୍ଷେ

ଅନଧିକାର ପ୍ରବେଶ ରୂପେ କଥିତ ହେଉଥିଲ । ବଳରାମ ଦାସଙ୍କ ପ୍ରତି ପଣ୍ଡିତମାନଙ୍କ

"ତୁ ସୋମନାଥ ଶୂଦ୍ରସୁତ,
ତୁ କହୁ ବେଦାନ୍ତ ଚରିତ" ପ୍ରଭୃତି ଉକ୍ତିରୁ ଏହା

ସୁସ୍ପଷ୍ଟ ।

ଜାତୀୟଭାଷା ପ୍ରତି ଓ ତାର ବିଶେଷ ଇତିହାସ ଓ ଶକ୍ତି ପ୍ରତି ସଂସ୍କୃତ ପଣ୍ଡିତମାନଙ୍କର ଏହି ଅବମାନନା ଉତ୍କଳରେ କାବ୍ୟ-ଯୁଗର ସୂତ୍ରପାତ କରିଥିଲା । କବିମାନେ ଭାଷା ଓ ସାହିତ୍ୟ ପ୍ରତି ପଣ୍ଡିତମନ୍ୟବର୍ଗମାନଙ୍କର ଶ୍ରଦ୍ଧା ଓ ଆକର୍ଷଣ ବଢ଼ାଇବା ଲକ୍ଷ୍ୟରେ ସାହିତ୍ୟକୁ ସଂସ୍କୃତମୁଖୀ କରିବାକୁ ଚେଷ୍ଟା କରିଥିଲେ । ସଂସ୍କୃତ ସାହିତ୍ୟସୁଲଭ ଅଳଙ୍କାର, ରସ, କ୍ଳିଷ୍ଟତା ଓ ଦୁର୍ବୋଧ୍ୟ ସମସ୍ତର ସମାବେଶରେ ସାହିତ୍ୟକୁ ସଂସ୍କୃତାନୁସାରୀ କରିବାରେ ଯେତେଜଣ ପ୍ରବୃତ୍ତ ହୋଇଥିଲେ ତନ୍ମଧ୍ୟରେ ଉପେନ୍ଦ୍ର ଅନ୍ୟତମ ।

ଜାତୀୟ ସାହିତ୍ୟର ଏହି ସଂସ୍କାରମୂଳକ ଅଭିଯାନର ପ୍ରାରମ୍ଭରେ ଉତ୍କଳର ରାଜନୈତିକ ପରିସ୍ଥିତି କମ୍ ସହାୟତା କରି ନ ଥିଲା । ଚୈତନ୍ୟଙ୍କ ଉତ୍କଳ ପ୍ରବେଶ ଓ ଦୁର୍ଦ୍ଦାନ୍ତ ରାଜଶକ୍ତିକୁ ଧର୍ମ ନାମରେ ନିସ୍ତେଜ କରିବା ପରେ ରାଜ୍ୟରେ ବୈଷ୍ଣବ ଧର୍ମ ଓ ସାହିତ୍ୟର ପ୍ରବର୍ତ୍ତନା ସାଧିତ ହେବା ସଙ୍ଗେ ସଙ୍ଗେ ରାଜଶକ୍ତିର ଅପଚୟ ଘଟିଲା । ମୁସଲମାନମାନେ ରାଜ୍ୟରେ ନିଜର ସୁଯୋଗ ଦେଖି ପ୍ରଭାବ ବିସ୍ତାର କଲେ । ଉତ୍କଳରେ ସୂର୍ଯ୍ୟବଂଶ ରାଜତ୍ୱର ଶେଷାଂଶ ଏ ସଂପର୍କରେ ଅନୁଧ୍ୟେୟ । ରାଜ୍ୟରେ ମୁସଲମାନମାନଙ୍କ ପ୍ରବେଶ, ଗଜପତି ବଂଶର କ୍ଷମତାହୀନତା ଉତ୍କଳର ଅଧିକାଂଶ କରଦ ରାଜ୍ୟରେ ଯେଉଁ ବିଶୃଙ୍ଖଳା ସୃଷ୍ଟି କଲା ତା ଫଳରେ କରଦ ଓ ସାମନ୍ତ ରାଜାମାନେ ଶାସନ କ୍ଷମତା ଚ୍ୟୁତ ହେଲେ । ଶାସନ

କ୍ଷମତାର ଅପହରଣ ଓ ଅମାତ୍ୟ ବିବିଧ ଦେମାନଙ୍କର ବିଳାସ ପ୍ରିୟତା ଆଳସ୍ୟ ଓ କଳା ପ୍ରବଣତା ବଢ଼ାଇଥିଲା ।

ରାଜ ଦରବାର ଗୁଡ଼ିକ ରାଜ୍ୟ ଶାସନ କେନ୍ଦ୍ର ନ ହୋଇ କ୍ରମେ ସାହିତ୍ୟ ଓ କଳାବିକାଶ କେନ୍ଦ୍ରରେ ପରିଣତ ହେଲା । ରାଜ ପୃଷ୍ଠପୋଷଣ ସଂସ୍କୃତ ପଣ୍ଡିତମାନଙ୍କ ସହାୟତାରେ ସଂସ୍କୃତ ଓ ସାହିତ୍ୟ ଅନୁକରଣ କରି ସଂସ୍କୃତ ଓ ସଂସ୍କୃତାଭିମୁଖୀ ଓଡ଼ିଆ ସାହିତ୍ୟ ରଚନା କରିବାକୁ ଆରମ୍ଭ କଲେ । ଏହାର ପ୍ରମାଣ ଅତି ସୁଲଭ । ଉତ୍କଳ ସାହିତ୍ୟଇତିହାସର ମଧ୍ୟ ଯୁଗ ଓ ବୈଷ୍ଣବ ଯୁଗରେ ଯେତେ ରାଜ ଓ ସାମନ୍ତ କବି ଦେଖାଯାନ୍ତି, ହୁଏତ ଭାରତୀୟ ସାହିତ୍ୟରେ ତାହା ବିରଳ ।

ଦେଶର ସାହିତ୍ୟ, ଭାଷା ଓ ସଂସ୍କୃତିର ଏହି ବିକୃତ ଓ ବିପ୍ଳବପୂର୍ଣ୍ଣ ଅବସ୍ଥାରେ ସଂସ୍କୃତପଣ୍ଡିତ ଭାଷା ଓ ସାହିତ୍ୟର ଦାରିଦ୍ର୍ୟମୋଚନ ଛଳରେ ଉପେନ୍ଦ୍ର ଯେଉଁ ସଂସ୍କାର କରିବାକୁ ପ୍ରବୃତ୍ତ ହେଲେ, ତାହା ଏହି କାବ୍ୟଯୁଗ ସୃଷ୍ଟିର କାରଣ । ଓଡ଼ିଆ ଭାଷାରେ ଅଲଙ୍କାର ଅଭିଧାନ, ଚିତ୍ରକାବ୍ୟ, ଶବ୍ଦ ଓ ଅଲଙ୍କାର ଓ ବିକୃତ ରସ ବିଧାୟକ ନାୟିକାପ୍ରଧାନ ଉଦ୍ଭଟ ପୌରାଣିକ ଓ ଐତିହାସିକ କାବ୍ୟ, ମହାକାବ୍ୟ, ସଙ୍ଗୀତ, ଚଉତିଶା, ପୋଇ, ବାହା, ଦୋହା ପ୍ରଭୃତି ସାହିତ୍ୟର ଅଧିକାଂଶ ଶାଖାର ସଂସ୍କୃତାନୁସାରୀ ଭାବରେ ରଚନା କରି ଉପେନ୍ଦ୍ର ଭାଷା ବିଦ୍ୱେଷୀ ଓ ଅନୁରାଗୀ ପଣ୍ଡିତଙ୍କ ଦର୍ପ ଦଳନରେ କ୍ଷମ ହୋଇଥିଲେ । କାବ୍ୟରେ ଶୃଙ୍ଗାର ଛଳରେ ବର୍ଣ୍ଣନାର ଉତ୍କର୍ଷତା ଦେଖାଇବାକୁ ଯାଇ ସେ ସଂସ୍କୃତ ସାହିତ୍ୟ ସୁଲଭ ଅଶ୍ଳୀଳତାକୁ ଅବସ୍ଥା ଭେଦରେ ଅତିକ୍ରମ କଲେ । ଶବ୍ଦାଡ଼ମ୍ବର ଓ ଶ୍ଳେଷପୂର୍ଣ୍ଣ କାବ୍ୟ ପ୍ରତିଷ୍ଠା କରିବାକୁ ଯାଇ ସ୍ଥଳ ବିଶେଷରେ ଦୁର୍ବୋଧତା ସୃଷ୍ଟି କଲେ । ତଥାପି ତାଙ୍କ ସୃଷ୍ଟିର

ଅନ୍ତରାଳରେ ଐତିହାସିକ କାରଣ ବିଦ୍ୟମାନ । ସାହିତ୍ୟକୁ ଏପରି ଅନୁଭୂତିମୟ ଓ ଅଭିନବ ରୂପ ଦେବାରେ ଯେ ଉପେନ୍ଦ୍ର ଶ୍ରେଷ୍ଠ-ସାଧକ ଏହା ସ୍ୱୀକାର କରିବା ସଙ୍ଗେ ସଙ୍ଗେ ମନେ ରଖିବାକୁ ହୁଏ ଯେ ତାହାପୂର୍ବରୁ ଶିଶୁଶଙ୍କର, ରଘୁନାଥ, ଧନଞ୍ଜୟ, କାର୍ତ୍ତିକ, ବିଷ୍ଣୁ-ଦାସ ପ୍ରଭୃତି କବିମାନେ ଉଷାଭିଳାଷ, ଲାବଣ୍ୟବତୀ, ମଦନମଞ୍ଜରୀ, ଅନଙ୍ଗରେଖା, ରୁକ୍ମିଣୀ ବିଭା, ସୁଲୋଚନା ପ୍ରଭୃତି ରସ କାବ୍ୟ ରଚନା କରିଥିଲେ । ସେମାନଙ୍କ କୃତିରେ ଅଳ୍ପାଧିକ ପରିମାଣରେ ଭାଷା, ପ୍ରସଙ୍ଗ, ଅଳଙ୍କାର, ରସ ଓ ବର୍ଣ୍ଣନାରେ ସାମ୍ୟ ଦୃଷ୍ଟ ହୁଏ ଏବଂ ଏଗୁଡ଼ିକ ଯେ ସଂସ୍କୃତ ସାହିତ୍ୟକୁ ଅନୁକରଣ କରି-ଥିଲା ଏହା କହିବା ବାହୁଲ୍ୟ । ତଥାପି ଉପେନ୍ଦ୍ର ସାହିତ୍ୟର ଜୀବନର ଏହି ସଂକଟମୟ ପରିସ୍ଥିତି ପୂର୍ବାଚାର୍ଯ୍ୟଗଣଙ୍କ ପରଂପରା ଉପରେ ଦଣ୍ଡାୟମାନ ରହି ଯେଉଁ ସୃଷ୍ଟି କଲେ ତାହା ଅଭିନବ ଏବଂ ସାରଲ୍ୟମୟୀ ଉତ୍କଳ ଭାରତୀଙ୍କର ଅଳଙ୍କାର ମଣ୍ଡିତ ଏକ ରସମୟ ଅଭିବ୍ୟକ୍ତି । କବି ସାରଳା ଓ ବଳରାମ ସାହିତ୍ୟସୁଲଭ ପୌରାଣିକତାକୁ ଅନୁସରଣକରି ଥିଲେହେଁ ତାହାର ସାରଲ୍ୟ ଓ ବୈଷ୍ଣବସାହିତ୍ୟସୁଲଭ ଅତି ଧାର୍ମିକ ମନୋବୃତ୍ତିକୁ ପୂର୍ଣ୍ଣରୂପେ ପରିହାର କରି ତହିଁରେ ସଂସ୍କୃତ ସାହିତ୍ୟ ଅନୁରୂପ ଅଳଙ୍କାର, ରସ, ଭାଷା ଓ ପାଣ୍ଡିତ୍ୟର ସମାବେଶ କରି ଉତ୍କଳର ଏହି କାବ୍ୟ ସାହିତ୍ୟକୁ ଜନ୍ମ ଦେଲେ । ତେଣୁ ପ୍ରାଚୀନସ୍ତରର ସରଳତା ଓ ବୈଷ୍ଣବସାହିତ୍ୟସୁଲଭ ଧାର୍ମିକ ମତର ପରିପ୍ରେକ୍ଷୀରୁ ତ୍ୟାଗ କରି ସାହିତ୍ୟକୁ ରସମୟ ଓ ଅଳଙ୍କାର ସଂକୁଳ କରିବାରେ ସେ ଯେ କେବଳ ଉତ୍କଳରେ ସଂସ୍କୃତ କବିମାନଙ୍କ ଅନୁସରଣ କରିଥିଲେ, ଏପରି ନୁହେଁ, ଉତ୍କଳୀୟ ଅଳଙ୍କାର, ରସଶାସ୍ତ୍ର, ଦାନପତ୍ର, ଶାସନ ଓ ଲୁଣ୍ଠ ଶ୍ଳୋକ ଗୁଡ଼ିକର ଅଧ୍ୟ ଆଲୋଚନା କରିଥିଲେ ।

କବି ଏହିପରି ପରମ୍ପରା ଓ ଐତିହାସିକ କାରଣ ଯୋଗୁ ନିଜର ରସିକତା ଓ ସଂସ୍କାର ପ୍ରୟାସ ଯୋଗରେ ଉତ୍କଳଭାରତୀଙ୍କୁ ଏକ ନୂତନ ରୂପ ପ୍ରଦାନ କରିଥିଲେ । ପରିଣାମରେ କବି ମହାକାବ୍ୟ, ସଙ୍ଗୀତ, ଅଭିଧାନ, ଅଳଙ୍କାରଶାସ୍ତ୍ରଠାରୁ ଆରମ୍ଭ କରି ଜଣାଣ ଓ ଗାହା, ଦୋହା ପର୍ଯ୍ୟନ୍ତ ରଚନା କରିଥିଲେ ଏବଂ ପାଣ୍ଡିତ୍ୟ ପ୍ରଦର୍ଶନ ଅଥବା ସଂସ୍କୃତ ସାହିତ୍ୟ ଅନୁକରଣରେ ସାହିତ୍ୟକୁ ଦୁର୍ବୋଧ କଳାପ୍ରିୟ ଓ ରସାଳ କରିବା ଲକ୍ଷ୍ୟରେ ଶୃଙ୍ଗାରସିକ୍ତ ଓ ଅଶ୍ଳୀଳତା ପୂର୍ଣ୍ଣ କରି ପକାଇଥିଲେ । ଏ ପ୍ରସଙ୍ଗରେ ମନମୋହନ ଚକ୍ରବର୍ତ୍ତୀଙ୍କର ମତ ଅବଶ୍ୟ ଅନୁଧ୍ୟେୟ । ସେ ଯଥାର୍ଥରେ କହିଛନ୍ତି ।

"Upendra Bhanja is in Oriya language the most voluminous author, the earliest and most Prominent fictional poet, the most obsoure, the most unintelligible and on the whole the best writer of the retorical excellence.

ଏହି ଉକ୍ତି ବାସ୍ତବରେ କୌଣସି ଦୃଷ୍ଟିରୁ ହେଲେ ଯୁକ୍ତିଯୁକ୍ତ ନୁହେଁ, କାରଣ ଯେଉଁମାନେ ସତ୍ୟକୁ ସତ୍ୟରୂପେ ଗ୍ରହଣ କରନ୍ତି, ସେମାନେ ମନମୋହନଙ୍କ ଅପେକ୍ଷା ଉପେନ୍ଦ୍ରଙ୍କୁ ଅଧିକ ଉପଯୁକ୍ତ ସମ୍ମାନ ଦେଇ ପାରିବେ ନାହିଁ ।

ଉପେନ୍ଦ୍ର କାବ୍ୟସାହିତ୍ୟ ଓ ଭାଷାର ବର୍ଦ୍ଧନରେ ଯେଉଁ ସାଧନା, ସଂସ୍କାର ଓ ସୃଷ୍ଟିର ସନ୍ଧାନ କରିଥିଲେ ତାହା ଅଜ୍ଞ ତାଙ୍କ ସାହିତ୍ୟର ଆବଶ୍ୟକ ଦୁର୍ବଳତା ସତ୍ତ୍ୱେ ତାଙ୍କ ପ୍ରତିଭା, ପାଣ୍ଡିତ୍ୟ ଓ ସାହସର ସମ୍ୟକ୍ ପରିଚୟ ଦିଏ । ଭାଷାର ଇତିହାସରେ ଏହାର ମୂଲ୍ୟ କମ୍ ନୁହେଁ । କାରଣ କିଏ କହିପାରେ ଯେ ଦିନେ ସଂସ୍କୃତ ପଣ୍ଡିତମାନଙ୍କ ପ୍ରରୋଚନାରେ ଓଡ଼ିଆ ଭାଷାର

୧୭

ଅଧୋଗତ ଶେଷସୀମା ସ୍ପର୍ଶ କରୁଥାନ୍ତା । ବୈଷ୍ଣବ କବିମାନଙ୍କର ଧର୍ମପ୍ରଚାର ପ୍ରତି ଯେଉଁ ଲକ୍ଷ୍ୟ ଓ ସ୍ପୃହା, ତାହା ସାହିତ୍ୟର ଉନ୍ନତିକଳ୍ପେ ବିନିଯୋଗ ହୋଇ ନଥିଲା । ପରିଣାମରେ ସେମାନଙ୍କର ସାହିତ୍ୟ ଓ ଉତ୍କଳ ଭାଷା ସଂସ୍କୃତର ସର୍ବଗ୍ରାସୀ କବଳରେ ପତିତ ହୋଇଥାନ୍ତା ।

ଉପେନ୍ଦ୍ର ଓ ତାଙ୍କ ସାହିତ୍ୟର ଐତିହାସିକ ଗୁରୁତ୍ୱ ଏତିକି ନୁହେଁ । କବିଙ୍କୁ ଯୁଗାନ୍ତକାରୀ ସାହିତ୍ୟିକ ରୂପେ ଗ୍ରହଣ କରିବାର ଅନ୍ୟତମ କାରଣ ହେଉଛି, ପାଶ୍ଚାତ୍ୟ ଶିକ୍ଷା ଓ ଶାସନ ସହିତ ଅଭାବ ଅନାଟନ ଯଦି ଏ ଦେଶରେ ପ୍ରବେଶ କରି ନଥାନ୍ତା ହୁଏତ ଉପେନ୍ଦ୍ରଙ୍କ ଅନୁକାରୀମାନେ ଅଦ୍ୟାବଧି ଆଡ଼ମ୍ବରପୂର୍ଣ୍ଣ ଓ ଶୃଙ୍ଗାର-ରସାଶ୍ରିତ କାବ୍ୟ ରଚନା କରୁଥାନ୍ତେ । ଏ ଜାତିର କଳା ଓ କାବ୍ୟ-ପ୍ରିୟତା ଏତେ ଉତ୍କଟ ଯେ ଏହି ସମ୍ଭାବନା ନିଶ୍ଚୟ ବାସ୍ତବ ରୂପ ଲାଭ କରୁଥାନ୍ତା । ମାତ୍ର ଇଂରେଜମାନଙ୍କର ଉତ୍କଳ ଆଗମନ ଓ ଶିକ୍ଷା ଦୀକ୍ଷାର ପରିବର୍ତ୍ତନ ସହିତ ରାଜନୀତିକ, ଅର୍ଥନୀତିକ, ସାଂସ୍କୃତିକ ଓ ସାମାଜିକ ଜୀବନର ପରିବର୍ତ୍ତନ ଯୋଗୁଁ ଉନବିଂଶ ଶତାବ୍ଦୀର ମଧ୍ୟଭାଗରୁ ଆମ ସାହିତ୍ୟ ନୂତନ ରୂପ ଧାରଣ କଲା । ତଥାପି ୧୮୫୫ ଖ୍ରୀଷ୍ଟାବ୍ଦ ଅର୍ଥାତ୍ କାବ୍ୟଯୁଗର ଶେଷପ୍ରତିଭା ଯଦୁମଣିଙ୍କର ବିୟୋଗ ପର୍ଯ୍ୟନ୍ତ ଉପେନ୍ଦ୍ର ସୃଷ୍ଟ କାବ୍ୟଙ୍କ ପରମ୍ପରାର ଧାରାବାହିକ ପ୍ରଭାବ ଅଭିମନ୍ୟୁ, କବିସୂର୍ଯ୍ୟ, ଯଦୁମଣି, ପ୍ରଭୃତିଙ୍କ କୃତିରେ ଭାସିଚାଲିଥିଲା । କବିମାନେ ପ୍ରତ୍ୟେକ ଦ୍ୱିତୀୟ ଉପେନ୍ଦ୍ର ହେବାପାଇଁ ଚେଷ୍ଟା କରିଥିଲେ । ଅବଶ୍ୟ ଏମାନେ ଉପେନ୍ଦ୍ର ସାହିତ୍ୟର ଏକ ଏକ ବିଭବ, ଓ ବୈଷ୍ଣବ କବିଗଣ ସ୍ୱଧର୍ମମତ ପ୍ରତି ବିଶେଷ ଲକ୍ଷ୍ୟ ରଖିଥିଲେ । ତଥାପି ଉପେନ୍ଦ୍ରଙ୍କ ରଚନାପାଟବ ଓ ବର୍ଣ୍ଣନାବୈଭବ ସାଧାନାଟଙ୍କ ପର୍ଯ୍ୟନ୍ତ ସମସ୍ତ କବି କୃତିରେ ଲକ୍ଷିତ ।

ଏ ପ୍ରସଙ୍ଗରେ ଅନ୍ୟମାନଙ୍କ ଉପରେ ଉପେନ୍ଦ୍ରଙ୍କ ପ୍ରଭାବ ଯେଉଁ ଯଥେଷ୍ଟ ଦୃଷ୍ଟାନ୍ତ ପ୍ରଦତ୍ତ ହୋଇଛି । କେବଳ ଏତିକି ନୁହେଁ, ନିଜେ ରାଧାନାଥ ଓ ତାଙ୍କ ଯୁଗର ଅନ୍ୟତମ କବି ଗଙ୍ଗାଧର କେତେକାଂଶରେ ଭଞ୍ଜୀୟ ଶୈଳୀ ଦ୍ୱାରା ଅନୁପ୍ରାଣିତ ।

ଏହା 'ଯଯାତିକେଶରୀ', 'ଚନ୍ଦ୍ରଭାଗା', 'କୀଚକ ବଧ', 'ତପସ୍ୱିନୀ' ଓ 'ପ୍ରଣୟବଲ୍ଲରୀରୁ ସୁସ୍ପଷ୍ଟ । ରାଧାନାଥ, ଗଙ୍ଗାଧର ଓ ସେହି ଯୁଗର ଅନ୍ୟାନ୍ୟ କବିଗଣ ମଧ୍ୟ ଅଳଙ୍କାର ପ୍ରୟୋଗ ଓ ବର୍ଣ୍ଣନା ପାଟବ ଯେଉଁ ଉପେନ୍ଦ୍ରଙ୍କ ଆଦର୍ଶରୁ କେତେକାଂଶରେ ଗ୍ରହଣ କରିଥିଲେ ଏବଂ ଆଜି ଯୁଗରେ ମଧ୍ୟ ଗୋଲକ ଚନ୍ଦ୍ର ପ୍ରଧାନଙ୍କ ଭଳି କବି ଭଞ୍ଜଙ୍କର କା ପ୍ରକାର ଅନୁସରଣ କରିଛନ୍ତି ଦେଖିଲେ ସେହି ପ୍ରଭାବଶାଳୀ ଅଲୌକିକ ପ୍ରତିଭା ସମ୍ପନ୍ନ କବିଙ୍କ ବ୍ୟକ୍ତିତ୍ୱରେ ବିସ୍ମୟ ଆସେ ।

ଉପେନ୍ଦ୍ର ଆମ ଜାତୀୟ ସାହିତ୍ୟର ଏକକାଳରେ ରକ୍ଷକ ଓ ପୋଷକ ଥିଲେ । ବଙ୍ଗୀୟମାନଙ୍କ କୁଚକ୍ରରେ ଏ ଭାଷା ଯେତେବେଳେ ଲୁପ୍ତ ହେବାକୁ ଗତି କରୁଥିଲା ସେତେବେଳେ ରାଧାନାଥ, ଫକୀରମୋହନଙ୍କର ଯେଉଁ ପ୍ରଚେଷ୍ଟା ଓ ସାଧନା ତାହା ଭୁଲିବାର ନୁହେଁ । ଉପେନ୍ଦ୍ର ନିଜ ସମୟରେ ସଂସ୍କୃତ କବଳରୁ ନିଜର ଭାଷା ଓ ସାହିତ୍ୟକୁ ରକ୍ଷା କରି ଭାଷା ରାଜ୍ୟରେ ନିଜର ଐତିହାସିକ ଗୁରୁତ୍ୱ ଆନୟନରେ ସମର୍ଥ ହୋଇଥିଲେ । ସେ ଭାଷାକୁ କେବଳ ରକ୍ଷା କରି ନ ଥିଲେ, ତାର ରୂପ ପରିବର୍ତ୍ତନ କରିବା ସଙ୍ଗେ ସଙ୍ଗେ ସାହିତ୍ୟର ଭାବ ଓ ରୂପବୈଚିତ୍ର୍ୟର ପରିସର ବୃଦ୍ଧି କରି ଶାରଳା, ବଳରାମ, ଜଗନ୍ନାଥ, ଦୀନକୃଷ୍ଣଙ୍କ ଭଳି ସାହିତ୍ୟରେ ଯୁଗାନ୍ତର ଆନୟନରେ ସମର୍ଥ ହୋଇଥିଲେ । ରାଧାନାଥ ଓ ଉପେନ୍ଦ୍ରଙ୍କ ସାହିତ୍ୟ ସମ୍ପର୍କରେ "ଇନ୍ଦ୍ରଧନୁ ଓ ବିଜୁଳି"ଠାରୁ ଅଦ୍ୟାବଧି

ଯେଉଁ ତର୍କ, ବିସମ୍ବାଦ, ଅପପ୍ରଶଂସ ଓ ବାହୁଲତା ପ୍ରକାଶିତ ହୋଇଛି ବା ହେଉଛି ତାହା ଉଭୟଙ୍କ ପ୍ରତିଭାର ମୂଲ୍ୟ ହ୍ରାସ କରୁଛି । ଯୁଗ, ରୁଚି ଓ ଐତିହାସିକ ପ୍ରୟୋଜନୀୟତା ଦେଖି ଉଭୟ ସାହିତ୍ୟକୁ ଅନୁରୂପ ସ୍ଥାନ ଦେବା ପ୍ରୟୋଜନ । ତେବେ ଏହି ପ୍ରଯତ୍ନ ପ୍ରଚେଷ୍ଟା ଓ ସୃଷ୍ଟି ମଧ୍ୟରେ ଯେ ପ୍ରମାଦ, ତାହା ଭିନ୍ନ ପ୍ରକାର ଆଲୋଚନା କରାଯାଇ ପାରେ । ପରିଶେଷରେ ଉପେନ୍ଦ୍ରଙ୍କର ଉଜ୍ଜ୍ୱଳ ସାହିତ୍ୟରେ କି ପ୍ରଭାବ ଅଛନ୍ତି ତାହା କହିବା ନିଷ୍ପ୍ରୟୋଜନ ବୋଧ କରୁଛି ।

କାରଣ ଓଡ଼ିଆ ସାହିତ୍ୟ ଓ କବି କହିଲେ ଯେ କେତେକ କାବ୍ୟ, କବିତା, ଗ୍ରନ୍ଥ ଓ କବିମାନେ ସ୍ୱତଃ ଆମ ନଜରକୁ ଆସନ୍ତି, ତନ୍ମଧ୍ୟରେ ଉପେନ୍ଦ୍ର ଆସନ୍ତି ବୋଧହୁଏ ପ୍ରଥମେ । କିନ୍ତୁ ଉପେନ୍ଦ୍ରଙ୍କ ପ୍ରତି ଆମର ଯେଉଁ ଅଧିକ ଅନୁରକ୍ତି ତାଙ୍କର ସଂସ୍କୃତ ଭକ୍ତି ମୂଳକ ପ୍ରଚେଷ୍ଟା ଓ ଧର୍ମର ପ୍ରବଳ ପ୍ରାବଲ୍ୟକୁ ପୃଥକ ରହିବା ମନୋବୃତ୍ତି । ତାଙ୍କର ସଂସ୍କାର ପ୍ରୟାସ ଓ ପାଣ୍ଡିତ୍ୟ ଆମକୁ ମୁଗ୍ଧ କରେ । ଜାତୀୟ ସାହିତ୍ୟର ବିପୁଳ ନିର୍ମିତା ଓ ରକ୍ଷକ ଭାବରେ ତାଙ୍କ ସ୍ଥାନ ଓଡ଼ିଆ ସାହିତ୍ୟର କୌଣସି ସୁବାନ୍ତ-ଭାଗ୍ୟ କବିମାନଙ୍କ ଅପେକ୍ଷା ନ୍ୟୂନ ନୁହେଁ । ବରଂ ଓଡ଼ିଆ ସାହିତ୍ୟ କହିଲେ ସାଧାରଣ ଜନତା ଉପେନ୍ଦ୍ରଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି । ସଂସ୍କୃତ ସାହିତ୍ୟରେ କାଳିଦାସଙ୍କ କବିତାକୁ ଉପଭୋଗ୍ୟ ବସ୍ତୁ ମଧ୍ୟରେ ଗ୍ରହଣ କଲାପରି ଉପେନ୍ଦ୍ର ସାହିତ୍ୟ କହିଲେ ଆମେ ସାଧାରଣତଃ ତାଙ୍କ ସାହିତ୍ୟର ସଙ୍ଗୀତମୟତା ଓ ରସାଳତା ପ୍ରତି ଦୃଷ୍ଟି ନିକ୍ଷେପ କରୁ । କାରଣ ତାଙ୍କ ବିଶିଷ୍ଟ ସାହିତ୍ୟ ମଧ୍ୟରେ ଏହାହିଁ ଆମ ପ୍ରାଣର ସୂକ୍ଷ୍ମ ବୃତ୍ତିଗୁଡ଼ିକୁ ସ୍ପର୍ଶ କରିଥାଏ ଏବଂ ଏହାହିଁ ତାଙ୍କୁ

ଶରୀରୀ ଭେଦ ପ୍ରଭାବ ଏବଂ ସାହିତ୍ୟ ରାଜ୍ୟରେ ସମୁଚିତ ଆସନ ପ୍ରଦାନ କରେ ।

ଦୀନକୃଷ୍ଣ ଓ ଲୋକନାଥ ବିଦ୍ୟାଧର ଉପେନ୍ଦ୍ରଙ୍କ ସମକାଳୀନ ଓ ସମକକ୍ଷ ହୋଇଥିଲେ ମଧ୍ୟ ସେମାନଙ୍କ ସାହିତ୍ୟର ସ୍ୱାତନ୍ତ୍ର ପ୍ରଭାବଶାଳୀତାର ଅଭାବରୁ ଉପେନ୍ଦ୍ରଙ୍କଠୁଁ ନିମ୍ନ କକ୍ଷା ରୂପେ ଗ୍ରହଣ କରାଯାଇ ପାରେ ।

---

## ଉପେନ୍ଦ୍ର ଓ ବିଜୟଚନ୍ଦ୍ର

ଅଦ୍ୟାବଧି ଯେଉଁମାନଙ୍କର ମତକୁ କେନ୍ଦ୍ରକରି ଉପେନ୍ଦ୍ର ସାହିତ୍ୟର ବିଚାର ନାନା ଯୁକ୍ତି ଓ ତର୍କ ମାଧ୍ୟମରେ ଚାଲିଛି । ସେ ମଧ୍ୟରେ ବିଜୟଚନ୍ଦ୍ର ଅନ୍ୟତମ । ସମାଲୋଚକ ବିଜୟଚନ୍ଦ୍ରଙ୍କର ଉପେନ୍ଦ୍ର ସାହିତ୍ୟରେ କିପରି ଜ୍ଞାନ ଥିଲା ଓ ସାହିତ୍ୟ ବିଚାରରେ ସେ କି ପ୍ରକାର ଆଦର୍ଶ ଅନୁସରଣ କରିଥିଲେ ସେ ନେଇ ଅନେକ ଭିନ୍ନ ଭିନ୍ନ ପ୍ରକାର ମତ ପୋଷଣ କରନ୍ତି ।

କାହାରି କାହାରି ମତରେ ମଜୁମ୍‌ଦାରଙ୍କର ଏହି ପ୍ରଚେଷ୍ଟା ଦୁଃସାହସିକତାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ । ଅନ୍ୟ କେତେ ତାଙ୍କ ଜ୍ଞାନ-ଦାରିଦ୍ର୍ୟର ଅବତାରଣା କରି ସେ କିପରି ଉପେନ୍ଦ୍ରସାହିତ୍ୟ ସମାଲୋଚନାରେ ଅସମର୍ଥ ତାହା ଦର୍ଶାଇଛନ୍ତି । ଯାହାହେଉ ବିଜୟଚନ୍ଦ୍ର ଅଳ୍ପ ଅଭ୍ୟାସ ଓ ଶ୍ରଦ୍ଧାରେ ନାମ ନେବାକୁ ହେଉ ଅଥବା ତାଙ୍କ ପ୍ରଚେଷ୍ଟାର ଆନ୍ତରିକତାରେ ହେଉ ଓଡ଼ିଶାର ଏହି ଅଗ୍ରଗଣ୍ୟ କବିଙ୍କ ଯେନ ଦୃଢ଼ତା ସହିତ ଯେଉଁ ମତାମତ ପ୍ରକାଶ କରିଛନ୍ତି ତାହା ତାଙ୍କ ନିର୍ଭୀକତାର ପରିଚାୟକ । ଏ ଅବଶ୍ୟ ଏହାର ଅନ୍ତରାଳରେ ଜାତିଗତ ବିଦ୍ୱେଷ, ଈର୍ଷା ଥିଲା କି ନାହିଁ ତାହା ପରେ ବିଚାର୍ଯ୍ୟ ।

ସମାଲୋଚକ ମଜୁମ୍‌ଦାର ସ୍ୱଲିଖିତ Typical selectioons from Oriya litarature ର ମୁଖବନ୍ଧରେ ଉପେନ୍ଦ୍ରଙ୍କ ସାହିତ୍ୟ, ଜୀବନ ଓ ବ୍ୟକ୍ତିତ୍ୱ ଯେଉଁ ଯେପରି ଗୁଡ଼ିଏ କଥା କହିଛନ୍ତି ତନ୍ମଧ୍ୟରେ, କବିଙ୍କ ଜୀବନ, ଧର୍ମ, ରଚନା ପ୍ରଣାଳୀ, କାବ୍ୟଗତ ରସ କାବ୍ୟରେ ପ୍ରକୃତି, ଅଶ୍ଳୀଳତା ଓ ଶବ୍ଦାଡ଼ମ୍ବର ପ୍ରସଙ୍ଗ ଉଲ୍ଲେଖ ଯୋଗ୍ୟ । ଏହା ବ୍ୟତୀତ ଲେଖାର ଗତି ଯେଉଁ ସେ ସମ୍ବନ୍ଧ ମଧ୍ୟେ ଅନ୍ୟ କେତେକ ପ୍ରମାଦର ଉଲ୍ଲେଖ କରିଥିଲେ ମଧ୍ୟ ସେ ଗୁଡ଼ିକର ବିଶେଷ ଗୁରୁତ୍ୱ ନ ଥିବାରୁ ତାହାପରିହାର କରିବା ଉଚିତ ମଣିଲି ।

ଉପେନ୍ଦ୍ରଙ୍କର କବି ଜୀବନ ଯେଉଁ ସେ କହିଛନ୍ତି ଘୁମୁସର ରାଜବଂଶର ଇତିହାସ ପର୍ଯ୍ୟାଲୋଚନା କଲେ ଜଣାଯାଏ ତାହା କପଟ କଳଙ୍କ-କାଳିମାମୟ ଥିଲା । ଉତ୍କଳର ରାଜନୈତିକ ଅବସ୍ଥା କରଦ ରାଜାମାନଙ୍କ ମଧ୍ୟରେ ଯେଉଁ ବିଳାସ ପରାୟଣତା ଓ ହୀନ ନୈତିକତା ପ୍ରଶ୍ରୟ ଲାଭ କରିଥିଲା, ତାହା ଅତି ଭୟଙ୍କର ଏବଂ ଏହି ବ୍ୟାଧିଗ୍ରସ୍ତ ଏକ ପରିବାରରୁ ଉପେନ୍ଦ୍ର ସମ୍ଭୂତ । ସେ କହନ୍ତି How Rojhouses became subject to low intrignes and inhuman Practices is proved by the history of the now extinct family of Ghumsar, which narrated the life of Upenra Bhanja.

ଏହି ଉକ୍ତିର ତାତ୍ପର୍ଯ୍ୟ ଏହି ଯେ କବିଙ୍କ ବଂଶଗତ ଅଶ୍ଳୀଳତା ହୁଏତ ତାଙ୍କଠାରେ ପ୍ରତିଫଳିତ ହୋଇଥିବ । ଘୁମୁସର ସ୍ୱର୍ଣ୍ଣପ୍ରସୂନ ଧନଞ୍ଜୟ, ବିକ୍ରମ, ନୀଳକଣ୍ଠ, ଘନ, ଶ୍ରୀକର ପ୍ରଭୃତିଙ୍କର ବିଳାସିତା ଓ ଇନ୍ଦ୍ରିୟ ପରାୟଣତା ବେଶ ଅବଶ୍ୟ ଅନେକ ତଥ୍ୟ ମିଳେ; କିନ୍ତୁ ଏହାର ଅର୍ଥ ନୁହେଁ ଯେ ଉପେନ୍ଦ୍ର ନିଶ୍ଚିତ ଭାବରେ ସେହି ପ୍ରକାର ମନୋବୃତ୍ତି ବିଶିଷ୍ଟ ବ୍ୟକ୍ତିତ୍ୱ ଲାଭ କରିଥିବେ । କବିଙ୍କ

ଜୀବନର ଯେଉଁ କ୍ଷୀଣ ଇତିହାସ ମିଳେ, ଅଥବା ଯାହା ଜନଶ୍ରୁତି ଉପରେ ପ୍ରତିଷ୍ଠିତ ତହିଁରୁ କୌଣସି ପ୍ରକାର ନୀତିହୀନତାର ଆଭାସ ମିଳେ ନାହିଁ । ବରଂ ତାଙ୍କ ତ୍ୟାଗମୟ ସଂଯତ ଜୀବନ ଧାରାର ସୂଚନା ଅଧିକ ମିଳେ । ଅଧ୍ୟାପକ ଅର୍ତ୍ତବଲ୍ଲଭ ମହାନ୍ତି ପ୍ରମୁଖ କବିଙ୍କ ରାମତାରକ ମନ୍ତ୍ର ସାଧନ ଘେନି ତାଙ୍କ ଜୀବନର ଅଟଳ ସଂଯମ ଓ ଔଦାର୍ଯ୍ୟର ଅବତାରଣା କରନ୍ତି । ଯାହାହେଉ ଅଳୀକ ପରିସ୍ଥିତି ଓ ବେଷ୍ଟନୀ ମଧ୍ୟରୁ କେଉଁ ଅନାବିଳ ବସ୍ତୁ ବା ବ୍ୟକ୍ତିତ୍ୱର ସନ୍ଧାନ ନ ମିଳିବ ଏପରି ଯୁକ୍ତି ନାହିଁ । ବରଂ କୁହାଯାଇ ପାରେ ଇତିହାସର ସାଧାରଣ ପ୍ରକୃତି ଦୃଷ୍ଟିରୁ ବିଜୟଚନ୍ଦ୍ର ଏଭଳି ଆଶଙ୍କା ପୋଷଣ କରିଛନ୍ତି । କିନ୍ତୁ ଜୀବନ ସମ୍ବନ୍ଧରେ କବିଙ୍କର ଧାରଣା ଘେନି ସେ ଯାହା ଉଲ୍ଲେଖ କରିଛନ୍ତି ସେଥିର ଅଳୀକତା କେତେଦୂର ତାହା ବିବେଚ୍ୟ । ସେ କହନ୍ତି "Upendra's romantic stories very distinctly show that he had very narrow vision of life. it is the artificial court life, which he is found familiar with.

ଏହି ଉକ୍ତିର ତାତ୍ପର୍ଯ୍ୟ ପାଠକମାନେ ଉପଲବ୍ଧି କରିପାରୁଥିବେ । ବାସ୍ତବରେ କବି ନିଜର ଏଭଳି ଔପନ୍ୟାସିକ କାବ୍ୟରେ ଯେଉଁ ଜୀବନର ଚିତ୍ର ପ୍ରଦାନ କରିଛନ୍ତି ତାହା ରାଜକୀୟ, ସମାଜର ଏକ ସଂକୀର୍ଣ୍ଣ ବେଷ୍ଟନୀର ଚିତ୍ର ।

ସେଥିରେ ସାଧାରଣ ଜୀବନସୁଲଭ ଚିତ୍ର ପ୍ରାୟ ନାହିଁ । ପ୍ରାସାଦ, ଉପବନ, ସ୍ୱର୍ଣ୍ଣପ୍ରଦୀପ, ଗନ୍ଧତୈଳ, ଦାସଦାସୀ ସଙ୍ଗୀତ, ରୂପ, ଯୌବନ ଓ ବିଭବର ଯେଉଁ ଆଲେଖ୍ୟ ସେଠାରେ ବିଦ୍ୟମାନ ତାହା ସମସ୍ତରେ ଏ ସଂସାରର ରାଜପରିବାରରେ ମଧ୍ୟ ସମ୍ଭବ ହୋଇ ପାରେନା । କବି ଏକ ଅଭିଜାତ୍ୟମୟ ପରମ୍ପରାର କଳ୍ପିତ

ଆଦର୍ଶ ରୂପ ପ୍ରଦାନ କରିଛନ୍ତି । ରାଜକୁମାରୀ ଉପବନ ବିହାରକୁ ପ୍ରସ୍ତୁତ ହେବା କାଳରେ ଯେଉଁ ସୁବୀଣା ବୀଣା ବାଦନ କରୁଛନ୍ତି, କିଏ ସୁଗନ୍ଧ ତେଲ ଓ ପୁଷ୍ପ ରାଗରେ ମର୍ମର ପ୍ରସ୍ତର ଗଠିତ ପଥକୁ ମଣ୍ଡନ କରୁଛନ୍ତି, ସେଥିରେ ମଧ୍ୟ କବିଙ୍କର ଆଶଙ୍କା ଯେ ନାୟିକାର ପଦସ୍ଖଳନ ହେବ କି ? ରାଜା, ମନ୍ତ୍ରୀ, ପାରିଷଦ, ବିଦୂଷକ, ସୈନ୍ୟ-ସାମନ୍ତ, ସଖୀ, ଜ୍ୟୋତିଷ, ଶୁଣ୍ଠିଆ ପ୍ରଭୃତି ରାଜକୀୟ ବ୍ୟକ୍ତିମାନଙ୍କ ଭିନ୍ନ କ୍ଷେତ୍ର ଆମେ ସାଧାରଣ ଜୀବନର ଛବି ପାଇଥାଉ । ଅବଶ୍ୟ ବୈତାଳ, ଇନ୍ଦ୍ରଜାଲିକ ସେବାକାରୀ ପ୍ରଭୃତି ସାଧାରଣ ଶ୍ରେଣୀର ଚରିତ୍ର ଗୁଡ଼ିକର ସମାବେଶ ରହିଛି; ମାତ୍ର ସେ ଗୁଡ଼ିକର ମାତ୍ରା ଅତ୍ୟନ୍ତ କମ୍ । ଜୀବନ ସଂପର୍କରେ, ବିଳାସ, ଭୋଗ ଓ ଆନନ୍ଦବାଦର ଯେଉଁ ଆଲେଖ୍ୟ ତାହାଦ୍ୱାରା ଜୀବନର ପୂର୍ଣ୍ଣ ପ୍ରକଟନ ହୋଇ ନ ପାରେ । ବିଶାଳ କାବ୍ୟ ସୃଷ୍ଟିରେ ବିରହ ବିନା ଅନ୍ୟ ଦୁଃଖ ନାହିଁ । ହାହାକାର ନାହିଁ, ଏହାହିଁ ଜୀବନ ସଂପର୍କରେ କବିଙ୍କର ସଂକୀର୍ଣ୍ଣ ଦୃଷ୍ଟିଭଙ୍ଗୀ, ରାଜକୀୟ ଜୀବନର ବୈଚିତ୍ର୍ୟବିହୀନ, ଧାରାବାହିକ ଭୋଗଲିପ୍ସା ବ୍ୟତୀତ ମାନବିକ ପ୍ରବୃତ୍ତିର ଅନ୍ୟାନ୍ୟ ବିଭବର ଏକାନ୍ତ ଅଭାବ ସେଠାରେ ପରିଲକ୍ଷିତ । ତେଣୁ ବିଜୟଚନ୍ଦ୍ର କାବ୍ୟ ଗୁଡ଼ିକରେ ଜୀବନର ଯେଉଁ ଚିତ୍ର ଦେଖିଛନ୍ତି ସେଥିରେ ସେ କୌଣସି ପ୍ରବଞ୍ଚନାପୂର୍ଣ୍ଣ ପ୍ରଲେପ ଦେଇଥିବା ପରି ମନେ ହୁଏ ନାହିଁ ।

କବିଙ୍କର କୃତି ଗୁଡ଼ିକରେ ଧର୍ମ ଯେଉଁ ସ୍ଥାନ ଲାଭ କରିଛି ସେ ନେଇ ବିଜୟଚନ୍ଦ୍ର ଉକ୍ତ କୋଟୀର ମତ ପ୍ରକାଶ କରିଛନ୍ତି । ସେ କହନ୍ତି **It Was Upendra Bhanja Who disassotiated literature from religion** କବିଙ୍କ ଧର୍ମମତ ସଂପର୍କିତ ପର୍ଯ୍ୟାୟରେ ଏହାର ବିଶେଷ ସମୀକ୍ଷା କରି ଯାଉଛୁ । ବାସ୍ତବରେ

ଉପେନ୍ଦ୍ର ସ୍ୱ କୃତୀକୁ ଧର୍ମଠାରୁ ପୃଥକ ଭାବରେ ଗ୍ରହଣ କରିବାରେ ତାଙ୍କର ଐତିହାସିକ ଗୁରୁତ୍ୱ ଯଥେଷ୍ଟ ରହିଛି । ସାହିତ୍ୟ ମାଧ୍ୟମରେ ଧର୍ମ ପ୍ରଚାରର ଯେଉଁ ଅବାଂଛିତ ବାସନା ବୈଷ୍ଣବ କବିଗଣଙ୍କର ରଚନାରେ ଭୟଙ୍କର ଭାବରେ ଗତି କରୁଥିଲା, ଉପେନ୍ଦ୍ର ସେହି ସ୍ରୋତର ପ୍ଲାବନରୁ ନିଜକୁ ରକ୍ଷା କରିଛନ୍ତି ।

ଉପେନ୍ଦ୍ର ସାହିତ୍ୟରେ ମନୁଷ୍ୟ ଜୀବନର ମହନୀୟତା ଭଳି ପ୍ରକୃତିର ନୈସର୍ଗିକ ସୌନ୍ଦର୍ଯ୍ୟ ପ୍ରତି ଯେ ଅବହେଳା କରି ଯାଇଛନ୍ତି, ରାଧାନାଥ ଏହା ଅତି ଦୃଢ଼ତାର ସହିତ ଘୋଷଣା କରିଛନ୍ତି । "Neither the Sublimity nor the beauty of natural Sight peeps through his Writings' । ଚନ୍ଦ୍ରଭାନୁର ସିଂହଳ ଯାତ୍ରା ଓ ଅନ୍ୟାନ୍ୟ କାବ୍ୟରେ ପ୍ରକୃତୋଚିତ ବର୍ଣ୍ଣନା ପ୍ରସଙ୍ଗରେ କବି ସମୁଦ୍ର ବର୍ଣ୍ଣନା ନ କରିଥିବା ପ୍ରତି ଏ କଟାକ୍ଷ । ଏ ପ୍ରସଙ୍ଗରେ ଓଡ଼ିଶାର ବିଶିଷ୍ଟ ସମାଲୋଚକଗଣ ମଜୁମ୍‌ଦାରଙ୍କ ମତକୁ ବିଦ୍ୱେଷପୂର୍ଣ୍ଣ ରୂପେ ଗ୍ରହଣ କରି କହନ୍ତି, କବି କୃତିରେ ସନ୍ଧ୍ୟା, ପ୍ରଭାତ, ଦିବା, ରାତ୍ରୀ, ନଦୀ, ପର୍ବତ, ଅରଣ୍ୟ, ଋତୁ ଇତ୍ୟାଦି ଶତଶତ ମାଧ୍ୟମରେ ପ୍ରକୃତିର ବର୍ଣ୍ଣନା କରାଯାଇଛି ଏବଂ ଋତୁବର୍ଣ୍ଣନା ନାୟକ ନାୟିକାଙ୍କର ମନସ୍ତାତ୍ତ୍ୱିକ ବିଶ୍ଳେଷଣରେ ଅଧିକ ମନୋଜ୍ଞ ହୋଇଛି । ତେଣୁ ଉପେନ୍ଦ୍ର ପ୍ରକୃତିର ନିସର୍ଗ ସୌନ୍ଦର୍ଯ୍ୟରେ ଅଭିଭୂତ ହୋଇ ନ ଥିଲେ ବୋଲି କହିବା ମୂର୍ଖତା ଭିନ୍ନ ଅନ୍ୟ କିଛି ନୁହେଁ । କିନ୍ତୁ ଏଠାରେ ସମାଲୋଚକମାନଙ୍କ ପ୍ରତି ଯଥାବିଧି ସୌଜନ୍ୟ ଓ ସମ୍ମାନ ପ୍ରଦର୍ଶନ କରି ମୁଁ କହିବାକୁ ଚାହେଁ ଉପେନ୍ଦ୍ରଙ୍କ ଭଳି ଉଚ୍ଚକୋଟୀର କବି ସାଗରବର୍ଣ୍ଣନା କରିବାକୁ ଉପଯୁକ୍ତ ক্ষেত্র ଓ ସୁଯୋଗଲାଭ ନ କରିଥିବା କଣ ତାହାଙ୍କ ବର୍ଣ୍ଣନାବୈଭବ ଓ ବହୁଳ

ବସ୍ତୁର ଗୁରୁତ୍ୱ ହେଲା ଏକ ଅପୂରଣୀୟ ଅଭାବ ନୁହେଁକି ? ବିଜୟ-ଚନ୍ଦ୍ର ଏ ଭଳି ଉକ୍ତି ଯଦି ବିଦ୍ୱେଷତା ହେଲା ପ୍ରମାଣ କରଥାନ୍ତି ତେବେ ମଧ୍ୟ କବି ସମ୍ମତ ସୁଯୋଗ ଓ ପରିସ୍ଥିତିରେ ସାଗର ବର୍ଣ୍ଣନା ନ କରିବା ଅସୁନ୍ଦର ହୋଇଛି । ଅନ୍ୟପକ୍ଷରେ ଯେଉଁମାନେ ବୈଚିତ୍ର୍ୟପୂର୍ଣ୍ଣ ଯୁକ୍ତି ଜାଲ ବିସ୍ତାର କରି ମତ ଦିଅନ୍ତି- ଚନ୍ଦ୍ରଭାନୁ ଓ ନାୟିକା ଜାହାଜରେ ଚଳୁଥିଲେ ତେଣୁ ବାହ୍ୟ ପ୍ରକୃତି ତାଙ୍କୁ ଆକର୍ଷିତ ନ କରିବା ସ୍ୱାଭାବିକ । ମାତ୍ର ଏ ଯୁକ୍ତି ଅଧିକ ଅସଙ୍ଗତ ବୋଧ ହେଉଛି । ନିଜର ଅଭୀପ୍ସିତା ନାୟିକାଙ୍କୁ ବାହ୍ୟପ୍ରକୃତି ମଧ୍ୟରେ ତାଦାତ୍ମ୍ୟ ହେଲା ଉପଲବ୍ଧି କରିବା ଓ ଦେଖିପାରିବା ଅଧିକ ମନସ୍ତତ୍ତ୍ୱପୂର୍ଣ୍ଣ । ସୁତରାଂ ବିଜୟଚନ୍ଦ୍ର ପ୍ରକୃତିଚିତ୍ରଣରେ ସ୍ୱାଭାବିକତା ଓ ସଙ୍ଗତି ହେଲା ଏହି ପ୍ରକାର ମତ ବ୍ୟକ୍ତ କରିଛନ୍ତି । ଦ୍ୱିତୀୟତଃ ପ୍ରଭାତ, ସନ୍ଧ୍ୟା, ନଦୀ, ପର୍ବତ, ଅରଣ୍ୟର ଯେଉଁ ବର୍ଣ୍ଣନା ଭଞ୍ଜକବିଙ୍କର ଦୃଷ୍ଟ ହୁଏ, ତାହା କେବଳ ଉଦ୍ଦେଶ୍ୟ ନିର୍ଦ୍ଦିଷ୍ଟ । ସେଥିରେ ସ୍ୱାଭାବିକତା ଅପେକ୍ଷା ନାୟକ ନାୟିକାଙ୍କ ପ୍ରେମ-ପ୍ରସଙ୍ଗର ସହାୟତା ବା ଉଦ୍ଦୀପନା ଶକ୍ତି ଅଧିକ ବ୍ୟଞ୍ଜିତ । ଅବଶ୍ୟ ନବବର୍ଷାର ଆଗମରେ ଧରାପୃଷ୍ଠରେ ପରିବର୍ତ୍ତନସ୍ରୋତର ତାଳେ ତାଳେ ବିରହିଣୀ ପ୍ରାଣରେ ନାନା ଭାବର ତରଙ୍ଗ ସୃଷ୍ଟି ହୁଏ ଏବଂ "ଦେଖିନବ ଜଳଦା" ପ୍ରଭୃତି ଛାନ୍ଦରେ ଏହା ସୁନ୍ଦରରୂପ ପାଇଛି । ତେବେ କହିବାର ତାତ୍ପର୍ଯ୍ୟ କବି ପ୍ରକୃତି ବର୍ଣ୍ଣନା କରିଥିଲେ ମଧ୍ୟ ସେଥିରେ ଯେଉଁ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ, ଅପ୍ରାକୃତିକତା ଓ ସମୟରେ ଅସଙ୍ଗତି ଦେଖାଯାଏ ତାହା ମଜୁମ୍ଦାରଙ୍କ ଏ ପ୍ରକାର ମତ ପୋଷଣ କରିବାରେ ସାହାଯ୍ୟ କରିଛି ମାତ୍ର ।

କବିଙ୍କ ଶିକ୍ଷା ସମ୍ବନ୍ଧରେ ବିଜୟଚନ୍ଦ୍ର ଯେଉଁ ପ୍ରକାର ମତ ପୋଷଣ କରନ୍ତି ତାହା କୌଣସି ପ୍ରକାର ଗ୍ରହଣୀୟ ନୁହେଁ । ତାଙ୍କ

ମତରେ ଉପେନ୍ଦ୍ର ଯତ୍‌ସାମାନ୍ୟ ସଂସ୍କୃତ ଜାଣିଥିଲେ ଏବଂ ତାହା ପ୍ରମାଦପୂର୍ଣ୍ଣ । ଦ୍ୱିତୀୟତଃ ତାଙ୍କର ବ୍ୟାକରଣ ଓ ଅଳଙ୍କାର ଜ୍ଞାନ ପଣ୍ଡିତମାନଙ୍କ ସାହଚର୍ଯ୍ୟରେ ଲବ୍ଧ ହୋଇଥିଲେ ମଧ୍ୟ ତାହା ପଲ୍ଲବଗ୍ରାହିତା ଓ ଭ୍ରମପୂର୍ଣ୍ଣ । ମାତ୍ର ଆମ୍ଭେମାନେ ବିଜୟ ବାବୁଙ୍କର ଏ ପ୍ରକାର ଉକ୍ତିକୁ ଗ୍ରହଣ କରିବାକୁ ଆଦୌ ପ୍ରସ୍ତୁତ ନୋହୁଁ । କାରଣ ଉପେନ୍ଦ୍ରଙ୍କ ସାହିତ୍ୟରେ ଯେଉଁ ଅଳଙ୍କାର ପ୍ରୟୋଗ, ପୌରାଣିକତା ଓ ପାଣ୍ଡିତ୍ୟ ଲକ୍ଷିତ ହୁଏ, ତାହା ଯେ ପ୍ରମାଦପୂର୍ଣ୍ଣ, ଏହା ନୁହେଁ । କବିଙ୍କର ଶିକ୍ଷା ଅତି ଉଚ୍ଚକୋଟୀର । ପୁରାଣ, ଶାସ୍ତ୍ର, ଅଳଙ୍କାର, ରସଶାସ୍ତ୍ର ସହିତ ଭିନ୍ନ ଭିନ୍ନ ସଂସ୍କୃତ କାବ୍ୟ, ମହାକାବ୍ୟକୁ ସେ ଏପରି ଭାବେ ଆୟତ୍ତ କରିଥିଲେ ଯେ ତହିଁର ମୂଲ୍ୟବାନ ଉପାଦାନଗୁଡ଼ିକ ତାଙ୍କ କାବ୍ୟଗୁଡ଼ିକର ବିଭିନ୍ନ ଛନ୍ଦରେ ସ୍ୱତଃ ପ୍ରବେଶ ଲାଭ କରିଛନ୍ତି । ଉପେନ୍ଦ୍ର ପଣ୍ଡିତମାନଙ୍କ ସାହଚର୍ଯ୍ୟରେ ଆସିଥିଲେ ସତ୍ୟ, ହେଲେହେଁ ସଂସ୍କୃତଭାଷାଜ୍ଞ ପଣ୍ଡିତମାନଙ୍କୁ ମାତୃସାହିତ୍ୟ ଓ ଭାଷାକୁ ଅଳଙ୍କୃତ କରିବା ପାଇଁ ଯେଉଁ ଚେଷ୍ଟା କରିଥିଲେ ଓ ଯେପରିଭାବେ ସଫଳକାମ ହୋଇଥିଲେ ତହିଁର ଅନ୍ତରାଳରେ ତାଙ୍କ ଶିକ୍ଷାଗତ ମୌଳିକତାହିଁ ବର୍ତ୍ତମାନ । ତେଣୁ ତାଙ୍କର ଶିକ୍ଷାପ୍ରତି ମଜୁମ୍‌ଦାରଙ୍କ ଏ ପ୍ରକାର ଉକ୍ତି କୌଣସିମତେ ଗ୍ରହଣ କରାଯାଇ ନ ପାରେ । ରଚନାରେ ମାନବୀୟ ଭାବଧାରାର ଅଭାବ ଯେଣୁ ସେ କହନ୍ତି ଅଳଙ୍କାର ସମାବେଶ ଓ କାବ୍ୟିକ ଚାତୁର୍ଯ୍ୟ ଅଧିକ ସଜ୍ଜୀକରଣରେ ବ୍ୟସ୍ତ ରହି କବି ଏପରି ଅଭାବର ସମ୍ମୁଖୀନ । ନିଜର ରଚନା କୌଶଳ ପ୍ରଦର୍ଶନ ଯେଣୁ ସେ ମାନବ ହୃଦୟକୁ ଆଲୋଡ଼ିତ କରୁଥିବା ଭାବଗୁଡ଼ିକୁ ଗ୍ରହଣ କରିପାରି ନାହାନ୍ତି ଏବଂ ନିଜସ୍ୱତାର ଉପାଦେୟତା ଯେଣୁ କହନ୍ତି—

**The illustrations of different ରସ as occur in "ରସପଞ୍ଚକ" are in support of my supposition.'**

କବି କାବ୍ୟର ଆରମ୍ଭ ସ୍ଥଳରେ ନିଜ ଶାବ୍ଦିକ ଓ ରଚନା-ଚାତୁର୍ଯ୍ୟ ଯେଉଁ କାବ୍ୟକ ଭାବଧାରା ଓ ରସପ୍ରତି ସାମୟିକ ଅବହେଳା ପ୍ରଦର୍ଶନ କରିଛନ୍ତି । ହେଲେହେଁ ତାଙ୍କ କାବ୍ୟ ଗ୍ରନ୍ଥଗୁଡ଼ିକରେ ବିଭିନ୍ନ ରସର ସୁନ୍ଦର ଅବତାରଣା ରହିଛି । 'ରସପଞ୍ଚକ'ର ଦ୍ୱିତୀୟ ସ୍ତବକରେ କବି ନବରସର ଯେଉଁ ଉଲ୍ଲେଖ କରିଛନ୍ତି ତାହା ଅବଶ୍ୟ ଉତ୍କର୍ଷକ ନୁହେଁ; କିନ୍ତୁ ଅନ୍ୟାନ୍ୟ କାବ୍ୟରେ ପ୍ରସଙ୍ଗଭେଦରେ ବିଭିନ୍ନ ରସର ସୁନ୍ଦର ସ୍ଥାନ ରହିଛି । Verbal Jugglary ସେ ଯୁଗରେ ଏକ ପ୍ରକାର ପାଣ୍ଡିତ୍ୟସୂଚକ ରୂପେ ଗୃହୀତ ହୋଇଥିଲା । କେବଳ ଉପେନ୍ଦ୍ର, ବାହ୍ନିକ, ଅଭିମନ୍ୟୁ ଦୀନକୃଷ୍ଣ ଓ ଭକ୍ତଚରଣ ପ୍ରଭୃତି କବିମାନେ ଅତି ଅଳ୍ପକଥା ଓ ନଗଣ୍ୟ ଅର୍ଥ ପ୍ରକାଶ ପାଇଁ ମଧ୍ୟ ବହୁଶବ୍ଦ ଓ ଚାତୁର୍ଯ୍ୟପୂର୍ଣ୍ଣ ଧାରାର ଅନୁସରଣ କରୁଥିଲେ । ଭଞ୍ଜୀୟ ରଚନାରେ ତାହାର ମାତ୍ରା ଅପେକ୍ଷାକୃତ ଅଧିକ ହେଲେ ମଧ୍ୟ ତାହା କୌଣସି ପ୍ରକାର ଭଞ୍ଜୀୟ କାବ୍ୟର ସର୍ବସ୍ୱ ନୁହେଁ । କେବଳ ପାଣ୍ଡିତ୍ୟର ଉତ୍କର୍ଷତା ପ୍ରଦର୍ଶନ ଯେଉଁ ତାହା କରାଯାଉଥିଲା ।

କାବ୍ୟଗ୍ରନ୍ଥଗୁଡ଼ିକରେ ଉପେନ୍ଦ୍ର ଅକ୍ଷର ନିୟମ ଓ ରଚନାପ୍ରଣାଳୀ ନେଇ କେତେକ ଶବ୍ଦର ଇଚ୍ଛାକୃତ ବିକୃତ ଓ ଅପ୍ରଚଳିତ ଶବ୍ଦର ବ୍ୟବହାର କରିଛନ୍ତି । ରାଜସୁନ୍ଦର ଏ ସମ୍ପର୍କରେ କେତୋଟି ଉଦାହରଣ ପ୍ରଦାନ କରିଛନ୍ତି । 'ଅବନା ରସତରଙ୍ଗ", ବୈଦେହୀଶ ବିଳାସ, କଳାକଉତୁକ ପ୍ରଭୃତିର ନିର୍ଦ୍ଦିଷ୍ଟ ଅକ୍ଷର ଓ ମାତ୍ରା ପ୍ରୟୋଗ-ଜନିତ ନିୟମ ଗ୍ରହଣ କରିଥିବାରୁ ଉପେନ୍ଦ୍ରଙ୍କ ପକ୍ଷରେ ଏହା ସ୍ୱାଭାବିକ ଘଟିଛି; କିନ୍ତୁ ଏଠାରେ କହି ରଖିବା ଉଚିତ ଯେ ଶବ୍ଦଗୁଡ଼ିକର ଇଚ୍ଛାକୃତ ବିକୃତି ଏଭଳି ରଚନାକାରଙ୍କ ବୃତରେ

ସମ୍ଭବ ହେଲେ ମଧ୍ୟ କ୍ଷମଣୀୟ ନୁହେଁ । କାରଣ ସ୍ରଷ୍ଟାର ବ୍ୟବହାର କବିଙ୍କ ବ୍ୟକ୍ତିତ୍ୱର ଅନୁସାରୀ ହେଲେ ମଧ୍ୟ ତାର ସ୍ୱାଭାବିକ ଶବ୍ଦ-ସମ୍ଭାରୀୟ ଅଙ୍ଗରେ ଆଞ୍ଚ ଆଣିବାର ଅଧିକାର କାହାର ଅଛି ? ଦ୍ୱିତୀୟତଃ ଏହି ବିକୃତ ଫଳରେ କବିଙ୍କ ଉଦ୍ଦେଶ୍ୟ ସାଧିତ ହୋଇ-ଥିଲେ ମଧ୍ୟ ଅନେକ କ୍ଷେତ୍ରରେ ପ୍ରମାଦସଙ୍କୁଳ ହୋଇଅଛି ।

ଉଦାହରଣ ଯେଣ ମଜୁମ୍ଦାର ପ୍ରଦତ୍ତ ଗୋଟିଏ ଦୁଇଟି ଶବ୍ଦ ଦେଖାଯାଉ । ଅବଶ୍ୟ ରସତରଙ୍ଗରେ କବି 'ପ୍ରକାର' ପାଇଁ 'ପ୍ରକର' ପ୍ରୟୋଗ କରିଛନ୍ତି । 'ଯାପନ' ସ୍ଥଳରେ 'ଯପନ' ଉଲ୍ଲେଖ କରିଛନ୍ତି । ମାତ୍ର 'ପ୍ରକର' ଓ 'ପ୍ରକାର' ଏକ ଅର୍ଥ ବୋଧକ ନୁହେଁ । ଦ୍ୱିତୀୟତଃ 'ଯପନ' ଓ 'ଯାପନ' ମଧ୍ୟରେ ପାର୍ଥକ୍ୟ ହେଉଛି 'ଯପନ' ଏକ ଅର୍ଥହୀନ ଧ୍ୱନିସମବାୟ ।

ଏହା ବ୍ୟତୀତ କବି ବିଶ୍ରାମଣି, ରାମା, ମାର, ଶ୍ୟାମ, ଅନଙ୍ଗ ତ୍ରୁଟିତ ଶବ୍ଦ ଯେଣ ଯେଉଁ ବହୁପ୍ରୟୋଗ କରିଛନ୍ତି, ତାହା ସହଜ-ବୋଧ ହେଲେ ମଧ୍ୟ ଅଧିକ ପ୍ରୟୋଗରେ ରଚନାର ସୌନ୍ଦର୍ଯ୍ୟ ହାନିକର ନୁହେଁ କି ?

କବି 'ବ', 'ସ', 'କ', ପ୍ରଭୃତି ପ୍ରାଥମିକ ଅକ୍ଷରରେ ବହୁତ କାବ୍ୟ ମହାକାବ୍ୟ ରଚନା କରିଥିବାରୁ ଅନେକ ଅପ୍ରଚଳିତ ଶବ୍ଦ ପ୍ରୟୋଗ କରିଥିବା ଅଭିଯୋଗ ମଜୁମ୍ଦାର କରନ୍ତି । ବାସ୍ତବରେ ଅଭିଯୋଗ ଅମୂଳକ ହୋଇ ନ ପାରେ । କାରଣ ପ୍ରକୃତରେ ଶବ୍ଦ ବ୍ୟବହାର ବ୍ୟାପକତା ଓ ଅପ୍ରଚଳିତତା ଦେଖି ଉପେନ୍ଦ୍ର ଅବହିତ ଥିଲେ । ସେହି କାରଣରୁ 'ଗୀତାଭିଧାନ' ପ୍ରସ୍ତୁତ କରିଥିଲେ । ଅବଶ୍ୟ ନିର୍ଦ୍ଦିଷ୍ଟ ରଚନା କ୍ରମ ଅବଲମ୍ବନ କରିଥିବାରୁ ସେ ଏହି ପ୍ରକାର ଶବ୍ଦଗୁଡ଼ିକର ଆଶ୍ରୟ ନେବାକୁ ବାଧ୍ୟ ହୋଇଛନ୍ତି ।

ତଥାପି ମଧ୍ୟ ଝିନାଝୀଚାରେ ତାଙ୍କ କାବ୍ୟପାଠ କେତେକଙ୍କ ପକ୍ଷେ ସମ୍ଭବ ହୁଏ ତାହା ମୋତେ ଅଜଣା । ଶବ୍ଦର ପ୍ରୟୋଗ, ନିବୃତ୍ତି ସୃଷ୍ଟି ଓ ବକ୍ରୋକ୍ତି ସାଧନରେ ଯତଥଞ୍ଜାଗ୍ରର ଲେଖକର ମହତ୍ତ୍ୱ ଉପରେ ତା ବୁଝିବାରେ ତାହା ମଧ୍ୟ ମୋ ଜ୍ଞାନର ବହିର୍ଦେଶରେ ।

ଅନ୍ୟ କେତେକଙ୍କପରି ମଜୁମ୍ଦାର ମଧ୍ୟ ଉପେନ୍ଦ୍ରଙ୍କ ଅଶ୍ଳୀଳତା ଦେଖି ନୀରବ ରହନ୍ତି । ବସ୍ତୁତରେ ଏହାର ସ୍ଥାନ-ଭେଦ ନେଇ କହନ୍ତି ଏହି ଅଶ୍ଳୀଳତା ବିଭିନ୍ନରସକୁ ଅଶୁଦ୍ଧ କରେ । ଏ ସଂପର୍କରେ କାବ୍ୟଗତ "ଅଶ୍ଳୀଳତା" ଶୀର୍ଷକ ସ୍ୱତନ୍ତ୍ର ପର୍ଯ୍ୟାୟରେ ସମ୍ୟକ୍ ଆଲୋଚନା ସତ୍ତ୍ୱେ ଏଠାରେ ଅଳ୍ପରେ କୁହାଯାଇପାରେ ଯେ ଏହା କେବଳ ଉପେନ୍ଦ୍ର ସାହିତ୍ୟ କାହିଁକି କାବ୍ୟ ଯୁଗର ସମସ୍ତ ସାହିତ୍ୟିକଙ୍କ କୃତିରେ ଉପଲବ୍ଧ । ପୃଥିବୀ ପୃଷ୍ଠରେ ଏପରି ଏକ ଯୁଗର ସୂତ୍ରପାତ ଘଟିଥିଲା, ଯହିଁରେ ପୃଥିବୀର ସମସ୍ତ ଦେଶ ଓ ସାହିତ୍ୟର କବିମାନେ ଯୌନଚର୍ଯ୍ୟା ଓ ତଦ୍‌ଜନିତ ଅଶ୍ଳୀଳତାକୁ ସାହିତ୍ୟରେ ସଂଭୋଗୋଦ୍ଦୀପନ ଭାବରେ ସ୍ଥାନ ଦେଇଥିଲେ । ତେଣୁ ଉପେନ୍ଦ୍ରଙ୍କୁ ଏ ଦୃଷ୍ଟିରେ ଦ୍ୱେଷପୂର୍ଣ୍ଣ ଆକ୍ରମଣ କରିବା କେତେକାଂଶରେ ଅସଙ୍ଗତ । ତଥାପି ଉପେନ୍ଦ୍ରସାହିତ୍ୟରେ ସାହିତ୍ୟର ଅନ୍ୟାନ୍ୟ ବିଭାବ ଓ ଅନୁଭବ ସହିତ ମାନସିକ ବୃତ୍ତିଗୁଡ଼ିକର ବ୍ୟାପକ ଆଲୋଚନା ଅଭାବରୁ ଏହି ଅଶ୍ଳୀଳତା ଆବରଣ-ବିହୀନ ହୋଇପଡ଼ିଛି । ସୁତରାଂ ତାହା ମଜୁମ୍ଦାର କାହିଁକି ଯେ କୌଣସି ନିରପେକ୍ଷ ପାଠକର ଦୃଷ୍ଟି ଆକର୍ଷଣ କରେ ।

ରସ ଓ ମାନସିକ ବୃତ୍ତିଗୁଡ଼ିକର ବିଶ୍ଳେଷଣରେ ଉପେନ୍ଦ୍ର ଉପରେ ରକ୍ତମାଂସର ଶରୀର ଓ ତଦ୍‌ଜନିତ ଲାଳସା ପ୍ରତି ଅଧିକ ଦୃଷ୍ଟି ଦେଇଥିଲେ ତାହା ଦର୍ଶାଇ ମଜୁମ୍ଦାର କହନ୍ତି, ଉପେନ୍ଦ୍ର ବର୍ଣ୍ଣିତ ପ୍ରେମରେ Sweet sentiment କୌଣସିଠାରେ metirth

କହାଇନାହାନ୍ତି । ବରଂ ପ୍ରେମ ନାମରେ ସେ ଯାହା ବର୍ଣ୍ଣନା କରିଛନ୍ତି ତାହା ବିଭତ୍ସ ଓ ରକ୍ତମାଂସର ମୋହରେ ପରିପୂର୍ଣ୍ଣ । କିନ୍ତୁ ମଜୁମ୍‌ଦାର ଏ ପ୍ରସଙ୍ଗରେ ଯେଉଁ ଦୃଷ୍ଟାନ୍ତ ଦେଇଛନ୍ତି ତାର ଅଥଚତ ବୈଶିଷ୍ଟ୍ୟ ପରେ ପ୍ରତିପାଦନ କରିବା ସତ୍ୟ, ହେଲେ ହେଁ ଏଠାରେ କହିବାକୁ ହୁଏ ଯେ କବି ନବରସର ଅବତାରଣା ବିଭିନ୍ନ ପ୍ରସଙ୍ଗରେ କରିଥିଲେ ମଧ୍ୟ ଶୃଙ୍ଗାର ବର୍ଣ୍ଣନାରେ ଅଧିକ ଯତ୍ନଶୀଳ ଥିଲେ । ମାତ୍ର ତହିଁରେ ଦୈହିକ ସାଧନା ଓ ଉପଭୋଗର ଯେଉଁ ନଗ୍ନ ବର୍ଣ୍ଣନା କରିଛନ୍ତି ତାହା କେତେକ ସ୍ଥଳରେ ଉତ୍କଟ ହୋଇଛି । 'ବିଭତ୍ସ' ଶବ୍ଦ ପ୍ରୟୋଗ କରି ଅବଶ୍ୟ ମଜୁମ୍‌ଦାର ନିଜ ରୁଚିଧୈର୍ଯ୍ୟର ଅଧିକ ପ୍ରକଟନ କରିପାରି ନାହାନ୍ତି । ତଥାପି ଏହା ସତ୍ୟ ଯେ ଦୈହିକ ସଂଘର୍ଷରେ କିମ୍ବା ପ୍ରେରଣାର ତାଡ଼ନାରେ ମନୁଷ୍ୟ ଯେଉଁ ଶୃଙ୍ଗାର ସାଧନା କରେ ତାର ନଗ୍ନ ଓ ନିର୍ଲଜ୍ଜ ରୂପ ବିଭତ୍ସ ଏବଂ ଲଜ୍ଜା ସଂକୋଚର ଆବରଣ ସେଠାରେ ମୂଲ୍ୟହୀନ । ଯାହା ହେଉ, ଉପେନ୍ଦ୍ର ଯେ ପ୍ରେମ ନାମରେ ବିଭତ୍ସତାର ପ୍ରଶ୍ରୟ ଦେଇଛନ୍ତି ଏପରି କହିବା ମାତ୍ରା ଲଙ୍ଘନ କରିବା, କାରଣ କବି ଯାହା କିଛି ନିରେଖ ବର୍ଣ୍ଣନା କରିବାକୁ ଚାହିଁଛନ୍ତି ତାହା କାମ-ଶାସ୍ତ୍ରରେ ନିର୍ଦ୍ଦେଶିତ ଓ ଅନୁମୋଦିତ ପନ୍ଥା ଦର୍ଶାଇବା ଲକ୍ଷ୍ୟରେ ।

ଏପରି ଉପେନ୍ଦ୍ର କଥିତ ପ୍ରେମ ସମ୍ପର୍କରେ ବିଜୟଚନ୍ଦ୍ର "ପଶୁ ମାଂସରେ ପଣ୍ଡ ଯେମନ୍ତେ" ବାକ୍ୟ ଉଦ୍ଧାର କରି କହନ୍ତି "Yes it is this thirst for blood which is love with Upendra Bhanja !" ଏହି ବାକ୍ୟ ଓ ତତ୍‌ଜନିତ ମନ୍ତବ୍ୟ ଦେଖି ବିଭିନ୍ନ ସମାଲୋଚକମାନେ ମଜୁମ୍‌ଦାରଙ୍କ ଉପେନ୍ଦ୍ର-ସାହିତ୍ୟ ଜ୍ଞାନ ଦେଖି ସନ୍ଦେହ ପ୍ରକାଶ କରନ୍ତି ଓ ତାଙ୍କ ବିଦ୍ୱେଷ

ପୂର୍ଣ୍ଣ ଉଦ୍ଦେଶ୍ୟର ସୂଚନା ଦିଅନ୍ତି । ଏହି ବାକ୍ୟର ପ୍ରକୃତ ଅର୍ଥ ହେଉଛି ମଶା ମଶାରି ମଧ୍ୟରେ ପଶି ରକ୍ତଶୋଷଣ ପରେ ବାହାରକୁ ଆସିବା ପାଇଁ କୌଣସି ଫାଙ୍କ ନ ପାଇ ଯେଉଁ ବ୍ୟସ୍ତତା ପ୍ରକାଶ କରେ, ନାୟକକର୍ମ ବନ୍ଧନରେ ଅନ୍ୟନ୍ତ ରହି ସ୍ୱଗୃହର ଥିବା ନାୟିକା ନିକଟକୁ ଆସି ନ ପାରିବା ଠିକ୍ ତଦନୁରୂପ । କବିଙ୍କର ଏହି ଉପମା ଉପର୍ଯ୍ୟୁକ୍ତ ଅର୍ଥପ୍ରକାଶନରେ ପ୍ରଯୁକ୍ତ । ତେଣୁ ମଶାର ରକ୍ତ ଶୋଷଣ ଦେନ ବ୍ୟଗ୍ରତା ଏଠାରେ ସୂଚିତ ନୁହେଁ । ବରଂ ମଶାରି ଅଭ୍ୟନ୍ତରରୁ ମୁକ୍ତି ଲାଭ ପ୍ରୟାସରେ ବ୍ୟଗ୍ରତା ତେଣୁ କର୍ମ ନିବନ୍ଧନ ରୂପ ମଶାରିରୁ ମୁକ୍ତ ହେବାର ଯେଉଁ ତୀବ୍ର ବାସନା ତାହା ଏଠାରେ ସୂଚିତ । ଏହି ଦୃଷ୍ଟିରୁ ବିଜୟଚନ୍ଦ୍ରଙ୍କର ଏ ପ୍ରକାର ଅର୍ଥ ଗ୍ରହଣ ପ୍ରମାଦପୂର୍ଣ୍ଣ । ଏହି ବାକ୍ୟ ସଂଶ୍ଳେଷଣର କଠୋରତା ଦେନ ସେ ମନ ମୋହନ ଚକ୍ରବର୍ତ୍ତୀଙ୍କ ମତ ଉଦ୍ଧାର କରିଛନ୍ତି । ମାତ୍ର ବାକ୍ୟଟିର ବିଜୟଚନ୍ଦ୍ର ଗୃହୀତ ଅର୍ଥ ଏଠାରେ ପ୍ରତିଫଳିତ ନ ହେଲେ ମଧ୍ୟ ଦୈହିକ ମିଳନ ଓ ଦେହଭୋଗ ଯେ ଉକ୍ତ ବର୍ଣ୍ଣିତ ପ୍ରେମରେ ଏକ ବିଶିଷ୍ଟ ଅଙ୍ଗ ଦେହବନ୍ଧର ସଂଯୋଗାତ୍ମକ ଲାଳସା ଯେ ଏଥିର ଅପୂରଣୀୟ ଅଂଶ ଏହା ଅସ୍ୱୀକାର କରି ହୁଏ ନାହିଁ । ନାୟକ ନାୟିକା ଗୁଣ ଶ୍ରବର ପ୍ରାବଲ୍ୟରେ ପ୍ରଥମେ ଏହି ଦୈହିକ ସଂଯୋଗର ଯେଉଁ ସାର୍ଥକତା ଉପଲବ୍ଧି କରନ୍ତି, ତାହା ଉପେନ୍ଦ୍ର ସାହିତ୍ୟର ପ୍ରେମ ଦେନ ମୁଖ୍ୟ କଥା । ଦେହ ସାଧନାର ମାଧ୍ୟମରେ ମାନସିକ ମିଳନର ଯେଉଁ ପ୍ରସାର ଘଟିଥାଏ ତାହା ଏହି ସାହିତ୍ୟରେ ସ୍ଥାନ ପାଇଥିଲେ ମଧ୍ୟ ତେତେ ଉତ୍କର୍ଷ ଜ୍ଞାପକ ନୁହେଁ ।

ଓଡ଼ିଆ ସାହିତ୍ୟରେ ରୋମାନ୍ସ ଓ ସିଂହାବଲୋକନ ଶୃଙ୍ଖଳା ସୃଷ୍ଟିରେ ଉପେନ୍ଦ୍ରଙ୍କ କୃତକାର୍ଯ୍ୟତାର ପ୍ରଶଂସା କରିଛନ୍ତି । କାବ୍ୟର

ବିଭିନ୍ନ ପ୍ରସଙ୍ଗରେ ଉପେନ୍ଦ୍ର ଭାରତୀୟ ବିଭିନ୍ନ ଦେଶଗୁଡ଼ିକର ଯେପରି ଉଲ୍ଲେଖ କରିଛନ୍ତି ସେଥିରେ ମଜୁମ୍‌ଦାର ଯେଉଁ ଭୌଗୋଳିକ ପ୍ରମାଦ ଦର୍ଶାଇଛନ୍ତି, ସାହିତ୍ୟ କ୍ଷେତ୍ରରେ ତାହା ପ୍ରମାଦ ରୂପେ ଗୃହୀତ ହୁଏ ନାହିଁ ।

ପରିଶେଷରେ କହିବାକୁ ପଡ଼ୁଛି ଯେ ବିଜୟଚନ୍ଦ୍ର ଉପେନ୍ଦ୍ର-ସାହିତ୍ୟ ସଂପର୍କରେ ଅନଭିଜ୍ଞ ବୋଲି କହିବା ଅନୁଚିତ । ସାଧାରଣ ସମାଲୋଚକ ଓ ପାଠକ ଭାବରେ ତାଙ୍କର ମତ ସମ୍ପୂର୍ଣ୍ଣତଃ ଉପେକ୍ଷଣୀୟ ନୁହେଁ । ଏହା ଉପର୍ଯ୍ୟୁକ୍ତ ଆଲୋଚନାରୁ ସୁସ୍ପଷ୍ଟ । କିନ୍ତୁ ଯେଉଁମାନେ ମଜୁମ୍‌ଦାରଙ୍କର ଏହିମତଗୁଡ଼ିକ ପସନ୍ଦ ନ କରନ୍ତି ଏବଂ ତାଙ୍କୁ ବିଦେଶୀୟଙ୍କର ସ୍ୱାଭାବିକ ବିଦ୍ୱେଷପ୍ରସୂତ ରୂପେ ଗ୍ରହଣ କରନ୍ତି, ସେମାନେ ସ୍ମରଣ ରଖିବା ଉଚିତ, ଉତ୍କଳର ସନ୍ତାନମାନଙ୍କ ମଧ୍ୟରୁ କେତେକ ଭଞ୍ଜସାହିତ୍ୟ ଅଭିଜ୍ଞ ସାହିତ୍ୟିକ, ପାଠକ ଓ ସମାଲୋଚକ ମଧ୍ୟ କବିଙ୍କ ସମ୍ପର୍କରେ ଢେର ଅଧିକେ ଏ ରୂପ ମତ ପ୍ରକାଶ କରନ୍ତି—ଏବେ କରୁଛନ୍ତି ମଧ୍ୟ । ସେମାନଙ୍କ ଠାରେ ବିଦ୍ୱେଷ ଓ ବିଜାତୀୟ ଭାବର ଆଶଙ୍କା କରି ନ ଯାଉଛି କାହିଁକି ? ବରଂ ଏହା କହିବା ସୁନ୍ଦର ଯେ ବିଜୟଚନ୍ଦ୍ର ଉତ୍କଳର ଏହି ଗୌରବମଣ୍ଡିତ କବିଙ୍କ ରଚନାର କେତେକ ପ୍ରମାଦ ଓ ତ୍ରୁଟିର ସଙ୍କେତ ଦେବା ଫଳରେ ଆମ୍ଭମାନଙ୍କର ସାହିତ୍ୟିକ ଚେତନା ଅଧିକ ହୋଇଛି ଏବଂ ଅମସ୍ତୁକା ସୂନା ନା ଜେଣ୍ଡି ଯାହା ପରୀକ୍ଷା କରିବାକୁ ଆମ୍ଭମାନଙ୍କୁ ଅଧିକ ଅବସର ହୋଇଛି ଏବଂ ମୋର ମନେ ହୁଏ ବିଜୟଚନ୍ଦ୍ର ନିଜର ସ୍ୱାଭାବିକ ନିର୍ଭୀକତାରେ ଉପେନ୍ଦ୍ର ସାହିତ୍ୟ ସମ୍ପର୍କରେ ଯେଉଁ କଥା କହିଛନ୍ତି ତହିଁ ମଧ୍ୟରେ ଅନେକ ଯଥାର୍ଥ ଏବଂ ଉତ୍କଳର ବିଶିଷ୍ଟ ସମାଲୋଚକମାନେ ମଧ୍ୟ ସେ ଦେଇ ଅନୁରୂପମତ ପୋଷଣ କରନ୍ତି । କିନ୍ତୁ କେବଳ

ଅନ୍ତଦେଶାତ୍ମବୋଧରେ ଅପରର ନିନ୍ଦାକଥନ ଓ ଉପେନ୍ଦ୍ରଙ୍କର ବ୍ୟାଜସ୍ତୁତି କରିବାଠାରୁ ବଳି ଅଧିକ ପାତକ କିଛି ନାହିଁ । ମଜୁମ୍ଦାର ଏମାନଙ୍କୁ ଲକ୍ଷ୍ୟ କରି ଯଥାର୍ଥରେ କହିଛନ୍ତି —

"I know also many learned Cowards who praise the poet highly though in their heart of hearts, they dislike him thoroughly !" ଅସ୍ମମାନଙ୍କ ମଧ୍ୟରୁ ହୁଏତ ଅଧିକାଂଶ ଏଭଳି ତଥାକଥିତ ପ୍ରତିଭାପୂଜାରୀଙ୍କ ସଂସ୍ପର୍ଶରେ ଆସିଥିବେ ବୋଲି ମୋର ଅନୁମାନ । କଥା ହେଉଛି ବିଜୟଚନ୍ଦ୍ରଙ୍କ ମତରେ ଯଥାର୍ଥ ଆଲୋଚନା ନ କରି ଗୁଡ଼ାଏ ବୃଥା ଆସ୍ଫାଳନ ଓ ଚିତ୍କାର କରିବାର କୌଣସି ଫଳ ନାହିଁ । ବରଂ ଅସ୍ମମାନଙ୍କର ଲଜ୍ଜିତ ହେବାର କଥା ଯେ ଜଣୈକ ବିଦେଶୀୟ ଅମର ଏତ ଗୌରବଗରିଷ୍ଠ କବିଙ୍କ ସଂପର୍କରେ ଯତ୍‌ସାମାନ୍ୟ ମତ ପ୍ରକାଶ କଲାବେଳେ ଅସ୍ମେମାନେ ସେ ପ୍ରତି ଗମ୍ଭୀର ଦୃଷ୍ଟିପାତ ନ କରି କେବଳ ଉପହାସ କରିବାରେ ବ୍ୟସ୍ତ ରହିଛୁ । ବାସ୍ତବରେ ମଜୁମ୍ଦାର ଉତ୍କଳ ସାହିତ୍ୟ ଓ କବିଙ୍କ ପ୍ରତି ଯଦି ଅନ୍ୟାୟ କରିଛନ୍ତି, ସେ ଯେଣୁ ତାଙ୍କପାଇଁ କ୍ଷମାର ଅପ୍ରୟୋଜନ ହୋଇ ନ ପାରେ । ମାତ୍ର ତାଙ୍କର ଏହି ତଥାକଥିତ କ୍ଷୀଣ ପ୍ରଚେଷ୍ଟା ଯେବେ ଭକ୍ତିଚିତ୍ତ ପୂଜାରେ ଅସ୍ମମାନଙ୍କୁ ଅଧିକ ଉତ୍ସାହ ପ୍ରଦାନ କରିଥାଏ ସେ ଯେଣୁ ଓଡ଼ିଆ ସମାଲୋଚନାସାହିତ୍ୟ କ୍ଷେତ୍ରରୁ ତାଙ୍କର ନିର୍ବାସନ କଳ୍ପନା କେବଳ ବ୍ୟର୍ଥତାରେ ପର୍ଯ୍ୟବସିତ ହେବ ।

# ଭାଷାନ୍ତରିତ ହେବାର ଯୋଗ୍ୟତା

ବିଶ୍ୱଦରବାରରେ କବିଙ୍କ କବିତ୍ୱର ମାନ ନିରୂପଣ ହେଲେ ତାଙ୍କ ରଚନାଗୁଡ଼ିକୁ ଭିନ୍ନ ଭିନ୍ନ ଭାଷାରେ ଅନୁବାଦ କରିବା ଦରକାର । ବିଶେଷତଃ ଆନ୍ତର୍ଜାତିକ ମହଲରେ ଇଂରାଜୀ, ଫରାସୀ ପ୍ରଭୃତି ଭାଷା ପ୍ରଚଳିତ । ତେଣୁ ଉପେନ୍ଦ୍ରଙ୍କ ଉକ୍ତ ମହଲରେ ପରିଚିତ କରିବାପାଇଁ ବିଶ୍ୱସାହିତ୍ୟରେ ତାଙ୍କ ସ୍ଥାନ ନିରୂପଣ ନିମନ୍ତେ ଏହି ଅନୁବାଦ ପ୍ରଥମତଃ ପ୍ରୟୋଜନ । ଏ ଦିଗରେ ଏପର୍ଯ୍ୟନ୍ତ ଯେଉଁ ପ୍ରଚେଷ୍ଟା ଦେଖାଯାଏ ତାହା ଅତୀବ କ୍ଷୀଣ, କାରଣ ଉପେନ୍ଦ୍ରଙ୍କ ବିସ୍ତୃତ ସାହିତ୍ୟର ରୂପଗତ ଓ ଅର୍ଥଗତ ବୈଚିତ୍ର୍ୟ ଏପରି ଯେ ଅନୁଦିତ ହେଲେ ଅଧିକାଂଶ କ୍ଷେତ୍ରରେ ତହିଁର ଅର୍ଥ-ଚରସ୍ତୁତା ରହି ପାରିବ କି ନା ସନ୍ଦେହ । ଆହୁରି ମଧ୍ୟ ଅନେକ କ୍ଷେତ୍ରରେ ଅନୁବାଦର ମାଧ୍ୟମ ଭାଷାରେ ଶବ୍ଦର ଅର୍ଥପ୍ରକାଶିକା ଶକ୍ତି ଆମ ଭାଷା ସହିତ ସମାନ ବା ଏକପ୍ରକାର ନୁହେଁ । କବି କାବ୍ୟ ଗ୍ରନ୍ଥକର ଅଧିକାଂଶ ଛନ୍ଦରେ ଯେଉଁ ଯମକ, ଅନୁପ୍ରାସାଦି ଶବ୍ଦାଳଙ୍କାର, ନାନାବନ୍ଧ, ଶବ୍ଦଗତ ବିକୃତି ଓ କଷ୍ଟାକୃତ ବ୍ୟବହାର କରିଛନ୍ତି, ତାହା କୌଣସିମତେ ଅନ୍ୟଭାଷାରେ ସେପରି ରଖାଯାଇ ନ ପାରେ । ଏ ଗ୍ରନ୍ଥଙ୍କର ଯେଉଁ ସୌନ୍ଦର୍ଯ୍ୟ ତାହା ପରିବର୍ତ୍ତନ ଓ ଭାଷାନ୍ତରିତ ହେବାର ଯୋଗ୍ୟତା ବିହୀନ । ଦ୍ୱିତୀୟତଃ ଉପେନ୍ଦ୍ର ନିଜ ସାହିତ୍ୟରେ ଏକ ଏକ ଅର୍ଥପାଇଁ ଏକାଧିକ ଶବ୍ଦ ବ୍ୟବହାର କରି ନିର୍ଦ୍ଦିଷ୍ଟ ସ୍ଥଳରେ ନିର୍ଦ୍ଦିଷ୍ଟ ଅର୍ଥ ପ୍ରକାଶ କରିଛନ୍ତି । ଯେପରି "ସୂର୍ଯ୍ୟ" ଅର୍ଥ ପ୍ରକାଶ କରିବାକୁ ବିକର୍ତ୍ତନ, ତରଣୀ, ସବିତା ରବି ପ୍ରଭୃତି ଏକାଧିକଶବ୍ଦ ବ୍ୟବହାର—ଏହିପରି ପ୍ରତ୍ୟେକ ଅର୍ଥରେ ସେ ଅନେକ ଶବ୍ଦର ପ୍ରୟୋଗ କରିଛନ୍ତି । ସେ ଗ୍ରନ୍ଥର ମୌଳିକ ଅର୍ଥଦ୍ୟୋତକ ଅନୁବାଦ ହେଲେ ରହି ପାରିବ କି ? ଇଂରାଜୀ ଭାଷାରେ ସୂର୍ଯ୍ୟ

ଅର୍ଥରେ The sun ବା ଅଉ କିଛି ଗୋଟିଏ ଦୁଇଟି ଶବ୍ଦ ଉକ୍ତ ଅଧିକ ନାହିଁ । ସବୁ ଶବ୍ଦରେଣି ପ୍ରାୟ ସେହି ଅବସ୍ଥା । ତେବେ ଦିବାଜିନ, ସବିତା, ତରଣି ଓ ରବି ପ୍ରଭୃତି ପାଇଁ ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ଇଂରାଜୀ ଶବ୍ଦ ପରିକଳ୍ପନା କରିଯାଇ ନ ପାରେ ।

ଚିତ୍ରକାବ୍ୟ ଓ ଶବ୍ଦିକଧନ୍ଦା ଉପେନ୍ଦ୍ରସାହିତ୍ୟର ଅବିଚ୍ଛେଦ୍ୟ ଅଂଶ । ଅନୁବାଦକ ଉପେନ୍ଦ୍ରସାହିତ୍ୟର ଏହି ଅମୂଲ୍ୟ ନିଧି ଓ ଅଯମକପଦକୁ ଓ ତାର ଗୂଢ଼ତତ୍ତ୍ୱ (Implication)କୁ ଅନ୍ୟ ନିକଟରେ ପୂର୍ଣ୍ଣ ରୂପେ ଥୋଇ ପାରିବାର ସାହସ କରନ୍ତି କି ନାହିଁ କେ ଜାଣେ । ତେବେ ଏ ଗୁଡ଼ିକର ମୌଳିକ ରୂପ ଓ ଅର୍ଥ ଗୌରବ କୌଣସିମତେ ରକ୍ଷାକରିପାରି ନ ପାରେ । ଅଥଚ କବିଙ୍କର ବିବିଧ ଅର୍ଥଜ୍ଞାପକ ଏହିପଦଗୁଡ଼ିକୁ ଅନୁବାଦ କରିବା ଏତେ ଆୟାସସାଧ୍ୟ ଓ ଅସମ୍ଭବ ବୋଧ ହେଉଥିବା ବେଳେ ଯେଉଁମାନେ କହନ୍ତି, ଶିଳକୁ ଅଳିଙ୍ଗନ" ଭଳି ବୈଦେହୀଶ-ବିଳାସର କେତେକ ପଦର ୫୨ଟି ଲେଖାଏଁ ଅର୍ଥ ଲୁଚି ରହିଛି, ସେମାନଙ୍କ ପାଇଁ ମୋର ଭାଷା ନାହିଁ । ଓଡ଼ିଆରେ ବା ଓଡ଼ିଶାରେ ଏଯାବତ୍ ଉକ୍ତ ୫୨ଟି ଲେଖାଏଁ ଅର୍ଥ ତ ପ୍ରକାଶିତ ହୋଇ-ନାହିଁ । ଅଉ ଅନ୍ୟ ଭାଷାରେ ତାର ଚମତ୍କାରିତା ପ୍ରକାଶନ କଳ୍ପନା ଅଧିକ ଧୃଷ୍ଟତାଭଳି ବୋଧହୁଏ । ଏପରି କହିବାର ଅର୍ଥ ଯେ କବିଙ୍କ ସମଗ୍ର ରଚନା ଅନୁବାଦସାପେକ୍ଷ ନୁହେଁ—ଏପରି ନୁହେଁ, କହିବାର ଉଦ୍ଦେଶ୍ୟ ହେଉଛି ଉପେନ୍ଦ୍ର ଯେଉଁ ଶବ୍ଦ ବୈଭବ ଓ ଅଳଙ୍କାର ବନ୍ଧ ଚତୁର୍ଦ୍ଧୁର୍ଯ୍ୟ ଯେଣି ଏଭଳି ଦୁର୍ବୋଧଗମ୍ୟ କାବ୍ୟ ସୃଷ୍ଟି କରିଛନ୍ତି ଉକ୍ତ ଅଂଶଗୁଡ଼ିକୁ ଯଦି ଅନୁବାଦ କ୍ଷେତ୍ରରୁ ବାଦ୍‌ଦିଆଯାଏ, ତେବେ ଅନ୍ୟ ଯେଉଁ ବର୍ଣ୍ଣନାତ୍ମକ ଓ ଭାବମୂଳକ ଅଂଶ ରହିବ ସେଥିରେ କବିଙ୍କର

ଗୌରବ କେତେ ଅଧିକବୃଦ୍ଧି ହେବ ? ଉପେନ୍ଦ୍ର ସାହିତ୍ୟରେ ମନୁଷ୍ୟ ହୃଦୟର ଶାଶ୍ୱତଭାବ ପ୍ରକାଶନରେ ଯେଉଁ ସାଧାରଣ ଶକ୍ତି ରହିଛି, ତାହା ତାଙ୍କୁ ବିଶ୍ୱ ଦରବାରରେ ଉପର ସ୍ଥାନ ଦେବ ସନ୍ଦେହସ୍ଥଳ ।

"ନିର୍ମଳ ଚନ୍ଦ୍ର ମଣ୍ଡଳ" ପ୍ରଭୃତି କେତେକ ଛାନ୍ଦ ଓ ଅନ୍ୟାନ୍ୟ କେତେକ ସରଳ ଓ ଭାବପୂର୍ଣ୍ଣ ଭାଷାନ୍ତରିତ ହୋଇପାରେ ଏବଂ କଳିଙ୍ଗଭାରତୀ ସ୍ଥାପୟିତା ଚିତ୍ତରଞ୍ଜନ ବାବୁ ମଧ୍ୟ ଭଞ୍ଜ ସାହିତ୍ୟରୁ କେତେକ ଅନୁବାଦ କରିଛନ୍ତି । ମାତ୍ର କଥା ହେଉଛି ଏମାନେ ଯେଉଁ ଅଂଶ ଅନୁବାଦ କରୁଛନ୍ତି ତାହା ଭଞ୍ଜ ରଚନାର ଶ୍ରେଷ୍ଠ ଅଂଶ ନୁହେଁ । ଶବ୍ଦଛଟା, ଅଳଙ୍କାର ଓ ଛନ୍ଦକୁ ବାଦ ଦେବାହିଁ ସବୁଠାରେ ଧର୍ମରେ ପରିଣତ ହୋଇଛି । ଯାହାହେଉ ଉପେନ୍ଦ୍ରଙ୍କ ସାହିତ୍ୟର ଯେ କୌଣସି ଅଂଶ ଭାଷାନ୍ତରିତ ହୋଇ ବିଶ୍ୱଦରବାରରେ ପ୍ରବେଶ ଅଧିକାର ଲାଭକରି ପାରିଲେ ତାଙ୍କର ବିଶ୍ୱସାହିତ୍ୟରେ ସ୍ଥାନ ସମ୍ବନ୍ଧରେ ସୁସ୍ପଷ୍ଟଧାରଣା ହେବ । ବର୍ତ୍ତମାନ କେବଳ ଅନୁମାନ ଓ ଅନ୍ୟାନ୍ୟ ଉଦ୍ଦେଶ୍ୟ ଯୋଗୁ ମନମୁଖୀ ଅସାର ନିରୂପଣ ଅନେକ କ୍ଷେତ୍ରରେ କବିଙ୍କୁ ଉପହସିତ କରୁଛି । ତେଣୁ ଏପରି ମନମୁଖୀ ପ୍ରଶ୍ନର ଅପେକ୍ଷା କବି ବିଶ୍ୱଦରବାରରେ ନିଜର ମୌଳିକତା ଯୋଗୁ ଉପର ସ୍ଥାନପ୍ରାପ୍ତ ହେଉଛନ୍ତି, ଧୈର୍ଯ୍ୟ ସହିତ ତାହା ଦେଖିବାର କଥା । ଅବଶ୍ୟ ଏଦିଗରେ ଆମ୍ଭମାନଙ୍କର ଚେଷ୍ଟା ଓ ଅନୁବାଦ କରିବା ଶକ୍ତିହିଁ ପ୍ରଧାନ ସମ୍ବଳ । ମହାକବି କାଳିଦାସ ନୋବେଲ ପୁରସ୍କାର ପାଇ ନାହାନ୍ତି ସତ ଏବଂ ସେ ଯୁଗରେ ସେ ବ୍ୟବସ୍ଥା ନ ଥିଲା, ତଥାପି ଆଜି କାଳିଦାସ ଯୁଗ ଯୁଗ, ଦେଶ ଦେଶର କବି । ଆଜି ପୃଥିବୀର ପ୍ରତ୍ୟେକ କୋଣରେ ତାଙ୍କର ଆସନ ସୁପ୍ରତିଷ୍ଠିତ । ଏପରି କହିବାର ଉଦ୍ଦେଶ୍ୟ ହେଉଛି ଆମ୍ଭମାନଙ୍କ

ମଧ୍ୟରୁ ଅନେକ ଏବଂ ଅନେକ ପ୍ରବୀଣ ବ୍ୟକ୍ତି କହନ୍ତି ଅନ୍ୟମାନଙ୍କର କୁତ୍ସାରଟନା ଓ ଆତ୍ମଗ୍ଲାନି ଯୋଗୁ କବିଙ୍କର ରଚନା ଅନାଦୃତ ହୋଇ ପଡ଼ୁଛି ଓ ବିଶ୍ୱଦରବାରରେ ସ୍ଥାନ ଲାଭ କରି ନାହିଁ, ମାତ୍ର ଯଦି ପ୍ରଚାରର ସୁଯୋଗ ମିଳିଥାନ୍ତା ତେବେ ଅନେକ ଦିନରୁ ନୋବେଲ ପ୍ରାଇଜ ପାଇସାରନ୍ତେଣି । ଆନନ୍ଦର କଥା ଏବେ ମଧ୍ୟ ସମୟ ଅଛି । ଆମ୍ଭମାନଙ୍କ ଜାତୀୟଚେତନା ଅପେକ୍ଷାକୃତ ଅଧିକ ହୋଇଛି, ତେଣୁ କବିଙ୍କୁ ବିଶ୍ୱବାସୀଙ୍କ ସମକ୍ଷରେ ଉପସ୍ଥାପିତ କରିବାରେ କାହାର ବିଦ୍ୱେଷ ଆମକୁ ବାଧାଦେଇ ନ ପାରେ ।

କବିଙ୍କର ସ୍ଥାନ ବିଶ୍ୱସାହିତ୍ୟରେ ନିରୂପଣ କରିବାର ଭାର ଆମ ଉପରେ । ମାତ୍ର ଅଦ୍ୟାବଧି ଉପେନ୍ଦ୍ର ନିଜର କାବ୍ୟର ଅଧିକାଂଶ ମହତ୍ତ୍ୱସତ୍ତ୍ୱେ ଶବ୍ଦଗତ ସାଧନା ଓ କ୍ଳିଷ୍ଟତା ଯୋଗୁ ଓଡ଼ିଶାରେ ମଧ୍ୟ ଅନାଦୃତ । ଏବେ ମଧ୍ୟ ଆମ୍ଭେମାନେ କବିଙ୍କର ଏହି ଦୁର୍ବୋଧ୍ୟତାକୁ ଅତିକ୍ରମ କରିନାହୁଁ । କେବଳ ସହଜବୋଧ୍ୟ ରଚନାପାଠର ଓ ଗୁରୁତ୍ୱହୀନ କେତେକ ପଂକ୍ତି ଅନୁବାଦ କରି ଦେଲେ କାମ ଶେଷ ହୁଏ ନାହିଁ । ଅନୁବାଦ ଅନ୍ତତଃ ଏପରି ହେବା ପ୍ରୟୋଜନ ଯାହାଦ୍ୱାରା ଏକାଧାରରେ ତାଙ୍କ ପାଣ୍ଡିତ୍ୟ, ପୌରାଣିକତା, ଶାବ୍ଦିକତା ଓ କବିତ୍ୱର ପ୍ରକାଶ ହୋଇ ପାରୁଥିବ । ଏବେ ମଧ୍ୟ ଉପେନ୍ଦ୍ରଙ୍କୁ ବିଶ୍ୱଦରବାରକୁ ଆଡ଼ମ୍ବରପୂର୍ଣ୍ଣ ଭାବରେ ନେଇ ଯିବାକୁ ଆମ୍ଭେମାନେ ଉପକ୍ରମ କରିନାହୁଁ । ସୁତରାଂ ସେଠାରେ ତାଙ୍କର ସ୍ଥାନ ନିର୍ଣ୍ଣୟ କରିବା ପ୍ରମାଦପୂର୍ଣ୍ଣ ହେବ ଭାବି ଭବିଷ୍ୟତକୁ ଅପେକ୍ଷାକରି ରହିଥିବୁ ନିବୃତ୍ତ ହେଲୁଁ ।

ଉତ୍ତାସ୍ତୁତଃ ଉପେନ୍ଦ୍ର ବର୍ଣ୍ଣନା କରିବାରେ ଯେଉଁ ରୀତି ଅନୁସରଣ କରିଛନ୍ତି, ଅନୂଦିତ ହେଲେ କାବ୍ୟର ଉକ୍ତ ଗାମ୍ଭୀର୍ଯ୍ୟ ରହିବ କି ନା ସନ୍ଦେହଜନକ । ନାରୀର ରୂପ ବର୍ଣ୍ଣନାରେ ସେ

ତାଙ୍କର ଅଶ୍ଳୀଳତାକୁ ଆକ୍ଷେପ କରୁନାହିଁ କାରଣ ଏହା ମଧ୍ୟ ଭାଷାର ପ୍ରତ୍ୟେକ ସାହିତ୍ୟରେ ଭରପୂର । ତେବେ କଥାହେଉଛି ବର୍ଣ୍ଣନାଗତ ସଂଯମ ଓ ଶିଷ୍ଟତା ସେଠାରେ ନାହିଁ । ଭଞ୍ଜ ନାୟିକାର ବିଭିନ୍ନ ଅଙ୍ଗ ବର୍ଣ୍ଣନା କରିବାରେ ଯେଉଁ ପନ୍ଥା ଅନୁସରଣ କରିଛନ୍ତି ଅନେକ ସମୟରେ ତାହା ପାଠକରି ଆମେ ସହଜରେ ତାର ସମଗ୍ର ଶରୀର ବା ରୂପଟିର ଧାରଣା କରି ପାରୁନାହୁଁ । ଚକ୍ଷୁ, ନାସ, ହସ୍ତ, ମୁଖ, କର୍ଣ୍ଣ, ସ୍ତନ, କଟି, ଜାନୁ ପ୍ରଭୃତି ପ୍ରତ୍ୟେକ ବର୍ଣ୍ଣନା ନାନା ଆରୋପ ଓ ତର୍କଣା ସାହାଯ୍ୟରେ ପଦ ପଦବ୍ୟାପି ଗତି କରିଛି । ତେଣୁ ନାୟିକାକୁ ଦେଖିବାପାଇଁ ଆମର ଯେଉଁ ବ୍ୟଗ୍ରତା, ତାହାର ନାକ, କାନ, ଆଖି ଦେଖୁଁ ଦେଖୁଁ ଅନେକ କ୍ଷେତ୍ରରେ ତାହା ଦବହର ହୋଇ ପଡ଼େ ।

'ପ୍ରେମସୁଧାନିଧି' ଦ୍ୱିତୀୟ ଛାନ୍ଦରେ ଓ କୋଟି ବ୍ରହ୍ମାଣ୍ଡସୁନ୍ଦରୀର ଯେଉଁ ରୂପ ବର୍ଣ୍ଣନା ମୁଁ ପାଠକମାନଙ୍କୁ ଅନୁରୋଧକରେ ସେମାନେ ତା ମଧ୍ୟକୁ ପ୍ରବେଶ କରି ଦେଖନ୍ତୁ, ଉକ୍ତ ବର୍ଣ୍ଣନା ଅନୂଦିତ ହେଲେ କି ରୂପ ଧାରଣ କରିବ ।

ଚତୁର୍ଥରେ ଉପେନ୍ଦ୍ର ସାହିତ୍ୟର ଗୌରବ ଓ ଗରିମା ତାହାର ସଙ୍ଗୀତମୟତ୍ୱ ଯୋଗୁ । ଏହା ନିଶ୍ଚିତ ଯେ ସଙ୍ଗୀତର ଯେଉଁ ମାଧୁରୀ ଉପେନ୍ଦ୍ର ସାହିତ୍ୟରେ ଦେଖାଯାଏ ତାହା ଅପରିହାର୍ଯ୍ୟ । ତେଣୁ ଉକ୍ତ ସାହିତ୍ୟକୁ ସାଙ୍ଗିତିକ ଗୁଣକୁ ପରିହାର କରିଗଲେ ଏହାର ମାଧୁର୍ଯ୍ୟ ଯେ କେବଳ ଲୁପ୍ତହେବ ତା ନୁହେଁ, ବିକଳାଙ୍ଗ ହୋଇ ପଡ଼ିବ । ତେଣୁ ଅନୁବାଦକାରୀ ବା ସେ ଦିଗରେ ଯେଉଁମାନେ ମସ୍ତିଷ୍କ ଚାଳନା କରୁଛନ୍ତି ସେମାନେ ଏ ସଂପର୍କରେ କେତେଦୂର ସଚେତ ଅଛନ୍ତି ତାହା ମୁଁ ଜାଣେ ନାହିଁ ଏବଂ ଏହା ନିଶ୍ଚିତ ଯେ ଯେ କୌଣସି ଭାଷାକୁ ହେଉନା କାହିଁକି ଅନୂଦିତ ହେଲେ କାବ୍ୟର ଉକ୍ତ ଗୁଣଗୌରବରେ ନିଶ୍ଚୟ ଆଘାତ ଆସିବ ।

# କବି ସମ୍ରାଟ ଆଖ୍ୟା

ଏହି ଗ୍ରନ୍ଥରେ କବିଙ୍କ ସାହିତ୍ୟିକ ଜୀବନ ଓ ସାହିତ୍ୟର ଯେଉଁ ସାଧାରଣ ସମୀକ୍ଷା କରାଯାଇଛି ତହିଁରୁ ତାଙ୍କ ପ୍ରତି କବି ସମ୍ରାଟ ଆଖ୍ୟାର ଯୋଗ୍ୟତା ପାଠକଗଣ ବିଚାର କରିବେ । ତେବେ ଏହି ଉଜ୍ଜ୍ୱଳଯଶା କବିଙ୍କୁ ଆମ ସାହିତ୍ୟରେ କବିସମ୍ରାଟରୂପେ ଗ୍ରହଣ କରିବାରେ କୌଣସି ଆପତ୍ତି ନ ଥିଲେ ସୁଦ୍ଧା, ମୋ ମତରେ ଏହା-ଦ୍ୱାରା ତାଙ୍କ ବିରାଟ ବ୍ୟକ୍ତିତ୍ୱ ଓ ପାଣ୍ଡିତ୍ୟ ପ୍ରତି ଅବମାନନା କରା-ଯାଇଅଛି କାରଣ ଉପେନ୍ଦ୍ରଙ୍କୁ କବି ଭାବରେ ଏପରି ସମ୍ମାନିତ ନ କରି ତାଙ୍କୁ ଓଡ଼ିଆ ସାଂସ୍କୃତିକ ଜୀବନର ଶ୍ରେଷ୍ଠ ବ୍ୟକ୍ତିତ୍ୱ ରୂପେ ଗ୍ରହଣ କଲେ ତାଙ୍କ ପ୍ରତିଭାପ୍ରତି ସମୁଚିତ ସମ୍ମାନ ପ୍ରଦର୍ଶନ କରାଯାନ୍ତା ବୋଲି ମୋର ମତ । କବି କୃତିର ଉପାଦେୟତା ଓ ପ୍ରଭାବଶାଳୀ ବିକାଶ ଆମକୁ ଯେତେ ଉଦ୍‌ବୁଦ୍ଧ ନ କରିଛି, ତାଙ୍କର ଜାତୀୟତା ପାଣ୍ଡିତ୍ୟ, ଜୀବନବୋଧ ଓ କଳାପ୍ରିୟତା ତତୋଧିକ ଆକର୍ଷିତ କରେ । ଓଡ଼ିଆର ସାଂସ୍କୃତିକ ଜୀବନରେ ଶୈବାଳକଳଙ୍କିତ କୋଣାର୍କ, ଭୁବନେଶ୍ୱର ଯେପରି, ଉପେନ୍ଦ୍ରଙ୍କ କଳାପ୍ରବଣ ଜୀବନ, ସଙ୍ଗୀତମୟ କବିତା ଓ ଶିଳ୍ପଗୁରୁତ୍ୱପୂର୍ଣ୍ଣ କାବ୍ୟସୌଧ ତତ୍ତୁଲ୍ୟ । କବିଙ୍କୁ ଏକବ୍ୟକ୍ତି ଓ ତାଙ୍କ ରଚନାକୁ ସାହିତ୍ୟର ଏକ ଅଂଶରୂପେ ଗ୍ରହଣ ନ କରି ଏକ ଅନୁଷ୍ଠାନ ଓ ଜାତୀୟ ଜୀବନର ଏକ ପ୍ରତୀକ ବିକାଶ ରୂପେ ଗ୍ରହଣ କରିବା ସର୍ବାଧିକ ସମୁଚିତ । କାରଣ ତାଙ୍କ କବିତ୍ୱ ବିଶ୍ୱଦରବାରରେ କିପରି ଆସନ ଲାଭ କରିବ ତାହା ଏ ଯାବତ୍ ନିର୍ଣ୍ଣୀତ ନୁହେଁ । ମାତ୍ର ତାଙ୍କର ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଓ ପ୍ରତିଭା ଆମ ହୃଦୟ କ୍ଷେତ୍ରରେ ଏପରି ଚେରମୂଳ ଦୃଢ଼ କରିଛି ଯେ

ତାଙ୍କୁ ଏକ ବଂଶଧରରୂପେ ସ୍ୱୀକାର କରି ମହତ୍ତ୍ୱ କ୍ଷୁଣ୍ଣ କରିବା ଅନ୍ୟାୟ । ଉତ୍କଳ ସାହିତ୍ୟର ପ୍ରାଚୀନ, ବୈଷ୍ଣବକାବ୍ୟ, ରାଧାନାଥ ଓ ଅଧୁଯୁଗ ମଧ୍ୟରେ ଉପେନ୍ଦ୍ରଙ୍କର ଯେଉଁସ୍ଥାନ ତାହା ତାଙ୍କୁ ଏକ ନିର୍ଦ୍ଦିଷ୍ଟଯୁଗର ବିଶିଷ୍ଟ କବିରୂପେ ଉପସ୍ଥାପିତ କରେ ମାତ୍ର । କିନ୍ତୁ ଅନ୍ୟ ଦିଗରୁ ବିଚାର କଲେ ସେ କେବଳ କବି ନୁହଁନ୍ତି, ଆମ ଆଡ଼ମ୍ବରମୟ କଳାପୂର୍ଣ୍ଣ ସଭ୍ୟତାର କର୍ଣ୍ଣଧାର । ବିଶ୍ୱ ଇତିହାସରେ କୋଣାର୍କକୁ ନେଇ ଆମେ ଯେଉଁ ଗର୍ବ ଗୌରବର ଅଧିକାରୀ, ଉପେନ୍ଦ୍ର ସାହିତ୍ୟ ନେଇ ଆମର ଅବସ୍ଥା ଠିକ୍ ସେହିପରି । ତେଣୁ ତାଙ୍କୁ କେବଳ କବିସମ୍ରାଟ କହି ତାଙ୍କ ପ୍ରତିଭାକୁ ଖର୍ବ ଓ ସୀମାବଦ୍ଧ କରିବାର ଅଳୀକ ବାସନା କାହିଁକି ? ଉପେନ୍ଦ୍ର ଯଦି କବିସମ୍ରାଟ, ତାଙ୍କ ସାମ୍ରାଜ୍ୟ କଣ ତେବେ ଏହି ସସୀମ ଉତ୍କଳଖଣ୍ଡର କାବ୍ୟରାଜ୍ୟରେ ? ତଥାପି ମଧ୍ୟ ତାଙ୍କ ସାହିତ୍ୟ ସାରଳା, ବଳରାମ, ଜଗନ୍ନାଥ, ଦୀନକୃଷ୍ଣ ରାଧାନାଥ ଓ ଗଙ୍ଗାଧରଙ୍କ ତୁଳନାରେ କେତେତ ପରିମାଣରେ ବା ଅଧିକ ପ୍ରଭାବଶାଳୀ ଏ ନେଇ ସନ୍ଦେହର ପ୍ରଶ୍ନ ଅଛି । ତେଣୁ କହିବାକୁ ହୁଏ, ଜାତୀୟ ସଂସ୍କୃତି ଓ ଜୀବନର ଶ୍ରେଷ୍ଠ ପ୍ରତୀକ ଓ ସାଧକ ଭାବରେହିଁ ଉପେନ୍ଦ୍ର ଅଗ୍ରଗଣ୍ୟ । ସେ ଏ ଜାତିର ବିଳାସପ୍ରିୟତା, କଳାକୁଶଳତା, ଶାନ୍ତିପ୍ରିୟତା ଓ ବୈଧୀ ଜୀବନଯାପନକୁ ଯେଉଁ ଅଭିଳଷିତ ରୂପ ପ୍ରଦାନ କରିଛନ୍ତି, ତାହା କୋଣ ପ୍ରସ୍ତର ଗାତ୍ରରେ ଖୋଦିତ ସଂସ୍କୃତିଠାରୁ କୌଣସି ଗୁଣରେ ନ୍ୟୂନ ନୁହେଁ ବରଂ ସମକକ୍ଷ । ସେ ନେଇ ତାଙ୍କୁ ଏହିପରି ଏକ ଇଚ୍ଛାକୃତ ଉପାଧି ଭୂଷିତ କରିବା ଅଯଥାର୍ଥ କେବଳ ଏ ଦୃଷ୍ଟିରେ ଏତିକି ସ୍ୱୀକାର୍ଯ୍ୟ ଯେ ସେ ତାଙ୍କର କଳାପ୍ରିୟତା ଓ ଅଲୌକିକ ସାଧନା ନେଇ ଆମର ହୃଦୟକୁ ଏପରି ଅଧିକାର କରି ରହିଛନ୍ତି ଯେ ଆମେ ତାଙ୍କୁ କବି ସାର୍ବଭୌମ ଓ କବି ସମ୍ରାଟରୂପେ ପରିଚିତ କରୁ । ଏହା ଆମର ଶ୍ରଦ୍ଧାନାମ ।

ଏଠାରେ ଯୁକ୍ତି ନାହିଁ, ଯଥାର୍ଥତାର ସ୍ଥାନ ନାହିଁ, ତୁଳନା ଓ ବିଚାରର ଅବକାଶ ନାହିଁ, ଏହା ଆମର ପ୍ରିୟ ବ୍ୟକ୍ତିଙ୍କ ପ୍ରତି ଏକ ଅବର୍ଣ୍ଣନୀୟ ସ୍ନେହପ୍ରବଣତା । ମାତ୍ର ତାଙ୍କୁ ଶ୍ରେଷ୍ଠ ଓଡ଼ିଆ କହିବାରେ, କଳାକୌଶଳୀ ଓଡ଼ିଆ କହିବାରେ, ସଂସ୍କୃତି ଓ ସାମାଜିକ ଜୀବନର ରକ୍ଷକ ବୋଲି କହିବାରେ ଅଧିକ ଯୁକ୍ତି ଓ ଯଥାର୍ଥତା ବିଦ୍ୟମାନ । ଯେହେତୁ ଓଡ଼ିଆ ଜୀବନର ସୂକ୍ଷ୍ମତମ ବୃତ୍ତି ଓ ଚୈତନ୍ୟ ପ୍ରତି ସେ ଏତେଦୂର ପରିଚିତ ଥିଲେ ଯେ ହୁଏତ ଉତ୍କଳର ଅନ୍ୟ କୌଣସି ଯୁଗାନ୍ତକାରୀ କବି ଏ ଦିଗରେ ତାଙ୍କ ନିକଟରେ ସ୍ଥାନ ସହିତ ଆତ୍ମପ୍ରତିଷ୍ଠାପନ କରିପାରିବେ ନାହିଁ । ତାଙ୍କୁ କବିସମ୍ରାଟ ରୂପେ କହିବାରେ ଆମେ ଉନ୍ମାଦନା ଲାଭ କରିପାରୁ ମାତ୍ର ତାଙ୍କ ବ୍ୟକ୍ତିତ୍ୱ ଓ ପ୍ରତିଭାର, ତାହା ସମୁଚିତ ବିଚାର ଓ ସମୀକ୍ଷା ନୁହେଁ ଏବଂ ଏ କେବଳ ତାଙ୍କ କାବ୍ୟ ସାମ୍ରାଜ୍ୟର ସୀମାନିର୍ଣ୍ଣୟ ରୂପକ ଜଟିଳ ସମସ୍ୟା ସମାଧାନ କରିବା ମଧ୍ୟ କଷ୍ଟକର । କାରଣ ଉତ୍କଳ ସାହିତ୍ୟରେ ତାଙ୍କର ସ୍ଥାନ ନିରୂପଣ ହୋଇଥିଲେ ମଧ୍ୟ ଭାରତୀୟ ଅନ୍ୟାନ୍ୟ ସାହିତ୍ୟ ଓ ବିଶ୍ୱସାହିତ୍ୟରେ ତାଙ୍କୁ ଏପର୍ଯ୍ୟନ୍ତ ଉପଯୁକ୍ତ ତୁଳନା କରାଯାଇ ନାହିଁ ଏବଂ ମୋର ଭୟ ହୁଏ ଯେ ମନୁଷ୍ୟ ଜୀବନର ଶାଶ୍ୱତ ଓ ସାମୂହିକ ଭାବଧାରାର ବିଶ୍ଳେଷଣୀ ଦୃଷ୍ଟିରୁ କବିଙ୍କର ସାହିତ୍ୟ ଆମର ଅଭିଳଷିତ ଓ କଳ୍ପିତ ସ୍ଥାନ କେତେ-କେବେ ଓ କିପରି ଅଧିକାର କରିବ, ତାହା ଅଜ୍ଞାତ । ସୁତରାଂ ବିନା ଯୁକ୍ତି ଓ ଦ୍ୱିଧାରେ ଆମେ କବିଙ୍କୁ ଶ୍ରେଷ୍ଠ ଓ ବାସ୍ତବ ଓଡ଼ିଆ ରୂପେ ଗ୍ରହଣ କରିବା ସଙ୍ଗେ ସଙ୍ଗେ ତାଙ୍କର ସାହିତ୍ୟ ସୌଧ ଓ ଜୀବନକୁ ଆମ ସଭ୍ୟତାର ଜାତୀୟ ବିକାଶ ରୂପେ ଗ୍ରହଣ କରି ପାରିବା । ଅନ୍ୟ ପକ୍ଷରେ କବିଙ୍କୁ ଅଳଙ୍କାରିତ ଉପାଧିମଣ୍ଡିତ କରିବାରେ ସମସ୍ତର ବ୍ୟକ୍ତିତ୍ୱ ବହିଛି କାରଣ ଏବେ କାହିଁକି, ଯାହି କେତେ ଶତାବ୍ଦୀର

ଆମ ସ୍ଥାପତ୍ୟର ଉତ୍କର୍ଷ ଦେଖ କୋଣାର୍କ, ବିଶ୍ୱଦରବାରରେ ସମୁଚିତ ଆସନ ପାଇ ପାରନ୍ତି, କିନ୍ତୁ ଦୁଃଖର କଥା, ଉପେନ୍ଦ୍ର ଏପର୍ଯ୍ୟନ୍ତ ସେପରିରେ ଆଲୋଚ୍ୟ ହୋଇ ପାରିନାହାନ୍ତି । ତେଣୁ ଶେଷରେ କହିବାକୁ ପଡ଼ୁଛି, ଉପେନ୍ଦ୍ରଙ୍କର କବିସମ୍ରାଟ ଆଖ୍ୟା ଆମ ଜାତିର ତାଙ୍କ ପ୍ରତି ଏକ ଶ୍ରଦ୍ଧା ଜ୍ଞାପକ ସମ୍ମାନ, ସେଠାରେ ନିଜର ବୋଲି ଯେଉଁ ଅନ୍ତରଙ୍ଗ ମୋହ ତାହା ବର୍ତ୍ତମାନ । ଯୁକ୍ତି ଦୃଷ୍ଟିରୁ ଏହି ତଥାକଥିତ ଉପାଧିର ଅଳୀକତା ଏହିଠାରେ ଏବଂ ମୋର ଧାରଣା ତାଙ୍କୁ ବଶିଷ୍ଠ ଓଡ଼ିଆ କଳାତୁର ଓଡ଼ିଆ ରୂପେ ଗ୍ରହଣ କରିବାଦ୍ୱାରା ପ୍ରତିଷ୍ଠିତ ଅଳୀକ ଓ ବ୍ୟାଙ୍ଗପୂର୍ଣ୍ଣ ବନ୍ଦନାରୂପେ ଗ୍ରହଣ କରାଯାଉନାହିଁ । ସେକ୍ସପିଅର ପୃଥିବୀରେ ଯେଉଁ ସମ୍ମାନ ଓ ସ୍ଥାନ ଗ୍ରହଣ କରିଛନ୍ତି ତହିଁରେ ସନ୍ଦେହ ବା ଅଳୀକତା ନ ଥିଲେ ମଧ୍ୟ ତାଙ୍କୁ ଅନ୍ୟ କୌଣସି ଉପାଧିରେ ଭୂଷିତ କରଯାଉ-ନାହିଁ କାରଣ ସେଥିଦ୍ୱାରା ତାଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣ ହେବ । ଉପେନ୍ଦ୍ରଙ୍କୁ ଯେଉଁମାନେ କବି ସମ୍ରାଟ କହନ୍ତି, ସେମାନେ ପୁଣି ସ୍ୱର୍ଣ୍ଣ କବିଙ୍କ ସମ୍ପର୍କରେ ଭାବନ୍ତୁ, କବିକଲ୍ପତରୁ ପ୍ରଭୃତି ବିଭିନ୍ନ ଉପାଧି ସହିତ ପରିଚିତ ଥିବେ । ସୂର୍ଯ୍ୟ, ଚନ୍ଦ୍ର, କଳ୍ପତରୁ କି ସମ୍ରାଟଙ୍କଠାରୁ ବଡ଼ । ତେବେ ଉପେନ୍ଦ୍ର କଣ ବଳଦେବ, କାଳିଚରଣ ପ୍ରଭୃତିଙ୍କଠାରୁ ନିକୃଷ୍ଟ ଶ୍ରେଣୀର ?

---

## ମୋର ବ୍ୟକ୍ତିଗତ ଧାରଣା

ଏହି ବିପୁଳଯଶା କବିଙ୍କ ସାହିତ୍ୟ ସାଗର ମନ୍ଥନରେ ମୁଁ ଏକାନ୍ତ ଅକ୍ଷମ ହେଲେହେଁ ସେଥିରେ ପ୍ରବେଶ କରିବାର ସାଧାରଣ ଅନୁଭୂତିରୁ କିଛି କହିବାକୁ ଉଚିତ ମନେ କରୁଛି । ଉପେନ୍ଦ୍ର ଭଞ୍ଜ ପାଠକମାନଙ୍କର ଯେଉଁ ସ୍ୱରୂପ ନିର୍ଣ୍ଣୟ କରିଛନ୍ତି, ବୁଝିବାର କଥା

ମୋର ସେ ଯୋଗ୍ୟତା ନାହିଁ । ତଥାପି ମୋର ସାଧାରଣ ପ୍ରବନ୍ଧରେ ତାଙ୍କ ପ୍ରତି ଯେଉଁ ସମ୍ମାନ ଓ ଧାରଣାର ସୂତ୍ରପାତ କରିଛି ତାହା ଜନତା ସମକ୍ଷରେ ଆଦୃତ ହୋଇପାରେ ବା ନ ପାରେ କିନ୍ତୁ କବିଙ୍କ ପ୍ରତି ତାହା ମୋର ଶ୍ରେଷ୍ଠ ସମ୍ମାନ ।

ଉତ୍କଳର ସାମାଜିକ ଜୀବନ, ବିଧିବ୍ୟବସ୍ଥା ଓ ବିଭିନ୍ନ ସଂସ୍କାର ସର୍ବଶ୍ରେଷ୍ଠ ଚିତ୍ରକର ହେଉଛନ୍ତି ଉପେନ୍ଦ୍ର । ଶୁଭ, ଅଶୁଭ ଜ୍ୟୋତିଷ, ବିଶ୍ୱାସ ଓ ପରମ୍ପରାର ସେ ଯେଉଁ ବାସ୍ତବ ରୂପାୟନ କରିପାରିଛନ୍ତି ତାହା ଅନ୍ୟ କୌଣସି ଉତ୍କଳୀୟ କବି କୃତରେ ସମ୍ଭବ ହୋଇନାହିଁ ।

କବିଙ୍କର ବର୍ଣ୍ଣନାଗୌରବ, ଶବ୍ଦଶିଳ୍ପ ମୋତେ ବିସ୍ମିତ କରେ, ତାଙ୍କ ଅଶ୍ଳୀଳତା ମୋର ଭୟ ସଂଗ୍ରହ କରେ । ଯେଉଁ-ମାନେ ଅନୁରୂପ ଶିକ୍ଷା, ବେଷ୍ଟନୀ ଓ ହୃଦୟ ଘେନି ଉପେନ୍ଦ୍ରଙ୍କୁ ନାନା ଉପେନ୍ଦ୍ର ସାହିତ୍ୟଂକୁ ଗଣିତଭଳି କଳ୍ପନା କରି ଅତର୍କିତ ହୁଅନ୍ତି ମୁଁ ସେମାନଙ୍କ ଉକ୍ତିକୁ ମୂର୍ଖତାରୂପେ ଗ୍ରହଣ କରିପାରେ ନାହିଁ, ବରଂ ବୋଧକରେ ଉପେନ୍ଦ୍ର ସାହିତ୍ୟ ପାଠକ ଉପେନ୍ଦ୍ରଙ୍କ ଅପେକ୍ଷା ଅଧିକ ପାଣ୍ଡିତ୍ୟ ହାସଲ କରିଥିବା ବିଧେୟ ।

ତାଙ୍କ ବର୍ଣ୍ଣିତ ବୈଧୀ ପ୍ରେମ ଓ ସମାଜର ଶୃଙ୍ଖଳିତ ଶାସନ ଘେନି ମୋର କୌଣସି ମତ ଜ୍ଞାପନ କରିବାର ଆବଶ୍ୟକତା ନାହିଁ । ଯେହେତୁ କବିକଳ୍ପିତ ସାମାଜିକ ସଂସ୍ଥା ଓ ବିଧାନକୁ ଅତିକ୍ରମ କରିବା ମୋ ଭାଗ୍ୟରେ ଘଟି ନାହିଁ ଏବଂ ଘଟିଥିଲେ ମଧ୍ୟ ମୁଁ ତାହା ପରିହାର କରିଥାନ୍ତି ।

ପ୍ରେମବର୍ଣ୍ଣନା ଛଳରେ କବି ଯେଉଁ ଯୌନାଗ୍ରହର ପରିଶୀଳନ କରିଛନ୍ତି ତାହା ମୁଁ କହେ, ଯେ କୌଣସି ବ୍ୟକ୍ତିଙ୍କର ଅନୁଭୂତ ବାହାରର କଥା ନୁହେଁ, ବରଂ କହିବାକୁ ବାଧ୍ୟ ହେଉଛି

ତାହା ସମ୍ବନ୍ଧରେ ଏତେ ଜୀବନ୍ତରୂପ ପରିଗ୍ରହ କରିଛି ଯେ, କୁଳୁ-ପର୍ଯ୍ୟାପ୍ତ ପଠନରେ ଯୌନ ବା ଜୈବୀ ଉତ୍ତେଜନାରେ ଉତ୍କଟ ସଂଘର୍ଷ ଘଟିଥାଏ । ନାୟକ, ନାୟିକାଙ୍କ ପ୍ରେମ ବର୍ଣ୍ଣନା ସାଧାରଣ ଜୀବନରେ ଏତେ ଆଡ଼ମ୍ବରପୂର୍ଣ୍ଣ ନ ହେଲେ ମଧ୍ୟ ବାସ୍ତବତାକୁ ଲଙ୍ଘନ କରେ ନାହିଁ । କିନ୍ତୁ କବି କାବ୍ୟଗୁଡ଼ିକର ଅଧିକାଂଶ ଛନ୍ଦରେ ଶରୀରର ଯେଉଁ ବର୍ଣ୍ଣନା କରିଛନ୍ତି ତାହା ମୋଭଳି ପାଠକର ଅନୁବେଦନା ଓ ସହାନୁଭୂତି ଜାଗ୍ରତ କରାଇବା ଅପେକ୍ଷା ସମ୍ବନ୍ଧରେ ବିରକ୍ତିର ସଂଘର୍ଷ କରେ । ଧ୍ୱଂସବିଲଙ୍ଘନସ୍ତମ୍ଭୀରଣ ଏବଂ ତପକ୍ଲିଷ୍ଟା ପାର୍ବତୀଙ୍କର ମର୍ମଦାରକ ବିଳାପ ଓ ସାଧନା ପାଠକକୁ ଯେତେ ଅନୁପ୍ରାଣିତ କରେ, ଲାବଣ୍ୟବତୀ ସଖୀଗଣଙ୍କର ପଦ୍ମପନ୍ନ ସଂଗ୍ରହ, ଭେକକୁ ଅଭିଶାପ ଓ ଜଣୀର ଚେପଣ ତତୋଧିକ ହୃଦୟ ଆଲୋଡ଼କ ନୁହେଁ ।

କାବ୍ୟଗତ ଚରିତ୍ର ଗୁଡ଼ିକରେ ନିଷ୍କ୍ରିୟତା, ମୌଳିକତା-ବିହୀନ ବ୍ୟକ୍ତିତ୍ୱ ଓ ତହିଁରେ ଶୌରୀଶକ୍ତିର ଆରୋପ ମୋତେ ଆଦୌ ଅନୁପ୍ରାଣିତ କରେ ନାହିଁ । କବିତ୍ୱରେ ଯମକ ଅନୁପ୍ରାସ ସଂଯୋଗ ଓ ସଂଗୀତ ସମନ୍ୱୟରେ ଯେଉଁ ସ୍ୱର ଝଙ୍କାର ତାର ମାଧୁର୍ଯ୍ୟପ୍ରତି ଅବହେଳା ବା ଅବମାନନା କରିବାର କ୍ଷମତା ମୋର ନାହିଁ । ଉପେନ୍ଦ୍ର ସାହିତ୍ୟର ସ୍ୱରପ୍ରତି ମୋର ଦୃଷ୍ଟି ଯେତେ ଆକର୍ଷିତ ନ ହୁଏ, ପଲ୍ଲୀବାଳା ଓ ଗ୍ଲନରାୟକଙ୍କ ସ୍ୱର ଲହରୀ ପ୍ରତି ମୋର ପ୍ରାଣ ତତୋଧିକ ଆକର୍ଷିତ ହୁଏ । କାରଣ ଆମ୍ଭମାନଙ୍କ ମଧ୍ୟରୁ ପରିସ୍ଥିତ ଯେଣୁ ଅନେକ କୋଣାର୍କ ଦେଖି ନ ଥିବେ ବା ଶୁଣିନଥିବେ କିନ୍ତୁ ଉପେନ୍ଦ୍ର କବିତାକୁ ପଢ଼ି ହେଲେ ସମସ୍ତଙ୍କୁ ଜଣା ।

ପୂର୍ବପୁରୁଷର ଗୌରବଶାଳୀ ଇତିହାସ ଓ ଶିଳ୍ପକଳା ପ୍ରତି ମୋର ଯେଉଁ ସମ୍ମାନ, ଉପେନ୍ଦ୍ର ସାହିତ୍ୟର ବିଶିଷ୍ଟ ଶବ୍ଦଯୋଜନା

ପ୍ରତି ଉଦ୍‌ବୋଧକ । ସାହିତ୍ୟରେ କାବ୍ୟଗତ ଅଳଙ୍କାର ଯେଉଁ କବିଙ୍କ ଅଳଙ୍କାର ଜ୍ଞାନ ପ୍ରତି ମୋର ଯେଉଁ ଧାରଣା, କବିବର୍ଣ୍ଣିତ ଉଜ୍ଜ୍ୱଳୀୟ ଅଳଙ୍କାର ଗୁଡ଼ିକ ପ୍ରତି ମୁଁ ଉଦ୍‌ବୋଧକ ଅବଶ୍ୟ । ମାଲ୍ୟାଣୀ ଓ ନାୟିକାଙ୍କ ଅଙ୍ଗରେ ବାଜୁ, ତାଡ଼, ବଳା, ଚୁମ୍ପା, ତାଟଙ୍କ, ମଲ୍ଲୀ, ଓଢ଼ଣୀ ପ୍ରଭୃତି ଶତାଧିକ ଅଳଙ୍କାରର ଯଥାଯଥ ମଣ୍ଡନ ଓ ବସ୍ତ୍ରବିନ୍ୟାସ ମେଘେ ଓଢ଼ଣା ଘରର ଏକ ମଣ୍ଡନଗୌରବା ରମଣୀର ଶୋଭା ପ୍ରଦାନ କରେ ।

କବି କଳ୍ପିତ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ପ୍ରେମସୁଧାନିଧି, ଲାବଣ୍ୟ-ବତୀ, ପ୍ରଭୃତି ଅନନ୍ୟସୁନ୍ଦରୀ ନାୟିକାଙ୍କୁ ଦେଖିବାରେ ମୋର ଯେଉଁ ବ୍ୟଗ୍ରତା, ତାହା ଦ୍ୱିଗୁଣିତ ହୋଇପଡ଼େ, କାରଣ ପୂର୍ଣ୍ଣ ଦୃଷ୍ଟିରେ ମୁଁ ନାୟିକା ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ବ୍ୟାକୁଳ ଥିବାବେଳେ କବି ମୋତେ ନାୟିକାର ପ୍ରତ୍ୟେକ ଅଙ୍ଗର ଯେଉଁ ବିଶଦ ବର୍ଣ୍ଣନା ଦେବାକୁ ଯାଇଛନ୍ତି, ତଦ୍ୱାରା ଧୈର୍ଯ୍ୟଚ୍ୟୁତିର ସମ୍ଭାବନା । ଏ ଭାଗରେ ନାୟିକାର ବିଶେଷ ଅଙ୍ଗ କାହିଁକି ଲୋମକୂପ ପର୍ଯ୍ୟନ୍ତ କବି ସ୍ୱଳ୍ପ ଭୂମିରେ ଯେପରି ବର୍ଣ୍ଣନା କରିଛନ୍ତି, ଜଣେ କି ଦେହ ବିଜ୍ଞାନ ପଣ୍ଡିତଙ୍କଠାରୁ ମଧ୍ୟ ତାହା ଆଶା କରି ନ ପାରେ । ତନୁ ବର୍ଣ୍ଣନା ଶ୍ଳୋକରୁ ତ ଶ୍ଳୋକରୁ । ନାସା, ସ୍ତନ, କର୍ଣ୍ଣ ବର୍ଣ୍ଣନା କରିବାକୁ ସ୍ଥଳ-ବିଶେଷରେ ଏକ ଏକ ଛାନ୍ଦ ବ୍ୟୟିତ ଅବନୀ ରସ ତରଙ୍ଗ ୧ମ ଛାନ୍ଦ, ପ୍ରେମ ସୁଧାନିଧି ୨ୟ ଛାନ୍ଦ

କବିଙ୍କ କାବ୍ୟ ଜଗତ ନାରୀର କୋଳାହଳରେ ମୁଖରିତ, କବି, ନାରୀକୁ ଶ୍ରେଷ୍ଠ ଆସନ ଦେବାର ପରିକଳ୍ପନା କରିଛନ୍ତି । ମାତ୍ର ନାରୀତ୍ୱର ଯଥୋଚିତ ବିକାଶ ସେଠାରେ ଅଳ୍ପ । ନାରୀ ଜୀବନର ବିଭିନ୍ନ ଅବସ୍ଥା ଓ ଭୂମିକାରେ ଅବତୀର୍ଣ୍ଣା ହୋଇଥିଲେ ।

ମଧ୍ୟ, ଉଞ୍ଜକର ନାୟିକା ଓ ତାର ବିରହବେଦନା ପ୍ରଥମେହିଁ ଦୃଷ୍ଟି ପଥାରୂଢ଼ ହୁଏ ।


ଏ ସବୁ ସତ୍ତ୍ୱେ କବିକୃତିରେ ମାନବିକ ଅନ୍ୟତମ ପ୍ରବୃତ୍ତି ପ୍ରେମର ବିକାଶରେ କବିଙ୍କ ଚେଷ୍ଟା ଅସୀମ ଏବଂ ସେହି ଭାବଧାରାର ଉତ୍କର୍ଷ ଦେଖି ଭାବ, ଭାଷା, ଅଳଙ୍କାର ବର୍ଣ୍ଣନା ତାଙ୍କ ପ୍ରତିଭାର ଉପଯୁକ୍ତ ନିଦର୍ଶନ ହେଲେ ମଧ୍ୟ, ସେଠାରେ ଜୀବନ ଅଛି, ମାତ୍ର ତହିଁରେ ବୈଚିତ୍ର୍ୟ ନାହିଁ । କବିମାନଙ୍କର ସମସ୍ତ ପାଣ୍ଡିତ୍ୟ ଓ ବର୍ଣ୍ଣନା ପ୍ରକର୍ଷ ଜନିତ ଶକ୍ତି ସତ୍ତ୍ୱେ ମନୁଷ୍ୟ ଜୀବନର ଶାଶ୍ୱତ ଓ ଅନ୍ତର୍ନିହିତ ଭାବଧାରାର ଅଭାବ ହିଁ ପ୍ରଧାନ ଅଭାବ । ଉପେନ୍ଦ୍ର ସାହିତ୍ୟରେ ଏହା ଯେ ସମ୍ପୂର୍ଣ୍ଣରୂପେ ଅବହେଳିତ ତାହା ନୁହେଁ । ମାତ୍ର କବି ଯେଉଁ ସୁଯୋଗ ଓ ପରିସ୍ଥିତି ଲାଭ କରିଥିଲେ ତଦ୍ଦ୍ୱାରା ସେ ଏହି ମହନୀୟ ଭାବଗୁଡ଼ିକୁ ଅତି ଚମତ୍କାର ରୂପ ଦେଇ ପାରିଥାନ୍ତେ । ମାତ୍ର ତାଙ୍କର ସାହିତ୍ୟ ସାଧନାରେ ଅନ୍ୟ ପ୍ରକାର ଲକ୍ଷ୍ୟ ଓ ଅଦ୍ଭୁତ ଦେଖି ସାଧନା ତାଙ୍କୁ ଏ ଦିଗରେ ଅଧିକ ଅଗ୍ରଗାମୀ କରିବାରେ ବାଧା ଦେଇଛି । ସୁତରାଂ ସାହିତ୍ୟ କ୍ଷେତ୍ରରେ ସେ ଯେଉଁ ଗୌରବ ମଣ୍ଡିତ ଆସନ ଲାଭ କରିବାର କଥା, ତାହା କରି ପାରି ନାହାନ୍ତି ।

ଯାହାହେଉ ନା କାହିଁକି ଉପେନ୍ଦ୍ର ମୋ ଦେଶର କବି, ମୋ ଜାତିର କବି ଓ ମୋ ସାମାଜିକ, ସାଂସ୍କୃତିକ ଜୀବନର ସର୍ବ ପ୍ରଧାନ ପ୍ରତୀକ । ଓଡ଼ିଆ ସାହିତ୍ୟ କହିଲେ ମୋର ଜ୍ଞାନଦାରିଦ୍ର୍ୟପୂର୍ଣ୍ଣ ଦୃଷ୍ଟି ପ୍ରଥମେହିଁ ପଡ଼େ ଏହି କାବ୍ୟ ଯୁଗ ଉପରେ ଏବଂ ତହିଁରେ ଉପେନ୍ଦ୍ରହିଁ ସ୍ୱଭ କର୍ଣ୍ଣା ଭାବରେ ପ୍ରଥମେ ଆସନ୍ତି ମୋର ଦୃଷ୍ଟି-ପଥକୁ । ଏହି ମହାଯଶା ସାଧକ ଓ ପଣ୍ଡିତ କବିଙ୍କର ସ୍ଥାନ ନିରୂପଣ ମୋ ପକ୍ଷରେ ଧୃଷ୍ଟତା ହେଲେ ମଧ୍ୟ ମୁଁ ତାଙ୍କର ବିଚାର କରିବାକୁ ଅଗ୍ରସର, କାରଣ ଉପେନ୍ଦ୍ର ମୋ ଜାତିର ସମ୍ପଦ । ତାଙ୍କର ଗୌରବ କ୍ଷୁଣ୍ଣ କରିବା ବା ନଚରିବାର ବାସନା ମୋ ପକ୍ଷରେ ପାତକମାତ୍ର ।

ତଥାପି ମହାପୁରୁଷ, କବି, ସାଧକମାନଙ୍କର କୀର୍ତ୍ତି, ପୌରୁଷ, ପାଣ୍ଡିତ୍ୟ ଓ ବ୍ୟକ୍ତିତ୍ୱ ଏପରି ଯେ ତାହା କୌଣସି ବ୍ୟକ୍ତିର ନିନ୍ଦା ବନ୍ଦନାକୁ ଅପେକ୍ଷା କରେ ନାହିଁ । ବରଂ ପୂଜାରୀ ଓ ନାସ୍ତିକ ଉଭୟ ନିଜ ନିଜର ସ୍ୱୀକୃତ ଉପାୟରେ ସେହି ଦେବୋପମ ବ୍ୟକ୍ତିଙ୍କର ପୂଜା କରିଥାନ୍ତି । ପରମ ଭାଗବତ କୃଷ୍ଣଙ୍କ ଅର୍ଚ୍ଚନ ପାଇ-ଥିଲେ, ନାରଦ ପାଇଥିଲେ, ଉଦ୍ଧବ ବି ପାଇଥିଲେ; କିନ୍ତୁ ଶିଶୁ ପାଳ, ରାବଣ, ଜରାସନ୍ଧଙ୍କୁ ସେହି ମହତ୍ ବ୍ୟକ୍ତିତ୍ୱର ଆଶୀର୍ବାଦ ଅନୁପଲବ୍ଧ ହୋଇଥିଲା କି ? ସେହିପରି ଉପେନ୍ଦ୍ର ମୋ ଜାତିର ଗୌରବ ରବି, ଅମୂଲ୍ୟ ସମ୍ପଦ ଏବଂ ପ୍ରତୀକ ଅନୁଷ୍ଠାନ ରୂପେ ପରି-କୀର୍ତ୍ତିତ ହେଉଥିଲେ ମଧ୍ୟ ମୋର ତାଙ୍କ ପ୍ରତି ଯେଉଁ ଧାରଣା ଓ ସମ୍ମାନ, ତାହା ମଧ୍ୟ ତାଙ୍କର ପୂଜାର ସାମଗ୍ରୀ । କାରଣ ଉପେନ୍ଦ୍ର-ଙ୍କର ବିରାଟ ବ୍ୟକ୍ତିତ୍ୱ ଅନନ୍ତକାଳର ବନ୍ଦନା ଗ୍ରହଣ କରିବାକୁ ଯଦି ତତ୍ପର ହେବେ ମୋ ଭଳି କ୍ଷୁଦ୍ର ଜୀବନର ସମ୍ମାନ, ମନ୍ତବ୍ୟ, ଆକ୍ଷେପ ବା ବିକ୍ଷୋଭ ପ୍ରତି ବୀତସ୍ପୃହା ପ୍ରଦର୍ଶନ ନ କରିବାର ମଧ୍ୟ ଯଥେଷ୍ଟ କାରଣ ଅଛି । ଉପେନ୍ଦ୍ର ହିଁ ଏ ଜାତିର ଶ୍ରେଷ୍ଠ କବୀଶ । ଜାତୀୟ ପିତା, ନିର୍ମାତା, ସଂସ୍କୃତି ରକ୍ଷକ ରୂପରେ ମୋର ନମସ୍ୟ, ସମ୍ମାନ ସ୍ଥାନୀୟ । ମୁଁ ଅନ୍ୟମାନଙ୍କ ପରି ତାଙ୍କର କୀର୍ତ୍ତି ଓ ଅପକୀର୍ତ୍ତି ଆଲୋଚନାର ଅଧିକାରୀ ହେଲେ ମଧ୍ୟ ତାଙ୍କ ଗୌରବ-ରବେ ଗରୀୟାନ୍ । ତାଙ୍କ ଯଶ ଶ୍ରବଣରେ ମୋର ମଧ୍ୟ ବକ୍ଷସ୍ଫୀତ ଘଟିବାର ଯଥେଷ୍ଟ କାରଣ ଅଛି, କାରଣ ମୁଁ ଓଡ଼ିଆ, ସେ ମୋର ହୃଦୟର କବି ସମ୍ରାଟ୍; କିନ୍ତୁ ବୋଧ ବୁଦ୍ଧିରେ ଜାତୀୟ ସ୍ୱକୀୟ ବ୍ୟକ୍ତିତ୍ୱର ଅଭିବ୍ୟକ୍ତି ।

—ସ ମା ପ୍ତ—

ମୁଦ୍ରାକର—ଶ୍ରୀ ଦାଶରଥି ଦାସ, ଦାଶରଥି ପ୍ରେସ, କଟକ—୧୯୬୮



ଦାଶରଥି ପ୍ରେସ ଓ ପୁସ୍ତକାଳୟ

ଆଳୁବଜାର, କଟକ-୨